ରକ୍ତତୀର୍ଥ ଇରମ୍

ସ୍ୱାଧୀନତା ସଂଗ୍ରାମରେ ଏକ ମର୍ମନ୍ତୁଦ ଅଧ୍ୟାୟ

ଡକ୍ଟର ଜଗନ୍ନାଥ ପଟ୍ଟନାୟକ

Digitized by srujanika@gmail.com

ରକ୍ତତୀର୍ଥ ଇରମ

ସ୍ୱାଧୀନତା ସଂଗ୍ରାମର ଏକ ମର୍ମନ୍ତୁଦ ଅଧ୍ୟାୟ

ଡକ୍ଟର ଜଗନ୍ନାଥ ପଟ୍ଟନାୟକ, ଡି. ଲିଟ୍.

ନାଳନ୍ଦା
ବିନୋଦବିହାରୀ, କଟକ-୭୫୩୦୦୨

Digitized by srujanika@gmail.com

ରକ୍ତତୀର୍ଥ ଇରମ

ପ୍ରକାଶକ
ନାଲନ୍ଦା
ବିନୋଦବିହାରୀ, କଟକ-୨

ପ୍ରଥମ ସଂସ୍କରଣ—୧୯୮୬
ସ୍ୱତ୍ୱାଧିକାରିଣୀ—ଶ୍ରୀମତୀ ବାସନ୍ତୀ ପଟ୍ଟନାୟକ

ମୁଦ୍ରଣ :
ସୁରେଖା ପ୍ରିଣ୍ଟର୍ସ
ଆଲିଶାବଜାର, କଟକ-୨

ମୂଲ୍ୟ : କୋଡ଼ିଏ ଟଙ୍କା

Raktatirtha Eram

Published by
Nalanda
Binode behari, Cuttack-2

1st Edition—1986

Printed by
Surekha Printers
Alisha bazar, Cuttack-2

Price : Rupees Twenty only

Digitized by srujanika@gmail.com

ମୁଖବନ୍ଧ

ସେ ଆଜକୁ ୪୪ବର୍ଷ ପୂର୍ବର କଥା । ସେତେବେଳେ ଐତିହାସିକ ଭାରତଛାଡ଼ ଆନ୍ଦୋଳନର ପ୍ରକମ୍ପନରେ ଆକୁମାରୀ ହିମାଚଳ ଦୋହଲୁଥାଏ । ଅନ୍ୟସ୍ଥାନପରି ଏହାର ପ୍ରକମ୍ପନ ଓଡ଼ିଶାରେ ଅନୁଭୂତ ହୋଇଥିଲେ ମଧ୍ୟ ବିଶେଷଭାବେ ଏହା ଅନୁଭୂତ ହୋଇଥିଲା ଭଦ୍ରକ ସବଡ଼ିଭିଜନର କେତୋଟି ସ୍ଥାନରେ; ତନ୍ମଧ୍ୟରୁ ବାସୁଦେବପୁର ଥାନା ଅନ୍ତର୍ଗତ ଇରମ ଅଞ୍ଚଳରେ ଉକ୍ତ ଆନ୍ଦୋଳନ ଏକ ଅଭୂତପୂର୍ବ ରୂପ ଧାରଣ କରି ପରିଶେଷରେ ୧୯୪୨ ମସିହା ସେପ୍ଟେମ୍ବର ୨୮ତାରିଖ ଦିନ ସେଠାରେ ଏକ ମର୍ମନ୍ତୁଦ ଘଟଣା ସଂଘଟିତ ହୋଇଥିଲା । ପୂର୍ବଦିନପରି ସେଦିନ ମଧ୍ୟ ସହସ୍ରାଧିକ ସତ୍ୟାଗ୍ରହୀ ଅହିଂସ ପନ୍ଥା ଅବଲମ୍ବନ ପୂର୍ବକ ମେଳନପଡ଼ିଆରେ ଶାନ୍ତିପୂର୍ଣ୍ଣ-ଭାବେ ଏକ ସଭାରେ ସମବେତ ହୋଇଥିଲେ ମୁଖ୍ୟତଃ ମହାତ୍ମାଗାନ୍ଧୀଙ୍କର ରଚନାତ୍ମକ କାର୍ଯ୍ୟାବଳୀ ଉପରେ ଆଲୋଚନା କରିବା ପାଇଁ । ମାତ୍ର ପୋଲିସ ସେମାନଙ୍କ ଉପରେ ଗୁଳିଗୋଳାକରି ୨୯ଜଣ ଲୋକଙ୍କର ପ୍ରାଣ ନେବା ସଙ୍ଗେ ସଙ୍ଗେ ୫୬ ଜଣଙ୍କୁ ଆହତ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅମୃତସରସ୍ଥିତ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ବ୍ୟତୀତ ଅନ୍ୟ କୌଣସି ଏକ ସ୍ଥାନରେ ସମବେତ ଏତେ ସଂଖ୍ୟକ ନିରସ୍ତ୍ର ଜନତା ପୋଲିସଗୁଳିରେ ମୃତାହତ ହୋଇଥିବାର ପ୍ରମାଣ ମିଳେ ନାହିଁ । ପୁନଶ୍ଚ ଜାଲିଆନାୱାଲାବାଗଠାରେ ସମବେତ ଜନତା ଗୁଳିଗୋଳା ହେବ ବୋଲି ନଜାଣି ସେଠାରେ ଉପସ୍ଥିତ ହୋଇଥିଲେ । ମାତ୍ର ଇରମରେ ଗୁଳିଗୋଳାର ପ୍ରଥମ ପର୍ଯ୍ୟାୟ ପରେ ପୁନରାୟ ଗୁଳିଗୋଳା ହେବ ବୋଲି ସତ୍ୟାଗ୍ରହୀମାନେ ସ୍ପଷ୍ଟଭାବେ ଜାଣିଶୁଣି ମଧ୍ୟ 'ମରିବୁ ପଛେ, ଉଠିବୁ ନାହିଁ' ପ୍ରତିଜ୍ଞାପାଳନପୂର୍ବକ ସେମାନଙ୍କ ମଧ୍ୟରୁ ଅଧିକାଂଶ ପଳାୟନ କରିନଥିଲେ । ସେ ଦୃଷ୍ଟିରୁ ବିଚାରକଲେ ଜାଲିଆନାୱାଲାବାଗ ଘଟଣାଠାରୁ ଇରମରେ ସଂଘଟିତ ଘଟଣା ଥିଲା ଅଧିକ ମହତ୍ତ୍ୱପୂର୍ଣ୍ଣ । ମାତ୍ର ଏହା ଅତି ଦୁଃଖର ବିଷୟ ଯେ ଏପରି ଏକ ମହିମାନ୍ୱିତ ତଥା ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଲିଖିତ ପୁସ୍ତକ ଗୁଡ଼ିକରେ ଉପଯୁକ୍ତ

Digitized by srujanika@gmail.com

ସ୍ଥାନ ଦିଆଯାଇ ନାହିଁ । ସମ୍ଭବତଃ ଉକ୍ତ ଘଟଣା-ପ୍ରବାହ ସମ୍ପର୍କରେ ତଥ୍ୟାବଳୀ ସର୍ବସାଧାରଣଙ୍କର ଦୃଷ୍ଟିପଥକୁ ଆଣିବାପାଇଁ ସବିଶେଷ ଉଦ୍ୟମ ହୋଇନଥିବାରୁ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏହା ଯଥୋଚିତ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛି । ଅବଶ୍ୟ ପ୍ରଥମେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ସଙ୍କଳିତ "ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ" ପୁସ୍ତକରେ ଏ ସମ୍ପର୍କରେ କିଞ୍ଚିତ ଆଲୋକପାତ କରାଯାଇଛି । ଏବେ, ମୋର ବନ୍ଧୁ ଶ୍ରୀ ସୁଧାକର ଦାସ 'ସ୍ୱାଧୀନତାର ସଂଗ୍ରାମ ଭୂମି ଇରମ' ପୁସ୍ତକଟି ପ୍ରକାଶ କରି ଘଟଣାଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ପଦକ୍ଷେପ ନେଇଛନ୍ତି । ତଥାପି ଅନ୍ତରାଳରେ ବହୁ ତଥ୍ୟ ରହିଥିବାର ଜାଣି ସେଗୁଡ଼ିକୁ ପୁସ୍ତକ ମାଧ୍ୟମରେ ପ୍ରକାଶ କରିବାକୁ ମୁଁ ଉଦ୍ୟମ କରିଛି । ସର୍ବଭାରତୀୟ ସ୍ତରରେ ଉକ୍ତ ଘଟଣାକୁ ମଧ୍ୟ ମହିମାନ୍ୱିତ କରିବାପାଇଁ ଏହାର ଇଂରାଜି ସଂସ୍କରଣ ଶୀଘ୍ର ପ୍ରକାଶ କରିବା ଦିଗରେ ବ୍ରତୀ ହୋଇଛି ।

ଉକ୍ତ ପୁସ୍ତକରେ ଅନ୍ତର୍ନିହିତ ତଥ୍ୟ ତତ୍କାଳୀନ ଘଟଣା ପ୍ରବାହ ସହିତ ପ୍ରତ୍ୟକ୍ଷଭାବେ ସମ୍ପୃକ୍ତ କେତେକ କର୍ମୀମାନଙ୍କ ସହିତ ସାକ୍ଷାତ କରି ସଂଗ୍ରହ କରିଛି । ଏତଦ୍ ବ୍ୟତୀତ ପୁରୋଭାଗରେ ଥିବା ନେତାମାନଙ୍କର ବ୍ୟକ୍ତିଗତ ଡାଏରି, ତତ୍କାଳୀନ ନେତା ଓ ଅନ୍ୟମାନଙ୍କଦ୍ୱାରା ଆଦାନପ୍ରଦାନ ହୋଇଥିବା ଗୋପନୀୟ ଚିଠି, ତତ୍କାଳୀନ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ, ଇଂରେଜ ସରକାରଙ୍କ ଦ୍ୱାରା ପ୍ରକାଶିତ ଇସ୍ତାହାର ଓ ରିପୋର୍ଟ ଓ ସମ୍ପୃକ୍ତ ପୋଲିସ ଅଫିସରଙ୍କର ରିପୋର୍ଟକୁ ଭିତ୍ତିକରି ଘଟଣାଗୁଡ଼ିକ ଏଥିରେ ବର୍ଣ୍ଣିନା କରାଯାଇଛି । ମାତ୍ର ସେ ସବୁକୁ ନିରପେକ୍ଷ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ପ୍ରକୃତ ସତ୍ୟ ପରିବେଷଣ କରିବାକୁ ଉଦ୍ୟମ କରିଛି । କାରଣ ସତ୍ୟ ପରିବେଷଣ କରିବା ଇତିହାସର ଧର୍ମ । ତେଣୁ ତାହା କରିବାକୁ ଯାଇ ଯଦି କାହାପ୍ରତି କୌଣସି ଭାବରେ ଆକ୍ଷେପ କରାଯାଇଥାଏ, ମୁଁ ନିରୁପାୟ ।

ଏପରି ଏକ ପୁସ୍ତକ ପ୍ରକାଶ କରିବା ପାଇଁ ପ୍ରଥମେ ଇରମ ଶହୀଦ ସ୍ମୃତି ପରିଷଦର ସମ୍ପାଦକ ଶ୍ରୀ ରବୀନ୍ଦ୍ରନାଥ ମହାପାତ୍ର ଓ ଅନ୍ୟତମ ସଦସ୍ୟ ଶ୍ରୀ ରତିକାନ୍ତ ରାୟ ମୋତେ ଅନୁରୋଧ କରି ଉତ୍ସାହିତ କରିଥିଲେ

Digitized by srujanika@gmail.com

ଆଜକୁ ଦୁଇବର୍ଷ ପୂର୍ବେ । ଇତିମଧ୍ୟରେ ୧୯୮୫ ମସିହା ୨୮ତାରିଖ ଦିନ ୪୩ ତମ ସାମ୍ବତ୍ସରିକ ଶହୀଦ ଶ୍ରାଦ୍ଧୋତ୍ସବକୁ ମୁଁ ନିମନ୍ତ୍ରିତ ହୋଇଥିଲି ମୁଖ୍ୟ-ବକ୍ତାଭାବେ । ଭାରତୀୟ ଜାତୀୟ କଂଗ୍ରେସର ଶତବାର୍ଷିକୀ ପାଳନ ଅବସରରେ ସେଦିନ ଶହୀଦମାନଙ୍କର ଆତ୍ମୀୟ ସ୍ୱଜନଙ୍କୁ ସମ୍ମାନିତ କରାଯାଇଥିଲା । ଶହୀଦମାନଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିବାର ଶୁଣି ମୁଁ ଭାବପ୍ରବଣ ହୋଇ ଉକ୍ତ ସଭାରେ ଏକ ପ୍ରକାର ଶପଥ ଗ୍ରହଣ କରି ଘୋଷଣା କରିଥିଲି ଯେ ଏ ସମ୍ପର୍କରେ ପୁସ୍ତକଟିଏ ଲେଖିବି ଓ ତାହା ୪୪ତମ ସାମ୍ବତ୍ସରିକ ଉତ୍ସବରେ ଉନ୍ମୋଚିତ ହେବ । ପୁସ୍ତକଟି ସେହି ସମୟକୁ ଲେଖି ସାରିଥିଲେ ମଧ୍ୟ ଅନିବାର୍ଯ୍ୟ କାରଣ ହେତୁ ତାହା ଉନ୍ମୋଚିତ ହୋଇପାରି ନଥିଲା । ସେଥିପାଇଁ ମୁଁ ଦୁଃଖିତ ।

ଉକ୍ତ ପୁସ୍ତକ ପ୍ରଣୟନରେ ବହୁ ବ୍ୟକ୍ତି ବିଭିନ୍ନ ଭାବରେ ମୋତେ ସାହାଯ୍ୟ ପ୍ରଦାନ କରିଛନ୍ତି । ତତ୍କାଳୀନ 'ସମାଜ'ରେ ପ୍ରକାଶିତ ସମ୍ବାଦରୁ ତଥ୍ୟ ସଂଗ୍ରହ କରିବା ଦିଗରେ ସମାଜ ସମ୍ପାଦକ ଡକ୍ଟର ରାଧାନାଥ ରଥଙ୍କର ସାହାଯ୍ୟ ଓ ଆନ୍ତରିକ ଶୁଭେଚ୍ଛାପାଇଁ ମୁଁ ତାଙ୍କ ନିକଟରେ ଋଣୀ । ବହୁ ଶ୍ରମସ୍ୱୀକାରପୂର୍ବକ ସେଗୁଡ଼ିକ ମୋତେ ଯୋଗାଇଥିଲେ ତାଙ୍କର ବ୍ୟକ୍ତିଗତ ସହାୟକ ଶ୍ରୀ ପ୍ରମୋଦ କୁମାର ପଣ୍ଡା । ଇରମ ଅଞ୍ଚଳର ଘଟଣାବଳୀ ସହିତ ଜଡ଼ିତ ବିଭିନ୍ନ ସ୍ଥାନ ପରିଦର୍ଶନ ପୂର୍ବକ ବିଭିନ୍ନ କର୍ମୀଙ୍କ ସହ ସାକ୍ଷାତ କରିବା ଦିଗରେ ବାସୁଦେବପୁରର ତହସିଲଦାର ଶ୍ରୀ ସୁକୁମାର ଦାସଗୁପ୍ତ ଓ ତାଙ୍କ ଅଫିସର ଅନ୍ୟାନ୍ୟ କର୍ମଚାରୀ ସାହାଯ୍ୟ କରିଥିବାରୁ ସେମାନଙ୍କ ନିକଟରେ ମୁଁ କୃତଜ୍ଞ । ତଥ୍ୟ ଯୋଗାଇବା ପାଇଁ ସମ୍ବାଦପତ୍ରଗୁଡ଼ିକରେ ଆବେଦନ ପ୍ରକାଶ ପାଇବା ପରେ ଘଟଣାବଳୀ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ସମ୍ପୃକ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ବହୁ ବ୍ୟକ୍ତିଙ୍କଠାରୁ ମୁଁ ତଥ୍ୟସମ୍ବଳିତ ଚିଠି ପାଇଛି । ତାଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ସହ ସେମାନଙ୍କର ନାମ ପୁସ୍ତକରେ ଯଥାସ୍ଥାନରେ ଉଲ୍ଲେଖ କରିଛି । ଘଟଣା ସହିତ ସମ୍ପୃକ୍ତ ବାସୁଦେବପୁର ଥାନାର ନେତା ଓ ସତ୍ୟାଗ୍ରହୀ ତଥ୍ୟ ଯୋଗାଇଥିବାରୁ ସେମାନେ ମୋର କୃତଜ୍ଞତାର ପାତ୍ର । ସେମାନଙ୍କର ନାମ ମୁଁ ପୁସ୍ତକରେ ଘଟଣା ପ୍ରସଙ୍ଗରେ ଉଲ୍ଲେଖ କରିଛି । ପୁସ୍ତକ ପ୍ରଣୟନ ସମୟରେ ବହୁ ବିଭିନ୍ନ ବିଷୟରେ ମୋର ବନ୍ଧୁ

Digitized by srujanika@gmail.com

ସୁସାହିତ୍ୟିକ ଶ୍ରୀ ବିନୋଦ ବିହାରୀ ପଲାଇ ସାହାଯ୍ୟ କରିଥିବାରୁ ମୁଁ ତାଙ୍କଠାରେ କୃତଜ୍ଞ । ବାସୁଦେବପୁର ତହସିଲ ଅଫିସ୍‌ର ଅମୀନଙ୍କ ଦ୍ୱାରା ଅଙ୍କିତ ଇରମ ଅଞ୍ଚଳର ମାନଚିତ୍ରକୁ ଓଡ଼ିଆରେ ଭାଷାନ୍ତର ଓ ପ୍ରକାଶ ଉପଯୋଗୀ କରାଇବାରେ ମୋର ପୁତ୍ର ଶ୍ରୀମାନ ମାନସ ଓ ତା ସହକର୍ମୀଙ୍କର ସାହାଯ୍ୟ ଉଲ୍ଲେଖନୀୟ । ବାସୁଦେବପୁରର ପ୍ରିୟା ଷ୍ଟୁଡ଼ିଓର ସ୍ୱତ୍ୱାଧିକାରୀ ଶ୍ରୀମାନ୍ ଅମୂଲ୍ୟ କୁମାର ପାତ୍ରୀ, ପ୍ରଚ୍ଛଦପଟ ଶିଳ୍ପୀ ଶ୍ରୀ ଅସୀତ ମୁଖାର୍ଜୀଙ୍କର ଅବଦାନ ସ୍ୱୀକାର୍ଯ୍ୟ । ପାଣ୍ଡୁଲିପି ପ୍ରସ୍ତୁତ କରିବାରେ ମୋର ପୁତ୍ର ନୀହାର ରଞ୍ଜନ, ତାପସ ରଂଜନ ଓ ଗୌତମର ସାହାଯ୍ୟ ଉଲ୍ଲେଖଯୋଗ୍ୟ । ପୁସ୍ତକଟିକୁ ମୁଦ୍ରଣ କରିବାରେ ସୁରେଖା ପ୍ରିଣ୍ଟର୍‌ସର ମାଲିକ ଶ୍ରୀମାନ ଅମର ପ୍ରସାଦ ଦାସଙ୍କର ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ । ନାଲନ୍ଦା ପ୍ରକାଶନର ସ୍ୱତ୍ୱାଧିକାରୀ ସୁସାହିତ୍ୟିକ ଶ୍ରୀ ଶୁକଦେବ ସାହୁ ପୁସ୍ତକଟିର ପ୍ରକାଶନ ଦାୟିତ୍ୱ ଅତି ଆଗ୍ରହ ସହକାରେ ଗ୍ରହଣ କରିଥିବାରୁ ମୁଁ ତାଙ୍କ ନିକଟରେ ଋଣୀ । ଏତଦ୍ ବ୍ୟତୀତ ଓଡିଶା ରାଜ୍ୟ ଅଭିଲେଖାଗାରର ସୁପରିନ୍‌ଟେଣ୍ଡେଣ୍ଟ ଡକ୍ଟର ମହେଶ ପ୍ରସାଦ ଦାସ, ଲାଇବ୍ରେରିଆନ ଶ୍ରୀମତୀ ସବିତା ମିଶ୍ର ଓ କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସାହାଯ୍ୟ ଉଲ୍ଲେଖନୀୟ । ସର୍ବୋପରି ବର୍ଷୀୟାନ ରାଜନୀତିଜ୍ଞ ତଥା ଲବ୍‌ଧ ପ୍ରତିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଓ ଐତିହାସିକ ଡକ୍ଟର ହରେକୃଷ୍ଣ ମହତାବ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ଶିକ୍ଷା, ଯୁବକଲ୍ୟାଣ ଓ କ୍ରୀଡ଼ା ମନ୍ତ୍ରୀ ମାନ୍ୟବର ଯଦୁନାଥ ଦାଶ ମହାପାତ୍ର, ରାଜସ୍ୱ ମନ୍ତ୍ରୀ ମାନ୍ୟବର ଯୁଗଳ କିଶୋର ପଟ୍ଟନାୟକ,ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ଡକ୍ଟର ମନ୍ମଥନାଥ ଦାସ ସେମାନଙ୍କର ଅଭିମତ ଦେଇ ମୋତେ ଅନୁଗ୍ରହାନ୍ୱିତ କରିଥିବାରୁ ମୁଁ ତାଙ୍କ ନିକଟରେ ଋଣୀ । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀମାନ ମଧୁସୂଦନ ପାଣିଗ୍ରାହୀ ଓ ଇରମ ଶହୀଦ ସ୍ମୃତି ପରିଷଦର ସଭାପତି ଆଇନଜୀବୀ ଶ୍ରୀ ଯଶୋଦା ମୋହନ ମହାନ୍ତି ପୁସ୍ତକ ପ୍ରକାଶନ ପାଇଁ ପ୍ରୋତ୍ସାହିତ କରିଥିବାରୁ ସେମାନେ କୃତଜ୍ଞତାର ପାତ୍ର । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଓ ମାନ୍ୟବର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଯଦୁନାଥ ଦାଶ ମହାପାତ୍ର ପୁସ୍ତକଟିର ଇଂରାଜୀ ସଂସ୍କରଣ ପ୍ରକାଶନର ଦାୟିତ୍ୱ ବହନ କରିବାପାଇଁ ପ୍ରତିଶ୍ରୁତି ଦେଇଥିବାରୁ ମୁଁ ତାଙ୍କ ନିକଟରେ ଋଣୀ ।

Digitized by srujanika@gmail.com

ପରିଶେଷରେ ପୁସ୍ତକ ପ୍ରକାଶନରେ ସହାୟକ ହୋଇନଥିଲେ ମଧ୍ୟ ଶବ୍ଦମାନଙ୍କର ସମାଧି ସ୍ତମ୍ଭକୁ ସ୍ୱଳ୍ପ ସମୟ ମଧ୍ୟରେ ଖୁବ୍ ଆକର୍ଷଣୀୟ କରି ପାରିଥିବାରୁ ନିର୍ମାଣ ବିଭାଗର ଚିଫ୍ ଇଂଜିନିୟର ଶ୍ରୀ ଏମ. ଏଲ. ପଟ୍ଟନାୟକ ଓ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଶ୍ରୀ ବସନ୍ତକୁମାର ପଣ୍ଡା ଧନ୍ୟବାଦର ପାତ୍ର ।

ଭୁବନେଶ୍ୱର **ଜଗନ୍ନାଥ ପଟ୍ଟନାୟକ**

ୟୁନିଟ୍—୬

୨୦-୧୨-୮୬

Digitized by srujanika@gmail.com

ଡକ୍ଟର ହରେକୃଷ୍ଣ ମହତାବ

ଫୋନ-୫୨୦୦୨
ଏକାମ୍ର ନିବାସ
ଭୁବନେଶ୍ୱର-୭୫୧୦୦୨
୧୫।୧୨।୮୭

ଅଧ୍ୟାପକ ଡକ୍ଟର ଜଗନ୍ନାଥ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଉଛି । ସେ ଯଥାସମ୍ଭବ ଅନୁସନ୍ଧାନ କରି ୧୯୪୨ ସମୟର ସ୍ୱାଧୀନତା ସଂଗ୍ରାମରେ ଇରମର ଭୂମିକାର ବିବରଣୀ ପ୍ରକାଶ କରିଛନ୍ତି । ମୋର ମନେହୁଏ, ସେ ସମୟରେ ଅନ୍ୟତ୍ର ଯାହା ଘଟିଲା ତାହାର ବିବରଣୀ ପ୍ରକାଶିତ ହେଲେ, ସେ ସଂଗ୍ରାମ ସମ୍ବନ୍ଧରେ ଭବିଷ୍ୟତ ବଂଶଧରମାନଙ୍କର କିଛି ଧାରଣା ହୁଅନ୍ତା । ଇରମ ଘଟଣା ବାସ୍ତବିକ ରକ୍ତତୀର୍ଥ । ସେ ସମସ୍ତ କର୍ମୀମାନଙ୍କର ବୃତ୍ତାନ୍ତ ଦେଇ ଅଧ୍ୟାପକ ପଟ୍ଟନାୟକ ସେମାନଙ୍କର ସ୍ମୃତି ରକ୍ଷା କରିଛନ୍ତି । ଯେଉଁମାନେ ଜୀବନ ଦେଲେ ସେମାନେ ଯେପରି ଧନ୍ୟ; ଯେଉଁମାନେ ସଂଗ୍ରାମରେ ସହଯୋଗ କରିଥିଲେ, ସେମାନେ ମଧ୍ୟ ସ୍ମରଣୀୟ । 'ରକ୍ତତୀର୍ଥ ଇରମ' ସ୍କୁଲ କଲେଜରେ ପଠନୀୟ ଏକ ପୁସ୍ତକ । ଅଧ୍ୟାପକ ପଟ୍ଟନାୟକଙ୍କୁ ପୁନର୍ବାର ଧନ୍ୟବାଦ ଦେଉଛି ।

ହରେକୃଷ୍ଣ ମହତାବ

Digitized by srujanika@gmail.com

ସୂଚୀ

ପୃଷ୍ଠା	ବିଷୟ	ଅଧ୍ୟାୟ
ପ୍ରଥମ ଅଧ୍ୟାୟ	୧୯୪୨ ଅଗଷ୍ଟ ବିପ୍ଳବର ପୃଷ୍ଠଭୂମି	୧
ଦ୍ୱିତୀୟ ଅଧ୍ୟାୟ	ଭଦ୍ରକ ସବ୍‌ଡିଭିଜନରେ ଅଗଷ୍ଟ ବିପ୍ଳବର ପ୍ରତିଧ୍ୱନି	୮
ତୃତୀୟ ଅଧ୍ୟାୟ	ଇରମ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ସୂଚନା	୧୭
ଚତୁର୍ଥ ଅଧ୍ୟାୟ	ଇରମରେ ଜନ ଜାଗରଣର ଗହନ କଥା	୨୩
ପଞ୍ଚମ ଅଧ୍ୟାୟ	ମହାନ୍ ଅଗଷ୍ଟ ବିପ୍ଳବର ପ୍ରସ୍ତୁତି ପଥରେ ଇରମ	୪୭
ଷଷ୍ଠ ଅଧ୍ୟାୟ	ଇରମରେ ନରମେଧ ଯଜ୍ଞ	୮୫
ସପ୍ତମ ଅଧ୍ୟାୟ	ନରସଂହାର ପରେ ତାଣ୍ଡବ ଲୀଳା	୧୧୨
ପରିଶିଷ୍ଟ ୧	ଗୁଳିକାଣ୍ଡରେ ମୃତାହତ ବ୍ୟକ୍ତିଙ୍କ ତାଲିକା	୧୨୭
ପରିଶିଷ୍ଟ ୨	ପାଟନା ହାଇକୋର୍ଟ କଟକ ସର୍କିଟରେ ଦାୟେର ହୋଇଥିବା କ୍ରିମିନାଲ ଅପିଲ କେଶ୍‌ରେ ପ୍ରଦତ୍ତ ଓଡ଼ିଆ ରାୟର ଅନୁବାଦ	୧୩୨
ପରିଶିଷ୍ଟ ୩	ଆର. ଡି. ସି. ଓ ଆଇ. ଜି.ଙ୍କୁ ନେଇ ବ୍ରିଟିଶ୍ ସରକାର ବସାଇଥିବା ଇରମ ଗୁଳିକାଣ୍ଡ ସମ୍ପର୍କରେ ମିଳିତ ଇନକ୍ୱାରି ରିପୋର୍ଟର ଓଡ଼ିଆ ଅନୁବାଦ	୧୩୯
ପରିଶିଷ୍ଟ ୪	ବି. ଓ. ନାମରେ ପ୍ୟାରୀମୋହନ ଦାସଙ୍କଠାରୁ ସି. ଓ. ନାମରେ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ପାଖକୁ ଲେଖାଯାଇଥିବା ଗୋପନୀୟ ଚିଠିର ନକଲ	୧୫୩
ପରିଶିଷ୍ଟ ୫	ଭଦ୍ରକ ପୋଲିସ୍ ଇନସ୍‌ପେକ୍ଟରଙ୍କ ପାଖକୁ ଜମିଦାର ରାଧାକାନ୍ତ ପାଢ଼ୀ ଲେଖିଥିବା ଇଂରାଜୀ ଚିଠିର ଅନୁବାଦ	୧୫୯

Digitized by srujanika@gmail.com

ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ
ମନ୍ତ୍ରୀ, ରାଜସ୍ୱ ବିଭାଗ, ଓଡ଼ିଶା
ଭୁବନେଶ୍ୱର

ଅଭିମତ

୧୯୪୨ ମସିହାରେ ସଂଘଟିତ ଅଗଷ୍ଟ ବିପ୍ଳବ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ମହିମାମଣ୍ଡିତ ଅଧ୍ୟାୟ । ଉକ୍ତ ବିପ୍ଳବ ସମୟରେ ବାଲେଶ୍ୱର ଜିଲ୍ଲା ଓଡ଼ିଶାକୁ ନେତୃତ୍ୱ ଦେଇଥିଲା । ବିଶେଷକରି ଭଣ୍ଡାରୀପୋଖରୀ ଧାମନଗରସ୍ଥିତ ଲୁଣିଆ ଓ ବାସୁଦେବପୁର ଥାନା ଅନ୍ତର୍ଗତ ଇରମ ଅଞ୍ଚଳରେ ଏହା ଏକ ଅଭୂତ ପୂର୍ବ ରୂପ ଧାରଣ କରିଥିଲା । ସେପ୍ଟେମ୍ବର ମାସ ୨୮ ତାରିଖ ଦିନ ଇରମରେ ପୋଲିସ ଗୁଳି ଚାଳନାରେ ୨୯ ଜଣ ମୃତ ଓ ବହୁ ସଂଖ୍ୟକ ଲୋକ ଆହତ ହୋଇଥିଲେ । ମାତ୍ର ଏହା ଏକ ପରିତାପର ବିଷୟ ଯେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ସ୍ୱାଧୀନତା ସଂଗ୍ରାମର ଇତିହାସରେ ଯଥୋଚିତ ସ୍ଥାନ ପାଇ ପାରିନାହିଁ ।

ଡକ୍ଟର ଜଗନ୍ନାଥ ପଟ୍ଟନାୟକ ତାଙ୍କ ଦ୍ୱାରା ଲିଖିତ 'ରକ୍ତତୀର୍ଥ ଇରମ' ପୁସ୍ତକରେ ଭଦ୍ରକ ସବ୍‌ଡିଭିଜନସ୍ଥିତ ବିଭିନ୍ନ ସ୍ଥାନରେ ସଂଘଟିତ ଉକ୍ତ ବିପ୍ଳବ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଇରମରେ ସଂଘଟିତ ଗୁଳିକାଣ୍ଡ ଉପରେ ବିଶଦ ଭାବରେ ଆଲୋଚନା କରି ଉକ୍ତ ଘଟଣାଟିକୁ ସର୍ବଭାରତୀୟ ସ୍ତରରେ ମହିମାନ୍ୱିତ କରିବା ପାଇଁ ଉଦ୍ୟମ କରିଛନ୍ତି । ଏହା ଏକ ଗବେଷଣାସମ୍ବଳିତ ପୁସ୍ତକ ଏବଂ ଘଟଣା ପ୍ରବାହକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ସେ ନିଜର ନିରପେକ୍ଷ ମନ୍ତବ୍ୟ ଗୁଡ଼ିକ ବେଶ ଆକର୍ଷଣୀୟ କରି ପାରିଛନ୍ତି । ଉକ୍ତ ପୁସ୍ତକ ପ୍ରକାଶକରି ବହୁ ଦିନ ଧରି ଲୁକ୍କାୟିତ ରହିଥିବା ତଥ୍ୟଗୁଡ଼ିକ ଲୋକଲୋଚନକୁ ଆଣିବା ସଙ୍ଗେ ସଙ୍ଗେ ସେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଋଦ୍ଧିମନ୍ତ କରିଛନ୍ତି । ସେଥିପାଇଁ ସେ ଅଭିନନ୍ଦନୀୟ । ଏହିପରିଭାବେ ଓଡ଼ିଶା ଇତିହାସରେ ଅଦ୍ୟାବଧି ଲୁକ୍କାୟିତ ବହୁ ବିଭିନ୍ନ ଘଟଣା ପୁସ୍ତକ ମାଧ୍ୟମରେ ପ୍ରକାଶ ହେଲେ ଓଡ଼ିଶାର ଇତିହାସ ଋଦ୍ଧିମନ୍ତ ହୋଇପାରିବ, ଏହା ଆମ୍ଭେ ତାଙ୍କଠାରୁ ଆଶା କରୁଛୁ ।

ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ
୨୮ । ୧୧ । ୮୬

Digitized by srujanika@gmail.com

ଶ୍ରୀ ଯଦୁନାଥ ଦାସ ମହାପାତ୍ର
ମନ୍ତ୍ରୀ, ଶିକ୍ଷା, କ୍ରୀଡ଼ା ଓ ଯୁବସମାଜ ବିଭାଗ
ଓଡ଼ିଶା

ଅଭିମତ

ପ୍ରାଧ୍ୟାପକ ଡକ୍ଟର ଶ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ରଚିତ 'ରକ୍ତତୀର୍ଥ ଇରମ' ୧୯୪୨ ମସିହାର ସ୍ୱାଧୀନତା ଆନ୍ଦୋଳନରେ ଇରମର ଅବଦାନ ସମ୍ପର୍କୀୟ ଏକ ପ୍ରାମାଣିକ ଗ୍ରନ୍ଥ । ଅଗଷ୍ଟ ବିପ୍ଳବର ବହୁ ଅଜ୍ଞାତ ତଥ୍ୟ ଏଥିରେ ସନ୍ନିବେଶିତ ହୋଇଛି । ବ୍ରିଟିଶ ଭାରତବର୍ଷରେ ଇରମ ଥିଲା ଏକ ପ୍ରସିଦ୍ଧ ଗ୍ରାମ । ବାଲେଶ୍ୱର ଜିଲ୍ଲାରେ ଏହି ପଲ୍ଲୀ ଗ୍ରାମଟି ସର୍ବଜନବନ୍ଦିତ ଥିଲା । ଏହି ଗ୍ରାମର ଏକ ପାର୍ଶ୍ୱରେ ଦିଗନ୍ତବିସ୍ତାରୀ ସୁନୀଳ ବଙ୍ଗୋପସାଗର ଓ ଅନ୍ୟ ଦିଗରେ ଜୁଆରପୁଷ୍ଟ ଗମେଇ ନଦୀ । ନଦୀ କୂଳରେ ଶାଶୁଭୁଆସୁଣୀ ଠାକୁରାଣୀଙ୍କ ମନ୍ଦିର । ସମୁଦ୍ରଆଡ଼ଆ ପୂର୍ବେ ବହୁ ହରିଣ ଓ ସାମୁଦ୍ରିକ ପକ୍ଷୀମାନଙ୍କର କ୍ରୀଡ଼ାଭୂମି ଥିଲା । ଇରମ ଥିଲା ବହୁ ଐଶ୍ୱର୍ଯ୍ୟର ଅଧିକାରୀ । ହଠାତ୍ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ସମସ୍ତ ଭାରତବର୍ଷରେ ତ୍ୟାଗର ଚରମ ପରାକାଷ୍ଠା ଦେଖାଇବାରେ ଇରମ ଥିଲା ଅତୁଳନୀୟ । ବ୍ରିଟିଶ ପୋଲିସର ଗୁଳିରେ ଗୋଟିଏ ଦିନରେ ମୃତ୍ୟୁ ବରଣ କରିଥିବା ୨୮ ଜଣ ଲୋକଙ୍କର ଆଦର୍ଶ ଆମକୁ ଓ ଆମର ପରବର୍ତ୍ତୀ ପୁରୁଷକୁ ଦେଶପ୍ରୀତି ପ୍ରାଇଁ ପ୍ରେରଣା ଯୋଗାଉଥିବ, ଏଥିରେ ସନ୍ଦେହ ନାହିଁ । ଇରମ ଆନ୍ଦୋଳନରେ ଭାଗ ନେଇଥିବା ଅନେକ ବ୍ୟକ୍ତି ଆଜି ଜୀବିତ । ସେମାନଙ୍କଠାରୁ ଏହି ଗୁଳିକାଣ୍ଡର ଜୀବନ୍ତ ବର୍ଣ୍ଣନା ମୁଁ ମଧ୍ୟ ଶୁଣିଛି । ସେତେବେଳେ ଲୋକେ ଏହି ଅଞ୍ଚଳକୁ 'ସ୍ୱାଧୀନ ଚକଲା'ରେ ପରିଣତ କରିଥିଲେ ଓ ପୋଲିସର ଉପସ୍ଥିତି ଖବର ଶଙ୍ଖ ଶବ୍ଦ ମାଧ୍ୟମରେ ଗ୍ରାମରୁ ଗ୍ରାମକୁ ଜଣାଇ ଦେଉଥିଲେ । ସେ ଉନ୍ମାଦନା ସମସ୍ତଙ୍କୁ ସାହସୀ ବୀର ଭାବରେ ପ୍ରତିଷ୍ଠିତ କରୁଥିଲା । ଇରମଭଳି ଧାମନଗର ଥାନାର ଲୁଣିଆ ଓ ଖଇରା ଥାନାର ଭୁଡ଼ଗଡଆଠାରେ ଗୁଳିକାଣ୍ଡରେ ଯଥାକ୍ରମେ ୯ ଜଣ ଓ ୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ।

Digitized by srujanika@gmail.com

ଡକ୍ଟର ପଟ୍ଟନାୟକଙ୍କର ଏହି ପୁସ୍ତକଟି ଅତ୍ୟନ୍ତ ରୋମାଞ୍ଚକର । ଏହାକୁ ପାଠକଲେ ପାଠକର ମନରେ ପ୍ରାଣରେ ଯେ ଅଦ୍ଭୁତ ଉନ୍ମାଦନା ଜାଗ୍ରତ ହେବ ଏଥିରେ ସନ୍ଦେହ ନାହିଁ । ସ୍ୱାଧୀନତା ଆନ୍ଦୋଳନର ଏକ ଐତିହାସିକ ଅଧ୍ୟାୟକୁ ପୁସ୍ତକାକାରରେ ପ୍ରକାଶ କରି ଡକ୍ଟର ପଟ୍ଟନାୟକ ଏକ ଜାତୀୟକାର୍ଯ୍ୟ ସମ୍ପାଦନ କରିଛନ୍ତି । ଏହି ପୁସ୍ତକଟି ସର୍ବଜନାଦୃତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଶ୍ରୀ ଯଦୁନାଥ ଦାଶ ମହାପାତ୍ର

୩୦ । ୧୧ । ୮୭

Digitized by srujanika@gmail.com

ଡକ୍ଟର ମନ୍ମଥ ନାଥ ଦାସ ଏମ୍. ଏ. (ଏଲାହାବାଦ)
ପିଏଚ୍.ଡ଼ି. (ଲଣ୍ଡନ) ଡି. ଲିଟ୍. (ଉତ୍କଳ)
ପୂର୍ବତନ କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ
ପୂର୍ବତନ ମୁଖ୍ୟ ଇତିହାସ ଅଧ୍ୟାପକ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

ଅଭିମତ

ସ୍ୱାଧୀନତା ସଂଗ୍ରାମ ଯୁଗରେ ଭାରତରେ କେତେ ଘଟଣା ଘଟି ଯାଇଛି । ଦେଶର ଅନ୍ୟ ଯେ କୌଣସି ଅଞ୍ଚଳ ତୁଳନାରେ ଓଡ଼ିଶାରେ ଦେଖା ଯାଇଥିବା ଘଟଣା ପ୍ରବାହର ତାତ୍ପର୍ଯ୍ୟ ଦୃଷ୍ଟିରୁ ଏ ଅଞ୍ଚଳର ଭୂମିକା ଗୌରବାନ୍ୱିତ ହୋଇଛି । ଗାନ୍ଧୀ ଯୁଗର ପ୍ରାରମ୍ଭରୁ ଓଡ଼ିଶାବାସୀ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖଯୋଗ୍ୟ ଅଂଶ ଗ୍ରହଣ କରିଥିଲେ । ଗାନ୍ଧୀଙ୍କର ଶେଷ ସଂଗ୍ରାମ 'ଭାରତଛାଡ଼' ବିପ୍ଳବରେ ଇରମ ହତ୍ୟାକାଣ୍ଡ ଭାରତର ସର୍ବବୃହତ୍ତ ହତ୍ୟାକାଣ୍ଡରୂପେ ଖ୍ୟାତି ଲାଭ କରିଛି ।

କିନ୍ତୁ ଭାରତର ଅନ୍ୟଅଞ୍ଚଳ ତୁଳନାରେ ଓଡ଼ିଶାରେ ସଂଘଟିତ ଘଟଣାମାନ ଆଧୁନିକ ଇତିହାସରେ ଯଥାଯୋଗ୍ୟ ସ୍ଥାନ ପାଇ ପାରିନାହିଁ । କାରଣ ପ୍ରତ୍ୟେକ ଘଟଣାକୁ କେନ୍ଦ୍ର କରି ତା ଉପରେ ଯଥାର୍ଥ ଐତିହାସିକ ଗବେଷଣା ହୋଇନାହିଁ । ଏ ଦୃଷ୍ଟିରୁ ଐତିହାସିକ ଡକ୍ଟର ଜଗନ୍ନାଥ ପଟ୍ଟନାୟକଙ୍କ ଗବେଷଣା-ପ୍ରସୂତ ଏହି ପୁସ୍ତକଟି ବାସ୍ତବପକ୍ଷେ ମହାର୍ଘ । ଏହାପରେ ଅଧ୍ୟାପକ ପଟ୍ଟନାୟକଙ୍କୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିବାକୁ ପଡ଼ିବ । ଦେଶ ବିଦେଶର ଐତିହାସିକମାନଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏହି ପୁସ୍ତକଟି ହିନ୍ଦୀ ଓ ଇଂରେଜୀ ଭାଷାରେ ରୂପାନ୍ତରିତ କରିବା ତାଙ୍କର ଏକ ନୈତିକ କର୍ତ୍ତବ୍ୟ ।

ଇରମ ଘଟଣାର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି । କେହି କେହି ଭାରତୀୟ ଓ ବିଦେଶୀୟ ଐତିହାସିକ ତଥା ସମାଲୋଚକ ଭାରତୀୟ ଜାତୀୟ ସଂଗ୍ରାମକୁ ବିକୃତ ଭାବରେ ଚିତ୍ରଣ କରିବାକୁ କୁଣ୍ଠାବୋଧ କରି ନାହାନ୍ତି ଯେ ଏ ସଂଗ୍ରାମ ଥିଲା ମୁଖ୍ୟତଃ ଉଚ୍ଚ ଓ ମଧ୍ୟବିତ୍ତ ସମ୍ପ୍ରଦାୟର ବିପ୍ଳବ । ସେମାନେ ନିଷ୍ପେଷିତ, ଦରିଦ୍ର, ନିରକ୍ଷର ଜନସାଧାରଣଙ୍କର ଉନ୍ମାଦନା,

Digitized by srujanika@gmail.com

ତ୍ୟାଗ, କଷ୍ଟବରଣ ଓ ଆତ୍ମୋତ୍ସର୍ଗ ପ୍ରତି ସଚେତନ ନଥାଇ ଏପରି ମତ ପୋଷଣ କରି ଆସିଛନ୍ତି । ବିଦେଶର କେତେକ ସ୍ଥାନରେ ଏପରି ଗୋଷ୍ଠୀର ଐତିହାସିକମାନଙ୍କ ଆଗରେ ମୁଁ ମତ ଦେଇଛି, ଯଦି କେବଳ ଓଡ଼ିଶାର ଗଡ଼ଜାତ ଆନ୍ଦୋଳନ, ପ୍ରଜା ଆନ୍ଦୋଳନ ଓ ଇରମ ହତ୍ୟାକାଣ୍ଡପରି ଗୋଟିଏ ଗୋଟିଏ ଘଟଣା ଅନୁଧ୍ୟାନ କରାଯାଏ, ତାହେଲେ ଭାରତୀୟ ଜାତୀୟ ଜନ-ସଂଗ୍ରାମର ପ୍ରକୃତ ପରିଚୟ ମିଳିପାରିବ । ସମାଜର ସର୍ବାଧିକ ତଳସ୍ତରରେ ଥିବା ଜାତି, ଧର୍ମ, ନିର୍ବିଶେଷରେ ଆବାଳବୃଦ୍ଧବନିତାର ଦେଶର ମୁକ୍ତିପାଇଁ କରୁଣ, ରୋମାଞ୍ଚକର ଓ ଅହିଂସ ଭୂମିକାର ବିବରଣୀ ପ୍ରକାଶିତ ହେଲେ ସମାଲୋଚକମାନଙ୍କ ଭ୍ରାନ୍ତ ଧାରଣା ଦୂରୀଭୂତ ହୋଇ ପାରିବ । ଅଧ୍ୟାପକ ପଟ୍ଟନାୟକଙ୍କ 'ରକ୍ତତୀର୍ଥ ଇରମ' ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ।

ବିପ୍ଳବର ପୃଷ୍ଠଭୂମିରେ ଇରମ ହତ୍ୟାକାଣ୍ଡର ଇତିହାସ ଆବିଷ୍କାର କରିବାପାଇଁ ଅଧ୍ୟାପକ ପଟ୍ଟନାୟକଙ୍କୁ ଯଥେଷ୍ଟ ଅଧ୍ୟବସାୟ କରିବାକୁ ହୋଇଛି । ତାଙ୍କର ସେପରି ପରିଶ୍ରମ ଓଡ଼ିଶାର ହିତଦୃଷ୍ଟିରୁ ସାର୍ଥକ । ବୈଜ୍ଞାନିକ ମନୋଭାବ ସହ ଘଟଣାର ସତ୍ୟାସତ୍ୟ ନିରୂପଣ କରିବାପାଇଁ ସେ ନିରପେକ୍ଷ ଅନୁଧ୍ୟାନକାରୀରୂପେ ପ୍ରୟାସ କରିଛନ୍ତି ଏବଂ ସେଥିରେ ସଫଳ ହୋଇଛନ୍ତି ।

ସ୍ୱାଧୀନତା ସଂଗ୍ରାମର ଇତିହାସ ପ୍ରତି ଏପରି ଏକ ଅବଦାନ ପାଇଁ ଅଧ୍ୟାପକ ପଟ୍ଟନାୟକ ଧନ୍ୟବାଦାର୍ହ । ଦେଶପ୍ରାଣ ଓଡ଼ିଶାବାସୀ ତାଙ୍କ ନିକଟରେ ଏଥିପାଇଁ କୃତଜ୍ଞ ରହିବେ, ଏହା ନିଶ୍ଚିତ ।

୧୫ । ୧୨ । ୮୭ — ମନ୍ମଥ ନାଥ ଦାସ

Digitized by srujanika@gmail.com



ସମ୍ବାଦ ପୀଠ ଇରମ ଓ ପାର୍ଶ୍ବବର୍ତ୍ତୀ ଅଞ୍ଚଳର ମାନଚିତ୍ର

Digitized by srujanika@gmail.com



ସହୀଦ ସ୍ମୃତି ସ୍ତମ୍ଭ ଇରମ

Digitized by srujanika@gmail.com

ପ୍ରଥମ ଅଧ୍ୟାୟ

୧୯୪୨ଅଗଷ୍ଟ ବିପ୍ଳବର ପୃଷ୍ଠଭୂମି

ଏହା ଥିଲା ୧୯୪୨ ମସିହାର କଥା । ସେତେବେଳେ ଉପୂାବହ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଚଣ୍ଡ ମଧ୍ୟାହ୍ନ । ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତବର୍ଷରେ ସ୍ୱାଧୀନତା ସଂଗ୍ରାମର ଉଜାଣି ସ୍ରୋତ ପୂର୍ବାପେକ୍ଷା ଅଧିକ ପ୍ରଖର ହୋଇ-ପଡ଼ିଥାଏ । ଏଥିପାଇଁ ଅବଶ୍ୟ ଭାରତୀୟ ଜାତୀୟ କଂଗ୍ରେସ ପ୍ରତି ଇଂରେଜ ସରକାରଙ୍କର ପ୍ରତାରଣା ନୀତି ଥିଲା ମୁଖ୍ୟତଃ ଦାୟୀ ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଭାରତୀୟମାନେ ଇଂଲଣ୍ଡକୁ ଦେଇଥିବା ଅକୁଣ୍ଠ ସାହାଯ୍ୟ ପାଇଁ ବ୍ରିଟିଶ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ଯେ ଯୁଦ୍ଧ ପରେ ସେମାନଙ୍କର ଦାବୀ ସହାନୁଭୂତି ସହ ବିଚାର କରାଯିବ । ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ହେଲା । ଇଂଲଣ୍ଡ ହେଲା ବିଜୟୀ । ମାତ୍ର ବ୍ରିଟିଶ କର୍ତ୍ତୃପକ୍ଷ ସେମାନଙ୍କର ପ୍ରତିଶ୍ରୁତି ରଖିଲେ ନାହିଁ । ଅନ୍ଧ ଥରେ ବାଡ଼ି ହଜାଏ । ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତୀୟମାନେ ପୁନରାୟ କୌଣସି ପ୍ରକାରର ସାହାଯ୍ୟ ନଦେବା ପାଇଁ ଜାତୀୟ କଂଗ୍ରେସ ନିଷ୍ପତ୍ତି ନେଇ ତାହା ବ୍ରିଟିଶ ସରକାରକୁ ଜଣାଇ ଦେଇଥିଲା । ମାତ୍ର କ୍ଷମତାର ମୋହରେ ଉନ୍ମତ୍ତ ହୋଇ କଂଗ୍ରେସର ଉକ୍ତ ନିଷ୍ପତ୍ତିକୁ ଭ୍ରୂକ୍ଷେପ ନକରି ତତ୍କାଳୀନ ଭାଇସରାୟ ଲର୍ଡ଼ ଲିନ୍‌ଲିଥ୍‌ଗୋ ଏକ ଘୋଷଣା ଜାରୀକରି ଯୁଦ୍ଧରେ ଭାରତକୁ ଇଂଲଣ୍ଡ ପକ୍ଷଯୁକ୍ତ କରାଇଥିଲେ । ଏତ ଦୃଶ ସ୍ୱେଚ୍ଛାଚାରୀ ଘୋଷଣା ଫଳରେ ଜାତୀୟ କଂଗ୍ରେସ କ୍ଷୁବ୍ଧ ଓ ମର୍ମାହତ ହୋଇପଡ଼ିଥିଲା । ତା'ର ଉତ୍ତରରେ ଜାତୀୟ କଂଗ୍ରେସ ଏକ ପ୍ରସ୍ତାବ ଗ୍ରହଣ କରି ଘୋଷଣା କରିଥିଲା, 'ଯେ ପର୍ଯ୍ୟନ୍ତ ବ୍ରିଟିଶ ସରକାର ଭାରତୀୟଙ୍କୁ ନିଜର ସମ୍ବିଧାନ ପ୍ରଣୟନ ଓ ଜନପ୍ରିୟ ସରକାର ଗଠନ କରିବାକୁ ସୁଯୋଗ ଦେବାପାଇଁ ରାଜି ନ ହୋଇଛି, ସେ ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତୀୟମାନେ ଇଂଲଣ୍ଡକୁ କୌଣସି ପ୍ରକାର ସାହାଯ୍ୟ ଦେବେ ନାହିଁ । ଇତି ମଧ୍ୟରେ ଯୁଦ୍ଧରେ ଇଂଲଣ୍ଡର ଅବସ୍ଥା

Digitized by srujanika@gmail.com

ଶୋଚନୀୟ ହୋଇ ପଡ଼ିଲା । ତା'ର ପୂର୍ଣ୍ଣ ପରାଜୟ ଆସନ୍ନ ବୋଲି ଜଣାପଡ଼ିଲା । ଏପରି ଅବସ୍ଥାରେ ସତ୍ୟର ନିଷ୍ଠାପର ପୂଜାରୀ ଓ ଦୟାର୍ଦ୍ର ଗାନ୍ଧିଜୀଙ୍କ ହୃଦୟ ସହାନୁଭୂତିରେ ବିଗଳିତ ହୋଇପଡ଼ିଲା । ୧୯୪୦ ମସିହା ଜୁନ ତା ୧ ରିଖ ଦିନ ସେ ଘୋଷଣା କରିଥିଲେ, "ଇଂଲଣ୍ଡର ବିପର୍ଯ୍ୟୟ ବିନିମୟରେ ଆମେ ସ୍ୱାଧୀନତା ଚାହୁଁନା" । ତେଣୁ ତାଙ୍କରି ପ୍ରଚେଷ୍ଟାରେ ଭାରତ ପ୍ରଭୂତ ଅର୍ଥ ଓ ଲୋକବଳ ସାହାଯ୍ୟ ଦେଇ ଇଂଲଣ୍ଡକୁ ସବଳ କରାଇଥିଲା । ଅବଶ୍ୟ ଏଥିପାଇଁ ସର୍ତ୍ତ ରଖାଯାଇଥିଲା ଯେ ଯୁଦ୍ଧପରେ ଭାରତୀୟମାନଙ୍କର ଉପରୋକ୍ତ ଦାବୀ ଦୁଇଟିକୁ ବ୍ରିଟିଶ ସରକାର ଗ୍ରହଣ କରିବେ । ମାତ୍ର ଭାରତର ପରମ ଦୁର୍ଭାଗ୍ୟକୁ ଜଣେ ଚରମ ଉପନିବେଶ-ବାଦୀ ଆସିଲେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ହୋଇ । ସେ ଥିଲେ ଉଇନଷ୍ଟନ ଚର୍ଚ୍ଚିଲ । ଭାରତୀୟଙ୍କୁ ସ୍ୱାଧୀନତା ଦାନ ଥିଲା ତାଙ୍କ କଳ୍ପନାର ବାହାରେ । ତଥାପି ଯୁଦ୍ଧର ଘନଘଟା ମଧ୍ୟରେ ଘୋର ସଙ୍କଟକାଳୀନ ପରିସ୍ଥିତି ଯୋଗୁଁ ଭାରତୀୟଙ୍କୁ ସନ୍ତୁଷ୍ଟ କରି ରଖିବା ନିମନ୍ତେ ସେମାନଙ୍କୁ କିଛି ସାମ୍ବିଧାନିକ ସୁବିଧା ଦେବାପାଇଁ ଚର୍ଚ୍ଚିଲ ଭାଇସରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ୧୯୪୦ ମସିହା ଅଗଷ୍ଟ ୮ ତାରିଖ ଦିନ କିଛି ସାମ୍ବିଧାନିକ ସୁବିଧା ଦେଇ ଏକ ଘୋଷଣା ପତ୍ର ପ୍ରକାଶ ପାଇଥିଲା । ତାହା 'ଅଗଷ୍ଟ ଦାନ' ନାମରେ କଥିତ । ମାତ୍ର ସେ ସବୁ କେବେ କାର୍ଯ୍ୟକାରୀ ହେବ ତାର କୌଣସି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇ ନଥିବାରୁ ଜାତୀୟ କଂଗ୍ରେସ ଉକ୍ତ ଘୋଷଣାକୁ ପ୍ରତ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ପନ୍ଥା ଗ୍ରହଣ କରିଥିଲା । ତାହା ଥିଲା ଆଇନ ଅମାନ୍ୟ ଆନ୍ଦୋଳନର ପୁନଃ ପ୍ରବର୍ତ୍ତନ ।

ଏଥର ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ୧୯୩୦ରେ ପ୍ରବର୍ତ୍ତିତ ଗଣ ଆଇନ ଅମାନ୍ୟ ଆନ୍ଦୋଳନ ପରିବର୍ତ୍ତେ ଜାତୀୟ କଂଗ୍ରେସ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନର ଆଶ୍ରୟ ନେଇଥିଲା । କିନ୍ତୁ ବ୍ରିଟିଶ ସରକାର ଅପରିଣାମଦର୍ଶୀ ହୋଇ ପୁନରାୟ ଏକ ତ୍ରୁଟି କରି ବସିଲେ । କୌଣସି ସାମ୍ବିଧାନିକ ସୁବିଧା ଦେବା ପରିବର୍ତ୍ତେ ଉକ୍ତ ଆନ୍ଦୋଳନରେ ଯୋଗ ଦେଇଥିବା ସତ୍ୟାଗ୍ରହୀଙ୍କୁ ସେମାନେ ବନ୍ଦୀ କରିନେଲେ । ଏହିପରି ବନ୍ଦୀଙ୍କର ମୋଟ ସଂଖ୍ୟାଥିଲା ୩୩,୦୦୦ । ବ୍ୟାପକ ଭାବରେ ବନ୍ଦୀ କରାଯିବାର ସମ୍ବାଦ

Digitized by srujanika@gmail.com

ପରିବେଷିତ ହେବା ଫଳରେ ଭାରତୀୟମାନେ ବ୍ରିଟିଶ ସରକାରଙ୍କୁ ଯୁଦ୍ଧରେ ଆଉ ସାହାଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ । ଫଳରେ ବ୍ରିଟିଶ ସରକାର ବିଚଳିତ ହୋଇପଡ଼ିଲା । ଭାରତୀୟଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ସମସ୍ତ ବନ୍ଦୀଙ୍କୁ ମୁକ୍ତ କରି ଦିଆଗଲା । ଇତି ମଧ୍ୟରେ ଜାପାନ ବିଶ୍ୱଯୁଦ୍ଧରେ ଇଂଲଣ୍ଡ ବିରୁଦ୍ଧରେ ଯୋଗଦେବା ଫଳରେ ଇଂଲଣ୍ଡର ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଲା । ବାସ୍ତବରେ ଏହା ଥିଲା ଇଂଲଣ୍ଡ ପାଇଁ ଏକ ଚରମ ଦୁର୍ଦ୍ଦିନ । ଏହି ଅବସ୍ଥାରେ ଜାତୀୟ କଂଗ୍ରେସ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା । ଏହାସତ୍ତ୍ୱେ ଫଳାଫଳ ଦୃଷ୍ଟିରୁ ବିଚାର କଲେ ଉକ୍ତ ଆନ୍ଦୋଳନ ଯେ ଫଳପ୍ରଦ ହୋଇନଥିଲା, ତା ନୁହେଁ । ଅନ୍ତତଃ ପକ୍ଷେ ଭାରତ ପ୍ରତି ବ୍ରିଟିଶ ସରକାରର ମନୋଭାବ କୋହଳ କରିବାରେ ଏହା ଯଥେଷ୍ଟ ସହାୟକ ହୋଇଥିଲା । ଅବଶ୍ୟ ଏ ଦିଗରେ ବିଶ୍ୱଜନମତର ଅବଦାନକୁ ଅସ୍ୱୀକାର କରିହେବ ନାହିଁ । ଇଂଲଣ୍ଡ ପକ୍ଷଭୁକ୍ତ ଆମେରିକା, ଚୀନ ଏବଂ ଅଷ୍ଟ୍ରେଲିଆ ପ୍ରଭୃତି ବୈଦେଶିକ ଶକ୍ତି ଭାରତୀୟଙ୍କର ଦାବୀକୁ ଗ୍ରହଣ କରିନେବା ପାଇଁ ବ୍ରିଟିଶ ସରକାର ଉପରେ ଚାପ ପକାଇ ଥିଲେ । ଆମେରିକାର ମୁଖ୍ୟ ସମ୍ବାଦପତ୍ର ନିଉୟର୍କ ଟାଇମ୍ସର ସାମ୍ବାଦିକ ହାରବର୍ଟ ମାଥିଉସ ଉକ୍ତ ମର୍ମରେ ଏକ ଅଭିଯୋଗମୂଳକ ଲେଖା ପ୍ରକାଶ କରିଥିବାର ଜଣାଯାଏ । (୧) ଉକ୍ତ ପଦକ୍ଷେପ ଫଳରେ ଭାରତରେ ଜାତୀୟ ସରକାର ପ୍ରତିଷ୍ଠା ପାଇଁ କଣ କରାଯାଇପାରିବ ସେ ବିଷୟରେ ଏକ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଇଂଲଣ୍ଡର ତତ୍କାଳୀନ ପ୍ରଧାନମନ୍ତ୍ରୀ ଭାରତକୁ ସାର ଷ୍ଟାଫୋର୍ଡ କ୍ରିପ୍ସଙ୍କୁ ପ୍ରେରଣ କରିଥିଲେ । ୧୯୪୨ ମସିହା ମାର୍ଚ୍ଚ ୨୨ ତାରିଖ ଦିନ ସେ ଦିଲ୍ଲୀରେ ପହଞ୍ଚିଲେ । ତାପରେ ନେତୃବର୍ଗ ତଥା ଭାଇସ୍-ରାୟଙ୍କ ସହ ଆଲୋଚନା କରିବା ପରେ ଭାରତ ପାଇଁ ଗୋଟିଏ ନୂତନ ସମ୍ବିଧାନର ପ୍ରଣୟନ ନିମନ୍ତେ ସେ କେତୋଟି ପ୍ରସ୍ତାବ ଦେଇଥିଲେ । ମାତ୍ର ଉକ୍ତ ପ୍ରସ୍ତାବଗୁଡ଼ିକରେ କେବଳ ଭବିଷ୍ୟତ ପାଇଁ ପ୍ରତିଶ୍ରୁତି ସନ୍ନିବେଶିତ ହୋଇଥିଲା । ଆଶୁ କାର୍ଯ୍ୟାନୁଷ୍ଠାନର କୌଣସି ବ୍ୟବସ୍ଥା ନଥିବାରୁ ଭାରତୀୟଙ୍କ ମନରେ ତାହା କୌଣସି ଆଶା ଓ ଆତ୍ମବିଶ୍ୱାସ ସଞ୍ଚାର କରିପାରି ନଥିଲା । ତେଣୁ ଭାରତୀୟ ଜାତୀୟ କଂଗ୍ରେସ କ୍ରିପ୍ସ ପ୍ରସ୍ତାବଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି

---

(୧) ୧୯୪୨ ମସିହା ସେପ୍ଟେମ୍ବର ୧-୨ ତାରିଖର 'ସମାଜ'

Digitized by srujanika@gmail.com

ଦେଇଥିଲା । ସେତେବେଳେ ଭାରତୀୟମାନେ ଉପଲବ୍ଧି କରିଥିଲେ ଯେ ଯୁଦ୍ଧର ସଙ୍କଟକାଳୀନ ଅବସ୍ଥାରେ ସେମାନଙ୍କର ସାହାଯ୍ୟ ଓ ସହାନୁଭୂତି ଲାଭ କରିବା ପାଇଁ କ୍ରିପ୍‌ସଙ୍କର ଏହା ଥିଲା ଏକ ମନଭୁଲାଣିଆ କ୍ଷଣିକ ପ୍ରସ୍ତାବ । ମହାତ୍ମାଗାନ୍ଧୀ ଏହା ଉପରେ ଏକ କୌତୁହଳପଦ ମନ୍ତବ୍ୟ ପ୍ରଦାନ କରି କହିଥିଲେ, "ଅଚଳ ହୋଇପଡ଼ିଥିବା ଗୋଟିଏ ଦେବାଳିଆ ବ୍ୟାଙ୍କ୍‌ର ପୁରୁଣା ଚେକ୍‌ଟିଏ ଭାରତୀୟଙ୍କୁ ଦେଇ କ୍ରିପ୍‌ସ ପ୍ରତାରିତ କରିଛନ୍ତି ।"

କ୍ରିପ୍‌ସ ମିଶନର ବ୍ୟର୍ଥତା ପରେ ସ୍ୱାଧୀନତା ସଂଗ୍ରାମର ଲକ୍ଷ୍ୟ ହାସଲ ପାଇଁ ମହାତ୍ମାଗାନ୍ଧୀ ଓ ନିଖିଳ ଭାରତ କଂଗ୍ରେସ କମିଟିର ସଭ୍ୟବୃନ୍ଦ ଓ୍ୱାର୍ଦ୍ଧାଠାରେ ୧୯୪୨ ମସିହା ଜୁଲାଇ ୧୪ ତାରିଖ ଦିନ ମିଳିତ ହେଲେ । ସେଠାରେ ସେମାନେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରିଥିଲେ । ଏହା ଥିଲା ସେହି ଐତିହାସିକ ଦେଶବ୍ୟାପୀ ଭାରତଛାଡ଼ ଆନ୍ଦୋଳନର ପ୍ରବର୍ତ୍ତନ । ଉକ୍ତ ପ୍ରସ୍ତାବ ଗ୍ରହଣ କରିବା ଦିଗରେ ଗାନ୍ଧିଜୀଙ୍କର ଚିନ୍ତାଧାରା ଥିଲା ବେଶ୍ ଯୁଗୋପଯୋଗୀ । ସେ ଚିନ୍ତା କରିଥିଲେ ଯେ ଦ୍ୱିତୀୟ ବିଶ୍ୱ-ଯୁଦ୍ଧରେ ଇଂଲଣ୍ଡର ବିପର୍ଯ୍ୟୟ ସମୟରେ ଯଦି 'ଭାରତ ଛାଡ଼' ଧ୍ୱନି ଦିଆଯାଏ, ତେବେ ଇଂରେଜମାନେ ଭାରତୀୟଙ୍କ ସହିତ ଏକ ସ୍ୱାଗତଯୋଗ୍ୟ ଚୁକ୍ତି ସମ୍ପାଦନ କରିବାକୁ ବାଧ୍ୟ ହେବେ । ଓ୍ୱାର୍ଦ୍ଧାଠାରେ ଗୃହୀତ ଉକ୍ତ ପ୍ରସ୍ତାବକୁ ଜନସାଧାରଣଙ୍କର ଅନୁମୋଦନ ନିମନ୍ତେ ୧୯୪୨ ମସିହା ଅଗଷ୍ଟ ୮ ତାରିଖ ଦିନ ବମ୍ବେର ଗୁଆଲିଆଟ୍ୟାଙ୍କ ପଡ଼ିଆରେ ନିଖିଳ ଭାରତ କଂଗ୍ରେସ କମିଟିର ଏକ ଖୋଲା ଅଧିବେଶନ ଡକାଯାଇଥିଲା । ୧୦ ହଜାର ଦର୍ଶକ ଓ ୨୫୦ କଂଗ୍ରେସ ପ୍ରତିନିଧିଙ୍କ ଗହଣରେ ଦିନ ୨.୪୫ ମିନିଟରେ ଅଧିବେଶନ ଆରମ୍ଭ ହେଲା । ଓଡ଼ିଶାର ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଶ୍ରୀମତୀ ମାଳତୀ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ପ୍ରହ୍ଲାଦ ରାୟ ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯୋଗ ଦେଇଥିଲେ । (୨) ସେମାନଙ୍କ ବ୍ୟତୀତ ବାଲେଶ୍ୱରରୁ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ ଉକ୍ତ ଅଧିବେଶନରେ ଯୋଗ ଦେଇଥିଲେ ବୋଲି ଅନ୍ୟ ଏକ ପ୍ରକାଶିତ ସମ୍ବାଦରୁ ଜଣାଯାଏ । (୩)

---

(୨) ୧୯୪୨, ଅଗଷ୍ଟ ୧୩ର 'ସମାଜ'

(୩) ୧୯୪୨, ଅଗଷ୍ଟ ୧୭ର 'ସମାଜ'

Digitized by srujanika@gmail.com

ସେ ସାହାହେଉ, ମୌଲନା ଆବୁଲ କାଲମ ଆଜାଦ ଥାଆନ୍ତି କଂଗ୍ରେସର ସଭାପତି । ସେ ପ୍ରସ୍ତାବର ସାରମର୍ମ ଉକ୍ତ ଅଧିବେଶନରେ ଉପସ୍ଥାପନ କରି କହିଥିଲେ ଯେ 'ଭାରତରେ ଇଂରେଜ ଶାସନର ଶୀଘ୍ର ଅବସାନ ନ ଘଟିଲେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଦେଶବ୍ୟାପୀ ଏକ ଅହିଂସ ଆନ୍ଦୋଳନ ଆରମ୍ଭ ହେବ' । ଗାନ୍ଧିଜୀ ତାପରେ ଭାଷଣ ପ୍ରସଙ୍ଗରେ ନିବେଦନ କରି କହିଥିଲେ, "ଏଥର ସଂଗ୍ରାମ ବଡ଼ ଘାଘ ଓ କଠିନ ହେବ । ମୁଁ କେବେ ହେଁ ଅହିଂସା ଛାଡ଼ିବି ନାହିଁ—ଆପଣମାନେ ଯଦି ଅହିଂସା ଛାଡ଼ନ୍ତି, ତେବେ ଆପଣମାନେ ମୋତେ ଜୀବନ୍ତ ଅବସ୍ଥାରେ ଦେଖିବେ ନାହିଁ ।" ଜବାହାରଲାଲ ନେହରୁ ମଧ୍ୟ ବଜ୍ରଗମ୍ଭୀର ସ୍ୱରରେ କହିଥିଲେ, "ଆମେ ନିଆଁରେ ପଶିଲୁ ହୁଏତ ସଫଳ ହୋଇ ବାହାରିବୁ, ନଚେତ ପୋଡ଼ି ଭସ୍ମ ହୋଇଯିବୁ ।" (୪)

ଗାନ୍ଧିଜୀ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆଶା କରୁଥିଲେ ଯେ ପରିସ୍ଥିତିକୁ ଅଧିକ ଜଟିଳ ନକରି ବ୍ରିଟିଶ ସରକାର ଭାରତୀୟଙ୍କର ଦାବୀଗୁଡ଼ିକୁ ମାନିନେବେ । ମାତ୍ର ତାଙ୍କର ଆଶା ଆଶଙ୍କାରେ ପରିଣତ ହେଲା । ଏପରିକି ତାଙ୍କଦ୍ୱାରା ପ୍ରେରିତ ମୀରାବେନଙ୍କୁ ତତ୍କାଳୀନ ଭାଇସରାୟ ଲିନ୍‌ଲିଥ୍‌ଗୋ ସାକ୍ଷାତ ଦେଇନଥିଲେ । ଅପର ପକ୍ଷରେ ଗାନ୍ଧୀଜୀ, ମୌଲନା ଆବୁଲକାଲମ ଆଜାଦ, ଜବାହାରଲାଲ ନେହେରୁଙ୍କ ସମେତ କଂଗ୍ରେସ ଅଧିବେଶନରେ ଉପସ୍ଥିତ ଶୀର୍ଷନେତାଙ୍କୁ ଅଗଷ୍ଟ ୯ ତାରିଖ ରାତି ପାହାନ୍ତିଆରେ ଗିରଫ କରିନିଆଗଲା । ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କୁ ୯ ତାରିଖ ଦିନ ବମ୍ବେଠାରେ ସକାଳ ୫ ଟାରେ ଗିରଫ କରାଯାଇଥିଲା । (୫) ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମାଦେବୀ ଓ ଭାଗିରଥୀ ମହାପାତ୍ର ପ୍ରମୁଖ ଓଡ଼ିଶାର ଅନ୍ୟାନ୍ୟ ଲବ୍ଧ ପ୍ରତିଷ୍ଠ ନେତାଙ୍କୁ ଅଗଷ୍ଟ ୯ ତାରିଖ ଦିନ ୧୨ଟା ସମୟରେ ଗିରଫ କରାଯାଇଥିଲା । ପୁନଶ୍ଚ ସେହି ୯ ତାରିଖ ଦିନ ଘରୋଇ ବିଭାଗ ୧୩୭ ଓ ୧୪୭ ଇସ୍ତାହାରକୁ ଏକ ବିଶେଷ ସଂଖ୍ୟା ଗେଜେଟ୍‌ରେ ପ୍ରକାଶ କରି ଓଡ଼ିଶାର ଲଟ ୧୯୦୮ ଫୌଜଦାରୀ ସଂଶୋଧନ ଆଇନର ୧୬ ଧାରା ଅନୁସାରେ ଓଡ଼ିଶାର ବହୁ ରାଜନୈତିକ ଅନୁଷ୍ଠାନକୁ ବେଆଇନ ଘୋଷଣା

(୪) ୧୯୪୨, ଅଗଷ୍ଟ ୯ର 'ସମାଜ"

(୫) ୧୯୪୨, ୧୬ ଅଗଷ୍ଟର 'ସମାଜ'

Digitized by srujanika@gmail.com

କରିଥିଲେ । ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି, ଭଦ୍ରକ ସହର କଂଗ୍ରେସ କମିଟି, ଭଦ୍ରକ କଂଗ୍ରେସ ଆଶ୍ରମ, ଆଗରପଡ଼ା ଆଶ୍ରମ ଓ ଧାମନଗର କଂଗ୍ରେସ କମିଟି ଆଦି ୭ଟି ଅନୁଷ୍ଠାନର ନାମ ଉଲ୍ଲେଖଯୋଗ୍ୟ । (୬) ଓଡ଼ିଶାର କଂଗ୍ରେସ ନେତାମାନଙ୍କର କର୍ମଭୂମି କଟକରେ ଅଗଷ୍ଟ ୧୫ ତାରିଖ ଦିନ ୧୪୦ ଧାରା ପ୍ରବର୍ତ୍ତନ କରାଇ ରାଜନୈତିକ ବ୍ୟାପାରରେ ଏକତ୍ର ୫ଜଣରୁ ଅଧିକ ସମବେତ ହୋଇପାରିବେ ନାହିଁ ବୋଲି ଜିଲ୍ଲା ମାଜିଷ୍ଟ୍ରେଟ ଏକ ଘୋଷଣା ଜାରି କରିଥିଲେ । ତେଣୁ ଭାରତୀୟମାନେ ବ୍ରିଟିଶ ସରକାରଙ୍କର ଏତାଦୃଶ ଦମନମୂଳକ ପଦକ୍ଷେପ ପାଇଁ ଭାରତଛାଡ଼ ଆନ୍ଦୋଳନର ଆଶ୍ରୟ ନେବା ପାଇଁ ବାଧ୍ୟ ହୋଇଥିଲେ । ମାତ୍ର ଅତୀତରେ ବହୁବାର ପ୍ରତାରିତ ହୋଇଥିବା ଭାରତୀୟମାନେ ଏପରି ଭାବେ ବ୍ୟଥିତ ହୋଇ ପଡ଼ିଥିଲେ ଯେ ଗାନ୍ଧିଜୀଙ୍କର ପରିକଳ୍ପିତ ଅହିଂସା ଆନ୍ଦୋଳନ ପରେ ହିଂସାତ୍ମକ ଆନ୍ଦୋଳନର ରୂପ ନେଇଥିଲା । 'କର ବା ମର'ର ପ୍ରତିଧ୍ୱନିରେ ଭାରତର ଗଗନ ପବନ ହେଲା ପ୍ରକମ୍ପିତ । ଆନ୍ଦୋଳନକାରୀମାନେ ପ୍ରତିଶୋଧପରାୟଣ ହୋଇ ଥାନା ଓ ଡାକଘରେ ଅଗ୍ନି ସଂଯୋଗ କରିବା ସଙ୍ଗେ ସଙ୍ଗେ ରେଳପଥ, ପୋଲ, ଟେଲିଗ୍ରାଫ୍ ଲାଇନର ବିପୁଳ କ୍ଷତି ସାଧନ କରି ଚାଲିଲେ । ଉକ୍ତ ପରିସ୍ଥିତିରେ ଆନ୍ଦୋଳନ-ବହ୍ନିକୁ ପ୍ରଶମିତ କରିବାପାଇଁ ବ୍ରିଟିଶ ସରକାର ବହୁ ଅମାନୁଷିକ ଅତ୍ୟାଚାରର ଆଶ୍ରୟ ନେଲେ । ସତ୍ୟାଗ୍ରହୀମାନେ ହେଲେ ନିର୍ମମ ଲାଠି ଓ ଗୁଳିଚାଳନାର ଶିକାର । ବିଶେଷତଃ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ, ସମଗ୍ର ଆସାମ, ବଙ୍ଗପ୍ରଦେଶର କେତେକାଂଶ ଓ ଯୁକ୍ତ ପ୍ରଦେଶର ପୂର୍ବାଞ୍ଚଳ ହେଲା ବ୍ରିଟିଶ ସରକାରଙ୍କର ଦମନଲୀଳାର ପୀଠଭୂମି ।

ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଉକ୍ତ ଅଗଷ୍ଟ ବିପ୍ଳବ ଅତ୍ୟନ୍ତ ଭୟାବହ ରୂପରେ ଆତ୍ମପ୍ରକାଶ କରିଥିଲା । ଅବଶ୍ୟ ତା ମୂଳରେ ଗୋଟିଏ ମୁଖ୍ୟ କାରଣ ନିହିତ । ବିଶେଷତଃ ଏହା ଏକ ଉପକୂଳବର୍ତ୍ତୀ ଜିଲ୍ଲା ହୋଇଥିବାରୁ ଜାପାନୀ ଆକ୍ରମଣ ଆଶଙ୍କାରେ ଆତଙ୍କିତ ହୋଇ ବ୍ରିଟିଶ

---

(୬) ୧୯୪୨, ୧୦ ଅଗଷ୍ଟର 'ସମାଜ'

(୭) ୧୯୪୨, ୧୫ ଅଗଷ୍ଟର 'ସମାଜ'

Digitized by srujanika@gmail.com

ସରକାର ଅଗଷ୍ଟ ଆନ୍ଦୋଳନର କଛୁଦନ ପୂର୍ବରୁ ଧାନଗୁଡ଼ିକ ଜବତ କରିବା ସଙ୍ଗେ ସଙ୍ଗେ ସାଇକେଲ, ମଟର ଓ ଡଙ୍ଗା ଜବତ କରନେଇଥିଲେ । ଏବଂ ତା'ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ଆନ୍ଦୋଳନ ମାଧ୍ୟମରେ । ଏ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ଲେଖିଛନ୍ତି ବାଲେଶ୍ୱର ଗୋଟିଆ ଜିଲ୍ଲାଟିଏ ହେଲେ ମଧ୍ୟ ଜେଲ ଯାଉଥିବା ଓ କଂଗ୍ରେସ କର୍ମୀ ହିସାବରେ କାର୍ଯ୍ୟକରିଥିବା ବ୍ୟକ୍ତିଙ୍କ ସଂଖ୍ୟା ସେଠାରେ ପ୍ରଚୁର ଥିଲା । (୮) ତେଣୁ ଏଠାରେ ଆନ୍ଦୋଳନର ବହ୍ନି ବିଶେଷଭାବରେ ପ୍ରଜ୍ୱଳିତ ହୋଇଥିଲା । ଭଦ୍ରକ ସବ୍‌ଡ଼ିଭିଜନ ଅନ୍ତର୍ଗତ ଭଣ୍ଡାରୀ ପୋଖରୀ, ଧାମନଗର ଓ ଇରମରେ ଆନ୍ଦୋଳନର ରୂପରେଖ ଭୟାବହ ହୋଇଥିଲା । ଫଳରେ ବ୍ରିଟିଶ ସରକାର ଦ୍ୱାରା ସେଠାରେ ଯେଉଁ ନାରକୀୟ ଲୀଳା ଓ ନରମେଧଯଜ୍ଞ ଅନୁଷ୍ଠିତ ହୋଇଥିଲା, ତାହାର କାହାଣୀ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ମର୍ମନ୍ତୁଦ ଅଧ୍ୟାୟ ହୋଇ ରହିଛି । ତାର ସବିଶେଷ ବିବରଣୀ ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ବର୍ଣ୍ଣିତ ।

●

---

(୮) ସୁରେନ୍ଦ୍ରନାଥ ଦ୍ୱିବେଦୀ—ଅଗଷ୍ଟ ବିପ୍ଳବ ପୃଷ୍ଠା ୧୦୭.

Digitized by srujanika@gmail.com

ଦ୍ୱିତୀୟ ଅଧ୍ୟାୟ

ଭଦ୍ରକ ସବ୍‌ଡିଭିଜନରେ ଅଗଷ୍ଟ ବିପ୍ଳବର ପ୍ରତିଧ୍ୱନି

୧୯୪୨ ମସିହା ଅଗଷ୍ଟ ୯ ତାରିଖ ଦିନ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାରମାନଙ୍କର ଗିରଫ ଖବର ସମ୍ବାଦପତ୍ରରୁ ଜାଣି ଓଡ଼ିଶା ସମେତ ସାରା ଭାରତବର୍ଷରେ ଏକପ୍ରକାର ରାଜନୈତିକ ଭୂମିକମ୍ପ ସୃଷ୍ଟି ହୋଇଥିଲା । ଉକ୍ତ କମ୍ପନ ବିଶେଷଭାବରେ ଅନୁଭୂତ ହୋଇଥିଲା ଭଦ୍ରକ ସବଡ଼ିଭିଜନ ଅନ୍ତର୍ଗତ ଭଣ୍ଡାରୀପୋଖରୀ, ଧାମନଗର ଓ ଇରମ ଅଞ୍ଚଳରେ । ଏଥିପାଇଁ ଅନ୍ୟ ଗୋଟିଏ କାରଣ ରହିଥିଲା ତାହାଥିଲା ଉକ୍ତ ସବ୍‌ଡ଼ିଭିଜନର ପ୍ରାଣପ୍ରତିମ ନେତା ହରେକୃଷ୍ଣ ମହତାବଙ୍କର ଗିରଫ । ତାଙ୍କର ଗିରଫ ଖବର ବିଜୁଳିବେଗରେ ଗ୍ରାମେ ଗ୍ରାମେ ପ୍ରଚାରିତ ହେବା ଫଳରେ ଉକ୍ତ ସବଡ଼ିଭିଜନର ଲୋକଙ୍କର କ୍ରୋଧାଗ୍ନି ଜଳିଉଠିଲା । ଏହା ବ୍ୟତୀତ ଉକ୍ତ ଅଞ୍ଚଳର ଅନ୍ୟାନ୍ୟ ନେତାମାନଙ୍କର ନିଷ୍ଠାପର ଉଦ୍ୟମ ଓ ବଳିଷ୍ଠ ସଂଗଠନ ମଧ୍ୟ ଆନ୍ଦୋଳନର ସାଫଲ୍ୟତା ପାଇଁ ଦାୟୀ । ନିଷ୍ଠାପର ନେତା ବ୍ୟତିରେକେ କୌଣସି ବିପ୍ଳବ ସୁଚାରୁରୂପେ ସଂଘଟିତ ହୋଇପାରିନଥାଏ । ଉକ୍ତ ସତ୍ୟରେ ଯୁଗେ ଯୁଗେ ଇତିହାସ ପୃଷ୍ଠା ମୁଖରିତ । ତେଣୁ ଉପରୋକ୍ତ ୩ଟି ସ୍ଥାନ ଉକ୍ତ ସତ୍ୟରୁ ବହିର୍ଭୂତ ହୋଇଥାଆନ୍ତା ବା କିପରି ?

ଏପରିକି ଅଗଷ୍ଟ ବିପ୍ଳବ ସୂତ୍ରପାତ ହେବା ପୂର୍ବରୁ ୧୯୪୨ ମସିହା ଜୁଲାଇ ୨୩ ଓ ୨୪ ତାରିଖ ଦିନ ଭଦ୍ରକ ସବଡ଼ିଭିଜନ ଅନ୍ତର୍ଭୁକ୍ତ ବିଭିନ୍ନ ଥାନାର କଂଗ୍ରେସ କର୍ମୀଙ୍କର ଏକ ଆଲୋଚନା ସଭା ସର୍ବଶ୍ରୀ ଜଗନ୍ନାଥ ଦାସ, ହରେକୃଷ୍ଣ ମହତାବ ଓ ନୀଳାମ୍ବର ଦାସଙ୍କ ଉପସ୍ଥିତିରେ ଆହ୍ୱାନ କରାଯାଇଥିଲା । ଉକ୍ତ ସଭାରେ ଦେଶର ପରିସ୍ଥିତି ତଥା କଂଗ୍ରେସ କାର୍ଯ୍ୟକାରୀ କମିଟିର ଓ୍ୟାର୍ଦ୍ଧା ପ୍ରସ୍ତାବକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ କଂଗ୍ରେସ କର୍ମୀଙ୍କର କର୍ତ୍ତବ୍ୟ ଓ ଆଚରଣ ବିଧି ନିର୍ଦ୍ଧାରଣ କରାଯାଇଥିଲା । (୧) ଏହା ଭଦ୍ରକ

---

(୧) ୧୯୪୨, ୨୯ ଜୁଲାଇର 'ସମାଜ'

Digitized by srujanika@gmail.com

ସବ୍‌ଡ଼ିଭିଜନର କଂଗ୍ରେସ କର୍ମୀଙ୍କର ନିଷ୍ଠାପରତାର ପ୍ରକୃଷ୍ଟ ପରିଚୟସୂଚକ। ସେ ଯାହା ହେଉ, ବିପ୍ଳବର ପ୍ରଥମ ସ୍ଫୁଲିଙ୍ଗ ଦେଖାଦେଇଥିଲା ଭଣ୍ଡାରୀ-ପୋଖରୀରେ ।

ଭଣ୍ଡାରୀପୋଖରୀରେ ବିପ୍ଳବର ପ୍ରଥମ ସ୍ଫୁଲିଙ୍ଗ—

ଭଦ୍ରକ ଓ କଟକକୁ ସଂଯୋଗ କରୁଥିବା ଜଗନ୍ନାଥ ସଡ଼କ ଉପରେ ଭଦ୍ରକଠାରୁ ୧୦ ମାଇଲ ଦୂରରେ ଭଣ୍ଡାରୀପୋଖରୀର ଅବସ୍ଥିତି । ଏହିଠାରେ ବିପ୍ଳବର ପ୍ରଥମ ସ୍ଫୁଲିଙ୍ଗ ଦେଖାଦେଇଥିଲା । ତା'ର ପୃଷ୍ଠଭୂମିରେ କେତୋଟି ଘଟଣା ନିହିତ ।

ଭଣ୍ଡାରୀପୋଖରୀ ଥିଲା ଗୋଟିଏ ପୋଲିସ ଥାନାର ସଦର ମହକୁମା । ଏହାଠାରୁ ଅନତିଦୂରରେ କୁମ୍ଭାରିଆଠାରେ ଏକ କଂଗ୍ରେସ ଅଫିସ ପ୍ରତିଷ୍ଠା କରାଯାଇଥିଲା । ଏହା ଥିଲା କଂଗ୍ରେସକର୍ମୀଙ୍କର ମୁଖ୍ୟ କର୍ମପୀଠ । କର୍ମୀମାନଙ୍କ ମଧ୍ୟରୁ ଉକ୍ତ ଅଞ୍ଚଳରେ ଜନୈକ ଯୁବକ ଗାନ୍ଧିଜୀଙ୍କ ଆଦର୍ଶରେ ବିଶେଷଭାବେ ଅନୁପ୍ରାଣିତ ହୋଇ ସକ୍ରିୟ ହୋଇଉଠିଥିଲେ । ସେହି ଉପାଯୁମାନ ଯୁବକ ଥିଲେ ବୈଷ୍ଣବଚରଣ ନାୟକ । ଗାନ୍ଧିଜୀଙ୍କର ଆଦର୍ଶକୁ ଗ୍ରାମେ ଗ୍ରାମେ ପ୍ରଚାର କରିବା ସଙ୍ଗେ ସଙ୍ଗେ ତାଙ୍କର ନିଷ୍ଠାପର ବ୍ୟକ୍ତିତ୍ୱ ଦ୍ୱାରା ସେ ଲୋକଙ୍କର ହୃଦୟତନ୍ତ୍ରୀରେ ନୂତନ ଉନ୍ମାଦନା ଓ ଜାଗରଣ ସୃଷ୍ଟି କରି ପାରିଥିଲେ । ଅଗଷ୍ଟମାସଟି ଲୋକଙ୍କପକ୍ଷେ ଘୋର ଅଭାବ ଓ ଅନାଟନର ସମୟ । ତେଣୁ ସେତେବେଳେ ସେମାନେ ବହୁକଷ୍ଟରେ କାଳାତିପାତ କରୁଥିଲେ । ଏହା ଦେଖି ବୈଷ୍ଣବଚରଣ ନାୟକ ଅନ୍ୟ କେତେଜଣ କର୍ମୀଙ୍କ ସହ ସେ ଅଞ୍ଚଳର ମହାଜନଙ୍କୁ ବୁଝାଇ କିଛି ଧାନ ଦେଇଥିବା ବିଷୟ ସମ୍ବାଦପତ୍ରରୁ ଜଣାଯାଏ (୨) ଇତିମଧ୍ୟରେ ବ୍ରିଟିଶ ସରକାର କୁମ୍ଭାରିଆ କଂଗ୍ରେସ ଅଫିସକୁ ଆପତ୍ତିଜନକ କାର୍ଯ୍ୟରେ ସମ୍ପୃକ୍ତ ଥିବାର ଆଳ ଦେଖାଇ ବେଆଇନ ବୋଲି ଘୋଷଣା କରିଥିଲେ । ଫଳରେ କଂଗ୍ରେସ କର୍ମୀମାନେ କ୍ଷୁବ୍ଧ ଓ ଉତ୍ତେଜିତ ହୋଇପଡ଼ିଥିଲେ । ଏହିପରି ଭାବେ ବିଭିନ୍ନ ଘଟଣାଗୁଡ଼ିକପାଇଁ ଭଣ୍ଡାରୀ-ପୋଖରୀରେ ଅଗଷ୍ଟ ବିପ୍ଳବ ଭୟାବହ ରୂପ ଧାରଣ କରିଥିଲା ।

---

(୨)୧୯୪୨, ୨୯ ଜୁଲାଇ 'ସମାଜ'

Digitized by srujanika@gmail.com

୧୯୪୨ ମସିହାର ଐତିହାସିକ ଅଗଷ୍ଟ ୧୭ ତାରଖ । ସେଦିନ ବୈଷ୍ଣବଚରଣ ନାୟକ, ମୁରଲୀଧର ଜେନା ଓ ମୁରଲୀଧର ପଣ୍ଡାଙ୍କ ନେତୃତ୍ୱରେ ୪,୦୦୦ରୁ ୫,୦୦୦ ପର୍ଯ୍ୟନ୍ତ ଲୋକ କରେସିମା ତେଲ ଓ ନିଆଁ ହୁଳା ଧରି ଭଣ୍ଡାରିପୋଖରୀଠାରେ ସମବେତ ହୋଇ ସେଠାରେ ଥିବା ପୋଲିସ ଥାନା କର୍ମଚାରୀଙ୍କ ବାସଗୃହ, ପୋଷ୍ଟଅଫିସ ଓ ଟ୍ରେଜେରୀ ପୋଡ଼ି ଦେଇଥିଲେ । ଦୂରରୁ ଉକ୍ତ ଅଞ୍ଚଳଟି ଖାଣ୍ଡବଦହନ ପରି ଦେଖାଯାଉଥିଲା । ଏଥି ସହିତ ସେମାନେ ଦୁଇଜଣ କନେଷ୍ଟବଲଙ୍କୁ ଘୋଷଣ ମାରି ଦୂରକୁ ଫିଙ୍ଗି ଦେଇଥିଲେ । ତାଙ୍କ ମଧ୍ୟରୁ ଜଣେ ମୂର୍ଚ୍ଛା ହୋଇଯାଇଥିବା ବିଷୟ ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା । ସେମାନେ ମଧ୍ୟ ଟେଲିଗ୍ରାଫ ଲାଇନଟି କାଟି ଦେଇଥିଲେ । ପୁନଶ୍ଚ ବାହାରୁ ଯେପରି କୌଣସି ପୋଲିସ ବା ଅନ୍ୟକର୍ମଚାରୀ ଆସିନପାରନ୍ତି ସେଥିପାଇଁ ସନ୍ଧ୍ୟାସମୟରେ ଜଗନ୍ନାଥ ସଡ଼କ ଉପରେ ଥିବା କାଠପୋଲଟି ସେମାନେ ଭାଙ୍ଗି ଦେଇଥିଲେ (୪) ଏହିସବୁ ଧ୍ୱଂସାତ୍ମକ କାର୍ଯ୍ୟକଳାପପାଇଁ ପୋଲିସ ଗୁଳିଗୁଳନା କରିଥିଲେ । ବହୁଲୋକ ମଧ୍ୟ ଆଘାତ ହୋଇଥିଲେ । ଉକ୍ତ ଖବର ପାଇ ଜିଲାମାଜିଷ୍ଟ୍ରେଟ ତୁରନ୍ତ ଉକ୍ତ ସ୍ଥାନରେ ବହୁକଷ୍ଟରେ ପୋଲିସ ଫୌଜସହ ପହଞ୍ଚିଥିଲେ । ମାତ୍ର ସେମାନେ ପହଞ୍ଚିବା ବେଳକୁ ଲୋକମାନେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ । ତଥାପି ପୋଲିସ ଫୌଜ ସେଠାରେ ନାନା ପ୍ରକାର ଅତ୍ୟାଚାର କରି ଏକପ୍ରକାର ଆତଙ୍କର ବାତାବରଣ ସୃଷ୍ଟି କରିଥିଲେ । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ରିପୋର୍ଟ ଉପରେ ଭିତ୍ତିକରି ପ୍ରାଦେଶିକ ସରକାର ଏକ ଇସ୍ତାହାର ଜାରିକରି ୧୨ଟି ଗ୍ରାମ ଉପରେ ୫୨୦୦୦ ସମୂହ ଜରିମାନା କରିଥିଲେ (୫) ଉକ୍ତ ଗ୍ରାମଗୁଡ଼ିକ ଥିଲା ଭଣ୍ଡାରିପୋଖରୀ, ଉତ୍ତରବର, ଦକ୍ଷିଣବର, ଚନ୍ଦ୍ରଭାନୁପୁର, ପୀରପୁର, କହଳ ପୋଖରୀ, ଭୂଜେନ୍ଦ୍ରପୁର, ନାଗୁଆଁ, ଛାଟୁଲି, ପାଲଟ ଓ ତୋରାଟ । (୬) ମାତ୍ର ଏହି ଦମନମୂଳକ ପଦକ୍ଷେପ ବିପ୍ଳବର ବହ୍ନିଶିଖାକୁ

(୩) ୧୯୪୨, ୧୨ ଅକ୍ଟୋବର, ସମାଜ

(୪) ସୁରେନ୍ଦ୍ରନାଥ ଦ୍ୱିବେଦୀ—ଅଗଷ୍ଟ ବିପ୍ଳବ ପୃଷ୍ଠା ୧୪୭

(୫) ୧୯୪୨, ସେପ୍ଟେମ୍ବର 'ସମାଜ' ଓ ୧୯୪୨, ସେପ୍ଟେମ୍ବର ୧୩ର ଅମୃତ ବଜାର ପତ୍ରିକା

(୬) ୧୯୪୨ ଅଗଷ୍ଟ ୨୮ର 'ସମାଜ'

Digitized by srujanika@gmail.com

ପ୍ରଶମିତ କରିବା ଦୂରରେ ଥାଉ, ବରଂ ଏହା ଘୃତାହୁତିର କାର୍ଯ୍ୟ କରି ତାହାକୁ ଅଧିକ ପ୍ରଜ୍ଜ୍ୱଳିତ କରିଥିଲା । ତା'ର ପରିପ୍ରକାଶ ହୋଇଥିଲା ଧାମନଗର ଥାନାରେ ।

ଧାମନଗର ଥାନା ଲୁଣିଆଠାରେ ଅଗଷ୍ଟ ବିପ୍ଳବ :—

ଭଦ୍ରକଠାରୁ ୧୦ ମାଇଲ ଦୂରରେ ଧାମନଗରର ଅବସ୍ଥିତି । ସେଠାରେ ପ୍ରତିଷ୍ଠିତ କଂଗ୍ରେସ ଅଫିସ ଥିଲା କର୍ମୀମାନଙ୍କର ଲୀଳାଭୂମି । ବାସ୍ତବପକ୍ଷେ ସେଠାରେ ଭାରତଛାଡ଼ ଆନ୍ଦୋଳନ ସମୟରେ ଦେଖାଯାଇଥିବା ଜନ ଜାଗରଣ ଥିଲା ଅଭୂତପୂର୍ବ । ଅବଶ୍ୟ ଏଥିପାଇଁ ନେତାମାନଙ୍କର ଅବଦାନ ବିଶେଷରୂପେ ଦାୟୀ ହୋଇଥିଲେ ମଧ୍ୟ ଅନ୍ୟଏକ ଘଟଣା ଜନଜାଗରଣକୁ ଅଧିକ କ୍ରିୟାଶୀଳ କରାଇଥିଲା । ତାହା ଥିଲା ମୀରାବେନଙ୍କର ଉକ୍ତ ସ୍ଥାନ ପରିଦର୍ଶନ ।

ଗାନ୍ଧିଜୀଙ୍କ ନିର୍ଦ୍ଦେଶକ୍ରମେ ୧୯୪୨ ମସିହା ଜୁଲାଇ ମାସରେ ମୀରା-ବେନ ଓଡ଼ିଶା ଆସି ହରେକୃଷ୍ଣ ମହାତାବ ଓ ମହମ୍ମଦ ହନିଫଙ୍କ ସହ ଧାମ-ନଗରଠାରୁ ଅନତିଦୂରରେ ଅବସ୍ଥିତ କଣ୍ଠାପାଳ ଗ୍ରାମର ଲବ୍ଧପ୍ରତିଷ୍ଠକର୍ମୀ ଜଗନ୍ନାଥ ଦାସଙ୍କ ଘରେ ଅବସ୍ଥାନ କରିଥିଲେ । ତା'ପରଦିନ ଧାମନଗର ନିକଟବର୍ତ୍ତୀ ଆଖଣ୍ଡଳମଣି ଯାଇ ସେଠାରେ ତିନିଦିନ ବିତାଇଥିଲେ । ସେଠାରୁ ଫେରି ମହତାବ ବାବୁଙ୍କ ସହ ଆଲୋଚନା କରିଥିଲେ । ଅବଶ୍ୟ ଆଲୋଚନାର ବିଷୟବସ୍ତୁ ଗୋପନ ରଖାଯାଇଥିଲେ ମଧ୍ୟ ସ୍ୱାଧୀନତା ସଂଗ୍ରାମର ଭବିଷ୍ୟତ କାର୍ଯ୍ୟପନ୍ଥା ଯେ ଏଥିରେ ସ୍ଥାନ ପାଇଥିଲା, ସେଥିରେ ସନ୍ଦେହ ନାହିଁ । ସେ ଯିବାପରେ ଘଟଣା ଗୁଡ଼ିକ କ୍ଷିପ୍ରଗତିରେ ଗଡ଼ି ଚାଲିଲା । ସେହି ସମୟରେ ଧାମନଗରସ୍ଥିତ କଂଗ୍ରେସ ଅଫିସ ବ୍ରିଟିଶ କର୍ମଚାରୀ ଖାନତଲାସ କରି ସମସ୍ତ କାଗଜ, ବହିପତ୍ର ଓ ନଗଦ ଟ ୧୦ ନେଇ ଘରେ ତାଲପକାଇ ଜବତମୁଦ କରିଦେଇଥିବାର ଜଣାଯାଏ । (୭) ଇତିମଧ୍ୟରେ ଅଗଷ୍ଟ ୧୩ ତାରିଖ ଦିନ ଶ୍ରୀମତୀ ମାଳତୀ ଚୌଧୁରୀ ରେମୁଣାର ଶରତଚନ୍ଦ୍ର ମହାରଣାଙ୍କ ହାତରେ ଭାରତଛାଡ଼ ବିପ୍ଳବର କର୍ମପନ୍ଥା ଜଗନ୍ନାଥ ଦାସଙ୍କଠାକୁ କର୍ମୀମାନଙ୍କର ଗୋଚରାର୍ଥେ ପଠାଇଥିଲେ । ସେଥିରେ ପୋଲ ଓ

---

(୭) ୧୯୪୨, ଅଗଷ୍ଟ ୧୪ର 'ସମାଜ'

Digitized by srujanika@gmail.com

ରେଲଲାଇନ ଭାଂଗିବା ସଙ୍ଗେ ସଙ୍ଗେ ଥାନାପୋଡ଼ ଓ ଟ୍ରେଜେରୀ ଲୁଟ୍ ଆଦି କାର୍ଯ୍ୟକ୍ରମ ଗ୍ରହଣ କରି ସରକାରୀ କଳକୁ ଅଚଳ କରିଦେବା ପାଇଁ ନିର୍ଦ୍ଦେଶ ରହିଥିଲା । ଏହା ଜଗନ୍ନାଥ ଦାସ ସେଠାରେ ଉପସ୍ଥିତ କର୍ମୀମାନଙ୍କୁ ପଢ଼ାଇ ଶୁଣାଇବାପରେ ଧାମନଗରରେ କଂଗ୍ରେସ ସାଂଗଠନିକ ଦାୟିତ୍ୱରେ ଥିବା ବୈଷ୍ଣବଚରଣ ନାୟକଙ୍କୁ ଏହାର ଦାୟିତ୍ୱ ଦେଇଥିଲେ । ତା'ର ୭ ଦିନ ପରେ ଅଗଷ୍ଟ ୨୦ ତାରିଖ ଦିନ ବିଭିନ୍ନ ଅଞ୍ଚଳରେ କର୍ମୀମାନଙ୍କୁ ନେଇ କଣ୍ଡାପାଳୀରେ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକରେ ମୁରଲୀଧର ଜେନା, ବୈଷ୍ଣବଚରଣ ନାୟକ, ଲୁଣିଆର ମୁରଲୀଧର ପଣ୍ଡା, କାଶିନ୍ଦୀପୁରର ନବକିଶୋର ନାୟକ, ଧୁଷୁରୀର ଯୁଧିଷ୍ଠିର ନାୟକ, ଧାମନଗରର ସୂର୍ଯ୍ୟମଣି ତ୍ରିପାଠୀ, ମିଶରପୁରର ପୂର୍ଣ୍ଣାନନ୍ଦ ନାୟକ ଓ ଇରମର ଅନିରୁଦ୍ଧ ମହାନ୍ତି ଓ ପ୍ରଭାକର ତ୍ରିପାଠୀ ପ୍ରମୁଖ ୪୦ ଜଣ କର୍ମୀ ଉପସ୍ଥିତ ରହିଥିଲେ । ଗିରଫ ନ ହୋଇ ଲୁଚିଛପି ଆନ୍ଦୋଳନ ଚାଲୁରଖିବା ପାଇଁ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଉକ୍ତ ଖବର ପାଇ ଅଗଷ୍ଟ ୨୧ତାରିଖ ଦିନ ପୋଲିସ ଜଗନ୍ନାଥ ଦାସ ଓ ତାଙ୍କ ଭାଇ ଦ୍ୱାରକାନାଥ ଦାସଙ୍କୁ ରାତି ୧୨ଟା ସମୟରେ ଗିରଫ କରି ତହିଁପରଦିନ ସକାଳରେ ଧାମନଗର ଥାନାକୁ ନେଇ ଆସିଥିଲେ । ସେହିଦିନ ଉକ୍ତ ଖବର ପ୍ରଚାରିତ ହେବାପରେ ପ୍ରାୟ ୨୦୦୦ ଲୋକ ଥାନା ସମ୍ମୁଖରେ ତାଙ୍କ ପ୍ରିୟ ନେତାଦ୍ୱୟଙ୍କର ଖଲାସ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।(୮)

ସେହି ଅଗଷ୍ଟ ତା ୨୧ ରିଖ ଦିନ ଧାମନଗରଠାରେ କଂଗ୍ରେସ କର୍ମୀମାନେ ଅନ୍ୟ ଏକ ବୈଠକରେ ମିଳିତ ହୋଇଥିଲେ । ଧାମନଗର, ଭଣ୍ଡାରୀପୋଖରୀ, ଭଦ୍ରକ, ବାସୁଦେବପୁର ଓ ଚାନ୍ଦବାଲି ଆଦି ଅଞ୍ଚଳରେ କେଉଁ କେଉଁମାନେ ଆନ୍ଦୋଳନର ଦାୟିତ୍ୱରେ ରହିବେ ତାହା ବୈଠକରେ ସ୍ଥିର କରାଯାଇଥିଲା । ବାସୁଦେବପୁର ଅଞ୍ଚଳରେ କାର୍ଯ୍ୟ କରିବା ପାଇଁ ଅନିରୁଦ୍ଧ ମହାନ୍ତି ଓ ପ୍ରଭାକର ତ୍ରିପାଠୀ ନିଜେ ଆଗ୍ରହ ପ୍ରକାଶ କରିବାରୁ ତାଙ୍କୁ ଉକ୍ତ ଦାୟିତ୍ୱ ଦିଆଯାଇଥିଲା । ଭଣ୍ଡାରୀ ପୋଖରୀ ସମେତ ଧାମନଗର ଅଞ୍ଚଳ ଦାୟିତ୍ୱରେ ରହିଥିଲେ ମୁରଲୀଧର ଜେନା, ମୁରଲୀଧର ପଣ୍ଡା ଓ ବୈଷ୍ଣବ ଚରଣ ନାୟକ ।

(୮) ଅନିରୁଦ୍ଧ ମହାନ୍ତିଙ୍କ ଡାଏରୀରୁ ପ୍ରାପ୍ତ

Digitized by srujanika@gmail.com

ଇତିମଧ୍ୟରେ ଆନ୍ଦୋଳନ କ୍ରମେ ବନାଗ୍ନି ସଦୃଶ ବ୍ୟାପିବାକୁ ଲାଗିଲା । ଭଣ୍ଡାରୀପୋଖରୀ ଓ ଧାମନଗର ଥାନା ଅଞ୍ଚଳରେ ଥିବା ନେତାମାନେ ଭଣ୍ଡାରୀପୋଖରୀ, ଧୁସୁରୀ ଓ ଲୁଣିଆ ଆଦି ସ୍ଥାନରେ ଆନ୍ଦୋଳନର ଘାଟୀଗୁଡ଼ିକ ସ୍ଥାପନ କରି ଚାଲିଲେ । ସେପ୍ଟେମ୍ବର ୧୩ତାରିଖ ଦିନ ଆନ୍ଦୋଳନକାରୀମାନେ ଏକ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିଥିଲେ । ସେଦିନ ଜିଲ୍ଲା ପୋଲିସ ସାହେବ ଜି. ଆର୍. ଜି ଫକ୍ସଙ୍କ ସହିତ ଯାଇଥିବା ଏକ ସଶସ୍ତ୍ର ପୋଲିସ ଫୌଜଙ୍କୁ ଧୁସୁରୀଠାରେ ଉତ୍ତେଜିତ ଜନତା ଅଟକ କରି ରଖିଥିଲେ । ତା'ର ନେତୃତ୍ୱ ନେଇଥିଲେ ମୁରଲୀଧର ଜେନା । ଶେଷରେ ପୋଲିସ ଫୌଜ ସେମାନଙ୍କଠାରେ ପ୍ରାଣଭିକ୍ଷାକରି ସେଠାରୁ ଫେରିଯାଇଥିଲେ । ସେହିଦିନ ମଧ୍ୟ ଧୁସୁରୀଠାରେ ଜନତା ଚୌକିଦାରଙ୍କ ପୋଷାକ ପୋଡ଼ି ଦେଇଥିଲେ । ୮

ଉକ୍ତ ଘଟଣା ସଂଘଟିତ ହେବାପରେ ପରେ ମୁରଲୀଧର ଜେନାଙ୍କ ନେତୃତ୍ୱରେ ଭଦ୍ରକ କଚେରୀ ସେପ୍ଟେମ୍ବର ୨୫ତାରିଖ ଦିନ ଦଖଲ କରିବାର ଏକ ସୁପରିକଳ୍ପିତ ଯୋଜନା ପ୍ରସ୍ତୁତ କରାଯାଇଥିଲା । ମାତ୍ର ଉକ୍ତ ବିଷୟ ଗୋଇନ୍ଦା ପୋଲିସ ଜାଣିପାରି ସେପ୍ଟେମ୍ବର ୨୧ତାରିଖ ଦିନ ମୁରଲୀଧର ଜେନାଙ୍କୁ ରାସ୍ତାରୁ ଗିରଫ କରି ନେଇଥିଲେ । ମାତ୍ର ସେପ୍ଟେମ୍ବର ୨୯ତାରିଖ ଦିନ ପ୍ରକାଶିତ ଓଡ଼ିଶା ସରକାରଙ୍କର ଇସ୍ତାହାରରେ କୁହାଯାଇଛି ଯେ ସରକାରୀ କର୍ମଚାରୀ ଓ ସ୍ଥାନୀୟ ଜମିଦାରଙ୍କ ବିରୁଦ୍ଧରେ ହିଂସାତ୍ମକ ଓ ବେଆଇନ କାର୍ଯ୍ୟ କରିଥିବାରୁ ତାଙ୍କୁ ଗିରଫ କରାଯାଇଥିଲା । ତାଙ୍କୁ ଗିରଫ କରିବା ସତ୍ତ୍ୱେ ୯ଜଣ ଆନ୍ଦୋଳନକାରୀ ଏସ୍.ଡି.ଓ ଅଫିସ ମଧ୍ୟରେ ପଶି ରେକର୍ଡ଼ ପତ୍ର ଚିରି ପକାଇଥିଲେ । (୯) ଇତିମଧ୍ୟରେ ପୋଲିସମାନଙ୍କର ଆଖି ପଡ଼ିଲା ଆନ୍ଦୋଳନର ଅନ୍ୟତମ ଭୃଙ୍ଗନେତା ମୁରଲୀଧର ପଣ୍ଡାଙ୍କ ଉପରେ । ସେମାନଙ୍କ ନିକଟରେ ଖବର ପହଞ୍ଚିଲା ଯେ ତାଙ୍କ ନେତୃତ୍ୱରେ କେତେଜଣ ମହାଜନମାନଙ୍କ ପାଖରୁ ଧାନ ଲୁଟ କରିବା ସଙ୍ଗେ ସଙ୍ଗେ ଚୌକିଦାର ପୋଷାକ ପୋଡ଼ି ପକାଉଛନ୍ତି । ଉକ୍ତ ଖବର ପାଇ ମୁରଲୀଧର

---

(୮) ବାବାଜୀଚରଣ ନାୟକଙ୍କ ଦ୍ୱାରା ବୈଷ୍ଣବଚରଣ ନାୟକଙ୍କ ଡାଏରୀରୁ ସଂଗୃହୀତ

(୯) ୧୯୪୨, ୧୨ ଅକ୍ଟୋବର 'ସମାଜ'

Digitized by srujanika@gmail.com

ପଣ୍ଡାଙ୍କୁ ଗିରଫ କରିବାପାଇଁ ଜଣେ ପୋଲିସ ସବ୍ ଇନ୍ସପେକ୍ଟର, ୨ଜଣ ହାବିଲଦାର, ୧୨ଜଣ ସଶସ୍ତ୍ର କନେଷ୍ଟବଲ ଓ ୧୨ଜଣ ସିପାହୀଙ୍କୁ ସଙ୍ଗରେ ଧରି ୨୨ ତାରିଖ ସକାଳେ ତାଙ୍କ ବାସଭବନକୁ ଘେରାଉ କରିଥିଲେ । ଉକ୍ତ ଚମକପ୍ରଦ ଖବର ଶଙ୍ଖଧ୍ୱନି ଦ୍ୱାରା ବିଭିନ୍ନ ଗ୍ରାମକୁ ଜଣାଇ ଦିଆଯାଇଥିଲା । ସେତେବେଳେ ଗୋଟିଏ ଗ୍ରାମରୁ ଅନ୍ୟଗ୍ରାମକୁ ଖବର ପଠାଇବା ପାଇଁ ଶଙ୍ଖଧ୍ୱନିର ଆଶ୍ରୟ ନିଆଯାଉଥିଲା । ଗୋଟିଏ ଗ୍ରାମରୁ ଶଙ୍ଖଧ୍ୱନି ଶୁଣି ପାର୍ଶ୍ୱ-ବର୍ତ୍ତୀ ଗ୍ରାମର ଲୋକେ ଶଙ୍ଖ ବଜାଉଥିଲେ । ଏହିପରି ଭାବେ ଦ୍ରୁତଗତିରେ ଖବର ପ୍ରସାର ଲାଭ କରିପାରୁଥିଲା ।

ଇତିମଧ୍ୟରେ ମୁରଲୀଧର ପଣ୍ଡାଙ୍କ ଘର ପୋଲିସଦ୍ୱାରା ଘେରାଉ ହୋଇଥିବା ଖବର ବିଜୁଳି ବେଗରେ ପ୍ରସାରିତ ହୋଇଥିଲା । ଫଳରେ ସେଦିନ ସକାଳ ୧୦ଟା ବେଳକୁ ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ପ୍ରାୟ ୪,୦୦୦ରୁ ୫,୦୦୦ ଲୋକ ଖଣ୍ଡିଏ ଖଣ୍ଡିଏ ଲାଠି ହାତରେ ଧରି 'ଭାରତମାତାକି ଜୟ' 'ମହାତ୍ମା ଗାନ୍ଧିକି ଜୟ' ଧ୍ୱନିରେ ଆକାଶ ପ୍ରକମ୍ପିତ କରି ତାଙ୍କଘରର ଚତୁଃ-ପାର୍ଶ୍ୱରେ ରୁଣ୍ଡ ହୋଇଯାଇଥିଲେ । ସେମାନଙ୍କ ମଧ୍ୟରେ ଇରମର ପ୍ରଭାକର ତ୍ରିପାଠୀ ଅନ୍ୟତମ ନେତାରୂପେ କାର୍ଯ୍ୟ କରିଥିବାର ଜଣାଯାଏ । ଜନସମୁଦ୍ର ଓ ସେମାନଙ୍କର ଶୌର୍ଯ୍ୟ ଓ ବୀର ବିକ୍ରମ ଦେଖି ପୋଲିସ ଫୌଜ ଭୀତତ୍ରସ୍ତ ହୋଇପଡ଼ିଥିଲେ । ପରେ ପରେ ସେମାନଙ୍କଠାରୁ ଜନତା ଟୋପି ଓ ବନ୍ଧୁକ ଛଡ଼ାଇନେଇ ସେମାନଙ୍କୁ ନିରସ୍ତ୍ର କରିଦେଇଥିଲେ । ଫଳରେ ସେମାନଙ୍କର ଭୟ ଅଧିକ ବଢ଼ିଯାଇଥିଲା । ବିକ୍ଷୋଭକାରୀ ଜନତା ଚାହିଁଥିଲେ ନିରସ୍ତ୍ର ପୋଲିସ ଫୌଜଙ୍କ ପ୍ରାଣ ଅନାୟାସରେ ନେଇଯାଇ ପାରିଥାଆନ୍ତେ । ମାତ୍ର ସମ୍ଭବତଃ ହିଂସାର ଆଶ୍ରୟନେବା ଗାନ୍ଧୀଜୀଙ୍କ ପରିକଳ୍ପନାର ବିରୋଧୀ ବୋଲି ସେମାନେ ତାହା କରିବାକୁ ଚାହିଁ ନଥିଲେ । କେବଳମାତ୍ର ପୋଲିସ ଫୌଜଙ୍କୁ ସେଠାରୁ ତଡ଼ିନେଇ ଲୁଣିଆ ଗ୍ରାମଠାରୁ ପ୍ରାୟ ଅର୍ଦ୍ଧମାଇଲ ଦୂରରେ ଅବସ୍ଥିତ ପଥରଡିହ ଗୁନ୍ଦିଆ ପଣି ପଡ଼ିଆରେ ଘୁଡ଼ ଦେଇଥିଲେ । ସେଠାରେ ପହଞ୍ଚିବା ପରେ ନିରସ୍ତ୍ର ପୋଲିସ ଫୌଜ ଆନ୍ଦୋଳନକାରୀଙ୍କର ଗୋଡ଼ହାତ ଧରି କ୍ଷମାମାଗି ମୁରଲୀଧର ପଣ୍ଡାଙ୍କୁ କେବେହେଲେ ଗିରଫ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ସରଳ ବିଶ୍ୱାସରେ ପୋଲିସ ଫୌଜଙ୍କୁ ତାଙ୍କର ଟୋପି ଓ ବନ୍ଧୁକ ଫେରାଇ ଦେଇଥିଲେ ।

Digitized by srujanika@gmail.com

ବନ୍ଧୁକ ଫେରାଇବା ପରେ ପରେ ଆରମ୍ଭ ହେଲା ପୋଲିସ ଫୌଜଙ୍କର ଚରମ ବିଶ୍ୱାସ ଘାତକତାର ନଗ୍ନରୂପ । ଭାରତରେ ମୁଖ୍ୟତ ବିଶ୍ୱାସ ଘାତକତାର ଆଶ୍ରୟ ନେଇ ଯେଉଁବେଳେ ଇଂରେଜମାନେ ସାମ୍ରାଜ୍ୟ ସ୍ଥାପନ କରିଥିଲେ, ତାଙ୍କର କର୍ମଚାରୀଙ୍କଠାରୁ ଅନ୍ୟ କଣ ବା ଆଶାକରାଯାଇ ପାରିଥାଆନ୍ତା ? ତେଣୁ ବିଶ୍ୱାସ ଘାତକତା କରି ପୋଲିସ ଫୌଜ ବନ୍ଧୁକ ଫେରି ପାଇବା ମାତ୍ରେ ଉପସ୍ଥିତ ନିରସ୍ତ୍ର ଜନତା ଉପରେ ୩୫ଟି ଗୁଳି ଚଳାଇ ଥିଲେ । ଅବଶ୍ୟ ଏହା କରିବା ପୂର୍ବରୁ ସେମାନେ ଜନତାଙ୍କୁ ସତର୍କ କରାଇ ଦେଇଥିଲେ । ମାତ୍ର ଉତ୍ତ୍ୟକ୍ତ ଜନତା ହଟିନଯାଇ ବିଶ୍ୱାସ ଘାତକଙ୍କୁ ମାରି ଆଦି ରଣ ହୁଙ୍କାର କରି ପୋଲିସ ଆଡକୁ ମାଡ଼ି ଯାଇଥିଲେ । ଫଳରେ ୯ଜଣ ପୋଲିସ ଗୁଳିରେ ଶିକାର ହୋଇ ୫ଜଣ ସେହିଠାରେ ଓ ୪ଜଣ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ । ସେମାନଙ୍କ ବ୍ୟତୀତ ୫ଜଣ ମଧ୍ୟ ଆହତ ହୋଇଥିବାର ଜଣାଯାଏ । (୧୦) ସେମାନଙ୍କର ନାମ ପରିଶିଷ୍ଟ ୧ରେ ଦିଆଯାଇଛି, ମାତ୍ର ଇଂରେଜ ସରକାର ନିଜର ଦୋଷ ଘୋଡ଼ାଇବା ପାଇଁ ସେପ୍ଟେମ୍ବର ୨୯ତାରିଖ ଦିନ ଏକ ଇସ୍ତାହାର ପ୍ରକାଶ କରି କହିଥିଲେ ଯେ ପୋଲିସ ସବ୍ଇନ୍ସପେକ୍ଟର ଓ କେତେଜଣ କନେଷ୍ଟବଳ ଆହତ ହେବାରୁ ପୋଲିସ ଆତ୍ମରକ୍ଷା ନିମନ୍ତେ ଗୁଳିଚଳାଇଥିଲେ । (୧୧) ପରେ ପରେ ଆରମ୍ଭ ହୋଇଥିଲା ବ୍ୟାପକ ଧରପଗଡ଼ । ତା'ପର ଦିନ ମୁରଲୀଧର ପଣ୍ଡାଙ୍କୁ ଭଦ୍ରକଠାରେ ଓ ବୈଷ୍ଣବଚରଣ ନାୟକଙ୍କୁ କହିରା ପୋଖରୀ ଠାରେ ଗିରଫ କରାଯାଇଥିଲା ।

ଏହିପରି ଭାବେ ନୃଶଂସତା ଓ ବର୍ବରତାର ଆଶ୍ରୟ ନେଇ ସେପ୍ଟେମ୍ବର ତା ୨୨ରିଖଦିନ ଲୁଣିଆଠାରେ ପୋଲିସ ଯେପରି ନିରସ୍ତ୍ର ଜନତା ଉପରେ ଗୁଳିଚାଳନା କରି ବିଶ୍ୱାସ ଘାତକତାର ଚରମ ନିଦର୍ଶନ ଦେଖାଇଥିଲେ, ତା'ର ଦୃଷ୍ଟାନ୍ତ ଇତିହାସରେ ବିରଳ । ଅପରପକ୍ଷେ ପୋଲିସ ଗୁଳିଚାଳନା କରିଥିବାର ସତର୍କତାକୁ ଭ୍ରୂକ୍ଷେପକରି ବୀର ବିକ୍ରମ ସହ

---

(୧୦) ହରେକୃଷ୍ଣ ମହତାବଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ଇତିହାସ (ଇଂରାଜୀ) ଦ୍ୱିତୀୟ ଭାଗ ପୃଷ୍ଠା ୪୧୬ ଓ ୧୯୪୨, ୧୨ ଅକ୍ଟୋବର 'ସମାଜ'

(୧୧) ୧୯୪୨, ୧୨ ଅକ୍ଟୋବର 'ସମାଜ'

Digitized by srujanika@gmail.com

ତାଙ୍କଆଡ଼କୁ ଆଗେଇ ଯାଇଥିବା ସମୟରେ ଶହୀଦ ହୋଇଥିବାର ଦୃଷ୍ଟାନ୍ତ ସେହିପରି ବିରଳ । ଏହା ଉକ୍ତ ଘଟଣାଟିର ମହତ୍ତ୍ୱ ପ୍ରତିପାଦିତ କରିଥାଏ । ବାସ୍ତବ ପକ୍ଷେ ସେହିମାନଙ୍କର ପ୍ରାଣବଳୀ ଯୋଗୁହିଁ ସ୍ୱାଧୀନତାର ନନ୍ଦଘୋଷ ଆଜି ଜାତୀୟତାର ସିଂହଦ୍ୱାରରେ ଲାଗିଛି । ସେଥିପାଇଁ ସେମାନେ ଅମରତ୍ୱ ପ୍ରାପ୍ତ ହୋଇଛନ୍ତି, ପୁନଶ୍ଚ ବୃନ୍ଦଆପଣି ପଡ଼ିଆକୁ 'ଶହୀଦନଗର' ନାମରେ ନାମିତ କରାଇ ଉଦ୍ୟୋକ୍ତାମାନେ ଏହାର ଯଥାର୍ଥତା ପ୍ରତିପାଦନ କରାଇବା ସଙ୍ଗେ ସଙ୍ଗେ ସ୍ଥାନଟିକୁ ଭାରତରେ ଏକ ରକ୍ତ ତୀର୍ଥର ସମ୍ମାନ ଦେଇଛନ୍ତି । ସେଥିପାଇଁ ସେମାନେ ଅଭିନନ୍ଦନୀୟ ।

ଉକ୍ତ ଘଟଣା ସଂଗଠିତ ହେବାର ଠିକ୍ ୬ ଦିନପରେ ଅନୁରୂପ ଘଟଣାର ଅନ୍ୟ ଏକ ରୋମାଞ୍ଚକର ନାଟକ ମଞ୍ଚସ୍ଥ ହୋଇଥିଲା ଇରମଠାରେ ।

Digitized by srujanika@gmail.com

ତୃତୀୟ ଅଧ୍ୟାୟ

ଇରମ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ସୂଚନା

ଇରମର ନାମକରଣ ସମ୍ପର୍କରେ ସଠିକ ରୂପେ କିଛି କହି ନ ହେଲେ ମଧ୍ୟ ଏହା ସଂସ୍କୃତ ଶବ୍ଦ 'ଇରମଦ'ର ଅପଭ୍ରଂଶ ବୋଲି ଚିନ୍ତା କରାଯାଇପାରେ । 'ଇର'ର ଅର୍ଥ ଜଳ ଓ 'ମଦ'ର ଅର୍ଥ ଖେଳିବା । ଅର୍ଥାତ୍ ଯେ ଜଳରେ ଖେଳେ । (୧) ଚତୁଃପାର୍ଶ୍ୱରେ ସାଗର ଓ ନଦୀର ବିଶାଳ ଜଳଭଣ୍ଡାରର ମଧ୍ୟଭାଗରେ ଅବସ୍ଥିତ ଇରମ ଗ୍ରାମଟି ଦୂରରୁ ଜଳର ତେଉରେ ଖେଳିବାପରି ଦେଖାଯାଇ ଥିବାରୁ ଅତୀତରେ ସମ୍ଭବତଃ କେହି ବିଦ୍ୱାନ୍ ବ୍ୟକ୍ତି ଏହାକୁ 'ଇରମଦ' ବୋଲି ନାମ ଦେଇ ପରେ ଏହା ଇରମ ନାମରେ କଥିତ ହୋଇଛି । ଅବଶ୍ୟ ଏହା ମୋ'ର ଅନୁମାନର କଥା ।

ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭଦ୍ରକ ସବ୍‌ଡିଭିଜନର ବାସୁଦେବ-ପୁର ଥାନାରେ ଇରମ ହେଉଛି ଏକ ସୁପ୍ରତିଷ୍ଠିତ ଗ୍ରାମ । ଉକ୍ତ ସବ୍-ଡିଭିଜନର ସଦର ମହକୁମା ସହିତ ବାସୁଦେବପୁର ଦେଇ ଇରମ ଦୁଇଟି ରାଜପଥ ଦ୍ୱାରା ସଂଯୋଜିତ । ତନ୍ମଧ୍ୟରୁ ଗୋଟିଏ ଇଚ୍ଛାପୁର ଦେଇ ଓ ଅନ୍ୟଟି ଜାମ୍‌ଝାଡ଼ି ଦେଇ । ଭଦ୍ରକଠାରୁ ଇଚ୍ଛାପୁର ରାସ୍ତା ଦେଇ ଇରମର ଦୂରତ୍ୱ ୨୮ କିଲୋମିଟର ହୋଇଥିବା ସ୍ଥଳେ ଜାମଝାଡ଼ି ଦେଇ ଏହି ଦୂରତ୍ୱ ୩୨ କିଲୋମିଟର । ମାତ୍ର ବାସୁଦେବପୁର ଥାନାର ସଦର ମହକୁମାଠାରୁ ସଡ଼କ ପଥରେ ଏହାର ଦୂରତ୍ୱ ୯ କିଲୋମିଟର ଓ ଜଳପଥରେ ପ୍ରାୟ ୭ କିଲୋମିଟର । ସଡ଼କପଥ ଦୁଇଟି ପୂର୍ବରୁ କଚା ହୋଇଥିଲେ ମଧ୍ୟ ଏବେ ଏହା ପକ୍‌କା ରାସ୍ତାରେ ରୂପାନ୍ତରିତ ହୋଇଛି । ବାସୁଦେବପୁରଠାରୁ ସଡ଼କ ପଥରେ ଆସିଲେ ଚୂଡ଼ାମଣି ନାମଧେୟ ଏକ ଗ୍ରାମର ଶେଷ ଭାଗରେ ଗମେଇ ନଦୀଟିକୁ ଗୋଟିଏ ଘାଟଠାରେ ଅତିକ୍ରମ କରିବାକୁ ପଡ଼େ । ଉକ୍ତ ଘାଟ-ଠାରେ ଶାଶୁଭୁଆସୁଣୀ ଠାକୁରାଣୀ ବିରାଜମାନ କରିଥିବାରୁ ଏହା

---

(୧) ପୂର୍ଣ୍ଣଚନ୍ଦ୍ର ଭାଷାକୋଷ,ପ୍ରଥମ ଖଣ୍ଡ ପୃଷ୍ଠା ୮୭୪.

Digitized by srujanika@gmail.com

ଶାଶୁଭୁଆସୁଣୀ ଘାଟ ନାମରେ କଥିତ । ଗମେଇ ନଦୀଟି ଜୁଆରପୁଷ୍ଟ । ଜୁଆର ସମୟରେ ନଦୀର ବକ୍ଷ ଫୁଲଉଠେ । ଜୁଆର ଘୁଞ୍ଚିଗଲେ ଏହା ଶୀର୍ଣ୍ଣକାୟ ଅବସ୍ଥାରେ ପଡ଼ିରହେ । ବହୁଦିନଧରି ଉକ୍ତ ନଦୀକୁ ଡଙ୍ଗାରେ ପାରହେବାକୁ ପଡୁଥିଲା । ଏହି ୨ । ୩ ବର୍ଷ ହେବ ପକ୍କା ପୋଲଟିଏ ନିର୍ମିତ ହୋଇଛି । ଗମେଇ ନଦୀଠାରୁ ଅଡୁଆଁ ନାମକ ଏକ ଗ୍ରାମ ଅତିକ୍ରମ କଲେ ଇରମ ଗାଁ ପଡ଼ିଥାଏ । ଇରମ ଗାଁ ନଦୀଠାରୁ ପ୍ରାୟ ୩ କିଲୋମିଟର ଦୂର । ମାତ୍ର ଉକ୍ତ ନଦୀଠାରୁ ଇରମ ପର୍ଯ୍ୟନ୍ତ ପୂର୍ବରୁ ରାସ୍ତାଟିଏ ନଥିଲା । ବାଲିଗୋହିରୀରେ ଲୋକମାନେ ଯାତାୟାତ କରୁଥିଲେ । ୧୯୫୫ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ଡାଭେ କଲେକ୍ଟର ଥିବା ସମୟରେ ତାଙ୍କ ଆନୁକୂଲ୍ୟରେ ଗମେଇଠାରୁ ଇରମ ଦେଇ କାଂଶବାଂଶ ନଦୀର ବାଲିଛନ୍ଦାଘାଟ ପର୍ଯ୍ୟନ୍ତ ରାସ୍ତାଟିଏ ନିର୍ମିତ ହୋଇଛି । ଏହା ତାଙ୍କ ନାମାନୁସାରେ ଡାଭେ ରୋଡ଼ ବୋଲି କଥିତ ।

ଇରମ ଗ୍ରାମଟି ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଦିଗରେ କେତୋଟି ଗ୍ରାମ ଦ୍ୱାରା ପରିବେଷ୍ଟିତ । ପୂର୍ବଦିଗରେ ବଙ୍ଗୋପସାଗର । ଅତୀତରେ ଉକ୍ତ ସମୁଦ୍ର ଇରମ ଗାଁକୁ ସଂଲଗ୍ନ ହୋଇ ରହିଥିଲା । ମାତ୍ର ଏବେ ସମୁଦ୍ର ପ୍ରାୟ ୨ କିଲୋମିଟର ଦୂରକୁ ଘୁଞ୍ଚିଯାଇଛି । ଅତୀତରେ ସମୁଦ୍ର ଓ ଇରମ ଗ୍ରାମ ମଧ୍ୟରେ ଅବସ୍ଥିତ ଅଞ୍ଚଳଟି ଘନ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ବଣ ଓ ହେନ୍ତାଳ ଆଦି ବୃକ୍ଷରେ ପରିପୂର୍ଣ୍ଣ ଏହି ଦିଗନ୍ତବିସ୍ତାରୀ ଜଙ୍ଗଲର ଶୋଭା ଥିଲା ନୟନାଭିରାମ ଓ ଅନୁପମ । ମାତ୍ର ଏହି କେତେବର୍ଷ ପୂର୍ବେ ମିଦନାପୁର ଅଞ୍ଚଳରୁ ବହୁ ଲୋକ ଆସି ଜଙ୍ଗଲ କାଟି ତାହାକୁ କୃଷିଜମିରେ ପରିଣତ କରାଇଛନ୍ତି । ଉକ୍ତ ଅଞ୍ଚଳ 'ଇରମ ଆଡ଼ଆ' ନାମରେ କଥିତ ।

ଇରମର ପୂର୍ବ ସୀମାରେ ଥିଲା କୋଷ୍ଟ କେନାଲ । ଏହାର ଖନନ କାର୍ଯ୍ୟ ୧୮୬୭ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିଲା । (୨) ଏହା ବାଲେଶ୍ୱର ଜିଲ୍ଲାରେ ପ୍ରଥମ କେନାଲ । ଅତୀତରେ ଏହା ଇରମ ପାଇଁ ଏକାଧାରରେ ବହୁ ବିପଦ ଓ ଐଶ୍ୱର୍ଯ୍ୟ ଆଣିଥିଲା । ୧୯୩୦ ମସିହାର ଡାଲିଜିଏଲ ସାହେବଙ୍କର ବନ୍ଦୋବସ୍ତ ରିପୋର୍ଟରୁ ଜଣାଯାଏ ଯେ ଇରମ

ମାଡ଼କ୍ସ ସାହେବଙ୍କର ବନ୍ଦୋବସ୍ତ ରିପୋର୍ଟ ପ୍ରଥମ ଖଣ୍ଡ ପୃଷ୍ଠା ୨୧

Digitized by srujanika@gmail.com

ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଯଦି ବର୍ଷାଋତୁରେ ଗମେଇ ଓ କାଂଶବାଂଶ ନଦୀର ଉପ୍ଲାବିତ ବନ୍ୟାର ଶିକାର ହୋଇଥିଲା, ତାହା ଏହି କୋଷ୍ଟକେନାଲ ଓ ମହାଗିରିଠାରୁ ଧାମରା ପର୍ଯ୍ୟନ୍ତ ବିସ୍ତୃତ ଲୁଣା ବନ୍ଧ ପାଇଁ। (୩) ଅପର ପକ୍ଷରେ ଅତୀତରେ ଉକ୍ତ କେନାଲରେ ଡଙ୍ଗା ଯାତାୟାତ କରିବା ଫଳରେ ଇରମର ଶ୍ରୀବୃଦ୍ଧି ସାଧନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଇରମର ଅନ୍ୟ ଚାରୋଟି ଦିଗରେ ଅବସ୍ଥିତ ଗ୍ରାମଗୁଡ଼ିକ ହେଲା, ଉତ୍ତରରେ ପତ୍ରୁଆଁ, ଉତ୍ତର-ପଶ୍ଚିମ ଦିଗରେ ବଛଦା ଓ ଶଙ୍ଖାରୁ, ପଶ୍ଚିମରେ ଗୁଡ଼, ସୁଆଁ ଓ ସୁଦର୍ଶନପୁର ଏବଂ ଦକ୍ଷିଣରେ ଅଡ଼ୁଆଁ ଓ ନନ୍ଦପୁର। ଉକ୍ତ ଗ୍ରାମଗୁଡ଼ିକ ବ୍ୟତୀତ ଉତ୍ତରରେ କାଂଶବାଂଶ ନଦୀଠାରୁ ଦକ୍ଷିଣରେ ଗମେଇ ନଦୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ତ୍ରିକୋଣଭୂମି ଅଞ୍ଚଳଟି ଛୋଟ ଛୋଟ ୧୭ଟି ଗ୍ରାମ ଦ୍ୱାରା ମୁଖରିତ। ଉକ୍ତ ଗ୍ରାମଗୁଡ଼ିକ ପରସ୍ପର ସହିତ ଏପରିଭାବେ ସଂଲଗ୍ନ ହୋଇଥିଲା ଯେ ଅତୀତରେ ପ୍ରତ୍ୟେକ ଗ୍ରାମର ସୀମା ଜାଣିବା କଷ୍ଟକର ହେଉଥିଲା। ତାହା ଗୁଳିକାଣ୍ଡ ପରେ ଇଂରେଜ ସରକାରଙ୍କ ଦ୍ୱାରା ବସା ଯାଇଥିବା ଅନୁସନ୍ଧାନ କମିଟି ରିପୋର୍ଟରୁ ପ୍ରତୀୟମାନ। ତାହା ପାଠକଙ୍କର ଅବଗତି ନିମନ୍ତେ ପରିଶିଷ୍ଟରେ ଦିଆଯାଇଛି। ପୁନଶ୍ଚ ଇରମ ଗ୍ରାମ ମଧ୍ୟରେ ଉତ୍ତରରୁ ଦକ୍ଷିଣକୁ ପ୍ରସାରିତ ହୋଇ ପୂର୍ବରୁ ବର୍ଣ୍ଣିତ ଭାବେ ରାସ୍ତାଟି ଗ୍ରାମଗୁଡ଼ିକୁ ପରସ୍ପର ସହିତ ସଂଲଗ୍ନ କରିବାରେ ସହାୟକ ହୋଇଛି।

ଇରମ ସମେତ ଅନ୍ୟାନ୍ୟ ଗ୍ରାମଗୁଡ଼ିକ ଘନଜନବସତିରେ ମୁଖରିତ। ୧୯୩୧ ମସିହାର ଜନଗଣନାରୁ ଜଣାଯାଏ ଯେ, ପ୍ରତ୍ୟେକ ବର୍ଗ ମାଇଲରେ ୪୧୦ ଜଣ ଲୋକ ବସବାସ କରୁଥିଲେ। ଉକ୍ତ ଘନ ଜନବସତି ମୂଳରେ ଏ ଅଞ୍ଚଳର ଉର୍ବର ମୃତ୍ତିକାହିଁ ମୁଖ୍ୟତଃ ଦାୟୀ। ନଦୀଦ୍ୱୟର ତ୍ରିକୋଣଭୂମି ଅଞ୍ଚଳର ଉର୍ବର ମୃତ୍ତିକା ପାଇଁ ଏଠାକାର ଅଧିବାସୀମାନେ ଶାରଦ ଧାନ ଚାଷ କରି ପ୍ରଚୁର ଫସଲ ଆମଦାନି କରୁଥିଲେ। ୧୯୩୦ ସାଲର ବନ୍ଦୋବସ୍ତ ରିପୋର୍ଟରୁ ଜଣାଯାଏ ଯେ ଶତକଡ଼ା ୯୮.୨ ଭାଗ

---

(୩) ଡାଲଜିଏଲ ସାହେବଙ୍କର ବନ୍ଦୋବସ୍ତ ରିପୋର୍ଟ-୧୯୨୨-୧୯୩୨-ପୃଷ୍ଠା ୧୨-୧୩.

Digitized by srujanika@gmail.com

ଚାଷଜମିରେ ଧାନ ଚାଷହିଁ କରାଯାଇଥିଲା । (୪) ଏତଦ୍‌ବ୍ୟତୀତ ସମୁଦ୍ରରୁ ମାଛ ମାରିବା ଥିଲା ଏଠାକାର ଅଧିବାସୀମାନଙ୍କର ଅନ୍ୟ ଏକ ଜୀବିକା । ସମୁଦ୍ର ଜଳକୁ ଜଙ୍ଗଲରେ ଅନାୟାସରେ ମିଳୁଥିବା ବଣୀକାଠରେ ଫୁଟାଇ କେତେକ ଲୋକ ମଧ୍ୟ ଲୁଣମାରି ଜୀବିକା ଅର୍ଜନ କରିଥିବାର ଜଣାଯାଏ । ଏସବୁ ସତ୍ତ୍ୱେ ସାଧାରଣ ଲୋକଙ୍କର ଯେ ଅଭାବ, ଅନାଟନ ନଥିଲା ତା ନୁହେଁ । ବନ୍ୟା ଉକ୍ତ ଅଞ୍ଚଳର ଚିର ସହଚର ହୋଇଥିବାରୁ ବହୁ ସମୟରେ ଫସଲ ହାନି ଘଟୁଥିଲା ।

ଇରମ ଥିଲା ବହୁବିଧ ଜାତିଙ୍କର ବାସସ୍ଥଳୀ । ମାତ୍ର ସମାଜରେ ବ୍ରାହ୍ମଣମାନେ ଥିଲେ ଅପେକ୍ଷାକୃତ ପ୍ରଭାବଶାଳୀ, ଧନୀ ଓ ଶିକ୍ଷିତ । ସେମାନଙ୍କ ଅନୁପାତରେ କରଣଙ୍କର ସଂଖ୍ୟା ସ୍ୱଳ୍ପ ହୋଇଥିଲେ ମଧ୍ୟ ସେମାନେ ଉଚ୍ଚଶିକ୍ଷା ଲାଭକରିବାର ସୁଯୋଗ ପାଇ ସମୃଦ୍ଧ ଜୀବନ ଯାପନ କରୁଥିଲେ । ଘନ ବନାନୀ ଓ ଚାରଣ ଭୂମିର ପ୍ରାଚୁର୍ଯ୍ୟ ପାଇଁ ବହୁସଂଖ୍ୟକ ଗୋପାଳ ଜାତି ଗୋମହିଷାଦି ପଶୁପାଳନ କରି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ବାହାରକୁ ରପ୍ତାନିକରି ଜୀବିକାର୍ଜନ କରୁଥିଲେ । ବହୁସଂଖ୍ୟକ ସୁନାରି ବଣିଆ ମଧ୍ୟ ସେହି ସମୟରେ ବାସ କରିଥିବାର ଜଣାଯାଏ । ସମାଜର ସର୍ବନିମ୍ନରେ ଥିଲେ କେଉଟ ବା ମତ୍ସ୍ୟଜୀବୀ । ସେମାନଙ୍କର ସଂଖ୍ୟା ଥିଲା ଅନ୍ୟମାନଙ୍କ ଅନୁପାତରେ ଅଧିକ । ସେମାନେ ନିଜର ଜୀବନ-ନୌକାକୁ ବାହିନେବା ପାଇଁ ସମୁଦ୍ର ଓ ନଦୀରୁ ମାଛଧରି ଜୀବିକାର୍ଜନ କରୁଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ ମଧ୍ୟବିତ୍ତଶାଳୀ ଥିବାର ଜଣାଯାଏ । ସମାଜର ସର୍ବୋଚ୍ଚ ଶିଖରରେ ଥିଲେ ଇରମର ଜମିଦାର ବଂଶ । ତନ୍ମଧ୍ୟରୁ ରାଧାକାନ୍ତ ପାଢ଼ୀ ଓ ତାଙ୍କର କନିଷ୍ଠଭ୍ରାତା ମୁକ୍ତକାନ୍ତ ପାଢ଼ୀ ଥିଲେ ଅଧିକ ପ୍ରଭାବଶାଳୀ । ତାଙ୍କର ଜମିଦାରୀ ବାସୁଦେବପୁର ଥାନା ସମେତ ବାଲେଶ୍ୱର ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଥିଲା । ତାଙ୍କ ସମ୍ପର୍କରେ ୧୯୩୦ ମସିହାର ବନ୍ଦୋବସ୍ତ ରିପୋର୍ଟରେ ଡାଲଜିଏଲ ସାହେବ ଲେଖିଛନ୍ତି : "ବାସୁଦେବପୁର ଥାନାର ଇରମରେ କିଛି ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏକମାତ୍ର ବ୍ରାହ୍ମଣ ଜମିଦାର ଥିଲେ ବାବୁ ରାଧାକାନ୍ତ ପାଢ଼ୀ" (୫) । ରାଧାନାଥ ପାଢ଼ୀ,

(୪) ଡାଲଜିଏଲଙ୍କର ବନ୍ଦୋବସ୍ତ ରିପୋର୍ଟ—୧୯୨୨-୧୯୩୨ ପୃଷ୍ଠା ୯୨

(୫) ଡାଲଜିଏଲ ସାହେବଙ୍କର ବନ୍ଦୋବସ୍ତ ରିପୋର୍ଟ – ପୃଷ୍ଠା-୯୩

Digitized by srujanika@gmail.com

ବ୍ରଜକିଶୋର ପାଢ଼ୀ (କମ୍ଲୁବାବୁ), ନାରାୟଣ ମାନଧାତା, ରଘୁରାମ ଶ୍ରୀଚନ୍ଦନ ମହାପାତ୍ର, ଉପେନ୍ଦ୍ରନାଥ ମହାପାତ୍ର, ଶ୍ୟାମାନନ୍ଦ ମହାପାତ୍ର ଓ ସୀତାକାନ୍ତ ଚୌଧୁରୀ ଥିଲେ ସେ ସମୟରେ ଅନ୍ୟ କେତେକଜଣ ଜମିଦାର ।

ଅନ୍ୟାନ୍ୟ ଗ୍ରାମ ଅପେକ୍ଷା ଇରମ ଥିଲା ବହୁ ଐଶ୍ୱର୍ଯ୍ୟରେ ବିମଣ୍ଡିତା । ଲୋକମାନଙ୍କର ଆର୍ଥିକ ଅବସ୍ଥା ଅପେକ୍ଷାକୃତ ଅଧିକ ସ୍ୱଚ୍ଛଳ ହୋଇଥିବାରୁ ଓ ଐଶ୍ୱର୍ଯ୍ୟଶାଳୀ ଜମିଦାରମାନଙ୍କର ପ୍ରଚେଷ୍ଟାରୁ ଏଠାରେ ସେ ସମୟରେ ଶିକ୍ଷାନୁଷ୍ଠାନ, ପୋଷ୍ଟ ଅଫିସ ଓ ହାଟ ପ୍ରତିଷ୍ଠିତ ହୋଇ ପାରିଥିଲା । ଇରମରେ ୧୮୯୮ ଖ୍ରୀଷ୍ଟାବ୍ଦରେ ପ୍ରଥମ ମଧ୍ୟଇଂରାଜୀ ବିଦ୍ୟାଳୟ; ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସଂସ୍କୃତ ଟୋଲ ପ୍ରତିଷ୍ଠିତ ହୋଇ ଥିବାର ଜଣାଯାଏ । ପୋଲିସ ଗୁଳିକାଣ୍ଡରେ ଥାଇ ମଧ୍ୟ ଅଡ଼ୁଆଁ ନିବାସୀ କମଳଲୋଚନ ଦାଶ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବା ଦିଗରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବର୍ତ୍ତମାନର ଶହୀଦ ସ୍ମୃତି ଉଚ୍ଚଇଂରାଜୀ ବିଦ୍ୟାଳୟର ସେ ଥିଲେ ପ୍ରଥମ ସମ୍ପାଦକ । ଇରମରେ ମଧ୍ୟ ଦେବଦେବୀ, ମଠ ଓ ମନ୍ଦିରର ସଂଖ୍ୟା କମ ନଥିଲା । ତନ୍ମଧ୍ୟରୁ ବଜ୍ର-ମହାକାଳୀ ମନ୍ଦିର, ରାଧାମାଧବ ମନ୍ଦିର, ଦଧିବାମନ ମନ୍ଦିର ଓ ହଟ୍ଟକେଶ୍ୱର ମନ୍ଦିର ପ୍ରଧାନ । ପାଢ଼ୀ ପରିବାରଙ୍କ ଆନୁକୂଲ୍ୟରେ ରାଧାମୋହନ ମଠ ପ୍ରତିଷ୍ଠିତ ହୋଇଥିଲା । ଜମିଦାରବର୍ଗଙ୍କ ଆନୁକୂଲ୍ୟରେ ମଧ୍ୟ ତାଙ୍କ ଉଆସରେ ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା, ସରସ୍ୱତୀ ପୂଜା, କାଳୀପୂଜା ଆଦି ପର୍ବପର୍ବାଣୀ ମହାସମାରୋହରେ ପାଳନ କରାଯାଇ ଗ୍ରାମଟି ଉତ୍ସବ ମୁଖରିତ ହୋଇଉଠି ଥିଲା । ଦୋଳଯାତ୍ରା ଥିଲା ଇରମର ଏକ ପ୍ରଧାନ ପର୍ବ । ଦୋଳଯାତ୍ରା ଉପଲକ୍ଷେ ରାଧାକୃଷ୍ଣଙ୍କର ମୂର୍ତ୍ତିସହ ଅନ୍ୟାନ୍ୟ ଗ୍ରାମରୁ ସୁସଜ୍ଜିତ ବିମାନଗୁଡ଼ିକ ଗ୍ରାମମୁଣ୍ଡରେ ଥିବା ଏକ ବିସ୍ତୀର୍ଣ୍ଣ ପଡ଼ିଆରେ ମିଳିତ ହେଉଥିଲେ । ସେଥିପାଇଁ ଉକ୍ତ ପଡ଼ିଆଟି ମେଳନ ପଡ଼ିଆ ନାମରେ ଖ୍ୟାତ । ସମ୍ପ୍ରତି ଉକ୍ତ ପଡ଼ିଆ ସଙ୍କୁଚିତ ହୋଇଯାଇଥିଲେ ମଧ୍ୟ ପୂର୍ବରୁ ଏହାର ଆୟତନ ଥିଲା ଏକ ଏକର ୬୧ ଡିସିମିଲ । ୯୯୧ ବାରପୁର ମୌଜାରେ ୩୭୪ ଖାତାର ୪ଟି ପ୍ଲଟ ଥାଇ ଉକ୍ତ ପଡ଼ିଆଟି ଥିଲା ଏକ ଅନାବାଦି ଜମି । ତନ୍ମଧ୍ୟରୁ ୧୧୨୪ ପ୍ଲଟଟିରେ ଏକ ଏକର, ୧୧୨୫ ପ୍ଲଟରେ ୧୨ ଡିସିମିଲ ୧୧୨୬ ପ୍ଲଟରେ ୨୪ ଡିସିମିଲ ଓ ୧୧୨୭ ପ୍ଲଟରେ ୨୫ ଡିସିମିଲ ।

Digitized by srujanika@gmail.com

ମାତ୍ର ଉକ୍ତ ପଡ଼ଆଟି ପାଢ଼ୀ ବଂଶ ଜମିଦାରଙ୍କ ଅଧୀନରେ ନଥିଲା । ଏହାର ଜମିଦାର ଥିଲେ ମନ୍ମଥନାଥ ଦେ । (୬) ପଡ଼ଆଟି ତିନି-ପାର୍ଶ୍ୱରେ ଏକ ପ୍ରକାର ରୁଦ୍ଧ ହୋଇ ତା ମଧ୍ୟକୁ ଯିବାପାଇଁ ଏକ ପାର୍ଶ୍ୱରେ ରାସ୍ତା ଗୋଟିଏ ରହିଥିଲା । ଉତ୍ତର-ପୂର୍ବ ଦିଗରେ ବଜ୍ରମହାକାଳୀ ଗ୍ରାମଦେବତୀଙ୍କର ୬୦ ଡେସିମିଲର ଏକ ଖାଲୁଆ ଧାନ ଗାଡ଼ିଆ, ପଶ୍ଚିମରେ ଭଗିରଥି ପଣ୍ଡାଙ୍କର ପ୍ରଶସ୍ତ ବାସଗୃହ, ପୂର୍ବରେ ସୁବିସ୍ତୀର୍ଣ୍ଣ ନଅଣପୋଖରୀ ଓ ଦକ୍ଷିଣରେ ରାସ୍ତା । ଅବଶ୍ୟ ଭଗିରଥି ପଣ୍ଡାଙ୍କ ଘର ଓ ଧାନଗଡ଼ିଆ ମଧ୍ୟରେ ୨୦ ଫୁଟ ଓସାରର ଏକ ସଂକୀର୍ଣ୍ଣ ରାସ୍ତା ରହିଥିଲା । ଉକ୍ତ ପଡ଼ିଆଠାରୁ ଏକ ଫର୍ଲଙ୍ଗ୍ ଦୂରରେ ପାଢ଼ୀ ଜମିଦାରଙ୍କର ଉଆସ ।

ଏହାଥିଲା ଇରମର ଅବସ୍ଥିତି, ପ୍ରାକୃତିକ ପରିବେଶ ଓ ଅଧିବାସୀମାନଙ୍କର ସାମାଜିକ ଓ ଆର୍ଥନୀତିକ ଅବସ୍ଥା ।

●

---

(୬) ବାସୁଦେବପୁର ତହସିଲଦାର ସୁକୁମାର ଦାସଗୁପ୍ତଙ୍କ ଆନୁକମ୍ପାରେ ପ୍ରାପ୍ତ ।

Digitized by srujanika@gmail.com

ଚତୁର୍ଥ ଅଧ୍ୟାୟ

ଇରମରେ ଜନଜାଗରଣର ଗହନ କଥା

୧୯୪୨ ମସିହାର ଅଗଷ୍ଟ ବିପ୍ଳବର ପ୍ରତିଧ୍ୱନି ଭଦ୍ରକ ସବ୍‌ଡ଼ିଭିଜନ ବିଶେଷତଃ ବାସୁଦେବପୁର ଥାନାରେ ସର୍ବତ୍ର ଅନୁଭୂତ ହୋଇଥିଲେ ମଧ୍ୟ ଇରମ ଅଞ୍ଚଳରେ ଏହା ଏକ ଭୟାବହ ରୂପ ଧାରଣ କରି ଶେଷରେ ଏକ ଅଭୂତପୂର୍ବ ଓ ଅଶ୍ରୁତପୂର୍ବ ଗୁଳିକାଣ୍ଡର ସୂତ୍ରପାତ ହୋଇଥିଲା । ସେଥିପାଇଁ ଇରମର ତତ୍କାଳୀନ ପରିବେଶହିଁ ମୁଖ୍ୟତଃ ଦାୟୀ । ଉକ୍ତ ପରିବେଶ ସୃଷ୍ଟିକରିବା ଦିଗରେ କେତୋଟି ଉପାଦାନ କାର୍ଯ୍ୟ କରିଥିଲା । ତାହାର ଗହନ କଥା ଇତିହାସରେ ଏକ ରହସ୍ୟ ବିଜଡ଼ିତ ଅଧ୍ୟାୟ । ତାହା ନିମ୍ନରେ ପ୍ରଦତ୍ତ ହେଲା ।

ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କର ଅବଦାନ :

ଇରମରେ ନାହିଁନଥିବା ଜନଜାଗରଣ ସୃଷ୍ଟି କରିବା ଦିଗରେ କବି ବାଞ୍ଛାନିଧି ମହାନ୍ତିଙ୍କର ଅବଦାନ ଉଲ୍ଲେଖଯୋଗ୍ୟ ।

ସାଧାରଣତଃ ଏକ ସନ୍ଧିକ୍ଷଣରେ ଜଣେ ଜଣେ ବ୍ୟକ୍ତିର ପ୍ରଭାବ ଗୋଟିଏ ଅଞ୍ଚଳ ଓ ତା'ର ଅଧିବାସୀଙ୍କୁ ହିଁ ପ୍ରଭାବିତ କରିଥାଏ । ଇରମ ଉକ୍ତ ସତ୍ୟରୁ ବହିର୍ଭୂତ ନଥିଲା । ବିଧିପ୍ରେରିତ ହେବାପରି ଓଡ଼ିଶାବାସୀଙ୍କର ଘୋର ଦୁର୍ଦ୍ଦିନରେ ଇରମ ଆକାଶରେ ଶୁକତାରାରୂପେ ପ୍ରତିଭାତ ହୁଅନ୍ତି କବି ବାଞ୍ଛାନିଧି ମହାନ୍ତି । ତାଙ୍କର ଲେଖନୀ ସାହାଯ୍ୟରେ ସେ ଇରମ ସମେତ ସାରା ଓଡ଼ିଶାରେ ଜାତୀୟତାର ତରଙ୍ଗକୁ ଉଦବେଳିତ କରିପାରିଥିଲେ ।

୧୮୯୭ ମସିହା ଏପ୍ରିଲ ମାସ ତା ୨୦ ରିଖ ଦିନ ପିତା ଚିନ୍ତାମଣି ମହାନ୍ତି ଓ ମାତା କୁନ୍ଦଦେବୀଙ୍କ କୋଳରେ ବାଞ୍ଛାନିଧିଙ୍କ ଜନ୍ମ । କିଶୋର ଅବସ୍ଥାରୁ ଇରମବାସୀଙ୍କର ଦୁଃଖଦୁର୍ଦ୍ଦଶା ଓ ଦୁଃଖିନୀ ମାତୃଭୂମିର ଅବସ୍ଥା ତାଙ୍କୁ ବ୍ୟଥିତ କରିଥିଲା । ଏଥି ସହିତ ଭାରତମାତା ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହୋଇଥିବାର ଦେଖି ସେ ବିଚଳିତ ହୋଇପଡ଼ିଥିଲେ ।

Digitized by srujanika@gmail.com

ତାଙ୍କର ବି. ଏ. ବି.ଏଲ ଶିକ୍ଷାଲାଭ ଦେଶ ବିଦେଶର ଖବର ରଖିବା ଦିଗରେ ସହାୟକ ହୋଇଥିଲା । ସେ ଓକିଲାତି ପଢ଼ିଥିଲେ, ଓକିଲ ହୋଇ ଅର୍ଥ ଉପାର୍ଜନ କରିବା ପାଇଁ ନୁହେଁ; ମାତ୍ର ସମାଜରେ ନିଷ୍ପେଷିତ ଓ ଅବହେଳିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ । ଥରେ ତାଙ୍କୁ ଅନିରୁଦ୍ଧ ମହାନ୍ତି ପଚାରିଥିଲେ "ଓକିଲାତିରେ ଯୋଗଦେଇ ଆପଣ କଣ କରିବେ ?" ତାର ଉତ୍ତରରେ ସେ କହିଥିଲେ, "ମୋର ଏକମାତ୍ର ଲକ୍ଷ୍ୟ ହେବ, ମୁଦେଇ ଓ ମୁଦାଲାଙ୍କୁ ଡାକି ଆପୋଷ ମିଳାମିଶା କରିବା, ଯେପରିକି କାହାର କିଛି କ୍ଷତି ନ ହୁଏ ।" ଉକ୍ତ ଉତ୍ତର ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ପ୍ରତି ସେ କେତେ ପରିମାଣରେ ଦୟାର୍ଦ୍ର ଥିଲେ, ତାହାର ପରିଚୟ ଦେଇଥାଏ ।

ବାଞ୍ଛାନିଧି ମହାନ୍ତି ବିଶେଷଭାବେ ମହାତ୍ମାଗାନ୍ଧୀ ଓ ସୁବାସଚନ୍ଦ୍ର ବୋଷଙ୍କର ଆଦର୍ଶ ଓ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ । ସୁବାସ ଚନ୍ଦ୍ର ଥରେ କହିଥିଲେ,"ସ୍ୱାଧୀନ ଭାରତରେ ଜଣେ ଝାଡ଼ୁଦାର ହେବା ଶ୍ରେୟସ୍କର, ମାତ୍ର ପରାଧୀନ ଭାରତରେ ଜଣେ ଉଚ୍ଚ କର୍ମଚାରୀ ହେବା ଦୁର୍ଭାଗ୍ୟଜନକ" । ସେ ଆଇ. ସି. ଏସ୍. ପରି ସମ୍ମାନଜନକ ଚାକିରି ପ୍ରତ୍ୟାଖ୍ୟାନ କରି ତାଙ୍କ ଉକ୍ତିକୁ ନିଜ ଜୀବନରେ ପ୍ରକଟିତ କରାଇଥିଲେ । ବାଞ୍ଛାନିଧି ସେହିପରିଭାବେ ଏହି ଆଦର୍ଶକୁ ଗ୍ରହଣକରି ନିଜ ଜୀବନରେ ପ୍ରତିଫଳିତ କରାଇଥିଲେ । ପୁରୀ ଜିଲ୍ଲାର ଡେଲାଙ୍ଗଠାରେ କଂଗ୍ରେସର ଏକ ସଂକ୍ଷିପ୍ତ ଅଧିବେଶନ ବସିଥିବାବେଳେ ବାଞ୍ଛାନିଧିବାବୁ ସେଠାରେ ଯୋଗଦେଇ ଗାନ୍ଧିଜୀଙ୍କ ସମ୍ପର୍କରେ ଆସିବା ସଙ୍ଗେ ସଙ୍ଗେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ସେଠାରୁ ଫେରି ସେ ଇରମ ଅଞ୍ଚଳରେ ବାନରସେନା ନାମକ ଏକ ଆନ୍ଦୋଳନକାରୀ ଅନୁଷ୍ଠାନ ଗଠନ କରିଥିଲେ । ସେମାନଙ୍କ ବ୍ୟତୀତ ଗୋପବନ୍ଧୁଦାସ, ହରେକୃଷ୍ଣ ମହତାବ ଓ ଅନ୍ୟ କେତେଜଣ ବିଶିଷ୍ଟ ଜାତୀୟବାଦୀ ନେତାଙ୍କ ସମ୍ପର୍କରେ ଆସି ବାଞ୍ଛାନିଧିବାବୁ ମହାନ୍ ଜାତୀୟତାର ସ୍ରୋତକୁ ଲମ୍ଫ ପ୍ରଦାନ କରିଥିବାର ଜଣାଯାଏ । ଏହିପରିଭାବରେ ବିଭିନ୍ନ ଆଦର୍ଶ ଓ ଚିନ୍ତାଧାରାଦ୍ୱାରା ଅନୁପ୍ରାଣିତ ହୋଇ ସେ ଲେଖନୀ ଚାଳନାକରିଥିଲେ । ବହୁ ଉଚ୍ଚକୋଟୀର ଜାତୀୟବାଦୀ କବିତାର ସେ ହେଲେ ରଚୟିତା । ଏହି ଜାତୀୟବାଦୀ କବିତା ଗୁଡ଼ିକ ଓଡ଼ିଆ ସାହିତ୍ୟର ଦିଗ୍‌ବଳୟକୁ ନୂତନତାର ବର୍ଣ୍ଣବୈଚିତ୍ର୍ୟରେ ଯେ ମଂଜୁଳ କରିଛି, ଏଥିରେ ସନ୍ଦେହ ନାହିଁ । ତାଙ୍କର

Digitized by srujanika@gmail.com

କବିତା ଗୁଡ଼ିକରେ ଜାତୀୟତା ତଥା ସ୍ୱାଧୀନତା ପ୍ରତି ପ୍ରୀତିର ଉଚ୍ଛ୍ୱାସ ସୂଚାଇବା ପାଇଁ ନିମ୍ନରେ କେତୋଟି ପଂକ୍ତି ଉଦ୍ଧାର କରାଗଲା । ଏଗୁଡ଼ିକ ବାଞ୍ଛାନିଧି ପଦ୍ୟାବଳୀରୁ ସଂଗୃହୀତ । ସେ ଲେଖିଛନ୍ତି—

ଛାଡ଼ିଦିଅ ଭାଇ ସବୁ ବାବୁଗିରି,
ଛାଡ଼ିଆସ ଏବେ ଗୋଲାମ ଚାକିରି
ମୋଟା ଭାତ ଖାଅ, ମୋଟା ଲୁଗା ପିନ୍ଧ ଏକା ଈଶ୍ୱର ଶରଣ,
"ସ୍ୱଜାତି ବନ୍ଧୁନେ ନାହିଁ ପ୍ରତିକାର ଆଶା
ସ୍ୱଜାତି ବନ୍ଧୁନେ ନ ଘୁଞ୍ଚିବ ଦୁଃଖ ଦଶା" ।
"ଯାର ମତ କହିବାକୁ ନାହିଁ ରୁଚି
ସେ କେଉଁ ଜାତିର ହେବ ଗଣା"
"ବିଦେଶୀ ବସନେ ମଜି
ସ୍ୱଦେଶୀ ବସନ ତେଜି
ପରପୋଷୀ ହେଲୁ ସର୍ବନାଶୀ

ସ୍ୱାଧୀନତା ପ୍ରାପ୍ତିର ଆଶାବାଦୀ ହୋଇ ସେ ମଧ୍ୟ ଲେଖିଥିଲେ—

"ଉତ୍କଳର ସୁତ ହୁଅ ହେ ଜାଗ୍ରତ
ଜନନୀର ଋଣ ହୁଅ ହେ ମୁକତ
କରମ କରିବ ମୁକତି ପାଇବ
ସ୍ୱାଧୀନତା ଧ୍ୱଜା ଉଡ଼ିବ ନିଶ୍ଚୟ ।"

କେବଳ ସେତିକି ନୁହେଁ । ସେ ନିଜେ ମଇତାପୁର ଗ୍ରାମରେ ଏକ ଯାତ୍ରାଦଳ ଗଠନ କରି ଅଭିନୀତ ନାଟକର ମଧ୍ୟେ ମଧ୍ୟେ ସ୍ୱରଚିତ କବିତା ଗୁଡିକର କେତେକାଂଶ ଗାନ ପୂର୍ବକ ଓ ଶ୍ରୋତାମାନଙ୍କ ହୃଦୟରେ ଜାତୀୟତାର ଉତ୍ସ ସୃଷ୍ଟି କରାଇ ପାରୁଥିଲେ । ହାସ୍ୟରସ ପରିବେଷଣର ଫାଙ୍କେ ଫାଙ୍କେ ବାଞ୍ଛାନିଧି ବାବୁ ମୁକ୍ତକଣ୍ଠରେ ସ୍ୱରଚିତ ଜାତୀୟ ସଙ୍ଗୀତ ବୋଲି କିପରି ଶ୍ରୋତା ଓ ଦର୍ଶକ ମାନଙ୍କୁ ସ୍ତମ୍ଭୀଭୂତ କରାଉଥିଲେ ତାହା ପ୍ରତ୍ୟକ୍ଷଦର୍ଶୀ ସୁଧାଂଶୁ ଶେଖର ରାୟଙ୍କଠାରୁ ଜାଣିବାକୁ ମିଳେ । ବିଶେଷତଃ ନାଟକର ଆରମ୍ଭ ପୂର୍ବରୁ ୪।୬ ଜଣ ପିଲାଙ୍କ ମୁଖରେ ମାତୃଭୂମିର ବନ୍ଦନା ବୋଲାଇ ସେ ଏକ ଗୁରୁଗମ୍ଭୀର ପରିବେଶ ସୃଷ୍ଟି କରୁଥିଲେ । ଉକ୍ତ ଦେଶବନ୍ଦନାର ଏକ ପଂକ୍ତି ନିମ୍ନରେ ଉଦ୍ଧାର କରାଗଲା ।

Digitized by srujanika@gmail.com

"ଧନଜନ ଯୁକ୍ତା ଭାରତମାତା
ନମୋ ନମୋ ଜନନୀ ଶ୍ରୀଚରଣେ ।

ସନ୍ତାନ ବନ୍ଦେ ପ୍ରେମାନନ୍ଦେ ଯା ଚିତ୍ତ କରୁଣା ମା ଶରଣେ ।"

ଉକ୍ତ କବିତା ଗୁଡ଼ିକର ପ୍ରଭାବ କେତେ ପରିମାଣରେ ଶ୍ରୋତାଙ୍କ ହୃଦୟରେ ଉଦ୍ଦୀପନା ସୃଷ୍ଟି କରିଥିଲା ତା'ର ଅନୁଭବୀ । ମୁଁ ଜଣେ ପ୍ରତ୍ୟକ୍ଷ ସ୍ୱଳ୍ପ ବୟସର ପିଲାଟିଏ ହୋଇଥିଲେ ମଧ୍ୟ ଯାହାରେ ବୋଲାଯାଉଥିବା ଉକ୍ତ ସଙ୍ଗୀତଗୁଡ଼ିକ ଶୁଣି ମୋ'ର ହୃଦୟତନ୍ତ୍ରୀରେ ଏକପ୍ରକାର ଶିହରଣ ସୃଷ୍ଟି ହୋଇଥିବା ବିଷୟ ଏବେ ମଧ୍ୟ ମୋ'ର ସ୍ମୃତିପଟରେ ରହିଛି । ସେ ଦୃଷ୍ଟିରୁ ବୟସ୍କ ଲୋକଙ୍କ ହୃଦୟକୁ ତାହା ଯେ କେତେ ପରିମାଣରେ ପ୍ରଭାବିତ କରିପାରିଥିବ ତାହା ବେଶ୍ ଅନୁମେୟ । ଯାହା ମାଧ୍ୟମରେ ଜାତୀୟତା ଭାବ ସୃଷ୍ଟିକରିବା ଦିଗରେ ବାଞ୍ଛାନିଧି ହେଉଛନ୍ତି ସର୍ବପ୍ରଥମ ଓ ତାଙ୍କର ଏହି ଅଭିନବ ଉଦ୍ୟମ ପାଇଁ ତାଙ୍କୁ ଯଥାର୍ଥରେ ଗଣକବି ଆଖ୍ୟା ଦିଆଯାଇଛି । ସେ ମଧ୍ୟ ପ୍ରକୃତପକ୍ଷେ ଉପଲବ୍ଧି କରିଥିଲେ ଯେ ପୁରପଲ୍ଲୀରେ ଶିକ୍ଷାରୁ ବଞ୍ଚିତ ନିରୀହ ଲୋକଙ୍କ ହୃଦୟରେ ଜାଗରଣ ସୃଷ୍ଟି କରିବା ପାଇଁ ଯାହା ହେଉଛି ପ୍ରକୃଷ୍ଟ ମାଧ୍ୟମ । ସେ ଦୃଷ୍ଟିରୁ କାଳେ କାଳେ ତାଙ୍କନାମ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇ ରହିଥିବ । କଥାରେ ଅଛି "ଈଶ୍ୱର ଯାହାକୁ ଭଲ ପାଆନ୍ତି ସେ ତାଙ୍କୁ ଶୀଘ୍ର ନେଇଯାଆନ୍ତି" । ବାଞ୍ଛାନିଧିଙ୍କ କ୍ଷେତ୍ରରେ ତାହାହିଁ ହୋଇଥିଲା । ମାତ୍ର ୪୧ ବର୍ଷ ବୟସରେ ସେ ବସନ୍ତରେ ଆକ୍ରାନ୍ତ ହୋଇ ୧୯୩୮ ମସିହା ଏପ୍ରିଲ ତା ୧୯ରିଖ ଦିନ ଏହି ମହାନ କବିଙ୍କ ବୈପ୍ଳବିକ ଜୀବନର ଅବସାନ ହୋଇଥିଲା । ଉତ୍କଳ ସାହିତ୍ୟ-ଗଗନରୁ ଏକ ତେଜୀୟାନ ଜ୍ୟୋତିଷ୍କର ଅନ୍ତର୍ଦ୍ଧାନ ଘଟିଥିଲେ ମଧ୍ୟ ତାଙ୍କର ଅବଦାନ ପାଇଁ ସେ ଚିର ଭାସ୍ୱର ହୋଇ ରହିଛନ୍ତି । ବାସ୍ତବ ପକ୍ଷେ କାବ୍ୟମାଳିନୀ ଉତ୍କଳଭୂମିର ଇତିହାସରେ ସେ ନିଜେ ଏକ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହିପରି ଭାବେ ଇରମର ଜନଜାଗରଣ ସୃଷ୍ଟିକରିବା ଦିଗରେ ଗଣକବି ବାଞ୍ଛାନିଧି ମହାନ୍ତିଙ୍କର ଅବଦାନ ଯେ ଉଲ୍ଲେଖନୀୟ, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ଜନଜାଗରଣ ପାଇଁ ଇରମ ଜମିଦାରଙ୍କ ପରୋକ୍ଷ ଭୂମିକା

ଇରମ ଅଞ୍ଚଳରେ ଅଭୂତପୂର୍ବ ଜନଜାଗରଣ ପାଇଁ ତତ୍କାଳୀନ ଜମିଦାର ରାଧାକାନ୍ତ ପାଢ଼ୀଯେ କିଛି ପରିମାଣରେ ଦାୟୀ ତାହା ଅସ୍ୱୀକାର କରିହେବ ନାହିଁ । ବିଭିନ୍ନ ଘଟଣା ସହିତ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ନେତା ତଥା ଅନ୍ୟ କେତେକ ଅଧିବାସୀ ସାକ୍ଷାତକାର ସମୟରେ ମୋ ଆଗରେ ତାହା ପ୍ରକାଶ କରିଛନ୍ତି । ତତ୍କାଳୀନ କାଗଜପତ୍ର, ବିବରଣୀ ଓ ଘଟଣା ପ୍ରବାହକୁ ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କରି ଜଣେ ମଧ୍ୟ ଉକ୍ତ ସତ୍ୟରେ ଉପନୀତ ହୋଇପାରିବ । ତଥାପି ଅନ୍ୟକେତେକ ଲୋକ ଏସମ୍ପର୍କରେ ବିରୋଧ ମତ ଦେଇଥିବାରୁ ସନ୍ଦହକାରେ ପ୍ରତ୍ୟେକ ବିଷୟ ନିରପେକ୍ଷ ଭାବେ ବିଚାର କରି ମୁଁ ସତ୍ୟ ପରିବେଷଣ କରିବା ପାଇଁ ଚେଷ୍ଟା କରିଛି । କାରଣ ସତ୍ୟ ପରିବେଷଣ କରିବା ଇତିହାସର ଧର୍ମ । ଏ ସମ୍ପର୍କରେ ଫ୍ରାନ୍ସର ବିଶ୍ୱବିଶ୍ରୁତ ସମ୍ରାଟ ନେପାଲିୟନଙ୍କର ଉକ୍ତି "ଐତିହାସିକ ସଦା ସର୍ବଦା ସତ୍ୟ ପରିବେଷଣ କରିବା ବିଧେୟ" ପ୍ରଣିଧାନଯୋଗ୍ୟ ।

ଇରମର ତତ୍କାଳୀନ ଜମିଦାର ରାଧାକାନ୍ତ ପାଢ଼ୀ ବିଶେଷତଃ ଅଗଷ୍ଟ ବିପ୍ଳବ ସମୟରେ ଯଦି ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସାହାଯ୍ୟ ନକରି ଇଂରେଜମାନଙ୍କ ପ୍ରତି ଅନୁରକ୍ତ ହୋଇଥିଲେ, ସେଥିପାଇଁ ସେ ଯେତେ ପରିମାଣରେ ଦାୟୀ ନୁହନ୍ତି,ତାହାଠାରୁ ଅଧିକ ଦାୟୀ ଥିଲା ଇଂରେଜମାନଙ୍କର ଶାସନ ନୀତି । ୧୭୯୩ ଖ୍ରୀଷ୍ଟାବ୍ଦରେ ଭାରତର ତତ୍କାଳୀନ ବଡ଼ଲାଟ ଲର୍ଡ୍-କର୍ଣ୍ଣୱାଲିସ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତନ କରି ଏକ ବିଧିବଦ୍ଧ ଭୂରାଜସ୍ୱ ବ୍ୟବସ୍ଥା ପ୍ରଚଳନ କରିଥିଲେ । ଏହା ମୂଳରେ ସମାଜରେ ଏକ ସ୍ୱତନ୍ତ୍ର ଗୋଷ୍ଠୀ ସୃଷ୍ଟି କରିବା ଥିଲା ତାଙ୍କର ଅନ୍ୟତମ ଉଦ୍ଦେଶ୍ୟ । ସେମାନେ ହେଲେ ଜମିଦାର ଗୋଷ୍ଠୀ ଯେଉଁମାନେକି ସମାଜରେ ଏକ ପ୍ରତିପତ୍ତିଶାଳୀ ଗୋଷ୍ଠୀରୂପେ ମୁଣ୍ଡଟେକି ଉଠିଥିଲେ । ଉକ୍ତ ଗୋଷ୍ଠୀ ସୃଷ୍ଟି କରିବା ମୂଳରେ କର୍ଣ୍ଣୱାଲିସଙ୍କର ଗୋଟିଏ ଉଦ୍ଦେଶ୍ୟ ପ୍ରଚ୍ଛନ୍ନ ଭାବେ କାର୍ଯ୍ୟ କରିଥିଲା । ସେ ଚାହୁଁଥିଲେ ଯେ ଇଂରେଜମାନଙ୍କ ନିକଟରେ ଗୋଟିଏ ଗୋଷ୍ଠୀ ସଦା-ସର୍ବଦା ଅନୁରକ୍ତ ଓ ବିଶ୍ୱସ୍ତ ହୋଇ ରହନ୍ତୁ । ତାହାହିଁ ମଧ୍ୟ ହୋଇଥିଲା । ତାଙ୍କର ସାହାଯ୍ୟରେ ୧୮୫୭ ଖ୍ରୀଷ୍ଟାବ୍ଦରେ ସଂଗଠିତ ଭାରତର ମହାନ୍ ବିଦ୍ରୋହ (ତଥାକଥିତ ସିପାହୀ ବିଦ୍ରୋହ) ଇଂରେଜମାନେ ଦମନ

Digitized by srujanika@gmail.com

କରିପାରିଥିଲେ । ଏପରିକି ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ବହୁ ଜମିଦାର ଇଂରେଜ ମାନଙ୍କର ଅନୁରକ୍ତ ହୋଇ ରହିଥିଲେ । ଏପରି ସ୍ଥଳେ ରାଧାକାନ୍ତ ବାବୁ ଇଂରେଜମାନଙ୍କର ଅନୁରକ୍ତ ଓ ବିଶ୍ୱସ୍ତ ହୋଇ ଅଗଷ୍ଟ ବିପ୍ଳବ ସମୟରେ ତାଙ୍କୁ ପ୍ରତ୍ୟକ୍ଷରେ ସହାୟତା ନକରି ପରୋକ୍ଷରେ ସାହାଯ୍ୟ କରିନଥାନ୍ତେ ବା କିପରି ?

ପୁନଶ୍ଚ ଅଗଷ୍ଟ ବିପ୍ଳବର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ଜମିଦାରମାନେ ୧୯୪୨ ମସିହା ଫେବୃୟାରୀ ୧୪ ତାରିଖ ଦିନ କଟକସ୍ଥିତ ମଧୁପୁର ହାଉସରେ ମିଳିତ ହୋଇ ଗୋଟିଏ ପ୍ରସ୍ତାବ ଗ୍ରହଣ କରିଥିଲେ । ସେଥିରେ ଭାରତୀୟ ଜାତୀୟ କଂଗ୍ରେସର ଯୁଦ୍ଧ ବିରୋଧୀ ମନୋଭାବକୁ ସେମାନେ ନିନ୍ଦା କରିବା ସଂଗେ ସଂଗେ ଇଂରେଜମାନଙ୍କୁ ଭାରତରୁ ତଡ଼ି-ଦେବାପାଇଁ ଜାତୀୟ କଂଗ୍ରେସର ଯେକୌଣସି ଉଦ୍ୟମକୁ ପଣ୍ଡ କରିବାରେ ସାହାଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଥିଲେ । ଏଥିସହିତ ସେମାନେ ମଧ୍ୟ ବିଶ୍ୱଯୁଦ୍ଧର ଖର୍ଚ୍ଚ ପାଇଁ ଇଂରେଜ ସରକାରଙ୍କୁ ସାହାଯ୍ୟ କରିବେ ବୋଲି ରାଜିହୋଇ ତାହା କରିଥିଲେ । (୧) ମଧୁପୁର ହାଉସକୁ ରାଧାକାନ୍ତ ପାତ୍ରୀ ଯାଇ ଯୋଗ ଦେଇଥିବା ବିଷୟରେ କୌଣସି ଲିଖିତ ପ୍ରମାଣ ମିଳିପାରି ନଥିଲେ ମଧ୍ୟ ତାଙ୍କପରି ପ୍ରତିପତ୍ତିଶାଳୀ ଜମିଦାର ଯେ ସେଠାକୁ ଯାଇ ଯୋଗ ଦେଇଥିବେ, ତା ନୁହେଁ । ଯଦିବା କୌଣସି କାରଣରୁ ଯାଇପାରି ନଥିବେ, ସେଠାରେ ଗୃହୀତ ପ୍ରସ୍ତାବ ତାଙ୍କୁ ଯେ ନିଶ୍ଚିତ ପକ୍ଷେ ଜଣାଇ ଦିଆଯାଇ ଥିବ ଓ ତାକୁ ମଧ୍ୟ ସେ କାର୍ଯ୍ୟକାରୀ କରିଥିବେ ଏଥିରେ ସନ୍ଦେହ ନାହିଁ । ସେପରି ଦୃଷ୍ଟେ ଅଗଷ୍ଟ ବିପ୍ଳବ ସମୟରେ ଇରମ ଅଞ୍ଚଳରେ ସତ୍ୟାଗ୍ରହୀମାନଙ୍କୁ ସାହାଯ୍ୟ ନକରି ଇଂରେଜମାନଙ୍କୁ ସନ୍ତୁଷ୍ଟ କରି ରଖିଥିବା ସ୍ୱାଭାବିକ । ସେ ବିପ୍ଳବୀମାନଙ୍କୁ କୌଣସି ପ୍ରକାର ସାହାଯ୍ୟ ଦେଇନଥିବା ବିଷୟ ଅଗ୍ରଭାଗରେ ଥିବା ନେତୃବୃନ୍ଦ ଅକୁଣ୍ଠ ଚିତ୍ତରେ ପ୍ରକାଶ କରିଛନ୍ତି । ସେମାନଙ୍କ ମଧ୍ୟରୁ ସର୍ବଶ୍ରୀ ଅନିରୁଦ୍ଧ ମହାନ୍ତି, କମଳା ପ୍ରସାଦ କର, ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଓ ଗଣେଶ ପ୍ରସାଦ ତ୍ରିପାଠୀଙ୍କ ନାମ ଉଲ୍ଲେଖଯୋଗ୍ୟ । ଇରମ ଅଞ୍ଚଳରେ

(୧) ହରେକୃଷ୍ଣ ମହତାବ ଓଡ଼ିଶା ଇତିହାସ-ଦ୍ୱିତୀୟ ଭାଗ (ଇଂରାଜୀ) ପୃଷ୍ଠା ୪୯୭

Digitized by srujanika@gmail.com

ଘଟଣାପ୍ରବାହ ସମ୍ବନ୍ଧ ସେମାନେ ଓତପ୍ରୋତ ଭାବରେ ଜଡ଼ିତ ଥିବାରୁ ସେମାନଙ୍କର ସ୍ୱୀକାରୋକ୍ତିକୁ ଅବିଶ୍ୱାସ କରିହେବ ନାହିଁ । ଅବଶ୍ୟ ସେମାନେ ଏଥି ସମ୍ବନ୍ଧ ପ୍ରକାଶ କରିଛନ୍ତି ଯେ ' ଅଗଷ୍ଟ ବିପ୍ଳବ ପୂର୍ବରୁ ରାଧାକାନ୍ତ ପାଢ଼ୀ କିଛି ପରିମାଣରେ ସତ୍ୟାଗ୍ରହୀମାନଙ୍କୁ ସାହାଯ୍ୟ କରି ଆସିଥିଲେ । ୧୯୨୧ମସିହା ଜୁନ ତା୧୯ରିଖ ରଜସଂକ୍ରାନ୍ତି ଦିନ ଇରମକୁ ଗୋପବନ୍ଧୁ ଦାଶଙ୍କ ଆଗମନ ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ଶ୍ରୀଯୁକ୍ତ ପାଢ଼ୀ ସଭାପତି ଆସନ ଅଳଙ୍କୃତ କରିଥିଲେ । ଅବଶ୍ୟ ଏହା ଯେ ତାଙ୍କର ଜାତୀୟ କଂଗ୍ରେସ ପ୍ରତି ପ୍ରୀତିର ପରିଚୟ ଦିଏ, ତାହାର ଏକ ବଳିଷ୍ଠ ଯୁକ୍ତି ହୋଇନପାରେ । ସାଧାରଣତଃ ସେତେବେଳେ ବାହାରର କେହି ମାନ୍ୟଗଣ୍ୟ ବ୍ୟକ୍ତି ରାଜନୈତିକ ବା ସାଂସ୍କୃତିକ ସଭାରେ ଯୋଗଦେବା ପାଇଁ ଆସୁଥିଲେ । ସୌଜନ୍ୟତା ଦୃଷ୍ଟିରୁ ସେ ଅଞ୍ଚଳର ପ୍ରତିଷ୍ଠିତ ଓ ବିଭବଶାଳୀ ବ୍ୟକ୍ତିଙ୍କୁ ପୌରୋହିତ୍ୟ କରିବାପାଇଁ ନିମନ୍ତ୍ରଣ କରାଯାଇଥାଏ । ସେହି ଦୃଷ୍ଟିରୁ ରାଧାକାନ୍ତ ପାଢ଼ୀଙ୍କୁ ଡ଼ାକାଯାଇ ପାରିଥାଏ । ମାତ୍ର ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ସମୟରେ ଉକ୍ତ ଜମିଦାର ସତ୍ୟାଗ୍ରହୀମାନଙ୍କୁ ସବୁ ପ୍ରକାର ସାହାଯ୍ୟ ଦେଇଥିବା ବିଷୟ ସମସ୍ତେ ସ୍ୱୀକାର କରିଛନ୍ତି । ବିଶେଷତଃ ବିନୋଦଚନ୍ଦ୍ର ତ୍ରିପାଠୀ ନିଜେ ସତ୍ୟାଗ୍ରହୀମାନଙ୍କର ଖାଦ୍ୟପେୟ ପାଇଁ ରାଧାକାନ୍ତ ପାଢ଼ୀଙ୍କ ଠାରୁ ଚାଉଳ, ପରିବା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷପତ୍ର ବହୁବାର ନେଇଥିବା ବିଷୟ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

ମୋଟ ଉପରେ ଉକ୍ତ ତଥ୍ୟକୁ ପୁଙ୍ଖାନୁପୁଙ୍ଖଭାବେ ବିଚାର କଲେ ଜଣାଯାଏ ଯେ ଜମିଦାର ରାଧାକାନ୍ତ ପାଢ଼ୀ ୧୯୨୦ର ଅସହଯୋଗ ଆନ୍ଦୋଳନଠାରୁ ୧୯୩୦ର ଲବଣ ସତ୍ୟାଗ୍ରହ, ଏପରିକି ୧୯୪୦ର ବ୍ୟକ୍ତିଗତ ସତ୍ୟାଗ୍ରହ ପର୍ଯ୍ୟନ୍ତ କିଛି ପରିମାଣରେ ସତ୍ୟାଗ୍ରହୀମାନଙ୍କୁ ସାହାଯ୍ୟ କରିଥିଲେ । ମାତ୍ର ପରେ ପରେ ସତ୍ୟାଗ୍ରହୀମାନଙ୍କ ପ୍ରତି ତାଙ୍କ ମନୋଭାବରେ ପରିବର୍ତ୍ତନ ଘଟିଥିଲା । ବିଶେଷକରି ଅଗଷ୍ଟ ବିପ୍ଳବ ସମୟରେ ସେମାନଙ୍କ ପ୍ରତି ବିରୋଧ ମନୋଭାବ ପୋଷଣ କରି ଇଂରେଜମାନଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ସେ ଚାହିଁଥିଲେ । ଜମିଦାରଙ୍କର ଏତାଦୃଶ କାର୍ଯ୍ୟ ପାଇଁ ଇରମ ଅଞ୍ଚଳରେ ଲୋକମାନେ ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ । ଫଳରେ ଜନଜାଗରଣ ଅଧିକ ତେଜି ଉଠିଥିଲା ।

Digitized by srujanika@gmail.com

ଏହି ପରିପ୍ରେକ୍ଷୀରେ ଇରମ ଅଞ୍ଚଳରେ ତତ୍କାଳୀନ ଅନ୍ୟ ଜମିଦାରଙ୍କର ଭୂମିକା ଉପରେ ଆଲୋକପାତ କରିବା ଅପ୍ରାସଙ୍ଗିକ ହେବ ନାହିଁ । ଅନ୍ୟତମ ଜମିଦାର ରାଧାନାଥ ପାଢ଼ୀ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଜାତୀୟ ଆନ୍ଦୋଳନ ପ୍ରତି ସହାନୁଭୂତିଶୀଳ ହୋଇ ସତ୍ୟାଗ୍ରହୀମାନଙ୍କୁ ସାହାଯ୍ୟ କରିଥିବା ବିଷୟ ନେତାମାନେ ସ୍ୱୀକାର କରିଛନ୍ତି । ଜମିଦାର ଥାଇ ମଧ୍ୟ ଇରମରେ ୧୯୩୦ ମସିହାର ଲବଣ ସତ୍ୟାଗ୍ରହରେ ସର୍ବସାଧାରଣଙ୍କୁ ସାହାଯ୍ୟ କରିଥିବାରୁ ସେ ଦୁଇଶତ ଟଙ୍କା ଜରିମାନା ଦେଇଥିବାର ଜଣାଯାଏ । ତାଙ୍କ ବ୍ୟତୀତ ବ୍ରଜକୁମାର ପାଢ଼ୀ, ରଘୁରାମ ଶ୍ରୀଚନ୍ଦନ ମହାପାତ୍ର, ମନ୍ମଥନାଥ ପାଢ଼ୀ, ଉପେନ୍ଦ୍ରନାଥ ମହାପାତ୍ର, ସୀତାକାନ୍ତ ଚୌଧୁରୀ, ଶ୍ୟାମାନନ୍ଦ ମହାପାତ୍ର ପ୍ରମୁଖ ସତ୍ୟାଗ୍ରହୀଙ୍କ ପ୍ରତି ବିରୋଧ ମନୋଭାବ ପୋଷଣ ନକରି ପ୍ରତ୍ୟକ୍ଷ ଓ ପରୋକ୍ଷରେ ସେମାନଙ୍କୁ ସାହାଯ୍ୟ କରିଥିଲେ । ମାତ୍ର ନାରାୟଣ ମାନଧାତା ଥିଲେ ତା'ର ଏକ ବ୍ୟତିକ୍ରମ । ତାହା ପରେ ଦର୍ଶାଯାଇଛି ।

କେବଳ ସେତିକ ନୁହେଁ । ଇରମ ଅଞ୍ଚଳରେ ଅଭୂତପୂର୍ବ ଜନଜାଗରଣ ସୃଷ୍ଟି ହେବାପାଇଁ ଜମିଦାର ରାଧାକାନ୍ତ ପାଢ଼ୀ ଓ ତାଙ୍କର ଅମଲାବୃନ୍ଦଙ୍କର ପ୍ରଜାମାନଙ୍କପ୍ରତି ଶୋଷଣନୀତି ଉପାଦାନ ଯୋଗାଇଥିବାର ଜଣାଯାଏ । ମୋର ବନ୍ଧୁ ସୁଧାକର ଦାଶ ତାଙ୍କୁ 'ଜଣେ ଧର୍ମପରାୟଣ ବ୍ୟକ୍ତି'(୨) ବୋଲି ବର୍ଣ୍ଣନା କରିଛନ୍ତି । ତାହା ସେ ଥାଇ ପାରିଥାଆନ୍ତି । ମାତ୍ର ୧୯୩୨ ମସିହାରେ ବନ୍ଦୋବସ୍ତ ରିପୋର୍ଟରେ ଡ଼ାଲଜିଏଲ ସାହେବ ତାଙ୍କୁ ବର୍ଣ୍ଣନାକରି ଲେଖିଛନ୍ତି—"ବାବୁ ରାଧାକାନ୍ତ ପାଢ଼ୀ ଓ ତାଙ୍କର ଅଂଶୀଦାର ମାନଙ୍କର ଜମିଦାରୀ ବାସୁଦେବପୁର ଓ ବାଲେଶ୍ୱର ଜିଲ୍ଲାର ଅନ୍ୟ ଅଞ୍ଚଳରେ ରହିଥିଲା । ଉକ୍ତ ବିଭବଶାଳୀ ଓ ପ୍ରତିପତ୍ତିଶାଳୀ ଜମିଦାରଗଣ ତାଙ୍କ ପ୍ରଜାମାନଙ୍କୁ ଅତ୍ୟାଚାର କରୁଥିବାରୁ ସେମାନେ ଭୟଭୀତ ହୋଇ ରହିଥିଲେ" (୩) ଜମିଦାର ବର୍ଗ ଇଂରେଜମାନଙ୍କର ଅନୁରକ୍ତ ହୋଇଥିଲେ ମଧ୍ୟ ଜଣେ ଇଂରେଜସାହେବଙ୍କର ତାଙ୍କ ସମ୍ପର୍କରେ ଉକ୍ତ ମନ୍ତବ୍ୟ ସମ୍ପୂର୍ଣ୍ଣରୂପେ ଅସତ୍ୟ ବୋଲି କହି ଏଡ଼ାଇ ହେବ ନାହିଁ ।

---

(୨) ସୁଧାକର ଦାଶ—ସ୍ୱାଧୀନତାର ସଂଗ୍ରାମ ଭୂମି ଇରମ ପୃଷ୍ଠା ୪୪

(୩) ଡାଲଜିଏଲ ସାହେବଙ୍କର ୧୯୨୨—୧୯୩୨ ମସିହାର ବନ୍ଦୋବସ୍ତ ରିପୋର୍ଟ—ପାରା ୨୬୧ ଓ ପୃଷ୍ଠା ୧୦୭ ।

Digitized by srujanika@gmail.com

ପୁନଶ୍ଚ ରାଧାକାନ୍ତବାବୁ ଓ ତାଙ୍କ ଅମଲାଶାସନର ଶୋଷଣ ମାତ୍ର ବର୍ଣ୍ଣନା କରି ଅବହେଳିତ ଓ ନିରନ୍ନ ପ୍ରଜାମାନଙ୍କୁ ତାହା କିପରି ଅତିଷ୍ଠ କରାଇଥିଲା, ତା'ର ଏକ ସଂକ୍ଷିପ୍ତ ବିବରଣୀ ଯୋଗାଇଛନ୍ତି ପ୍ରତ୍ୟକ୍ଷଦର୍ଶୀ ଓ ଭୁକ୍ତଭୋଗୀ ଅଗଷ୍ଟ ବିପ୍ଳବର ଅନ୍ୟତମ ଶୁଙ୍ଗନେତା କମଳା ପ୍ରସାଦ କର । ଇରମ ନିକଟବର୍ତ୍ତୀ ଶଙ୍ଖାରୁ ଗ୍ରାମର ସେ ଜଣେ ଅଧିବାସୀ । ଅନ୍ୟାୟ ଭାବରେ ଦୁଃସ୍ଥ ପ୍ରଜାମାନଙ୍କଠାରୁ କେଉଁ କେଉଁ ଭାବରେ ଅର୍ଥ ଆଦାୟ କରାଯାଇଥିଲା ସେ ଦେଇଥିବା କେତୋଟି ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା । "କୋଣସି ପରିବାରରେ କେହି ଜଣେ ବିବାହ ସମ୍ପନ୍ନ କରିବାକୁ ଚାହିଁଲେ ସେ ଜମିଦାରଙ୍କୁ ପ୍ରଥମେ ଜଣାଇ ତିନିଟଙ୍କା ଚାରିଅଣା ପଇସା ଦାଖଲ କଲେ ବ୍ରାହ୍ମଣ, ଜ୍ୟୋତିଷ ଓ ନାପିତଙ୍କୁ ଅନୁମତି ମିଳିବ; ସେ ଯାଇ ଶୁଭକାର୍ଯ୍ୟ ସମ୍ପାଦନ କରିବେ । ସେହିପରି କୌଣସି ପରିବାରରେ ବୟୋବୃଦ୍ଧ ବ୍ୟକ୍ତି ମୃତ୍ୟୁବରଣ କଲେ, ମୃତ ଅବସ୍ଥାରେ ତାଙ୍କର ପୁଅ ବା ଅନ୍ୟ କେହି ଆତ୍ମୀୟ ଜମିଦାରଙ୍କଠାରେ ଏକଟଙ୍କା ଚାରିଅଣା ଦାଖଲ କଲେ ଶବକୁ ପୋଡିବାପାଇଁ ଅନୁମତି ମିଳିବ । ବାବୁ ଘରେ (ପ୍ରଜାମାନେ ରାଧାକାନ୍ତ ପାଢ଼ୀଙ୍କୁ ବାବୁବୋଲି କହୁଥିଆନ୍ତି) ମଠର କଣାଯାଇଥିଲା ଏବଂ ମଠର ଦେଖିବାପାଇଁ ଇରମ ଓ ପାଖଆଖ ଅଞ୍ଚଳର ଲୋକମାନଙ୍କଠାରୁ ଚାନ୍ଦା ଆଦାୟ କରାଯାଇଥିଲା । ଜମିଦାରଙ୍କର ମୁସଲମାନ ପିଆଦା ଇଚ୍ଛାକରି ସମୟ ସମୟରେ କାହାରି ଉପରକୁ ଛେପ ପକାଉଥିଲେ । ତା'ର ପ୍ରାୟଶ୍ଚିତ ପାଇଁ ଜମିଦାରଙ୍କୁ ତିନିଟଙ୍କା ଚାରିଅଣା ଦେଲେ ଆବଶ୍ୟକୀୟ କର୍ମ କର୍ମାଣୀ ଆରମ୍ଭ ହେଉଥିଲା । ଜମିଦାର ମଧ୍ୟ ମାଛ ଧରିବା ପାଇଁ ଲୋକଙ୍କଠାରୁ ମଚ୍ଛଦିଆ କର ଆଦାୟ କରୁଥିଲେ । ପୁନଶ୍ଚ ଖଜଣା ଦେଇ ଅମଲମାନ ଦେଇଥିବା ପାଉତି ଏପରି କରଣୀ ଅକ୍ଷରରେ ଅସ୍ପଷ୍ଟ ଭାବରେ ଲେଖାଯାଉଥିଲା ଯେ ତାହା ପଢ଼ିହେଉନଥିବାରୁ ପୁନର୍ବାର ଉକ୍ତ କିସ୍ତି ପାଇଁ ଖଜଣା ଆଦାୟ କରିଥିବାର ବହୁ ଦୃଷ୍ଟାନ୍ତ ରହିଥିଲା ।" "ଶ୍ରୀଯୁକ୍ତ କର ଆହୁରି ମଧ୍ୟ କହିଥିଲେ" ଯଦି ଜଣଙ୍କର ପୋଖରୀରୁ ମାଛ ଧରାହେବ, ତାହେଲେ ସବୁଠାରୁ ବଡମାଛ ଜମିଦାରଙ୍କର । ତା'ଠାରୁ ସାନ ଗୁମାସ୍ତାଙ୍କର । ତାଠାରୁ ସାନ ବରକନ୍ଦାଜଙ୍କର ଓ ବାକିତକ ପୋଖରୀ ମାଲିକର" (୩) ତାଙ୍କ

---

(୩) କମଳାପ୍ରସାଦ କରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ

Digitized by srujanika@gmail.com

ବ୍ୟକ୍ତିଗତ ଅତ୍ୟାଚାର ଶୋଷଣ ପ୍ରିୟ ଜମିଦାର ଥିଲେ ନାରାୟଣ ମାନଧାତା । ସେ ମଧ୍ୟ ଥିଲେ ଜଣେ ଉଗ୍ର ପ୍ରକୃତିର ଲୋକ । ସେ ଅନ୍ୟାୟ ଭାବେ ବହୁ ପ୍ରକାର କର ଆଦାୟ କରୁଥିଲେ ।

ଅବଶ୍ୟ ଏହିପ୍ରକାରର ଅନ୍ୟାୟ ଉପରେ କର ଯେ କେବଳ ଇରମରେ ଆଦାୟ କରାଯାଉଥିଲା, ତା ନୁହେଁ । ଓଡ଼ିଶା ଅଧିକ ଅନ୍ୟ କେତେକ ଜମିଦାରୀରେ ରହିଥିବାର ଜଣାଯାଏ । ସଂସାରରେ ଚିରଦିନ ଧନ ଓ ବଳର ପ୍ରଭାବ ଅଧିକ । ଉକ୍ତ ସତ୍ୟରୁ ଜମିଦାରମାନେ ବଞ୍ଚିତ ହୋଇଥାଆନ୍ତେ ବା କିପରି ? ଅନ୍ୟାୟଭାବେ ବହୁ ଅଧିକ କର, ଗୁନ୍ଦା, ବେଠୀ, ବେଗାରୀ ତତ୍କାଳୀନ ଗଡ଼ଜାତ ରାଜ୍ୟରେ ଆଦାୟ କରାଯାଇଥିବାର ତଥ୍ୟ ମୁଁ ନିଜେ ଗବେଷଣା ପ୍ରସଙ୍ଗରେ ଜାଣିଛି । ଏପରିକି କେତୋଟି ଗଡ଼ଜାତ ରାଜ୍ୟରେ ପ୍ରଜାମାନଙ୍କ ପାଇଁ ବାହାଘରରେ ପାଲିଙ୍କି, ସବାରୀ ଓ ମଶାଲର ବ୍ୟବହାର ଏବଂ ଘର ମାନଙ୍କରେ ଜାଉଁଳ କବାଟର ବ୍ୟବହାର ନିଷେଧ ଥିଲା । ମାତ୍ର ଇଚ୍ଛୁକ ବ୍ୟକ୍ତି ରାଜାଙ୍କୁ କର ଦେଇ ଏସବୁର ବ୍ୟବହାର କରିପାରୁଥିଲେ । ଉଦାହରଣ ସ୍ୱରୂପ ରଣପୁର ରାଜ୍ୟରେ ବାହାଘରରେ ପାଲିଙ୍କିର ବ୍ୟବହାର ପାଇଁ ଟ ୧୫ ଓ ସବାରି ପାଇଁ ଟ ୧ ରାଜାଙ୍କ ତହବିଲକୁ ଦେବାକୁ ପଡୁଥିଲା । ଏପରିକି ତାଳଚେର ରାଜ୍ୟର ଜଣେ ବିଧବା ୨୦ଟଙ୍କାରୁ ୨୫ ଟଙ୍କା ସଲାମି ଦେଲେ ବିବାହ କରିବା ପାଇଁ ତାଙ୍କୁ ଅନୁମତି ମିଳୁଥିଲା । (୪) ଅବଶ୍ୟ ଏଥିପାଇଁ ଜମିଦାର ବା ରାଜା ଯେତିକି ଦାୟୀ ନୁହନ୍ତି, ତାଠାରୁ ଅଧିକ ଦାୟୀ ଥିଲେ ତାଙ୍କର ଅମଲା ବୃନ୍ଦ । ସେମାନେ ଜମିଦାରଙ୍କ ନାମରେ ବିଭିନ୍ନ କର ଆଦାୟ କରି କିଛିପରିମାଣର ଅର୍ଥ ଆତ୍ମସାତ କରୁଥିଲେ । ଅବଶ୍ୟ ଏଥିପାଇଁ ଜମିଦାର ଦାୟୀ ହୁଅନ୍ତୁ ବା ଅମଲାମାନେ ଦାୟୀ ହୁଅନ୍ତୁ ଶୋଷିତ ହେଉଥିଲେ ପ୍ରଜାମାନେ । ତାହାହିଁ ଥିଲା ଇରମ ଅଞ୍ଚଳର ଅବସ୍ଥା । ତେଣୁ ସେଠାକାର ଲୋକେ ସ୍ୱାଧୀନତା ଲାଭ ସଂଗେ ସଂଗେ ଜମିଦାରଙ୍କର ଶୋଷଣମୁକ୍ତିରୁ ମୁକ୍ତହେବାପାଇଁ ସତ୍ୟାଗ୍ରହରେ ଯୋଗଦେଇଥିବା ସ୍ୱାଭାବିକ । ଏହି

(୪) ହରେକୃଷ୍ଣ ମହତାବଙ୍କ ଦ୍ୱାରା ସଙ୍କଳିତ ରାଜ୍ୟ ଇନକୁଆରୀ କମିଟି ରିପୋର୍ଟ-ପୃଷ୍ଠା-୭

Digitized by srujanika@gmail.com

କାରଣରୁ ଅନ୍ୟ ଅଞ୍ଚଳ ଅପେକ୍ଷା ଇରମ ଅଞ୍ଚଳରେ ଜନଜାଗରଣର ସ୍ରୋତ ଅଧିକ ପ୍ରଖର ହୋଇଥିଲା ।

ଇରମରେ ରାଜନୈତିକ ତତ୍ପରତା

ଗୁଳିକାଣ୍ଡ ପୂର୍ବରୁ ଇରମରେ ଜନଜାଗରଣର ସ୍ରୋତ ଅଧିକ ବେଗଗାମୀ ହେବା ମୂଳରେ ଅନ୍ୟ ଗୋଟିଏ କାରଣ ରହିଥିବାର ଜଣାଯାଏ । ତାହାଥିଲା ଉକ୍ତ ଅଞ୍ଚଳରେ ରାଜନୈତିକ ତତ୍ପରତା ।

୧୯୨୦ ଖ୍ରୀଷ୍ଟାବ୍ଦଠାରୁ ଇରମ ଅଞ୍ଚଳଟି ସ୍ୱାଧୀନତା ସଂଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମର ପୀଠସ୍ଥଳୀ ଭାବେ ମୁଖରିତ ହୋଇଉଠିଥିଲା । ବିଭିନ୍ନ ଅଞ୍ଚଳରୁ ସ୍ୱାଧୀନତା ସଂଗ୍ରାମର ନେତାମାନେ ଏଇଠାକୁ ଘନ ଘନ ଆସି ଜାତୀୟ କଂଗ୍ରେସର ବାର୍ତ୍ତା ଓ କାର୍ଯ୍ୟକ୍ରମ ପ୍ରଚାର କରିଥିବାର ଜଣାଯାଏ । ଏଥିପାଇଁ ସେମାନେ ବାସୁଦେବପୁରର ଅନ୍ୟ ଅଞ୍ଚଳକୁ ନିର୍ବାଚନ ନକରି ଇରମ ଅଞ୍ଚଳକୁ ନିର୍ବାଚନ କରିବା ମୂଳରେ ସମ୍ଭବତଃ କେତୋଟି ଉପାଦାନ ତାଙ୍କୁ ଆକର୍ଷଣ କରିଥିଲା । ପ୍ରଥମଟି ଥିଲା ବାସୁଦେବପୁର ଥାନା ତଥା ଭଦ୍ରକ ସବ୍‌ଡିଭିଜନର ସଦର ମହକୁମାଠାରୁ ଏହାର ଦୂରତ୍ୱ । ଏହା ଉଭୟ ସ୍ଥାନଠାରୁ ଦୂରରେ ଥିବାରୁ ପୋଲିସ ବା ଇଂରେଜ କର୍ମଚାରୀଙ୍କର ପ୍ରତ୍ୟକ୍ଷ ନଜରଠାରୁ ଦୂରରେ ରହି ନିଜର ଲକ୍ଷ୍ୟସାଧନ କରିପାରିବେ ବୋଲି ନେତାମାନେ ଉପଲବ୍ଧି କରିଥିଲେ । ଦ୍ୱିତୀୟତଃ ଇରମ ଏକ ସୁରକ୍ଷିତ ଅଞ୍ଚଳ ବୋଲି ନେତା ଓ କର୍ମୀମାନେ ଅନୁଭବ କରିଥିଲେ । ଏହା ମଧ୍ୟ ଓଡ଼ିଶା ସରକାରଙ୍କର ୩୬୬୭ (ଖ) କଟକ ନଗର ଶଠିରେ ୧୯୪୨ ମସିହା ଅକ୍ଟୋବର ମାସ ପ୍ରଥମ ୧୫ ଦିନର ରିପୋର୍ଟରେ ପ୍ରକାଶିତ ହୋଇଥିଲା । (୫) ବାସ୍ତବପକ୍ଷେ ଏକ ଦିଗରେ ବଙ୍ଗୋପସାଗର ଓ ଅନ୍ୟ ତିନୋଟି ଦିଗରେ ଦୁଇଟି ନଦୀ ଘେରିରହି ଇରମ ଅଞ୍ଚଳକୁ ଏକପ୍ରକାର ସୁରକ୍ଷିତ କରି ରଖିଥିଲା । ତେଣୁ ପୋଲିସ ଫୌଜ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଏହା ମଧ୍ୟକୁ ପ୍ରବେଶ କରିବା ଏତେ ସହଜସାଧ୍ୟ ହୋଇନଥିଲା । ବାସୁଦେବପୁରରୁ ଯେଉଁ ରାସ୍ତାଟି ଚୂଡ଼ାମଣିର ଗମେଇନଦୀ ଘାଟ ପର୍ଯ୍ୟନ୍ତ ନିର୍ମିତ ହୋଇଥିଲା ତାହା ମଧ୍ୟ

(୫) ୧୯୪୨; ଅକ୍ଟୋବର ୨୦ର 'ସମାଜ'

ଥିଲା କଟା ପୁନଗସ୍ନ ନଦୀଘାଟଠାରୁ ଇରମ ପର୍ଯ୍ୟନ୍ତ ଗୋଟିଏ ମାତ୍ର ବାଲି ଗୋଡ଼ରାସ୍ତା ଥିଲା । ତେଣୁ ବର୍ଷାଦିନରେ ସେମାନଙ୍କ ପାଇଁ ଆସିବା କଷ୍ଟସାଧ୍ୟ ଓ ସମୟସାପେକ୍ଷ ହୋଇଥିଲା । ଏତଦ୍ ବ୍ୟତୀତ ଇରମକୁ ଆସିବା ପାଇଁ ରହିଥିବା ଦୁଇଟି ଯାକ ରାସ୍ତାରେ ଆସିବାକୁ ହେଲେ ଦୁଇଟି ନଦୀ ଅତିକ୍ରମ କରିବାକୁ ପଡୁଥିଲା ନୌକା ସାହାଯ୍ୟରେ । ସେ ଦୁଇଟି ନଦୀ ଥିଲା ଦକ୍ଷିଣରେ ଗମୋଇ ନଦୀ ଓ ଉତ୍ତର-ପଶ୍ଚିମ ଦିଗରେ କାଂଶବାଂଶ ନଦୀ । ସେପରି ସ୍ଥଳେ ନେତାମାନେ ସମ୍ଭବତଃ ଚିନ୍ତା କରିଥିଲେ ଯେ ନଦୀ ଅତିକ୍ରମ କରିବାପାଇଁ ଯଦି ନାଉରୀମାନେ ପୋଲିସ ଓ ଇଂରେଜମାନଙ୍କ ସହ ଅସହଯୋଗ କରନ୍ତି, ତାହାହେଲେ ସେମାନଙ୍କ ପାଇଁ ଆସିବା ଅସମ୍ଭବ ହୋଇପଡ଼ିବ । ତାହା ମଧ୍ୟ ବହୁସମୟରେ ଘଟିଥିବାର ଦେଖାଯାଇଥିଲା । ଉପରୋକ୍ତ କାରଣଯୋଗୁ ବାସୁଦେବପୁର ଥାନାର ଅନ୍ୟଅଞ୍ଚଳ ଅପେକ୍ଷା ଇରମ ଅଞ୍ଚଳ ଅଧିକ ସୁରକ୍ଷିତ ବୋଲି ଚିନ୍ତାକରି ଉଭୟ ନେତା ଓ କର୍ମୀମାନେ ଏହାକୁ ନିଜର ରାଜନୈତିକ କର୍ମଭୂମି ବୋଲି ନିର୍ବାଚନ କରିଥିଲେ । ଏ ସମ୍ପର୍କରେ ମଧ୍ୟ ୧୯୪୨ର ଗୁଳିକାଣ୍ଡପରେ ଇଂରେଜ ସରକାର ତତ୍କାଳୀନ ଆର.ଡ଼ି.ସି. ଇ.ସି. ଅନସର୍ଜ ଓ ଆଇ.ଜି, ଏ. ଓ. ପାରକିନଙ୍କୁ ନେଇ ବସାଇଥିବା ଇନକ୍ୱାରି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସେଥିରେ ଉଲ୍ଲିଖିତ ହୋଇଛି "ଇରମକୁ ଯିବା ଅଗମ୍ୟ ଓ ଯାତାୟାତର ଅସୁବିଧା ହେତୁ କର୍ମୀମାନେ ଏହାକୁ ନିଜର କର୍ମଭୂମି ବୋଲି ନିର୍ବାଚନ କରିଥିଲେ" (୬) ବାସ୍ତବପକ୍ଷେ ଗୁଳିକାଣ୍ଡ ପରେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକରୁ ଡାକ୍ତରଙ୍କୁ ଇରମ ଆସିବାପାଇଁ ୧୬ ଘଣ୍ଟା ଓ ସିମୁଳିଆରୁ ବାସୁଦେବପୁର ମାତ୍ର ୮ ମାଇଲ ଦୂରତାକୁ ଅତିକ୍ରମ କରିବା ପାଇଁ ଜିଲ୍ଲା କଲେକ୍ଟରଙ୍କୁ ବହୁ କଷ୍ଟ ସହି ୪ଘଣ୍ଟା ଲାଗିଥିଲା ବୋଲି ଉକ୍ତ ରିପୋର୍ଟରୁ ଜଣାଯାଏ । (୭)

ପୁନଶ୍ଚ ଇରମ ଅଞ୍ଚଳକୁ ନେତାମାନେ ନିର୍ବାଚନ କରିବା ମୂଳରେ ଅନ୍ୟ ଗୋଟିଏ କାରଣ ଥାଇପାରେ ବୋଲି ମନେହୁଏ । ତାହାଥିଲା ଇରମ ଅଞ୍ଚଳର ଘନ ଜନବସତି । ୧୯୩୦-୩୨ ମସିହାର ବନ୍ଦୋବସ୍ତ ରିପୋର୍ଟରୁ ଜଣାଯାଏ ଯେ ବହୁଗ୍ରାମଦ୍ୱାରା ଗଠିତ ଉକ୍ତ ଅଞ୍ଚଳଟି ଥିଲା

(୬) ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନର ଇତିହାସ (ଇଂରାଜି)
(୭) ଏଜନ ୪ର୍ଥ ଭାଗ ପରିଶିଷ୍ଟ ଗ, ପୃଷ୍ଠା ୬୨-୬୫

Digitized by srujanika@gmail.com

ବାସୁଦେବପୁର ଥାନା ମଧ୍ୟରେ ସର୍ବାପେକ୍ଷା ଅଧିକ ଜନବହୁଳ ଅଞ୍ଚଳ । ପୁନଶ୍ଚ ଉକ୍ତ ଅଞ୍ଚଳରେ ସର୍ବମୋଟ ୨୬ଟି ଗ୍ରାମ ଏପରିଭାବେ ପରସ୍ପର ସହିତ ସଂଲଗ୍ନ ହୋଇଥିଲା ଯେ ଗୋଟିଏ ଗ୍ରାମର ଖବର ବା ଘଟଣା ଅନ୍ୟ ଗ୍ରାମରେ ଅନାୟାସରେ ଓ ଦ୍ରୁତ ଗତିରେ ପହଞ୍ଚି ପାରୁଥିଲା । ତେଣୁ ଇରମରେ କୌଣସି ସଭାସମିତିର ଆୟୋଜନ ସହଜ ସାଧ୍ୟ ହୋଇ-ପାରିଥିଲା । ଇରମରେ ଆହୂତ ରାଜନୈତିକ ସଭାରେ ଆଶାତୀତ ଭାବେ ଯେଉଁ ବହୁସଂଖ୍ୟକ ଲୋକ ଯୋଗ ଦେଉଥିଲେ, ସମ୍ଭବତଃ ଉପରୋକ୍ତ କାରଣ ଥିଲା କିଛି ପରିମାଣରେ ଦାୟୀ । ସର୍ବଶେଷରେ ଇରମରେ ଥିବା ବିଭିନ୍ନ ଗ୍ରାମକୁ ସଂଲଗ୍ନ କରି ମେଲନ ପଡ଼ିଆ ଭଳି ଏତେ ବଡ଼ ପଡ଼ିଆ ବାସୁଦେବପୁର ଥାନାରେ ଅନ୍ୟତ୍ର ଦେଖିବାକୁ ମିଳି ନଥିଲା । ଅବଶ୍ୟ ବର୍ତ୍ତମାନର ବ୍ଲକ ତିଆରି ହୋଇଥିବା ପଡ଼ିଆ, ବାଲିନଗର ପଡ଼ିଆ, ଜାଫରପୁର ନିକଟସ୍ଥ ପଡ଼ିଆ ଆଦି ଅନ୍ୟାନ୍ୟ କେତୋଟି ସୁବିସ୍ତୀର୍ଣ୍ଣ ପଡ଼ିଆ ଥିଲେ ମଧ୍ୟ ସେଗୁଡ଼ିକ ଥାନାର ସଦରମହକୁମାଠାରୁ ଅନତି ଦୂରରେ ଅବସ୍ଥିତ ଥିଲା । ତେଣୁ ସେହି ଦୃଷ୍ଟିରୁ ଇରମର ମେଲନ ପଡ଼ିଆଟି ନିରାପଦ ଭାବି ଉଭୟ ନେତା ଓ ସତ୍ୟାଗ୍ରହୀମାନେ ଏହାକୁ ସଭାସମିତିର ସ୍ଥାନ ରୂପେ ନିର୍ବାଚନ କରିଥିଲେ ।

ବର୍ତ୍ତମାନ ଇରମର ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଉ ।

ଇରମରେ ଅସହଯୋଗ ଆନ୍ଦୋଳନ

ଏହା ଥିଲା ୧୯୨୦ ମସିହାର କଥା । ଡିସେମ୍ବର ମାସ ନାଗପୁର-ଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ଐତିହାସିକ ଅଧିବେଶନରେ ଅସହଯୋଗ ଆନ୍ଦୋଳନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆନ୍ଦୋଳନ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ ବୋଲି ସ୍ଥିର ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଭାରତୀୟମାନେ ଶାସନ କ୍ଷେତ୍ରରେ ଅସହଯୋଗ କରି ବ୍ରିଟିଶ ଶାସନକୁ ଅଚଳ କରିଦେବେ; ଯଥା—ଆଇନଜୀବୀମାନେ ବିଚାରାଳୟକୁ ବାସନ୍ଦ କରିବେ, ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଛାତ୍ରମାନେ ନିଜକୁ ପ୍ରତ୍ୟାହାର କରିନେବେ, ବିଧାନ

Digitized by srujanika@gmail.com

ପରିଷଦର ସଦସ୍ୟମାନେ ଏହାକୁ ବାସନ୍ଦ କରିବେ । ବିଭିନ୍ନ ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଦାଲତ ସ୍ଥାପିତ କରାଯାଇ ସେଠାରେ ସମସ୍ତ ମକଦ୍ଦମା ବିଚାର କରାଯିବ । ଛାତ୍ରମାନଙ୍କୁ ଶିକ୍ଷାଦାନ ନିମନ୍ତେ ଜାତୀୟ ବିଦ୍ୟାଳୟ ସ୍ଥାପିତ ହେବ । ହାତକଟା ଓ ହାତବୁଣା ଖଦି ସମେତ ଅନ୍ୟାନ୍ୟ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରାଯିବ । ଏହିପରି ଭାବେ ମହାତ୍ମାଗାନ୍ଧିଙ୍କ ସମଗ୍ର ଭାରତବର୍ଷରେ ଯୁଗାନ୍ତକାରୀ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଓଡ଼ିଶାରେ ମଧ୍ୟ ଉକ୍ତ ଆନ୍ଦୋଳନ ପ୍ରତିଧ୍ୱନିତ ହୋଇଥିଲା । ଏହାର ଆଭିମୁଖ୍ୟ ସେତେବେଳେ ପ୍ରଚାର କରୁଥାଆନ୍ତି ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାଶ । ବାଲେଶ୍ୱର ଜିଲ୍ଲାରେ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ ହୋଇଥାଏ ଲବ୍ଧପ୍ରତିଷ୍ଠ ଜନନାୟକ ହରେକୃଷ୍ଣ ମହତାବଙ୍କ ଉପରେ ।

ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଥାନାରେ ଆନ୍ଦୋଳନର ବାର୍ତ୍ତା ପ୍ରସାର ପାଇଁ ସର୍ବପ୍ରଥମେ ଇରମର ମେଳନ ପଡ଼ିଆରେ ୧୯୨୧ ମସିହା ଏପ୍ରିଲ ମାସରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ପୌରୋହିତ୍ୟ କରିଥିଲେ ଇରମର ଉପେନ୍ଦ୍ରନାଥ ମହାପାତ୍ର ଓ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ କବି ବାଞ୍ଛାନିଧି ମହାନ୍ତି ଓ ଲକ୍ଷ୍ମୀନାରାୟଣ ପାର୍ଢ଼ୀ । ସେଠାରେ ବିଦେଶୀ ବସ୍ତ୍ର ବର୍ଜନ, ନିଶା ନିବାରଣ, କୋର୍ଟ କଚେରୀ ବର୍ଜନ ଓ ସ୍କୁଲ କଲେଜ ତ୍ୟାଗ ଆଦି ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରାଯାଇ ଥିଲା । ଉକ୍ତ ସଭାଟି ଇରମ ଅଞ୍ଚଳର ଲୋକମାନଙ୍କ ଉପରେ ଯେ ବିଶେଷ ଭାବରେ ପ୍ରଭାବ ପକାଇଥିଲା, ଏଥିରେ ସନ୍ଦେହ ନାହିଁ । ଉକ୍ତ ସଭାଟି ସାଫଲ୍ୟମଣ୍ଡିତ ହୋଇଥିବାର ଜାଣି ସେହି ବର୍ଷ ଜୁନ ୧୪ ତାରିଖ ରଜ ସଂକ୍ରାନ୍ତି ଦିନ ଗୋପବନ୍ଧୁ ଦାଶ ଇରମ ଆସିଥିଲେ । ମେଳନ ପଡ଼ିଆରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଥିରେ ପୌରୋହିତ୍ୟ କରିଥିଲେ ଜମିଦାର ରାଧାକାନ୍ତ ପାର୍ଢ଼ୀ । ଗୋପବନ୍ଧୁ ଦାଶ ଓ ବାଞ୍ଛାନିଧି ମହାନ୍ତି ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଗୋପବନ୍ଧୁ ଦାଶ ଆବେଗବିହ୍ୱଳ ହୋଇ ଭାଷଣ ମାଧ୍ୟମରେ ଗାଇଥିଲେ—

Digitized by srujanika@gmail.com

"ଦେଶ ଜାତି ପ୍ରୀତି ସରସ୍ୱତୀ ନଦୀ
ବହୁଛି ଇରମେ ଶତମାର୍ଗ ଭେଦି
ଅନ୍ତଃସଲିଳା ଏ ସାରା ଘରତେ
ଜାତୀୟତା ଧାରେ ବହିବ ନରତେ
ଦେଶାତ୍ମବୋଧର ଗୁରୁ ଗନ୍ତାଘର
ଇରମ ସୁରମ୍ୟ ଜାତୀୟ ନଗର" (୮)

ଗୋପବନ୍ଧୁଙ୍କର ହୃଦୟସ୍ପର୍ଶୀ ବାଣୀ ଓ ଓଜସ୍ୱିନୀ ବକ୍ତୃତା ଏବଂ ବାଞ୍ଛାନିଧିଙ୍କର ଆବେଗଭରା ସଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କ ହୃଦୟତନ୍ତ୍ରୀରେ କେବଳ ଯେ ଅପୂର୍ବ ଉନ୍ମାଦନା ସୃଷ୍ଟି କରିଥିଲା, ତା ନୁହେଁ, ପରେ ପରେ ସମଗ୍ର ଇରମ ଅଞ୍ଚଳର ଅଧିବାସୀମାନେ ସେମାନଙ୍କର ବାଣୀକୁ ମନ୍ତ୍ରକବଚ ରୂପେ ପ୍ରୟୋଗ କରି ଗାନ୍ଧିଜୀଙ୍କର ରଚନାତ୍ମକ ପରିକଳ୍ପନା ଗୁଡିକ କାର୍ଯ୍ୟକାରୀ କରାଇଥିଲେ । ଅରଟରେ ସୂତାକଟା ଆରମ୍ଭ ହୋଇଥିଲା । ଏଥିସହିତ ଲୋକମାନେ କପାଗୃଷ ଆରମ୍ଭ କରିଥିଲେ । ନିରକ୍ଷରତା ଦୂରୀକରଣ ପାଇଁ ଶିକ୍ଷିତ ବ୍ୟକ୍ତି ସନ୍ଧ୍ୟାରେ ଠାଏ ଠାଏ ଆଲୁଅ ଜଳାଇ ପ୍ରୌଢ଼ମାନଙ୍କୁ ପାଠ ପଢ଼ାଇଥିଲେ । ନିଶା ଓ ମାଦକ ଦ୍ରବ୍ୟ ବ୍ୟବହାର ନ କରିବା ପାଇଁ ସତ୍ୟାଗ୍ରହୀମାନେ ଲୋକମାନଙ୍କୁ ବୁଝାଇବାକୁ ଲାଗିଗଲେ । ଗାଁ ଗହଳରେ ଏ ସବୁର ପ୍ରଗୃର ପାଇଁ ସବୁଠାରୁ ସହଜ ଓ ଆକର୍ଷଣୀୟ ମାଧ୍ୟମ ହେଉଛି କୀର୍ତ୍ତନ । ତେଣୁ କୀର୍ତ୍ତନ କରି ପ୍ରାୟ ପ୍ରତ୍ୟହ ସନ୍ଧ୍ୟାରେ କର୍ମୀମାନେ ଅରଟ ଚିହ୍ନିତ ପତାକାଧରି ଲୋକମାନଙ୍କୁ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ କରାଇ ପାରିଥିଲେ । ସତେ ଯେପରି ଜଣାପଡୁଥିଲା ଇରମ ଅଞ୍ଚଳର ଅଧିବାସୀମାନେ ଏକଲବ୍ୟର ନିଷ୍ଠାନେଇ ଗାନ୍ଧିଜୀଙ୍କର କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାପାଇଁ ବଦ୍ଧ ପରିକର । ଅବଶ୍ୟ ଉକ୍ତ କାର୍ଯ୍ୟକ୍ରମ ଯଦି ଜୟଶ୍ରୀ ମଣ୍ଡିତ ହୋଇ ପାରିଥିଲା, ତା ମୂଳରେ ଥିଲା କବି ବାଞ୍ଛାନିଧି ମହାନ୍ତି, ଲକ୍ଷ୍ମୀନାରାୟଣ ପାଢ଼ୀ, ଉପେନ୍ଦ୍ର ପ୍ରସାଦ ମହାପାତ୍ର ଓ ବଇଞ୍ଚା ଗ୍ରାମର ସୁଦର୍ଶନ ପଣ୍ଡାଙ୍କର ନିଷ୍ଠାପର ଉଦ୍ୟମ । ବାସ୍ତବ ପକ୍ଷେ ସତ୍ୟାଗ୍ରହ ରଥରେ ସେମାନେ ଥିଲେ ଜଣେ ଜଣେ କୁଶଳୀ ସାରଥୀ । ବଟବୃକ୍ଷପରି ପଥଶ୍ରାନ୍ତ

(୮) ସୁଧାକର ଦାଶ, ସ୍ୱାଧୀନତା ସଂଗ୍ରାମ ଭୂମି ଇରମ, ପୃଷ୍ଠା ୫

Digitized by srujanika@gmail.com

ବାଟୋଇଙ୍କୁ ସେମାନେ ଗୁପ୍ତ ଦେଇଛନ୍ତି ମିନା, ପ୍ରତିଦାନରେ ସେମାନେ କାହାରିଠାରୁ କିଛି ଆଶା କରି ନାହାନ୍ତି ।

ଇତି ମଧ୍ୟରେ ଇରମ ଅଞ୍ଚଳରେ କଂଗ୍ରେସ କାର୍ଯ୍ୟକ୍ରମ ଦିନକୁ ଦିନ ଅଧିକ ଜନପ୍ରିୟ ହେବାକୁ ଲାଗିଲା । ଏହି ଜନପ୍ରିୟତା ପାଇଁ ସ୍ୱାଧୀନତା ସଂଗ୍ରାମର ଓଡ଼ିଶାର ତତ୍କାଳୀନ ବହୁ ଶୀର୍ଷନେତା ଇରମ ଭୂଇଁରେ ବାରମ୍ବାର ପଦାର୍ପଣ କରିଥିଲେ । ସେମାନଙ୍କ ମଧ୍ୟରୁ ସେବାର ନିଷ୍ଠାପର ଉପାସକ ଗୋପବନ୍ଧୁ ଚୌଧୁରୀ, ରମାଦେବୀ ଓ ନବକୃଷ୍ଣ ଚୌଧୁରୀଙ୍କ ନାମ ଉଲ୍ଲେଖ-ଯୋଗ୍ୟ । ସେମାନେ ଯେତେଥର ଇରମରେ ବିଭିନ୍ନ ସମୟରେ ପଦାର୍ପଣ କରୁଥାଆନ୍ତି, ସଂଗ୍ରାମର ଲହରୀ ସେତେବେଶୀ ଉଦ୍‌ବେଳିତ ହେଉଥାଏ । ତେଣୁ ଇରମକୁ ରାଜନୈତିକ କର୍ମକ୍ଷେତ୍ରରେ ରୂପାନ୍ତରିତ କରିବାରେ ସେମାନଙ୍କର ଅବଦାନ ଉଲ୍ଲେଖନୀୟ ।

ଇରମରେ ଜନଜାଗରଣ ସୃଷ୍ଟି କରାଇ ଉକ୍ତ ଅଞ୍ଚଳର ଅଧିବାସୀଙ୍କ ହୃଦୟ-କେଦାରରେ ଜାତୀୟତାର ବୀଜ ବପନ କରିବା ଦିଗରେ ଅନ୍ୟଜଣେ ବଳିଷ୍ଠ ବ୍ୟକ୍ତିଙ୍କର ନିଷ୍ଠାପର ଉଦ୍ୟମ ଉଲ୍ଲେଖଯୋଗ୍ୟ । ସେ ହେଉଛନ୍ତି ହରେକୃଷ୍ଣ ମହତାବ । ପରବର୍ତ୍ତୀ ସମୟରେ ବାସୁଦେବପୁର ଅଞ୍ଚଳର ନେତାମାନେ ତାଙ୍କୁ ଗୁରୁଦେବ ରୂପେ ଗ୍ରହଣ କରି ତାଙ୍କର ନିର୍ଦ୍ଦେଶରେ ପରିଚାଳିତ ହୋଇଥିଲେ । ୧୯୨୭ ମସିହାରେ ଗାନ୍ଧୀଜୀ ତାଙ୍କ ପଦ-ଯାତ୍ରାରେ ଇରମଠାରୁ ପ୍ରାୟ ୧୦ କିଲୋମିଟର ଦୂରବର୍ତ୍ତୀ ଗୁଣ୍ଡିବାଟିଆକୁ ଆସି ଦୁଇଦିନ ରହିଥିଲେ । (୯) ତାଙ୍କ ସହିତ ଥିଲେ ଶ୍ରୀଯୁକ୍ତ ମହତାବ । ସେଠାକୁ ବାଞ୍ଛାନିଧି ମହାନ୍ତି, ଲକ୍ଷ୍ମୀନାରାୟଣ ପାତ୍ରୀ, ଉପେନ୍ଦ୍ରନାଥ ପାତ୍ରୀ, ସୁଦର୍ଶନ ପଣ୍ଡା ପ୍ରମୁଖ ଯାଇଥିଲେ । ସେହିଠାରେ ଶ୍ରୀଯୁକ୍ତ ମହତାବ ସେମାନଙ୍କ ସହିତ ଆଲୋଚନା କରି ସେହି ୧୯୨୭ ମସିହାରେ ସେ ଇରମକୁ ଆସି ଏକ ସାଧାରଣ ସଭାରେ ପୌରୋହିତ୍ୟ କରିଥିଲେ । ବାଞ୍ଛାନିଧି ମହାନ୍ତି ଥିଲେ ମୁଖ୍ୟ ବକ୍ତା । ସେଠାରେ କନିକା ରାଜାଙ୍କର ଅତ୍ୟାଚାର ଉପରେ ଆଲୋଚନା କରାଯାଇ ତା'ର ନିନ୍ଦା କରାଯାଇଥିଲା । ଉକ୍ତ ସଭାରେ

(୯) ହରେକୃଷ୍ଣ ମହତାବ—ଦଶବର୍ଷର ଓଡ଼ିଶା, ପୃଷ୍ଠା ୫୭

Digitized by srujanika@gmail.com

ହରେକୃଷ୍ଣ ମହାତାବଙ୍କର ଓଜସ୍ୱିନୀ ବକ୍ତୃତା ଓ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଇରମ ଅଞ୍ଚଳର ଅଧିବାସୀଙ୍କ ପ୍ରାଣର ଛନ୍ଦେ ଛନ୍ଦେ ଗଭୀର ରେଖାପାତ କରିଥିବାର ଜଣାଯାଏ । ବାସ୍ତବପକ୍ଷେ କେବଳ ଇରମ କାହିଁକି ସମଗ୍ର ଦେବାମ୍ବ ଉତ୍କଳରେ ଜାତୀୟତା ଗଙ୍ଗାର ପ୍ରବାହ ନିମନ୍ତେ ତାଙ୍କର ଭଗୀରଥ ଉଦ୍ୟମପାଇଁ ସେ ଚିରନମସ୍ୟ ହୋଇ ରହିଥିବେ । •

ଇରମ ଅଞ୍ଚଳରେ ଅପୂର୍ବ ଜନଜାଗରଣ ଦେଖି ସେତେବେଳେ ଇଂରେଜ ସରକାର ପ୍ରକାରାନ୍ତରେ ଏକ ଦମନମୂଳକ ପଦକ୍ଷେପ ଗ୍ରହଣ କରିଥିଲେ । ୧୮୯୮ରେ ପ୍ରତିଷ୍ଠିତ ପୁରାତନ ମଧ୍ୟଇଂରାଜୀ ବିଦ୍ୟାଳୟଟି ସମ୍ଭବତଃ ସତ୍ୟାଗ୍ରହୀମାନଙ୍କର ମିଳନସ୍ଥଳ ଭାବି ଇଂରେଜ ସରକାର ଏହାର ମଞ୍ଜୁରୀ ରଦ୍ଦକରି ଦେଇ ବିଦ୍ୟାଳୟଟିକୁ ସାବରଙ୍ଗକୁ ଉଠାଇ ନେଇଥିଲେ । ମାତ୍ର ଚଳନ୍ତ ସ୍ରୋତର ଗତି ବନ୍ଦକରିବା ସହଜ ହୋଇ ନଥାଏ । ଉକ୍ତ ବିଦ୍ୟାଳୟ ସ୍ଥାନରେ ଗୋପବନ୍ଧୁ ଦାଶଙ୍କ ନିର୍ଦ୍ଦେଶକ୍ରମେ ଓ ନେତା ମାନଙ୍କ ପ୍ରଚେଷ୍ଟାରେ ୧୯୨୩ ମସିହାରେ ଇରମରେ ଏକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ଏହା ୧୯୨୭ ମସିହା ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ଉକ୍ତ ବିଦ୍ୟାଳୟ ପରିଚାଳନାର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ଜମିଦାର ରାଧାକାନ୍ତ ପାତ୍ରଙ୍କ ଉପରେ । ଏଥିରେ ବି.ଏ. ପାଶ୍ କରିଥିବା ଉଦୀୟମାନ ଯୁବକ ଉପେନ୍ଦ୍ରନାଥ ପାତ୍ରୀ ପୋଷ୍ଟମାଷ୍ଟର ଥାଇ ମଧ୍ୟ ଶିକ୍ଷକତା କରିଥିଲେ । (୧୦) ତାଙ୍କ ବ୍ୟତୀତ ଲକ୍ଷ୍ମୀନାରାୟଣ ପାତ୍ରୀ, ଉପେନ୍ଦ୍ରନାଥ ମହାପାତ୍ର, ଭଗବାନ ପାଣିଗ୍ରାହୀ ଓ ପରଶୁରାମ ପାତ୍ରୀ ଶିକ୍ଷକତା କରିଥିବାର ଜଣାଯାଏ । (୧୧) ଉକ୍ତ ବିଦ୍ୟାଳୟରେ ମୁଖ୍ୟତଃ ସୂତାକଟା, ଲୁଗାବୁଣା, କାଠକାମ ଆଦି ବିଷୟ ଶିକ୍ଷାର୍ଥୀମାନଙ୍କୁ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ଶିକ୍ଷା ଦିଆଯାଉଥିଲା ।

ଏହା ଥିଲା ଇରମରେ ୧୯୨୦ର 'ଅସହଯୋଗ ଆନ୍ଦୋଳନ'ର ଇତିହାସ । ମାତ୍ର ସେତିକିରେ ଇରମରେ ଜନଜାଗରଣର ଯବନିକା

---

(୧୦) ଇରମ ଉଚ୍ଚଇଂରାଜୀ ବିଦ୍ୟାଳୟର ପୁରାତନରେକର୍ଡ଼ରୁ ରବିକାନ୍ତ ରାଉଙ୍କ-ଠାରୁ ପ୍ରାପ୍ତ ।

(୧୧) ସୁଧାକର ଦାଶ—ସ୍ୱାଧୀନତା ସଗ୍ରାମ ଭୂମି ଇରମ-ପୃଷ୍ଠା ୭

Digitized by srujanika@gmail.com

ପଡ଼ୁନଥିଲା । ଏହାର ଅନ୍ୟଏକ ଅଧ୍ୟାୟ ଉନ୍ମୋଚିତ ହୋଇଥିଲା ୧୯୩୦ ମସିହାରେ ।

ଇରମରେ ଆଇନ ଅମାନ୍ୟ ଅନ୍ଦୋଳନ :—

ଭାରତୀୟ ଜାତୀୟ କଂଗ୍ରେସର ଐତିହାସିକ ଲାହୋର ଅଧିବେଶନରେ ଆଇନ ଅମାନ୍ୟ ଆନ୍ଦୋଳନ ଅବଲମ୍ବନ କରିବାପାଇଁ ଏକ ଯୁଗାନ୍ତକାରୀ ସିଦ୍ଧାନ୍ତ ନେବାପରେ ମହାତ୍ମାଗାନ୍ଧୀ ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ଉଦ୍ଦେଶ୍ୟରେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏ ଦିଗରେ ପ୍ରଥମ ପଦକ୍ଷେପ ଥିଲା ଲବଣ ଆଇନଭଙ୍ଗ । ଆବହମାନ କାଳରୁ ଭାରତୀୟମାନେ ସମୁଦ୍ର ଜଳକୁ ଫୁଟାଇ ସେଥିରୁ ଲୁଣ ପ୍ରସ୍ତୁତ କରି ଜୀବିକାର୍ଜ୍ଜନ କରିଆସୁଥିଲେ । କିନ୍ତୁ ଏକ ଆଇନ ପ୍ରଣୟନ କରି ବ୍ରିଟିଶ ସରକାର ଏହାକୁ ନିଷିଦ୍ଧ କରିଦେଇଥିଲେ । ଏହାଦ୍ୱାରା ଲୁଣ ବ୍ୟବସାୟରେ ସେମାନେ ହେଲେ ସର୍ବମୟ କର୍ତ୍ତା । ଫଳରେ ଜନସାଧାରଣଙ୍କର ଦୁଃଖ ଓ ଦୁର୍ଦ୍ଦଶାର ସୀମାରହିନଥିଲା । ଅହମ୍ମଦାବାଦଠାରୁ ୨୦୦ ମାଇଲ ଦୂରକୁ ସମୁଦ୍ର କୂଳରେ ଅବସ୍ଥିତ ଦର୍ଣ୍ଡୀନାମକ ସ୍ଥାନରେ ଲବଣ ଆଇନ ଭଙ୍ଗକରିବାକୁ ଗାନ୍ଧିଜୀ ସ୍ଥିର କରିଥିଲେ । ୧୯୩୦ ମାର୍ଚ୍ଚ ୧୨ ତାରିଖର ଐତିହାସିକ ସକାଳ । ସେଦିନ ୭୯ ଜଣ ଅନୁଗାମୀଙ୍କ ସହ ସାବରମତୀ ଆଶ୍ରମରୁ ଯାତ୍ରା ଆରମ୍ଭକରି ଏପ୍ରିଲ ତା ୫ରିଖ ଦିନ ଦର୍ଣ୍ଡୀଠାରେ ପହଞ୍ଚିଥିଲେ । ସେଠାରେ ଲବଣ ଆଇନ ଭଙ୍ଗକରିବା ପରେ ସମଗ୍ର ଦେଶର ବିଭିନ୍ନ ଅଞ୍ଚଳରେ ସତ୍ୟାଗ୍ରହୀମାନେ ଉକ୍ତ ଆଇନ ଭଙ୍ଗକରି ଆଇନ ଅମାନ୍ୟ ଆନ୍ଦୋଳନକୁ ଆଶ୍ଚର୍ଯ୍ୟଜନକଭାବେ ସାଫଲ୍ୟ ମଣ୍ଡିତ କରିଥିଲେ ।

ଉକ୍ତ ଆନ୍ଦୋଳନ ପ୍ରତିଧ୍ୱନିତ ହୋଇଥିଲା ଇରମ ଅଞ୍ଚଳରେ । ସେତେବେଳେ ଓଡିଶାର ପ୍ରତିଷ୍ଠିତ ନେତୃବୃନ୍ଦ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ିକୁ ଉକ୍ତ ଆନ୍ଦୋଳନର ପ୍ରଧାନ କେନ୍ଦ୍ର ରୂପେ ସ୍ଥିରକରି ସେଠାକୁ ଯାଇଥିଲେ । ସେହି ସମୟରେ ମଧ୍ୟ ଇରମକୁ ସଂଲଗ୍ନ କରି ରହିଥିବା ସମୁଦ୍ରର ବିସ୍ତୀର୍ଣ୍ଣ ବେଳାଭୂମି ସତ୍ୟାଗ୍ରହୀଙ୍କ ଗହଣରେ ପ୍ରକମ୍ପିତ ହୋଇ ଉଠିଥିଲା । ଏଥି ସହିତ ଚତୁର୍ଦ୍ଦିଗରେ ଶଙ୍ଖ ଓ ହୁଳହୁଳି ଧ୍ୱନି ଏକ ଗୁରୁ ଗାମ୍ଭୀର୍ଯ୍ୟ ପରିବେଶ ସୃଷ୍ଟି କରିଥିଲା । ସଦେଇ ପଡ଼ା ଗ୍ରାମର ଦିବାକର ହିପାଠୀଙ୍କର ଏକ

Digitized by srujanika@gmail.com

ବିଶାଳ ଗୃହ ଆଇନ ଅମାନ୍ୟ ଆନ୍ଦୋଳନର କାର୍ଯ୍ୟାଳୟ ରୂପେ ବ୍ୟବହାର କରାଯାଇଥିଲା । ସତ୍ୟାଗ୍ରହୀ ମାନଙ୍କୁ ଲୁହା ପାତ୍ରରେ ଲୁଣ ଗୁଣ୍ଡିବା ପାଇଁ ପାତ୍ର ଯୋଗାଇଥିଲେ ଚୂଡ଼ାମଣୀ·ଗ୍ରାମର ଧନବନ୍ଧୁ ବନ୍ଧାଣୀ ଓ ରାମଚନ୍ଦ୍ର ବନ୍ଧାଣୀ । ଏହି ସମୟରେ ବାଞ୍ଛାନିଧି ମହାନ୍ତି, ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ଓ ନନ୍ଦକିଶୋର ଦାସ ପ୍ରମୁଖ ତା ଇରମ ଅଞ୍ଚଳରେ ସଭା ସମିତି କରି ସାଧାରଣ ଜନତାଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ । ଇରମରେ ଉକ୍ତ ଆନ୍ଦୋଳନର ପୁରୋଭାଗରେ ଥିଲେ ବାଞ୍ଛାନିଧି ମହାନ୍ତି, ଇରମର ଲକ୍ଷ୍ମୀ ନାରାୟଣ ପାଢ଼ୀ, ଅଡୁଆଁର ଉପେନ୍ଦ୍ରନାଥ ମହାପାତ୍ର, ବଇଞ୍ଚାର ସୁଦର୍ଶନ ପଣ୍ଡା, ସୁଆଁର ରଘୁନାଥ ସାମନ୍ତରାଏ ମହାପାତ୍ର, ସୁଦର୍ଶନ ପୁରର ଭ୍ରମରବର ବେହେରା ଓ ଇରମର ଅନିରୁଦ୍ଧ ମହାନ୍ତି ଓ ଗଣେଶ ପ୍ରସାଦ ତ୍ରିପାଠୀ । ପୁରୁଷମାନଙ୍କ ସହ ନାରୀମାନେ ମଧ୍ୟ ଯୋଗ ଦେଇଥିବାର ଜଣାଯାଏ । ତନ୍ମଧ୍ୟରୁ ଇନ୍ଦୁମଣୀ ଦେବୀ, ବାଞ୍ଛାନିଧି ମହାନ୍ତିଙ୍କ ମାତା କୁନ୍ଦଲତା ଓ ସ୍ତ୍ରୀ ହେମଲତାଙ୍କ ନାମ ଉଲ୍ଲେଖନୀୟ । ଇରମ ଅଞ୍ଚଳ ତଥା ସମଗ୍ର ବାସୁଦେବପୁର ଥାନାର ଅନ୍ୟାନ୍ୟ ସତ୍ୟାଗ୍ରହୀ ସମୁଦ୍ର କୂଳକୁ ଯାଇ ଲୁଣ ମାରିବା ସଙ୍ଗେ ସଙ୍ଗେ ଲୁଣମାଟି ମୁଠାଏ ମୁଠାଏ ଧରି ଲବଣ ଆଇନ ଭଙ୍ଗ କରିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ଜଣାଯାଏ ଯେ ସେତେବେଳେ ସମୁଦ୍ର କୂଳର ଦୃଶ୍ୟ ଥିଲା ଅବର୍ଣ୍ଣନୀୟ । ଲୋକମାନଙ୍କର ଥିଲା ଅପୂର୍ବ ଉନ୍ମାଦନା ଓ ଉଦ୍ଦୀପନା । ଉଚ୍ଚସ୍ୱରରେ 'ମହାତ୍ମାଗାନ୍ଧୀଙ୍କ ଜୟ' ଓ 'ଭାରତ ମାତାଙ୍କ ଜୟ' ଗାନରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା । ଇରମ ଗ୍ରାମଠାରୁ ଅଳ୍ପ କିଛି ଦୂରରେ କୁଳଖଟିଠାରେ ସତ୍ୟାଗ୍ରହୀ ମାନଙ୍କର ଖାଦ୍ୟପେୟ ଓ ରହଣୀ ପାଇଁ ଏକ ଶିବିର ମଧ୍ୟ ଖୋଲା ଯାଇଥିଲା । ଉକ୍ତ ଶିବିର ପାଇଁ ଖାଦ୍ୟପେୟ ଯୋଗାଉଥିଲେ ମୁଖ୍ୟତଃ ଇରମର ତତ୍କାଳୀନ ଜମିଦାର ଗୋଷ୍ଠୀ; ସେମାନେ ଥିଲେ ରାଧାକାନ୍ତ ପାଢ଼ୀ, ରାଧାନାଥ ପାଢ଼ୀ, ବ୍ରଜ କୁମାର ପାଢ଼ୀ, ରଘୁରାମ ଶ୍ରୀଚନ୍ଦନ ମହାପାତ୍ର, ଶ୍ୟାମାନନ୍ଦ ମହାପାତ୍ର ଓ ସୀତାକାନ୍ତ ଚୌଧୁରୀ । ତନ୍ମଧ୍ୟରୁ ରାଧାକାନ୍ତ ପାଢ଼ୀଙ୍କର ଦାନ ସର୍ବାପେକ୍ଷା ଅଧିକ ଥିଲା ବୋଲି କର୍ମୀ ବିନୋଦ ବିହାରୀ ତ୍ରିପାଠୀଙ୍କ ଠାରୁ ଜଣାଯାଏ । ସେ ଦୈନିକ ଟ୨୫, ଚାଉଳ, ଡାଲି ଓ ପନିପରିବା ପାଇଁ ଟ୨୦ ଦାନ କରିବେ ବୋଲି ଦେଇଥିବା ପ୍ରତିଶ୍ରୁତି

Digitized by srujanika@gmail.com

ଷ୍ଟେସ୍ ପ୍ରଭାକର ନିପାଠୀଙ୍କ ଠାରୁ ଜଣାଯାଏ । ସେମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଗ୍ରାମବାସୀ ମଧ୍ୟ ନିଜ ନିଜର ଘରୁ ଗୃହଳ, ପରିବା ଆଦି ଅକୁଣ୍ଠିତ ଚିତ୍ତରେ ଦାନକରି ସତ୍ୟାଗ୍ରହ ପ୍ରତି ସମର୍ଥନ ଜଣାଇଥିଲେ । କ୍ରମେ କ୍ରମେ ସତ୍ୟାଗ୍ରହୀ ମାନଙ୍କର ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ଫଳରେ ଇଚ୍ଛମ ବ୍ୟତୀତ ନିକଟସ୍ଥ ଗ୍ରାମ ପଡ୍ଡୁଆଁ, ବଛଡା, ଚୂଡ଼ାମଣି ଗ୍ରାମର ବାଲିଜୀ ବଣ ଓ ବଦେଇପୁର ଆଦି ସ୍ଥାନରେ ଅନୁରୂପ ସତ୍ୟାଗ୍ରହୀ ଶିବିର ଖୋଲି ଯାଇଥିଲା । ଏହିପରି ଭାବେ ଇଚ୍ଛମରେ ଲବଣ ସତ୍ୟାଗ୍ରହ ଅଭୂତପୂର୍ବ ସାଫଲ୍ୟତା ଅର୍ଜନ କରି ସ୍ୱାଧୀନତା ସଂଗ୍ରାମର ଇତିହାସକୁ ମୁଖରିତ କରିଛି । ଉକ୍ତ ସାଫଲ୍ୟତାକୁ ଭୂୟସୀ ପ୍ରଶଂସା କରି ବାଲେଶ୍ୱର ଜିଲ୍ଲାର ଲବଣ ସତ୍ୟାଗ୍ରହ କେନ୍ଦ୍ର ଗୁଡିକର ତତ୍ତ୍ୱାବଧାରକ ପଣ୍ଡିତ ନୀଳକଣ୍ଠ ଦାଶ କର୍ମୀମାନଙ୍କୁ ଅଭିନନ୍ଦନ ପତ୍ର ଲେଖିଥିବାର ଜଣାଯାଏ ।

ଇଚ୍ଛମରେ ଲବଣ ସତ୍ୟାଗ୍ରହ ଦମନ କରିବା ପାଇଁ ବ୍ରିଟିଶ ସରକାର କେତେକ ପଦକ୍ଷେପ ଗ୍ରହଣ କରିଥିଲେ । ନେତାମାନଙ୍କୁ ଗିରଫ ଓ ଜୋରିମାନା କରିବା ସହିତ ପୋଲିସ ପଇଁତରା ମାରି ଲୋକମାନଙ୍କୁ ଭୟଭୀତ କରାଇଥିଲେ । ଲୁଣ ମାରିବା ସମୟରେ ପ୍ରଥମେ ପାଣୁ ଦାସଙ୍କୁ ଗିରଫ କରାଯାଇଥିଲା । ତାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ବିଦାୟ ଦିଆଯାଇଥିଲା । ଲବଣ ସତ୍ୟାଗ୍ରହକୁ ନେତୃତ୍ୱ ଦେଇଥିବା ବାଞ୍ଛାନିଧି ମହାନ୍ତି, ଲକ୍ଷ୍ମୀନାରାୟଣ ପାତ୍ରୀ ଓ ସୁଦର୍ଶନ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବହୁ କର୍ମୀଙ୍କୁ ଗିରଫ କରାଯାଇଥିଲା । ପୁନଶ୍ଚ ବାଞ୍ଛାନିଧି ମହାନ୍ତିଙ୍କ ପିତା ଚିନ୍ତାମଣି ମହାନ୍ତି ଓ ଜମିଦାର ରାଧାନାଥ ପାତ୍ରୀ ସତ୍ୟାଗ୍ରହୀମାନଙ୍କୁ ସାହାଯ୍ୟ କରିଥିବାରୁ ପ୍ରତ୍ୟେକଙ୍କୁ ଟ୨୦୦ କରି ଜୋରିମାନା କରି ତାହା ଆଦାୟ କରାଯାଇଥିଲା । ଏହା ସତ୍ତ୍ୱେ ସତ୍ୟାଗ୍ରହୀମାନେ ନିଷ୍କ୍ରିୟ ଓ ନିରୁତ୍ସାହ ନ ହୋଇ ଅଧିକ ସକ୍ରିୟ ହୋଇଥିବାର ଦେଖାଯାଇଥିଲା । ପୋଲିସଙ୍କ ସମ୍ମୁଖରେ ସତ୍ୟାଗ୍ରହୀ ବିଶେଷତଃ ସ୍ୱଳ୍ପବୟସ୍କ ବାଳକ ଓ ଯୁବକଗଣ ମୁଠାଏ ମୁଠାଏ ଲୁଣମାଟି ଧରି ଚାଲି ଯାଉଥିବାର ଦୃଶ୍ୟ ଥିଲା ଯେପରି ଆବେଗପୂର୍ଣ୍ଣ, ସେହିପରି କୌତୂହଳପ୍ରଦ । କେବଳ ମାତ୍ର ଅନୁଭବୀହିଁ ଅନୁଭବ କରିପାରିବେ ବୋଲି କେତେକ ପ୍ରତ୍ୟକ୍ଷଦର୍ଶୀ କର୍ମୀମାନଙ୍କ ମୁଖରୁ ଶୁଣିବାକୁ ମିଳେ ।

Digitized by srujanika@gmail.com

ପୁନଶ୍ଚ ୧୯୩୪ ମସିହାରେ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ଇରମରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ପଣ୍ଡିତ ଅନିରୁଦ୍ଧ ତ୍ରିପାଠୀ ପୌରୋହିତ କରିଥିଲେ ଓ ନରସିଂହ ପଣ୍ଡା ନେତୃତ୍ୱ ନେଇଥିଲେ । ପ୍ରାଚୀନ କୁସଂସ୍କାର ବିରୁଦ୍ଧରେ ଆଲୋକପାତ କରାଯାଇ ସବର୍ଣ୍ଣ ଓ ଅସବର୍ଣ୍ଣ ବିବାହ ପାଇଁ ମତ ପ୍ରକାଶ ପାଇଥିଲା ।

ଇରମରେ ବ୍ୟକ୍ତିଗତ ସତ୍ୟାଗ୍ରହ

ଇରମରେ ସ୍ୱାଧୀନତା ଆନ୍ଦୋଳନର ପରବର୍ତ୍ତୀ ଅଧ୍ୟାୟ ଉନ୍ମୋଚିତ ହୁଏ ୧୯୪୦ ମସିହାର ବ୍ୟକ୍ତିଗତ ସତ୍ୟାଗ୍ରହର ପରିବର୍ତ୍ତନରେ । ୧୯୪୦ ମସିହା ନଭେମ୍ବର ମାସରେ ଏହା ସର୍ବଭାରତୀୟ ସ୍ତରରେ ଉଦ୍‌ଘାଟିତ ହୋଇଥିଲା । ଗାନ୍ଧିଜୀ ଥିଲେ ଏହାର ପ୍ରବର୍ତ୍ତକ । ସାମୂହିକ ଭାବେ ଆଇନ ଅମାନ୍ୟ ନକରି ବ୍ୟକ୍ତିଗତ ଭାବେ ଆଇନ ଅମାନ୍ୟ କରିବା ଥିଲା ଏହାର ଉଦ୍ଦେଶ୍ୟ ।

ମାତ୍ର ଉକ୍ତ ଆନ୍ଦୋଳନର ଦୁଇବର୍ଷ ପୂର୍ବରୁ କେବଳ ଇରମ ବା ବାସୁଦେବପୁର ଥାନା ପାଇଁ ନୁହେଁ; ସମଗ୍ର ଓଡ଼ିଶାପାଇଁ ଏକ ଦାରୁଣ ବିପର୍ଯ୍ୟୟ ଦେଖାଦେଲା । ୧୯୩୮ ମସିହାରେ ଗଣନେତା ବାଞ୍ଛାନିଧି ମହାନ୍ତିଙ୍କର ଅକାଳ ବିୟୋଗ ହେଲା । ସେ ଥିଲେ ୧୯୨୦ର ଅସହଯୋଗ ଆନ୍ଦୋଳନଠାରୁ ୧୯୩୮ ମସିହାପର୍ଯ୍ୟନ୍ତ ଇରମ ଅଞ୍ଚଳରେ ସ୍ୱାଧୀନତା ଆନ୍ଦୋଳନର ପ୍ରଧାନ କର୍ଣ୍ଣଧାର । ତାଙ୍କ ବିୟୋଗରେ ସ୍ୱାଧୀନତା ରୂପକ ନୌକାଟି ନାବିକହୀନ ହୋଇପଡିଲା । ତା ସତ୍ତ୍ୱେ ତାଙ୍କଦ୍ୱାରା ଆନ୍ଦୋଳନ ଏତେ ବଳବତ୍ତର ହୋଇଥିଲା ଯେ ତାଙ୍କପରେ ବ୍ୟକ୍ତିଗତ ସତ୍ୟାଗ୍ରହ ଓ ଅଗଷ୍ଟ ବିପ୍ଳବର ସାମୁଦ୍ରିକ ଝଡ଼ରେ ଇରମରେ ଆନ୍ଦୋଳନର ନୌକା ବୁଡ଼ି ନ ଯାଇ ତା'ର ଗତି ଅଧିକ ପ୍ରଖର ହୋଇପାରିଥିଲା ।

୧୯୪୦ର ବ୍ୟକ୍ତିଗତ ଆନ୍ଦୋଳନରେ ବାସୁଦେବପୁର ଥାନାର ଗୋରାଙ୍ଗଚନ୍ଦ୍ର ମହାନ୍ତି ଓ କମଳାପ୍ରସାଦ କରଙ୍କୁ କଂଗ୍ରେସ କମିଟି ଦ୍ୱାରା ସତ୍ୟାଗ୍ରହୀ ରୂପେ ନିର୍ବାଚନ କରାଯାଇଥିଲା । କମଳା ପ୍ରସାଦ କର ବାସୁଦେବପୁରଠାରେ ଓ ଗୋରାଙ୍ଗ ଚନ୍ଦ୍ର ମହାନ୍ତି ଇରମରେ ଆନ୍ଦୋଳନ ଆରମ୍ଭ କରିଥିଲେ । ଇରମରେ ଗୌରାଙ୍ଗଚନ୍ଦ୍ର ମହାନ୍ତି ସତ୍ୟାଗ୍ରହୀ ହୋଇଥିବା ସମୟରେ ବାଞ୍ଛାନିଧି ମହାନ୍ତିଙ୍କ ଝିଅ ବାସନ୍ତୀ ତାଙ୍କୁ ପୁଷ୍ପମାଲ୍ୟ

Digitized by srujanika@gmail.com

ପିଲାଇ ବିଭିନ୍ନ ସ୍ଥାନରେ ବୁଲାଇଥିବା ବିଷୟ ତାଙ୍କଠାରୁ ଶୁଣିବାକୁ ମିଳେ । ଉଭୟ କମଳାବାବୁ ଓ ଗୌରାଙ୍ଗବାବୁ ଗିରଫ ହୋଇ କାରାବରଣ କରିଥିଲେ । ତାହା ପରବର୍ତ୍ତୀ ଅଧ୍ୟାୟରେ ସୂଚାଯାଇଛି ।

ଏହାପରେ ଭାରତ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ବାସୁଦେବପୁର ଥାନାର ଅନ୍ୟ ଅଞ୍ଚଳ ଅପେକ୍ଷା ଇରମ ଅଧିକ ସକ୍ରିୟ ଅଂଶ ଗ୍ରହଣ କରିବା ଦ୍ୱାରା ଏହାର ରାଜନୈତିକ ବାୟୁମଣ୍ଡଳ ସରଗରମ ହୋଇ ପରେ ଅଗଷ୍ଟ ବିପ୍ଳବ ଏକ ଭୟାବହ ରୂପ ଧାରଣ କରିଥିଲା ।

କେବଳ ସେତିକି ନୁହେଁ ।

ଶିକ୍ଷାର ପ୍ରସାର ପାଇଁ ଇରମରେ ଜନଜାଗରଣ :

ପରିଶେଷରେ ଇରମରେ ଜନଜାଗରଣ ପାଇଁ ସେଠାରେ ଶିକ୍ଷାର ବହୁଳ ପ୍ରସାର କିଛି ପରିମାଣରେ ସାହାଯ୍ୟ କରିଥିଲା । ମାନବ ଜାତିର ଇତି-କଥାରେ ଯେତେବେଳେ ବିପ୍ଳବ ସଂଗଠିତ ହୋଇଛି, ତାହା ମୂଳରେ ସମାଜରେ ଶିକ୍ଷିତ ଲୋକଙ୍କର ଅବଦାନ ନିହିତ । ୧୭୮୯ ଖ୍ରୀଷ୍ଟାବ୍ଦରେ ଯୁଗାନ୍ତକାରୀ ଫରାସୀ ବିପ୍ଳବକୁ ନେତୃତ୍ୱ ଦେଇଥିଲେ ତତ୍କାଳୀନ ସମାଜର ଶିକ୍ଷିତ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ । ତାହାହିଁ ଇରମ କ୍ଷେତ୍ରରେ ପ୍ରଯୁଜ୍ୟ । ସେହି ସମୟରେ ସୌଭାଗ୍ୟବଶତଃ ସମଗ୍ର ବାସୁଦେବପୁର ଥାନା ମଧ୍ୟରୁ ଇରମରେ ଅଧିକ ସଂଖ୍ୟକ ଶିକ୍ଷିତ ଓ ପଣ୍ଡିତମାନଙ୍କର ଅଭ୍ୟୁଦୟ ଘଟିଥିଲା । ସେମାନଙ୍କ ମଧ୍ୟରୁ ବି.ଏ. ଓ ଲ ପାଶକରିଥିବା ବାଞ୍ଛାନିଧି ମହାନ୍ତିଙ୍କର ନାମ ଉଲ୍ଲେଖଯୋଗ୍ୟ । ସେହିପରି ଉପେନ୍ଦ୍ରନାଥ ମହାପାତ୍ର ଥିଲେ ସେହି ସମୟର ଅନ୍ୟଜଣେ ଗ୍ରାଜୁଏଟ୍ । ଅନ୍ୟ ଯେଉଁମାନେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥିଲେ, ସେମାନେ ହେଲେ ଲକ୍ଷ୍ମୀନାରାୟଣ ପାଢ଼ୀ ଓ ତାଙ୍କ ସାନଭାଇ ଭାସ୍କର ପାଢ଼ୀ । ଲକ୍ଷ୍ମୀନାରାୟଣ ପାଢ଼ୀ ମି.ଇ. ପାଶ୍‌କରି ଟ୍ରେନିଂ ପାଇଥିଲେ; ସୁଧାକର ପାଢ଼ୀ ମେଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିଲେ ମଧ୍ୟ ତାଙ୍କ ସାନଭାଇ ମେଟ୍ରିକ ପାଶ କରିଥିଲେ । ସେମାନଙ୍କ ବ୍ୟତୀତ ଇରମ, ପଡ଼ୁଆଁ ଓ ନୂଆଗାଁର କେତେକ ସଂସ୍କୃତ ବିଶାରଦ ପଣ୍ଡିତ ଇରମ ଅଞ୍ଚଳର ସାରସ୍ୱତ ଉଦ୍ୟାନକୁ ବିମଣ୍ଡିତ କରିଥିଲେ । ତନ୍ମଧ୍ୟରୁ ଇରମର ସୁଧାକର ତ୍ରିପାଠୀ, ତାଙ୍କ ଭାଇ ପ୍ରଭାକର ତ୍ରିପାଠୀ,

Digitized by srujanika@gmail.com

ପଡ଼ିଆଁର ନରସିଂହ ପଣ୍ଡା ଓ ଅନିରୁଦ୍ଧ ତ୍ରିପାଠୀ, ନୂଆଗାଁର ଶଙ୍କର୍ଷଣ ପାଣି ଓ ଶଙ୍ଖାରୁର କୃଷ୍ଣପ୍ରସାଦ କର ନିଜ ନିଜର ପାଣ୍ଡିତ୍ୟ ଓ ଜ୍ଞାନ ଗରିମାଦ୍ୱାରା ଇରମ ଅଞ୍ଚଳରେ ଶିକ୍ଷାର ବିକାଶ କରିବା ସଙ୍ଗେ ସଙ୍ଗେ ବାସୁଦେବପୁର ଥାନାର ବୌଦ୍ଧିକ ଦିଗ୍‌ବଳୟକୁ ଉଦ୍ଭାସିତ କରିଥିଲେ ।

ଏହିପରି ଭାବେ ଉପରୋକ୍ତ କାରଣ ଯୋଗୁଁ ସମଗ୍ର ବାସୁଦେବପୁର ଥାନାର ସ୍ୱାଧୀନତା ଆନ୍ଦୋଳନରେ ଇରମ ଅଗ୍ରଭାଗରେ ରହି ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରିଥିଲା । ଇରମ ହୋଇଥିଲା ଐତିହାସିକ ଆନ୍ଦୋଳନର ପ୍ରାଣକେନ୍ଦ୍ର । ସମଗ୍ର ଥାନା ପାଇଁ ଏହିଠାରୁହିଁ କଂଗ୍ରେସର ବାର୍ତ୍ତା ପ୍ରଚାରିତ ହେବା ସଙ୍ଗେ ସଙ୍ଗେ କର୍ମୀମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ପନ୍ଥା ନିର୍ଦ୍ଧାରଣ କରାଯାଉଥିଲା । ତାହାମଧ୍ୟ ସମସ୍ତେ ପାଳନ କରୁଥିଲେ । କେଉଁଠି କପରି ଏହାର ବ୍ୟତିକ୍ରମ ଦେଖାଯାଇଥିଲେ ମଧ୍ୟ ମୋଟାମୋଟି ବିଭିନ୍ନ କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ ହୋଇଥିଲା ।

●

Digitized by srujanika@gmail.com

ପଞ୍ଚମ ଅଧ୍ୟାୟ

ମହାନ୍ ଅଗଷ୍ଟ ବିପ୍ଳବର ପ୍ରସ୍ତୁତ ପଥରେ ଇରମ

ମହାନ ଅଗଷ୍ଟ ବିପ୍ଳବ ସମୟରେ ୧୯୪୨ ମସିହା ସେପ୍ଟେମ୍ବର ତା ୨୮ରିଖ ଦିନ ଇରମରେ ସଙ୍ଘଟିତ ଲୋମହର୍ଷଣକାରୀ, ଅମାନୁଷିକ ଓ ନାରକୀୟ ଗୁଳିକାଣ୍ଡର ପୃଷ୍ଠଭୂମିରେ ବହୁ ଘଟଣା ନିହିତ । ଉକ୍ତ ଘଟଣାଗୁଡ଼ିକ ସହିତ କେବଳ ଇରମ ନୁହେଁ, ସମଗ୍ର ବାସୁଦେବପୁର ଥାନା ସମ୍ପୃକ୍ତ । ଅବଶ୍ୟ ଏହା ମୂଳରେ ଥିଲା ବାସୁଦେବପୁର ଥାନାର ବହୁ ନେତା, ସତ୍ୟାଗ୍ରହୀ ଓ ଜନସାଧାରଣଙ୍କର ଆନ୍ତରିକ ପ୍ରଚେଷ୍ଟା, ସେମାନଙ୍କର ଲହୁ ଓ ଲୁହର ଅବଦାନ । ବାସୁଦେବପୁର ଥାନାର ନେତାମାନଙ୍କ ମଧ୍ୟରୁ ବିଶେଷତଃ ତିନିଜଣ ନେତାଙ୍କର ଏକପ୍ରକାର ତ୍ରିବେଣୀ ସଙ୍ଗମ ଯେ ବିପ୍ଳବର ରଥଚକ୍ରକୁ ଅଧିକ ଗତିଶୀଳ କରାଇବାରେ ସହାୟକ ହୋଇଥିଲା, ଏଥିରେ ସନ୍ଦେହ ନାହିଁ । ସେହି ତିନିଜଣ ବରେଣ୍ୟ ନେତା ହେଉଛନ୍ତି ସର୍ବଶ୍ରୀ ଗୋରାଙ୍ଗଚନ୍ଦ୍ର ମହାନ୍ତି, ଅନିରୁଦ୍ଧ ମହାନ୍ତି ଓ କମଳାପ୍ରସାଦ କର । ବ୍ରିଟିଶ୍ ସରକାରର କ୍ରୂର ଦୃଷ୍ଟି ଓ ଦମନମୂଳକ ମନୋଭାବ ସତ୍ତ୍ୱେ ନିର୍ଭୀକ ଭାବେ ସେମାନେ ଯେପରି ବହୁ ଉତ୍‌ଥାନ ପତନର ବନ୍ଧୁର ପଥଦେଇ ଗତିକରି ନିଜର ପ୍ରିୟ କର୍ମଭୂମିରେ ଆନ୍ଦୋଳନକୁ ନେତୃତ୍ୱ ଦେଇପାରିଥିଲେ, ତାହା ଇତିହାସରେ ଏକ କୌତୁହଳପୂର୍ଣ୍ଣ ଅଧ୍ୟାୟ । ସେଥିପାଇଁ ସେମାନଙ୍କର କୃତିତ୍ୱ କାଳକାଳକୁ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେମାନଙ୍କବ୍ୟତୀତ ଅନ୍ୟ ବହୁ ନେତା ଆନ୍ଦୋଳନର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ବାସ୍ତବପକ୍ଷେ ପ୍ରତ୍ୟେକଟି ଥିଲେ ବାସୁଦେବପୁରର ରାଜନୈତିକ ଉଦ୍ୟାନରେ ଗୋଟିଏ ଗୋଟିଏ ସୁରଭିତ କୁସୁମ । ଉକ୍ତ ଅଧ୍ୟାୟର ସୀମିତ କଳେବର ମଧ୍ୟରେ ତାହାର ଏକ ଅବତାରଣା କରାଯାଇଛି ।

ଉପରୋକ୍ତ ୩ ଜଣ ନେତାଙ୍କ ମଧ୍ୟରୁ ସର୍ବପ୍ରଥମେ ୧୯୮୦ ମସିହାରେ ବାସୁଦେବପୁର ଥାନାର ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ

Digitized by srujanika@gmail.com

ନେଇଥିଲେ ଗୌରାଙ୍ଗ ଚନ୍ଦ୍ର ମହାନ୍ତି । ତାଙ୍କୁ ଉକ୍ତଆନ୍ଦୋଳନର ପ୍ରଥମ ସୂତ୍ରଧର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଅନ୍ୟ ନେତାଦ୍ୱୟ ରହିଥିଲେ ସେତେବେଳେ ବାସୁଦେବପୁରଠାରୁ ଦୂରରେ ।

ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କର ଜନ୍ମ ବରଣ୍ଡୁଆ ଗ୍ରାମରେ ୧୯୧୦ ମସିହା ନଭେମ୍ବର ତା ୧୦ରିଖ ଦିନ । ପିତା ଯୁଧିଷ୍ଠିର ମହାନ୍ତି । ସେ ବାଲେଶ୍ୱର କଲେକ୍ଟରିଏଟ୍‌ରେ ଜଣେ ପିଅନରୂପେ କାର୍ଯ୍ୟ କରୁଥିଲେ । ଗୌରାଙ୍ଗ ବାବୁଙ୍କର ବିବାହ ହୋଇଥିଲା ୧୯୩୭ ମସିହାରେ ରସିଦପୁର ଗ୍ରାମର ସୁଲୋଚନା ନାମ୍ନୀ ଏକ ସମ୍ଭ୍ରାନ୍ତ ପରିବାରର ଝିଅଙ୍କ ସହିତ ।

ଗୌରାଙ୍ଗବାବୁ ମେଟ୍ରିକ ପରୀକ୍ଷା ଦେଇ ଜାତୀୟ ଆନ୍ଦୋଳନରେ ଯୋଗ ଦେଇଥିଲେ । ଏହି ଜାତୀୟତା ଭାବ ତାଙ୍କ ହୃଦୟ-କେଦାରରେ ଅଙ୍କୁରିତ ହୋଇଥିଲା ଓଡ଼ିଶାର ତତ୍କାଳୀନ ରାଜନୈତିକ ନେତାମାନଙ୍କ ଗହଣରେ ଆସି । ଦେଶମାତୃକାକୁ ପରାଧୀନତାର ଶୃଙ୍ଖଳରୁ ଛିନ୍ନ କରିବାପାଇଁ ସେ କିଶୋର ଅବସ୍ଥାରେ ବହୁ ରଙ୍ଗୀନ ସ୍ୱପ୍ନ ଦେଖିଥିଲେ । ମାତ୍ର ଏକମାତ୍ର ପୁତ୍ରର ଏ ପ୍ରକାର ମନୋଭାବ ଦେଖି ତାଙ୍କପିତା ଶଙ୍କିତ ହୋଇ ପୁଅ ଯେପରି ଉକ୍ତ କାର୍ଯ୍ୟରେ ଲିପ୍ତ ନହୁଏ, ସେ ଦିଗରେ ସେ ବହୁ କଟକଣା ଜାରି କରିଥିଲେ । ରାଜନୀତିରେ ଯୋଗ ନଦେବା ପାଇଁ ସେ ସଦାସର୍ବଦା ତାଙ୍କୁ ତାଗିଦ୍ କରୁଥାଆନ୍ତି, ମାତ୍ର ବିଧିର ବିଧାନ ଥିଲା ଅନ୍ୟ-ପ୍ରକାରର । ଗୌରାଙ୍ଗବାବୁ ଜନ୍ମ ହୋଇଥିଲେ ବଣମାଲତୀପରି ବଣରେ ଫୁଟି ମଉଳିଯିବାପାଇଁ ନୁହେଁ, ବରଂ ସ୍ୱାଧୀନତା ଆନ୍ଦୋଳନର ଏକ ବରେଣ୍ୟ ନେତାହୋଇ ଇତିହାସର ମୁଖ ଉଜ୍ଜ୍ୱଳ କରିବା ପାଇଁ । ମନରେ ଆଶା ଓ ମୁହଁରେ ଭାଷା ସୃଷ୍ଟି କଲେ ସେ ସଭା ସମିତି କରି । ପରେ ପରେ ସେ ଆନ୍ଦୋଳନର ଉଜାଣି ଯମୁନାକୁ ଲମ୍ଫପ୍ରଦାନ କରି ଜଣେ କୁଶଳୀ ସନ୍ତରଣକାରୀର ଭୂମିକା ନେଇଥିଲେ । ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୁଏ ପୁରୀଜିଲ୍ଲାର ତେଲିଙ୍ଗପଠାରେ ଆୟୋଜିତ ଜାତୀୟ କଂଗ୍ରେସର ଏକ ସଂକ୍ଷିପ୍ତ ଅଧିବେଶନଠାରୁ । ସେଠାରେ ତାଙ୍କର ଭେଟହୁଏ କବି ବାଞ୍ଛାନିଧି ମହାନ୍ତିଙ୍କ ସହିତ । ସେ ଗୌରାଙ୍ଗବାବୁଙ୍କୁ ଉପଦେଶ ଛଳରେ କହିଥିଲେ, "ଖାଲି କଂଗ୍ରେସ ଅଧିବେଶନରେ କେତେଦିନ ସକାଶେ ସଫେଇ ଆଦି କଲେ ଚଳିବ ନାହିଁ, ଦେଶର ସ୍ୱାଧୀନତା ସକାଶେ ଜୀବନ ଉତ୍ସର୍ଗ

Digitized by srujanika@gmail.com

କରିବାକୁ ପଡ଼ିବ" । "ଗୌରାଙ୍ଗବାବୁ ବିନମ୍ର ସହକାରେ ବାଞ୍ଛାନିଧି-ବାବୁଙ୍କର ନିର୍ଦ୍ଦେଶ ଗ୍ରହଣ କରି ତଦନୁଯାୟୀ କାର୍ଯ୍ୟକରିବା ପାଇଁ ଶପଥ ଗ୍ରହଣ କରିଥିଲେ । ୧୯୩୦ ମସିହାର ଅସହଯୋଗ ଆନ୍ଦୋଳନରେ ଲବଣ ସତ୍ୟାଗ୍ରହ ସମୟରେ ସେ ରାଜମାଣ୍ଡର ସୁରେଇଭାଗକୁ ଆସନ୍ତି । ସେ ମଧ୍ୟ ଏହିବାଗରେ କଂଗ୍ରେସ ସେବା ସଂଘ ଦ୍ୱାରା ତାଲିମପ୍ରାପ୍ତ ହୋଇଥିଲେ । ଏହି ସମୟରେ ପ୍ରାୟ ଦୁଇମାସ କାଳ ସେ ଯେଉଁ ଅପୂର୍ବ ଦୁଃସାହସିକତାର ସହିତ ଆନ୍ଦୋଳନରେ ଖିଅକୁ ଅବିଚ୍ଛିନ୍ନ ରଖିବାରେ ସମର୍ଥ ହୋଇଥିଲେ ତାହା ବାସ୍ତବପକ୍ଷେ ଅତି ବିସ୍ମୟର କଥା । ବାଲେଶ୍ୱର ସହରର କେନ୍ଦ୍ର ଭାଗରେ ସେତେବେଳେ ଅପେକ୍ଷାକୃତ ଏକ ନିର୍ଜନ ଅଞ୍ଚଳରେ ଗୋଟିଏ ବିସ୍ତୃତ ପଡ଼ିଆ ଥାଏ । ଜଣେ ଆଙ୍ଗ୍ଲୋ-ଇଣ୍ଡିଆନ ବୃଦ୍ଧା ବିଧବା ଏହି ପଡ଼ିଆରେ ବସବାସ କରୁଥାନ୍ତି । ସେହି ବିଧବାଙ୍କର ଗୁଡ଼ିଏ ଘୁଷୁରି ଥାଏ । ଯେଉଁ ଗୁହାଳରେ ସେହି ଘୁଷୁରି ସବୁ ରହୁଥିଲେ ଗୌରାଙ୍ଗବାବୁ ସେହିଘରର ଓସାର ଉପରେ ପୂରା ଦିନଟି ରହି ରାତିରେ ନିକଟବର୍ତ୍ତୀ ଗ୍ରାମସମୂହକୁ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବା ପାଇଁ ଯାଉଥିଲେ । ପ୍ରାୟ ଦୁଇମାସ ଅତିକ୍ରମ କରିବା ପରେ ନିଜ ଥାନା ସିମୁଳିଆକୁ ସେ ଆସନ୍ତି କଂଗ୍ରେସର ବାର୍ତ୍ତା ପ୍ରଚାର କରିବାପାଇଁ । ବଙ୍ଗାଳପୁରରୁ ଫେରିଥିବା ସମୟରେ ମାର୍କୋଣା ନିକଟରେ ପୋଲିସର ସନ୍ଦେହ ତୀକ୍ଷ୍ଣ ଦୃଷ୍ଟି ଏଡ଼ାଇନପାରି ସେ ଧରାହୋଇ ଜେଲ ଯାଇଥିଲେ । ଜେଲରୁ ଖଲାସ ହେବାପରେ ଆରମ୍ଭ ହେଲା ତାଙ୍କର ବାସୁଦେବପୁର ଅଞ୍ଚଳରେ ଗ୍ରାମେ ଗ୍ରାମେ ଅଭୂତପୂର୍ବ ସଂଗଠନ କାର୍ଯ୍ୟର ଅଧ୍ୟାୟ । ସେ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ୯ ମାସ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ । ୪ ମାସ କଟକ ଜେଲରେ ରହିବା ପରେ ସେ ୨ମାସ ପାଇଁ ପାଟନା କେମ୍ପଜେଲକୁ ଯାଇଥିଲେ । ଏହି ଜେଲଯାତ୍ରା ପାଇଁ ଚିନ୍ତିତ ହୋଇ ଜେଲରେ ଥିବା ସମୟରେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଥିଲା । ଏହାପରେ ସେ ୧୯୩୮ ମସିହା ପର୍ଯ୍ୟନ୍ତ ବାସୁଦେବପୁର-ଥାନାର ବାହାରେ ରହି କାର୍ଯ୍ୟ କରିଥିଲେ । ବିଶେଷକରି ସୋରୋ ଓ ସିମୁଳିଆ ଥିଲା ତାଙ୍କର କର୍ମକ୍ଷେତ୍ର । ୧୯୩୮ ମସିହାରେ ବାଞ୍ଛାନିଧି ମହାନ୍ତିଙ୍କର ମୃତ୍ୟୁପରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତାଙ୍କୁ

Digitized by srujanika@gmail.com

ଜାଗ୍ରତ୍ କବି
ସ୍ୱର୍ଗତ ବାଞ୍ଛାନିଧି ମହାନ୍ତି

ସ୍ୱାଧୀନତା ସଂଗ୍ରାମୀ
ଶ୍ରୀ ଅନିରୁଦ୍ଧ ମହାନ୍ତି

ସ୍ୱାଧୀନତା ସଂଗ୍ରାମୀ
ଶ୍ରୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି

ସ୍ୱାଧୀନତା ସଂଗ୍ରାମୀ
କମଳା ପ୍ରସାଦ କର

Digitized by srujanika@gmail.com

ବାସୁଦେବପୁର ଥାନାର ଭାରପ୍ରାପ୍ତ କର୍ମୀଭାବେ ନିଯୁକ୍ତ କରିବା ପରେ ତାଙ୍କୁ ଏକ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିଥିଲା । ମାତ୍ର ସେ ହସି ହସି ତାହା ଗ୍ରହଣ କରି ସଂଘର୍ଷର କଣ୍ଟକିତ ପଥରେ ଅଗ୍ରସର ହୋଇ ଲୋକଙ୍କ ହୃଦୟରେ ସ୍ପନ୍ଦନ ଓ ଶିହରଣ ସୃଷ୍ଟି କରିଥିଲେ । ବାସ୍ତବପକ୍ଷେ ସଂଗ୍ରାମର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରି ନିଜର ମହିମା ଓ ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ।

ନେତାମାନଙ୍କ ମଧ୍ୟରୁ ଅନିରୁଦ୍ଧ ମହାନ୍ତିଙ୍କର ଜୀବନୀ ଥିଲା ସର୍ବାପେକ୍ଷା ଅଧିକ ସଂଘର୍ଷ ଓ ସଂଗ୍ରାମମୟ । ୧୯୧୨ ମସିହା ଜୁଲାଇ ୧୬ ତାରିଖ ଦିନ ଚୂଡ଼ାମଣି ଗ୍ରାମରେ ଥିବା ମାମୁଁଘରେ ତାଙ୍କର ଜନ୍ମ ଏକ ଅଖ୍ୟାତ ପରିବାରରେ । ପିତାଙ୍କ ନାମ ଲକ୍ଷ୍ମୀଧର ମହାନ୍ତି । ଜନ୍ମର ୪ ବର୍ଷ ପରେ ପିତାଙ୍କ ସହ ସେ ନିଜ ଗ୍ରାମ ଇରମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବାଲ୍ୟକାଳରୁ ବାଞ୍ଛାନିଧି ମହାନ୍ତିଙ୍କର ଜାତୀୟ ସଙ୍ଗୀତର ମୂର୍ଚ୍ଛନା ତାଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା ଓ ଏଥି ସହିତ ଇରମରେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ରାଜନୈତିକ ଉଷ୍ମତା ତାଙ୍କୁ ଏକ ସଂଗ୍ରାମୀର ଜୀବନ ଯାପନ କରିବା ପାଇଁ ପ୍ରଭାବିତ କରିଥିଲା । ଶିକ୍ଷାଗତ ଯୋଗ୍ୟତା ତାଙ୍କର କିଛି ନ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ନିମ୍ନ ପ୍ରାଥମିକ ପର୍ଯ୍ୟନ୍ତ ପଢ଼ା । ଇଂରେଜୀ ଭାଷାର ବର୍ଣ୍ଣମାଳା ମାତ୍ର ପଢ଼ି ପାରନ୍ତି । ହେଲେ କଣ ହେବ, ସ୍ୱାଧୀନତା ସଂଗ୍ରାମ ଚଳାଇବାରେ ସେ ଥିଲେ ଜଣେ କୁଶଳୀ କଳାକାର, ନିର୍ଭୀକ ଓ ନିଷ୍ଠାପର କର୍ମୀ । ସେ ନିଜକୁ ଜଣେ 'ମୂର୍ଖ କର୍ମକାର' କହି ଗୌରବ ଅନୁଭବ କରି ଥାଆନ୍ତି । ବାକ୍ୟ ଓ କାର୍ଯ୍ୟ ମଧ୍ୟରେ ସେ ସମନ୍ୱୟ ରକ୍ଷା କରି ପାରିଥିଲେ । ଏବେ ବି ତାଙ୍କ ସହିତ କଥାବାର୍ତ୍ତା କଲେ ତାଙ୍କ ନିର୍ଭୀକତାର ପରିଚୟ ମିଳିଥାଏ । ସମ୍ଭବତଃ ସଂଗ୍ରାମମୟ ଜୀବନରେ ବ୍ୟାଘାତ ସୃଷ୍ଟି ହେବ ବୋଲି ଯୌବନାବସ୍ଥାରେ ଦାମ୍ପତ୍ୟ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ୧୯୫୫ ମସିହା ପର୍ଯ୍ୟନ୍ତ ସେ ବିବାହ କରିନଥିଲେ । ସେହି ମସିହାରେ ୪୩ ବର୍ଷ ବୟସରେ ପାକିସ୍ଥାନର ବରିସାଲ ଜିଲ୍ଲାର ଜଣେ ଶରଣାର୍ଥୀ ପରିବାରର ଝିଅଙ୍କ ସହ ବିନା ଯୌତୁକରେ ପୁରୀ ମନ୍ଦିରରେ ତାଙ୍କର ବିବାହ ହୋଇଥିଲା । ସଂଗ୍ରାମ ସମୟରେ ତାଙ୍କର ସମ୍ବଳ ଥିଲା ଗୋଟିଏ ବାଡ଼ି, ପଖିଆ ଓ କାନ୍ଧଟେଲା ଝୁଲା । ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ସମୟରେ ତାଙ୍କର ଆରମ୍ଭ ହୁଏ

Digitized by srujanika@gmail.com

ରାଜନୈତିକ ଜୀବନ । ସେତେବେଳେ ସେ ଥିଲେ ୧୮ ବର୍ଷ ବୟସର ଉଦ୍ଦାମ ଯୁବକ । ଇରମର ଲବଣ ସତ୍ୟାଗ୍ରହରେ ଯୋଗଦେଇ ସେ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିଥିଲେ। ଜେଲରୁ ମୁକ୍ତ ହୋଇ ସେ ନିଜର ଜନ୍ମଭୂମି ଇରମ ଛାଡ଼ି ଧାମନଗର ଅଞ୍ଚଳକୁ ଚାଲି ଯାଇଥିଲେ । ସେଠାକୁ ଚାଲି ଯାଇଥିଲେ ସମ୍ଭବତଃ ପୁନରାୟ ଗିରଫ ହେବା ଭୟରେ ନୁହେଁ; ମାତ୍ର ନିଜର ରାଜନୈତିକ ଜୀବନର ସ୍ଥିତିକୁ ଅଧିକ ସୁଦୃଢ଼ କରିବା ପାଇଁ । ଏହା ତାଙ୍କର ପରବର୍ତ୍ତୀ ଜୀବନରୁ ସୂଚିତ ହୁଏ । ବାସ୍ତବପକ୍ଷେ ଗିରଫ ଓ କାରାଗାର ଥିଲା ତାଙ୍କ ସତ୍ୟାଗ୍ରହୀ ଜୀବନର ସହଚର । ଧାମନଗର ଯାଇ କଣ୍ଟାପାଡ଼ାର ଲବ୍‌ଧପ୍ରତିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ଦାସଙ୍କ ଘରେ ରହି ସେ ତାଙ୍କୁ ସଂଗଠନ କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଏଥି ସହିତ ସେ ହରେକୃଷ୍ଣ ମହତାବ, ନୀଳାମ୍ବର ଦାସ, ମୁରଲୀଧର ଜେନା, ବୈଷ୍ଣବ ଚରଣ ନାୟକ ପ୍ରମୁଖ ପ୍ରତିଷ୍ଠିତ ନେତାଙ୍କ ସହ ମିଶିଥିବାର ସୁଯୋଗ ଲାଭ କରିଥିଲେ । ସେହିଠାରୁ ହିଁ ବାସ୍ତବ ପକ୍ଷେ ଆରମ୍ଭ ହୁଏ ତାଙ୍କର ସଂଗ୍ରାମୀ ଜୀବନ । ବ୍ୟକ୍ତିଗତ ସତ୍ୟାଗ୍ରହରେ ଅଂଶ ଗ୍ରହଣ କରି ଧୂଷୁରୀ ଠାରେ ୧୯୪୧ ମସିହା ଫେବୃୟାରୀ ତା୨ରିଖ ଦିନ ଗିରଫ ହୋଇ ଭଦ୍ରକର ତଦାନୀନ୍ତନ ଏସ.ଡ଼ି.ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ୟୁ. ଏସ୍. ଭାରତର ପ୍ରତିରକ୍ଷା ଆଇନ ବଳରେ ୨ ମାସ ଜେଲ ଦଣ୍ଡରେ ଦଣ୍ଡିତ ହୋଇ ୧୯୪୧ ମସିହା ଏପ୍ରିଲ ତା୧୪ରିଖ ଦିନ କାରାମୁକ୍ତ ହୋଇଥିଲେ । (୧) ତାପରେ ୧ ମାସ ବିତିଛି କି ନାହିଁ ପୁନରାୟ ଧାମନଗରଠାରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ୧୯୪୧ ମସିହା ମେ ୧୦ ତାରିଖ ଦିନ ସେହି ଭଦ୍ରକ ଏସ୍. ଡି. ଓ ଙ୍କ ଦ୍ୱାରା ୟୁ. ଏସ ଭାରତର ପ୍ରତିରକ୍ଷା ଆଇନର ୩୮ (୫) ଧାରା ଅନୁଯାୟୀ ୩ ମାସ ଜେଲଦଣ୍ଡରେ ଦଣ୍ଡିତ ହେବାପରେ ଅଗଷ୍ଟ ୮ ତାରିଖ ଦିନ କାରାମୁକ୍ତ ହୋଇଥିଲେ । (୨) ପରେ ପରେ ଅଗଷ୍ଟ ବିପ୍ଳବ ଆରମ୍ଭ ହେଲା । ସେ ନିଜେ ଆଗ୍ରହ ପ୍ରକାଶ କରି ୧୯୪୨ ମସିହା ଅଗଷ୍ଟ ୨୨ ତାରିଖ ଦିନ ବାସୁଦେବପୁର ଥାନାରେ ଉକ୍ତ ଆନ୍ଦୋଳନର ପରିଚାଳନା ନିମନ୍ତେ

---

(୧) ଜେଲ ରେକର୍ଡ଼ରୁ ସଂଗୃହୀତ ।

(୨) ଜେଲ ରେକର୍ଡ଼ରୁ ସଂଗୃହୀତ ।

Digitized by srujanika@gmail.com

ଧାମନଗର ଛାଡ଼ ବାସୁଦେବପୁରକୁ ଆସିଥିଲେ । ସେଠାରୁ ଆରମ୍ଭ ହୋଇଥିଲା ବାସୁଦେବପୁର ଥାନାରେ ତାଙ୍କର ସଂଘାତ ଓ ସଂଘର୍ଷମୟ ରାଜନୈତିକ ଜୀବନ ।

ଅଗଷ୍ଟ ବିପ୍ଳବର ଅନ୍ୟତମ ମହାରଥୀ କମଳା ପ୍ରସାଦ କରଙ୍କ ଜୀବନୀଥିଲା ସେହି ଭଳି କର୍ମମୁଖର ଓ ସଂଗ୍ରାମମୟ । ଜାନୁୟାରୀ ତା ୫ରିଖ ୧୯୧୮ ଖ୍ରୀଷ୍ଟାବ୍ଦରେ ଇରମ ଠାରୁ ପ୍ରାୟ ୨ ମାଇଲ ଦୂରରେ ଅବସ୍ଥିତ ଶଙ୍ଖାରୁ ଗ୍ରାମରେ ତାଙ୍କର ଜନ୍ମ । ପିତାଙ୍କ ନାମ କୃଷ୍ଣପ୍ରସାଦ କର ଓ ମାତାଙ୍କ ନାମ ପାର୍ବତୀ ଦେବୀ । କମଳାବାବୁଙ୍କର ବିବାହ ହୁଏ ୧୯୩୯ ମସିହା ଜୁନ୍‌ମାସ ଗୋଦାବରୀ ଦେବୀଙ୍କ ସହ ।

କମଳା ପ୍ରସାଦଙ୍କର ପିତା କୃଷ୍ଣ ବାବୁ ଥିଲେ ସେ ସମୟର ଜନୈକ ଲବ୍‌ଧପ୍ରତିଷ୍ଠ ସଂସ୍କୃତ ପଣ୍ଡିତ । ତାଙ୍କର ଅଗାଧ ପାଣ୍ଡିତ୍ୟ, ମିଷ୍ଟଭାଷା, ସରଳ ଓ ନିରାଡ଼ମ୍ବର ଜୀବନ ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ବାଲ୍ୟକାଳରେ ସମ୍ଭବତଃ ପିତାଙ୍କର ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ କମଳା ବାବୁ ଏକ ଆଦର୍ଶ ଜୀବନ ଯାପନର ସ୍ୱପ୍ନ ଦେଖିଥିଲେ । ପୁନଶ୍ଚ ତାଙ୍କ ପିତା ସମ୍ବଲପୁର ଜିଲ୍ଲାର ହେଡ୍‌ପଣ୍ଡିତ ଭାବେ କାର୍ଯ୍ୟ କରୁଥିବା ସମୟରେ ସେ ଲକ୍ଷ୍ମୀନାରାୟଣ ମିଶ୍ର ଓ ଶ୍ରଦ୍ଧାକାର ସୁପକାର ଆଦି ଜାତୀୟବାଦୀ ଗୁରୁଙ୍କ ସହ ମିଶି ସେ ଜାତୀୟ ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ । ପିତାଜଣେ ଶିକ୍ଷାପ୍ରେମୀ ପଣ୍ଡିତ ହୋଇଥିଲେ ମଧ୍ୟ କମଳାବାବୁ ବିଶେଷ କିଛି ଶିକ୍ଷାଗତ ଯୋଗ୍ୟତା ହାସଲ କରିପାରି ନଥିଲେ । ୧୯୩୫ ମସିହାରେ ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ କଟକର ଅଭିନ୍ନ ରାଓଙ୍କ ଓଡ଼ିଶା ହୋମିଓପାଥିକ କଲେଜରେ ପଢ଼ି ୧୯୩୮ ମସିହାରେ ଏଚ୍. ଏମ୍. ବି. ଡିଗ୍ରୀ ଲାଭ କରିଥିଲେ । ପାଠ ପଢିବା ଅବସ୍ଥାରେ ଦେଶମାତୃକାର ପରାଧୀନତା ତାଙ୍କୁ ବ୍ୟଥିତ କରିଥିଲା । ସମ୍ଭବତଃ ସେଥିପାଇଁ ସେ ପାଠପଢ଼ା ପ୍ରତି ଅଧିକ ମନୋନିବେଶ କରିପାରି ନଥିଲେ । ସେ ଯାହାହେଉ, ୧୯୩୦ ମସିହାରେ ସତ୍ୟାଗ୍ରହ ସମୟରେ ସେ ମାତ୍ର ୧୨ ବର୍ଷର ପିଲା ହୋଇଥିଲେ ମଧ୍ୟ ବାଲେଶ୍ୱରର ଏକ ଅଫିମ ଦୋକାନ ଆଗରେ ବିକ୍ଷୋଭ କରି ପୋଲିସ ଦ୍ୱାରା ଗିରଫ ହୋଇ ଥିବାର ଜଣାଯାଏ । ୧୯୩୮ ମସିହାରେ ସେ ଭଦ୍ରକରେ ହୋମିଓପ୍ୟାଥିକ

Digitized by srujanika@gmail.com

ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରନ୍ତି । ମାତ୍ର ଦେଶମାତୃକାକୁ ପରାଧୀନତାର ଶୃଙ୍ଖଳରୁ, ମୁକ୍ତ କରିବାର ସ୍ୱପ୍ନ ତାଙ୍କ ମାନସପଟରେ ସଦା ସର୍ବଦା ଉଙ୍କି ମାରୁଥାଏ । ସେତେବେଳେ ଭଦ୍ରକ ଥିଲା କଂଗ୍ରେସର ଅନ୍ୟତମ ପୀଠସ୍ଥଳୀ । ସେହିଠାରେ ସେ ବହୁ ରାଜନୈତିକ କର୍ମୀଙ୍କ ସହ ମିଶିବାର ସୁଯୋଗ ଲାଭ କରି ପାରିଥିଲେ । ମଣିଷ ଅବସ୍ଥାର ଦାସ । ସେ ମହାଶୟ ଉକ୍ତ ସତ୍ୟରୁ ବହିର୍ଭୂତ ହୋଇଥାଆନ୍ତେ ବା କିପରି ? ଭଦ୍ରକର ରାଜନୈତିକ ଅବସ୍ଥା ତାଙ୍କୁ ଯେ ବିଶେଷ ଭାବେ ପ୍ରଭାବିତ କରିଥିଲା, ଏଥିରେ ସନ୍ଦେହ ନାହିଁ । ବିଶେଷତଃ ୧୯୪୦ ମସିହାର ବ୍ୟକ୍ତିଗତ ସତ୍ୟାଗ୍ରହର ଆହ୍ୱାନ ତାଙ୍କୁ ରାଜନୀତି କ୍ଷେତ୍ରକୁ ଆକୃଷ୍ଟ କରିଥିଲା । ସେହି ଦିନଠାରୁ ସେ ସ୍ୱଦେଶୀବସ୍ତ୍ର ପରିଧାନ କରିଥିଲେ । ଆଣ୍ଠୁଲୁଗୁ ଧୋତି ଓ ଦେହକୁ ଘୋଡାଇବା ପାଇଁ ଖଣ୍ଡେ ଚଦରଟିଏ ହେଲା ତାଙ୍କର ପରିଧାନର ବସ୍ତ୍ର । ଯାମାଟିଏ ମଧ୍ୟ ସେ ପିନ୍ଧୁନଥିଲେ । ସେଦିନଠାରୁ ଆଜି ପର୍ଯ୍ୟନ୍ତ ତାହାହିଁ ତାଙ୍କର ପରିଧାନର ବସ୍ତ୍ର ହୋଇ ରହିଛି । ସେ ଓ ନିତ୍ୟାନନ୍ଦ ମହାପାତ୍ର ବ୍ୟକ୍ତିଗତ ସତ୍ୟାଗ୍ରହୀ ରୂପେ ଯୋଗଦେବା ପାଇଁ ଆବେଦନ କରି ଉକ୍ତ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ସେଦିନ ଥିଲା ୧୯୫୧ ମସିହା ଜାନୁୟାରୀ ୮ତାରିଖ; ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ସେହିଦିନ ବାସୁଦେବପୁର ହାଟରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ସେ ଗିରଫ ହୋଇଥିଲେ । ପରେ ପରେ ବ୍ରିଟିଶ ସରକାର ଦ୍ୱାରା ଦଣ୍ଡିତ ହୋଇ ପ୍ରଥମେ କଟକ ଜେଲରେ ରହିବା ପରେ ସେ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତରିତ ହୋଇଥିଲେ । ଜେଲରୁ ଖଲାସ ହେବାପରେ ପୁନରାୟ ସେ ବାସୁଦେବପୁର ଥାନାର ଚୂଡ଼ାମଣି ଗ୍ରାମରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ୧୯୪୧ ମସିହା ଏପ୍ରିଲ ୧୦ ତାରିଖ ଦିନ ଗିରଫ ପୂର୍ବକ ଭଦ୍ରକ ଜେଲରେ ରହିବାପରେ ଅଗଷ୍ଟ ୧୭ ତାରିଖ ଦିନ ମୁକ୍ତ ହୋଇଥିଲେ । କାରାମୁକ୍ତ ହେବାଦିନ ଅଗଷ୍ଟ ବିପ୍ଳବ ପାଇଁ କେନ୍ଦ୍ରୀୟ କମିଟି ଦ୍ୱାରା ଆହୂତ କଟକର ମାରଓ୍ୱାଡ଼ି ହଲରେ ସେ ଏକ ବୈଠକରେ ଯୋଗ ଦେଇଥିଲେ । ତାଙ୍କ ସହିତ ଥିଲେ କର୍ମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି । ସେଠାରେ ପ୍ରତ୍ୟେକ କର୍ମୀଙ୍କୁ ଗୋଟିଏ ଗୋଟିଏ କ୍ରମିକ ନମ୍ବର ଦିଆ ଯାଇଥିଲା । କମଳା କରଙ୍କ ନମ୍ବର ୧/୩ ଥିବା ବେଳେ ଗୌରାଙ୍ଗ ବାବୁଙ୍କର କ୍ରମିକ ନମ୍ବର ଥିଲା ୧/୪ । ସେଠାରେ ଆନ୍ଦୋଳନ ପରିଚାଳନା ନିମନ୍ତେ

Digitized by srujanika@gmail.com

ଦିଆଯାଇଥିବା ସନ୍ଦେଶ ନେଇ ସେ ଗୌରାଙ୍ଗ ବାବୁଙ୍କ ସହ ଭଦ୍ରକ ଫେରି ଆସନ୍ତି । ସେଇଠାରେ ଅନିରୁଦ୍ଧ ମହାନ୍ତିଙ୍କ ସହ ସେମାନଙ୍କର ସାକ୍ଷାତ ହୁଏ । ବାସୁଦେବପୁରରେ ଆନ୍ଦୋଳନ କପରି ଭାବରେ ପରିଚାଳିତ ହେବ ସେଇଠାରେ ସେମାନେ ସ୍ଥିର କରିଥିବାର ଜଣାଯାଏ । ତାପରେ ସେମାନେ ଭଦ୍ରକରେ ହରିବାବୁଙ୍କ ଘରେ ବାଲେଶ୍ୱରର କର୍ମୀ ଗୌରଚନ୍ଦ୍ର ଦାସ ଓ ଭଦ୍ରକ ସବ୍‌ଡିଭିଜନର କର୍ମୀ ମୁରଲୀଧର ଜେନା ଓ ଭାଗବତ ସାହୁଙ୍କ ପରାମର୍ଶ ଗ୍ରହଣ କରି କମଳା ପ୍ରସାଦ କର ଫେରି ଆସିଲେ ବାସୁଦେବପୁରକୁ ଅଗଷ୍ଟ ଆନ୍ଦୋଳନର ନେତୃତ୍ୱ ନେବାପାଇଁ ।

ଏମାନଙ୍କ ବ୍ୟତୀତ ଇରମ ଓ ପାଖଆଖ ଅଞ୍ଚଳର ଯେଉଁ ଅନ୍ୟ କେତେ ଜଣ ନେତା ଆନ୍ଦୋଳନର ପୁରୋଭାଗରେ ଥିଲେ, ସେମାନଙ୍କ ମଧ୍ୟରୁ ସଦେଇପଡ଼ାର ପ୍ରଭାକର ତ୍ରିପାଠୀ ଓ ତାଙ୍କ ଭାଇ ସୁଧାକର ତ୍ରିପାଠୀ, ଗଣେଷ ପ୍ରସାଦ ତ୍ରିପାଠୀ, ଇରମର ଲକ୍ଷ୍ମୀନାରାୟଣ ପାଣ୍ଡି, ଅଡୁଆଁର ଗୋବିନ୍ଦ ପ୍ରସାଦ ବାଗୁଡ଼ାଇ, ସୁଆଁର ରାମନାରାୟଣ ଦାଶ ଓ ବାସୁଦେବ-ପୁରର ଶିକ୍ଷକ ସୁଧାଂଶୁ ଶେଖର ରାୟଙ୍କ ନାମ ଉଲ୍ଲେଖଯୋଗ୍ୟ ।

ପ୍ରଭାକର ତ୍ରିପାଠୀଙ୍କର ଜନ୍ମ ୧୯୦୮ ଖ୍ରୀଷ୍ଟାବ୍ଦରେ ସଦେଇପଡ଼ା ଗ୍ରାମରେ । ପିତାଙ୍କ ନାମ ଦାଶରଥି ତ୍ରିପାଠୀ । ବିବାହର ଦୁଇବର୍ଷ ପରେ ସେ ତାଙ୍କର ସ୍ତ୍ରୀଙ୍କୁ ହରାଇ ବସିଥିଲେ ଓ ତାପରେ ସେ ବିବାହ କରି ନଥିଲେ । ସେ ବାଲେଶ୍ୱରର ରାମଚନ୍ଦ୍ର ଟୋଲରେ ସାହିତ୍ୟାଚାର୍ଯ୍ୟ ପଢିଥିଲେ । ମାତ୍ର ବାଲ୍ୟାବସ୍ଥାରୁ ତାଙ୍କ ହୃଦୟରେ ଜାତୀୟତା ଭାବ ଜାଗ୍ରତ ହୋଇଥିବାର ଜଣାଯାଏ । ଏଇ ଜାତୀୟତା ଭାବର ଏକ ଅଭୂତ-ପୂର୍ବ ପରିପ୍ରକାଶ ହୋଇଥିଲା ୧୯୩୪ ସସିହା ମେ ମାସରେ । ଏହା ସର୍ବ-ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସଙ୍ଘର ସଭାପତି ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ୨୪ । ୯ । ୮୫ ତାରିଖର ପ୍ରଦତ୍ତ ପ୍ରଶଂସାପତ୍ରରୁ ଜଣାଯାଏ । (୨) ସେତେବେଳେ ପ୍ରଭାକର ତ୍ରିପାଠୀ ଭଦ୍ରକସ୍ଥିତ ଦାମୋଦର ସଂସ୍କୃତ ଟୋଲର ଗ୍ରନ୍ଥ ଆଆନ୍ତି । ସେଇ ସମୟରେ ମହାତ୍ମା ଗାନ୍ଧୀଙ୍କର ଭଦ୍ରକ

---

(୨) ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ପ୍ରଦତ୍ତ ୨୪ । ୯ । ୮୫ ତାରିଖର ପ୍ରଶଂସାପତ୍ର ।

Digitized by srujanika@gmail.com

ଆଗମନ ବିଷୟ ପ୍ରସ୍ତୁତ ହେବାପରେ ଭଦ୍ରକର ପ୍ରଶାସକ ଗୋଷ୍ଠୀଙ୍କ ଚକ୍ରାନ୍ତରେ ଉକ୍ତ ଟୋଲର ଛାତ୍ରମାନଙ୍କ ଦ୍ୱାରା ତାଙ୍କୁ କଳାପତାକା ପ୍ରଦର୍ଶନ କରିବାର ଏକ ଯୋଜନା ସ୍ଥିର କରାଯାଇଥାଏ । ପ୍ରଭାକର ତ୍ରିପାଠୀ ଏହା ଜାଣିପାରି ଏହାର ଘୋର ପ୍ରତିବାଦ କରିବା ଫଳରେ ସେମାନଙ୍କର ଚକ୍ରାନ୍ତ ପଣ୍ଡ ହୋଇଯାଇଥିଲା । ଉକ୍ତ ବିଷୟ ସବ୍‌ଡିଭିଜନର ପ୍ରଶାସକ ଜାଣିପାରିବାରୁ ତାଙ୍କ ଆଦେଶ କ୍ରମେ ତ୍ରିପାଠୀଙ୍କୁ ସଂସ୍କୃତ ଟୋଲରୁ ବହିଷ୍କାର କରାଯାଇଥିଲା । ପରେ ପରେ ଶିକ୍ଷାସମାପନ କରି ଜାତୀୟ ଆନ୍ଦୋଳନର ମହାସ୍ରୋତରେ ସେ ନିଜକୁ ମିଶାଇ ଦେଇ ପହଞ୍ଚନ୍ତି ଧାମନଗରରେ । ସେଠାରେ ସେ ଅନ୍ୟାନ୍ୟ କଂଗ୍ରେସ କର୍ମୀଙ୍କ ସହ ହାତ ମିଳାଇ ବିଭିନ୍ନ ସଭା ସମିତି ଓ ରଚନାତ୍ମକ କାର୍ଯ୍ୟରେ ଯୋଗଦେଇ ଥିବାର ଜଣାଯାଏ । ସେତେବେଳେ ବିଶେଷତଃ ଧାମନଗର ଓ ଧୁସୁରୀ ଅଞ୍ଚଳ ଥିଲା ତାଙ୍କର କର୍ମକ୍ଷେତ୍ର । ଏହି ସମୟରେ ଆଣ୍ଠୁଲୁଗା ଖଦଡ଼ ଚଦର ଓ ମଥାରେ ଏକ ପଗଡ଼ି ଥିଲା ତାଙ୍କର ଆବରଣ । ଏପରିକି ପ୍ରଚଣ୍ଡ ଶୀତରେ ସେ ଖଣ୍ଡିଏ ଚଦର ବ୍ୟତୀତ ଅନ୍ୟ କିଛି ବ୍ୟବହାର କରୁନଥିଲେ । ସେହି-ଦିନଠାରୁ ଅଦ୍ୟାବଧି ସେ ଉକ୍ତ ପୋଷାକ ପରିଧାନ କରି ନିଜକୁ ମହିମାନ୍ୱିତ କରିଥାଆନ୍ତି । ତାଙ୍କର ନିଷ୍ଠାପର କର୍ମ,ସରଳ ଓ ନିଷ୍କପଟ ଜୀବନ ପାଇଁ ସେ ଧାମନଗର ଅଞ୍ଚଳରେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ । ତାପରେ ସେ ସ୍ୱଇଚ୍ଛାରେ ବାସୁଦେବପୁରରେ ଅଗଷ୍ଟ ବିପ୍ଳବକୁ ସଂଗଠିତ କରିବା ପାଇଁ ଫେରି ଆସନ୍ତି ୧୯୪୨ ମସିହା ଅଗଷ୍ଟ ୨୨ ତାରିଖ ଦିନ । ସମ୍ଭବତଃ ସେଥିପାଇଁ ତା ପୂର୍ବରୁ ଇରମରେ ପର୍ଯ୍ୟାୟକ୍ରମେ ସଂଗଠିତ ବିଭିନ୍ନ ଆନ୍ଦୋଳନରେ ତାଙ୍କ ନାମ ଶୁଣିବାକୁ ମିଳେ ନାହିଁ । ତାପରେ ଆରମ୍ଭ ହୁଏ ବାସୁଦେପୁରରେ ତାଙ୍କର କର୍ମମୁଖର ଜୀବନ । ସେଥିପାଇଁ ସେ ବହୁବାର କାରାଗାର ବରଣ କରିଛନ୍ତି । କାରାଗାର ମଧ୍ୟରେ ଥାଇ ସେ 'ଭାରତର ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ସଂସ୍କୃତରେ ଏକ ହଜାର ଆଠଗୋଟି ଶ୍ଳୋକ ରଚନା କରିଥିଲେ । ସେଗୁଡିକ ଅଦ୍ୟାବଧି ଅପ୍ରକାଶିତ ହୋଇ ରହିଥିଲେ ମଧ୍ୟ ତାହା ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବୋଲି ତାଙ୍କ ମୁଖରୁ ଶୁଣିବାକୁମିଳେ । ସେଗୁଡ଼ିକ ପ୍ରକାଶିତ ହେବାପରେ ବହୁ ଲୁକ୍‌କାୟିତ ତଥ୍ୟ ଲୋକଲୋଚନକୁ ଆସିବା ସଙ୍ଗେ ସଙ୍ଗେ ତାଙ୍କର ବହୁମୁଖୀ ପ୍ରତିଭା ଯେ ଆଲୋକିତ ହୋଇପାରିବ ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ଇରମର ବଭିନ୍ନ ପର୍ଯ୍ୟାୟର ଆନ୍ଦୋଳନକୁ ପ୍ରଭାବିତ କରିବାରେ ତ୍ରିପାଠୀଙ୍କ ଜ୍ୟେଷ୍ଠଭ୍ରାତା ସୁଧାକର ତ୍ରିପାଠୀଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ୧୯୦୪ ମସିହାରେ ତାଙ୍କର ଜନ୍ମ । ବ୍ୟାକରଣତୀର୍ଥ ଥିଲା ତାଙ୍କର ଶିକ୍ଷାଗତ ଯୋଗ୍ୟତା ।

ସେହି ସମୟର ଅନ୍ୟତମ ନିଷ୍ଠାପର କର୍ମୀ ହେଉଛନ୍ତି ସଦେଇପଡ଼ା ଗ୍ରାମର ଗଣେଶ ପ୍ରସାଦ ତ୍ରିପାଠୀ । ଇରମ ଅଞ୍ଚଳରେ ସେ 'ଗଣିଆନନା' ନାମରେ ପରିଚିତ । ୧୯୨୭ ମସିହାରେ ତାଙ୍କର ଜନ୍ମ । ପିତାଙ୍କ ନାମ ମାଗୁଣି ତ୍ରିପାଠୀ । ଉର୍ଣ୍ଣାକୁଳର ଓ ସଂସ୍କୃତରେ ମଧ୍ୟମା ଥିଲା ତାଙ୍କର ଶିକ୍ଷାଗତ ଯୋଗ୍ୟତା । ମାତ୍ର ସେ ଥିଲେ ନିର୍ଭୀକତାର ଏକ ଜୀବନ୍ତ ପରିପ୍ରକାଶ । ବିଶେଷଭାବେ ୧୯୪୨ର ଅଗଷ୍ଟ ବିପ୍ଳବ ସମୟରେ ତାଙ୍କ ନିର୍ଭୀକତାର ପ୍ରମାଣ ମିଳିଥାଏ । ତାହା ପ୍ରସଙ୍ଗକ୍ରମେ ବର୍ଣ୍ଣନା କରାଯାଉଛି । ଅଗଷ୍ଟ ଆନ୍ଦୋଳନ ସମୟରେ ପୋଲିସ ନଜରରୁ ରକ୍ଷାପାଇବା ନିମନ୍ତେ ସେ ବହୁରୂପୀ ବେଶଭୂଷା ପରିଧାନକରି ନିଜର ବୁଦ୍ଧିମତ୍ତାର ପରିଚୟ ଦେଇଥିଲେ । ସେ ବେଳେବେଳେ ଯୋଗୀ, ବେଳେବେଳେ ବୁଢ଼ୀ ଓ ଅନ୍ୟବେଳେ ଯୁବକଖଣ୍ଡିଆର ବେଶ ଧାରଣ କରିଥିବାର ଜଣାଯାଏ । ଉକ୍ତ ବେଶ ପରିଧାନକରି ତତ୍କାଳୀନ ୟୁନିୟନ ପ୍ରେସିଡେଣ୍ଟ ନାରାୟଣ ମାନ୍ଧାତା ଇରମ ଗ୍ରାମର ଭଗିସିଂଙ୍କ ଘର ବାହାରେ ଘୋଡା ରଖି କୌଣସି କାରଣରୁ ବାହ୍ରାରେ ପ୍ରବେଶ କରୁଥିବାର ଦେଖି ସେ ୭ଥର ଗୋଟିଏ ଗୋଡ଼ର ପଟେ ପଟେ ଘୋଡା ନେଇଆସି କୌତୁହଳ ସୃଷ୍ଟି କରିଥିବା ବିଷୟ ସେ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଗଣେଶ ତ୍ରିପାଠୀଙ୍କର ଭାଇ ବଳରାମ ତ୍ରିପାଠୀ ଅଗଷ୍ଟ ବିପ୍ଳବ ସମୟରେ ଅଂଶ ଗ୍ରହଣ କରିଥିବାର ଜଣାଯାଏ । ୧୯୨୮ ମସିହାରେ ତାଙ୍କର ଜନ୍ମ । ୧୯୪୨ ମସିହାରେ ଗୁଡ଼ ସ୍କୁଲରେ ପାଠ ପଢୁଥିବା ସମୟରେ ସେ ମୁଖ୍ୟତଃ ଇସ୍ତାହାର ଲୁଚାଇକରି ନେଇ ବିଭିନ୍ନ ସ୍ଥାନରେ ପହଞ୍ଚାଉଥିଲେ । ପିଲାଟିଏ ଦେଖି ତାଙ୍କୁ କେହି ସନ୍ଦେହ କରୁନଥିବାରୁ ତା'ର ସୁଯୋଗ ସେ ନେଇପାରୁଥିଲେ ।

ଏହି ସମୟରେ ଅଡ଼ଆଁର ଅନ୍ୟଜଣେ ସତ୍ୟାଗ୍ରହୀ ଆମ ଦୃଷ୍ଟି-ଗୋଚରକୁ ଆସିଥାଆନ୍ତି । ସେ ହେଉଛନ୍ତି ଗୋବିନ୍ଦଚନ୍ଦ୍ର ବାଗୁଡ଼ାଇ । ୧୯୧୨ ଖ୍ରୀଷ୍ଟାବ୍ଦରେ ତାଙ୍କର ଜନ୍ମ । ପିତାଙ୍କ ନାମ ନରହରି ବାଗୁଡ଼ାଇ ।

Digitized by srujanika@gmail.com

ସେ ଥିଲେ ଜଣେ ସ୍ଵେଚ୍ଛକାଟିଆ ଜମିଦାର । ଗୋବିନ୍ଦ ବାଗୁଡ଼ାଇ ଆନ୍ଦୋଳନର ଜଣେ ନେତୃସ୍ଥାନୀୟ ବ୍ୟକ୍ତି ହୋଇନଥିଲେ ମଧ୍ୟ ନୀରବ ସାଧକଭାବେ ମହାତ୍ମାଗାନ୍ଧୀଙ୍କର ଚିନ୍ତାଧାରା ଓ ରଚନାତ୍ମକ କାର୍ଯ୍ୟକ୍ରମଦ୍ୱାରା ଆକୃଷ୍ଟ ହୋଇ ସେ ଜାତୀୟ ଆନ୍ଦୋଳନରେ ପୂର୍ଣ୍ଣପ୍ରାଣରେ ଝାସ ଦେଇଥିଲେ । ଘରେ ସେ ନିଜେ ଅରଟଟିଏ ରଖି ସୂତା କାଟୁଥିବାର ଦେଖାଯାଇଥିଲା । (୩) ତାଙ୍କୁ ଉକ୍ତ ଅଧ୍ୟାୟରେ ଏକ ସ୍ଵତନ୍ତ୍ର ସ୍ଥାନ ଦେବା ମୂଳରେ ଗୋଟିଏ ଗୁରୁତ୍ଵପୂର୍ଣ୍ଣ ଘଟଣା ନିହିତ । ଇରମ ଗୁଳିକାଣ୍ଡରେ ଆହତ ହୋଇ ଭଦ୍ରକ ଓ କୋରାପୁଟ ଜେଲରେ ୯ ମାସ କାରାବରଣ କରିବାପରେ ଭଦ୍ରକର ସ୍ଵତନ୍ତ୍ର ମାଜିଷ୍ଟ୍ରେଟ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ଵାରା ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନେ ପାଇଥିବା ଦଣ୍ଡାଦେଶ ବିରୁଦ୍ଧରେ ସେ ହାଇକୋର୍ଟରେ ସି ଆର୍. ଏ. ୧୪ । ୪୩ ନମ୍ବରରେ ଏକ ଏପିଲକେସ ଦାୟର କରିଥିଲେ । ଉକ୍ତ ହାଇକୋର୍ଟର ରାୟ ଅନୁଯାୟୀ ସମସ୍ତଙ୍କର କାରାଗାର ଦଣ୍ଡ ବହୁ ପରିମାଣରେ ଲାଘବ ହୋଇଯାଇଥିଲା । (୪)

ଏହି ପରିପ୍ରେକ୍ଷୀରେ ଅନ୍ୟତମ ନେତା ଆମର ଦୃଷ୍ଟିପଥକୁ ଆସିଥାଆନ୍ତି । ସେ ହେଉଛନ୍ତି ସୁଆଁର ରମାନାରାୟଣ ଦାଶ । ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ । ପିତାଙ୍କର କୌଳିକ ବୃତ୍ତି ଅବଲମ୍ବନ କରିବାପାଇଁ ସଂସ୍କୃତଶିକ୍ଷା ପାଉଥିବା ସମୟରେ ଜାତୀୟ ଆନ୍ଦୋଳନଦ୍ୱାରା ଉଦ୍‌ବୁଦ୍ଧ ହୋଇ ସେ ଶିକ୍ଷାଲାଭରୁ ବିରତ ହୋଇଥିଲେ । ପରେ ପରେ ରଚନାତ୍ମକ କାର୍ଯ୍ୟଗୁଡ଼ିକ ସେ ନିଜ ଘରେ ଆରମ୍ଭ କରିଥିବାର ଜଣାଯାଏ । ନିଜ ଘର ମଧ୍ୟରେ ଜଣେ ହରିଜନକୁ ପ୍ରବେଶ କରାଇବା ସଙ୍ଗେ ସଙ୍ଗେ ସେ ନିଜେ ଜନୈକ ହରିଜନ ଘରେ ଭୋଜନ କରିଥିଲେ । (୫) ନିଜ ଆଦର୍ଶରେ ଅନ୍ୟମାନଙ୍କୁ ଅନୁପ୍ରାଣିତ କରାଇବାଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ସେ ପୁରୀ ସଂସ୍କୃତ କଲେଜରେ ଭିକ୍ଟୋରିଆ ଦିବସ ଓ ୟୁନିୟନ ଦାବି ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରି ଜେଲ ଯାଇଥିଲେ । ମାତ୍ର ସେ

---

(୩) ଗୋବିନ୍ଦ ବାଗୁଡ଼ାଇଙ୍କ ପୁତ୍ର ଗଣେଶ ପ୍ରସାଦ ବାଗୁଡ଼ାଇଙ୍କଠାରୁ ପ୍ରାପ୍ତ ପତ୍ରର ଉଦ୍ଧୃତାଂଶ ।

(୪) ପରିଶିଷ୍ଟ ୨

(୫) ସୁଧାକର ଦାଶ, ସ୍ଵାଧୀନତା ସଂଗ୍ରାମ ଭୂମି ଇରମ, ପୃଷ୍ଠା ୧୬

Digitized by srujanika@gmail.com

ଜାତୀୟ ଆନ୍ଦୋଳନର ପୁରୋଭାଗକୁ ଆସନ୍ତି ୧୯୪୦ ମସିହାର ବ୍ୟକ୍ତିଗତ ସତ୍ୟାଗ୍ରହଠାରୁ । ଉକ୍ତ ସତ୍ୟାଗ୍ରହରେ ଯୋଗଦେଇ ସେ ଜେଲ ବରଣ କରିଥିଲେ । ୧୯୪୨ ମସିହାର ଅଗଷ୍ଟ ବିପ୍ଳବରେ ତାଙ୍କର ବହୁମୁଖୀ ଭୂମିକା ତାଙ୍କୁ ମହିମାମଣ୍ଡିତ କରିଥାଏ ।

ଇରମର ଅନ୍ୟତମ ଉଚ୍ଚକୋଟୀର ନେତା ଲକ୍ଷ୍ମୀନାରାୟଣ ପାଢ଼ୀଙ୍କର ଭୂମିକା ପାଇଁ ଜାତୀୟ ଆନ୍ଦୋଳନର ଇତିହାସରେ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇପାରେ । ୧୮୮୭ ଖ୍ରୀଷ୍ଟାବ୍ଦରେ ତାଙ୍କର ଜନ୍ମ । ପିତାଙ୍କ ନାମ ଶଙ୍କର୍ଷଣ ପାଢ଼ୀ, ମାଟ୍ରିକ ଥିଲା ତାଙ୍କର ଶିକ୍ଷାଗତ ଯୋଗ୍ୟତା । ୧୯୨୦ ମସିହାର ଅସହଯୋଗ ଆନ୍ଦୋଳନଠାରୁ ୧୯୪୦ର ବ୍ୟକ୍ତିଗତ ସତ୍ୟାଗ୍ରହ ପର୍ଯ୍ୟନ୍ତ କେବଳ ଇରମ କାହିଁକି ସମଗ୍ର ବାସୁଦେବପୁର ଥାନାର ସେ ଥିଲେ ପ୍ରଧାନ ପୁରୋଧା । ତାହା ପୂର୍ବବର୍ତ୍ତୀ ଅଧ୍ୟାୟରେ ସୂଚିତ ହୋଇଛି । ଗାନ୍ଧିଜୀଙ୍କର ମୌଳିକ ଚିନ୍ତାଧାରା ତାଙ୍କ ଧମନୀରେ ପ୍ରବାହିତ ହୋଇଥିଲା । ବିଶେଷତଃ ଅହିଂସାମନ୍ତ୍ରର ସେ ଥିଲେ ପରମ ଉପାସକ । ସମ୍ଭବତଃ ଅଗଷ୍ଟ ଆନ୍ଦୋଳନରେ ସତ୍ୟାଗ୍ରହୀମାନେ ହିଂସାତ୍ମକ ପନ୍ଥାର ଆଶ୍ରୟ ନେଇପାରନ୍ତି ବୋଲି ଆଶଙ୍କା କରି ସେ ଆଉ ଅଗ୍ରଭାଗକୁ ଆସିନଥିଲେ । ଏହା ତାଙ୍କ ଭୀରୁତାର ପରିଚୟ ନଦେଇ ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ । ତାଙ୍କର ଅନ୍ୟ ଦୁଇଜଣ ସହକର୍ମୀ ଇରମର ଉପେନ୍ଦ୍ର ପ୍ରସାଦ ମହାପାତ୍ର ଓ ସୁଆଁର ସୁଦର୍ଶନ ପଣ୍ଡା ଥିଲେ ଉକ୍ତ ମାର୍ଗର ପଥିକ । ସେମାନେ ମଧ୍ୟ ଥିଲେ ଅହିଂସାମନ୍ତ୍ରର ପୂଜାରୀ । ତଥାପି ୧୯୪୨ ମସିହା ପୂର୍ବରୁ ଇରମ ଓ ବାସୁଦେବପୁର ଅଞ୍ଚଳର ଜାତୀୟ ଆନ୍ଦୋଳନକୁ ସେମାନେ ନେତୃତ୍ୱ ଦେଇ ଚିରନମସ୍ୟ ହୋଇ ରହିଛନ୍ତି ।

ସେମାନଙ୍କ ବ୍ୟତୀତ ବାସୁଦେବପୁର ଥାନାରେ ଜନଜାଗରଣ ସୃଷ୍ଟି କରାଇବା ଦିଗରେ ଅନ୍ୟ ଯେଉଁ ବ୍ୟକ୍ତି ଆପ୍ରାଣ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରୁ ସୁଧାଂଶୁ ଶେଖର ରାୟଙ୍କ ନାମ ଉଲ୍ଲେଖଯୋଗ୍ୟ । ୧୯୪୧ ମସିହାରେ ଶିକ୍ଷକତା କରିବାଲାଗି ସେ ବାସୁଦେବପୁରରେ ପହଞ୍ଚିଥିଲେ । ମାତ୍ର ବାଲ୍ୟକାଳରୁହିଁ ତାଙ୍କର ସ୍ୱାଧୀନତା ଆନ୍ଦୋଳନପ୍ରତି ପ୍ରବଳ ଆଗ୍ରହ ଜନ୍ମିଥିଲା । ଷଷ୍ଠଶ୍ରେଣୀରେ ପଢ଼ୁଥିବା ସମୟରେ ସେ ଲବଣ ଆନ୍ଦୋଳନରେ

Digitized by srujanika@gmail.com

ଯୋଗଦେବା ସକାଶେ ବାଲେଶ୍ୱରରୁ ଲୁଚି ପଳାଇଯାଇ ଭଦ୍ରକର ମହତାବ କୋଠିରେ ବାନରସେନା ଶ୍ରେଣୀଭୁକ୍ତ ହୋଇ କାର୍ଯ୍ୟ କରୁଥିବା ସମୟରେ ତାଙ୍କର ବଡଭାଇ ତାଙ୍କୁ ସେଠାରୁ ଧରି ଆଣିଥିଲେ । ବାସୁଦେବପୁରରେ ପହଞ୍ଚିବା ପରେ ଗୌରାଙ୍ଗବାବୁଙ୍କ ସହ ତାଙ୍କର ଅତିଶୀଘ୍ର ପରିଚୟ ହୋଇ ତାହା ପ୍ରଗାଢ଼ ବନ୍ଧୁତାରେ ପରିଣତ ହୋଇଥିଲା । ଅଗଷ୍ଟ ଆନ୍ଦୋଳନ ଆରମ୍ଭ ହେବା ପରେ ପରେ ସେ ଗ୍ରାମେ ଗ୍ରାମେ ସଭାସମିତିରେ ଓ ଆଲୋଚନାଚକ୍ରରେ ଯୋଗଦେଇ ଆନ୍ଦୋଳନରେ ପୂରାପୂରି ଯୋଗଦେବାପାଇଁ ସେ ମଧ୍ୟ ନିଜ ଚାକିରୀରୁ ଇସ୍ତଫା ଦେଇଥିଲେ । କିନ୍ତୁ ଭଦ୍ରକର ତତ୍କାଳୀନ ଡେପୁଟି ଇନସ୍ପେକ୍ଟର ଅଫ୍ ସ୍କୁଲ୍ସ ବୁଝାଇ ସୁଝାଇ ସେଥିରୁ ତାଙ୍କୁ ନିବୃତ୍ତ କରିଥିଲେ । ଆନ୍ଦୋଳନର ଏକ ବିଶେଷ ଅଙ୍ଗରୂପେ ସ୍ଥାନେ ସ୍ଥାନେ ସୂତାକଟା କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା ଏବଂ ରାଧାବଲ୍ଲଭପୁର ଓ ବ୍ରାହ୍ମଣଗାଁର ସୂତାକଟା କେନ୍ଦ୍ରର ତଦାରଖ ଭାର ସେ ଗ୍ରହଣ କରିଥିଲେ । ସେତେବେଳେ ଭଦ୍ରକର ପୋଲିସ ଇନସ୍ପେକ୍ଟର ଅଖିଳବାବୁ ଓ ଅବକାରୀ ସବ୍ଇନସ୍ପେକ୍ଟର ନାରାୟଣ ବାବୁଙ୍କ ସହିତ ତାଙ୍କର ବିଶେଷ ବନ୍ଧୁତା ଥିଲା । ଯେତେବେଳେ ଆନ୍ଦୋଳନ ଅତି ତୁମୁଳ ଆକାର ଧାରଣ କଲା, ସେତେବେଳେ ଏହି ବନ୍ଧୁତାର ସୁଯୋଗ ନେଇ ସେ ପୋଲିସଙ୍କ ଗତିବିଧି ଉପରେ ଦୃଷ୍ଟି ରଖୁଥିଲେ ଏବଂ ଠିକ୍ ସମୟରେ ଆନ୍ଦୋଳନର ମୁଖ୍ୟ କେନ୍ଦ୍ରଗୁଡ଼ିକୁ ସେ ବିଷୟରେ ଖବର ପଠାଉଥିଲେ । ପୋଲିସ ତରଫରୁ ମଧ୍ୟ ତାଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥିଲା । ମୁଁ ଏକଦା ତାଙ୍କର ଜଣେ ଛାତ୍ର ଥିଲି । ବାସ୍ତବପକ୍ଷେ ତାଙ୍କର ଆଦର୍ଶ ଓ ତ୍ୟାଗପୂତ ଜୀବନ କେବଳ ମୋତେ କାହିଁକି ମୋପରି ବହୁ ଛାତ୍ରଙ୍କୁ ଅନୁପ୍ରାଣୀତ କରିଥିଲା ।

ବାସୁଦେବପୁର ଅଞ୍ଚଳର ଅନ୍ୟତମ ନେତା ଥିଲେ ଗୋପାଳ ଚନ୍ଦ୍ର ମହାନ୍ତି । ସେ ଏଡ଼ତାଲର ଜମିଦାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କର ଗୁମାସ୍ତା ରୂପେ ବାଲିମେଦରେ ରହି କାର୍ଯ୍ୟ କରୁଥିଲେ ଏବଂ ଅସମ୍ଭବ ଆନ୍ତରିକତା, ନିଷ୍ଠା ଓ ସାହସର ସହିତ ସ୍ୱାଧୀନତା ଆନ୍ଦୋଳନ ସହିତ ଯୋଗସୂତ୍ର ରକ୍ଷା କରିଥିଲେ । ଗ୍ରାମରେ ପାଠାଗାର ସ୍ଥାପନ କରି ସେ ଗ୍ରାମବାସୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରି ପାରିଥିଲେ ।

Digitized by srujanika@gmail.com

ଉପରୋକ୍ତ ନେତାଙ୍କ ବ୍ୟତୀତ ଇରମ ତଥା ବାସୁଦେବପୁର ଥାନାର ଅନ୍ୟ ଅଞ୍ଚଳରେ ବହୁ କଂଗ୍ରେସ କର୍ମୀ ୧୯୪୦ର ବ୍ୟକ୍ତିଗତ ସତ୍ୟାଗ୍ରହଠାରୁ ୧୯୪୨ର ଗୁଳିକାଣ୍ଡ ପର୍ଯ୍ୟନ୍ତ ବାସୁଦେବପୁର ଥାନାର ଆନ୍ଦୋଳନ ଦାୟିତ୍ୱରେ ଥିବା ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଓ ପରେ ପରେ ଅନିରୁଦ୍ଧ ମହାନ୍ତି ଓ କମଳା ପ୍ରସାଦ କରଙ୍କ ସହ ମିଶି ଆନ୍ଦୋଳନର ବହ୍ନିକୁ ପ୍ରଜ୍ୱଳିତ କରି ରଖିଥିଲେ । ସେମାନେ ଥିଲେ ମରିଗୁର ନିଶାକର ଦଳାଇ, ସଦେଇପଡ଼ାର ବିନୋଦ ବିହାରୀ ତ୍ରିପାଠୀ, ମାନଗୋବିନ୍ଦ ତ୍ରିପାଠୀ, ପଞ୍ଚାନନ ତ୍ରିପାଠୀ, ଅର୍ଜ୍ଜୁନ ବିଶ୍ୱାଳ, ସନାତନ ବେହେରା, ଇରମର ବାଞ୍ଛାନିଧି ମହାନ୍ତି (ଦ୍ୱିତୀୟ), ଭଗିରଥି ପଣ୍ଡା, ସଦାନନ୍ଦ ପାଢ଼ୀ ଓ ତାଙ୍କ ଭାଇ ମୁକୁନ୍ଦ ପ୍ରସାଦ ପାଢ଼ୀ, ସୁଦର୍ଶନପୁରର ଭାସ୍କରଚନ୍ଦ୍ର କର, ଚତୁର୍ଭୁଜ ମିଶ୍ର ଓ ନନ୍ଦାଧର ମଣ୍ଡଳ, ଗୁଡ଼ର କାଶୀନାଥ ଦାସ ବଇଆର ବାଞ୍ଛାନିଧି ଅଗସ୍ତି ଓ ତ୍ରୈଲୋକ୍ୟନାଥ ପଣ୍ଡା, ନୂଆଗାଁର କୃଷ୍ଣଚନ୍ଦ୍ର ପାଣି, ଆଭୁଁଙ୍କର ନାରାୟଣ ରାଉତ, ଉମାକାନ୍ତ ରାଉତ, ଭଗିରଥୀ ରାଉତ ଓ ସୁଲଭ ବେହେରା । ଉହାଡ଼ର ଗଙ୍ଗାଧର ମହାନ୍ତି ଓ ମଣିଭଦ୍ର ବିଶ୍ୱାଳ, ସୁଆଁର ରତ୍ନାକର ଦାଶ, ଶଙ୍ଖାରୁର କୈଳାସଚନ୍ଦ୍ର ସାହୁ ଓ ବଛଦାର ମହେନ୍ଦ୍ର ପ୍ରସାଦ ରାୟ । (୭)

ସେମାନଙ୍କ ବ୍ୟତୀତ ବାସୁଦେବପୁର ଥାନାର ଅନ୍ୟ ଅଞ୍ଚଳର କର୍ମୀବୃନ୍ଦ ମଧ୍ୟ ଆନ୍ଦୋଳନରେ ସହଯୋଗ କରିଥିଲେ । ସେମାନେ ହେଲେ ଆରୁହାର ରଙ୍କନିଧି ମହାନ୍ତି, ଜୟକୃଷ୍ଣ ମହାପାତ୍ର ଓ ଦୋଳଗୋବିନ୍ଦ ମହାପାତ୍ର, ତୁଳମତୁଳାର ବରଦା ପ୍ରସାଦ ଦାସ, ଶାରଦା ରାୟ, ଗୋବିନ୍ଦ-ବିହାର, ଯଦୁନାଥ ପାଣିଗ୍ରାହୀ, ଚନ୍ଦନପୁରର ପୁରୁଷୋତ୍ତମ ଦାସ, ଜୟକୃଷ୍ଣ-ପୁରର କୈଳାସ ଚନ୍ଦ୍ର ମହାପାତ୍ର, ବାଖରପୁରର ନରହରି ମହାନ୍ତି, ଲୁଙ୍ଗାର ସନାତନ ମଲ୍ଲିକ, ଏଣ୍ଡତାଳର ଉତ୍ସବାନନ୍ଦ ମହାପାତ୍ର ଓ ସାଧୁଚରଣ ବଳ, ପଦ୍ମପୁରର ନୟନାନନ୍ଦ ନାୟକ, ବ୍ରାହ୍ମଣଗାଁର ଉପେନ୍ଦ୍ରନାଥ ସାହୁ, ଓ ବ୍ରଜକିଶୋର ସାହୁ ଓ ଦଧିବାମନ ପାଣିଗ୍ରାହୀ, ବଳେପୁରର ବିଷ୍ଣୁମୋହନ ପାଣିଗ୍ରାହୀ, କୃଷ୍ଣପୁରର କୃଷ୍ଣ ରାଉତ ଓ ଭେଡ଼ା ଜଗନ୍ନାଥପୁରର ପୂର୍ଣ୍ଣଚନ୍ଦ୍ର

---

(୭) ଗୌରାଙ୍ଗଚନ୍ଦ୍ର ମହାନ୍ତଙ୍କ ଡାଏରୀରୁ ସଂଗୃହୀତ

Digitized by srujanika@gmail.com

ନାୟକ । (୭) ଏମାନଙ୍କ ବ୍ୟତୀତ ଅନ୍ୟ କେତେଜଣ କର୍ମୀ ମଧ୍ୟ ଆନ୍ଦୋଳନର ସଫଳତା ପାଇଁ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରିଥିଲେ । ସେ ସମସ୍ତଙ୍କର ଭୂମିକା ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇଛି । ଏ ଗଲା ନେତାମାନଙ୍କ କଥା ।

ସେ ସମୟର ଘଟଣାବଳୀ ଉପରେ ଆଲୋକପାତ କରାଯାଉ । ବ୍ୟକ୍ତିଗତ ସତ୍ୟାଗ୍ରହ ସମୟରେ ବାସୁଦେବପୁର ଥାନାପାଇଁ ଭାରପ୍ରାପ୍ତ ନେତା ଗୌରାଙ୍ଗଚନ୍ଦ୍ର ମହାନ୍ତି ଥାନାର ବିଭିନ୍ନ ଅଞ୍ଚଳର ସହକର୍ମୀଙ୍କୁ ନେଇ ଗାନ୍ଧିଜୀଙ୍କର ବିଭିନ୍ନ ରଚନାତ୍ମକ କାର୍ଯ୍ୟ କରିବାପାଇଁ ତତ୍ପର ହୋଇ ଉଠିଥିଲେ । ଏଥିସହିତ ସେ ନିଜେ ବ୍ୟକ୍ତିଗତ ସତ୍ୟାଗ୍ରହୀରୂପେ ଯୋଗଦେଇ ଗିରଫ ହେବା ପରେ ପରେ ୩ମାସ ଜେଲ ଓ ୫ ୧୦୦ ଜରିମାନାରେ ଦଣ୍ଡିତ ହୋଇଥିଲେ । ଉକ୍ତ ଜରିମାନା ଭାଗବତ ସାହୁଙ୍କ ପ୍ରଚେଷ୍ଟାରେ ଜନସାଧାରଣଙ୍କଠାରୁ ଆଦାୟ କରି ଦିଆଯାଇଥିଲା । ଅନିରୁଦ୍ଧ ବାବୁ ଓ କମଳା ବାବୁ ମଧ୍ୟ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ଜେଲଦଣ୍ଡ ଭୋଗିଥିଲେ । ଇତିମଧ୍ୟରେ ଜେଲରୁ ମୁକ୍ତ ହେବା ପରେ ଗୌରାଙ୍ଗବାବୁ ଗ୍ରାମାଞ୍ଚଳରେ ଜନଜାଗରଣ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଅରଟରେ ସୂତାକଟା, ଗ୍ରାମସଫେଇ, ଜାତିଭେଦ ଦୂରୀକରଣ, ନିରକ୍ଷରଙ୍କୁ ସାକ୍ଷର କରାଇବା, ନାରୀଜାଗରଣ, କପାଗୃଷ ଆଦି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବାପାଇଁ ସଂଗଠନର ଆବଶ୍ୟକତା ମନେ କରିଥିଲେ । କାରଣ ସଂଗଠନ ବିନା କୌଣସି କାର୍ଯ୍ୟକ୍ରମ ସାଫଲ୍ୟମଣ୍ଡିତ ହୋଇପାରେନାହିଁ । ତେଣୁ ମୁଖ୍ୟତଃ ସେ ପଲ୍ଲୀମଙ୍ଗଳ ସମିତି ଓ କଟାଳି କେନ୍ଦ୍ର ନାମରେ ଦୁଇଟି ସଂଘ ଗଠନ କରିବାପାଇଁ ପଲ୍ଲୀଅଞ୍ଚଳରେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଫଳରେ ୧୯୪୨-ମସିହା ପ୍ରାରମ୍ଭରେ ବାସୁଦେବପୁର ଥାନାରେ ଏହିପରି ୩ଟି ପଲ୍ଲୀମଙ୍ଗଳ ସମିତି ଓ ୩ଟି କଟାଳୀକେନ୍ଦ୍ର ମୁଣ୍ଡ ଟେକି ଉଠିଥିଲା । ରାଧାବଲ୍ଲଭପୁର, ଇରମ ଓ ବ୍ରାହ୍ମଣଗାଁରେ ଗୋଟିଏ କରି ପଲ୍ଲୀମଙ୍ଗଳ ସମିତି ଓ ରାଧାବଲ୍ଲଭପୁର, ଇରମ ଓ ବ୍ରାହ୍ମଣଗାଁରେ ଗୋଟିଏ କରି କଟାଳି କେନ୍ଦ୍ର ସ୍ଥାପିତ ହୋଇଥିଲା । ଗ୍ରାମସଫେଇ, ନିରକ୍ଷରତା ଦୂରୀକରଣ, ଦଳପୋଖରୀ ସଫେଇ

---

(୭) **ଗୌରାଙ୍ଗଚନ୍ଦ୍ର ମହାନ୍ତଙ୍କ ଡାଏରୀରୁ ସଂଗୃହୀତ ।**

Digitized by srujanika@gmail.com

ଆଦି ଉନ୍ନତିମୂଳକ କାର୍ଯ୍ୟ ପଲ୍ଲୀମଙ୍ଗଳ ସମିତିର ଆଭିମୁଖ୍ୟ ହୋଇଥିବା ସ୍ଥଳେ କଣ୍ଟୋଲକେନ୍ଦ୍ରର କର୍ମୀମାନେ କେବଳମାତ୍ର ଅରଟରେ ସୂତାକାଟିବା କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ରାଧାବଲ୍ଲଭ ପୁରର ପଲ୍ଲୀମଙ୍ଗଳ ସମିତିର ସଭାପତି ଥିଲେ ବାଖରପୁର ଗ୍ରାମର ନରହରି ମହାନ୍ତି । ଇରମ କଣ୍ଟୋଲ କେନ୍ଦ୍ରର ଗଣେଶ ପ୍ରସାଦ ତ୍ରିପାଠୀ, ବ୍ରାହ୍ମଣଗାଁ କଣ୍ଟୋଲ କେନ୍ଦ୍ରର ଉପେନ୍ଦ୍ରନାଥ ସାହୁ ଓ ରାଧାବଲ୍ଲଭପୁର କଣ୍ଟୋଲ କେନ୍ଦ୍ରର ହରିହର ଭଞ୍ଜ ସଭାପତି ରୂପେ କାର୍ଯ୍ୟ କରିଥିଲେ । (୮) ଲୁଙ୍ଗା ଓ ଏଉତାଳ ପଲ୍ଲୀମଙ୍ଗଳ ସମିତିର କିଏ କିଏ ସଭାପତି ଥିଲେ ତାର ବିବରଣୀ ଆମର ହସ୍ତଗତ ହୋଇପାରି ନାହିଁ ।

ତନ୍ମଧ୍ୟରୁ ରାଧାବଲ୍ଲଭପୁର ପଲ୍ଲୀମଙ୍ଗଳ ସମିତି ଓ କଣ୍ଟୋଲ କେନ୍ଦ୍ର ସମ୍ବନ୍ଧରେ ନରହରି ମହାନ୍ତି ତଥ୍ୟ ଯୋଗାଇଥିବାରୁ ସେ ସମ୍ପର୍କରେ ଏକ ବିଶଦ ବିବରଣୀ ଏଠାରେ ଉପସ୍ଥାପନ କରାଯାଇଛି । ରାଧାବଲ୍ଲଭପୁର, ବାଖରପୁର, ବାଷଠୀ, ଗୁଆଗାଁ ଓ ଜାଫରପୁର ଗ୍ରାମର ୩୯ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ରାଧାବଲ୍ଲଭପୁର ପଲ୍ଲୀମଙ୍ଗଳ ସମିତିର କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ବାଖରପୁର ଗ୍ରାମର ନରହରି ମହାନ୍ତି ସଭାପତି ଓ କରୁଣାକର ମହାନ୍ତି ସମ୍ପାଦକ ଭାବେ ନିର୍ବାଚିତ ହୋଇ ସମିତି ପରିଚାଳନା କରୁଥିଲେ । ରାଧାବଲ୍ଲଭପୁର ଗ୍ରାମର ଭୋଳାନାଥ ପଟ୍ଟନାୟକ, ଭଗିରଥି ପଟ୍ଟନାୟକ ଓ ରାମପ୍ରସାଦ ମହାନ୍ତି ଉକ୍ତ ସମିତିର ଉପଦେଷ୍ଟା ରୂପେ କାର୍ଯ୍ୟକରି ସମିତିର ପ୍ରଗତି ବିଷୟରେ ତଦାରଖ କରୁଥିଲେ । ସମିତିର ସକ୍ରିୟ ସଭ୍ୟମାନଙ୍କ ମଧ୍ୟରୁ ରାଧାବଲ୍ଲଭପୁରର ରମାନାଥ ପଟ୍ଟନାୟକ, ପ୍ରହ୍ଲାଦ ଦାସ, ଗୁଆଗାଁର ଘନଶ୍ୟାମ ବାରିକ, ହରପ୍ରସାଦ ମହାନ୍ତି, ଯୋଗେନ୍ଦ୍ର ନାୟକ, ନିଶାକର ମହାନ୍ତି; ବାଷଠୀର କାଳନ୍ଦୀ ବାରିକ, ସଚ୍ଚିଦାନନ୍ଦ ବାରିକ, ବୃନ୍ଦି ବେହେରା, କମ୍ଭୁ ବାରିକ, ସଦାନନ୍ଦ ବାରିକ, ଜଗବନ୍ଧୁ ବେହେରା, ଗଦାଧର ବେହେରା, ଅଚ୍ୟୁତାନନ୍ଦ ବାରିକ, ଭାସ୍କର ବାରିକ, ରାମଚନ୍ଦ୍ର ବାରିକ ଓ ହାଡ଼ିବନ୍ଧୁ ଷେଣ୍ଡ; ଜାଫରପୁରର ବୀର ସେଠି, ଓ ସନାତନ ସେଠୀଙ୍କ ନାମ ଉଲ୍ଲେଖଯୋଗ୍ୟ । କପାଚାଷ, ନିଶାନିବାରଣ,

---

(୮) ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ଡାଏରୀରୁ ସଂଗୃହୀତ

Digitized by srujanika@gmail.com

ଗ୍ରାମସଫେଇ, ଅସ୍ପୃଶ୍ୟତା ନିବାରଣ ଆଦି ଗାନ୍ଧିଜୀଙ୍କର ୧୮ଗୋଟି ଗଠନ-ମୂଳକ କାର୍ଯ୍ୟକ୍ରମ ଉକ୍ତ ସମିତି ହାତକୁ ନେଇଥିଲା । (୯) କାର୍ଯ୍ୟକ୍ରମ ଗୁଡ଼ିକ ବେଶ୍ ସାଫଲ୍ୟମଣ୍ଡିତ ହୋଇଥିବା ବିଷୟ ଏବେ ମଧ୍ୟ ମୋର ସ୍ମୃତିପଟରେ ରହିଛି । ମୁଁ ଅବଶ୍ୟ ସେତେବେଳେ ୯ ବର୍ଷର ପିଲା । ତଥାପି ଆମ ନିଜଘର ସମ୍ବିତ ସମ୍ପୃକ୍ତ ଦୁଇଟି ଘଟଣା ଏବେ ମଧ୍ୟ ମୋ'ର ମନେ ପଡ଼ୁଛି । ଦିନେ ଆମ ବାଡ଼ିରେ ଥିବା ଏକ ବିରାଟ ଦଳଗଡ଼ିଆକୁ ପଲ୍ଲୀମଙ୍ଗଳ ସମିତିର ସଭ୍ୟମାନେ ଆପ୍ରାଣ ଚେଷ୍ଟାକରି ସଫା କରି ଥିଲେ । ଅନ୍ୟଗୋଟିଏ ଦିନ ମୋର ବାପା ଭୋଳାନାଥ ପଟ୍ଟନାୟକଙ୍କର ସମ୍ମତିକ୍ରମେ ପଲ୍ଲୀମଙ୍ଗଳ ସମିତିର ସକ୍ରିୟ ସଭ୍ୟ ମୋ'ର ଦାଦା ରମାନାଥ ପଟ୍ଟନାୟକ ଜଣେ ହରିଜନକୁ ଆମଘର ବଙ୍ଗଳାରେ ବସାଇ ଖାଇବାକୁ ଦେଇଥିଲେ ଓ ସେଥିପାଇଁ ମୋ'ର ବୃଦ୍ଧାମାତାମହୀ ମେଙ୍କି ଦେଈ ବହୁ ଭର୍ତ୍ସନା କରି ନିଜେ ଉକ୍ତ ସ୍ଥାନଟିକୁ ୩ଥର ପାଣିଢାଳ ପରିଷ୍କାର କରିଥିଲେ ।

ଅନ୍ୟ ପଲ୍ଲୀମଙ୍ଗଳ ସମିତି ଓ କଟାଳକେନ୍ଦ୍ର ସମ୍ପର୍କରେ କୌଣସି ତଥ୍ୟ ମୋ'ର ହସ୍ତଗତ ହୋଇନାହିଁ । କେବଳ ମାତ୍ର ଏଣ୍ଡତାଳ ପଲ୍ଲୀମଙ୍ଗଳ ସମିତିର କାର୍ଯ୍ୟକ୍ରମ ବିଷୟରେ ଏକ ତଥ୍ୟ ସମ୍ବାଦପତ୍ରରୁ ଜଣାଯାଏ । ୧୯୪୨ ମସିହା ସେପ୍ଟେମ୍ବର ମାସ ୬ ତାରିଖ ଦିନ ଏଣ୍ଡତାଳ ପଲ୍ଲୀମଙ୍ଗଳ ସମିତିର ଆନୁକୂଲ୍ୟରେ ହାଟରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ୪୦୦ ଜଣ କୃଷି ମୂଲିଆ ଯୋଗ ଦେଇଥିଲେ । କମ୍ରେଡ ଗୋବିନ୍ଦଚନ୍ଦ୍ର ମହାପାତ୍ର ଓ କମ୍ରେଡ ଅଭୟ ଚରଣ ନାୟକ ଉକ୍ତ ସଭାରେ ସମିତିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । (୧୦)

ଇତିମଧ୍ୟରେ ଘଟଣାଗୁଡ଼ିକ କ୍ଷିପ୍ରଗତିରେ ଗଡ଼ିଚାଲିଲା । ୧୯୪୨ ମସିହା ଅଗଷ୍ଟ ତା ୧୮ ରିଖଦିନ ଏଣ୍ଡତାଳ ମଧ୍ୟ ଇଂରାଜି ବିଦ୍ୟାଳୟର ପିଲାମାନେ ଗାନ୍ଧିଜୀ ଓ ଭାରତର ଅନ୍ୟାନ୍ୟ ବଡ଼ ବଡ଼ ନେତାଙ୍କ ଗିରଫର ପ୍ରତିବାଦ କରି ଶ୍ରେଣୀବର୍ଜନ କରି ଚାଲିଆସିଥିଲେ । (୧୧) ଏହାମଧ୍ୟରେ

---

(୯) ନରହରି ମହାନ୍ତିଙ୍କଠାରୁ ପ୍ରାପ୍ତ ।

(୧୦) ୧୯୪୨ ମସିହା ସେପ୍ଟେମ୍ବର ୯ ତାରିଖ 'ସମାଜ'

(୧୧) ୧୯୪୨ ମସିହା ଅଗଷ୍ଟ ତା ୨୧ରିଖର 'ସମାଜ'

Digitized by srujanika@gmail.com

ଅଗଷ୍ଟ ତା ୨୧ ରିଖ ଦିନ ଧାମନଗରଠାରେ ଏକ କର୍ମୀ ସମ୍ମିଳନୀରେ ସ୍ଥିର ହୋଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ବାସୁଦେବପୁର ଥାନାରେ ଆନ୍ଦୋଳନର ଦାୟିତ୍ୱ ଅନିରୁଦ୍ଧ ମହାନ୍ତି ଓ ପ୍ରଭାକର ତ୍ରିପାଠୀ ଗ୍ରହଣ କରି ତା ୨୨ରିଖ ରାତ୍ରିରେ ସେମାନେ ପୃଥକ ପୃଥକ ଭାବେ ବାସୁଦେବପୁର ଅଭିମୁଖେ ଯାତ୍ରା କରିଥିଲେ । ମାତ୍ର ଅନିରୁଦ୍ଧ ମହାନ୍ତିଙ୍କ ନାମରେ ଏକ ଗିରଫ ଓ୍ୟାରେଣ୍ଟ ଥିବାରୁ ସେ ଲୁଚି ଛପି ଆସି ଅର୍ଣ୍ଣପାଳରେ ରହି ତା'ପରଦିନ ଇଚ୍ଛାପୁର ଛକରେ ପହଞ୍ଚିଥିଲେ । ସେହିଠାରେ ଦୋଲସାହି ଅଞ୍ଚଳର କର୍ମୀ ତିହିଡ଼ି ଗ୍ରାମର କୃପାସିନ୍ଧୁ ଦାସ ଓ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ବାସୁଦେବପୁର ଅଞ୍ଚଳରେ କେତେକ କଂଗ୍ରେସ ବିରୋଧୀ ତଥା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଲୋକ ଆନ୍ଦୋଳନକୁ ବିରୋଧ କରୁଛନ୍ତି ବୋଲି ଗୌରାଙ୍ଗବାବୁ ପ୍ରକାଶ କରିବାରୁ ସେଠାରେ ନେତାଦ୍ୱୟ ସ୍ଥିର କରିଥିଲେ ଯେ ଏହି ପରିପ୍ରେକ୍ଷୀରେ ଇରମ, ସୁଆଁ, ଗୁଡ଼, ବରଣ୍ଡିଆ ଓ ବେତଡ଼ା ଆଦି ସ୍ଥାନରେ ସାଧାରଣ ସଭା ଆହ୍ୱାନ କରାଯାଇ ଆନ୍ଦୋଳନ ସମ୍ପର୍କରେ ଜନମତ ସୃଷ୍ଟି କରାଯିବ । (୧୨) ସମ୍ଭବତଃ ନିରାପତ୍ତା ଦୃଷ୍ଟିକୋଣରୁ ବିଚାରକରି ସାଧାରଣତଃ ବାସୁଦେବପୁର ବା ସଡ଼କ ନିକଟବର୍ତ୍ତୀ ସ୍ଥାନଗୁଡ଼ିକୁ ସେମାନେ ଏହି ଧରଣର ସଭାପାଇଁ ନିର୍ବାଚନ କରିଥିଲେ ।

ଏହା ଥିଲା ୧୯୪୨ ମସିହା ଅଗଷ୍ଟ ତା ୨୭ ରିଖର କଥା । ୧୯୪୧ରେ ବ୍ୟକ୍ତିଗତ ସତ୍ୟାଗ୍ରହ ସ୍ଥଗିତ ହେବାପରେ ସେଦିନ ପ୍ରଥମ ସଭାର ଆହ୍ୱାନ କରାଯାଇଥିଲା ଇରମ ମେଳନ ପଡ଼ିଆରେ । ଉକ୍ତ ସଭାରେ କେଉଁ କେଉଁ ନେତା ଉପସ୍ଥିତ ରହି ଭାଷଣ ଦେଇଥିଲେ ତାହାର ସଠିକ ତଥ୍ୟ ମିଳୁନଥିଲେ ମଧ୍ୟ ସେଠାରେ ଯେ ଅନିରୁଦ୍ଧ ମହାନ୍ତି, ଗୌରାଙ୍ଗଚନ୍ଦ୍ର ମହାନ୍ତି ଓ କମଳାପ୍ରସାଦ କର ନିଶ୍ଚିତ ଭାବେ ଉପସ୍ଥିତ ରହି ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବେ, ଏଥିରେ ସନ୍ଦେହ ନାହିଁ । ଧାମନଗରରୁ ଆସିଥିବା ପ୍ରଭାକର ତ୍ରିପାଠୀ ମଧ୍ୟ ଉପସ୍ଥିତ ରହିପାରିଥାଆନ୍ତି । ମାତ୍ର ସମ୍ଭବତଃ ଉକ୍ତ ସଭା ସମ୍ପର୍କରେ ବିଶେଷଭାବେ ପ୍ରଚାର ହୋଇନଥିବାରୁ ଜନସାଧାରଣଙ୍କର ଉପସ୍ଥିତି ଏତେ ଉତ୍ସାହଜନକ ନଥିଲା । ତେଣୁ ପୁନରାୟ

---

(୧୨) ଅନିରୁଦ୍ଧ ମହାନ୍ତିଙ୍କ ଡାଏରୀରୁ ସଂଗୃହୀତ

Digitized by srujanika@gmail.com

ଉକ୍ତ ସ୍ଥାନରେ ସେପ୍ଟେମ୍ବର ୭ ତାରିଖ ଦିନ ଏକ ବଡ଼ ଧରଣର ସଭାର ଆୟୋଜନ କରାଯିବ ବୋଲି ଉକ୍ତ ସଭାରେ ନିଷ୍ପତ୍ତି ନିଆଯାଇଥିଲା ।

ଇତିମଧ୍ୟରେ ସେପ୍ଟେମ୍ବର ତା ୨ରିଖ ଦିନ ସୁଆଁ ଗ୍ରାମରେ ଏକ କର୍ମୀ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଠାରେ ଅନନ୍ତପୁର ଗ୍ରାମର ବେସିକ ଟ୍ରେନିଂ ଶିକ୍ଷକ ଶ୍ୟାମସୁନ୍ଦର ପାଣିଗ୍ରାହୀ, ଗୌରାଙ୍ଗଚନ୍ଦ୍ର ମହାନ୍ତି, ଅନିରୁଦ୍ଧ ମହାନ୍ତି ଓ କମଳପ୍ରସାଦ କରଙ୍କ ସମେତ ପ୍ରାୟ ୩୦୦ରୁ ୪୦୦ ଜଣ କର୍ମୀ ଯୋଗ ଦେଇଥିବା ବିଷୟ କମଳା ପ୍ରସାଦ କରଙ୍କ ଅଭିବ୍ୟକ୍ତିରୁ ଜଣାଯାଏ । ସେଠାରେ ସ୍ଥିର କରାଯାଇଥିଲା ଯେ ଏହାପରେ ସମସ୍ତେ ଖଣ୍ଡିଏ ଖଣ୍ଡିଏ ନିଜ ଉଚ୍ଚତାର ଲାଠି ନେଇ ସଭାସ୍ଥଳରେ ଉପସ୍ଥିତ ହେବେ । ଗୋଟିଏ ମରଣ ସେନା ଗଠନ କରିବାପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ଏବଂ ଉକ୍ତ ସେନାରେ ରହି ସତ୍ୟାଗ୍ରହୀମାନେ କଣ କଣ କରିବେ ତାହା ମଧ୍ୟ ସ୍ଥିର ହୋଇଥିଲା । ଉପରୋକ୍ତ ନିଷ୍ପତ୍ତିଗୁଡ଼ିକ ସର୍ବସାଧାରଣରେ ପ୍ରଚାର କରିବାପାଇଁ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ସେପ୍ଟେମ୍ବର ୭ ତାରିଖ ଆସିଲା । କର୍ମୀଙ୍କର ପ୍ରଚାର ଯୋଗୁଁ ବୃଦ୍ଧ ବୃଦ୍ଧା ପ୍ରାୟ ଦେଢ଼ହଜାର ଲୋକ ସଭାରେ ଉପସ୍ଥିତ ହୋଇଥିଲେ । ଅନିରୁଦ୍ଧ ମହାନ୍ତି ଉକ୍ତ ସଭାରେ ସଭାପତିର ଆସନ ଅଳଙ୍କୃତ କରିଥିବା ସ୍ଥଳେ ଶ୍ୟାମସୁନ୍ଦର ପାଣିଗ୍ରାହୀ, କମଳାପ୍ରସାଦ କର ଓ ଗୌରାଙ୍ଗଚନ୍ଦ୍ର-ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଉକ୍ତ ସଭାରେ ସୁଆଁର କର୍ମୀ ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ସମେତ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରାଯିବାପରେ ପ୍ରତ୍ୟେକ ଅଞ୍ଚଳରୁ କେଉଁ କେଉଁମାନେ ସ୍ୱେଚ୍ଛାସେବୀ ବା ଶାନ୍ତିସେନା ଭାବେ କାର୍ଯ୍ୟ କରିବେ ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଇତିମଧ୍ୟରେ କେତେଜଣ ନାରୀ ସ୍ୱେଚ୍ଛାକୃତ ଭାବେ ସ୍ୱେଚ୍ଛାସେବୀ ହେବାପାଇଁ ନାମ ଦେବାରୁ ସେମାନଙ୍କୁ ମଧ୍ୟ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ବାଞ୍ଛାନିଧି ମହାନ୍ତିଙ୍କ ସ୍ତ୍ରୀ ହେମଲତା ଦେବୀ, ତାଙ୍କ ମା କୁନ୍ଦଦେବୀ, ଭଗିରଥି ପତିଙ୍କ ମା ଜଞ୍ଜାଳ ଦେବୀ, ରାଜେନ୍ଦ୍ର ପାତ୍ରଙ୍କ ଭଉଣୀ ହୈମବତୀ (ଫକିଆ ନାନୀ), ବ୍ରଜକୁମାର ପାତ୍ରଙ୍କ ଭଉଣୀ ସରଳା ଦେବୀ ଓ ବୃନ୍ଦାବନ ମହାନ୍ତିଙ୍କର ପ୍ରଥମ ସ୍ତ୍ରୀଙ୍କର ନାମ ଉଲ୍ଲେଖ ଯୋଗ୍ୟ । ସେମାନେ ମୁଖ୍ୟତଃ ସ୍ୱେଚ୍ଛାସେବୀଙ୍କର ଖାଦ୍ୟପେୟ ପାଇଁ ଗାଁରୁ ଚାଉଳ ଆଦାୟ କରିବା ଦାୟିତ୍ୱରୁ

Digitized by srujanika@gmail.com

ବିବାଦ କରିଥିଲେ । ଉକ୍ତ ସଭାରେ ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆ-ଯାଇଥିବାର ଜଣାଯାଏ । କୌଣସି ସମୟରେ ପୋଲିସ ବା ଉପରସ୍ଥ ଇଂରେଜ କର୍ମଚାରୀ ଆସୁଥିବାର ଦେଖିଲେ ବିପଦର ସଂକେତ ରୂପେ ଶଙ୍ଖଧ୍ୱନି କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଗୋଟିଏ ଗାଁର ଲୋକେ ଶଙ୍ଖ ଧ୍ୱନିରେ ଅନ୍ୟ ଗାଁକୁ ଜଣାଇ ଦେବାର ବ୍ୟବସ୍ଥା କରାଯାଇଥିଲା । ଏହି ବ୍ୟବସ୍ଥା ଦ୍ୱାରା ଗାଁରୁ ଗାଁକୁ ବିଦ୍ୟୁତ୍ ବେଗରେ ସନ୍ଦେଶ ପ୍ରେରଣ କରାଯାଇ ପାରୁଥିଲା । ସେଥିପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା ଯେ ଅନ୍ୟକୌଣସି ସମୟରେ ଏପରିକି ପୂଜାପାଠ ସମୟରେ କେହି ଶଙ୍ଖଧ୍ୱନି କରିପାରିବେ ନାହିଁ । ବାସ୍ତବପକ୍ଷେ ଧର୍ମଗତ କାରଣରୁ ପାରମ୍ପରିକ, ପ୍ରଥାନୁଯାୟୀ ସନ୍ଧ୍ୟା-କାଳରେ ପ୍ରତ୍ୟେକ ଗୃହରେ ସ୍ତ୍ରୀମାନେ ଶଙ୍ଖଧ୍ୱନି କରିବାର ପ୍ରଥା ବନ୍ଦ କରି-ଦେଇଥିଲେ । ମାତ୍ର ଉକ୍ତ ସଭାରେ ମରଣସେନା ଗଠନ ବିଷୟରେ କିଛି ଆଲୋଚିତ ହୋଇନଥିବାର ଜଣାଯାଏ । ଅନ୍ୟଏକ ସଭା ତା ୯ ରିଖ ଦିନ ଶଙ୍ଖାରୁରେ ହେବବୋଲି ସ୍ଥିର କରାଯାଇଥିଲା ।

ଇତିମଧ୍ୟରେ ସଭାରେ ନିଆଯାଉଥିବା ନିଷ୍ପତ୍ତି ଗୁଡ଼ିକ ପ୍ରଚାରିତ ହେବାପରେ ଜମିଦାର ରାଧାକାନ୍ତ ପାଢ଼ୀ ତାଙ୍କର କେତେଜଣ ବିଶ୍ୱସ୍ତ ଲୋକଙ୍କୁ ନେଇ ଏକ କଂଗ୍ରେସ ବିରୋଧୀ ବୈଠକର ଆହ୍ୱାନ କରିଥିବା ବିଷୟ କମଳାପ୍ରସାଦ କରଙ୍କ ପାଖରୁ ଜଣାଯାଏ ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ସେପ୍ଟେମ୍ବର ତା ୯ ରିଖଦିନ ଶଙ୍ଖାରୁରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଥିରେ ପ୍ରାୟ ୨୦୦ ଲୋକ ଉପସ୍ଥିତ ଥିଲେ । ଶଙ୍ଖଧ୍ୱନି କିପରି କାର୍ଯ୍ୟ କରୁଛି ତାହା ଉକ୍ତ ସଭାରେ ପରୀକ୍ଷା କରାଯାଇଥିଲା । ଜମିଦାର ରାଧାକାନ୍ତ ବାବୁଙ୍କୁ ଆନ୍ଦୋଳନରେ ମିଶିବାପାଇଁ ଅନୁରୋଧ କରାଯିବାର ଏକ ପ୍ରସ୍ତାବ ଗୃହୀତ ହୋଇଥିବାର ଜଣାଯାଏ । (୧୩) ତା ପରଦିନ ଅର୍ଥାତ୍ ୧୦ ତାରିଖ ଦିନ ଗୁଡ଼ିରେ ସକାଳ ୯ଟା ଠାରୁ ସନ୍ଧ୍ୟା ଲମ୍ବ ୯ ଉପର ୯ଟା ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ତା'ପରଦିନ ବେତଡ଼ା ହାଟରେ ଅନ୍ୟ ଏକ ସଭା ଆହ୍ୱାନ କରାଯାଇଥିଲା । ଉକ୍ତ ସଭାର ନେତୃତ୍ୱ ନେଇଥିଲେ

---

(୧୩) କମଳାପ୍ରସାଦ କରଙ୍କର ବିବରଣୀରୁ ସଂଗୃହୀତ

Digitized by srujanika@gmail.com

ମୁଖ୍ୟତଃ ଅନିରୁଦ୍ଧ ମହାନ୍ତି ଓ ଗୌରାଙ୍ଗ ଚନ୍ଦ୍ର ମହାନ୍ତି । ଉକ୍ତ ସଭାର ଭଦ୍ରକ ସବ୍‌ଡ଼ିଭିଜନର ପୋଲିସ ଇନ୍‌ସପେକ୍ଟର ଅଖିଳ ଦତ୍ତ ଓ ବାସୁଦେବପୁର ଥାନାର ସବଇନ୍‌ସପେକ୍ଟର ଅନ୍ନଦା ପ୍ରସାଦ ରାୟ ଉପସ୍ଥିତ ଥିଲେ । ମାତ୍ର ସେମାନଙ୍କ ସହିତ ଅନ୍ୟ କେହି ପୋଲିସ ଫୌଜ ନଥିଲେ । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାରୁ ସର୍ବତ୍ର ନିଷ୍ପ୍ରଦୀପ (ବ୍ଲାକ ଆଉଟ୍) ପାଳନ କରିବା ପାଇଁ ଏକ ଆଇନ ଜାରି କରାଯାଇଥିଲା । ମାତ୍ର ଉକ୍ତ ସଭାରେ ପୋଲିସ ଅଫିସର ଦ୍ୱୟ ଏକ ପେଟ୍ରୋମାକ୍ସ ଜଳାଇ ରଖିଥିବାର ଦେଖି ଉଭୟ ନେତା ଓ କର୍ମୀମାନେ ସେମାନେ କିପରି ଉକ୍ତ ଆଇନ ଲଙ୍ଘନ କରୁଛନ୍ତି ବୋଲି କହି ବହୁ ତୀକ୍ଷ୍ଣ ମନ୍ତବ୍ୟ ଦେଇଥିଲେ । ଏଥିସହିତ ସେମାନେ ତାଙ୍କଠାରୁ କାଗଜପତ୍ର ଛଡ଼ାଇ ନେଇଯିବା ସଙ୍ଗେ ସଙ୍ଗେ ପେଟ୍ରୋମାକ୍ସ ଲାଇଟ୍‌ଟିକୁ ଲିଭାଇ ଦେଇଥିଲେ । ସେଠାରେ ଅଫିସରଦ୍ୱୟ ଶପଥ ନେଇଥିଲେ ଯେ ବିନା ସଶସ୍ତ୍ର ଫୌଜରେ ସେମାନେ ଆଉ କେଉଁଠାକୁ ଯିବେ ନାହିଁ ।

ଉକ୍ତ ଘଟଣାର ପରଦିନ ସେପ୍‌ଟେମ୍ବର ତା ୧୨ରିଖ ଦିନ ବରଣ୍ଡା ଠାରେ ଏକ କର୍ମୀ ସମ୍ମିଳନୀର ଆୟୋଜନ କରାଯାଇ ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ନିଷ୍ପତ୍ତି ଅନୁଯାୟୀ ସ୍ୱେଚ୍ଛା-ସେବୀ କର୍ମୀଙ୍କୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥିଲା, ଯଥା ମରଣ ସେନା ଓ ମାରଣ ସେନା । କର ବା ମର ପ୍ରଥମଟିର ଆଭିମୁଖ୍ୟ ଥିବା ସ୍ଥଳରେ 'କର ବା ମାର' ଥିଲା ଅନ୍ୟଟିର ଆଭିମୁଖ୍ୟ । ଗୌରାଙ୍ଗଚନ୍ଦ୍ର ମହାନ୍ତି ମରଣସେନାର ନେତୃତ୍ୱ ନେବେ ବୋଲି ସ୍ଥିର ହୋଇଥିବା ସ୍ଥଳେ ଅନିରୁଦ୍ଧ ମହାନ୍ତି ମାରଣ ସେନାର ନେତୃତ୍ୱ ନେଇଥିଲେ । (୧୪)

ଇତିମଧ୍ୟରେ ସେପ୍‌ଟେମ୍ବର ତା ୧୩ରିଖ ଦିନ ବାସୁଦେବପୁର ଥାନାର ସଦର ମହକୁମାର ଦକ୍ଷିଣକୁ ପ୍ରାୟ ୫ ମାଇଲ ଦୂରରେ ଅବସ୍ଥିତ ବ୍ରାହ୍ମଣଗାଁ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଦକ୍ଷିଣରେ ଅବସ୍ଥିତ ଗ୍ରାମ ଅଞ୍ଚଳ ମଧ୍ୟରେ ଏହା ଥିଲା ସର୍ବ-

---

(୧୪) ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ଡାଏରୀରୁ ସଂଗୃହୀତ

Digitized by srujanika@gmail.com

ପ୍ରଥମ ସାଧାରଣ ସଭା । ଉକ୍ତ ଅଞ୍ଚଳ ଘନ ଜନବସତିରେ ମୁଖରିତ ହୋଇଥିବାରୁ ଏବଂ ବ୍ରାହ୍ମଣଗାଁଟି ତା'ର ମଧ୍ୟସ୍ଥଳରେ ରହିଥିବାରୁ ସମ୍ଭବତଃ ନେତାମାନେ ସେଠାରେ ଉକ୍ତ ସଭାର ଆୟୋଜନ କରିଥିଲେ । ଏହାର ପୂର୍ବଭାଗରେ ଗୌରାଙ୍ଗଚନ୍ଦ୍ର ମହାନ୍ତି ରହିଥିବା ବିଷୟ ତାଙ୍କଦ୍ୱାରା ଲିଖିତ ଡାଏରୀରୁ ଜଣାଯାଏ । କମଳାବାବୁ ଓ ଅନୁବାବୁ ମଧ୍ୟ ଉପସ୍ଥିତ ରହିଥିଲେ । ଉକ୍ତ ଅଞ୍ଚଳରେ ଜନଜାଗରଣ ସୃଷ୍ଟି କରିଥିଲା ଉକ୍ତ ସଭାର ଆଭିମୁଖ୍ୟ । ସେଠାରେ ଶଙ୍ଖଧ୍ୱନିର ମାହାତ୍ମ୍ୟ, ବିଭିନ୍ନ ସେନାବାହିନୀ ଗଠନ ଓ ରଚନାତ୍ମକ କାର୍ଯ୍ୟଉପରେ ବିଶେଷଭାବେ ଆଲୋକପାତ କରାଯାଇଥିବାର ଜଣାଯାଏ । ୧୭ ତାରିଖ ଦିନ ଇରମଠାରେ ଅନ୍ୟଏକ ସାଧାରଣ ସଭାର ଆୟୋଜନ ବିଷୟ ଉପସ୍ଥିତ ଜନତାଙ୍କୁ ଜଣାଇ ଦିଆଯାଇଥିଲା ।

ସେପ୍ଟେମ୍ବର ମାସ ତା' ୧୭ରିଖ ବାସୁଦେବପୁର ଥାନାର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଗୌରବୋଜ୍ଜ୍ୱଳ ଦିବସ । ତା ୧୩ରିଖ ଠାରୁ ତା ୧୭ ରିଖମଧ୍ୟରେ କର୍ମୀମାନେ ବିଭିନ୍ନ ଅଞ୍ଚଳରେ ଇରମଠାରେ ବସୁଥିବା ଆଗାମୀ ସଭା ସମ୍ପର୍କରେ ପ୍ରଚାର କରିବା ଫଳରେ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟକ ଲୋକ ସେଦିନ ମେଳନ ପଡ଼ିଆରେ ଉପସ୍ଥିତ ହୋଇଥିଲେ । ତା ପୂର୍ବଦିନ ଅର୍ଥାତ୍ ୧୬ ତାରିଖ ଦିନ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ବରଣ୍ଡୁଆରୁ ବାହାରି ଦୀର୍ଘ ୧୨ ମାଇଲ ଅତିକ୍ରମ କରି ଏକ ଶୋଭାଯାତ୍ରା ଇରମରେ ପହଞ୍ଚିଥିଲା । ଇରମରେ ସେଦିନ ଶତ ସହସ୍ର ଶୋଭାଯାତ୍ରାକାରୀ ୧୭ ତାରିଖର ସଭାରେ ଯୋଗଦେବାପାଇଁ ରାତ୍ରି ଯାପନ କରିଥିଲେ । ୧୭ ତାରିଖ ଦିନ ସକାଳେ ଇରମରୁ ପତୁଆଁ, ବଳଛଡା, ଶଙ୍ଖାରୁ ଓ ଆଣ୍ଡୁଙ୍ଗ ଦେଇ ଏକ ଶୋଭାଯାତ୍ରା ବାହାରି ପୁନରାୟ ଇରମର ମେଳନ ପଡ଼ିଆରେ ସମାପ୍ତ ହୋଇଥିଲା । ଜନଜାଗରଣ ସୃଷ୍ଟି କରିବା ଓ ଅଧିକ ସଂଖ୍ୟକ ଲୋକଙ୍କୁ ସଭାରେ ଉପସ୍ଥିତ କରାଇବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଗୌରାଙ୍ଗଚନ୍ଦ୍ର ମହାନ୍ତି । ଅନିରୁଦ୍ଧ ମହାନ୍ତି, କମଳାପ୍ରସାଦ କର, ଶ୍ୟାମସୁନ୍ଦର ପାଣିଗ୍ରାହୀ, ଗଣେଶପ୍ରସାଦ ତ୍ରିପାଠୀ ଓ ନୁଆଗାଁର ରାଧାଶ୍ୟାମ ନାୟକ ଥିଲେ ବକ୍ତା ।

Digitized by srujanika@gmail.com

ସ୍ୱାଧୀନ ବାଞ୍ଛାନିଧି ଟକଲା ଗଠନ

ଉକ୍ତସମୟରେ ଇରମ ଅଞ୍ଚଳରେ ଏକ ସମାନ୍ତରାଳ ସରକାର ଗଠନ କରିବାର ନିଷ୍ପତ୍ତି ନିଆଯାଇ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ନାମାନୁସାରେ ସ୍ୱାଧୀନ ବାଞ୍ଛାନିଧି ଟକଲା ଘୋଷଣା କରାଯାଇଥିଲା । ଏହିପରି କେତୋଟି ଅନୁଷ୍ଠାନ ଭାରତର ଅନ୍ୟପ୍ରାନ୍ତରେ ଗଠନ କରାଯାଇଥିବାର ଦୃଷ୍ଟାନ୍ତ ରହିଥିଲେ ମଧ୍ୟ ଓଡ଼ିଶାରେ ଉକ୍ତ ପଦକ୍ଷେପ ଥିଲା ସର୍ବପ୍ରଥମ । ଏପରି ପଦକ୍ଷେପ ଇରମ ଅଞ୍ଚଳର ନେତା ତଥା ଜନସାଧାରଣଙ୍କର ସ୍ୱାଧୀନତା ହାସଲ କରିବା ପାଇଁ ଆକାଂକ୍ଷା କେତେ ଯେ ବଳବତ୍ତର ଥିଲା ତା'ର ପ୍ରମାଣ ଦେଇଥାଏ । ସେ ଯାହାହେଉ, ୬ଟି ପଞ୍ଚାୟତକୁ ନେଇ ଗଠିତ ଉକ୍ତ ଟକଲର ଆୟତନ ଥିଲା ୧୯ ବର୍ଗମାଇଲ । ଉତ୍ତରରେ କାଂଶବାଂଶ ନଦୀଠାରୁ ଦକ୍ଷିଣରେ ଗମେଇନଦୀ ପର୍ଯ୍ୟନ୍ତ ଓ ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ କାଂଶବାଂଶ ନଦୀପର୍ଯ୍ୟନ୍ତ ଏହାର ଥିଲା ଚତୁଃସୀମା । ଗ୍ରାମକୁ ସୀମାର ସଂକେତ ରୂପେ ନେଲେ ଏହା ପଶ୍ଚିମରେ ସୁଆଁଠାରୁ ପୂର୍ବରେ ଇରମ ଏବଂ ଉତ୍ତରରେ ବଞ୍ଛଦାଠାରୁ ଦକ୍ଷିଣରେ ଅଡ଼ୁଆଁ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏଥିରେ ସର୍ବମୋଟ ୨୬ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ସେଗୁଡ଼ିକ ଥିଲା ଇରମ, ନୂଆଗାଁ, ପଡ଼ୁଆଁ, ଉଆଡ଼, ଭଦ୍ରପଡ଼ା, କୁମାରପୁର, ବଞ୍ଛଦା; ଚନ୍ଦନପୁର, ସାରଙ୍ଗପୁର, ଜଗନ୍ନାଥପୁର, ଶଙ୍ଖାରୁ, ଆର୍ଡ଼ିଙ୍ଗ, କାଟରେଇଗଡ଼ । ଆମାଜଆ, ଅନ୍ତରା, ଦାମୋଦରପୁର, ସୁଆଁ, ଗୁଡ଼, ମଶଗୁ, ଜଲଗନ୍ଧା, ସୁଦର୍ଶନପୁର, ସଦେଇପଡ଼ା, ଈଶ୍ୱରପୁର, ତିଳଦା ଓ ନନ୍ଦପୁର । ଉକ୍ତ ସରକାରର ପରିଚାଳନା ନିମନ୍ତେ ୫ଜଣ ସଦସ୍ୟଙ୍କୁ ନେଇ ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କୁ ଏହାର ସଭାପତି ଓ କମଳାପ୍ରସାଦ କରଙ୍କୁ ପରିଚାଳକ ବା ପ୍ରଧାନ ସେନାପତି ଭାବେ ମନୋନୟନ କରାଯାଇଥିଲା । ଏହି ନବଗଠିତ ସରକାରରେ ଗୌରାଙ୍ଗ ବାବୁଙ୍କୁ ରାଷ୍ଟ୍ରପତି ଓ କମଳାବାବୁଙ୍କୁ ପ୍ରଧାନମନ୍ତ୍ରୀଙ୍କର କ୍ଷମତା ଦିଆଯାଇ ଥିଲାବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଉକ୍ତ କମିଟିର ଅନ୍ୟ ସଭ୍ୟମାନ ଥିଲେ ପ୍ରଭାକର ତ୍ରିପାଠୀ, ଅନିରୁଦ୍ଧ ମହାନ୍ତି ଓ ଶ୍ୟାମସୁନ୍ଦର ପାଣିଗ୍ରାହୀ । ଉକ୍ତ ସରକାର ଅଫିସ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ଅର୍ଜୁନ ବିଶ୍ୱାଳଙ୍କର ଘର ନିଆଯାଇଥିଲା । ଏହାକୁ ସେମାନେ ସତ୍ୟାଗ୍ରହ ଆଶ୍ରମ

Digitized by srujanika@gmail.com

ନାମରେ ନାମିତ କରାଇଥିଲେ । ଉକ୍ତ ଆଶ୍ରମଜପରେ କଂଗ୍ରେସ ପତାକା ଉଡ଼ାଯାଇ ପ୍ରତ୍ୟହ ସନ୍ଧ୍ୟାରେ ତାକୁ ଅବତରଣ କରାଯାଉଥିଲା । ବିଭିନ୍ନ ସମୟରେ ଏହି ନବଗଠିତ ସରକାରଙ୍କଦ୍ୱାରା ଘୋଷିତ ଆଇନ ଅମାନ୍ୟ କଲେ ବା କୌଣସି ଲୋକ ଗୁପ୍ତଚର ବୃତ୍ତି ଅବଲମ୍ବନ କଲେ ବା ମହାତ୍ମାଗାନ୍ଧୀ ଓ କଂଗ୍ରେସକୁ ଭର୍ତ୍ସନା କଲେ ସେଥିପାଇଁ ଦଣ୍ଡବିଧିର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ଇରମର କୃଷ୍ଣଚନ୍ଦ୍ର ପାଣିଙ୍କର ସିଧାହାଟ ଘର ବିଚାରାଳୟରୂପେ ଓ ବଙ୍କବାହାର ତ୍ରିପାଠୀଙ୍କ ଘର ଜେଲଖାନାରୂପେ ବ୍ୟବହାର କରାଯିବାର ନିଷ୍ପତ୍ତି ନିଆଯାଇଥିଲା । କୃଷ୍ଣଚନ୍ଦ୍ର ପାଣି ବିଚାରପତି-ଭାବେ ନିଯୁକ୍ତ ହୋଇଥିଲେ । ତାଙ୍କ ବିଚାର ବିରୁଦ୍ଧରେ ପୁନର୍ବିଚାରପାଇଁ ଏକ ଉଚ୍ଚ ଅଦାଲତ କମିଟି ନୂଆଗାଁର ପାଣୁଦାସଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା । ଇରମର ଭଗି ସିଂ ଓ ତାଙ୍କ ପୁତ୍ର ରାମ ସିଂ କଂଗ୍ରେସର କାର୍ଯ୍ୟ-କ୍ରମପ୍ରତି ବିରୋଧ ମନୋଭାବ ପୋଷଣ କରୁଥିବାରୁ ସେମାନଙ୍କୁ ଦୁଇଦିନପାଇଁ ଜେଲଖାନାରେ ଅଟକ ରଖାଯାଇଥିବା ବିଷୟ ସେହି ସମୟର ଜନୈକ ନେତା ଗଣେଶପ୍ରସାଦ ତ୍ରିପାଠୀଙ୍କ ସହ ସାକ୍ଷାତକାରରୁ ଜଣାଯାଏ । ସେମାନଙ୍କ ବ୍ୟତୀତ ଉକ୍ତ ମହାନ୍ତି ଆଇନ ଅମାନ୍ୟ କରିଥିବାରୁ ତାଙ୍କୁ ଦଣ୍ଡ ଦିଆଯାଇଥିଲା ବୋଲି ନିଶାକର ଦଳାଇ ଓ କାଶୀନାଥ ଦାସଙ୍କଦ୍ୱାରା ଲିଖିତ ବିବରଣୀରୁ ଜଣାଯାଏ ।

କେବଳ ସେତିକି ନୁହେଁ । ନବଗଠିତ ସରକାର ଅଧୀନରେ ମୁଖ୍ୟତଃ ୩ଟି ବିଭାଗ ରଖାଯାଇଥିଲା, ଯଥା :—ସୈନ୍ୟ ବିଭାଗ, ଗୁପ୍ତଚର ବିଭାଗ ଓ ରସଦ ବିଭାଗ । ସୈନ୍ୟବିଭାଗ ଅଧୀନରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ମରଣସେନା ନାମରେ ଆଖ୍ୟାୟିତ କରାଯାଇଥିଲା । ସେମାନେ ଥିଲେ ପଦାତିକ ବାହିନୀ । ସେମାନଙ୍କର ସଂଖ୍ୟା ୩୫ ଥିଲା ବୋଲି ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଡାଏରୀରୁ ଜଣାଯାଏ । ସେମାନଙ୍କର ସେନାଧ୍ୟକ୍ଷ ଥିଲେ ଗଣେଶ ପ୍ରସାଦ ତ୍ରିପାଠୀ । ସେମାନଙ୍କର ଧ୍ୱନି ଥିଲା 'କରେଙ୍ଗେ ଔର ମରେଙ୍ଗେ' କରିବୁ ବା ମରିବୁ । ମରଣସେନା ବ୍ୟତୀତ ସୈନ୍ୟ ବିଭାଗର ଅନ୍ୟ ଏକ ଅଙ୍ଗ ଥିଲା ସ୍ୱେଚ୍ଛାସେବକ ବାହିନୀ । ସେମାନେ ଶାନ୍ତିସେନା ନାମରେ କଥିତ ହୋଇଥିଲେ । ଅନିରୁଦ୍ଧ ମହାନ୍ତି ଥିଲେ ଉକ୍ତ ବାହିନୀର ମୁଖ୍ୟ । ସ୍ୱେଚ୍ଛାସେବକ ବାହିନୀକୁ ଗଠନ, ଓ ସତ୍ୟାଗ୍ରହୀ ସଂଗ୍ରହ ଥିଲା ତାଙ୍କର

Digitized by srujanika@gmail.com

ମୁଖ୍ୟ ଦାୟିତ୍ୱ । ତାଙ୍କ ଅଧୀନରେ ଥିବା ଶାନ୍ତିସେନାରେ ୨୩୫ ଜଣ ସଭ୍ୟ ରହିଥିବାର ଜଣାଯାଏ । ସେହିପରି ଗୁପ୍ତଚର ବିଭାଗର ମୁଖ୍ୟ କାର୍ଯ୍ୟ ଥିଲା ପାଳକର ଗମେଇ ନଗରେ ଥିବା ଘାଟ ଜଗିବା, ପୋଲିସ ବା ଉପରିସ୍ଥ କର୍ମଚାରୀ ଆସିବାର ଜାଣିଲେ ତାହା ଗୋପନୀୟ ଭାବେ ସଂଯୋଗ କମିଟିର ସଭ୍ୟମାନଙ୍କୁ ଜଣାଇବା ଓ କେଉଁମାନେ କଂଗ୍ରେସ ବିରୋଧୀ ଓ ଅନ୍ତର୍ଘାତୀ କାର୍ଯ୍ୟ କରୁଛନ୍ତି, ତାହା ସଂଗ୍ରହ କରିବା । ଉକ୍ତ ବିଭାଗର ମୁଖ୍ୟ କିଏ ଥିଲେ ତାହା ଜଣାପଡୁନାହିଁ । ସମ୍ଭବତଃ ମରଣସେନାର ମୁଖ୍ୟ ଗଣେଶ ପ୍ରସାଦ ତ୍ରିପାଠୀ ତାଙ୍କ ଦାୟିତ୍ୱ ସହ ଗୁପ୍ତଚର ବିଭାଗର ମୁଖ୍ୟ ରୂପେ କାର୍ଯ୍ୟ କରି ପାରିଥାଆନ୍ତି । କାରଣ ଛଦ୍ମବେଶ ଧାରଣ ଓ ଛଦ୍ମକାର୍ଯ୍ୟ କରିବାରେ ସେ ଥିଲେ ସିଦ୍ଧହସ୍ତ, ତାହା ପୂର୍ବରୁ ବର୍ଣ୍ଣନା କରାଯାଇଛି । ସେହିପରି ଇରମର ଲକ୍ଷ୍ମୀନାରାୟଣ ପାଢ଼ୀ, କୃଷ୍ଣଚନ୍ଦ୍ର ପାଣି, ବଙ୍କ ବିହାରୀ ତ୍ରିପାଠୀ, ପଞ୍ଚାନନ ତ୍ରିପାଠୀ, ଦିବାକର ତ୍ରିପାଠୀ, ବିନୋଦ ବିହାରୀ ତ୍ରିପାଠୀ, ବିବେକାନନ୍ଦ ମହାନ୍ତି (ଦୁଃଖିବାବୁ), ପୁରୁଷୋତ୍ତମ ମହାନ୍ତି, ଗୁଡର କାଶୀନାଥ ଦାଶ, ଓ ସୁଆଁ ର ରତ୍ନାକର ଦାଶଙ୍କୁ ନେଇ ଏକ ରସଦ କମିଟି ଗଠନ କରାଯାଇଥିଲା । ବାହାରୁ ଆସୁଥିବା ସ୍ୱେଚ୍ଛାସେବୀ ଓ ସତ୍ୟାଗ୍ରହୀମାନଙ୍କର ଖାଦ୍ୟପେୟର ଆୟୋଜନ କରିବା ଥିଲା ତାଙ୍କର ଦାୟିତ୍ୱ । ପ୍ରତ୍ୟହ ସନ୍ଧ୍ୟା ସମୟରେ ବନ୍ଦେ ମାତରମ୍ ଧ୍ୱନି ଦେଇ ମୃଦଙ୍ଗ, ଝାଞ୍ଜ ଧରି ହରିନାମ ସହ କୀର୍ତ୍ତନ କରି ଗାଁରୁ ଚୁଡ଼ା, ଗୁଡ଼ଳ ଓ ପରିବା ଆଦି ସଂଗ୍ରହ କରିବା ସଙ୍ଗେ ସଙ୍ଗେ ସେମାନେ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ସ୍ୱେଚ୍ଛାକୃତ ଦାନ ସଂଗ୍ରହ କରୁଥିଲେ । ଏତଦ୍ ବ୍ୟତୀତ ସୁଆଁ ର ରାମନାରାୟଣ ଦାଶ ଥିଲେ ମୁଖ୍ୟ ବାର୍ତ୍ତାବହ । ତାଙ୍କୁ ସାହାଯ୍ୟ କରିବା ପାଇଁ କୈଳାସ ଚନ୍ଦ୍ର ସାହୁଙ୍କୁ ନିଯୁକ୍ତ କରାଯାଇଥିଲା । ସେ ଥିଲେ ଶଙ୍ଖାରୁ ସ୍ୱେଚ୍ଛାସେବୀ ବାହିନୀର ମୁଖ୍ୟ । ଏହାଥିଲା ସ୍ୱାଧୀନ ବାଞ୍ଛାନିଧି ତକଲାର ଗଠନ ପ୍ରଣାଳୀ । ଏହା ସେତେବେଳର ନେତାମାନଙ୍କର ଜାତୀୟତା ପ୍ରୀତିର ପରିଚୟ ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ଉନ୍ନତ ରାଜନୈତିକ ଚିନ୍ତାଧାରାର ବଳିଷ୍ଠ ପ୍ରମାଣ ଦେଇଥାଏ । ସେଥିପାଇଁ ସେମାନେ ଅଭିନନ୍ଦନୀୟ ହୋଇ ରହିଛନ୍ତି । ଅବଶ୍ୟ ଏହିପରି ଏକ ସମାନ୍ତରାଳ ସରକାର ଗଠିତ ହୋଇନଥିଲା ଓ ତାହା କେବଳ ମାତ୍ର ରାଜନୈତିକ ନେତାଙ୍କର କଳ୍ପନାରେ ଥିଲା ବୋଲି ବ୍ରିଟିଶ ସରକାରଙ୍କ ଦ୍ୱାରା ଗଠିତ

Digitized by srujanika@gmail.com

ଇନକୁଆରି କମିଟିର ରିପୋର୍ଟରେ ଯାହା ଉଲ୍ଲିଖିତ ହୋଇଛି ତାହା ଯେ ଭ୍ରାନ୍ତ ଓ ଅମୂଳକ ତାହା ସର୍ବଜନବିଦିତ । (୧୫) ଘଟଣାଟିର ନ୍ୟୂନତା ପ୍ରତିପାଦନ କରିବା ଥିଲା ତାଙ୍କର ଉଦ୍ଦେଶ୍ୟ ।

ସ୍ୱାଧୀନ ସରକାର ଗଠନ କରିବା ବ୍ୟତୀତ ଉକ୍ତ ୧୭ ତାରିଖର ସଭାରେ ଶିକ୍ଷାନୁଷ୍ଠାନ ଓ ହାଟ ଗୁଡ଼ିକରେ ହରତାଳ ପାଳନ କରିବାର ନିଷ୍ପତ୍ତି ନିଆଯାଇଥିଲା । ଏତଦ୍ ବ୍ୟତୀତ ବାସୁଦେବପୁର ଠାରେ ତା୧୮ରିଖ ଦିନ ଏକ ସାଧାରଣ ସଭା ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇ ସେହିଦିନ ସଭାକାର୍ଯ୍ୟ ପରେ ଥାନା ପୋଡ଼ାଯିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା ।

ତଦନୁଯାୟୀ ୧୮ ତାରିଖଦିନ ସକାଳେ ଇରମ ଅଞ୍ଚଳ ତଥା ବାହାରୁ ଆସିଥିବା କର୍ମୀଙ୍କୁ ନେଇ ଇରମରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା । ଏହାର ନେତୃତ୍ୱ ନେଇଥିଲେ ଅନିରୁଦ୍ଧ ମହାନ୍ତି, ଗଣେଶ ପ୍ରସାଦ ତ୍ରିପାଠୀ, ରାଧାଶ୍ୟାମ ନାୟକ ଓ ଶ୍ୟାମସୁନ୍ଦର ପାଣିଗ୍ରାହୀ । ଦୀର୍ଘ ୭ ମାଇଲ ବ୍ୟାପୀ ରାସ୍ତା ଅତିକ୍ରମ କରି ଯାଇଥିବା ଶୋଭାଯାତ୍ରା ଥିଲା ବାସୁଦେବପୁର ଥାନାର ଇତିହାସରେ ଏକ ଅଭୂତପୂର୍ବ ଓ ଅଶ୍ରୁତପୂର୍ବ ଘଟଣା । ବାସ୍ତବପକ୍ଷେ ଏହାପୂର୍ବରୁ ବାସୁଦେବପୁରବାସୀ ଏପରି ଏକ ବିରାଟ ଶୋଭାଯାତ୍ରା ଦେଖିନଥିବାରୁ ଏହା ଦେଖି ସେମାନେ ଚମତ୍କୃତ ହୋଇଯାଇ-ଥିଲେ । ସେମାନେ ବିଭିନ୍ନ ସଙ୍ଗୀତ ଗାନକରି ଓ ବିଭିନ୍ନ ଧ୍ୱନି ଦେଇ ଶୋଭାଯାତ୍ରାରେ ଯାଉଥିବାର ଜଣାଯାଏ । 'ଆସରେ ଆସରେ ସ୍ୱରାଜ ସୈନିକ ଆସ ବୀରମାନେ ମାତି, ଇଂରେଜ ରାଜତ୍ୱ କରିବା ବିଲୁପ୍ତ ଆମେ ଗଜପତି ଜାତି' ଓ 'ଆଓ ପ୍ୟାରେ ଭାଇହୋ, ଆଓ କ୍ରାନ୍ତିକାରୀଓ, ଆଓ ଶାଘ୍ର ମାତୃଭୂମି ବନ୍ଧମୁକ୍ତ କୋ ଲିୟେ'ଥିଲା ତାଙ୍କର ସଙ୍ଗୀତ । ସେମାନଙ୍କର ବିଭିନ୍ନ ଧ୍ୱନି ଥିଲା ନିମ୍ନ ପ୍ରକାରର—'ହୋସିୟାର—ନବଜୀବନ ହୋସିୟାର' 'ନହିଁ ଡରଙ୍ଗେ—ହୁସିୟାର', 'ଜେଲଖାନାସେ—ନେହିଁ ଡ଼ରଙ୍ଗେ', 'ଲାଠି ମାଡ଼ସେ—ନେହିଁ ଡରଙ୍ଗେ', 'ଗଲଫାଶିସେ—ନେହିଁ ଡରଙ୍ଗେ', 'ଅତ୍ୟା ଚାରସେ – ନେହିଁ ଡରଙ୍ଗେ' ÷ ଏହିପରି ବିଭିନ୍ନ ସଙ୍ଗୀତ ଓ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରି ଯାଉଥିବା ସମୟରେ ରାସ୍ତାକଡ଼ରେ ଆବାଳବୃଦ୍ଧ-

(୧୫) ଇନକ୍ୱାଏରୀ କମିଟି ରିପୋର୍ଟ-ପରିଶିଷ୍ଟ ୩

Digitized by srujanika@gmail.com

ବନତା ଧାଡ଼ିବାନ୍ଧି ଠିଆହୋଇ ହରିବୋଲ ଓ ହୁଳହୁଳି ଧ୍ୱନିଦେଇ ସେମାନଙ୍କୁ ସ୍ୱାଗତ ଜଣାଉଥିବାର ଦୃଶ୍ୟ ଥିଲା ବେଶ୍ ଉଦ୍ଦୀପନାମୂଳକ । ସତେ ଜଣାପଡ଼ୁଥିଲା ୧୭୮୯ ଖ୍ରୀଷ୍ଟାବ୍ଦର ଯୁଗାନ୍ତକାରୀ ଫରାସୀ ରାଷ୍ଟ୍ରବିପ୍ଳବ ସମୟରେ ବିଦ୍ରୋହୀ ଜନତା ୧୭୮୯ ମସିହା ଜୁଲାଇ ତା ୧୪ରିଖ ଦିନ ଫରାସୀ ରାଜାଙ୍କ ଅତ୍ୟାଚାର ଶାସନର ପ୍ରତୀକ ଓ ତାଙ୍କର ଆଖଣ୍ଡ କ୍ଷମତାର ଉଦ୍ଧତ ମିନାର ବାଷ୍ଟାଇଲ ଦୁର୍ଗକୁ ଧ୍ୱଂସକରିବା ପରି ନାନାପ୍ରକାର ଧ୍ୱନି ଦେଇ ଆଗେଇଚାଲିଛନ୍ତି କି ? ସେ ଯାହାହେଉ, ଶୋଭାଯାତ୍ରାକାରୀମାନେ ବାସୁଦେବପୁର ଥାନାର ଏକମାଇଲ ପୂର୍ବରୁ ତେନ୍ତୁଳିଆ ଗ୍ରାମରେ କିଛି ସମୟ ଅପେକ୍ଷାକରି ଖବର ସଂଗ୍ରହ କରିଥିଲେ ଯେ ସେତେବେଳେ ଥାନାରେ ମାତ୍ର ୧୨ ଜଣ ଫୌଜ ଅଛନ୍ତି । ଏହା ଜାଣିଲାପରେ ଶତ ସିଂହ ବଳନେଇ ଶୋଭାଯାତ୍ରାକାରୀମାନେ ବାସୁଦେବପୁର ବଜାରରେ ପହଞ୍ଚିଲେ । ସେତେବେଳକୁ ସୁଆଁଆଡ଼ୁ ପ୍ରାୟ ୭୦୦ ଲୋକ ଗୌରଙ୍ଗଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ବାସୁଦେବପୁର ବଜାରରେ ପହଞ୍ଚି ସାରିଥିଲେ । ସେହିପରି ବ୍ରାହ୍ମଣଗାଁ ଓ ବରଣ୍ଡିଆରୁ ମଧ୍ୟ ଶୋଭାଯାତ୍ରାକାରୀମାନେ ପହଞ୍ଚିଲେ । ଏହିପରିଭାବେ ଦୁଇ ତିନି ପ୍ରାୟ ୨୦୦୦ ଲୋକଙ୍କ ଉପସ୍ଥିତିରେ ବାସୁଦେବପୁର ବଜାରର ଗଗନ ପବନ ପ୍ରକମ୍ପିତ ହେବାକୁ ଲାଗିଲା । ସେଠାରୁ ଯାଇ ବର୍ତ୍ତମାନ ନିର୍ମିତ ହୋଇଥିବା କ୍ଲବ ପଡ଼ିଆରେ ସେମାନେ ମିଳିତ ହେଲେ । ଉକ୍ତ ସଭାରେ ପୌରୋହିତ୍ୟ କରୁଥାଆନ୍ତି ଅନିରୁଦ୍ଧ ମହାନ୍ତି । ଗୌରଙ୍ଗଚନ୍ଦ୍ର ମହାନ୍ତି ଓ କମଳା ପ୍ରସାଦ କର ଦୂରରେ କୌଣସି ଏକ ସ୍ଥାନରେ ରହି ଗତିବିଧି ପର୍ଯ୍ୟବେକ୍ଷଣ କରୁଥିଲେ ବୋଲି ଅନିରୁଦ୍ଧ ବାବୁଙ୍କଠାରୁ ପ୍ରକାଶ । ପ୍ରଥମେ ୧୭ ତାରିଖ ଦିନ ଇରମ ସାଧାରଣ ସଭାରେ ନିଷ୍ପତ୍ତି ନିଆଯାଇଥିବା କାର୍ଯ୍ୟକ୍ରମକୁ ସେ ତାଙ୍କର ବଜ୍ରନିର୍ଘୋଷ ବାଣୀରେ ଘୋଷଣା କରିଥିଲେ । ତାହା ଉପସ୍ଥିତ ଜନତାଙ୍କ ହୃଦୟରେ ଅପୂର୍ବ ସ୍ପନ୍ଦନ ସୃଷ୍ଟି କରିଥିଲା । ସେଠାରେ ମଧ୍ୟ ବାଞ୍ଛାନିଧି ଚକଲା ଅନୁମୋଦିତ ହେବା ସଙ୍ଗେ ସଙ୍ଗେ ସମଗ୍ର ବାସୁଦେବପୁର ଥାନାକୁ ଏହା ମଧ୍ୟରେ ଅନ୍ତର୍ଭୁକ୍ତ କରାଇବା ପ୍ରସ୍ତାବଟି ଅନୁମୋଦିତ ହୋଇଥିବା ବିଷୟ କମଳା ପ୍ରସାଦବାବୁଙ୍କଠାରୁ ଜାଣିବାକୁ ମିଳେ । ଉକ୍ତ ବୃହତ୍ତର ସ୍ୱାଧୀନ ବାଞ୍ଛାନିଧି ଚକଲାକୁ ୮ ଗୋଟି ଅଞ୍ଚଳ ବା ଜୋନ୍‌ରେ ବିଭକ୍ତ କରାଯାଇଥିଲା । ସେଗୁଡ଼ିକ ଥିଲା ବାସୁଦେବପୁର, ଇରମ, ବରଣ୍ଡିଆ, ବ୍ରାହ୍ମଣଗାଁ, ବଦେଇପୁର,

Digitized by srujanika@gmail.com

ନାୟୂକାଣୀ ଡଦ୍ଧ, ବାଲମେଦ ଓ ଏଡ଼ଭାଲ । ମାଙ୍କ ଉକ୍ତ ଚକଲାର ସଦର ମହକୁମା ଇରମରେ ରହିବାପାଇଁ ସ୍ଥିର ହୋଇଥିଲା । ଏହାର ସଭାପତି ଓ ସମ୍ପାଦକ ବାଛିବାପାଇଁ ଦାୟିତ୍ୱ ଅନିରୁଦ୍ଧ ମହାନ୍ତି ଓ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ଉକ୍ତ ଚକଲାର କାର୍ଯ୍ୟନିର୍ବାହିକା ସମିତିର ସଭ୍ୟମାନେ ଅକ୍ଟୋବର ୨ ତାରିଖ ଦିନ ଶପଥ ନେବାପାଇଁ ସ୍ଥିର ହୋଇଥିଲା । ଉକ୍ତ ସଭାରେ ମଧ୍ୟ ସେହିଦିନ ଥାନାପୋଡ଼ିବା କାର୍ଯ୍ୟକ୍ରମଟି କରିବାର ଦ୍ୱାରା ଅନୁମୋଦିତ ହୋଇଥିଲା । ସେଥିପାଇଁ ପ୍ରଚୁର ପରିମାଣରେ କରୋସିନ୍ ତେଲ ବାସୁଦେବପୁର ହାଟର ନିଶାକର ମହାନ୍ତି ଯୋଗାଇଥିଲେ । ମାତ୍ର ଥାନାପୋଡ଼ିବା ପାଇଁ ବାହାରୁଥିବା ସମୟରେ ଇଞ୍ଜିନିୟର ରମାକାନ୍ତ ଦାସ ବାଲେଶ୍ୱରରୁ ଏକ ଚିଠି ନେଇ ଆସି ପହଞ୍ଚିଲେ । ଥାନା ନପୋଡ଼ି ତାକୁ ଦଖଲ କରିବାପାଇଁ ଉକ୍ତ ଚିଠିରେ ନିର୍ଦ୍ଦେଶ ଥିଲା । ତେଣୁ ଉକ୍ତ କାର୍ଯ୍ୟକ୍ରମଟି ସେଦିନ ସ୍ଥଗିତ ରଖାଯାଇଥିଲା । ମାତ୍ର ଥାନାରେ ସେଦିନ ମାତ୍ର ୧୨ ଜଣ ଫୌଜଥିବାରୁ ଯଦି ସେଠାରେ ଉପସ୍ଥିତ ଜନତା ଥାନାପୋଡ଼ି କାର୍ଯ୍ୟକ୍ରମଟି କାର୍ଯ୍ୟକାରୀ କରାଇଥାନ୍ତେ, ତାହାହେଲେ ସେହିଦିନ ହିଁ ଫ୍ରାନ୍‌ସର ବାଷ୍ଟାଇଲ ଦୁର୍ଗଟିକୁ ଧୂଳିରେ ମିଶାଇଦେବାପରି ବାସୁଦେବ ପୁର ଥାନାଟିକୁ ପୋଡି ସେମାନେ ପାଉଁଶଗଦାରେ ପରିଣତ କରିଦେଇ ପାରିଥାନ୍ତେ । ମାତ୍ର ସେମାନେ ଉପରିସ୍ଥ ନିର୍ଦ୍ଦେଶକୁ ମାନି ସେଥିରୁ ନିବୃତ୍ତ ହୋଇଥିଲେ । ଯାହାହେଉ, ସେଦିନ ସଭା ସାଙ୍ଗହେଲା । ସେଦିନ ରାତିରେ ସେଠାରେ ଉପସ୍ଥିତ କେତେଜଣ ନେତୃସ୍ଥାନୀୟ କର୍ମୀ ବରଣ୍ଡିଆ ଯାଇ ସେଠାରେ ରାତ୍ରି ଯାପନ କରିଥିଲେ । ଇତିମଧ୍ୟରେ ଅନ୍ୟାନ୍ୟ ବହୁ କର୍ମୀ ସେଠାରେ ୧୯ ତାରିଖ ଦିନ ଉପସ୍ଥିତ ହେବାକୁ ଲାଗିଲେ । ସେପ୍ଟେମ୍ବର ତା ୨୦ରିଖ ଦିନ ସେଠାରେ ଏକ କର୍ମୀ ସମ୍ମିଳନୀର ଆୟୋଜନ କରାଯାଇଥିଲା ।

ତା ୨୦ରିଖ ଦିନ ବରଣ୍ଡିଆଠାରେ ଆହୂତ କର୍ମୀସମ୍ମିଳନୀରେ ସ୍ଥିର ହୋଇଥିଲା ଯେ ବୃହତ୍ତର ସ୍ୱାଧୀନ ବାଞ୍ଛାନିଧି ଚକଲା ଅକ୍ଟୋବର ତା ୨ରିଖ ଦିନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବା ପର୍ଯ୍ୟନ୍ତ ପୂର୍ବରୁ ସର୍ବୋଚ୍ଚ କମିଟିର ସଭାପତି ରୂପେ ନିଯୁକ୍ତ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ହାତରେ ବିଭିନ୍ନ ବିଷୟରେ ନିଷ୍ପତ୍ତି ନେବା ପାଇଁ ଏକଛତ୍ର କ୍ଷମତା ଅର୍ପଣ କରାଗଲା । ଉକ୍ତ

Digitized by srujanika@gmail.com

ସମ୍ମିଳନୀରେ ମଧ୍ୟ ଭବିଷ୍ୟତର କର୍ମପନ୍ଥା ସ୍ଥିର କରାଯାଇଥିଲା । ତତ୍କାଳୀନ ଜମିଦାର, ମହାଜନ ଓ ବଡ଼ ଧରଣର ଚୃଷୀମାନଙ୍କୁ ଅନୁରୋଧ କରାଯାଇ ସେମାନଙ୍କଠାରୁ କରଜସୂତ୍ରରେ ଧାନ ଆଣି ଅଭାବଗ୍ରସ୍ତ ଓ ଭୋକ ଉପାସରେ କଷ୍ଟୀଉଥିବା ଲୋକମାନଙ୍କ ମଧ୍ୟରେ ବଣ୍ଟନ କରିବା ଥିଲା ଭବିଷ୍ୟତର କର୍ମ-ପନ୍ଥା ମଧ୍ୟରୁ ଅନ୍ୟତମଟି । ଉକ୍ତ କାର୍ଯ୍ୟକ୍ରମଟି ଯେ ପ୍ରଥମେ ବାସୁଦେବପୁର ଥାନାରେ ଗ୍ରହଣ କରାଯିବାର ନିଷ୍ପତ୍ତି ନିଆଯାଇଥିଲା ତା ନୁହେଁ, ଏହା ପୂର୍ବରୁ ଭଦ୍ରକ ସବ୍‌ଡିଭିଜନର ଧାମନଗର ଓ ଭଣ୍ଡାରି ପୋଖରୀ ଆଦି ଅଞ୍ଚଳରେ ଏହା କରାଯାଇଥିଲା । ସର୍ବସାଧାରଣରେ ଚୌକିଦାର ଓ ଦଫାଦାରଙ୍କର ପୋଷାକ ପୋଡ଼ିବା ଥିଲା ଭବିଷ୍ୟତ ପାଇଁ ଅନ୍ୟ ଏକ କର୍ମ-ପନ୍ଥା । ଉକ୍ତ କର୍ମୀ ସମ୍ମିଳନୀରେ ମଧ୍ୟ ତା·୨୨ରିଖ ଦିନ ଇରମଠାରେ ଅନ୍ୟ ଏକ ସାଧାରଣ ସଭାର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତେଣୁ ଗୌରାଙ୍ଗଚନ୍ଦ୍ର ମହାନ୍ତି ଓ ଅନିରୁଦ୍ଧ ମହାନ୍ତିଙ୍କ ବ୍ୟତୀତ ଅନ୍ୟ କର୍ମୀମାନେ ବରଣ୍ଡୁଆଠାରୁ ଇରମ ଅଭିମୁଖେ ଯାତ୍ରା କରିଥିଲେ । ଉପରୋକ୍ତ ନେତା-ଦ୍ୱୟଙ୍କ ଉପରେ ସେତେବେଳେ ବ୍ରାହ୍ମଣଗାଁ, ଏଡ଼ତାଳ ଓ ବରଣ୍ଡୁଆ ଅଞ୍ଚଳର ସଂଗଠନର ଦାୟିତ୍ୱ ଦିଆଯାଇଥିବାରୁ ସେମାନେ ଉକ୍ତ ଅଞ୍ଚଳକୁ ଗମନ କରିଥିଲେ ।

ସେପ୍‌ଟେମ୍ବର ତା ୨୨ରିଖ ଦିନ ଇରମ ଠାରେ ଆହୂତ ସଭାଟି ଥିଲା ମୁଖ୍ୟତଃ ପ୍ରତିବାଦ ସଭା । କାରଣ ଏଠାରେ ଇରମର ଜମିଦାର ରାଧାକାନ୍ତ ପାଣ୍ଡି, ୟୁନିୟନ ପ୍ରେସିଡେଣ୍ଟ ଓ ବ୍ରିଟିଶ କର୍ମଚାରୀଙ୍କୁ ପ୍ରତିବାଦ ଜଣାଇବା ଥିଲା ଏହାର ପ୍ରଧାନ ଉଦ୍ଦେଶ୍ୟ । ସରକାରଙ୍କୁ ପ୍ରତିବାଦ ଜଣାଇବା ପାଇଁ କୌଣସି ପ୍ରକାର ଟିକସ ନ ଦେବା, ଜମିଦାରଙ୍କୁ ପ୍ରତିବାଦ ଜଣାଇବା ପାଇଁ ତାଙ୍କ ଦ୍ୱାରା ଅନ୍ୟାୟ ଭାବେ ଆଦାୟ କରାଯାଉଥିବା କର ନଦେବା, ହାଟ ଓ ଶିକ୍ଷାନୁଷ୍ଠାନରେ ହରତାଳ ପାଳନ କରାଯିବାର ୧୭ ତାରିଖର ନିଷ୍ପତ୍ତିକୁ ଅଧିକ ସକ୍ରିୟ କରାଇବା ଏବଂ ଜମିଦାର ଓ ମହାଜନଙ୍କଠାରୁ କରଜ ସୂତ୍ରରେ ଧାନ ଆଣି ବଣ୍ଟନ କରିବାର ୨୦ ତାରିଖର ନିଷ୍ପତ୍ତିକୁ ଅଧିକ କଡ଼ାକଡ଼ି ଭାବେ ପାଳନ କରିବା ଆଦି କାର୍ଯ୍ୟକ୍ରମ ଉକ୍ତ ସଭାରେ ଆଲୋଚିତ ହୋଇଥିଲା । ଇତି ମଧ୍ୟରେ ସେପ୍‌ଟେମ୍ବର ତା ୧୮ ରିଖରୁ ୨୧ ତାରିଖ ମଧ୍ୟରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବେତଡ଼ା, ଇରମ, ଗଦ୍ଦପୁର

Digitized by srujanika@gmail.com

ଓ ବ୍ରାହ୍ମଣଗାଁର ହାଟ ଗୁଡ଼ିକରେ ପୂର୍ଣ୍ଣ ହରତାଳ ପାଳନ କରାଯାଇ ଉକ୍ତ କାର୍ଯ୍ୟକ୍ରମଟିକୁ ସମ୍ପୂର୍ଣ୍ଣ ଭାବେ ସଫଳ କରାଯାଇଥିଲା । ସେହିପରି ବାସୁଦେବପୁର ଥାନାରେ ସେତେବେଳର ଦୁଇଟି ମୁଖ୍ୟ ଶିକ୍ଷାନୁଷ୍ଠାନ ବାସୁଦେବପୁର ମଧ୍ୟ ଇଂରାଜୀ ଓ ଏରଡ଼ାଭାଳ ମଧ୍ୟଇଂରାଜୀ ବିଦ୍ୟାଳୟରେ ପୂର୍ଣ୍ଣ ହରତାଳ ପାଳିତ ହୋଇଥିଲା । ତନ୍ମଧ୍ୟରୁ ବାସୁଦେବ ପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପୂର୍ଣ୍ଣ ହରତାଳ ସାଫଲ୍ୟ ମଣ୍ଡିତ ହୋଇପାରିଥିଲା ତତ୍କାଳୀନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ରାୟଙ୍କର ଅବଦାନ ପାଇଁ । ଏତଦ୍ ବ୍ୟତୀତ ତା ୨୧ ରିଖ ଦିନ ଶଙ୍ଖାରୁରେ ୨ଟି, ବଳ୍ଛଦାରେ ୨ଟି ଓ ଇରମରେ ୪ଟି ଚୌକିଦାର ପୋଷାକ ସର୍ବସାଧାରଣରେ ପୋଡ଼ି ଦିଆଯାଇଥିଲା । କମଳାବାବୁ ନିଜେ ତାଙ୍କ ପିତାଙ୍କ ଇଚ୍ଛାବିରୁଦ୍ଧରେ ନିଜର ଅମାର ଭାଙ୍ଗି ଧାନ ବଣ୍ଟନ କରିଥିବା ବିଷୟ ନିଶାକର ଦଳାଇ ଓ କାଶୀନାଥ ଦାସଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀରୁ ଜଣାଯାଏ । ପୁନଶ୍ଚ ସେହି ୨୧ ତାରିଖ ଦିନ ନାରାୟଣ ମାନସିଂହଙ୍କ ଘରର ଝରକା କାଚ୍ଛୁ କର୍ମୀ ଭାଙ୍ଗି ଦେଇଥିଲେ । ସମଗ୍ର ବାସୁଦେବପୁର ଥାନାକୁ ନେଇ ଗୋଟିଏ ୟୁନିୟନ ଗଠନ କରାଯାଇ ବ୍ରିଟିଶ ସରକାର ଏହାକୁ ୧ ନମ୍ବର କ୍ରମିକ ସଂଖ୍ୟା ଦେଇଥିଲେ । ଏହାର ପ୍ରେସିଡ଼େଣ୍ଟ ଥିଲେ ସେହି ନାରାୟଣ ମାନସିଂହ । ସେ ଥିଲେ ଜଣେ ଉଗ୍ର ପ୍ରକୃତିର ଲୋକ । ଏହା ତତ୍କାଳୀନ ସବୁ ମୁଖ୍ୟ-ନେତାଙ୍କର ସ୍ୱୀକାରୋକ୍ତି । ତେଣୁ ସେ ସାଧାରଣ ଲୋକଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ବିଶେଷତଃ ସେ ଅଧିକ ଜନବିରୋଧୀ ହୋଇପଡ଼ିଥିଲେ ଚୌକିଦାର ଟିକସ ଆଦାୟ କରିବାରେ ହେରଫେର ନୀତି ପାଇଁ । ସେ ବହୁକ୍ଷେତ୍ରରେ ଚୌକିଦାର ଟିକସ ଯେଉଁ ପରିମାଣରେ ଆଦାୟ କରିବାର କଥା ତାଠାରୁ ଅଧିକ ଆଦାୟ କରି କମ୍ ପରିମାଣ ସୂଚାଇ ରସିଦ ଦେଉଥିଲେ । ଏପରିକି କେତେକ କ୍ଷେତ୍ରରେ ସେ ରସିଦ୍ ଆଦୌ ଦେଉନଥିଲେ । ତେଣୁ ତାଙ୍କ ପ୍ରତି ସର୍ବସାଧାରଣ କ୍ଷୁବ୍ଧ ହୋଇପଡ଼ିଥିଲେ । ସେ ମଧ୍ୟ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅପ୍ରିୟ ହୋଇଥିଲେ ତାଙ୍କର ଆନ୍ଦୋଳନ ବିରୋଧୀ ଉଦ୍ୟମ ପାଇଁ । ସେ ଇଂରେଜ ସରକାରଙ୍କର କର୍ମଚାରୀଙ୍କ ସହ ଗୋପନ ଷଡ଼ଯନ୍ତ୍ର କରି ଆନ୍ଦୋଳନକୁ ଦମନ କରିବାପାଇଁ ଉଦ୍ୟମ କରୁଥିବା ବିଷୟ କାଶୀନାଥ ଦାସଙ୍କ ବିବରଣୀରୁ ଜଣାଯାଏ । ତେଣୁ ତାଙ୍କ ପ୍ରତି ଲୋକମାନେ କ୍ରୋଧାନ୍ୱିତ ହୋଇ ଏକପ୍ରକାର ହିଂସାତ୍ମକ କାର୍ଯ୍ୟର ଆଶ୍ରୟ ନେଇଥିଲେ ।

Digitized by srujanika@gmail.com

ବାସ୍ତବପକ୍ଷେ ଜମିଦାର ରାଧାକାନ୍ତ ପାଢ଼ୀଙ୍କ ଉପରେ ଜନସାଧାରଣ ଯେତେ କ୍ଷୁବ୍ଧ ହୋଇନଥିଲେ ତାହାଠାରୁ ଅଧିକ କ୍ଷୁବ୍ଧ ହୋଇଥିଲେ ନାରାୟଣ ମାନ୍ଧାତାଙ୍କ ଉପରେ ।

ଉକ୍ତ ପରିପ୍ରେକ୍ଷୀରେ ତା ୨୨ରିଖର ସଭାରେ କେତୋଟି ପ୍ରତିବାଦମୂଳକ ପଦକ୍ଷେପ ଓ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ପ୍ରଥମ ପଦକ୍ଷେପ ସ୍ୱରୂପ ନାରାୟଣ ମାନଧାତାଙ୍କ କାର୍ଯ୍ୟକଳାପକୁ ଅନ୍ୟାୟ ବୋଲି ସାବ୍ୟସ୍ତ କରାଯାଇ ଏକ ନିନ୍ଦାମୂଳକ ପ୍ରସ୍ତାବ ଗ୍ରହଣ କରିବା ସଙ୍ଗେ ସଙ୍ଗେ ତାଙ୍କଦ୍ୱାରା ପ୍ରଦତ୍ତ ରସିଦ, ଚିଠି, ନୋଟିସ ଓ ଅନ୍ୟାନ୍ୟ କାଗଜପତ୍ର ସଭାରେ ପୋଡିଦିଆଯାଇଥିଲା । ତାଙ୍କୁ ମଧ୍ୟ ୟୁନିୟନ ପ୍ରେସିଡେଣ୍ଟ ପଦରୁ ଇସ୍ତଫା ଦେବାପାଇଁ ତାଗିଦ୍ କରାଯାଇଥିଲା । ତାଙ୍କର ଇସ୍ତଫାପତ୍ର ସେ ରାମନାରାୟଣ ଦାଶ, କମଳା ପ୍ରସାଦ କର, ରମାକାନ୍ତ ରାଉତ ଓ ଭାସ୍କର ପରିଡ଼ାଙ୍କ ହାତରେ ଦେଇଦେବାପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । (୧୬) ଚୌକିଦାରମାନେ ଭବିଷ୍ୟତରେ ଥାନାରେ ହାଜର ନହେବା ପାଇଁ ସଭାରେ ତାଙ୍କୁ ତାଗିଦ କରାଯାଇଥିଲା । ପୁନଶ୍ଚ ଜମିଦାର ରାଧାକାନ୍ତ ପାଢ଼ୀ ପୋଲିସମାନଙ୍କ ସହ ଭବିଷ୍ୟତରେ କୌଣସି ସହଯୋଗ ନରଖିବା ପାଇଁ ତାଙ୍କୁ ତାଗିଦ୍ କରାଯାଇଥିଲା । (୧୭) ସେମାନଙ୍କ ବ୍ୟକ୍ତିଗତ ଅଫିମ ଗଞ୍ଜା ପଟ୍ଟାଦାର ଓ କାଞ୍ଜିଆଦୋଦା ରକ୍ଷକ ବଇନ ମହାନ୍ତି ଭବିଷ୍ୟତରେ ବିଭାଗୀୟ ଇଂରେଜ କର୍ମଚାରୀଙ୍କ ସହ ଯେପରି ଅସହଯୋଗ କରନ୍ତି, ସେଥିପାଇଁ ସେହିଭଳି ତାଙ୍କୁ ମଧ୍ୟ ତାଗିଦ କରାଯାଇଥିଲା । ନାଉରିଆମାନେ କୌଣସି ଇଂରେଜ କର୍ମଚାରୀଙ୍କୁ ଚୂଡ଼ାମଣି ଓ ଭୈରପୁର ଘାଟରେ ନଦୀପାର ନକରାଇବାର ଏକ ପ୍ରସ୍ତାବ ମଧ୍ୟ ସଭାରେ ଗୃହୀତ ହୋଇଥିଲା ।

ଏହିପରିଭାବେ ତା ୨୧ରିଖ ମଧ୍ୟରେ ୟୁନିୟନ ପ୍ରେସିଡେଣ୍ଟଙ୍କର ଝରକା ଭାଙ୍ଗିବା ତଥା ଚୌକିଦାରମାନଙ୍କର ପୋଷାକ ପୋଡ଼ା ଘଟଣା-ଗୁଡ଼ିକ ଉଭୟ ଜମିଦାର ରାଧାକାନ୍ତ ପାଢ଼ୀ ଓ ୟୁନିୟନ ପ୍ରେସିଡେଣ୍ଟ ନାରାୟଣ ମାନଧାତାଙ୍କ ମନରେ ଧାରଣା ଜନ୍ମାଇଥିଲା ଯେ ଇରମ ଅଞ୍ଚଳର

(୧୬) କାଶୀନାଥ ଦାସ ଓ ନିଶାକର ଦଳାଇଙ୍କ ଦ୍ୱାରା ପ୍ରସ୍ତୁତ ବିବରଣୀରୁ ସଂଗୃହୀତ ।
(୧୭) ଏଜନ

Digitized by srujanika@gmail.com

କର୍ମୀମାନେ ଦିନକୁ ଦିନ ଅଧିକ ଉଗ୍ର ହୋଇପଡ଼ୁଛନ୍ତି । ସେମାନଙ୍କର ଧନଜୀବନ ଆଉ ନିରାପଦ ନୁହେଁ । ଏପରି ଧାରଣା କରିବା ମଧ୍ୟ ଅସ୍ୱାଭାବିକ ନୁହେଁ । ପୂର୍ବରୁ ସେପରି କୌଣସି ପଦକ୍ଷେପ ନିଆ ଯାଇ ତା ୨୧ରିଖ ଦିନ ଜନତା ମାନଙ୍କାତାଙ୍କ ଉପରେ ଆକ୍ରୋଶମୂଳକ ପଦକ୍ଷେପ ନେବା ମୂଳରେ ଅନ୍ୟଏକ କାରଣ ଥାଇପାରେ । ସେହିଦିନ ବରଣ୍ଡ ଆରୁ ବହୁ କର୍ମୀ ତା୨୨ରିଖର ସଭାରେ ଯୋଗଦେବା ପାଇଁ ଇରମରେ ଉପସ୍ଥିତ ହୋଇଥିଲେ । ସେମାନଙ୍କର ଉପସ୍ଥିତି ଏକ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟିକରି-ପାରିଥାଏ । ସେ ଯାହାହେଉ, ସେହି ତା ୨୧ ରିଖଦିନ ରାଧାକାନ୍ତ ପାଢ଼ୀଙ୍କ ବୈଠକଘରେ ସେ ତାଙ୍କର ସହଯୋଗୀମାନଙ୍କୁ ନେଇ ଏକ ଗୋପନୀୟ ବୈଠକ ଡକାଇଥିଲେ ବୋଲି ଅନିରୁଦ୍ଧ ମହାନ୍ତିଙ୍କଠାରୁ ଜଣାଯାଏ । ସମ୍ଭବତଃ ଏ ସମ୍ବନ୍ଧ ଖବର ବାସୁଦେବପୁର ଥାନାକୁ ଜଣାଇବା ପାଇଁ ଉକ୍ତ ବୈଠକରେ ସ୍ଥିର ହୋଇଥିଲା । ତାହା ପ୍ରଥମେ ସେମାନେ କୁଳଖଟିଠାରେ ଥିବା ଉପକୂଳବର୍ତ୍ତୀ ପୋଲିସ ଫାଣ୍ଡିକୁ (Coastal Police Out Post) ଜଣାଇଥିଲେ । ଇରମଠାରୁ ପ୍ରାୟ ୧ ମାଇଲ ଦୂରବର୍ତ୍ତୀ ସମୁଦ୍ର ଉପକୂଳରେ କୁଳଖଟିଠାରେ ଇଂରେଜ ସରକାର ବହୁପୂର୍ବରୁ ଏକ ଫାଣ୍ଡି ସ୍ଥାପନ କରିଥିଲେ । ସେତେବେଳେ ଇଂରେଜମାନେ ସମୁଦ୍ରରେ ବାଣିଜ୍ୟ କାରବାର କରୁଥିବାରୁ ସେମାନଙ୍କର ନିରାପତ୍ତା ପାଇଁ ସମୁଦ୍ର କୂଳେ କୂଳେ ସେମାନେ ଏହିପରି ବହୁ ଫାଣ୍ଡି ପ୍ରତିଷ୍ଠା କରିଥିଲେ । କୁଳଖଟିଠାରେ ପ୍ରତିଷ୍ଠିତ ପୋଲିସ ଫାଣ୍ଡିରେ ୬ ଜଣ କନେଷ୍ଟବଳ ରହୁଥିବାର ଜଣାଯାଏ । ଏହାର ସଦର ମହକୁମା ଥିଲା ବାସୁଦେବପୁରଠାରେ । ତାହା ସଲ୍ଟ ଅଫିସ ନାମରେ କଥିତ ହେଉଥିଲା । ଉକ୍ତ କୁଳଖଟି ଫାଣ୍ଡିକୁ ବାସୁଦେବପୁର ଥାନାରୁ ପୋଲିସମାନେ ସମୟ ସମୟରେ ତଦାରଖ ନିମନ୍ତେ ଯାଇଥିଲେ । ସେହି କୁଳଖଟିଠାରେ ଇଂରେଜମାନେ ମଧ୍ୟ ଏକ ଡାକବଙ୍ଗଳା ପ୍ରତିଷ୍ଠା କରିଥିଲେ । ସେ ଯାହାହେଉ, ଜମିଦାର କୁଳଖଟି ଫାଣ୍ଡିକୁ ଖବର ପ୍ରେରଣ କରି ଏହା ବାସୁଦେବପୁର ଥାନାକୁ ଜଣାଇବାପାଇଁ କହିଥିବାର ଜଣାଯାଏ । ଅବଶ୍ୟ ଜମିଦାରଙ୍କର ଉକ୍ତ ପଦକ୍ଷେପ ବିଶେଷ ଅସମୀଚୀନ ବୋଲି କହିହେବ ନାହିଁ । ସେହି ଅବସ୍ଥାରେ ଅନ୍ୟ ଯେ କୌଣସି ଲୋକ ଏହା କରିଥାଆନ୍ତେ । ସେ ଯାହାହେଉ କୁଳଖଟି ଫାଣ୍ଡିରୁ ଉକ୍ତ ଖବର ଅସ୍ଥାୟୀ

Digitized by srujanika@gmail.com

ପୋଲିସ ଗୋଇନ୍ଦାଭାବେ କାର୍ଯ୍ୟ କରୁଥିବା ବାସୁଦେବପୁର ଗ୍ରାମର ଗୋଲକ ପ୍ରସାଦ ଦାସଙ୍କ ଦ୍ୱାରା ଥାନାକୁ ପ୍ରେରିତ ହୋଇଥିବାର ଜଣାଯାଏ । ନିଜର ପୋଷାକ ପିନ୍ଧି କୌଣସି ପୋଲିସ ଲୋକ ଚିଠି ନେଇ ଗଲେ ଅନ୍ୟମାନେ ସନ୍ଦେହ କରିପାରି ତାଙ୍କଠାରୁ ଛଡ଼ାଇନେବା ଭୟରେ ଗୋଲକ ପ୍ରସାଦ ଦାସଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପନ୍ନ କରାଯାଇଥିବା ବିଷୟ ସେ ନିଜେ ତାଙ୍କ ପୁତୁରା ଗୌରାଙ୍ଗ ଚନ୍ଦ୍ର ଦାସ ଓ ନିତ୍ୟାନନ୍ଦ ଦାସଙ୍କ ନିକଟରେ ସ୍ୱୀକାର କରିଥିବା ବିଷୟ ସେମାନେ ମୋତେ ଜଣାଇଛନ୍ତି । ଏହାପରି ଗୋପନୀୟ ଚିଠି ସେ ବହୁବାର ନେଇଥିବାର ତାଙ୍କଠାରୁ ଜଣାଯାଏ । ଗୋଟିଏ ଛିରା ଲୁଗା ପିନ୍ଧି, ଅନ୍ୟ ଗୋଟିଏ ଲୁଗା ମଥାରେ ଗୁଡ଼ାଇ ଚିଠିଟି ସାଧାରଣତଃ ସେ ମାଲକୋଚ୍ଛିତଳେ ଖୋସି ନିର୍ଭୟରେ ନେଇ ଯାଇପାରୁଥିଲେ ।

ଉକ୍ତ ଖବର ପାଇ ସେହି ସେପ୍‌ଟେମ୍ବର ତା ୨୨ ରିଖ ଦିନ ବାସୁଦେବପୁର ଥାନାରୁ ପୋଲିସ ଇନସ୍‌ପେକ୍ଟର, ଜଣେ ମାଜିଷ୍ଟ୍ରେଟ, ଏବଂ ପୋଲିସ ଫୌଜ ନେଇ ଇରମରେ ପହଞ୍ଚିଲେ । ସେତେବେଳକୁ ସମଗ୍ର ବାସୁଦେବପୁର ଥାନାରେ ୧୪୪ ଧାରା ଜାରି କରାଯାଇଥାଏ । ଏହା ହାଇକୋର୍ଟ କେସ୍‌ର ରାୟ ନକଲରୁ ଜଣଯାଏ । (୧୮) ୧୪୪ ଧାରା ଜାରି ପରେ କୌଣସି ଗଣ୍ଡଗୋଳ ଓ ହିଂସାତ୍ମକ କାଣ୍ଡର ଆଶଙ୍କାକରି ସେତେବେଳେ ଭଦ୍ରକରୁ ପୋଲିସ ଇନସ୍‌ପେକ୍ଟର ଓ ମାଜିଷ୍ଟ୍ରେଟ ଆସି ବାସୁଦେବପୁର ଥାନାରେ କେମ୍ପକରି ରହିଥାଆନ୍ତି । ସେମାନେ ଇରମକୁ ତା ୨୨ ରିଖ ଦିନ ଆସିଥିଲେ ମୁଖ୍ୟତଃ ନେତାମାନଙ୍କୁ ଗିରଫ କରି ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ । ସେମାନେ ଜାଣିଥିଲେ ଯେ ଅନିରୁଦ୍ଧ ବାବୁ, ଗୌରାଙ୍ଗବାବୁ ଓ କମଳବାବୁ ସେତେବେଳେ ଇରମରେ ଥିବେ ଓ ସେମାନଙ୍କୁ ଗିରଫକରି ନେଇଗଲେ ଆଉ କଂଗ୍ରେସ କର୍ମୀମାନେ ଭବିଷ୍ୟତରେ କୌଣସି ଗଣ୍ଡଗୋଳ କରିବା ପାଇଁ ସାହସ କରିବେ ନାହିଁ । କିନ୍ତୁ ଅନିରୁଦ୍ଧବାବୁ ଓ ଗୌରାଙ୍ଗବାବୁ ସେତେବେଳେ ଯେ ଇରମରେ ନଥିଲେ ତାହା ପୋଲିସ କପରି ଜାଣିପାରିଲେ ନାହିଁ ତାହା ଅନୁଧ୍ୟାନର ବିଷୟ । ସମ୍ଭବତଃ ପୋଲିସ ଏହିଭଳିରେ ଏତେ ସର୍ତ୍କିଯୁ ହେଉ ନଥିଲେ । ଏହାମଧ୍ୟ ଇଂରେଜ ସରକାର

---

(୧୮) ହାଇକୋର୍ଟ ରାୟ—ପରିଶିଷ୍ଟ ୨

Digitized by srujanika@gmail.com

ଦ୍ୱାରା ପ୍ରକାଶିତ ଇନକୁଆରୀ ରିପୋର୍ଟରେ ଉଲ୍ଲେଖ କରାଯାଇଛି । (୧୯) ସେ ଯାହାହେଉ ପୋଲିସ ଫୌଜ ସିଧାସଳଖ ଆସି ଜମିଦାର ରାଧାକାନ୍ତ ପାଢ଼ୀଙ୍କ ଘରକୁ ଯାଇଥିଲେ । ତାପରେ ସେମାନେ ପହଞ୍ଚିଥିଲେ ସତ୍ୟାଗ୍ରହୀ ଶିବିର ହୋଇଥିବା ଅର୍ଜ୍ଜୁନ ବିଶ୍ୱାଳଙ୍କ ଘରେ । ଉକ୍ତ ପରିପ୍ରେକ୍ଷୀରେ ସନ୍ଦେହ କରାଯାଏ ଯେ ଉକ୍ତ ଜମିଦାର ଅର୍ଜ୍ଜୁନ ବିଶ୍ୱାଳଙ୍କ ଘର ସତ୍ୟାଗ୍ରହ ଶିବିର ହୋଇଛି ବୋଲି ପୋଲିସମାନଙ୍କୁ ଅଭିହିତ କରାଇଥିଲେ । ତାଙ୍କ ଉପରେ ସନ୍ଦେହ ସ୍ଥାପନ କରିବା ସେମିତି କିଛି ଅଯୌକ୍ତିକ ନୁହେଁ ବୋଲି ମନେହୁଏ । ଅପର ପକ୍ଷରେ ସେ ବା ଉକ୍ତ ଖବର ଦେଇ ନଥାଆନ୍ତେ କିପରି ? ସେ ତ ପୁଣି ଜମିଦାର ଭାବେ ନିଜର ସ୍ଥିତିକୁ ବଜାୟ ରଖିବା ପାଇଁ ଇଂରେଜ ସରକାରଙ୍କୁ ସନ୍ତୁଷ୍ଟ କରି ରଖିବେ । ସେ ଯଦି ନେତା-ମାନଙ୍କ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଥାନ୍ତେ ତାହା ମାଜିଷ୍ଟ୍ରେଟ ସମେତ ପୋଲିସ ଇନସ୍‌ପେକ୍ଟର ବିଶ୍ୱାସ କରି ନଥାନ୍ତେ । ସେ ଯାହାହେଉ, ସତ୍ୟାଗ୍ରହ ଶିବିରରୂପେ ବ୍ୟବହାର କରାଯାଇଥିବା ଅର୍ଜ୍ଜୁନ ବିଶ୍ୱାଳଙ୍କ ଘର ପୋଲିସ ଘେରାଉ କରି ଭାତ ଖାଉଥିବା ଅବସ୍ଥାରେ ସେମାନେ ଭାଇପଡ଼ାର ମଣିଭଦ୍ର ବିଶ୍ୱାଳ, ଇରମର ଅର୍ଜ୍ଜୁନ ବିଶ୍ୱାଳ ଓ ବଛଣ୍ଡାର ବାଞ୍ଛାନିଧି ଅଗସ୍ତିଙ୍କୁ ଗିରଫ କରି ନେଇଗଲେ । ସେମାନଙ୍କ ମଧ୍ୟରୁ ଅର୍ଜ୍ଜୁନ ବିଶ୍ୱାଳଙ୍କୁ ନିଛକ ମାଡ଼ ଦିଆଯାଇଥିବା ବିଷୟ ସେ ନିଜେ ସାକ୍ଷାତକାରରେ କହିଛନ୍ତି । ଗିରଫ କରିବା ପରେ ହାତରେ କଡ଼ି ପିନ୍ଧାଇ ସେମାନଙ୍କୁ ରାସ୍ତାରେ ଚଲାଇ ଚଲାଇ ନେଇଥିବାର ଜଣାଯାଏ । ଏହା ଥିଲା ପ୍ରାୟ ଦିନ ୧୨ଟା ସମୟର ଘଟଣା । ଉକ୍ତ ନେତାଙ୍କୁ ଗିରଫ କରିବାପରେ ବିପଦର ସଙ୍କେତ ସ୍ୱରୂପ ଶଙ୍ଖଧ୍ୱନି ବାଜି ଉଠିଥିଲା । ଫଳରେ ଇରମରେ ଅନ୍ୟାନ୍ୟ ଅଞ୍ଚଳରୁ ବହୁଲୋକ ଆସି ସେଠାରେ ଉପସ୍ଥିତ ହୋଇଯାଇଥିଲେ । ଅର୍ଜ୍ଜୁନ ବିଶ୍ୱାଳଙ୍କୁ ଗିରଫ କରିନେଇ ଯାଉଥିବା ସମୟରେ ଏକ ଘଟଣା ପୋଲିସ ତଥା ଅନ୍ୟମାନଙ୍କୁ ଚମତ୍କୃତ କରିଦେଇଥିଲା । ଭଗୀରଥି ପଣ୍ଡଙ୍କ ମାତା ଜଞ୍ଜାଳି ପଣ୍ଡ ହୁଳହୁଳି ଧ୍ୱନିଦେଇ ପୋଲିସଙ୍କ ହାତରୁ ଅର୍ଜ୍ଜୁନ ବିଶ୍ୱାଳଙ୍କୁ ଛଡ଼ାଇ ନେବାପାଇଁ ଉଦ୍ୟମ କରୁଥିବା ସମୟରେ ତାଙ୍କର ହାତରେ ପିନ୍ଧିଥିବା କଭୁଣ୍ଣ ପୋଲିସ

---

(୧୯) ଇନକୁଆରି କମିଟି ରିପୋର୍ଟ—ପରିଶିଷ୍ଟ ୩

Digitized by srujanika@gmail.com

ଇନସ୍‌ପେକ୍ଟରଙ୍କ ହାତରେ ଲାଗିଯିବାରୁ ତାଙ୍କର ରକ୍ତ ବାହାରିଥିଲା । ତା ସତ୍ତ୍ୱେ ସେମାନଙ୍କୁ ଗିରଫ କରି ନେଇଯାଉଥିବାର ଦେଖି ବିକ୍ଷୋଭକାରୀ ଜନତା ଉତ୍ତ୍ୟକ୍ତ ହୋଇ ପୋଲିସ ଫୌଜଙ୍କଠାରୁ ସଙ୍ଗୀନ ଛଡ଼ାଇ ନେଇ ବୃକ୍ଷକିଆରି ମଧ୍ୟକୁ ଫୋପାଡ଼ି ଦେଇଥିଲେ । ଏଥି ସହିତ ନେତାମାନଙ୍କୁ ନେଇଯିବା ନିମନ୍ତେ ସେମାନେ ପୋଲିସଙ୍କୁ ଛାଡ଼ି ନଥିଲେ । ତଥାପି ସେମାନେ ନେତାମାନଙ୍କୁ ନେଇଯାଉଥିବାର ଦେଖି ବିକ୍ଷୋଭକାରୀମାନେ ଚୂଡ଼ାମଣିଘାଟ ପର୍ଯ୍ୟନ୍ତ ପୋଲିସଙ୍କୁ ଅନୁଧାବନ କରିଥିଲେ । ଘାଟ ପାରକରାଇ ନଦେବା ପାଇଁ ସେମାନେ ମଧ୍ୟ ପଦକ୍ଷେପ ଗ୍ରହଣ କରିଥିଲେ । ଅବସ୍ଥା କ୍ରମେ କ୍ରମେ ଅଣଆୟତ୍ତ ହୋଇ ଯାଉଥିବାର ଦେଖି ପୋଲିସ ଫୌଜ ସେମାନଙ୍କୁ ହାତଯୋଡ଼ି କ୍ଷମା ମାଗିଲେ ଯେ ସେମାନେ ଆଉ କେବେ ସ୍ୱାଧୀନତକାଲି ମଧ୍ୟକୁ ପ୍ରବେଶ କରିବେ ନାହିଁ । ଉକ୍ତ ପ୍ରତିଶ୍ରୁତି ପାଇବା ପରେ ବିକ୍ଷୋଭ-କାରୀମାନେ ବୃକ୍ଷ ଜମିରୁ ସଙ୍ଗୀନ ଆଣି ତାକୁ ଫେରାଇଦେବା ସଙ୍ଗେ ସଙ୍ଗେ ନଦୀ ଅତିକ୍ରମ କରିବା ପାଇଁ ପୋଲିସ ଫୌଜକୁ ଛାଡ଼ିଦେଇଥିଲେ ।

ଉକ୍ତ ଘଟଣା ସଂଘଟିତ ହେବା ସମୟରେ କମଳା ପ୍ରସାଦ କର ଆତ୍ମଗୋପନ କରି ରହିଥିବାର ଜଣାଯାଏ । ତାହା ସେ କରିଥିଲେ ସମ୍ଭବତଃ ଅପରାହ୍ଣରେ ଆହୂତ ସଭାର ଆୟୋଜନ କରିବାପାଇଁ । ପୋଲିସ-ମାନେ ମଧ୍ୟ ତାଙ୍କୁ କପରି ଠାବ କରି ପାରିନଥିଲେ ତାହା ଏକ ବିସ୍ମୟର କଥା । ଏଥିରୁ ମନେ ହୁଏ ପୋଲିସମାନେ କମଳା ବାବୁଙ୍କୁ ଗିରଫ କରିବା ପାଇଁ ଏତେ ସକ୍ରିୟ ହୋଇ ନଥିଲେ ବା ସେମାନଙ୍କର ସଂଖ୍ୟା ଉପସ୍ଥିତ ଜନତାଙ୍କ ତୁଳନାରେ ବହୁତ କମ ଥିବାରୁ ସେମାନେ ପରିସ୍ଥିତି ଅନୁଧ୍ୟାନ କରି କମଳା ବାବୁଙ୍କୁ ଗିରଫକରି ଅବସ୍ଥାକୁ ଅଧିକ ଉତ୍ତେଜନା ପୂର୍ଣ୍ଣ କରିବା ପାଇଁ ଚାହିଁ ନଥିଲେ ।

୨୨ ତାରିଖଦିନ ଉପରୋକ୍ତ ଘଟଣା ସମ୍ବନ୍ଧରେ ପୋଲିସ ଫୌଜ ବାସୁଦେବପୁର ଯାଇ ଉପରିସ୍ଥ କର୍ମଚାରୀଙ୍କୁ ନିଶ୍ଚୟ ଜଣାଇଥିବେ । ଇତିମଧ୍ୟରେ ସେପ୍‌ଟେମ୍ବର ତା ୨୦ରିଖରେ କର୍ମୀ ସମ୍ମିଳନୀ ତଥା ଇରମର ତା୨୨ରିଖଦିନ ସାଧାରଣ ସଭାରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ସେପଟେମ୍ବର ତା ୨୩ରିଖ ଦିନ କମଳା ପ୍ରସାଦ କରଙ୍କ ନେତୃତ୍ୱରେ ବହୁ

Digitized by srujanika@gmail.com

ଲୋକ ଜମିଦାର ରାଧାକାନ୍ତ ପାଢ଼ୀଙ୍କ ପଡ଼ୁଆଁ ସ୍ଥିତ କଚେରୀର କାଗଜପତ୍ର ଓ ଧାନ ଅମାର ଲୁଟକରି ଧାନ ନେଇଯିବା ପାଇଁ ସେଠାରେ ପହଞ୍ଚିଥିଲେ ବୋଲି ଜମିଦାରଙ୍କ ଦ୍ୱାରା ଭଦ୍ରକ ପୋଲିସ ଇନସ୍‌ପେକ୍ଟରଙ୍କ ନିକଟକୁ ଲେଖାଯାଇଥିବା ଚିଠିରୁ ଜଣାଯାଏ । ତାହା ଦେଖି ଗୁମାସ୍ତା ଓ ପିଅନ କବାଟ ବନ୍ଦ କରିଦେଇଥିଲେ । ଫଳରେ ସେମାନେ ନିରାଶହୋଇ କବାଟ ଓ ଝରକା ଉପରେ ଲାଠିପ୍ରହାର କରି ଚାଲିଯାଇଥିଲେ । ପୁନରାୟ ତା' ପରଦିନ ପୁରୀ ପରିଡ଼ା, ଉଦ ବିଶ୍ୱାଳ, ହେମ ଦାସ ଏବଂ ପ୍ରସାଦୀ ପଣ୍ଡା, ବେଙ୍ଗ ସେଠୀ ଓ ଅଗଣୀଙ୍କ ପୁଅ ସମେତ ଅନ୍ୟ କେତେଜଣଙ୍କୁ ନେଇ ବଡ଼ ବଡ଼ ଠେଙ୍ଗା ଧରି କମଳା ପ୍ରସାଦ ରାଧାକାନ୍ତ ପରିଡ଼ାଙ୍କ ପାଖରେ ପହଞ୍ଚିଥିଲେ । ସେମାନେ ୧୦୦ ଛେଲି ବା ୪୦ ମହଣ ଧାନ କୌଣସି ବନ୍ଧକ ବା କାଗଜପତ୍ର ନରଖି ବିନାସୁଧରେ ଲୋକଙ୍କୁ ଦେବା ପାଇଁ ଜମିଦାରଙ୍କୁ ମାଗିଥିଲେ । ତାହା ନ ଦେଲେ କମଳାକର ଜମିଦାରଙ୍କୁ ବହୁ ବିପଦରେ ପକାଇବେ ବୋଲି ଧମକ ଦେଇଥିଲେ । ମାତ୍ର କୌଣସି କାଗଜପତ୍ର ନରଖି ଏତେ ଧାନ ଦେଇପାରିବେ ନାହିଁ ବୋଲି ଜମିଦାର ମନା କରିବାରୁ କମଳାକର ସମସ୍ତଙ୍କ ପାଇଁ ଉକ୍ତ ଅଞ୍ଚଳର ୧୦ଜଣ ବିତ୍ତଶାଳୀ ଲୋକ ହେଣ୍ଡ-ନୋଟ ଦେବେ ବୋଲି କହିବାରୁ ଜମିଦାର ସେଥିରେ ରାଜି ହୋଇଥିଲେ । ମାତ୍ର ପରେ ପରେ କମଳା ପ୍ରସାଦ କର ଓ ତାଙ୍କ ଲୋକ ବଡ଼ ଲାଠି ଧରି କଚେରୀରେ ପହଞ୍ଚି କୌଣସି ହେଣ୍ଡନୋଟ୍ ନଦେଇ ଧାନ ଦେବା ପାଇଁ ଗୁମାସ୍ତାଙ୍କୁ ବାଧ କରିବାରୁ ସେମାନେ ମନା କରିଦେଇଥିଲେ । ସେଥିରେ କ୍ରୋଧାନ୍ୱିତ ହୋଇ ଜମିଦାରଙ୍କୁ ବାସନ୍ଦ କରିବା ମର୍ମରେ କମଳାବାବୁ ଚିଠିଟିଏ ଲେଖି ରଖିଯାଇଥିଲେ (୨୯) । ମାତ୍ର କମଳା ପ୍ରସାଦ କର ଅମାର ଭାଙ୍ଗି ଧାନ ବିତରଣ କରିଥିବା ବିଷୟ ସେ ନିଜେ ପ୍ରକାଶ କରିବା ସଙ୍ଗେ ସଙ୍ଗେ କାଶୀନାଥ ଦାସ ଓ ନିଶାକର ଦଳାଇଙ୍କ ଚିଠିରୁ ଜଣାଯାଏ । ଉପରୋକ୍ତ ଦୁଇଟି ଉକ୍ତି ମଧ୍ୟରୁ କେଉଁଟା ସତ୍ୟ ତାହା ସଠିକ୍ ରୂପେ କହିବ ନହେଲେ ମଧ୍ୟ ଜମିଦାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟଟି ଠିକ୍ ବୋଲି ଗ୍ରହଣ କରାଯାଇପାରେ । କାରଣ ଅମାର ଭାଙ୍ଗି ଧାନଲୁଟ ଖବର ଜଣାଇ ପୋଲିସର

---

(୨୯) ରାଧାକାନ୍ତ ପାଢ଼ୀଙ୍କର ପୋଲିସ ଇନସ୍‌ପେକ୍ଟରଙ୍କ ପାଖକୁ **ଲେଖିଥିବା** ଚିଠି **ପରିଶିଷ୍ଟ ଝ,**

Digitized by srujanika@gmail.com

ଅଧିକ ସହାନୁଭୂତି ଲାଭ କରିବାପାଇଁ ଉଦ୍ୟମ କରିଥାଆନ୍ତେ । ଅପର ପକ୍ଷେ ଏପରି ଏକ ଦୁଃସାହସିକ କାର୍ଯ୍ୟ କରି ନିଜକୁ ଅଧିକ ମହିମାନ୍ୱିତ କରିବା ପାଇଁ କମଳାବାବୁ ଏହା କହିଥାଇପାରନ୍ତି । ସେ ଯାହାହେଉ କମଳାବାବୁ ଓ ଅନିରୁଦ୍ଧବାବୁଙ୍କଠାରୁ ଶୁଣିବାକୁ ମିଳେ ଯେ ଜମିଦାର ରାଧାକାନ୍ତ ପାଢ଼ୀ ତାଙ୍କର ସମର୍ଥକଙ୍କୁ ନେଇ ବୈଠକଖାନାରେ ଅନ୍ୟ ଏକ ଗୋପନୀୟ ବୈଠକ ଡକାଇଥିଲେ । ଏଥିରେ କଣ ଆଲୋଚନା ହୋଇଥିଲା ତାହା ସେମାନେ ନିର୍ଦ୍ଦିଷ୍ଟ ରୂପେ କହି ପାରୁ ନଥିଲେ ମଧ୍ୟ ୨୨ ତାରିଖର ଘଟଣା-ବଳୀ ଉପରେ ଆଲୋଚନା କରାଯାଇ ଭବିଷ୍ୟତରେ ଏହାର କି ପ୍ରତିକାର କରାଯିବ ତାହା ସେଠାରେ ସ୍ଥିର ହୋଇଥିବା ବିଷୟ ସେମାନେ ଅନୁମାନ କରନ୍ତି । ଉକ୍ତ ଅନୁମାନ ସମ୍ପୂର୍ଣ୍ଣ ରୂପେ ଅବାନ୍ତର ବୋଲି କହିହେବ ନାହିଁ । କାରଣ ଯେକୌଣସି ଲୋକ ସେପରି ଅବସ୍ଥାରେ ଆତ୍ମରକ୍ଷା କରିବା ପାଇଁ ଉପାୟ ଚିନ୍ତାକରିବା ସ୍ୱାଭାବିକ । ପୂର୍ବରୁ ନାରାୟଣ ମାନନ୍ଧ ତାଙ୍କ ଘରର ଝରକା କବାଟ ଭାଙ୍ଗିବା ଓ ରାଧାକାନ୍ତ ପାଢ଼ୀଙ୍କର ଅମାର ଭାଙ୍ଗିବା ପାଇଁ ଉଦ୍ୟମ କରିବା ଆଦି ଆକ୍ରୋଶମୂଳକ ପଦକ୍ଷେପ ସେମାନଙ୍କୁ ଯେ ଭୟଭୀତ କରିଥିବ, ଏଥିରେ ସନ୍ଦେହ ନାହିଁ । ତେଣୁ ୨୬ ତାରିଖ ଦିନ ରାଧାକାନ୍ତ ପାଢ଼ୀଙ୍କର ସାନଭାଇ ମୁକ୍ତିକାନ୍ତ ପାଢ଼ୀ ବାଲେଶ୍ୱର ଯାଇ କଲେକ୍ଟର ଓ ପୋଲିସ ଏସ.ପି. ଙ୍କୁ ସାକ୍ଷାତ କରିଥିବାର ଜଣାଯାଏ । (୨୨) ସାକ୍ଷାତକାର ସମୟରେ ସେ କଣ କହିଥିଲେ ତାହା ଜଣା ପଡ଼ି ନଥିଲେ ମଧ୍ୟ ଇରମର ଉଦ୍‌ବେଗଜନକ ପରିସ୍ଥିତି ସମ୍ବନ୍ଧରେ ତାଙ୍କୁ ଅବହିତ କରାଇ ପ୍ରତିକାର ସ୍ୱରୂପ ପୋଲିସକୁ ଇରମକୁ କଣ୍ଟିଜେନ ନିମନ୍ତେ ପଠାଇବା ପାଇଁ କହିଥିବାର ବିଶ୍ୱାସ କରାଯାଏ । ସେ ବାଲେଶ୍ୱର ଯାଇ ଜିଲ୍ଲା କଲେକ୍ଟର ତଥା ପୋଲିସ ସାହେବଙ୍କୁ ଦେଖାକରିଥିଲେ କି ନାହିଁ ତାହାର ସତ୍ୟାସତ୍ୟ ଜାଣିବାପାଇଁ ସେହି ସମୟରେ ଜମିଦାରଙ୍କ ଘରେ ହୋମିଓପାଥିକ ଔଷଧ ବିତରଣ ତଥା ନାଇଟ ଲଗାଇବା ଦାୟିତ୍ୱରେ ଥିବା ଉପେନ୍ଦ୍ର ପ୍ରସାଦ ଦାସମହାପାତ୍ରଙ୍କୁ ସାକ୍ଷାତକରି ପଚାରିବାରେ ସେ କହିଥିଲେ ଯେ 'ମୁକ୍ତିକାନ୍ତବାବୁ ବାଲେଶ୍ୱର ଯାଇଥିଲେ ସତ,ମାତ୍ର ବାଲେଶ୍ୱରରୁ ରେଲ୍‌ଯୋଗେ ସେ କଲିକତା ଯାଇଥିଲେ

(୨୨) ଅନିରୁଦ୍ଧ ମହାନ୍ତିଙ୍କ ସହ ସାକ୍ଷାତକାର ସମୟରେ ଦେଇଥିବା ବିବରଣୀ

Digitized by srujanika@gmail.com

ଆଗାମୀ ଦୁର୍ଗାପୂଜା ନିମିତ୍ତ ଜିନିଷପତ୍ର କିଣିବା ପାଇଁ' । ମାତ୍ର କମଳା ପ୍ରସାଦ କର ଦୃଢ଼ଭାବରେ କହନ୍ତି ଯେ ଜମିଦାର ରାଧାକାନ୍ତ ପାଢ଼ୀ ବାଲେଶ୍ୱରକୁ ସମ୍ବାଦ ପ୍ରେରଣକରି ପୋଲିସ ଫୌଜ ଅଣାଇବାର ଆୟୋଜନ କରିଥିଲେ । ଏହି ପରିପ୍ରେକ୍ଷୀରେ ନିରପେକ୍ଷ ଭାବରେ ସେହି ସମୟର ଘଟଣା ପ୍ରବାହ ଓ ତଜ୍ଜନିତ କ୍ରିୟା ଓ ପ୍ରତିକ୍ରିୟାକୁ ବିଶ୍ଳେଷଣ କଲେ ଜମିଦାର ରାଧାକାନ୍ତ ପାଢ଼ୀ ଉପରିସ୍ଥ କର୍ମଚାରୀଙ୍କୁ ଖବର ଦେଇ ପୋଲିସ ଅଣାଇବାର ତଥ୍ୟଟିକୁ ସମ୍ପୂର୍ଣ୍ଣରୂପେ ଅସତ୍ୟ ବୋଲି କହି ଏଡ଼ାଇ ହେବ ନାହିଁ । କାରଣ ସେ ୨୭ ତାରିଖଦିନ ପୋଲିସ ଇନସ୍‌ପେକ୍ଟରଙ୍କୁ ଲେଖିଥିବା ଚିଠିରେ ମୁକ୍ତିକାନ୍ତ-ବାବୁ ତାଙ୍କୁ ସମସ୍ତ ବିଷୟ କହିଥିବା ବିଷୟ ଉଲ୍ଲେଖ କରାଯାଇଛି । (୨୨) ପୁନଶ୍ଚ ମୁକ୍ତିକାନ୍ତ ବାବୁ ବାଲେଶ୍ୱର ଯିବାର ଠିକ୍ ଦୁଇଦିନ ପରେ ପୋଲିସ ଫୌଜ ଇରମରେ ପହଞ୍ଚିଥିଲେ । ଅବଶ୍ୟ ୨୮ ତାରିଖ ଦିନ ପୋଲିସକୁ ପଠାଇବା ପାଇଁ ରାଧାକାନ୍ତ ଯେ କହିଥିବେ ତାହା ଚିନ୍ତା କରାଯାଇନପାରେ । କାରଣ ସେଦିନ ସେପରି କିଛି ଅଘଟଣ ଘଟିବାର କୌଣସି ସଙ୍କେତ ନ ଥିଲା । ମାତ୍ର ସେହି ୨୭ତାରିଖ ଦିନ ଜମିଦାର ରାଧାକାନ୍ତ ପାଢ଼ୀ କମଳା ପ୍ରସାଦ କରଙ୍କ ନେତୃତ୍ୱରେ ପଡ଼ୁଆସ୍ଥିତ ଧାନ ଅମାର ଲୁଟ କରିବାର ବାରମ୍ବାର ପ୍ରଚେଷ୍ଟା ଓ ମତ୍ସ୍ୟଜୀବୀମାନେ ଠିକା ନନେଇ ମାଛ ଧରିବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବା ଆଦି ଘଟଣା ବର୍ଣ୍ଣନା କରି ପୋଲିସ ଇନସ୍‌ପେକ୍ଟରଙ୍କୁ ଚିଠି ଲେଖି ଜଣାଇବା ସଙ୍ଗେ ସଙ୍ଗେ ଅନୁରୋଧ କରିଥିଲେ, "ଯଦି ଏପରି ଅବସ୍ଥାରେ ସରକାର ସାହାଯ୍ୟ ନକରେ ତାହେଲେ ଆମେ କେଉଁଠି ରହିପାରିବୁ ନାହିଁ ଏବଂ ଆମର ଅବସ୍ଥା ଖୁବ୍ ଶୋଚନୀୟ ହୋଇପଡ଼ିବ । (୨୩) ଉକ୍ତ ଚିଠିର ଓଡ଼ିଆ ଅନୁବାଦ ପରିଶିଷ୍ଟ ୫ରେ ଦିଆଯାଇଛି । ଉକ୍ତ ତଥ୍ୟଗୁଡ଼ିକୁ ବିଚାରକୁ ନେଲେ ଜଣାଯାଏ ଯେ ୨୮ ତାରିଖ ଗୁଳିକାଣ୍ଡ ଦିନ ପୋଲିସ ଫୌଜ ଯେ ଇରମକୁ ଆସିଥିଲେ, ତା ମୂଳରେ ରାଧାକାନ୍ତ ପାଢ଼ୀଙ୍କର ପ୍ରଚେଷ୍ଟା କିଛି ପରିମାଣରେ ନିହିତ । ଅବଶ୍ୟ ସେ ଏହା ଯଦି କରିଥିଲେ ଅବସ୍ଥାଚକ୍ରରେ ପଡ଼ି । ପୂର୍ବରୁ କୁହାଯାଇଛି ଯେ ମଣିଷ ଅବସ୍ଥାର ଦାସ । ସେ ଏହାର ବ୍ୟତିକ୍ରମ ହୋଇପାରିଥାଆନ୍ତେ ବା କିପରି ?

---

(୨୩) ରାଧାକାନ୍ତ ପାଢ଼ୀଙ୍କର ପୋଲିସ ଇନସ୍‌ପେକ୍ଟରଙ୍କୁ ଲେଖିଥିବା ଚିଠି ପରିଶିଷ୍ଟ ୫

Digitized by srujanika@gmail.com

ଆଗକୁ ଯେ ବିପଦର ଘନଘଟା ମାଡ଼ିଆସୁଛି ତାହା ସେ ଆଶଙ୍କା କରିଥିଲେ । ସେଥିପାଇଁ ସମ୍ଭବତଃ ଲୋକମାନଙ୍କୁ ଭୟଭୀତ କରାଇବା ପାଇଁ ସେ ପୋଲିସକୁ ଡକାଇଥିଲେ । ପୋଲିସ ଗୁଳିକରିବେ ଓ ଲୋକମାନେ ମୃତ୍ୟୁ ମୁଖରେ ପଡ଼ିବେ ତାହା ତାଙ୍କ ଚିନ୍ତାର ବାହାରେ ଥିଲା ବୋଲି ମନେହୁଏ । ତଥାପି ତା ୨୮ ରିଖ ଦିନ ସଂଘଟିତ ଜଘନ୍ୟ କାଣ୍ଡ ପାଇଁ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷରେ ଜମିଦାର ସମ୍ପୂର୍ଣ୍ଣ ଭାବେ ନ ହେଲେ ବି କିଛି ପରିମାଣରେ ଯେ ଦାୟୀ, ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ ।

Digitized by srujanika@gmail.com

ଷଷ୍ଠ ଅଧ୍ୟାୟ

ଇରମରେ 'ନରମେଧ ଯଜ୍ଞ'

୧୯୪୨ ମସିହା ସେପ୍‌ଟେମ୍ବର ତା ୨୮ରିଖ ସୋମବାର । କେବଳ ଇରମ କାହିଁକି ସମଗ୍ର ବାସୁଦେବପୁର ଥାନା ପାଇଁ ଏହା ଥିଲା ଏକ ଅଭିଶପ୍ତ ଦିବସ । ମାତ୍ର ସବୁଦିନ ପରି ସେଦିନ ମଧ୍ୟ ସକାଳ ହୋଇଥିଲା । ସେଠାକାର ତଥା ପାଖଆଖରେ ଗ୍ରାମବାସୀ ନିଜ ନିଜର ପରିବାରବର୍ଗଙ୍କ ସହ ସଞ୍ଜକୁ ଦିନ ୨ଟା ପର୍ଯ୍ୟନ୍ତ ବେଶ୍ ହସଖୁସି ଓ ଆନନ୍ଦ ବିଭୋର ମଧ୍ୟରେ ସମୟ ବିତାଇଥିଲେ । ମାତ୍ର କିଏ ଜାଣିଥିଲା ସେମାନଙ୍କ ମଧ୍ୟରୁ ୨୯ ଜଣଙ୍କ ଜୀବନରେ ତାହା ହିଁ ହେବ ଶେଷ ଲୀଳାଖେଳା । ସେଦିନ ଠିକ୍ ଅସ୍ତଗାମୀ ସୂର୍ଯ୍ୟଙ୍କର କିରଣରେ ଇରମର ଆକାଶ ଲାଲ ରଙ୍ଗରେ ରଞ୍ଜିତ ହେଉଥିବା ସମୟରେ ପୋଲିସ ଗୁଳିରେ ୮୫ ଜଣଙ୍କର ରକ୍ତରେ ଇରମର ମେଳନ ପଡିଆ ରଞ୍ଜିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ୨୯ ଜଣଙ୍କର ମହାସମାଧି ରଚିତ ହୋଇଥିଲା । ଏହାକୁ ତତ୍କାଳୀନ ଡ଼. ଏସ. ପି. 'ନରମେଧ ଯଜ୍ଞ' ବୋଲି କହିଥିବାର ଜଣାଯାଏ । (୧) ତାହାର ହୃଦୟ ବିଦାରକ ଓ ମର୍ମନ୍ତୁଦ ଇତିହାସ ଏକ ଅଶ୍ରୁବିଜଡିତ ଅଧ୍ୟାୟ । ତାହାର ଏକ ସମ୍ୟକ୍ ବର୍ଣ୍ଣନା ନିମ୍ନରେ ପ୍ରଦତ୍ତ ହେଲା ।

ଇରମରେ ତା।୨୨ରିଖ ଦିନର ଘଟଣା । ନାଗପୁଣ ମାନଧାତାଙ୍କର ଝରକା କବାଟ ଭଙ୍ଗାରୁଜା ତଥା ରାଧାକାନ୍ତ ପାଢ଼ୀଙ୍କର ପଚ୍ଛୁଆଳ୍ପିତ ଅମାର ଭାଙ୍ଗିବା ପାଇଁ ଧମକ ଆଦି ତଦାରଖ କରିବା ସଙ୍ଗେ ସଙ୍ଗେ ଅଗଷ୍ଟ ଆନ୍ଦୋଳନର ପୁରୋଭାଗରେ ଥିବା ଅନିରୁଦ୍ଧ ମହାନ୍ତି, କମଳା ପ୍ରସାଦ କର, ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଓ ଗଣେଶ ପ୍ରସାଦ ତ୍ରିପାଠୀ ପ୍ରମୁଖ କେତେଜଣ ତୁଙ୍ଗନେତାଙ୍କୁ ଗିରଫ କରିବା ପାଇଁ ବାସୁଦେବପୁର ଥାନାରୁ ଏକ ପୋଲିସ ଫୌଜ ଇରମ ଅଭିମୁଖେ ଯାତ୍ରା କରିଥିଲେ । ସେମାନେ ଦିନ ୨ଟାରେ

(୧) ପ୍ୟାରୀମୋହନ ଦାସଙ୍କ ଠାରୁ ସୁରେନ୍ଦ୍ର ମୋହନ ଦ୍ୱିବେଦୀଙ୍କ ପାଖକୁ ଚିଠି ପରିଶିଷ୍ଟ ୪ ।

Digitized by srujanika@gmail.com

ବାହାର ୪ଘଣ୍ଟା ପରେ ଇରମରେ ପହଞ୍ଚି ଥିବାର ଡ଼. ଏସ୍. ପି. କୃଞ୍ଜବିହାରୀ ମହାନ୍ତି ସରକାରଙ୍କୁ ପଠାଇଥିବା ଲିଖିତ ବିବରଣୀରୁ ଜଣାଯାଏ । (୨) ୧୮ ଜଣ ସଶସ୍ତ୍ର ପୋଲିସ କନେଷ୍ଟେବଲ ଜଣେ ଅସ୍ଥାୟୀ ଗୁଇନ୍ଦା ପୋଲିସ, ଜଣେ ଜମାଦାର (ସୁବେଦାର), ଜଣେ ଇନ୍‌ସପେକ୍ଟର, ଓ ଜଣେ ଡ଼. ଏସ୍. ପିଙ୍କ ସମେତ ୨୪ ଜଣ ଉକ୍ତ ଦଳରେ ଅନ୍ତର୍ଭୁକ୍ତ ହୋଇଥିବା ବିଷୟ ୭।୧୦।୪୨ ତାରିଖ ଦିନ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଇସ୍ତାହାରରୁ ଜଣାଯାଏ । (୩) କୃଞ୍ଜ ବିହାରୀ ମହାନ୍ତି ଥିଲେ ଡ଼. ଏସ. ପି. ଅଖିଳ ଦତ୍ତ ଇନସ୍‌ପେକଟର, ହେମ ପାଣିଗ୍ରାହୀ ସବଇନ୍‌ସପେକଟର ରତ୍ନାକର ମାଝୀ, ଜମାଦାର ଓ କ. ଗୁରୁମୂର୍ତ୍ତି ଥିଲେ ହାବିଲଦାର । ବାସୁଦେବପୁର ଥାନାର ତତ୍କାଳୀନ ସବ୍‌ଇନସ୍‌ପେକଟର ଅନ୍ନଦା ପ୍ରସାଦ ରାୟ ଜଣେ ଇସ୍ତାକୁ ଓ ନିଷ୍କ୍ରିୟ ଅଫିସର ଥିବାରୁ ତାଙ୍କ ସ୍ଥାନରେ ବୃନ୍ଦାବାଲ ଥାନାରୁ ବଦଳି ହୋଇ ହେମ ପାଣିଗ୍ରାହୀ ୨୬ତାରିଖ ଦିନ ବାସୁଦେବପୁର ଥାନାର କାର୍ଯ୍ୟଭାର ଗ୍ରହଣ କରିଥିଲେ । ସମ୍ଭବତଃ ଜମିଦାର ରାଧାକାନ୍ତ ବାବୁଙ୍କର ୨୬ ତାରିଖର ଲିଖିତ ଚିଠି, ମୌଖିକ ଖବର ତଥା ବାସୁଦେବପୁର ଥାନାରୁ ପଠାଯାଉଥିବା ଖବର ପାଇ ଭଦ୍ରକରୁ ପୋଲିସ ଇନସ୍‌ପେକଟର ଓ ବାଲେଶ୍ୱରରୁ ଡ଼. ଏସ. ପି. ସେହି ତା ୨୬ରିଖ ଦିନ ବ ସୁଦେବପୁର ଥାନାରେ ପହଞ୍ଚିଥିଲେ । ମ ଜ ଗତଥିର ପର ସେମାନଙ୍କ ସହିତ ଜଣେ ମାଜିଷ୍ଟ୍ରେଟ କାହିଁକି ଯେ ଆସି ନ ଥିଲେ ତାହାର ସଠିକ୍ କାରଣ ଜଣାପଡ଼ୁ ନ ଥିଲେ ମଧ୍ୟ କେବଳମାତ୍ର ଲୋକମାନଙ୍କୁ ଭୟଭୀତ କରାଇବା ପାଇଁ ଇରମରେ ଅଧିକ କିଛୁଦିନ ରହିବାର ଉଦ୍ଦେଶ୍ୟ ରଖି ଆସିଥିବାରୁ ମାଜିଷ୍ଟ୍ରେଟଙ୍କୁ ସେମାନେ ଆଣି ନ ଥିଲେ। ସୁତରାଂ ସେମାନେ ଯେ ଗୁଳିକାଣ୍ଡ କରିବାପାଇଁ ଆସି ନ ଥିଲେ ତାହା ଏଥିରୁ ସୂଚିତ ହୁଏ । ତାହା ହୋଇଥିଲେ ସେମାନେ ୱରେଣ୍ଟପତ୍ର ଧରି ଆସି ନ ଥାନ୍ତେ । ପୋଲିସ ସବ୍‌ଇନସ୍‌ପେକଟର ବାସୁଦେବପୁର ଥାନାରୁ ବାହାରିବା ପୂର୍ବରୁ ୱରେଣ୍ଟ ଆଦି ପଠାଇବା ପାଇଁ ଥାନାରେ ଥିବା ରାଇଟର କନଷ୍ଟେବଲ ଆଦିକନ୍ଦ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇ ଆସିଥିଲେ ବୋଲି ତାଙ୍କ ଠାରୁ ଜଣାଯାଏ । ଉକ୍ତ ନିର୍ଦ୍ଦେଶାନୁଯାୟୀ ସେ ଚୌକିଦାର

---

(୨) ବାଲେଶ୍ୱର କଲେକ୍ଟରଏଟ୍‌ରୁ ହସ୍ତଗତ କୃଞ୍ଜ ବିହାରୀ ମହାନ୍ତିଙ୍କ ବିବରଣୀ ।
(୩) ୧୯୪୨ ମସିହା ୮୦ ଅକ୍ଟୋବରର 'ସମାଜ' ।

Digitized by srujanika@gmail.com

ପରୁଦାସ, ମୁସଲିମ ଖାଁ ଓ ଅସ୍ଥାୟୀ ଗୋଇନ୍ଦା ପୋଲିସ ଗୋଲକ ବିହାରୀ ଦାସଙ୍କ ହାତରେ ପଠାଇଥିଲେ । ମାତ୍ର ଅନ୍ୟ ଏକ ବିବରଣୀରୁ ଜଣାଯାଏ ଯେ ବନ୍ଧୁଣା ଧରି ଆସିଥିଲେ ଚୌକିଦାର ମୁସଲିମ ଖାଁ (ନମ୍ବର ୩୮), ବାଉରି ଜେନା (୩୪) ଓ ରମଜାନ ଖାଁ (୨୯) ।

ଉପରୋକ୍ତ ପୋଲିସ ଫୌଜ ଚାଲି ଚାଲି ଆସି ଚୂଡ଼ାମଣି ଘାଟରେ ଦିନ ୪ଟାରେ ପହଞ୍ଚିଥିଲେ । ୪ଜଣ ଅଫିସରଙ୍କ ହାତରେ ଥାଏ ୪ଟି ରିଭଲଭର ଓ ପୋଲିସ କନେଷ୍ଟବଲଙ୍କ ହାତରେ ଥାଏ ସଙ୍ଗୀନ ଥିବା ଗୋଟିଏ ଗୋଟିଏ ବନ୍ଧୁକ । ସେମାନେ ଚୂଡ଼ାମଣି ଗ୍ରାମ ପାରି ହେଉଥିବା ସମୟରେ କଂଗ୍ରେସ ନେତାଙ୍କର ନିର୍ଦ୍ଦେଶାନୁଯାୟୀ ଉକ୍ତ ଗ୍ରାମର କୃଷ୍ଣ ତରେଇ ପ୍ରଥମେ ଶଙ୍ଖଧ୍ୱନି କରିଥିଲେ । ଥାନାରେ ନୂତନ ଭାବେ ଯୋଗ-ଦେଇଥିବା ପୋଲିସ ସବ୍‌ଇନ୍‌ସପେକ୍ଟର ଏପରି ଶଙ୍ଖଧ୍ୱନି କରିବାର କାରଣ ସମ୍ବନ୍ଧରେ ପଚାରିବାରୁ ତରେଇ କହିଥିଲେ, "ମୋ ବାପାର ଶେଷ କ୍ରିୟା କରିବା ପାଇଁ ମୁଁ ଶଙ୍ଖ ଫୁଙ୍କୁଛି ।" ଏହା ଶୁଣି ସବ୍‌ଇନ୍‌ସପେକ୍ଟର ତାଙ୍କୁ ଗାଳି, ବେଧା କହି ଚାପୁଡ଼ା ମାରିଥିଲେ । (୪) ସେ ଯାହାହେଉ ଚୂଡ଼ାମଣିରୁ ଶଙ୍ଖଧ୍ୱନି ଶୁଣିବା ପରେ ପରେ ବିଭିନ୍ନ ସ୍ଥାନରେ ଶଙ୍ଖ ବାଜି ଉଠିଲା । ଫଳରେ ଚତୁର୍ଦ୍ଦିଗରୁ ଜନତାର ସ୍ରୋତ ଛୁଟିଥିଲା ଇରମ ଆଡ଼କୁ । ଇତି ମଧ୍ୟରେ ପୋଲିସ ଫୌଜ ଚୂଡ଼ାମଣି ଘାଟରେ ପହଞ୍ଚି ନଦୀ ଅତିକ୍ରମ କରିବାକୁ ଚାହିଁଲେ । ମାତ୍ର ସେମାନଙ୍କୁ ଡଙ୍ଗାପାର କରାଇବା ପାଇଁ କେହି ରାଜି ହୋଇ ନ ଥିଲେ । ସେତେବେଳେ ଉକ୍ତ ଘାଟଟି ଥିଲା ଜିଲ୍ଲାବୋର୍ଡ଼ ଅଧୀନରେ ଓ ନାଉରୀମାନେ ଥିଲେ ସମସ୍ତେ ବେତନପ୍ରାପ୍ତ । ତଥାପି ସେମାନେ ଡଙ୍ଗାରେ ପାରିକରାଇବାକୁ ମନାକରିଦେଇଥିଲେ । ସେତେବେଳେ ନାଉରୀଆ ରାଜଜେନାଙ୍କର ଥିଲା ଘାଟପାରିକରିବା ପାଳି । ସେ ସିଧାସଳଖ ମନାକରି ଡଙ୍ଗା ଛାଡ଼ି ଦେଇ ଏଣେ ତେଣେ ବୁଲିବାକୁ ଲାଗିଲେ । ଶେଷରେ ପୋଲିସ ଛଦ୍ମବେଶରେ ତାଙ୍କୁ ଧରି ବହୁ ଧମକଚମକ ଦେବାପରେ ମାଡ଼ଦେଇ ସଂଜ୍ଞାହୀନ କରି ପକାଇଥିବାର ଜଣାଯାଏ । ଏହାସତ୍ତ୍ୱେ ବି ସେ ପାରି

---

(୪) ପ୍ୟାରୀମୋହନ ଦାସଙ୍କ ଠାରୁ ସୁରେନ୍ଦ୍ର ମୋହନ ଦ୍ୱିବେଦୀଙ୍କ ନିକଟକୁ ଚିଠି ପରିଶିଷ୍ଟ ୪

Digitized by srujanika@gmail.com

କରାଇବାକୁ ମନା କରିଥିଲା । ଧନ୍ୟ ତାଙ୍କର ସାହସ, ନିର୍ଭୀକତା ଓ ଜାତୀୟତାଭାବ ! ସେଥିପାଇଁ ସେ ନମସ୍ୟ । ଏଣେ ୧ ଘଣ୍ଟା ଅପେକ୍ଷାକରି ଶେଷରେ ପୋଲିସମାନେ ନିଜେ ଡଙ୍ଗା ବାହି ନଦୀ ଅତିକ୍ରମ କରିବାପରେ ଚାଲି ଚାଲି ଆସି ଇରମରେ ପହଞ୍ଚିଲେ ଦିନ ୭ଟା ସମୟରେ । ସିଧା ସେମାନେ ଜମିଦାର ରାଧାକାନ୍ତ ପାଣିଙ୍କ କୋଠାକୁ ଯାଇ ସେଠାରେ ରହିଲେ । ପଛରେ ଆସୁଥିଲେ ଚୌକିଦାର ତାଙ୍କର ବନ୍ଧୁକଣାପଣ ଓ ଗୁଳି ବାକ୍ସ ଧରି ।

ଇତିମଧ୍ୟରେ ଶଙ୍ଖଧ୍ୱନି ଶୁଣି ନିକଟବର୍ତ୍ତୀ ଚୂଡ଼ାମଣି ପଡ଼ୁଆଁ, ନୁଆଗାଁ, ଶଙ୍ଖାରୁ, ଆର୍ଡ଼ିଙ୍ଗ, ସୁଆଁ, ଗୁଡ଼ ଓ ବଛଡା ଆଦି ଗ୍ରାମରୁ ବହୁ ସଂଖ୍ୟକ ଲୋକ ଶତସିଂହର ବଳ ଓ ଦାମ୍ଭିକତା ନେଇ ଇରମର ଐତିହାସିକ ମେଳନ ପଡ଼ିଆରେ ରୁଣ୍ଡ ହେବାରେ ଲାଗିଥାଆନ୍ତି । ପ୍ରତ୍ୟେକଙ୍କ ମଥା ଉପରେ ଥାଏ ପଗଡ଼ିଟିଏ ଓ ହାତରେ ଖଣ୍ଡିଏ ଖଣ୍ଡିଏ ଲାଠି । ସେତେବେଳେ ସଭାକାର୍ଯ୍ୟ ପରିଚାଳନା କରୁଥାଆନ୍ତି କମଳାପ୍ରସାଦ କର । ତାଙ୍କର ଓଜସ୍ୱିନୀ ଓ ଉଦ୍ଦୀପନାମୂଳକ ଭାଷଣ ଲୋକଙ୍କ ଦେହରେ ମର୍ମସ୍ପର୍ଶୀ ସ୍ପନ୍ଦନ ସୃଷ୍ଟିକରୁଥାଏ । ଉପସ୍ଥିତ ଶ୍ରୋତାମଣ୍ଡଳୀ ମନ୍ତ୍ରମୁଗ୍ଧ ଓ ସ୍ତବ୍ଧ । ମଝିରେ ମଝିରେ ସେ କହୁଥାନ୍ତି, "ସାହସ ଧର, ଅପେକ୍ଷାକର, କିଛି ହେବ ନାହିଁ । ମାତ୍ର ଯାହାର ପ୍ରାଣକୁ ଭୟ ଅଛି, ସେ ଚାଲିଯାଅ ।" ଏହିପରି ୩ । ୪ ଥର ସତର୍କବାଣୀ ଶୁଣାଇବା ପରେ ପ୍ରାୟ ୫୦୦ ରୁ ୭୦୦ ପର୍ଯ୍ୟନ୍ତ ଲୋକ ସଭାସ୍ଥଳ ଛାଡ଼ିଚାଲି ଯାଇଥିବା ବିଷୟ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀରୁ ଜଣାଯାଏ । ଏହା ପ୍ୟାରୀମୋହନ ଦାସଙ୍କର, ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ନିକଟକୁ ଲେଖିଥିବା ଚିଠିରେ ସୂଚିତ । (୫) ପୋଲିସମାନଙ୍କର ଆଗମନ ପରେ ବାୟୁମଣ୍ଡଳ ଅଧିକରୁ ଅଧିକ ସରଗରମ ହେବାକୁ ଲାଗିଲା । ଗୁଳିଗୁଳିସେ ନେହିଁ ଡରେଙ୍ଗେ', 'ଲାଠିମାଡ଼ସେ ନେହିଁ ଡରେଙ୍ଗେ', 'ଅତ୍ୟାଚାରସେ ନେହିଁ ଡରେଙ୍ଗେ' 'ମହାତ୍ମାଗାନ୍ଧୀକି ଜୟ', 'ବ୍ରିଟିଶ ରାଜତ୍ୱ ଧ୍ୱଂସକର' ଆଦି ବିଭିନ୍ନ ଧ୍ୱନିରେ ମେଳନ ପଡ଼ିଆ ପ୍ରତିଧ୍ୱନିତ ହେଉଥାଏ । କମଳାବାବୁ ମଧ୍ୟ ସତର୍କବାଣୀ ଶୁଣାଇ କହୁଥାଆନ୍ତି, "ତୁମେ ସବୁ ପ୍ରଥମେ କେବେ ଆକ୍ରମଣ

---

(୫) ପରିଶିଷ୍ଟ ୫ ।

Digitized by srujanika@gmail.com

କରିବ ନାହିଁ । ତୁମେ ଯଦି ମୋ ଗିରଫରେ ପ୍ରତିରୋଧ କର, ଗୁଳି ଚାଳିବ ଏବଂ ଆମେ ଯାହା ଚାହୁଁଛୁ, ତାହା କରିପାରିବା ନାହିଁ ।" (୫) ଉକ୍ତ ଦିନର ସଭା ସମ୍ବନ୍ଧରେ ଏକ ବର୍ଣ୍ଣନା ଦେବାକୁ ଯାଇ ମଧୁସୂଦନ ରାୟ ତାଙ୍କର 'ଇରମ କାହାଣୀ' କବିତା ପୁସ୍ତକରେ ଲେଖିଛନ୍ତି—"କମଳା ପ୍ରସାଦ ହେଲେ ସେନ ଗ୍ରଣୀ, ଅଗଣିତ ଥାଟ କେ ପାରିବ ଗଣି । ଇରମ ନିବାସୀ ଗଣେଷ ତ୍ରିପାଠୀ ବାହାରିଲେ ଭଣେ ହସ୍ତେ ପାର୍ଶ୍ୱଲଠି ।" (୬)

ଏପରି ଅବସ୍ଥାରେ କଣ ସେଦିନ ଯେ ହେବ ତାହା କେହି ଚିନ୍ତା କରି ପାରୁ ନ ଥାନ୍ତି । ଏହି ସମୟରେ ୩ ଜଣ ଚୌକିଦାର ପୋଲିସ ଅଫିସରଙ୍କର ବଛଣା ଆଦି ଘରରେ ବୋହି ନେଇଯାଉଥିବାର ଦେଖି ଉପସ୍ଥିତ ଜନତା ମଧ୍ୟରୁ କେହି ଜଣେ କହିଲେ, "ହରେ ଶଳେ ଚୌକିଆ, ତୁମେ ଗୋଲମଙ୍କର ବଛଣା କାନ୍ଧରେ ନେଉଛ, ରଖ ସେଇଠି ।" ପରେ ପରେ ସୁଆଁର ରତ୍ନାକର ବିଶ୍ୱାଳ ଓ ଅଡ଼ୁଆଁର ଫକୀରବେଜଙ୍କ ପୁଅ ମଣି ବେଜ ସେମାନଙ୍କ ନିକଟକୁ ଯାଇ ବଛଣା ଛଡ଼ାଇ ନେଇଥିଲେ । ସେମାନଙ୍କୁ ଏଥିରେ ଲକ୍ଷ୍ମଣ ମାଝୀ ଓ ଭଗମହାରଣା ସାହାଯ୍ୟ କରିଥିଲେ ବୋଲି ମଣିବେଜଙ୍କଠାରୁ ପ୍ରକାଶ । ସେମାନଙ୍କ ମଧ୍ୟରୁ ମଣିବେଜ ଏବେ ମଧ୍ୟ ଜୀବିତ । ତାଙ୍କ ସହିତ ସାକ୍ଷାତକାରରେ କପରି ଥାରଦର୍ପରେ ବେଡ଼ିଂ ଛଡ଼ାଇବା ସଙ୍ଗେ ସଙ୍ଗେ ସେଠାରେ ଥିବା ଏକ ଅଶ୍ୱତ୍ଥଗଛମୂଳକୁ ସେମାନଙ୍କୁ ଟାଣି ଟାଣି ନେଇ ସେ କହିଥିଲେ, "ଗୋଲମମାନଙ୍କର ବେଡ଼ିଂ ତୁମେ ନେଇ-ପାରିବ ନାହିଁ ।" ତାର ଏକ ବୟାନ ଦେଇଥିଲେ । ବୟାନ ଦେଉଥିବା ସମୟରେ ତାଙ୍କର ରୋମ ଟାଙ୍କୁରି ଉଠୁଥିବାର ଦେଖାଯାଇଥିଲା । ମାତ୍ର ଦୁଃଖର ସହ ମଧ୍ୟ ପ୍ରକାଶ କରିଥିଲେ ଯେ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଆକାରରେ ସେ କୌଣସି କିଛି ସାହାଯ୍ୟ ପାଇପାରି ନାହାନ୍ତି । ଖବର ନେବାରେ ଜଣାପଡ଼ିଲା ଯେ ଉକ୍ତ ଘଟଣାପରେ ସେ ବହୁଦିନ ଧରି ଆତ୍ମଗୋପନ କରି ରହିଥିବାରୁ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ସେହି ଅଶ୍ୱତ୍ଥଗଛ ଉକ୍ତ ଘଟଣାର ନୀରବସାକ୍ଷୀ ରୂପେ ଏବେ ମଧ୍ୟ

---

(୫) ପରିଶିଷ୍ଟ ୫ ।

(୬) ମଧୁସୂଦନ ରାୟ-ଇରମ କାହାଣୀ—ପୃଷ୍ଠା ୫.

Digitized by srujanika@gmail.com

ଦଣ୍ଡାୟମାନ । ସେ ଯାହାହେଉ ପୋଲିସଙ୍କର ବିଚ୍ଛଣାକୁ ଜଗାଇବା ପାଇଁ କମଳା ପ୍ରସାଦ କର ସ୍ୱେଚ୍ଛାସେବୀଙ୍କୁ ମୁତୟନ କରିଥିଲେ । ସଦେଇପଣ୍ଡାର ଚିନ୍ତାମଣି ନାୟକ ଓ ଭଗ ମହାରଣାଙ୍କୁ ଉକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଏଥିରୁ ଜଣାଯାଏ ଯେ ନେତାମାନେ ଶାନ୍ତ ପରିବେଶରେ କାର୍ଯ୍ୟ କରିବାପାଇଁ ବଦ୍ଧପରିକର ହୋଇଥିଲେ । ପୋଲିସ ଅଫିସରଙ୍କୁ ଅସୁବିଧାରେ ପକାଇବା ସେମାନଙ୍କର ଉଦ୍ଦେଶ୍ୟ ନଥିଲା । ଏହା ମଧ୍ୟ ସେହି ସମୟର ଅନ୍ୟ ଗୋଟିଏ ଘଟଣାରୁ ପ୍ରମାଣିତ ହୋଇଥାଏ । ବେଉଁ ଛଡ଼ାଇନେବା ପରେ ପରେ ପୋଷ୍ଟପିଅନ ଚିଠି ନେଇ ଆସୁଥିବା ସମୟରେ ତାଙ୍କଠାରୁ ଉପସ୍ଥିତ ଜନତା ଚିଠି ଓ ବେଗ୍ ନେବାପାଇଁ ଉଦ୍ୟମ କରୁଥିବା ବେଳେ କମଳା ପ୍ରସାଦ କର ଓ ନୂଆଗାଁର କୃଷ୍ଣଚନ୍ଦ୍ର ପାଣି ତାହା ନକରିବା ପାଇଁ ପ୍ରବର୍ତ୍ତାଇଥିଲେ । ଫଳରେ ସେମାନେ ସେଥିରୁ କ୍ଷାନ୍ତ ହୋଇଥିଲେ ।

ଇତିମଧ୍ୟରେ ଚୌକିଆ ଓ ତାଙ୍କ ସହିତ ଅସ୍ଥାୟୀ ଗୋଇନ୍ଦା ପୋଲିସ୍‌ରୂପେ କାର୍ଯ୍ୟକରୁଥିବା ଗୋଲକ ପ୍ରସାଦ ଦାସ ଦଉଡ଼ ଦଉଡ଼ ଯାଇ ପହଞ୍ଚିଲେ ରାଧାକାନ୍ତ ବାବୁଙ୍କ ବଙ୍ଗଳାରେ । ସେଠାରେ ଉପସ୍ଥିତ ପୋଲିସ ଅଫିସରଙ୍କ ଆଗରେ କାନ୍ଦ କାନ୍ଦ ହୋଇ ଚଳେ ଗଢ଼ିବାର ବାହାନାକରି ତାଙ୍କଠାରୁ ବଳପୂର୍ବକ କପଟଭାବେ ବେଉଁ ଛଡ଼ାଇ ନେଇଥିଲେ ତାହା ସେମାନେ ବର୍ଣ୍ଣନା କରିଥିଲେ । ଏଥି ସହିତ ସେମାନେ ମିଥ୍ୟାର ଆଶ୍ରୟ ନେଇ କହିଥିଲେ ଯେ ବହୁସଂଖ୍ୟକ ଲୋକ ତାଙ୍କୁ ଘେରିଥିଲେ ମାରିଦେବାପାଇଁ ଏବଂ ଭାଗ୍ୟବଳରୁ ସେମାନେ ସେଠାରୁ ବର୍ଞ୍ଚିକରି ଆସିପାରିଥିଲେ । ଏହା ଯେ ସଂପୂର୍ଣ୍ଣ ମିଥ୍ୟା, ଏଥିରେ ସନ୍ଦେହ କରିବାର ନାହିଁ । ଅପରପକ୍ଷେ ସେମାନଙ୍କୁ ଓ ବିଚ୍ଛଣାସଜକୁ କେହି ଯେପରି ନ ଛୁଅନ୍ତି ସେଥିପାଇଁ ସ୍ୱେଚ୍ଛାସେବୀମାନଙ୍କୁ ମୁତୟନ କରାଯାଇଥିଲା । ଏପରି ବାହାନାକରି ବଖାଣିବା ସମ୍ଭବତଃ ଗୋଲକଚନ୍ଦ୍ର ଦାସଙ୍କ ମସ୍ତିଷ୍କରୁ ବାହାରିଥିଲା । କାରଣ ଚୌକିଆମାନଙ୍କଠାରେ ଏପରି କପୋଳକଳ୍ପିତ କଥା କହିପାରିବାର ବୁଦ୍ଧି ନଥିଲା । ସେ ଯାହାହେଉ ଏହା ଶୁଣିବାମାତ୍ରେ ସବ୍‌ଇନସ୍‌ପେକ୍ଟର ହେମ ପାଣିଗ୍ରାହୀ କୁଆଡ଼େ ନିଜ ରିଭଲଭରନେଇ ଗୁଳି ଭରାଉ ଭରାଉ ଉଚ୍ଚସ୍ୱରରେ କହିଥିଲେ, 'ଚ୍ଚେଡ଼ ସିଓର ଫାୟାର' ଅର୍ଥାତ୍ ଆଜି ନିଶ୍ଚିତ ଗୁଳି ଚାଳିବ । ସେହିପରି ଡ଼. ଏସ୍. ପି. କୁଞ୍ଜବିହାରୀ ମହାନ୍ତି ମଧ୍ୟ ରଣହୁଙ୍କାର ଦେଇ

Digitized by srujanika@gmail.com

କହିଉଠିଥିଲେ "ମୁଁ ଆଜ ନରମେଧଯଜ୍ଞ କରିବ ।" (୭) ଏହା ଯଦି ସେ କହିଥାଆନ୍ତି, ତାହେଲେ ତାଙ୍କର ଅହମିକତା ପାଇଁ; ବାସ୍ତବିକ ଭୋଗ, କ୍ଷମତା ଓ ପଦବୀ ପାଇଁ ମନୁଷ୍ୟ ତା'ର ସବୁ କୋମଳ, ସୂକ୍ଷ୍ମ ପ୍ରବୃତ୍ତିକୁ ଅତି ନିର୍ଲ୍ଲଜ ପାଷଣ୍ଡ ପରି ବିସର୍ଜନ କରିବାର ଦେଖାଯାଇଥାଏ । କୁଞ୍ଜବାବୁ ଏହାର ବ୍ୟତିକ୍ରମ ହୋଇଥାଆନ୍ତେ ବା କିପରି ? ସେ ଯାହାହେଉ ପୋଲିସ ଅଫିସର ଓ ଜମିଦାରଙ୍କ ମଧ୍ୟରେ ମନ୍ତ୍ରଣା ଚାଲିଲା । ଏହି ପରିପ୍ରେକ୍ଷୀରେ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ନିଜ ଡାଏରୀରେ ଲେଖିଛନ୍ତି, "ପୋଲିସମାନେ ଆଗରୁ ଜମିଦାରଙ୍କ ପରାମର୍ଶରେ ଉତ୍କ୍ଷିପ୍ତ ହୋଇସାରିଥିଲେ । ସେଦିନ ସଭାରେ ଗୁଳି କରିବା ପାଇଁ ଆଗରୁ ସିଦ୍ଧାନ୍ତ ନେଇସାରିଥିଲେ । ବେତିଂ ଛଡ଼ାଇବା ବ୍ୟତୀତ ସେପରି କିଛି ପୋଲିଟିକାଲ କାମ ସେମାନେ କରି-ନଥିଲେ ।" ମାତ୍ର ଉକ୍ତ ତଥ୍ୟ ଅତିରଞ୍ଜିତ ପରି ମନେହୁଏ ।

ବିଶେଷତଃ ଗୁଳିମାରିବା ପାଇଁ 'ଆଗରୁ ନେଇଥିବା ସିଦ୍ଧାନ୍ତ' କଥାଟି ଠିକ୍ ନୁହେଁ । ତାହା ହୋଇଥିଲେ ପୋଲିସ ଜଣେ ମାଜିଷ୍ଟ୍ରେଟଙ୍କୁ ସାଥିରେ ଆଣିଥାଆନ୍ତେ । ଅବଶ୍ୟ ଏ ସମ୍ପର୍କରେ କମଳା ପ୍ରସାଦ କର ବୟାନ ଦେଇ କହିଛନ୍ତି ଯେ ଜମିଦାର ରାଧାକାନ୍ତ ପାତ୍ରୀ ସେହିଦିନ ଗୁଳି-କାଣ୍ଡ ପୂର୍ବରୁ ପୋଲିସ ଅଫିସରଙ୍କୁ କହିଥିଲେ, "ତୁମେ ଯଦି ଆଜି ସାବାଡ଼ ନକରିବ, ତାହେଲେ ଆମ ଘରେ ଇଟା ଖଣ୍ଡେ ନଥିବ" । ଏହା ତାଙ୍କ ଆଗରେ ଜମିଦାରଙ୍କ ଘରେ ରହୁଥିବା ଡ଼ମା ଚାକର ପ୍ରକାଶ କରିଥିଲା ବୋଲି ସେ କହନ୍ତି । ଡ଼ମା ମଧ୍ୟ ଗୋପନୀୟଭାବେ ସଭାସ୍ଥଳକୁ ଆସି ଗୁଳିହେବାର ନିଷ୍ପତ୍ତି ସମ୍ବନ୍ଧରେ କେତେଜଣ ନେତାଙ୍କୁ କହିଯାଇଥିଲେ ବୋଲି କମଳା ବାବୁ ମଧ୍ୟ କହିଥାଆନ୍ତି । ଅପର ପକ୍ଷରେ ଜମିଦାର ରାଧାକାନ୍ତ ପାତ୍ରୀଙ୍କ ଘରେ ରହୁଥିବା ଅନ୍ୟତମ ଚାକର ଶ୍ୟାମ ଶଙ୍ଖୁଆ ହାତରେ ଜମିଦାର ସଭାସ୍ଥଳକୁ ଜଣାଇଥିଲେ ଯେ ଗୁଳି ହେବାର ଆଶଙ୍କା ରହିଛି । ତେଣୁ ସେମାନେ ସେଠାରୁ ଶୀଘ୍ର ଚାଲିଯିବା ଉଚିତ । ଏହା ଜମିଦାରଙ୍କ ଘରେ ରହୁଥିବା ଉପେନ୍ଦ୍ର ପ୍ରସାଦ ମହାପାତ୍ର ସାକ୍ଷାତ୍କାରରେ କହିଛନ୍ତି ।

(୭) ପ୍ୟାରୀମୋହନ ଦାସଙ୍କଠାରୁ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପାଖକୁ ଚିଠି ପରିଶିଷ୍ଟ ୪

Digitized by srujanika@gmail.com

ଉପରୋକ୍ତ ପରସ୍ପର ବିରୋଧ ଉକ୍ତି ମଧ୍ୟରୁ କେଉଁଟା ଠିକ୍ ତାହା ବର୍ତ୍ତମାନ ଜାଣିବା ସମ୍ଭବପର ହେଉ ନାହିଁ । ତଥାପି ଘଟଣାପ୍ରବାହକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କଲେ ଜଣାଯାଏ ଯେ ଜମିଦାର ପୋଲିସକୁ ଖବର ଦେଇ ଡକାଇ-ଥିଲେ, ଏହା ଅସତ୍ୟ ହୋଇ ନପାରେ । ମାତ୍ର ସେ ଡକାଇଥିଲେ ଗୁଳିକାଣ୍ଡ ଘଟାଇବା ପାଇଁ ନୁହେଁ, କଚ୍ଛୁଦନ ଇରମରେ ସେମାନଙ୍କୁ ଅବସ୍ଥାପିତ କରାଇ ଲୋକମାନଙ୍କୁ ଭୟଭୀତ କରାଇବା ପାଇଁ । ଯଦି ଜମିଦାର ପୋଲିସଙ୍କୁ ଡକାଇ ନଥାଆନ୍ତେ, ତାହେଲେ ତାଙ୍କ ଉଆସଠାରୁ, ଅନତିଦୂରରେ ଅବସ୍ଥିତ କୁଳଖଟି ସରକାରୀ ଡାକବଙ୍ଗଳାକୁ ନଯାଇ ପୋଲିସ ଅଫିସର ଓ ଫୌଜ ସିଧାସଳଖ ଜମିଦାରଙ୍କର ବୈଠକଖାନାକୁ ଯାଇଥାଆନ୍ତେ କାହିଁକି ? ଯଦି ବା ସେମାନେ ଚାହିଁଥିଲେ ଅନ୍ତତଃପକ୍ଷେ ଉଦ୍‌ବେଗଜନକ ପରିସ୍ଥିତି ଦୃଷ୍ଟିରୁ ଜମିଦାର ତାଙ୍କ ବଙ୍ଗଳାରୁ କୁଳଖଟି ଡାକବଙ୍ଗଳାକୁ ଯିବାପାଇଁ ପୋଲିସକୁ ଅନୁରୋଧ କରିପାରିଥାନ୍ତେ । ଏପରି ସ୍ଥଳେ ଜମିଦାର ପୋଲିସଙ୍କୁ ଡକାଇ ଆଣିବାର ତଥ୍ୟ ଉପରେ ସନ୍ଦେହ ପ୍ରକାଶ କରାଯାଇ ନ ପାରେ । ତାପରେ ପୋଲିସ ଅଫିସର ଗୁଳିକରିବା ଉପରେ ନେଇଥିବା ନିଷ୍ପତ୍ତି ମୂଳରେ ଜମିଦାରଙ୍କର ହାତ ଥିଲା କି ନାହିଁ, ତାହା ଜାଣିବାର କଥା । ମେଳନ ପଡ଼ିଆକୁ ତାଙ୍କ ଉଆସ ପଛଦେଇ ଅନ୍ୟ ଗୋଟିଏ ରାସ୍ତା ରହି-ଥିଲା । ସମ୍ମୁଖରେ ପୋଲିସ ଥିବାରୁ ସେ ରାସ୍ତାରେ ନ ଆସି ଅନ୍ୟ ରାସ୍ତାଦେଇ ଜମିଦାର ବା ତାଙ୍କର ପୁଅ ପୁତୁରା ବା ଅନ୍ୟ କେହି ବିଶ୍ବସ୍ତ କର୍ମଚାରୀଙ୍କ ଦ୍ୱାରା ଗୁଳିହେବା ଖବର ନ ପଠାଇ ତାଙ୍କର ଜଣେକ ଚାକର ଶଙ୍କୁଆ ହାତରେ ଏ ବିଷୟରେ ସନ୍ଦେଶ ପ୍ରେରଣ କରିଥିବା ବିଷୟ କେତେଦୂର ସତ୍ୟ, ସେଥିରେ ନେତାମାନେ ସନ୍ଦେହ ପ୍ରକାଶ କରିଥାଆନ୍ତି । ଅବଶ୍ୟ ଜମିଦାର ଆଶଙ୍କା କରିଥିଲେ ଯେକୌଣସି କାରଣରୁ ସେଠାରେ ସମବେତ ସହସ୍ରାଧିକ ଜନତା ଉତ୍ତେଜିତ ହୋଇ ଯଦି ବାସଭବନକୁ ଆକ୍ରମଣ କରନ୍ତି, ତ ହେଲେ ସେଥିରେ ଇଟା ଖଣ୍ଡିଏ ମଧ୍ୟ ରହିବ ନାହିଁ । ଯଦି ଜନତା ଉପରୋକ୍ତ ପଦକ୍ଷେପ ନେଇଥାଆନ୍ତେ, ତାହେଲେ ତାହା ହିଁ ମଧ୍ୟ ହୋଇ-ଥାଆନ୍ତା । ତେଣୁ ତାଙ୍କର ଆଶଙ୍କା ଅସମୀଚୀନ ନୁହେଁ । ତେଣୁ ଜମିଦାର କେବଳ ମାତ୍ର ଗୁଳିର ଫାଙ୍କା ଆଓ୍ବାଜ କରି ଲୋକମାନଙ୍କୁ ଘଉଡ଼ାଇ ଦେବା ପାଇଁ ପୋଲିସକୁ କହିପାରିଥାଆନ୍ତି । ତାହା ଯଦି କହିଥାଆନ୍ତି, ତାହେଲେ

Digitized by srujanika@gmail.com

ସେ ବିଶେଷ ବେଶୀ ଭୁଲକରି ନାହାନ୍ତି । ସେ ତ ପୁଣି ନିଜର ଧନଜୀବନକୁ ରକ୍ଷା କରିବେ । ଅବଶ୍ୟ ଉପସ୍ଥିତ ଜନତାଙ୍କର ସେପରି କିଛି ଯୋଜନା ନଥିଲା ବୋଲି ନେତାମାନେ କହିଥାଆନ୍ତି । ଏସବୁ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଜମିଦାର ଗୁଳିକରିବାର ନେଇଥିବା ନିଷ୍ପତ୍ତି ଜାଣିପାରି ଥାଆନ୍ତି । ମାତ୍ର ଗୁଳିକରି ଲୋକଙ୍କୁ ମାରିଦେବା ବା ଆଘାତ କରିବା ପାଇଁ ସେ କେବେ ପୋଲିସଙ୍କୁ ପ୍ରବର୍ତ୍ତାଇ ନ ଥିବେ । କାରଣ ଜମିଦାର ରାଧାକାନ୍ତ ବାବୁ ସେପରି କିଛି ଉଗ୍ର ପ୍ରକୃତିର ଲୋକ ନ ଥିଲେ । ଅଧିକ କର ଆଦାୟ କରିଥିଲେ ମଧ୍ୟ ନିଜର ପ୍ରଜାମାନଙ୍କୁ କେବେ ଘୃଣାଚକ୍ଷୁରେ ଦେଖି ନଥିଲେ । ଏହା ୧୯୪୦ ପୂର୍ବରୁ ସତ୍ୟାଗ୍ରହୀ ଓ ଆନ୍ଦୋଳନକାରୀଙ୍କୁ ବିଭିନ୍ନ ସମୟରେ ଯୋଗାଇଥିବା ତାଙ୍କର ଆର୍ଥିକ ଓ ବାଚିକ ସାହାଯ୍ୟରୁ ଅନୁମାନ କରାଯାଇପାରେ ।

ସେବେଣ ସଭାଉପରେ ଆଲୋକପାତ କରାଯାଉଛି । ସେତେବେଳକୁ ମେଳନପଡ଼ିଆ ସତ୍ୟାଗ୍ରହୀ ଓ ଆବାଳବୃଦ୍ଧବନିତାଙ୍କ ଉପସ୍ଥିତିରେ ମୁଖରିତ ହୋଇଉଠୁଥାଏ । ପ୍ରତ୍ୟକ୍ଷଦର୍ଶୀ ଗଣେଶ ପ୍ରସାଦ ତ୍ରିପାଠୀଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ ମେଳନପଡ଼ିଆ ଥିଲା ଲୋକାରଣ୍ୟ । ସୋରିଷ ପକାଇବା ପାଇଁ ମଧ୍ୟ ସ୍ଥାନ ନ ଥାଏ । ପ୍ରାୟ ୧୦,୦୦୦ ଲୋକଙ୍କର ସମାବେଶ । ମାତ୍ର ୬।୧୦।୪୨ ତାରିଖରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଇସ୍ତାହାରରେ ସେଠାରେ ୪ ହଜାରରୁ ୫ ହଜାର ଲୋକ ଉପସ୍ଥିତ ଥିଲେ ବୋଲି ଉଲ୍ଲେଖ କରାଯାଇଛି । (୮) ଏପରିକି ବହୁ ଲୋକ ଗଛଉପରେ ଚଢ଼ି ସଭାରେ ପ୍ରଦତ୍ତ ବକ୍ତୃତା ଶୁଣୁଥାଆନ୍ତି । ପଡିଆର ପଶ୍ଚିମ ଦିଗରେ ରହିଥିବା କେତେକଙ୍କ ଘର ବାରଣ୍ଡାରେ ବହୁ ସଂଖ୍ୟକ ସ୍ତ୍ରୀଲୋକ ମଧ୍ୟ ବସିରହି ସଭା ଦେଖୁଥାଆନ୍ତି । ସଭାର ମୁଖ୍ୟ ପରିଚାଳକ ଥାଆନ୍ତି କମଳା ପ୍ରସାଦ କର । ତାଙ୍କର ଓଜସ୍ୱିନୀ ବକ୍ତୃତାରେ ଉପସ୍ଥିତ ଜନତା ମନ୍ତ୍ରମୁଗ୍ଧ । ମାତ୍ର ବଛଣା ଛଡ଼ାଇ ନେବାପରେ ଚୌକିଦାରମାନେ ପୋଲିସଙ୍କ ନିକଟକୁ ଯିବାର ଦେଖି ସେଠାରେ ଉପସ୍ଥିତ ଜନତା ତାଙ୍କୁ ସଭାସ୍ଥଳ ଛାଡ଼ିଯିବା ପାଇଁ ଅନୁରୋଧ କରିଥିଲେ । କାରଣ ଅବସ୍ଥା କେତେବେଳେ କି ମୋଡ଼ ନେବ ତାହା

(୮) ୧୯୪୨ ମସିହା ୯ ଅକ୍ଟୋବରର 'ସମାଜ' ।

Digitized by srujanika@gmail.com

ଜାଣିହେଉ ନଥାଏ । ଏହି ସମୟରେ କମଳାବାବୁ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ ଯେ ପୋଲିସ ସେଦିନ ତାଙ୍କୁ ଜୀବନ୍ତ ବା ମୃତ ଅବସ୍ଥାରେ ନେବା ପାଇଁ ବଦ୍ଧପରିକର । ସେପରି ସ୍ଥଳେ ତାଙ୍କର ପ୍ରିୟ ନେତା ଯଦି ପୋଲିସ ଆକ୍ରମଣର ଏପରି କୌଣସି ଭାବରେ ଶିକାର ହୁଅନ୍ତି, ତେବେ ତାଙ୍କୁ ଦିଗ୍‌ଦର୍ଶନ ଦେବ କିଏ ? ସମ୍ଭବତଃ ଏସବୁକୁ ବିଚାର କରି କମଳାପ୍ରସାଦ କରଙ୍କୁ ସଭାସ୍ଥଳ ଛାଡ଼ିଦେବାପାଇଁ ସେମାନେ ବାଧ୍ୟ କରିଥିବାର ଜଣାଯାଏ । ସେ ମଧ୍ୟ ସେଠାରୁ ଚାଲିଯାଇଥିଲେ ଏବଂ ସେଥିରେ ତାଙ୍କୁ ସାହାଯ୍ୟ କରିଥିଲେ କୃଷ୍ଣଚନ୍ଦ୍ର ପାଣି । ଏହା ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ପରିଚୟ ଦେଇଥିବା ସ୍ଥଳେ ଅନ୍ୟ କେତେକ ଉକ୍ତ କାର୍ଯ୍ୟ ପାଇଁ ତାଙ୍କୁ ଭୀରୁବୋଲି କହିଥାଆନ୍ତି । ସେ ନିଜର ଜୀବନକୁ ରକ୍ଷା କରିବା ପାଇଁ ଅନ୍ୟମାନଙ୍କୁ ବିପଦକୁ ଠେଲିଦେଇ ସେଠାରୁ ଚାଲିଯାଇଥିଲେ ବୋଲି ସେମାନେ କହି-ଥାଆନ୍ତି । କିନ୍ତୁ ଯାହା ଜଣାପଡ଼େ ଜନତାର ଅନୁରୋଧକ୍ରମେ ସେ ସେଠାରୁ ଚାଲିଯାଇଥିଲେ । ମାତ୍ର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେଠାରେ ରହି ଉପସ୍ଥିତ ଜନତାଙ୍କର ସୁଖଦୁଃଖରେ ଭାଗ ନେଇପାରିଥିଲେ ସେ ଅଧିକ ମହିମାନ୍ୱିତ ହେବା ସଙ୍ଗେ ସଙ୍ଗେ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥାଆନ୍ତେ ।

କମଳା ପ୍ରସାଦକର ସଭାସ୍ଥଳ ଛାଡ଼ିବା ପୂର୍ବରୁ ତାଙ୍କ ସ୍ଥାନ ପୂରଣ କରିବେ କିଏ, ତାହା ଥିଲା ପ୍ରଣିଧାନର ବିଷୟ । ସେ ଓ ଅନ୍ୟାନ୍ୟ କେତେଜଣ ସେଠାରେ ଉପସ୍ଥିତ ଥିବା ପ୍ରଭାକର ତ୍ରିପାଠୀଙ୍କୁ ସଭା ପରି-ଚାଳନା କରିବା ପାଇଁ ଅନୁରୋଧ କରିଥିଲେ । ମାତ୍ର ସେ ସେଥିରେ ରାଜି ନ ହୋଇ କମଳା ପ୍ରସାଦ କରଙ୍କ ସହିତ ସଭାସ୍ଥଳ ଛାଡ଼ି ଚାଲିଯାଇଥିଲେ ବୋଲି ଉପସ୍ଥିତ ନେତାମାନେ ସାକ୍ଷାତ୍କାରରେ କହିଅଛନ୍ତି । ଯଦି ସେ ରାଜି ହୋଇ ଉକ୍ତ ଦାୟିତ୍ୱ ବହନ କରିଥାଆନ୍ତେ ତେବେ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସେ ମଧ୍ୟ ଏକ ଗୌରବମୟ ସ୍ଥାନ ଅଧିକାର କରିବା ସଙ୍ଗେ ସଙ୍ଗେ କାଳକାଳକୁ ତାଙ୍କର କୀର୍ତ୍ତି ଜାଜ୍ୱଲ୍ୟମାନ ହୋଇ ରହିଥାଆନ୍ତା । ସେ ଯାହାହେଉ କମଳା ବାବୁ ସଭାସ୍ଥଳ ଛାଡ଼ି ବାଞ୍ଛାନିଧି ମହାନ୍ତିଙ୍କ ଘରେ ସେଦିନ ରାତି ୧୨ଟା ପର୍ଯ୍ୟନ୍ତ ରହିଥିଲେ ବୋଲି ବାଞ୍ଛାନିଧି ବାବୁଙ୍କ ସାନ ଭାଇ ବିବେକାନନ୍ଦ ମହାନ୍ତିଙ୍କଠାରୁ ଜଣାଯାଏ । ଏଣେ କମଳା ପ୍ରସାଦ

Digitized by srujanika@gmail.com

କରଙ୍କ ଅନୁରୋଧକ୍ରମେ ତାଙ୍କ ସ୍ଥାନ ଗ୍ରହଣ କରିଥିଲେ ଗଣେଶ ପ୍ରସାଦ ପ୍ରସାଦ ତ୍ରିପାଠୀ । ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱ ସେ ନିଷ୍ଠାପରଭାବେ ବହନ କରିଥିବାର ଜଣାଯାଏ । ସେ ମଧ୍ୟ କମଳା ବାବୁଙ୍କ ପରି ନିଜର ଉଦ୍ଦୀପନାମୂଳକ ଭାଷଣରେ ସମସ୍ତଙ୍କୁ ବଶୀଭୂତ କରି ରଖିପାରିଥିଲେ ।

ମେଳନପଡ଼ିଆର ବାୟୁମଣ୍ଡଳ କ୍ରମେ କ୍ରମେ ଅଧିକରୁ ଅଧିକ ସରଗରମ ହେବାକୁ ଲାଗିଲା । ସୂର୍ଯ୍ୟ ଅସ୍ତଗାମୀ ହେବାକୁ ଯାଉଥାଆନ୍ତି । ଏହା ଠିକ ସନ୍ଧ୍ୟା ୬.୩୦ ସମୟର କଥା । (୯) ଏହି ସମୟରେ ଜମିଦାରଙ୍କ ଉଆସ ଆଡୁ ହୁଇସିଲ ଶବ୍ଦ ଶୁଣାଗଲା । ତାପରେ ଦେଖାଗଲା ଉଆସ ଆଡୁ ଗୋହିରୀ ରାସ୍ତାରେ ପୋଲିସ ଫୌଜ ବନ୍ଧୁକ ଧରି ମେଳନ ପଡ଼ିଆକୁ ଆସୁଛନ୍ତି । ସଭାସ୍ଥାନରୁ ଅଳ୍ପ ଦୂରରେ କେତୋଟି ଫାଙ୍କା ଗୁଳିଶବ୍ଦ ଶୁଣାଗଲା । ସେମାନେ ତାହା ଲୋକଙ୍କର ବାଡ଼କୁ ଲକ୍ଷ୍ୟ କରି ମାରିଥିବାର ଜଣାଯାଏ । ସମ୍ଭବତଃ ଉକ୍ତ ସ୍ଥାନରେ ପହଞ୍ଚିବା ପୂର୍ବରୁ ସତର୍କ କରିଦେବା ପାଇଁ ସେମାନେ କେତୋଟି ଫାଙ୍କା ଗୁଳି ଫୁଟାଇ ପାରିଥାଆନ୍ତି । ମାତ୍ର ହାଇକୋର୍ଟର ରାୟ ନକଲରେ କୁହାଯାଇଛି ଯେ ଗୁଳିକାଣ୍ଡ ଘଟାଇବା ପୂର୍ବରୁ ପୋଲିସ ଫାଙ୍କା ଗୁଳିମାରି ନ ଥିଲେ ବା ଲୋକଙ୍କୁ ସତର୍କ କରିଦେବା ପାଇଁ ଅନ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । (୧୦) ଅବଶ୍ୟ ଇନକ୍ୱାରି କମିଟି ରିପୋର୍ଟରେ ସେମାନେ ଫାଙ୍କା ଗୁଳି ମାରିଥିବାର ଉଲ୍ଲେଖ କରାଯାଇଛି । (୧୧) ମାତ୍ର ସେମାନେ ଫାଙ୍କା ଗୁଳି ମାରିଥିବା ବିଷୟ ଉପସ୍ଥିତ ନେତାମାନେ କହିଥାଆନ୍ତି । ସେ ଯାହା ହେଉ ଉକ୍ତ ପରିସ୍ଥିତିରେ ସଭାରେ ଜନତା କିଂକର୍ତ୍ତବ୍ୟବିମୂଢ଼ । ପଡ଼ିଆର ଜନତା ଏକ ପ୍ରକାର ରୁଦ୍ଧ ହୋଇଥିବାରୁ ଉତ୍ତରରେ ପତୁଆଁ ଗ୍ରାମକୁ ପଡ଼ିଥିବା ଗୋହିରୀ ରାସ୍ତାରେ କେତେକ ଲୋକ ଖସିଯିବାକୁ ଉଦ୍ୟମ କରିଥିଲେ । ମୁଖ୍ୟତଃ ସେମାନେ ଥିଲେ ପତୁଆଁ ଗ୍ରାମର ଅଧିବାସୀ । ସମ୍ଭବତଃ ସେଥିପାଇଁ ପତୁଆଁ ଗ୍ରାମର ମୃତାହତଙ୍କ ସଂଖ୍ୟା ସର୍ବାଧିକ । ସେ ଯାହାହେଉ ସେମାନେ ଉତ୍ତରକୁ ଗତି କରୁଥିବାର ଦେଖି ପୋଲିସ ସମ୍ଭବତଃ ଅନୁମାନ କରିଥିଲେ ଯେ ସେମାନେ

---

(୯) ଇନକ୍ୱାରି କମିଟି ରିପୋର୍ଟ—ପରିଶିଷ୍ଟ ୩

(୧୦) ହାଇକୋର୍ଟର ରାୟ ରିପୋର୍ଟ—ପରିଶିଷ୍ଟ ୨

(୧୧) ଇନକ୍ୱାରି କମିଟି ରିପୋର୍ଟ—ପରିଶିଷ୍ଟ ୩

Digitized by srujanika@gmail.com

ତାଙ୍କୁ ଆକ୍ରମଣ କରିବା ପାଇଁ ଆଗେଇ ଚାଲିଛନ୍ତି । ତାପରେ ଗୃହୁଁ ଗୃହୁଁ ବିଜୁଳି ବେଗରେ ପୋଲିସ ସୱାର ନିକଟବର୍ତ୍ତୀ ହୋଇ ୪ଜଣ ଲେଖାଏଁ ଆଗପଛ ହୋଇ ଧାଡ଼ି ବାନ୍ଧି ଠିଆହୋଇଗଲେ । ଏହା ପୂର୍ବରୁ ସବଇନ୍‌ସ-ପେକ୍ଟର ଜମିଦାରଙ୍କ ବଙ୍ଗଳାରେ ପ୍ରତ୍ୟେକ କନେଷ୍ଟବଲକୁ ୫ ରାଉଣ୍ଡ କରି ଗୁଳି ଦେଇଥିବାର ଜଣାଯାଏ । ତା'ପରେ ଡ଼ି. ଏସ୍. ପି.ଙ୍କ ଆଦେଶରେ ସେମାନେ ଥରେ ଆଗକୁ ଥରେ ପଛକୁ କରି ଗୁଳି ଚଳାଇଲେ । ସେତେବେଳେ କୁଞ୍ଜବାବୁ କୁଆଡେ ଦୁଇହାତରେ ଦୁଇଟି ରିଭଲଭର ଧରି ଗୁଳି ଚଳାଉଥାଆନ୍ତି । ତାହା ଜନୈକ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରୁ ଜଣାଯାଏ । (୧୨) ଡି ଏସ୍. ପି.ଙ୍କ ନିକଟରେ ଠିଆ ହୋଇଥାଆନ୍ତି ସବ-ଇନସ୍‌ପେକ୍ଟର ପୂର୍ବରୁ ଗୁଳି ଭର୍ତ୍ତିକରିଥିବା ନିଜର ରିଭଲଭର ଧରି । ସେ ଗୁଳି ମାରିଥିଲେ କି ନାହିଁ ତାହା କେହି କହୁନଥିଲେ ମଧ୍ୟ ସେ ନିଶ୍ଚିତ ପକ୍ଷେ ଯେ ମାରିଥିବେ ତାହା ଇନ୍‌କୁଆରି କମିଟି ରିପୋର୍ଟକୁ ବିଶ୍ଳେଷଣ କଲେ ଜଣାଯାଏ । ସର୍ବମୋଟ ୧୪ଟି ରିଭଲଭର ଗୁଳି ମରାଯାଇଥିବା ବିଷୟ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । (୧୩) ଯଦି କୁଞ୍ଜବାବୁ ଦୁଇଟି ରିଭଲଭରରେ ୫ଟି କରି ୧୦ଟି ଗୁଳି ମାରିଥାଆନ୍ତି, ତାହେଲେ ହେମବାବୁ ନିଶ୍ଚିତପକ୍ଷେ ଅନ୍ୟ ୪ଟି ଗୁଳି ମାରିଥିବେ । କାରଣ ପୋଲିସ ଇନସ୍‌ପେକ୍ଟର କୌଣସି ଗୁଳିମାରିଥିବାର ଜଣାଯାଏ ନାହିଁ । ପୁଲିସ ସବ୍‌ଇନସ୍‌ପେକ୍ଟରଙ୍କ ନିକଟରେ ଯୁନିୟନ ପ୍ରେସିଡ଼େଣ୍ଟ ନାରାୟଣ ମାନ୍ଧାତା ନିଜର-୨୨ ବନ୍ଧୁକ ଧରି ଠିଆ ହୋଇଥିବା ବିଷୟ ସଭାରେ ଉପସ୍ଥିତ ଗଣେଶ ପ୍ରସାଦ ସ୍ୱ ପାଠୀ ସମେତ ଅନ୍ୟାନ୍ୟ କେତେଜଣ ସାକ୍ଷାତକାରରେ କହିଅଛନ୍ତି । ଏହା ମଧ୍ୟ ପ୍ୟାରିବାବୁଙ୍କ ଚିଠିରେ ଉଲ୍ଲିଖିତ । (୧୪) ମାତ୍ର ଅନ୍ୟ କେତେଜଣ ଏହା ଦେଖି ନାହାନ୍ତି ବୋଲି କହନ୍ତି । ତଥାପି ଅନ୍ୟାନ୍ୟ ତଥ୍ୟକୁ ବିଚାରକୁ ନେଲେ ତାଙ୍କର ଉପସ୍ଥିତି ସମ୍ପର୍କରେ କେହି ସନ୍ଦେହମୁକ୍ତ ହୋଇପାରିବ । ବିଶେଷତଃ ତାଙ୍କର ଝିଅରିକା

(୧୨) ପ୍ୟାରିମୋହନ ଦାସଙ୍କଠାରୁ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପାଖକୁ ଲିଖିତ ଚିଠି—ପରିଶିଷ୍ଟ ୪

(୧୩) ଇନକୁଆରି କମିଟି ରିପୋର୍ଟ ପରିଶିଷ୍ଟ ୩

(୧୪) ପରିଶିଷ୍ଟ ୪

Digitized by srujanika@gmail.com

ତାଙ୍କର ଝରକା କବାଟ ଭାଙ୍ଗିବା ତଥା ସଭାରେ ତାଙ୍କର ଚଟିପଣ ପୋଡ଼ିଦେବା ବିଷୟ ସେ ଭୁଲି ପାରି ନ ଥିବେ । ପୁନଶ୍ଚ ସେଠାରେ ଉପସ୍ଥିତ ଥାଇ ମଧ୍ୟ ତାଙ୍କ ହାତରେ ବନ୍ଧୁକ ଥିଲା କି ନାହିଁ; ଯଦି ଥିଲା ସେ ଗୁଳି ମାରିଥିଲେ କି ନାହିଁ ତାହା ବର୍ତ୍ତମାନ ଜାଣିବାର ବିଷୟ । ମାତ୍ର ମୃତ-ବ୍ୟକ୍ତିଙ୍କର ଶବ ବ୍ୟବଚ୍ଛେଦ କରିଥିବା ଭଦ୍ରକ ଡ଼ାକ୍ତରଖାନାର ଏସିଷ୍ଟାଣ୍ଟ ସର୍ଜନ ଡ଼ାକ୍ତର ଜଗନ୍ନାଥ ଦାସ ଉକ୍ତ ଘଟଣାର କିଛିଦିନ ପରେ କମଳା ପ୍ରସାଦ କରଙ୍କ ସହ ସାକ୍ଷାତ ସମୟରେ କହିଥିଲେ ଯେ ସେ ପ୍ରଥମେ ମୃତବ୍ୟକ୍ତିଙ୍କ ଦେହରୁ ୨୨ଟି ଗୁଳି ବାହାରିଥିବାର ରିପୋର୍ଟ ଦେଇଥିଲେ । ମାତ୍ର ତାହା ପତି ଜିଲ୍ଲା ମାଜିଷ୍ଟ୍ରେଟ ଓ ପୋଲିସ ଏସ୍. ପି. ଙ୍କର ନିର୍ଦ୍ଦେଶାନୁଯାୟୀ ସେ ବିଷୟ ଉଲ୍ଲେଖ ନ କରି ସେ ଅନ୍ୟ ଏକ ରିପୋର୍ଟ ଦାଖଲ କରିଥିଲେ । ପୋଲିସ ଫୌଜ କେବଳ ମାତ୍ର ୩୦୩ ଗୁଳି ମାରିଥିବା ସ୍ଥଳେ ୨୨ଟି ଗୁଳି ବାହାରିଥିବା କଥା ଯଦି ସତ୍ୟ ହୋଇଥାଏ, ତେବେ ଉକ୍ତ ବନ୍ଧୁକ ଯେ ନାରାୟଣ ମାନ୍ଧାତାଙ୍କ ହାତରେ ଥିଲା ଓ ସେଥିରେ ସେ ଗୁଳି-ମାରିଥିଲେ ତାହା ଏକ ପ୍ରାମାଣିକ ସତ୍ୟ । ସେ ଯାହାହେଉ ଡ. ଏସ୍. ପିଙ୍କ ଆଦେଶ କ୍ରମେ ପ୍ରଥମ ଦଫାରେ ୫ଟି ରାଉଣ୍ଡ କରି ପ୍ରତ୍ୟେକ ପୋଲିସ ଫୌଜ ୫ ମିନଟ ଧରି ଗୁଳି ମାରିବାପରେ ବନ୍ଦ କରିଦେଇଥିଲେ । ସେଥିରେ ୨ଜଣ ବ୍ୟକ୍ତି ମୃତ ଓ ଅନ୍ୟ କେତେଜଣ ଆହତ ହୋଇଥିବାର ଜଣାଯାଏ । ତାହା ସେମାନେ କରିଥିଲେ ସମ୍ଭବତଃ ଅବସ୍ଥାକୁ ଲକ୍ଷ୍ୟ କରିବାପାଇଁ । ମାତ୍ର ଗୁଳିମାରିବା ବନ୍ଦକରି ଦେବାପରେ ପଡ଼ୁଆଁର ପୁରୁଷୋତ୍ତମ ପରିଡ଼ା ଉଚପାଟିରେ କହିଥିଲେ, 'ଭାଇମାନେ ଆସ, ପୋଲିସଙ୍କ ନଳୀରେ ଆଉ ଗୁଳି ନାହିଁ' । ଏହା ଶୁଣି ଉପସ୍ଥିତ ଜନତା ମଧ୍ୟରୁ କେତେଜଣ ଖସିଯିବାକୁ ଉଦ୍ୟମ କରିଥିବା ସ୍ଥଳେ ଅନ୍ୟ କେତେଜଣ ଉତ୍ତ୍ୟକ୍ତ ହୋଇ 'ମରିବୁ ପଛେ ଡରିବୁ ନାହିଁ' ପ୍ରତିଜ୍ଞା ସ୍ମରଣ କରି ସଭାସ୍ଥଳ ଛାଡ଼ି ଯାଇ ନ ଥିଲେ । ଇତି ମଧ୍ୟରେ ପୋଲିସ ପୁରୁଷୋତ୍ତମ ପରିଡ଼ାକୁ ଧରି ନିଷ୍ଠୁର ମାଡ଼ ଦେବାପରେ ଗିରଫ କରି ନେଇଥିଲେ । ପରେ ପରେ ପୁନରାୟ .ହେମ ପାଣିଗ୍ରାହୀ ଆଉ କେତେ ରାଉଣ୍ଡ ଗୁଳି ପୋଲିସ ଫୌଜଙ୍କୁ ଦେଇଥିଲେ ବନ୍ଧୁକରେ ପୁରାଇବା ପାଇଁ । ପରେ ପରେ ଡ. ଏସ୍. ପିଙ୍କର ଆଦେଶ ହେଲା ପୁନରାୟ ନିଜ ନିଜର ଇଚ୍ଛାନୁସାରେ ସ୍ୱାଧୀନଭାବେ ଗୁଳି ମାରିବା ପାଇଁ । ଏହିପରି ଭାବେ ସେଦିନ ପ୍ରଥମ ଦଫାରେ ୮୦ ରାଉଣ୍ଡ ଓ ଦ୍ୱିତୀୟ ଦଫାରେ ୫୦ ରାଉଣ୍ଡ—ଏହିପରି ୧୩୦

ରାଉଣ୍ଡ ଗୁଳି ମାରିଥିବାର ଜଣାଯାଏ । (୧୫) ମାତ୍ର ଇନକ୍ୱାଏରି କମିଟି ରିପୋର୍ଟରେ ୧୪୨ ରାଉଣ୍ଡ ଗୁଳି କରାଯାଇଥିବା ବିଷୟ ଉଲ୍ଲେଖ କରାଯାଇଛି । ତା' ବ୍ୟତୀତ ୧୪ଟି ଗୁଳି ରିଭଲଭରରେ ମରାଯାଇଥିବା ବିଷୟ ମଧ୍ୟ ସେଥିରେ ଉଲ୍ଲିଖିତ । (୧୬) ସର୍ବମୋଟ ୩୦୪ଟି ଗୁଳି ମରାଯାଇଥିବା ବିଷୟ ୧୯୪୨-ମସିହାରେ ଡାଏରି ହୋଇଥିବା ୪୪ ନମ୍ବର ଏତାଲରୁ ଜଣାଯାଏ । ପୁନଶ୍ଚ ଭଦ୍ରକ କୋର୍ଟରେ ଅନିରୁଦ୍ଧ ବାବୁଙ୍କୁ ଜେରା କରାଯାଉଥିବା ସମୟରେ ସେ ଡି. ଏସ.ପି କୁଞ୍ଜବାବୁଙ୍କୁ ସର୍ବମୋଟ କେତୋଟି ଗୁଳି ମରାଯାଇଛି ବୋଲି ପଚାରିବାରେ ୩୦୪ଟି ଗୁଳି ମରାଯାଇଛି ବୋଲି ସେ ଉତ୍ତର ଦେଇଥିଲେ । ଗୁଳିମାଡ଼ରେ ସଭାସ୍ଥଳରେ ୨୮ ଜଣ ଲୋକ ଟଳିପଡ଼ିଥିଲେ ଓ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା କୋରାପୁଟ ଜେଲରେ । ସେଥିଲେ ପାଢ଼ୀବାବୁଙ୍କ ହାଈ ମାଷ୍ଟ୍ର ମାଧବ ମହାଳିକ । ଏହିପରି ଭାବେ ସର୍ବମୋଟ ୨୯ ଜଣ ଲୋକ ମୃତ୍ୟୁବରଣ କରିବା ସଙ୍ଗେ ୫୬ ଜଣ ଲୋକ ଆହତ ହୋଇଥିଲେ । ସେମାନଙ୍କର ଏକ ସର୍ବଶେଷ ତାଲିକା ପରିଶିଷ୍ଟ ୧ରେ ପ୍ରଦତ୍ତ ହୋଇଛି । ସଭାସ୍ଥଳରୁ ୧୬ଟି ଶବ ଏକାଠି କରାଯାଇ ପାର୍ଶ୍ୱବର୍ତ୍ତୀ ଗଡ଼ଆ ଓ ବିଲରୁ ଅନ୍ୟ ୧୧ଟି ଶବ ଉଦ୍ଧାର କରାଯାଇଥିଲା ।

ଏହା ଥିଲା ଠିକ୍ ସୂର୍ଯ୍ୟାସ୍ତ ସମୟର ଘଟଣା । ସେତେବେଳେ କିଏ ଜାଣିଥିଲା ଯେ ରୂପ ଲାବଣ୍ୟମୟୀ ମେଳନପଡ଼ିଆଟି ରକ୍ତମୁଖୀ ହେବାକୁ ଯାଉଛି । ସୂର୍ଯ୍ୟଙ୍କର ଶେଷ ରଶ୍ମିର ଛଟାରେ ମେଳନପଡ଼ିଆ ଲାଲରଙ୍ଗରେ ଆବୃତ ହେବା ସଙ୍ଗେ ସଙ୍ଗେ ଗୁଳିଚୋଟରେ ମୃତ ଓ ଆହତ ଜନତାଙ୍କର ରକ୍ତରେ ଉକ୍ତ ପଡ଼ିଆ ରକ୍ତିମ ହୋଇଥିଲା । ଏପରିକି କିଛି ରକ୍ତ ବୋହିଯାଇ ନିକଟବର୍ତ୍ତୀ ପୋଖରୀରେ ପଡ଼ିଥିବାର ଜଣାଯାଏ । ବାସ୍ତବିକ୍ ଘଟଣା ଥିଲା ଲହୁ ଓ ଲୁହର ଏକ କରୁଣ ସମାବେଶ । ମାତ୍ର ଅଧଘଣ୍ଟା ମଧ୍ୟରେ ସବୁ ଘଟଣା ଶେଷ । ଆହତ ବ୍ୟକ୍ତିଙ୍କର କରୁଣ ଓ ମର୍ମନ୍ତୁଦ ଆର୍ତ୍ତନାଦ ଓ ଚିତ୍କାରରେ ବାୟୁମଣ୍ଡଳ ଯେ ସେତେବେଳେ କିପରିଭାବେ ନିର୍ଘୋଷିତ ହୋଇଥିବ, ତାହା ବେଶ୍ ଅନୁମେୟ । ସେଠାରେ ପାଣିଟୋପାଏ ଦେବାକୁ ମଧ୍ୟ କେହି ନ ଥିଲେ । ଗୁଳିକାଣ୍ଡ ସମୟରେ ଓ ତାର ପରବର୍ତ୍ତୀ ସମୟର

(୧୫) ହିଷ୍ଟ୍ରି ,ଅଫ ଫ୍ରିଡ଼ମ ମୁଭମେଣ୍ଟ ଅଫ ଓଡ଼ିଶା – ୪ର୍ଥ ଖଣ୍ଡ—ପୃଷ୍ଠା ୮୯
(୧୬) ଇନକ୍ୱାଏରି କମିଟି ରିପୋର୍ଟ—ପରିଶିଷ୍ଟ ୩।

Digitized by srujanika@gmail.com

ଦୃଶ୍ୟ ଉପରେ ଏକ ପ୍ରତ୍ୟକ୍ଷଣୀ ବର୍ଣ୍ଣନା ଦେଇ ମଧୁସୂଦନ ଗୁପ୍ତ ଲେଖିଛନ୍ତି ।

"ପଳାଇ ଯିବାକୁ ପଥ ନ ମିଳିଲା
ଛୁଡ଼ା ହେଉଁ ହେଉଁ ଗୁଳିଗୋଟ ହେଲା ।
ହୋଇଗଲା ଆସି ସନ୍ଧ୍ୟା ସମାଗମ
ତଥାପି ହେଉଛି ଗୁଳିର ବର୍ଷଣ ।
ଶବପରେ ଶବ ହୋଇଗଲା ଗଦା
ରକତ କର୍ଦ୍ଦମ ହୋଇଗଲା ପଦା ॥ ୧୭ ॥

ଗୁଳିପଡ଼ିଆରେ ମଧ୍ୟ ପୋଲିସର ଚରମ ଅମାନୁଷିକତା ପ୍ରକାଶ ପାଇଥିଲା । ଗଣେଶ ପ୍ରସାଦ ତ୍ରିପାଠୀଙ୍କଠାରୁ ଜାଣିବାକୁ ମିଳେ ଯେ ପୋଲିସ ଗୁଳିରେ ଯେଉଁମାନେ ମୁମୂର୍ଷୁ ଅବସ୍ଥାରେ ପଡ଼ିରହିଥିଲେ ସେମାନଙ୍କୁ ପାଣିଟୋପାଏ ଦେବା ଦୂରେ ଥାଉ ପୋଲିସ ଫୌଜ ସଙ୍ଗୀନ ମୁନରେ ଭୁଷି ମାରିଦେଇଥିଲେ । ତାଙ୍କର ଅମାନୁଷିକତା ମଧ୍ୟ ପ୍ରକାଶ ପାଇଥିଲା ସମବେତ ନିରୀହ ସ୍ତ୍ରୀଲୋକଙ୍କଠାରେ । ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ମାରିବା ସଙ୍ଗେ ସଙ୍ଗେ ଗୁଳି ମାରିବାକୁ ମଧ୍ୟ ପୋଲିସ ଫୌଜ କୁଣ୍ଠା ପ୍ରକାଶ କରି ନ ଥିଲେ । ଗୁଳିମାଡ଼ରେ ଇରମର ପରବେଓ୍ୱା ନାମକ ଏକ ସ୍ତ୍ରୀର ମୃତ୍ୟୁ ହୋଇଥିଲା । ମାତ୍ର ଚରମ ଅମାନୁଷିକତା ପ୍ରକାଶ ପାଇଥିଲା ସୁଆଁ-ସୁଦର୍ଶନ ପୁରର ମଣିପ୍ରଧାନଙ୍କ କ୍ଷେତ୍ରରେ । ପ୍ରଥମେ ଗୁଳିମାଡ଼ ଖାଇ ସେ ବହୁ ଅନୁରୋଧ କରିଥିଲେ ଆଉ ଗୁଳି ନ ମାରିବା ପାଇଁ । ଗୁଣ୍ଡରୁ ବୋହୁଥିବା ରକ୍ତକୁ ଚପି ହାତ ଯୋଡ଼ ପୋଲିସମାନଙ୍କୁ ବୁଝାଉଥିଲେ ଯେ "ତୁମ ପାଇଁ ମଧ୍ୟ ସ୍ୱାଧୀନତା ଆସିବ ଓ ତୁମର ଭଲ ହେବ । ଏବେ ଗୁଳି ବନ୍ଦ କରି ରଖିଦିଅ" । ଏହା କହୁଥିବା ସମୟରେ ପୁଣି ତାଙ୍କ ଦେହକୁ ଲକ୍ଷ୍ୟକରି ଗୁଳି ମରାଯାଇଥିଲା ଓ ସେହିଠାରେ ହିଁ ସେ ମୃତ୍ୟୁବରଣ କରିଥିଲେ । ଉକ୍ତ ଘଟଣା ଶୁଣି କବି ଯଦୁନାଥ ଦାଶ ମହାପାତ୍ରଙ୍କ ଦ୍ୱାରା ଲିଖିତ ଏକ କବିତା ପୁସ୍ତକରେ ସିପାହୀଙ୍କୁ ଲକ୍ଷ୍ୟକରି ଲେଖିଥିବା ଗୋଟିଏ ପଂକ୍ତି ମନେପଡ଼େ । ସେ ଲେଖିଛନ୍ତି—

---

(୧୭) ମଧୁସୂଦନ ଗୁପ୍ତ 'ଇରମ କାହାଣୀ,— ପୃଷ୍ଠା ୮ .

Digitized by srujanika@gmail.com

"ତମେ ପର ଭାଇରେ ଆମର
ତମ ଦେହେ ଜାଗେନି କି ମୁକତିର ରକତ ସ୍ୱାକ୍ଷର ?
ଅସ୍ପୃଶ୍ୟ ବିଦେଶୀ ରାଜା – ତା'ର ତମେ ବହୁଛ ଆଦେଶ,
ଛାଡ଼ଦିଅ ବନ୍ଧୁକ ସିପାହୀ
ଛାଡ଼ଦିଅ ସିପାହୀର ବେଶ" । ॥ ୧୮ ॥

ଗୁଳିମାରିବା ସମୟରେ ମେଳନ ପଡ଼ିଆରେ ଅନ୍ୟ ଏକ ବିସ୍ମୟୋଦ୍ଦୀପକ ଘଟଣା ବେଶ୍ କୌତୂହଳ ସୃଷ୍ଟି କରିଥାଏ । ଠିକ ଗୁଳିମାରିବା ସମୟରେ ଗଣେଶ ପ୍ରସାଦ ତ୍ରିପାଠୀ ଭାଷଣ ଦେଉଥାଆନ୍ତି । ତାଙ୍କୁ ଲକ୍ଷ୍ୟକରି କେତେଥର ଗୁଳିମରା ଯାଇଥିଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ଗୋଟିଏ ବୋଲି ଗୁଳି ତାଙ୍କ ଦେହରେ ନ ବାଜି ତାଙ୍କର ବାମ ଓ ଡାହାଣ ପାର୍ଶ୍ୱରେ ବାହାରି ଯାଇଥିବାର ଦେଖାଯାଇଥିଲା । ଅଥଚ ମୁଣ୍ଡକୁ ଲାଗିକରି ଗୁଳିଯାଉଥିବା ସମୟରେ ତାଙ୍କର କେଶ ପୋଡ଼ିଯାଇଥିଲା । ତାଙ୍କର ସମ୍ମୁଖରେ ୧୭ ଜଣଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ସେ କପରିଭାବେ ଏଥିରୁ ରକ୍ଷାପାଇଥିଲେ ତାହା ସେ ନିଜେ ଶୋକାଭିଭୂତ ହୋଇ ପ୍ରକାଶ କରିଥିଲେ ସାକ୍ଷାତକାର ସମୟରେ । ଅବଶ୍ୟ ଇତିହାସରେ ଏହାର ଭୂୟସୀ ଉଦାହରଣ ରହିଛି । ଏଠାରେ ଗୋଟିଏ ଦୃଷ୍ଟାନ୍ତ ଦେଲେ ତାହା ଅପ୍ରାସଙ୍ଗିକ ହେବ ନାହିଁ । ୧୮୧୫ ଖ୍ରୀଷ୍ଟାବ୍ଦର ୟୁରୋପ ଇତିହାସର କଥା । ଫରାସୀ ସମ୍ରାଟ ବିଶ୍ୱବିଶ୍ରୁତ ଯୋଦ୍ଧା ନେପୋଲିୟନ ବୋନାପାର୍ଟ ଓ୍ୱାଟରଲୁ ଯୁଦ୍ଧକ୍ଷେତ୍ରରେ ପରାଜୟ ବରଣ କରିବାପରେ ବୈଦେଶିକ ଶତ୍ରୁଙ୍କ କବଳରେ ପଡ଼ି ଅସମ୍ମାନ ଜୀବନ ଯାପନ କରିବା ପରିବର୍ତ୍ତେ ଯୁଦ୍ଧକ୍ଷେତ୍ରରେ ମୃତ୍ୟୁବରଣ କରିବା ଶ୍ରେୟସ୍କର ବୋଲି ଚିନ୍ତାକରି ବର୍ଷୁବାର ଗୁଳିବର୍ଷଣ ହେଉଥିବା ଦିଗକୁ ଲକ୍ଷ୍ୟକରି ଠିଆହୋଇଥିଲେ ନିଜପ୍ରତି ଗୁଳିଟିଏ ପାଇଁ । ମାତ୍ର ତାଙ୍କ ଦେହରେ ଗୋଟିଏ ବୋଲି ଗୁଳି ବାଜି ନ ଥିଲା । ଶେଷରେ ସେ ନିରାଶହୋଇ କହି ଉଠିଥିଲେ, "ମୋର ଚତୁର୍ଦ୍ଦିଗରେ ସହସ୍ରାଧିକ ସୈନିକ ମୃତ୍ୟୁବରଣ କରିଥିଲେ ମଧ୍ୟ ମୋ ପାଇଁ ଗୋଟିଏ ବୋଲି ଗୁଳି ମିଳି ନ ଥିଲା । ମଣିଷ ଯେତେବେଳେ ମୃତ୍ୟୁବରଣ କରିବାପାଇଁ

(୧୮) ଯଦୁନାଥ ଦାଶ ମହାପାତ୍ର— ଓ ତ୍ରିମୁଖୀ – ପୃଷ୍ଠା ୭—୭.

Digitized by srujanika@gmail.com

ଗୁହିଁଥାଏ, ତାହା ସେ ପାଇ ନଥାଏ । ଅବଶ୍ୟ ଏହାର ରହସ୍ୟ କଣ ତାହା ଉଦ୍‌ଘାଟନ କରି ନ ପାରି ଭାଗ୍ୟର ନିଷ୍ପତ୍ତି ବୋଲି କୁହାଯାଇଥାଏ । ଏବେ ମଧ୍ୟ ଏହା ଏକ ଅମୀମାଂସିତ ଗଣିତ ହୋଇ ରହିଛି ।

ଇତିମଧ୍ୟରେ ଗୁଳିଖବର ଚତୁର୍ଦ୍ଦିଗକୁ ବିଜୁଳି ବେଗରେ ବ୍ୟାପି ଯାଇଥିଲା । ତେଣୁ ଘରେ ସେପର୍ଯ୍ୟନ୍ତ ପହଞ୍ଚି ନ ଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନମାନଙ୍କର ସୁଅ ଛୁଟିଲା ମେଳନ ପଡିଆକୁ । ସେମାନଙ୍କ ମଧ୍ୟରୁ କେତେଜଣ ପ୍ରାଣ ଆକୁଳରେ ନିଜ ନିଜର କୁଟୁମ୍ବକୁ ଘରକୁ ନେଇଯାଇ-ଥିଲେ । ମୃତ୍ୟୁ ବ୍ୟକ୍ତିଙ୍କର ଆତ୍ମୀୟ ସ୍ୱଜନମାନଙ୍କର ମେଳନ ପଡ଼ିଆର ସେହି କାଳରାତ୍ରିରେ କି ବୁକୁଫଟା କ୍ରନ୍ଦନ ! ସେମାନଙ୍କ ମଧ୍ୟରୁ କେତେଜଣ ସଂଜ୍ଞାହୀନ ହୋଇପଡ଼ୁଥିବାର ଦେଖାଯାଇଥିଲା । ସେଦିନ ୨ଟା ପର୍ଯ୍ୟନ୍ତ ତାଙ୍କ ସହିତ ସମୟ କଟାଇବା ପରେ ମାତ୍ର କେତେଘଣ୍ଟାପରେ ତାଙ୍କର ଶବ ଦେଖି କିପରି ବା ସେମାନେ ଧୈର୍ଯ୍ୟ ଧରି ରହିପାରିଥିବେ । କେତେ ନବ ବିବାହିତା ରୂପସୀ ପ୍ରିୟା ନିଜର ସ୍ୱାମୀଙ୍କୁ ହରାଇ, କେତେ ବୃଦ୍ଧବୃଦ୍ଧା-ସେମାନଙ୍କର ପ୍ରାଣ ପ୍ରତିମ ସନ୍ତାନଙ୍କୁ ହରାଇ ପାଗଳ ପରି ପଡିଆରେ ଯେଉଁ ଆର୍ତ୍ତନାଦ କରୁଥିଲେ ତାହା ଥିଲା ଖୁବ୍ କରୁଣ ଓ ହୃଦୟ-ବିଦାରକ । ସେହି ସମୟରେ ଆକାଶ ମାର୍ଗରେ ଖୁବ ନିକଟରେ ଗୋଟିଏ ଉଡ଼ାଜାହାଜ ଉଡ଼ୁଥିବାର ଦେଖି ଲୋକମାନେ ଅଧିକ ଭୟଭୀତ ହୋଇଯାଇଥିଲେ । ସେହି ଅଶ୍ରୁ ଜର୍ଜରିତ ଅବସ୍ଥାରେ ଆତୁରରେ ଆତ୍ମୀୟମାନେ ୧୧ଟି ଶବ ନିଜ ନିଜର ଘରକୁ ନେଇଯାଇଥିଲେ ଅନ୍ୟମାନଙ୍କର ଶେଷ ଦର୍ଶନ ନିମିତ୍ତ । ଅନ୍ୟ ୧୭ଟି ଶବକୁ ଏକତ୍ରିତ କରାଇ ବିଇନ ମହାନ୍ତିଙ୍କ ଦୋକାନ ପିଣ୍ଡାରେ ଶୁଆଇ ଦିଆଯାଇଥିଲା ଏବଂ ତାହା କରିଥିଲେ ଗଣେଶ ତ୍ରିପାଠୀ, ପଞ୍ଚାନନ ତ୍ରିପାଠୀ, ସୁଧାକର ତ୍ରିପାଠୀ, ସୁଦର୍ଶନ ଦାସ ଓ ଉପେନ୍ଦ୍ର ଦାସ । ସେମାନେ ମଧ୍ୟ ଏଥିସହିତ ଲଣ୍ଠନଧରି କ୍ଷତ ବିକ୍ଷତ ଲୋକଙ୍କର ସେବା କରିଥିଲେ । ବିଶେଷତଃ ଲୁଗା ପୋଡ଼ି କ୍ଷତସ୍ଥାନକୁ ସେମାନେ ବ୍ୟାଣ୍ଡେଜ ବାନ୍ଧୁଥିବାର ଦେଖାଯାଉଥିଲା । ଏପରି ଦାରୁଣ ବିପର୍ଯ୍ୟୟର ପରିବେଶ ମଧ୍ୟରେ ଧନ୍ୟ ତାଙ୍କର ଧୈର୍ଯ୍ୟ, ସେବା ମନୋଭାବ ଓ ତ୍ୟାଗର ଅଦ୍ଭୁତ ପରାକାଷ୍ଠା ! ସେଥିପାଇଁ ସେମାନେ ନମସ୍ୟ ।

Digitized by srujanika@gmail.com

ପୋଲିସ ଫୌଜ ଗୁଳିକାଣ୍ଡ ପରେ ପୁନରାୟ ଜମିଦାରଙ୍କ ଘରକୁ ଯାଇ ଆଶ୍ରୟ ନେଇଥିଲେ । ସେହି ରାତିରେ ମଧ୍ୟ ଜଣେ ଲୋକକୁ ମାର୍କୋଣାକୁ ପଠାଯାଇଥିଲା ଗୁଳିକାଣ୍ଡ ବିଷୟରେ ଜଣାଇ ବାଲେଶ୍ୱରର ଏସ.ପି. ଜି ଆର.ଜି ଫକ୍‌ସଙ୍କୁ ଏକ ଟେଲିଗ୍ରାମ କରିବା ପାଇଁ । (୧୯) ସେହି ଲୋକ ଥିଲେ ଅଭିଜ୍ଞ ଗୋଲକ ପ୍ରସାଦ ଦାସ ।

ସେହିଦିନ ରାତି ୯ଟା ପର୍ଯ୍ୟନ୍ତ ଆହତ ବ୍ୟକ୍ତିଙ୍କଠାରେ କୌଣସି ପ୍ରକାର ସାହାଯ୍ୟ ପହଞ୍ଚିପାରି ନ ଥିଲା । ଶୁଣାଯାଏ ଯେ ପ୍ରାୟ ରାତି ୯.୩୦ ସମୟରେ ରାଧାକାନ୍ତ ପାତ୍ରୀଙ୍କର କନିଷ୍ଠ ଭ୍ରାତା ମୁକ୍ତିକାନ୍ତ ପାତ୍ରୀ, ଜ୍ୟେଷ୍ଠପୁତ୍ର ରତିକାନ୍ତ ପାତ୍ରୀ, ନାରାୟଣ ମାନଧାତା, ସୁଧାକର ପାତ୍ରୀ, ମନ୍ମଥ ପାତ୍ରୀ ଆଦି ତାଙ୍କର କେତେକ କର୍ମଚାରୀଙ୍କ ସହ ବାଲି, ପାଣି, ହୋମିଓପାଥିକ ଔଷଧ, ସରବତ ଆଦି ଆହତ ବ୍ୟକ୍ତିଙ୍କ ପାଇଁ ନେଇ ମେଳନ ପଡ଼ିଆକୁ ଯାଇଥିଲେ । ମାତ୍ର ସେସବୁ କେହି ଗ୍ରହଣ କରି ନ ଥିଲେ ବୋଲି ଉପସ୍ଥିତ ନେତାମାନଙ୍କ ମୁଖରୁ ଶୁଣିବାକୁ ମିଳେ । ଏ ସମ୍ପର୍କରେ ପ୍ରତ୍ୟକ୍ଷ ଦର୍ଶୀ କବି ମଧୁସୂଦନ ରାୟ ଲେଖିଛନ୍ତି ।

"ସ୍ୱାମୀ ପୁତ୍ର ହରା ଅନାଥିନୀ ପାଇଁ
ପାତ୍ରୀବାବୁ ଦେଲେ ସାହାଯ୍ୟ ପଠାଇ ।
ପୋଡ଼ିଛି ଯାହାର ସୁନାର ସଂସାର
ମୁଷ୍ଟିମେୟ ଭିକ୍ଷା ଡହିଁ ବା କି ଛାର !
ସାହାଯ୍ୟ ନେବାକୁ କେହି ନ ଇଚ୍ଛିଲେ
ଅତ୍ୟାଚାରୀ ଧ୍ୱଂସ ସବେ ମନାସିଲେ ।" (୨୦)

ତା'ପର ଦିନ ପୁନରାୟ ରାଧାକାନ୍ତ ପାତ୍ରୀ ତାଙ୍କ ପୁଅହାତରେ ଟ ୩୦ ଓ କୋଡ଼ିଏ ଟଙ୍କାର ଚାଉଳ ଲୋକଙ୍କୁ ଦେବାପାଇଁ ପଠାଇଥିଲେ । ମାତ୍ର ମୋଟ ୨ । ୩ ଜଣ ଲୋକ ଟଙ୍କାକୁ ୧୦ । ୧୫ ସେର ଦରରେ ଦୁଇ-ତିନିଟଙ୍କାର ଚାଉଳ କିଣିଥିଲେ । ଅନ୍ୟମାନେ ଶୋକାଭୂତ ହୋଇ ମଧ୍ୟ

---

(୧୯) ଇନ୍‌କୁଆରି କମିଟି ରିପୋର୍ଟ ପରିଶିଷ୍ଟ ୩

(୨୦) ପରିଶିଷ୍ଟ ୪

Digitized by srujanika@gmail.com

କଠୋର ଭାବରେ କହିଥିଲେ, "ତୁମ ବାପା ପୁଲିସକୁ ଡକାଇ ଗୁଳି ଅସ୍ତ୍ର-ଶସ୍ତ୍ର ଯୋଗାଇଲେ ଆମ ଭାଇ, କକା, ଭଣଜା, ମାମୁଁ, ବାପା, ଭିଣୋଇଙ୍କୁ ମାରିଦେବା ଲାଗି । ସେ ଏବେ ସାହାଯ୍ୟ କରିବା ପାଇଁ ଟଙ୍କା, ଚାଉଳ ପଠାଇଛନ୍ତି । ଯଦି ତୁମ ବାପାଙ୍କର ଖଣ୍ଡିଏ ମାଂସ ଆଣିପାରନ୍ତି ଏବଂ ତୁମଘରୁ କେତେଖଣ୍ଡ ଇଟା ଆଣନ୍ତି, ଆମେ ପ୍ରତିଶୋଧ ନେଇନ୍ତୁ । ସେ ମାଂସ ଖଣ୍ଡିକ ଆମ ପାଖରେ ରଖନ୍ତୁ, ଆଉ ଇଟା ଖଣ୍ଡିକ ଆମ ବନ୍ଧୁବାନ୍ଧବଙ୍କୁ ଦିଅନ୍ତୁ । ତୁମକୁ ଲାଜ ମାଡ଼ୁ ନାହିଁ; ଟଙ୍କା ଚାଉଳ ନେଇ ଆସିଛ ।" ଏହା ଜଣେ ପ୍ରତ୍ୟକ୍ଷଦର୍ଶୀ ବାଲେଶ୍ୱର ଯାଇ ଶ୍ୟାମମୋହନ ଦାସଙ୍କ ନିକଟରେ କହିଥିବା ବିଷୟ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ନିକଟକୁ ଲେଖିଥିବା ଚିଠିରୁ ଜଣାଯାଏ । (୨୧) ମାତ୍ର ଏହା ଏକ ଅତିରଞ୍ଜିତ ବର୍ଣ୍ଣନା କି କିଣ ତାହା ନିର୍ଦ୍ଦିଷ୍ଟ ରୂପେ କହିବା ମୋ ପକ୍ଷେ କଷ୍ଟସାଧ୍ୟ । ତଥାପି ଶୋକଭିଭୂତ ହୋଇ ଦୁଃଖ ଜର୍ଜରିତ ଅବସ୍ଥାରେ କ୍ଷୋଭ ପ୍ରକାଶ କରି କେହି ଜଣେ ଦୁଇଜଣ ତାହା କହି ପାରିଥାଆନ୍ତି ।

ଇତିମଧ୍ୟରେ ରାତି ୯ । ୩୦ ପରେ କମଳାପ୍ରସାଦ କର ଛଦ୍ମ-ବେଶରେ ବାଞ୍ଛାନିଧି ବାବୁଙ୍କ ଘରୁ ଇରମର ଭୁବନ ବାରିକଙ୍କ ସହ ମେଳନ ପଡ଼ିଆକୁ ଆସି ଆହତ ଲୋକଙ୍କୁ ଦେଖି ଫେରିଯାଇଥିଲେ ବୋଲି ସେ କହିଥାଆନ୍ତି । ଏହା କରି ସେ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଛନ୍ତି । ତାହା କରି ନ ଥିଲେ ହୁଏତ ଲୋକଙ୍କୁ ବିପର୍ଯ୍ୟସ୍ତ ଅବସ୍ଥାରେ ପକାଇ ନିଜେ ଲୁଚିକରି ରହିବାର ନିନ୍ଦା ତାଙ୍କ ନାମରେ କାଳକାଳକୁ ରହିଥାଆନ୍ତା ।

ଗୁଳିକାଣ୍ଡ ଦିନ ଭଦ୍ରକ ଡାକ୍ତରଖାନାର ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ଜଗନ୍ନାଥ ଦାସଙ୍କୁ ଖବର ଦିଆଯାଇଥିଲା ଇରମକୁ ଆସି ଶବ ବ୍ୟବଚ୍ଛେଦ କରିବାପାଇଁ । ରାସ୍ତା ସୁଗମ ନଥିବାରୁ ବଳଦଗାଡ଼ିରେ ଆସି ୧୭ ଘଣ୍ଟାପରେ ଅକ୍ଟୋବର ୧ ତାରିଖ ଦିନ ସେ ଇରମରେ ପହଞ୍ଚିଥିଲେ । (୨୧) ନମ୍ବୂମକୁ ଆଖିଠାର ମାରି ସେ ୧୭ଟି ଶବର ବ୍ୟବଚ୍ଛେଦ କରିବା ପରେ ସେଗୁଡ଼ିକୁ ନେଇ ହାଟପଡିଆର ଗୋଟିଏ ପାଖରେ ପୋଡ଼ିଦିଆ-ଯାଇଥିଲା । ଉକ୍ତ ଘଟଣାର ୪୦ ବର୍ଷପରେ ଇରମରେ ଗଠିତ ସ୍ମୃତି

---

(୨୧) ଇନକ୍ୱାଏରି କମିଟି ରିପୋର୍ଟ ପରିଶିଷ୍ଟ ୩

Digitized by srujanika@gmail.com

ସଂସଦର ସଭ୍ୟମାନଙ୍କର ଉଦ୍ୟମ ତଥା କଂଗ୍ରେସ ନେତାଙ୍କ ସହାୟତାରେ ଉକ୍ତ ମହାନ୍ ବୀରଙ୍କର ମହା ସମାଧି ନିର୍ମାଣ ପାଇଁ ତତ୍କାଳୀନ ସାଂସ୍କୃତିକ ବିଭାଗର ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଯୁଗଳ କିଶୋର ପଟ୍ଟନାୟକ ୨୧ । ୫ । ୮୧ ତାରିଖ ଦିନ ଭିତ୍ତି ପ୍ରସ୍ତରର ଶୁଭଦେବା ପରେ ତାଙ୍କର ପ୍ରଚେଷ୍ଟାରେ ସମାଧିସ୍ତମ୍ଭ ନିର୍ମାଣ କରାଯାଇଥିଲା । ମାତ୍ର ଏହା ସେପରି କିଛି ଆକର୍ଷଣୀୟ ହୋଇ ନ ଥିଲା । ତଥାପି ଶହୀଦମାନଙ୍କର ସ୍ମୃତି ରକ୍ଷା ଦିଗରେ ତାଙ୍କର ପ୍ରଚେଷ୍ଟା ପାଇଁ ସେ ପ୍ରଶଂସାର ପାତ୍ରରୂପେ ସ୍ମରଣୀୟ । ସେହିଦିନ ଠାରୁ ଏବେ ସୁଦ୍ଧା ତାହା ଅବହେଳିତ ହୋଇ ପଡିବା ପରେ ସମ୍ପ୍ରତି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ଶୁଭଦୃଷ୍ଟି ତା'ଉପରେ ପଡିଥିଲା । ତାଙ୍କର ଆନ୍ତରିକ ପ୍ରଚେଷ୍ଟାରେ ଉକ୍ତ ସାମାଧି ସ୍ତମ୍ଭ ଉପରେ କୃଷ୍ଣବର୍ଣ୍ଣର ମାର୍ବଲ ପଥର ଖଚିତ କରାଯାଇ ବହୁ ବିଶିଷ୍ଟ ନେତାଙ୍କର ସାମାଧି ପୀଠ ପରି ଏହା ଖୁବ୍ ଆକର୍ଷଣୀୟ କରାଯାଇପାରିଛି । ତାହାକୁ ମଧ୍ୟ ସେ ନିଜେ ୪୪ତମ ଶହୀଦ ଦିବସ ତା ୨୮।୯।୮୬ ରିଖ ଦିନ ଉଦ୍‌ଘାଟନ କରି ପ୍ରତିଶ୍ରୁତି ଦେଇଛନ୍ତି ଯେ ଏହାକୁ ଅଧିକ ଆକର୍ଷଣୀୟ କରାଇବା ପାଇଁ ତାକୁ ସଂଲଗ୍ନ କରି ସେ ଏକ କମନୀୟ ପୁଷ୍ପ ଉଦ୍ୟାନ, ସୁନ୍ଦର ରାସ୍ତା ଓ ଆଲୋକସଜ୍ଜା ଆଦି କରାଇ ତାକୁ ଏକ ମହାନ୍ ତୀର୍ଥ କ୍ଷେତ୍ରରେ ପରିଣତ କରାଇବେ । ବାସ୍ତବପକ୍ଷେ ଶହୀଦମାନଙ୍କର ସମ୍ମାନାର୍ଥେ ତାଙ୍କର ଏହି କାର୍ଯ୍ୟପାଇଁ ସେ ଯେ କାଳକାଳକୁ ଅଭିନନ୍ଦନୀୟ ହୋଇ ରହିଥିବେ ଏଥିରେ ସନ୍ଦେହ ନାହିଁ ।

ସମାଧି ପୀଠର ନିର୍ମାଣ ସଙ୍ଗେ ସଙ୍ଗେ ଶହୀଦ ସ୍ମୃତି ସଂସଦର ପ୍ରଚେଷ୍ଟାରେ ସେହି ଐତିହାସିକ ମେଳନପଡିଆରେ ଏକ ଶହୀଦ ସ୍ମୃତି ସ୍ତମ୍ଭ ନିର୍ମାଣ କରାଯାଇଛି । ଲୋକେ କହନ୍ତି ସମାଧି ପୀଠ ନିର୍ମାଣ କରିବା ସମୟରେ ମାଟିତଳୁ ଶହୀଦମାନଙ୍କର ଖଣ୍ଡ ଖଣ୍ଡ ହାଡ଼ ବାହାରିଥିଲା । ତା ମଧ୍ୟରୁ କେତେଖଣ୍ଡ ଆଣି ତାହାକୁ ଭିତରେ ରଖି ସେମାନେ ଉକ୍ତ ଶହୀଦ ସ୍ତମ୍ଭ ନିର୍ମାଣ କରିଛନ୍ତି । ଏହା କରିବା ଦ୍ୱାରା ସେମାନେ ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ କରି ଯଥୋଚିତ ପୂଜ୍ୟ ପୂଜା କରିଛନ୍ତି ।

ଗୁଳିକାଣ୍ଡପରେ ସମଗ୍ର ବାସୁଦେବପୁର ଥାନାର ସାଧାରଣ ଜନତାଙ୍କ ମଧ୍ୟରେ ହତାଶା ଓ ଆତଙ୍କର କଳା ବଉଦ ବିସ୍ତାରିତ

Digitized by srujanika@gmail.com



ସହୀଦଙ୍କର ସମାଧି ପୀଠ ଇରମ

ସ୍ୱାଧୀନତା ସଂଗ୍ରାମୀ ଓ ପୃଷ୍ଠ ଭୂମିରେ ସମାଧି ପୀଠ ଇରମ

Digitized by srujanika@gmail.com

ହୋଇଥିବା ସମୟରେ ଉକ୍ତ ଥାନାର କେତେକ ଯୁବକ ଏହାର ଏକ ନିରପେକ୍ଷ ତଦନ୍ତ ପାଇଁ ଉଚ୍ଚ ସରକାରୀ ମହଲରେ ଉଦ୍ୟମ କରିଥିବା ବିଷୟ ମୁକ୍ତିକାନ୍ତ ରାୟଙ୍କ ପାଖରୁ ଜଣାଯାଏ । ଲୁଙ୍ଗା ଗ୍ରାମର ଗୋବିନ୍ଦଚନ୍ଦ୍ର ମହାପାତ୍ର, ଏଣ୍ଡିଆଳରେ ଅର୍ଜ୍ଜୁନ ଚରଣ ମହାପାତ୍ର ଓ ସୁଗୋ ଗ୍ରାମର ରେଭେନ୍‌ସା କଲେଜର ସଦାନନ୍ଦ ଗୁପ୍ତ ମୁକ୍ତିକାନ୍ତ ରାୟ ମିଳିତ ହୋଇ ମେଳନ ପଡ଼ିଆର ଏକ ନକ୍‌ସା ଓ ଗୁଳିକାଣ୍ଡ ସମ୍ପର୍କରେ କେତୋଟି ତଥ୍ୟ ସଂଗ୍ରହକରି ଦିନେ କଟକ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ଭାରତ ସେବକ ସମାଜର ସ୍ଥାୟୀ ସଭ୍ୟ ତଥା ପ୍ରତିଷ୍ଠିତ ସମାଜସେବୀ ଶ୍ୟାମସୁନ୍ଦର ମିଶ୍ର ଓ ନାରୀନେତ୍ରୀ ସରଳାଦେବୀଙ୍କୁ ଦେଖାକରି ସେମାନେ ଏକ ନିରପେକ୍ଷ ତଦନ୍ତ ପାଇଁ ଚିଫ୍ ସେକ୍ରେଟେରୀଙ୍କୁ ପ୍ରଭାବିତ କରନ୍ତୁ ବୋଲି ସେମାନଙ୍କୁ ଅନୁରୋଧ କରିଥିଲେ । ଉଭୟେ ସେମାନଙ୍କର ଅନୁରୋଧ ରକ୍ଷାକରି ଓଡ଼ିଶା ସେକ୍ରେଟେରୀଏଟ (ଗୌରୀଶଙ୍କର ପାର୍କ ନିକଟସ୍ଥ ବର୍ତ୍ତମାନର ପିଁଠି ହସ୍‌ପିଟାଲ) ରେ ସେମାନେ ଚିଫ୍ ସେକ୍ରେଟେରୀଙ୍କୁ ଦେଖାକରି ଉକ୍ତ ଦାବୀ ଜଣାଇଥିଲେ । ମାତ୍ର ସେ ନାନା ଆଳ ଦେଖାଇ ତଦନ୍ତ ପାଇଁ ରାଜି ହୋଇ ନ ଥିଲେ । ତେଣୁ ସେମାନେ ବିଫଳ ମନୋରଥ ହୋଇ ଫେରିଆସିଥିବାର ଜଣାଯାଏ । (୨୨) ମାତ୍ର ସେମାନଙ୍କର ଉଦ୍ୟମ ଯେ ପୂର୍ଣ୍ଣଭାବରେ ବିଫଳ ହୋଇଥିଲା, ତା'ନୁହେଁ ।

ଉକ୍ତ ଘଟଣାର କିଛିଦିନପରେ ଇରମରେ ହୋଇଥିବା ଗୁଳିକାଣ୍ଡର ଗୁରୁତ୍ୱ ଉପଲବ୍ଧି କରି ସେ ସମ୍ପର୍କରେ ଜାଣିବାପାଇଁ ବ୍ରିଟିଶ ସରକାର ତତ୍କାଳୀନ ରେଭିନ୍ୟୁ ଡିଭିଜନାଲ କମିଶନର ଇ.ସି ଅନସର୍ଜ ଓ ପୋଲିସ ଇନ୍‌ସପେକ୍ଟର ଜେନେରାଲ ଇ.ଏ.ଓ ପାରକନ୍‌ଙ୍କୁ ଏକ ରିପୋର୍ଟ ଦେବାପାଇଁ ଆଦେଶ ଦେଇଥିଲେ । ସେମାନେ ୧୯୪୨ ମସିହା ଅକ୍ଟୋବର ୧୬ ତାରିଖ ଦିନ ଭଦ୍ରକରେ ପହଞ୍ଚି ଇରମକୁ ରାସ୍ତା ସୁଗମ ନଥିବାର କାରଣ ଦର୍ଶାଇ ସେଠି ଭଦ୍ରକରେ ୧୭ ଓ ୧୮ ତାରିଖ ଦିନ ବିଭିନ୍ନ ବ୍ୟକ୍ତିଙ୍କର ସାକ୍ଷ୍ୟ ଗ୍ରହଣ କରି ଏକ ରିପୋର୍ଟ ଦାଖଲ କରିଥିଲେ । ତା'ପୂର୍ବରୁ ୧୯୪୨ ମସିହା ଅକ୍ଟୋବର ୯ ତାରିଖଦିନ ଓଡ଼ିଶା ସରକାରଙ୍କ ଦ୍ୱାରା ଆଦେଶପ୍ରାପ୍ତ ହୋଇ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଲାଲ ଆର. ଡି. ସିଙ୍କୁ ଏକ ରିପୋର୍ଟ

(୨୨) ମୁକ୍ତିକାନ୍ତ ରାୟଙ୍କଦ୍ୱାରା ପ୍ରଦତ୍ତ ବିବରଣୀରୁ ସଂଗୃହୀତ ।

Digitized by srujanika@gmail.com

ପ୍ରେରଣ କରିଥିଲେ । ଏତଦ୍‌ବ୍ୟତୀତ ଘଟଣା ସାହିତ ସମ୍ପୃକ୍ତ ପୋଲିସ ଡି.ଏସ ପି ଇନ୍‌ସପେକ୍ଟର ଗୋଟିଏ ବିବରଣୀ ପଠାଇବା ପାଇଁ ଆଦେଶପ୍ରାପ୍ତ ହୋଇଥିଲେ । ଏହି ସମୟରେ ମଧ୍ୟ ଗୋବିନ୍ଦଚନ୍ଦ୍ର ବାଗୁଡ଼ାଇ ଭଦ୍ରକ ଏସ. ଡ଼ି.ଓ. ଙ୍କର ଦଣ୍ଡାଦେଶ ବିରୁଦ୍ଧରେ ହାଇକୋର୍ଟରେ ପୁନର୍ବିଚାର ପାଇଁ ଆବେଦନ କରିବା ଫଳରେ ତାର ଏକ ରାୟ ପ୍ରକାଶ ପାଇଥିଲା । କେତେକ କ୍ଷେତ୍ରରେ ସେଗୁଡ଼ିକର ଇଂରାଜୀ ଅନୁବାଦ ପରିଶିଷ୍ଟରେ ଦିଆଯାଇଥିବା ସ୍ଥଳେ ଅନ୍ୟ କେତେକ କ୍ଷେତ୍ରରେ ରିପୋର୍ଟର ସାରକଥା ଏଠାରେ ଉଦ୍ଧାର କରାଯାଇଛି । ରିପୋର୍ଟ ଗୁଡିକରେ ଉଲ୍ଲିଖିତ ବିଷୟବସ୍ତୁ ତତ୍କାଳୀନ ନେତାଙ୍କର ଉକ୍ତି ତଥା ଘଟଣାପ୍ରବାହକୁ ବିଚାରକୁ ନେଇ ଇରମରେ ଗୁଳିକାଣ୍ଡର ଯଥାର୍ଥତା ଓ ଘଟଣାଟିର ମାହାତ୍ମ୍ୟ ଉପରେ ଏକ ବିଶ୍ଳେଷଣାତ୍ମକ ସମୀକ୍ଷା ନିମ୍ନରେ ଦେବାକୁ ଉଦ୍ୟମ କରିଛି ।

ପ୍ରଥମତଃ ଇରମରେ ପୋଲିସମାନଙ୍କ ଦ୍ୱାରା ହୋଇଥିବା ଗୁଳିକାଣ୍ଡର କୌଣସି ଯଥାର୍ଥତା ନ ଥିଲା । ଯଦିଓ ଇନକ୍ୱାରୀ କମିଟି ରିପୋର୍ଟରେ ସେମାନେ ଏ ସମ୍ପର୍କରେ ଲେଖିଛନ୍ତି ଯେ "ଇରମରେ ଯେଉଁ ପରିସ୍ଥିତି ଉପୁଜିଲା ସେଥିରେ ପ୍ରଥମ ଅବସ୍ଥାରେ ଗୁଳିଗୁଳନା କରିବାର ଯଥାର୍ଥ କାରଣ ଥିଲା ବୋଲି ସେମାନଙ୍କର ହୃଦବୋଧ ହୋଇଛି । ଗୁଳି ଅତ୍ୟଧିକ ହୋଇଥିଲା ବୋଲି ମଧ୍ୟ ସେମାନେ ବିଚାର କରନ୍ତି ନାହିଁ ।" (୨୩) ସେହିପରି ଜିଲ୍ଲା କଲେକ୍ଟର ୧୯୪୨ ମସିହା ଅକ୍ଟୋବର ୯ ତାରିଖର ଅର୍ଦ୍ଧ ସରକାରୀ ଚିଠିରେ ଆର୍‌. ଡି. ସିଙ୍କୁ ଗୁଳିକାଣ୍ଡର ଯଥାର୍ଥତା ସମ୍ପର୍କରେ ଲେଖିଥିଲେ—"ସେତେବେଳେ ଜନତାଙ୍କର ମନୋଭାବ ବିଦ୍ରୋହମୂଳକ ତଥା ପ୍ରତିହିଂସା ପରାୟଣ ହୋଇଥିବାରୁ ସେମାନେ ସହଜରେ ଛାଡ଼ି ଯିବା ଅବସ୍ଥାରେ ନ ଥିଲେ । ତେଣୁ ସେମାନେ ଆତ୍ମରକ୍ଷା ପାଇଁ ଗୁଳିଚଳାଇଥିଲେ ଓ ଏହା ମଧ୍ୟ ଯଥାର୍ଥ" । (୨୪) ସେମାନେ ବ୍ରିଟିଶ ସରକାରଙ୍କର କର୍ମଚାରୀ ହୋଇଥିବାରୁ ତାଙ୍କ ଲୋକଙ୍କର ଗୁଳି ଚଳାଇବାର ପଦକ୍ଷେପକୁ ଯଥାର୍ଥ ବୋଲି କହିବା ସ୍ୱାଭାବିକ । ତା'ପରେ ଇରମ ବା ବାସୁଦେବପୁର ନ ଆସି

---

(୨୩) ଇନକ୍ୱାରୀ କମିଟି ରିପୋର୍ଟ-ପରିଶିଷ୍ଟ ୩

(୨୪) 'ହିଷ୍ଟ୍ରି ଅଫ ଫ୍ରିଡ଼ମ ମୁଭମେଣ୍ଟ ଇନ ଓଡ଼ିଶା' ଚତୁର୍ଥ ଖଣ୍ଡ-ପୃଷ୍ଠା ୮୨

Digitized by srujanika@gmail.com

ଭଦ୍ରକରେ ବସି ସାକ୍ଷ୍ୟ ଗ୍ରହଣ କଲେ ସବୁ ବିଷୟ କିପରି ଜାଣିବା ସମ୍ଭବପର ହୋଇଥିବ, ତାହା ଅନୁମେୟ । ସେପରି ସ୍ଥଳେ ପୋଲିସ ଅଫିସରମାନେ ନିଜକୁ ରକ୍ଷାକରିବା ପାଇଁ ଯାହା ବୟାନ କରିଛନ୍ତି ତାକୁ ହିଁ ଭିତ୍ତିକରି ସେମାନେ ରିପୋର୍ଟ ଲେଖିଛନ୍ତି । ତେଣୁ ପ୍ରକୃତରେ ଦେଖିବାକୁ ଗଲେ ଗୁଳିକାଣ୍ଡ ପାଇଁ କୌଣସି ଆବଶ୍ୟକତା ନ ଥିଲା । ତା ୨୮ ରିଖ ଦିନ ଜନତା କେବଳମାତ୍ର ଶଙ୍ଖଧ୍ୱନି ଶୁଣି ସେଠାରେ ସମବେତ ହୋଇଥିଲେ । ସେଠାରେ ମଧ୍ୟ ସେଦିନ ସଭା କରିବାର କାର୍ଯ୍ୟକ୍ରମ ନ ଥିଲା । ତାହା ହୋଇଥିଲେ ଆନ୍ଦୋଳନର ଅନ୍ୟ ଦୁଇଜଣ କର୍ଣ୍ଣଧାର ଅନିରୁଦ୍ଧ ମହାନ୍ତି ଓ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସେଠାରେ ନ ରହି ଯଥାକ୍ରମେ ବ୍ରାହ୍ମଣ ଗାଁ ଓ ବେତଡ଼ାରେ ସଭା କରୁ ନ ଥାନ୍ତେ । ବିଶେଷତଃ ଆନ୍ଦୋଳନ ପରିଚାଳନା କରିବାପାଇଁ ଗଠିତ ସର୍ବୋଚ୍ଚ କମିଟିର ସଭାପତି ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କୁ ଏ ବିଷୟରେ ଜଣାଇ ଦିଆଯାଇ ନ ଥିଲା ବୋଲି ସେ କହିଥାଆନ୍ତି । ଶଙ୍ଖଧ୍ୱନି ଶୁଣି ଆସିବାପରେ ସବୁଦିନ ପରି ସେଦିନ ମଧ୍ୟ ସମବେତ ଜନତା ମହାତ୍ମାଗାନ୍ଧିଙ୍କର ରଚନାତ୍ମକ କାର୍ଯ୍ୟକ୍ରମ ଓ ଅଗଷ୍ଟ ବିପ୍ଳବ ସମ୍ବନ୍ଧରେ କିଛି ଜାଣିବା ପାଇଁ ସେଠାରେ ରହିଥିଲେ । ଅବଶ୍ୟ ଇନକୁଆରି କମିଟି ରିପୋର୍ଟରେ କୁହାଯାଇଛି ଯେ ସେଠାରେ ଜନତା ସମବେତ ହୋଇଥିଲେ ଜାତୀୟତାଭାବରେ ଉଦ୍‌ବୁଦ୍ଧହୋଇ ନୁହେଁ, କମଳାପ୍ରସାଦ କରଙ୍କ ଦ୍ୱାରା ଦିଆଯାଇଥିବା ଧାନ ବିତରଣ କରିବାର ଆହ୍ୱାନପାଇଁ । ମାତ୍ର(୨୫)ଏହା ଯେ ସମ୍ପୂର୍ଣ୍ଣ ଅମୂଳକ ଓ ଭ୍ରାନ୍ତିପୂର୍ଣ୍ଣ ତାହା ମୁକ୍ତ କଣ୍ଠରେ ସ୍ୱୀକାର କରାଯାଇପାରେ । ସେ ଯାହାହେଉ ଜମିଦାରଙ୍କର ଘର ଆକ୍ରମଣ କରି କୌଣସି କିଛି କ୍ଷତି ସାଧନ କରିବା ଥିଲା ସମବେତ ଜନତାଙ୍କର ଚିନ୍ତାର ବାହାରେ । ସେମାନେ ମଧ୍ୟ କେବଳମାତ୍ର ବିଛଣା ଛଡ଼ାଇ ନେବା ବ୍ୟତୀତ ଅନ୍ୟ କୌଣସି ହିଂସାତ୍ମକ କାର୍ଯ୍ୟ କରି ନ ଥିଲେ । ପୁନଶ୍ଚ ବିଛଣାଗୁଡ଼ିକୁ ବହୁ ସାବଧାନତାର ସହ ସ୍ୱେଚ୍ଛାସେବୀମାନେ ଜଗିକରି ରହିଥିଲେ । ଉପରୋକ୍ତ ଅବସ୍ଥାରେ ଗୁଳି କରିବାର କଣ ବା ଆବଶ୍ୟକତା ଥିଲା ? ପୁନଶ୍ଚ ଏହି ଗୁଳିକାଣ୍ଡ ଘଟାଇ ସେମାନେ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ୧୪।୧୨।୧୯୩୯ ର ୬୨୮ (୯୩ଗ) ପ୍ରତିରକ୍ଷା ଆଇନ ଖିଲାପ କରିଛନ୍ତି । ସେଥିରେ ଲେଖାଥିଲା । "କୌଣସି ପ୍ରମାଦପୂର୍ଣ୍ଣ ଅବସ୍ଥା ଦେଖିଲେ

---

(୨୫) ଇନକୁଆରି କମିଟି ରିପୋର୍ଟ ପରିଶିଷ୍ଟ ୩

Digitized by srujanika@gmail.com

ଗୁଳିକାଣ୍ଡପରି ପଦକ୍ଷେପ ନିଅ । ସନ୍ଦେହ ହେଲେ ଉକ୍ତ ପଦକ୍ଷେପ ନେବା ପୂର୍ବରୁ ଆର. ଡ଼ି. ସି. ବା ସରକାରଙ୍କ ସହିତ ପରାମର୍ଶ କର ।" (୧୬) ଏହି ଦୃଷ୍ଟିରୁ ବିଚାର କଲେ ଡ଼ି. ଏସ୍. ପିଙ୍କର ପଦକ୍ଷେପ ଆଇନବିରୋଧ । ଏହି ବିଷୟରେ ମଧ୍ୟ ହାଇକୋର୍ଟରେ ରାୟଦେଇ ବିଚାରପତିମାନେ ଲେଖିଛନ୍ତି— "ଇରମରେ ହୋଇଥିବା ବେଆଇନ ସମବେତ ଜନତା ସରକାରଙ୍କର ସମ୍ପତ୍ତିକୁ ନଷ୍ଟକରି ନଥିଲେ ବା ନଷ୍ଟ କରିବାର କୌଣସି ଉଦ୍ଦେଶ୍ୟ ସେମାନଙ୍କ ପାଖରେ ଥିବାର କୌଣସି ପ୍ରମାଣ ନାହିଁ । ସେମାନେ ମଧ୍ୟ ସର୍ବସାଧାରଣ-ଙ୍କର ନିରାପତ୍ତା ପ୍ରତି କୌଣସି ବିପଦ ସୃଷ୍ଟି କରିବା ଭଳି କାର୍ଯ୍ୟ କରିଥିବାର ପ୍ରମାଣ ମିଳେ ନାହିଁ । ୧୭) ପୁନଶ୍ଚ ଗୁଳିକାଣ୍ଡର ଯଥାର୍ଥତା ଦର୍ଶାଇଥିବା ସେହି ଇନକ୍ୱାଏରି କମିଟି ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ ପୋଲିସ ଡ଼ି. ଏସ. ପି. ସେଠାକୁ କୌଣସି ମାଜିଷ୍ଟ୍ରେଟଙ୍କୁ ନନେଇ ଯିବା ଅସଙ୍ଗତ । ଏପରିକି ବାସୁଦେବପୁର ଥାନାର ତତ୍କାଳୀନ ପୋଲିସ ସବ୍‌ଇନ୍‌ସପେକ୍ଟର ଗୁଳିକାଣ୍ଡ ଘଟଣାର କିଛିଦିନ ପୂର୍ବରୁ କୌଣସି ସତର୍କତାମୂଳକ ପଦକ୍ଷେପ ନେଇଥିବାରୁ ତାଙ୍କୁ ଚାକିରିରୁ ସସପେଣ୍ଡ କରାଯାଉ ବୋଲି ରିପୋର୍ଟରେ ଲେଖା ଅଛି । ତାହା ମଧ୍ୟ କରାଯାଇଥିଲା । ସେମାନେ ଲେଖିଛନ୍ତି ଯେ ଯଦି ପୂର୍ବରୁ ପୋଲିସ ସବଇନସ୍‌ପେକ୍ଟର ଏ ବିଷୟରେ ଉଚିତ ପ୍ରତିକାର ଗ୍ରହଣ କରିଥାଆନ୍ତେ, ଅନ୍ତତଃ ପକ୍ଷେ ତା ୧୮ ରିଖ ଦିନ ବାସୁଦେବପୁରରେ ଆହୂତ ସାଧାରଣ ସଭାରେ ଆନ୍ଦୋଳନର ତିନି ପ୍ରଧାନ ନେତାଙ୍କୁ ଗିରଫ କରିନେଇ ପାରିଥାଆନ୍ତେ । ତାହେଲେ ଗୁଳିକାଣ୍ଡକୁ ଏଡ଼ାଇ ଦିଆହୋଇପାରିଥାଆନ୍ତା (୧୮) । ଏସବୁକୁ ବିଚାରକୁ ନେଲେ ପରୋକ୍ଷରେ ଇଂରେଜ ସରକାର ଗୁଳିକାଣ୍ଡ ପାଇଁ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ମଧ୍ୟ କେତେକ ଲେଖକ ତାଙ୍କ ପୁସ୍ତକରେ ଲିପିବଦ୍ଧ କରିଅଛନ୍ତି (୧୯)

---

(୧୬) ହିଷ୍ଟ୍ରି ଅଫ ଫ୍ରିଡ଼ମ୍ ମୁଭମେଣ୍ଟ ଅଫ ଓଡ଼ିଶା-୪ର୍ଥ ଖଣ୍ଡ-ପୃଷ୍ଠା ୫୫

(୧୭) ହାଇକୋର୍ଟ ରାୟ—ପରିଶିଷ୍ଟ ୨

(୧୮) ଇନକ୍ୱାଏରି କମିଟି ରିପୋର୍ଟ ପରିଶିଷ୍ଟ ୩

(୧୯) କେ. ଏମ୍. ପାତ୍ରଙ୍କ ଦ୍ୱାରା ଲିଖିତ ଓଡ଼ିଶା ଷ୍ଟେଟ ଲେଜିସଲେଚର ଏଣ୍ଡ ଫ୍ରିଡ଼ମ ଷ୍ଟ୍ରଗଲ—ପୃଷ୍ଠା ୧୯୨

Digitized by srujanika@gmail.com

ଏହି ପରିପେକ୍ଷୀରେ ଗୋଟିଏ କଥା ଏଡ଼ାଇ ଦିଆଯାଇ ନ ପାରେ । ଯଦି ତତ୍କାଳୀନ ପୋଲିସ ସବ୍‌ଇନସ୍‌ପେକ୍ଟର ଓ ତାଙ୍କର ସହକର୍ମୀବୃନ୍ଦ ନେତାମାନଙ୍କୁ ଧରିବା ଦିଗରେ ବା ଅନ୍ୟ କୌଣସି ଦମନମୂଳକ ପଦକ୍ଷେପ ଗ୍ରହଣ କରିବାରେ ନିଷ୍କ୍ରିୟ ହୋଇଥିଲେ, ତାହା ସମ୍ଭବତଃ ସେମାନଙ୍କର ଜାତୀୟତାଭାବ ପାଇଁ । ଏହାର ଗୋଟିଏ ଉଦାହରଣ ଦେଲେ ତାହା ଅପ୍ରାସଙ୍ଗିକ ହେବ ନାହିଁ । ସେତେବେଳେ ବାସୁଦେବପୁର ଥାନାର ରାଇଟର କନଷ୍ଟେବଲ ରୂପେ କାର୍ଯ୍ୟକରୁଥିଆନ୍ତି ବାସୁଦେବପୁର ଗ୍ରାମର ଆଦିକନ୍ଦ ମହାନ୍ତି । ସେ ଗୋପନୀୟଭାବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ତଥା ଥାନାରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ତତ୍କାଳୀନ କଂଗ୍ରେସ ନେତାମାନଙ୍କୁ ଜଣାଇ ତାଙ୍କୁ ପରୋକ୍ଷରେ ସାହାଯ୍ୟ କରିଥିବାର ତଥ୍ୟ ତାଙ୍କଠାରୁ ଜଣାଯାଏ । ଏହା ମଧ୍ୟ ଗଣେଶ ପ୍ରସାଦ ନିପାଠି ସ୍ୱୀକାର କରିଛନ୍ତି । ବିଶେଷତଃ ଥାନା ଭିତରେ ତାଙ୍କୁ ରଖାଯାଇଥିବା ସମୟରେ ସେ ଆଦିକନ୍ଦବାବୁଙ୍କର ସାହାଯ୍ୟ ପାଇ ନ ଥିଲେ ପାଣିଟୋପାଏ ନ ପାଇ ମୃତ୍ୟୁବରଣ କରିଥାଆନ୍ତେ ବୋଲି ସେ ମୋ ଆଗରେ କହିଛନ୍ତି । ଅବଶ୍ୟ ଆଦିକନ୍ଦବାବୁଙ୍କ ପାଖରେ ଏହି ଜାତୀୟତା ଭାବ ସୃଷ୍ଟି ହୋଇଥିଲା ତାଙ୍କର ପୃଷ୍ଠଭୂମି ପାଇଁ । ୧୯୪୧ ମସିହାରେ ମାଇନର ପାଶ୍ କରିବାପରେ ଗୌରାଙ୍ଗଚନ୍ଦ୍ର ମହାନ୍ତି, ଦୋଲଗୋବିନ୍ଦ ମହାପାତ୍ର, ଜୟକୃଷ୍ଣ ମହାପାତ୍ର ଓ ଉପେନ୍ଦ୍ର ସାହୁ ଆଦି ସଂଗ୍ରାମୀଙ୍କ ସହ ମିଶି ସେ କଂଗ୍ରେସରେ ଯୋଗ ଦେଇଥିଲେ । ବାସୁଦେବପୁରଠାରେ ଏକ କଂଗ୍ରେସ ଅଫିସ ନିର୍ମାଣ କରିବାରେ ସେ ମଧ୍ୟ ସାହାଯ୍ୟ କରିଥିଲେ । ଇତିମଧ୍ୟରେ ସରକାରଙ୍କର ବିଶ୍ୱାସଭାଜନ ହୋଇ ସ୍ୱତନ୍ତ୍ର ଦାୟିତ୍ୱ ତୁଲାଇବାରେ କେତେଜଣ ଲୋକ ଆବଶ୍ୟକ ପଡ଼ୁଥିବାରୁ ତତ୍କାଳୀନ ଏସ୍. ଡି. ଓ. ପୂର୍ଣ୍ଣଚନ୍ଦ୍ର ମହାନ୍ତି ତାଙ୍କୁ ଉକ୍ତ କାର୍ଯ୍ୟରେ ନିଯୁକ୍ତି ଦେଇଥିଲେ । ସେତେବେଳେ ତାଙ୍କର କଂଗ୍ରେସ ପ୍ରୀତି ତଥା ସରକାର ବିରୋଧୀ କାର୍ଯ୍ୟ କପରି ଏସ୍. ଡି. ଓ. ଜାଣି ନ ପାରି ତାଙ୍କୁ ନିଯୁକ୍ତି ଦେଇଥିଲେ ତାହା ମଧ୍ୟ ଚିନ୍ତାକରିବାର କଥା । ସେ ଯାହାହେଉ ଥାନାରେ ଆନ୍ଦୋଳନକାରୀଙ୍କୁ ଜଗିବା ଦାୟିତ୍ୱ ଆଦିକନ୍ଦବାବୁଙ୍କୁ ଦିଆଯାଇଥିଲା । ସେତେବେଳେ ବ୍ରାହ୍ମଣଗାଁରେ ସଭା ହେବାର ଥିଲା । ବେତଡ଼ାରେ ସଭାହେବ ବୋଲି ମିଛରେ ଡାଏରି କରି ସେ ପୋଲିସମାନଙ୍କୁ

Digitized by srujanika@gmail.com

ବିଭ୍ରାନ୍ତ କରିଥିଲେ । ତଦ୍ୱାରା ସେ ପରୋକ୍ଷରେ ନେତାମାନଙ୍କୁ ସାହାଯ୍ୟ କରିଥିବାର ଜଣାଯାଏ । ମାତ୍ର ସେହି ପୋଲିସ ବିଭାଗର ଅନ୍ୟତମ କର୍ମଚାରୀ ଡି.ଏସ୍.ପି. କୁଞ୍ଜବିହାରୀ ମହାନ୍ତି ଥିଲେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ । ତାଙ୍କ ଧମନୀରେ ଜାତୀୟତାର ରକ୍ତ ବୋଧହୁଏ ନ ଥିଲା । ସେହି ସମୟରେ ଅନୁରୂପ ଏକ ଘଟଣା ସଂଘଟିତ ହୋଇଥିଲା ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଦିନ ଯାଜପୁରଠାରେ । ସେଠାରେ ସରକାରଙ୍କର କଚେରୀକୁ ପ୍ରାୟ ୧୦,୦୦୦ ଲୋକ ଘେରିଥିଲେ । ମାତ୍ର ସେଠାକାର ପୋଲିସ ଅଫିସର ତଥା ଏସ୍. ଡି. ଓ. ଘଟଣାକୁ ଏପରି ଚତୁରତାର ସହିତ ପରିଚାଳନା କରିଥିଲେ ଯେ କୌଣସି ଗଣ୍ଡଗୋଳ ଉପୁଜି ନ ଥିଲା ବା ପୋଲିସଙ୍କୁ କୌଣସି ଆକ୍ରୋଶ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ି ନ ଥିଲା । ତାହା ସେ ସମୟର ସମ୍ବାଦପତ୍ରରୁ ଜଣାଯାଏ ।(୨୯) ଅବଶ୍ୟ ସବୁଲୋକ ସମାନ ନ ଥାନ୍ତି । ସମସ୍ତଙ୍କର ସେ ହୃଦୟ ନ ଥାଏ । କେହି ଲୋକ କ୍ଷମତାର ମୋହରେ ନର୍କରେ ପଛେ ସମ୍ରାଟ ହେବେ, ସ୍ୱର୍ଗରେ ପ୍ରଜା ହେବାକୁ ଚାହାନ୍ତି ନାହିଁ । କୁଞ୍ଜବାବୁ ଥିଲେ ତା'ର ଏକ ଜ୍ୱଳନ୍ତ ଉଦାହରଣ । ସେ ଥିଲେ ଏକ ପ୍ରକାରର ନରରୂପୀ ରାକ୍ଷସ । ସେହି ପ୍ରକାରର ଲୋକଙ୍କୁ ସଂସ୍କାରମୁଖୀ କରିବା ପାଇଁ ଭୀମଭୋଇ ଲେଖିଛନ୍ତି—"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ପାଉ" ।

ପରିଶେଷରେ ଇରମରେ ହୋଇଥିବା ଗୁଳିକାଣ୍ଡ ପାଇଁ ଉକ୍ତ ସ୍ଥାନକୁ ଭାରତର ଦ୍ୱିତୀୟ ଜାଲିଓ୍ୱାନବାଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜାଲିଓ୍ୱାନାବାଗକୁ ଛାଡ଼ିଦେଲେ ଗୁଳିକାଣ୍ଡ ଯୋଗୁଁ ଏକସଙ୍ଗରେ ଏତେ ସଂଖ୍ୟକ ଲୋକ ଭାରତର ଅନ୍ୟ କୌଣସି ସ୍ଥାନରେ ମୃତାହତ ହୋଇନାହାନ୍ତି । ଉଭୟ ସ୍ଥାନର ପରିବେଶ ଥିଲା ମଧ୍ୟ ପ୍ରାୟ ଏକ ପ୍ରକାର । ଜାଲିଓ୍ୱାନା-ବାଗପରି ଇରମରେ ମଧ୍ୟ ସେଦିନ ଲୋକ ଶାନ୍ତିପୂର୍ଣ୍ଣଭାବରେ ସଭା କରୁଥିଲେ । ବିଚଣା ଛଡ଼ାଇ ନେବା ବ୍ୟତୀତ ଅନ୍ୟ କୌଣସି ହିଂସାକାଣ୍ଡର ସେମାନେ ଆଶ୍ରୟ ନେଇଥିଲେ । ସେମାନେ ଜମିଦାର ବା ୟୁନିୟନ ପ୍ରେସିଡ଼େଣ୍ଟ, ବା

(୨୯) କେ. ଏମ୍. ପାତ୍ରଙ୍କ ଦ୍ୱାରା ଲିଖିତ ଓଡ଼ିଶା ଷ୍ଟେଟ ଲେଜିସଲେଚର ଏଣ୍ଡ ଫ୍ରିଡ଼ମ୍ ଷ୍ଟ୍ରଗଲ-ପୃ ୧୯୨

Digitized by srujanika@gmail.com

ପୋଲସକୁ ଆଘାତ କରିବା ଦୂରେ ଥାଉ କୌଣସି ତାଚ୍ଛଲ୍ୟମୂଳକ ମନ୍ତବ୍ୟ ମଧ୍ୟ ଦେଇ ନ ଥିଲେ । ଅନ୍ୟ ଏକ ଦୃଷ୍ଟିକୋଣରୁ ବିଚାର କଲେ ଜାଲିଆଁନାବାଗଠାରୁ ଇରମର ଘଟଣା ଥିଲା ଅଧିକ ମହତ୍ତ୍ୱପୂର୍ଣ୍ଣ । ଜାଲିଆଁନାବାଗଠାରେ ଲୋକେ ଜାଣି ନ ଥିଲେ ଯେ ସେଠାରେ ଗୁଳିଚାଳନା- ତେଣୁ ସେମାନେ ବହୁ ଅଧିକ ସଂଖ୍ୟାରେ ସମବେତ ହୋଇଥିଲେ । ମାତ୍ର ଇରମଠାରେ ଗୁଳିକାଣ୍ଡର ଦ୍ୱିତୀୟ ପର୍ଯ୍ୟାୟରେ ଲୋକ ଜାଣିଥିଲେ ଯେ ପୁନର୍ବାର ଗୁଳିହେବ ଓ କିଛି ଲୋକ ମୃତ୍ୟୁମୁଖରେ ପଡ଼ିବେ । ତାହା ଜାଣି ସୁଦ୍ଧା ସେମାନେ ସଭାସ୍ଥଳ ଛାଡ଼ି ଯାଇ ନ ଥିଲେ । ତାହା ଥିଲା ଇରମ ଗୁଳିକାଣ୍ଡର ବୈଶିଷ୍ଟ୍ୟ ଓ ମହାମାନ୍ୟତା । ସଂଗ୍ରାମର ଗୌରବ ଗାରିମାମୟ ଇତିହାସରେ ଇରମ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ।

●

Digitized by srujanika@gmail.com

ସପ୍ତମ ଅଧ୍ୟାୟ

ନରସଂହାର ପରେ ତାଣ୍ଡବ ଲୀଳା

ଜଘନ୍ୟ ନରସଂହାର ପରେ ଅଗଷ୍ଟ ବିପ୍ଳବ ନାଟକଟିର ବିରତି ହୋଇଥିଲା । ପରେ ପରେ ଉନ୍ମୋଚିତ ହୋଇଥିଲା ଏହାର ଅନ୍ୟ ଏକ ମର୍ମନ୍ତୁଦ ଅଙ୍କ । ବାସ୍ତବପକ୍ଷେ ଇରମ ତଥା ବାସୁଦେବପୁର ଥାନାର ଇତିହାସରେ ଏହା ଥିଲା ଅନ୍ୟ ଏକ ଅଭିଶପ୍ତ ଅଧ୍ୟାୟ । ଗୁଳିକାଣ୍ଡର ଠିକ୍ ପରେ ପରେ ଆରମ୍ଭ ହୋଇଥିଲା ପୋଲିସଙ୍କ ଦମନୀତିର ନାରକୀୟ କାଣ୍ଡ । 'ଏକସ୍ୟ ଦୁଃଖସ୍ୟ ନଯାବଦନ୍ତମ୍, ତାବତ୍ ଦ୍ୱିତୀୟଂ ସମୁପସ୍ଥିତ ମେ' । ଗୋଟିଏ ଦୁଃଖ ନ ଯାଉଣୁ ଦ୍ୱିତୀୟ ଦୁଃଖଟି ଆସି ପହଞ୍ଚିଥିଲା । ସେତେବେଳେ ଜଣାପଡୁଥିଲା ସତେଯେପରି ପୋଲିସ ଉନ୍ମତ୍ତ ହୋଇ ତାଣ୍ଡବଲୀଳା ରଚନା କରିବାପାଇଁ ବଦ୍ଧପରିକର । ଏହି ଲୀଳା ଆରମ୍ଭ ହୋଇଥିଲା ଇରମରୁ ।

ସେତେବେଳେ ଇରମ ଅଞ୍ଚଳର ମୃତ୍ୟବ୍ୟକ୍ତିଙ୍କ ଆତ୍ମୀୟ ସ୍ୱଜନଙ୍କର ବୁକୁଫଟା କାନ୍ଦ ବୋବାଳି ବନ୍ଦ ହୋଇ ନ ଥାଏ । ଆହତ ବ୍ୟକ୍ତିଙ୍କ କ୍ଷତସ୍ଥାନରୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ରକ୍ତ ବନ୍ଦ ହୋଇ ନ ଥାଏ । ସେହି ସମୟରେ ଆରମ୍ଭ ହୋଇଥିଲା ପୁଲିସଙ୍କର ଜୁଲମ । କ୍ଷତ ସ୍ଥାନରେ ଲୁଣ ଲଗାଇବା ପରି ଏହା କେତେ ଯେ ଯନ୍ତ୍ରଣାଦାୟକ ହୋଇଥିବ, ତାହା ବେଶ୍ ଅନୁମେୟ । ପୋଲିସ କନଷ୍ଟେବଲ ଓ ଚୌକିଦାର ଗାଁ ଗାଁରେ ବୁଲି ଅତ୍ୟାଚାର ଆରମ୍ଭ କରିଥିଲେ । ତାହା ସାଙ୍ଗକୁ ସେହି ସମୟରେ ଉଡ଼ାଜାହାଜ ବହୁ ସମୟରେ ଘରର ଚାଳକୁ ଲାଗି ଉଡ଼ୁଥିବାର ଦେଖି ଲୋକମାନଙ୍କ ହୃଦୟରେ ଅଧିକ ଭୟ ସଞ୍ଚାର ହୋଇଥିଲା । ଉକ୍ତ ଜୁଲମର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦେଇ କେତେକ କହନ୍ତି ଯେ ପୋଲିସ ଅତ୍ୟାଚାରରେ ଭୟଭୀତ ହୋଇ ଲୋକମାନେ ପିଲାଛୁଆ ଧରି ଅଦୁଆଁ ଗ୍ରାମର ନିକଟବର୍ତ୍ତୀ ଜଙ୍ଗଲକୁ ପଳାଇ ଯାଇଥିଲେ । ଏପରିକି ସେଠାରେ ଗର୍ଭବତୀ ମହିଳା ସନ୍ତାନ ପ୍ରସବ କରିଥିବାର ଜଣାଯାଏ । ଏଣେ ଗାଁ ଗୁଡିକ ଲୋକେ ପଳାଇଗଲା ପରେ ଜନଶୂନ୍ୟ ଘରେ ପୋଲିସ ପଶି ଦୁଧ, ଘିଅ, ଚାଉଳ, ଛେଳି, କୁକୁଡ଼ା ଆଦି

Digitized by srujanika@gmail.com

ନେଇଯାଇ ପ୍ରତ୍ୟହ ଭୋଜଭାତ କରି ମଉଜ ମଜଲିସରେ ଦିନ ବିତାଇବାକୁ ଲାଗିଲେ । ପରଧନରେ ସେମାନେ କଲେ ମଙ୍ଗଳବାର । ପ୍ରକୃତ ପକ୍ଷେ ବିଗଡ଼ି କପାଳକୁ ଶିକା ଛିଣ୍ଡିଲା ପରି ସେମାନଙ୍କ ପାଇଁ ଏହା ଥିଲା ପୁଷମାସ । ସତେ ଯେପରି ମନେହେଉଥିଲା ପ୍ରାଚୀନ ଯୁଗରେ ରୋମନଗରୀ ଅଗ୍ନି-କାଣ୍ଡରେ ଭସ୍ମୀଭୂତ ହେଉଥିବା ସମୟରେ ସେଠାକାର ଅତ୍ୟାଚାରୀ ସମ୍ରାଟ ନିରୋଙ୍କ ପରି ଆନନ୍ଦ ବିହ୍ୱଳରେ ସେମାନେ ଭୋଜିଭାତ କରି ଖାଉଛନ୍ତି । ଖାଦ୍ୟପଦାର୍ଥ ନେବା ବ୍ୟତୀତ ଘରେ ଗୁଣ୍ଡିଯାଇଥିବା ଅନ୍ୟାନ୍ୟ ଜିନିଷକୁ ପୋଲିସମାନେ ମଧ୍ୟ ଆତ୍ମସାତ କରିଥିଲେ । ଏତଦ୍‌ବ୍ୟତୀତ ଯେଉଁଘରେ ଲୋକେ ରହିଯାଇଥିଲେ ସେଠାରେ ପୋଲିସ ପଶି ଅଯଥାରେ ପରିବାରର ସଦସ୍ୟମାନଙ୍କୁ ନାନାଦି ଭର୍ତ୍ସନା କରିଥିଲେ । ସଦେଇପଡ଼ା ଗ୍ରାମର ସୁଧାକର ତ୍ରିପାଠୀଙ୍କ ଘରେ ପୋଲିସ ପଶି ତାଙ୍କ ସ୍ତ୍ରୀ ରମାଦାସୀ ତ୍ରିପାଠୀଙ୍କୁ ଭର୍ତ୍ସନା କରି 'ସୁଧା ତ୍ରିପାଠୀ କାହାନ୍ତି' ବୋଲି ପଚାରିବାରୁ ତାଙ୍କ ସ୍ତ୍ରୀ ସାହସର ସହିତ ଏହାର ପ୍ରତିବାଦ କରିବାରୁ ସେମାନେ ଲାଲ୍ ଆଖି ଦେଖାଇ ଚାଲିଆସିଥିବା ବିଷୟ ପ୍ରଭାକର ତ୍ରିପାଠୀଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀରୁ ଜଣାଯାଏ । କେତେକ କ୍ଷେତ୍ରରେ ପୋଲିସ ଘରେ ପଶି ପରିବାରର ଆତ୍ମୀୟ ସ୍ୱଜନଙ୍କୁ ପ୍ରହାର କରିବା ସଙ୍ଗେ ସଙ୍ଗେ ନିଜ ବୁଟ୍ ଓ ବନ୍ଧୁକ ବଟମରେ ପିଟିଥିଲେ ବୋଲି ଲୋକେ କହନ୍ତି । ଏହାର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦେଇ ମଧୁସୂଦନ ରାୟ ଲେଖିଛନ୍ତି—

"ପରାଣ ବିକଳେ ସବୁ ପଳାଇଲେ
ଦୂର ଦୂରାନ୍ତର ପ୍ରିୟ ବନ୍ଧୁ ଆଳେ ।
ଧାନ୍ୟକ୍ଷେତ ହେଲା ଲୋକର ବସତି
ବଣ ଜଙ୍ଗଲରେ କେତେ ଲୁଚୁଛନ୍ତି ।
ଦେଖି ସେ ନିର୍ଦ୍ଦୟ ପଶୁ ଅତ୍ୟାଚାର
ଭୟେ ଗର୍ଭସ୍ରାବ ହେଲା ଗର୍ଭିଣୀର
ସୁଯୋଗ ପାଇଲେ ପୁଲିସ ଫଉଜ ।
ଗ୍ରାମେ ଗ୍ରାମେ ହେଲା ବଡିଆ ମଉଜ
ବଳି ହେଲା ନିତି ଶତ ଛାଗମୁଣ୍ଡ
ଜଳଖିଆ ତାଙ୍କ ହେଲା କୁକ୍କୁଟାଣ୍ଡ ।

Digitized by srujanika@gmail.com

ବନ୍ଧନେଲେ ଘରୁ ଘୃତର ମାଠିଆ
ଖୋଟ ଗୁଣି ବୋହି ନେଲେ ସେ ଗୁଡିଆ ।" (୧)

ଅତ୍ୟାଚାରର ଏପରି ବୃଦ୍ଧି ପାଇଥିବାର ଦେଖି ସେଥିରୁ ମୁକ୍ତି ପାଇବା ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଇରମ ଗ୍ରାମର ବିପଦଭଞ୍ଜନ ମହାନ୍ତି ଓ ବିନୋଦ ବିହାରୀ ବିଶାଠୀ ପୋଲିସ ସି. ଆଇ. ଡି. ରୂପେ କାର୍ଯ୍ୟ କରିବା ପାଇଁ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ଭିତରି ଉଦ୍ଦେଶ୍ୟ ଥିଲା ପୋଲିସ-ମାନଙ୍କର ଦମନମୂଳକ କାର୍ଯ୍ୟକ୍ରମ ଜାଣି ସେ ବିଷୟରେ ଲୋକଙ୍କୁ ଅଭିହିତ କରାଇବା । ବାସ୍ତବ ପକ୍ଷେ ବିପଦ ସମୟରେ ଦରଦ ଓ ସ୍ୱେଚ୍ଛାକୃତ ସାହାଯ୍ୟ ପାଇଁ ସେମାନେ ଅଭିନନ୍ଦନୀୟ । କାଳକାଳକୁ ସେମାନଙ୍କ ନିକଟରେ ଇରମବାସୀ ଋଣୀହୋଇ ରହିଥିବେ ।

ଏହା ଯେ ଥିଲା କେବଳମାତ୍ର ଇରମର ମର୍ମନ୍ତୁଦ କାହାଣୀ, ତା' ନୁହେଁ । ବାସୁଦେବପୁର ଥାନାର ବିଭିନ୍ନ ଗ୍ରାମରେ ଏହାର ପୁନରାବୃତ୍ତି ହୋଇଥିଲା । ଆମ ଗ୍ରାମ ରାଧାବଲ୍ଲଭପୁରରେ ପୋଲିସମାନେ ଯାଇ କିପରି କଲୁଆଭୟ ସୃଷ୍ଟି କରିଥିଲେ ତାହା ଏବେ ମଧ୍ୟ ମୋର ସ୍ମୃତିପଟରେ ଅମ୍ଳାନ ହୋଇ ରହିଛି । ଦିନେ ଚୌକିଦାର ସହ ଜଣେ ପୋଲିସ କନେଷ୍ଟବଲ ଆସି ପ୍ରଥମେ ଆମଘର ପିଣ୍ଡାତଳେ ପଡ଼ିଥିବା ପଥର ଉପରେ ବାଡ଼ିଟି ପିଟି ମୋ'ର ପାଳିତ ପିତା ରଘୁନାଥ ପଟ୍ଟନାୟକଙ୍କୁ ତାଚ୍ଛଲ୍ୟରେ କହିଥିଲେ— "ଦେଖ ପୁଅ, ସବୁଆଡ଼େ କହିଦେ, ଆଉ ଯଦି କେହି ଆନ୍ଦୋଳନରେ ମାତିବେ ତେବେ ପ୍ରଥମେ ତାଙ୍କ 'ମାଇପଙ୍କ ହାତରୁ କାଚ ବାହାର କରି ଦେଇଯିବେ । ଦେଖିଲୁତ ଇରମରେ କଣହେଲା ? ସେତେବେଳେ ମୁଁ ଡ଼ରରେ ଘରକୁ ପଶି କବାଟ ସେପଟରେ ଠିଆହୋଇ ଶୁଣୁ ଥିଲି । ଏହିପରି ଭାବେ ଗୁଳିକାଣ୍ଡ ପରେ ସମଗ୍ର ବାସୁଦେବପୁର ଥାନାରେ ଏକପ୍ରକାର ଆତଙ୍କ ଶାସନର କଳାବଉଦ ଘୋଟିଯାଇଥିଲା । ସେତେବେଳେ ଗୌରାଙ୍ଗଚନ୍ଦ୍ର ମହାନ୍ତି ନିଜର ବାସଗୃହକୁ ସତ୍ୟାଗ୍ରହ ଶିବିରରେ ପରିଣତ କରାଇଥାନ୍ତି । ଉକ୍ତ ଶିବିର ୧୯୪୨ ମସିହା ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର

---

(୧) ଇରମ କାହାଣୀ ପୃଷ୍ଠା ୧୫

Digitized by srujanika@gmail.com

୨୭ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ଗୁଳିକାଣ୍ଡ ପରେ ସତ୍ୟାଗ୍ରହୀ-ମାନଙ୍କୁ ଆଶ୍ରୟଦେବା ଥିଲା ଉକ୍ତ ଶିବର ସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ ।

ବାସୁଦେବପୁର ଥାନାର ଅଧିବାସୀଙ୍କ ଘୋର ଦୁର୍ଦ୍ଦିନରେ ସେମାନଙ୍କ ନିକଟରେ ଠିଆହୋଇ ସାନ୍ତ୍ୱନା ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ତିନିଜଣଙ୍କ ନାମ ଉଲ୍ଲେଖଯୋଗ୍ୟ । ତନ୍ମଧ୍ୟରୁ ପ୍ରଥମେ ବ୍ୟକ୍ତି ଥିଲେ ଭଦ୍ରକର ଲବ୍ଧପ୍ରତିଷ୍ଠ କର୍ମୀ ଗୋକୁଳାନନ୍ଦ ମହାନ୍ତି । ସେପ୍‌ଟେମ୍ବର ତା ୩୦ରିଖ ଦିନ ଶୋକାଭିଭୂତ ହୋଇ ସେ ପହଞ୍ଚିଲେ ଲୋକମାନଙ୍କ ପାଖରେ । ଇରମ ସମେତ ଅନ୍ୟାନ୍ୟ ଗାଁକୁ ଯାଇ ସେ ଲୋକମାନଙ୍କୁ ସାନ୍ତ୍ୱନା ଦେଇଥିବାର ଦେଖାଯାଇଥିଲା । ପରେ ପରେ ଭଣ୍ଡାରି ପୋଖରୀ ଥାନା ଅନ୍ତର୍ଭୁକ୍ତ ମାଳଦା ଗ୍ରାମର ଧନେଶ୍ୱର ଦାସ ଲୁଗାପଟା ଧରି ଗାଁ ଗାଁରେ ବୁଲି ତାହା ବିତରଣ କରିଥିଲେ । ପରିଶେଷରେ ଆସିଥିଲେ ବାଲେଶ୍ୱର ଜିଲ୍ଲାବୋର୍ଡ଼ ଚେୟାର-ମେନ ଅନନ୍ତପୁର ଗ୍ରାମର ସତ୍ୟନାରାୟଣ ଦାସ । ସେ ଥିଲେ ତତ୍କାଳୀନ ଜିଲ୍ଲା କଂଗ୍ରେସ କମିଟିର ଜନୈକ ବରେଣ୍ୟ ନେତା । ସେ ଇରମସ୍ଥିତ ବାଞ୍ଛାନିଧିବାବୁଙ୍କ ଘରେ କେତେଦିନ ରହି ଗାଁକୁ ଗାଁ ଯାଇ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ଆତ୍ମୀୟସ୍ୱଜନଙ୍କୁ ଅଧୈର୍ଯ୍ୟ ନହେବା ପାଇଁ ସାନ୍ତ୍ୱନାଦେବା ସଙ୍ଗେ ସଙ୍ଗେ ତାଙ୍କର ତ୍ୟାଗ, ଶୌର୍ଯ୍ୟ ଓ ବୀର୍ଯ୍ୟ ପାଇଁ ସେମାନେ କିପରି ଅମରତ୍ୱ ପ୍ରାପ୍ତ ହୋଇଛନ୍ତି ତାହା ସେମାନଙ୍କୁ ବୁଝାଇଥିଲେ । ବାସ୍ତବପକ୍ଷେ ଦୁର୍ଦ୍ଦିନର ଅମାରଜନୀର ଘୋର ଅନ୍ଧକାରରେ ବିତାଉଥିବା ଅଧିବାସୀଙ୍କ ପାଇଁ ସେମାନଙ୍କର ପ୍ରେରଣା, ସାନ୍ତ୍ୱନା ଓ ସାହାଯ୍ୟ ସେମାନଙ୍କର ଦୁଃଖ ଲାଘବ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ମନୋବଳ କେତେ ଯେ ଦୃଢ଼ କରିଥିବ; ତାହା ବେଶ୍ ଅନୁମେୟ । ପୁନଶ୍ଚ ସେମାନେ ଆସି ପୋଲିସକୁ ସତର୍କ କରାଇବା ଦ୍ୱାରା ସେମାନଙ୍କର ଅତ୍ୟାଚାର ବହୁ ପରିମାଣରେ ହ୍ରାସ ପାଇଥିବାର ଜଣାଯାଏ । ବିପଦ ସମୟରେ ମଣିଷ ସାନ୍ତ୍ୱନା ଚାହେଁ । ତାହା ସେହିସମୟରେ ତା' ପାଇଁ ଅତି ଦୁର୍ମୂଲ୍ୟ । ତାହା ଦେଇ ଉପରୋକ୍ତ ନେତାମାନେ ନିଜନିଜର ବଳିଷ୍ଠ ବ୍ୟକ୍ତିତ୍ୱ ତଥା ମାନବିକତାବୋଧର ପରିଚୟ ଦେଇଛନ୍ତି । ତେଣୁ ସେମାନେ ସମସ୍ତଙ୍କର ନମସ୍ୟ ଓ ସ୍ମରଣୀୟ ।

କେବଳ ସେତିକି ନୁହେଁ, ଅତ୍ୟାଚାର ସହିତ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା ବ୍ୟାପକ ଗିରଫଦାରି । ପ୍ରଥମେ ପୂର୍ବୋକ୍ତଗଡରେ ଥିବା

Digitized by srujanika@gmail.com

ନେତାମାନଙ୍କୁ ଖୋଜାଗଲା । ତନ୍ମଧ୍ୟରୁ ପ୍ରଥମେ କମଳା ପ୍ରସାଦ କରଙ୍କ ଗିରଫ ବିଷୟରେ କୁହାଯାଉ । ଗୁଳିହେବା ଦିନଠାରୁ ତାଙ୍କୁ ଗିରଫ କରିବା ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ଏକ ରୋମାଞ୍ଚକର କାହାଣୀ । ଗୁଳିହେବା ଦିନ ରାତି ୧୨ଟାରେ ସେ ବାଞ୍ଛାନିଧିବାବୁଙ୍କ ଘର ଛାଡ଼ି ନିଜଗାଁ ଶଙ୍ଖାରୁକୁ ଯିବା ବାଟରେ କୁମାରପୁର ଗାଁରେ ରାତିଟା କଟାଇଥିଲେ । ୨୯ ତାରିଖ ଦିନ ସେ ନିଶାକର ରାଉତଙ୍କ ସଙ୍ଗେ ଲୁଚିଛପି ଯାଇ ବରଣ୍ଡିଆରେ ଗୌରାଙ୍ଗ ମହାନ୍ତିଙ୍କ ଘରେ ଦିନ ୨ଟା ସମୟରେ ପହଞ୍ଚିଥିଲେ । ମାତ୍ର ଗୌରାଙ୍ଗବାବୁ ସେତେବେଳେ ଥାନା ପୋଡ଼ିବାକୁ ଆସିଥିବାରୁ ତାଙ୍କୁ ଘରେ ଅନୁପସ୍ଥିତ ରହିଥିବାର ଦେଖି ସେ ସେଠାରୁ ଆସି ବାଖରପୁରର ଦୁର୍ଗାଚରଣ ମହାନ୍ତିଙ୍କ ଘରେ ରାତିରେ ରହିଥିଲେ । ତା'ପରଦିନ ସକାଳେ ଗୁଆଁଗାଁର ରାଧାଶ୍ୟାମ ନାୟକଙ୍କୁ ଖବର ଦେଇ ତାଙ୍କ ସହିତ କେତଡ଼ା ଆଡ଼କୁ ଯାଉଥିବା ସମୟରେ ବାଟରେ ଶୁଳପାଟଠାରେ ଗୋକୁଳାନନ୍ଦ ମହାନ୍ତି ଓ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ସେହିଠାରେ କମଳାପ୍ରସାଦ କର ସଭା ଛାଡ଼ି ଚାଲିଆସିଥିବାରୁ ଗୋକୁଳାନନ୍ଦବାବୁ ତାଙ୍କ ଉପରେ ଅସନ୍ତୁଷ୍ଟ ହେବା ସଙ୍ଗେ ସଙ୍ଗେ ତୁରନ୍ତ ପୋଲିସ ନିକଟକୁ ଯାଇ ସ୍ୱେଚ୍ଛାକୃତ ଭାବେ ଗିରଫ ହେବାପାଇଁ ପରାମର୍ଶ ଦେଇଥିଲେ । ମାତ୍ର ଉକ୍ତ ପରାମର୍ଶ ଗ୍ରହଣ ନ କରି ସେ ଲୁଚି ଛପି ଲୋକଙ୍କର ମନୋବଳ ବୃଦ୍ଧି କରାଇବା ଦିଗରେ ବ୍ରତୀ ହୋଇଥିଲେ । ପୋଲିସଠାରେ ଆତ୍ମସମର୍ପଣ ନକରି ନୈତିକ ଦୃଷ୍ଟିକୋଣରୁ ଲୋକମାନଙ୍କ ଗହଣରେ ରହି କାର୍ଯ୍ୟ କରିବା ଅଧିକ ଶ୍ରେୟସ୍କର ବୋଲି ଚିନ୍ତାକରି ସେ ଏହା କରିଥିବାର କୁହାଯାଏ । ଇତିମଧ୍ୟରେ ପୋଲିସ ଗିରଫ କରିବାପାଇଁ ତାଙ୍କ ଗାଁରେ ପହଞ୍ଚିଲେ । ସେଠାରେ ପ୍ରଥମେ ସେମାନେ ତାଙ୍କ ଭଉଣୀଙ୍କୁ ଡାକି ପଚାରିଥିଲେ, "ଶଳା ବେଧା କମଳା ଯେ ଏତେ ଲୋକଙ୍କୁ ମରାଇଦେଲା, ସେ ଗଲା କୁଆଡ଼େ ?" ମାତ୍ର ତାଙ୍କ ଭଉଣୀ ସେଥିରେ ଦବି ନ ଯାଇ ନିର୍ଭୀକ ଭାବରେ ଉତ୍ତର ଦେଇଥିଲେ, "ତୁମେ ତାକୁ ଶଳା ବେଧା କାହିଁକି କହୁଛ—ତୁମେ କଣ ତା ଭଉଣୀକୁ ବାହା ହୋଇଛ ? ତୁମେ ଯେ ତାକୁ ଦୋଷ ଦେଉଛ, ସେ କଣ ଲୋକଙ୍କୁ ମାରିଛି ?" ସେମାନେ ତାଙ୍କଠାରୁ ଏପ୍ରକାର ଉତ୍ତର ଆଶା କରି ନ ଥିଲେ । ତେଣୁ ପୋଲିସ ବିଫଳ-ମନୋରଥ ହୋଇ ଫେରିଆସିବା ପୂର୍ବରୁ ତାଙ୍କୁ ଚେତାବନୀ ଶୁଣାଇ କହି

Digitized by srujanika@gmail.com

ଆସିଥିଲେ "ତୁ ସବୁ କମଳାକୁ ୨୪ ଘଣ୍ଟା ମଧ୍ୟରେ ଆଣି ହାଜର ନକରାଉ ତେବେ ତାକୁ ପରେ ଆମେ ଯେତେବେଳେ ପାଇବୁ, ସାଙ୍ଗେ ସାଙ୍ଗେ ଗୁଳିକରି ଉଡ଼େଇଦେବୁ ।" ଏହା ପ୍ୟାରୀବାବୁଙ୍କ ଚିଠିରୁ ଜାଣିବାକୁ ମିଳେ । (୨)

ସେହି ସମୟରେ କମଳାବାବୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଅକ୍ଟୋବର ତା ୨ରିଖ ଦିନ ଗୁଡ଼ରେ ସଭା କରୁଥାଆନ୍ତି । ସାଙ୍ଗରେ ଥାଆନ୍ତି ଗୌରାଙ୍ଗଚନ୍ଦ୍ର ମହାନ୍ତି ଓ ଜଗବନ୍ଧୁ ପାଣିଗ୍ରାହୀ । ସେତେବେଳେ ଖବର ପାଇଲେ ଯେ ପୋଲିସ ସଭାସ୍ଥଳକୁ ଆସୁଛନ୍ତି ସେମାନଙ୍କୁ ଗିରଫ କରିବା ପାଇଁ । ତେଣୁ ସେ ୩ଜଣ ଗୋଟିଏ ଗଛ ଉପରକୁ ଚଢ଼ିଯାଇ ନିଜ ନିଜର ଦେହରେ ଡ଼ାଳ ପତ୍ର ଘୋଡ଼ାଇ ଦିନଟିଏ ଲୁଚି ରହିଥିବାର ଜଣାଯାଏ । ଅକ୍ଟୋବର ତା ୩ରିଖ ଦିନ ଗୌରାଙ୍ଗବାବୁଙ୍କ ସହ କମଳାବାବୁ ନିଜଗ୍ରାମ ଶଙ୍ଖାରୁକୁ ଯାଇ ରାତିଟିଏ ବିତାଇଥିଲେ । ଏହି ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ । ଅସୁସ୍ଥ ଅବସ୍ଥାରେ ସେ ବାଲେଶ୍ୱର ଯାଇ ଗୋପାଳ ଗାଁସ୍ଥିତ ପ୍ୟାରୀମୋହନ ଦାସଙ୍କ ଘରେ ପହଞ୍ଚିଲେ । ସେଠାରେ ପ୍ୟାରୀବାବୁ ତାଙ୍କର ବାଳ, ନିଶ କଟାଇ ମୁହଁରେ ଏକ କାଳ୍ପନିକ ଭଉଗୁଣ୍ଡ ତିଆରି କରାଇ ଉତ୍ତର ବାଲେଶ୍ୱର ସ୍ଥିତ ଝାଡ଼ପିପ୍ପଳ ଆଶ୍ରମକୁ ତାଙ୍କୁ ପଠାଇ ଦେଇଥିଲେ । ଏପରି ଏକ ବେଶ କରାଯାଇଥିଲା ପୋଲିସଙ୍କ ଦୃଷ୍ଟିକୁ ଏଡ଼ାଇବା ପାଇଁ । ଉକ୍ତ ଆଶ୍ରମରେ ବାଲେଶ୍ୱର ଜିଲ୍ଲାର ଆନ୍ଦୋଳନର ଅନ୍ୟତମ ଅଗ୍ରଦୂତ ଗୌରଚନ୍ଦ୍ର ଦାସ ରହିଥାଆନ୍ତି । ସେଠାରେ ଚିକିତ୍ସା ପରେ କମଳାବାବୁଙ୍କର ଜ୍ୱର ଛାଡ଼ିଗଲାରୁ ସେ ଜଲେଶ୍ୱର ଷ୍ଟେସନରେ ରେଲଗାଡ଼ି ଚଢ଼ି ବାଲେଶ୍ୱରରେ ପହଞ୍ଚି ପ୍ୟାରୀବାବୁଙ୍କ ଘରକୁ ଯାଇଥିଲେ । ସେତେବେଳେ ପ୍ୟାରୀମୋହନ ଦାସଙ୍କ ଘରେ ରୋଷେଇଆ ରୂପେ କାର୍ଯ୍ୟ କରୁଥିବା ଜଣେ ଲୋକକୁ ତତ୍କାଳୀନ ଇନ୍‌ସପେକ୍ଟର ଗୁପ୍ତଚରଭାବେ ନିଯୁକ୍ତ କରିଥିଲେ । କମଳାବାବୁଙ୍କର ଆଗମନ ବିଷୟରେ ସେ ବାଲେଶ୍ୱର ଥାନାକୁ ଜଣାଇ-ଦେଇଥିଲେ । ଏହା କମଳାବାବୁ ଜାଣିପାରି ପ୍ୟାରୀବାବୁଙ୍କ ଘର ଛାଡ଼ି ବାଲିଖଣ୍ଡ ଗ୍ରାମର ଓକିଲ ନବକିଶୋର ଦାସଙ୍କ ଘରେ ରହିଥିଲେ । ପୁନଶ୍ଚ ସେଠାରୁ ଯାଇ ସେ ସୋରିଷପୁରର ମାତାମଠ ନିକଟରେ ରାମଚନ୍ଦ୍ର ଦାସଙ୍କ

---

(୨) ପ୍ୟାରୀମୋହନ ଦାସଙ୍କର ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପାଖକୁ ଚିଠି-ପରିଶିଷ୍ଟ ୪

Digitized by srujanika@gmail.com

ଘରର ଘଣ୍ଟିଏ କଟାଇଥିଲେ । ଏହି ସମୟରେ କଲିକତାର ଅନ୍ନଦାଶଙ୍କର ରାୟ ଇଉମ ଗୁଳିକାଣ୍ଡରେ ମୃତ ବ୍ୟକ୍ତିଙ୍କ ଆତ୍ମୀୟ ସ୍ୱଜନଙ୍କ ପାଇଁ କିଛି ଟଙ୍କା ପଠାଇବା ପାଇଁ କମଳାବାବୁଙ୍କ ଖବର ପଠାଇଥିଲେ । ଉକ୍ତ ଲୋକ ଭଦ୍ରକରୁ ସୋରୋ ଷ୍ଟେସନକୁ ଆସି ସେଠାରୁ ସେ ଅନନ୍ତପୁର ଘାଟରେ ପହଞ୍ଚିବେ ବୋଲି ସ୍ଥିର ହୋଇଥିଲା । ତାଙ୍କୁ ଚିହ୍ନିବା ପାଇଁ ସଙ୍କେତ ରୂପେ ସେ ନିଜ ଗୁଣ୍ଡରେ ଗୋଲାପ ଫୁଲ ମାରିଥିବା ବିଷୟରେ ମଧ୍ୟ ଜଣାଇ-ଦିଆଯାଇଥିଲା । ଏଆଡ଼ୁ କମଳାବାବୁ ବାଲେଶ୍ୱରରୁ ଯାଇ ଅନନ୍ତପୁର ଘାଟରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ସେ ବାଲେଶ୍ୱର ଷ୍ଟେସନରେ ଭୋରଗାଡ଼ି ନପାଇ ପରବର୍ତ୍ତୀ ଗାଡ଼ିରେ ସୋରୋ ଆସିବାପାଇଁ ସ୍ଥିର କରିଥିଲେ । ସେଦିନ ଉକ୍ତ ଗାଡ଼ି ଆସିବାରେ ବିଳମ୍ବ ହୋଇଥିଲା । ଇତିମଧ୍ୟରେ ବାଲେଶ୍ୱର ଷ୍ଟେସନରେ ତାଙ୍କର ଜଣେ ପରିଚିତ ବ୍ୟକ୍ତି ସରଳ ବିଶ୍ୱାସରେ ଜନୈକ ଗୋଇନ୍ଦା ପୋଲିସ ସମ୍ମୁଖରେ କମଳାବାବୁଙ୍କ ଆଗମନ ବିଷୟରେ ଜଣାଇଥିଲେ ବୋଲି ସେ କହିଥାଆନ୍ତି । ଫଳରେ ସୋରୋ ଷ୍ଟେସନକୁ ପୋଲିସ ଜଗିନେଇଥିଲେ । ସେତେବେଳକୁ କମଳାବାବୁଙ୍କୁ ଧରିଦେବାପାଇଁ ସରକାରଙ୍କ ପକ୍ଷରୁ ଟ ୫୦୦୦ ପୁରସ୍କାର ଘୋଷଣା କରାଯାଇଥିଲା । ଏହା ଥିଲା ଅକ୍ଟୋବର ୬ ତାରିଖର ଘଟଣା । ସେଦିନ ସୋରୋ ଷ୍ଟେସନରେ ତାଙ୍କୁ ପୋଲିସ ଗିରଫକରି ଥାନାକୁ ନେଇଯାଇଥିଲେ ବୋଲି ସମ୍ବାଦପତ୍ରରୁ ଜଣାଯାଏ । (୩) ଥାନା ମଧ୍ୟରେ ତାଙ୍କୁ ବନ୍ଧୁକମାଡ଼ ମାରି ତାଙ୍କର ହାତଗୋଡ଼ ଭାଙ୍ଗିବା ସମେତ ବହୁ ବିଭିନ୍ନ ପ୍ରକାରର ଯନ୍ତ୍ରଣା ଦିଆଯାଇଥିଲା । ଏପରିକି ବିଭିନ୍ନ ଖଞ୍ଜାରେ ବୁଟ୍‌ଭୁଷା-ମାରି ତାଙ୍କୁ ଅଚଳକରି ପକାଇଥିଲେ । ବର୍ତ୍ତମାନ ସୁଦ୍ଧା ସେ ସବୁର ଜଖମ ରହିଛି । ଏବେ ମଧ୍ୟ ଭଲଭାବରେ ସେ ଚାଲିପାରୁ ନାହାନ୍ତି ବୋଲି ସେ କହିଥାଆନ୍ତି । ସୋରୋ ଥାନାରୁ ତାଙ୍କୁ ଭଦ୍ରକ ଜେଲ ଓ ତାପରେ ବାଲେଶ୍ୱର ଜେଲକୁ ପଠାଇ ଦିଆଯାଇଥିଲା । ଇତିମଧ୍ୟରେ ତାଙ୍କର ବିଚାର ହୋଇ ସେ ୧୪ ବର୍ଷ ୧୧ ମାସ ୧୫ ଦିନ ଜେଲଦଣ୍ଡ ପାଇଥିଲେ । ତାପରେ ତାଙ୍କୁ କଟକ ଜେଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ତାଙ୍କୁ ଜଣେ ବିପଦଜ୍ଜନକ କଏଦୀ ବୋଲି କହି ତାଙ୍କ ଗୋଡ଼ ହାତରେ ବେଡ଼ି ଦେଇ ସାତ

---

(୩) ୧୯୪୨ ମସିହା ୩୦ ଅକ୍ଟୋବରର 'ସମାଜ'

Digitized by srujanika@gmail.com

ମାସ ରଖାଯାଇଥିବାର ଜଣାଯାଏ । ପରେ ୧୯୪୪ ମସିହା ସେପ୍‌ଟେମ୍ବର ମାସରେ ସେ ଜେଲରୁ ଖଲାସ ହୋଇ ନିଜ ଗ୍ରାମକୁ ଫେରି ଆସିଥିଲେ । ଏହା ଥିଲା କମଳାବାବୁଙ୍କ ଗିରଫ ରୋମାଞ୍ଚକର କାହାଣୀ ।

ତାପରେ ଦେଖାଯାଉ ଆନ୍ଦୋଳନର ଅନ୍ୟତମ ବରେଣ୍ୟ ନେତା ଗୌରଙ୍ଗଚନ୍ଦ୍ର ମହାନ୍ତଙ୍କର ଗିରଫ ସମ୍ପର୍କୀୟ କୌତୁହଳପୂର୍ଣ୍ଣ କାହାଣୀ । ଗୁଳିକାଣ୍ଡ ଦିନ ସେ ଇରମରେ ନ ଥିଲେ । ସେତେବେଳେ ସେ ବେତଡ଼ା ଅଞ୍ଚଳରେ ସଭାସମିତି କରିବାରେ ବ୍ୟସ୍ତ ଥାଆନ୍ତି । ୨୯ ତାରିଖ ଦିନ ସକାଳେ ନିଜଗ୍ରାମରେ ଉପସ୍ଥିତ ଥିବା ସମୟରେ ସେ ଗଣେଶ ପ୍ରସାଦ ନିପାଠୀଙ୍କଠାରୁ ଜଘନ୍ୟ ଘଟଣା ସମ୍ବନ୍ଧରେ ଜାଣିବାକୁ ପାଇଥିଲେ । ଉକ୍ତ ସମ୍ବାଦ ପାଇବା ମାତ୍ରେ ତାଙ୍କ ରକ୍ତ ତାତି ଉଠିଥିଲା । ତୁରନ୍ତ ସେହିଦିନ ସକାଳେ କିଛିଲୋକଙ୍କୁ ସଙ୍ଗରେ ନେଇ ବୀରଦର୍ପରେ ସେ ବାହାରି ଆସିଥିଲେ ଥାନା ପୋଡ଼ିବାପାଇଁ । ରାଧାବଲ୍ଲଭପୁର ଗ୍ରାମ ନିକଟସ୍ଥ ହାମୁଡ଼ି ପୋଖରୀ ହୁଡାରେ ସେ ଏକ ସଭା କରି ଲୋକ ସଂଗ୍ରହ କରିଥିଲେ । ସେଠାରୁ ସେମାନେ ବାସୁଦେବପୁର ଥାନା ଅଭିମୁଖେ ଯାତ୍ରା କରିଥିଲେ । ଥାନାରେ ପହଞ୍ଚିବାର କିଛିବାଟ ଦୂରରୁ ନିଶାକର ମହାନ୍ତି ଥାନା ପୋଡିବାକୁ ଉଦ୍ୟମ-କଲେ ଅବସ୍ଥା ଆହୁରି ଗୁରୁତରରେ ଅବସ୍ଥା ଧାରଣ କରିପାରେ ବୋଲି କହି ତାଙ୍କୁ ଉକ୍ତ କାର୍ଯ୍ୟରୁ ନିବୃତ୍ତ କରାଇଥିଲେ । ଫଳରେ କେବଳ ୪ । ୫-ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତ ଫେରିଯାଇଥିଲେ । ତେଣୁ ସେଦିନ ସେ ଉକ୍ତ ଦୁଃସାହସିକ ପଦକ୍ଷେପ ନେଇ ପାରି ନ ଥିଲେ । ସେଠାରୁ ନିଜଗ୍ରାମକୁ ଫେରି ନିଜଘରକୁ ସତ୍ୟାଗ୍ରହୀ ଶିବିରର ନାମକରଣ ଦେଇ ବିଭିନ୍ନ ଅଞ୍ଚଳରୁ କର୍ମୀମାନଙ୍କୁ ନେଇ ସେଠାରେ ଆଶ୍ରୟ ଦେଇ ଥିଲେ । ମାତ୍ର ସେଠାରେ ସେ ନିଜେ ରହୁ ନ ଥିଲେ । ଶିବିରର ଦାୟିତ୍ୱ ନ୍ୟସ୍ତ ରହିଥିଲା ତାଙ୍କର ପତ୍ନୀ ସୁଲୋଚନା ଦେବୀଙ୍କ ହାତରେ । ତେଣୁ ସେ ଶିବିରରେ ମୁଖ୍ୟତଃ ଅନ୍ତେବାସୀ କର୍ମୀଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା ନିଜେ ରୋଷେଇବାସ କରି ବୁଝି-ଥିଲେ । ସେତେବେଳେ ତାଙ୍କ କୋଳରେ ଥିଲା ମାତ୍ର କେତେମାସର ଜନ୍ମିତ ଝିଅଟିଏ । ତଥାପି ଅକୁଣ୍ଠ ଚିତ୍ତରେ ଦିବସବ୍ୟାପୀ ପରିଶ୍ରମ କରି ସେ ଯେଉଁ ତ୍ୟାଗ ସ୍ୱୀକାର କରିଥିଲେ ତାହା ତାଙ୍କୁ ଏକ ଉଚ୍ଚସ୍ଥାନରେ

Digitized by srujanika@gmail.com

ଅବସ୍ଥାପିତ କରାଇଥିଲା । ମୁଁ ମଧ୍ୟ ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣେ । ସେ ମୋ ସ୍ତ୍ରୀଙ୍କର ନିଜ ପିଉସୀ । ତାଙ୍କର ସ୍ୱଭାବ ଅତି ସରଳ । ସମସ୍ତଙ୍କପ୍ରତି ଅଯାଚିତ ସ୍ନେହ । ଏହି ସ୍ନେହଡୋରିରେ ସେ ଏପରିଭାବେ ସତ୍ୟାଗ୍ରହୀମାନଙ୍କୁ ବାନ୍ଧିକରି ରଖିଥିଲେ ଯେ ଏବେ ମଧ୍ୟ ସେମାନଙ୍କ ମଧ୍ୟରୁ ଜୀବିତ କେତେଜଣ କର୍ମୀ ତାଙ୍କପ୍ରତି କୃତଜ୍ଞତା ଜ୍ଞାପନ କରିଥାଆନ୍ତି । ବାସ୍ତବିକ ଫୁଲ ଅରଣ୍ୟରେ ଫୁଟିଥିଲେ ବି ତାର ସୌରଭ ଚତୁର୍ଦ୍ଦିଗକୁ ମହକାଇଥାଏ । ଏହା ସୁଲୋଚନା ଦେବୀଙ୍କଠାରେ ପ୍ରଯୁଜ୍ୟ । ଇତିମଧ୍ୟରେ ଦିନେ ଗୌରାଙ୍ଗ ବାବୁଙ୍କୁ ଗିରଫ କରିବାପାଇଁ ପୋଲିସ ତାଙ୍କଘରେ ପହଞ୍ଚି ସୁଲୋଚନା ଦେବୀଙ୍କ ଛାତିରେ ବନ୍ଧୁକ ଲଗାଇ ପଚାରିଥିଲେ, "ଗୌରାଙ୍ଗ କେଉଁଠି ଅଛି ? ଯଦି ୨୪ଘଣ୍ଟା ମଧ୍ୟରେ ତାଙ୍କୁ ତୁମେ ଧରାଇ ନଦିଅ, ତାହେଲେ ତୁମ ମୁଣ୍ଡ-ବାଳ କାଟିଦେବୁ, ଅତ୍ୟାଚାର କରିବୁ ଓ ତୁମକୁ ପ୍ରାଣରେ ମାରିଦେବୁ । ତାଙ୍କୁ ମଧ୍ୟ ଯେଉଁଠି ପାଇବୁ ମାରିଦେବୁ" । ମାତ୍ର ସେ ଅତି ବିନମ୍ର ସହକାରେ ତାଙ୍କ ବିଷୟରେ କିଛି ଜାଣି ନାହାନ୍ତି ବୋଲି କହିବାରୁ ସେ ନାନାପ୍ରକାର ଭର୍ତ୍ସନା କରି ସେଠାରୁ ଚାଲିଯାଇଥିବା ବିଷୟ ପ୍ୟାରୀବାବୁଙ୍କ ଚିଠିରୁ ଜଣାଯାଏ । (୪)

ଗୌରାଙ୍ଗବାବୁ ସେତେବେଳେ ବାହାରୁ ଆସିଥିବା କଂଗ୍ରେସକର୍ମୀ ଗୋକୁଳାନନ୍ଦ ମହାନ୍ତି, ଧନେଶ୍ୱର ଦାସ, ଓ ସତ୍ୟନାରାୟଣ ଦାସଙ୍କ ସହ ମୃତାହତ ବ୍ୟକ୍ତିଙ୍କ ଘରକୁ ଯାଇ ସାନ୍ତ୍ୱନା ଦେଉଥାଆନ୍ତି । ଯେତିକିବେଳେ ତାଙ୍କୁ ଧରାଇ ଦେଲେ ପୁରସ୍କାର ଦିଆଯିବାର ଘୋଷଣା କରାଯାଇ-ଥିଲା । ଉକ୍ତ ପୁରସ୍କାର ପରିମାଣ ପ୍ରଥମେ ୨୦ ଟଙ୍କା, ତାପରେ ୫୦ ଟଙ୍କା ତାପରେ ୨୦୦ ଟଙ୍କା ରଖାଯାଇଥିଲା । ସେହି ସମୟରେ ତାଙ୍କୁ ବାସୁଦେବ-ପୁର ଥାନା ଛାଡି ଅନ୍ୟତ୍ର ଚାଲିଯିବାପାଇଁ ବହୁ ବନ୍ଧୁ ପରାମର୍ଶ ଦେଇଥିଲେ ମଧ୍ୟ ଏହା କଲେ ନିଜର ଭୀରୁତା ପ୍ରକାଶ ପାଇବ ବୋଲି ଚିନ୍ତାକରି ତାହା ସେ କରି ନ ଥିଲେ । ସେ ଯାହାହେଉ ଏହାପରି ପ୍ରାୟ ୧ ମାସଧରି ଗୋପନୀୟ ଭାବେ ଅଗଷ୍ଟ ବିପ୍ଳବକୁ ଚାଲୁରଖି ୧୯୪୨ ମସିହା ଅକ୍ଟୋବର ତା୧୭ରିଖ

(୪) ପ୍ୟାରୀମୋହନ ଦାସଙ୍କର ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ପାଖକୁ ଚିଠି ପରିଶିଷ୍ଟ ୪.

Digitized by srujanika@gmail.com

ଦିନ ଆରୁଆ ଗ୍ରାମର ଜୟକୃଷ୍ଣ ମହାପାତ୍ରଙ୍କ ଘର ନିକଟରୁ ପୋଲିସ ଦ୍ୱାରା ତାଙ୍କୁ ଗିରଫ କରାଯାଇଥିଲା । ସେଠାରୁ ତାଙ୍କୁ ବାସୁଦେବପୁର ଥାନାକୁ ଅଣାଯାଇଥିଲା । (୫) ତତ୍କାଳୀନ .ଦଫାଦାର ମାଗୁଣି ପଟ୍ଟନାୟକ ତାଙ୍କୁ ଗିରଫ କରିବାରେ ପୋଲିସଙ୍କୁ ସାହାଯ୍ୟ କରିଥିଲେ । ବାସୁଦେବପୁର ଥାନାରେ ସେଦିନ ରାତିରେ ତାଙ୍କୁ ବନ୍ଧୁକ ଦେଖାଇ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ବହୁ ଉଦ୍ୟମ କରାଯାଉଥିଲା । ଏପରିକ ବନ୍ଧୁକରୁ ଫାଙ୍କା ଗୁଳି ମଧ୍ୟ ଫୁଟାଯାଇଥିଲା । ତଥାପି ସେମାନେ ତାଙ୍କଠାରୁ କୌଣସି ତଥ୍ୟ ପାଇପାରି ନ ଥିଲେ । ତାପର ଦିନ ସକାଳେ ପୁନରାୟ ଥାନା ବାରଣ୍ଡାରେ ୨୦ ଜଣ ପୋଲିସ ଫୌଜଙ୍କୁ ଧାଡିରେ ଠିଆ କରାଯାଇଥିଲା । ସେମାନେ ମଧ୍ୟ କେତୋଟି ଫାଙ୍କା ଗୁଳି ଫୁଟାଇଥିଲେ । ସେତେବେଳେ ଗୌରାଙ୍ଗବାବୁ ହାଜତରେ ଥାଆନ୍ତି । ତାଙ୍କ ନିକଟକୁ ଜଣେ ପୋଲିସ କମାଣ୍ଡର ଯାଇ ଇଂରାଜୀରେ କହିଥିଲେ "Oh, your are the killer of so many persons. You made so many women widows." ଓ ! ତୁମେ ସେହି ଲୋକ ଯେ କି ଏତେ ଲୋକଙ୍କର ହତ୍ୟାକାରୀ ! ତୁମେ ଏତେ ସ୍ତ୍ରୀଲୋକଙ୍କୁ ବିଧବା କରିଦେଇଛ ?" ମାତ୍ର ସେ ଉତ୍ତରରେ କହିଥିଲେ, "ତୁମେ ଯାହାକୁ ଲକ୍ଷ୍ୟ କରିକହୁଛ, ମୁଁ ସେ ଲୋକ ନୁହେଁ" । ତାପରେ କେଜାଣି କାହିଁକି କମାଣ୍ଡର ତଳକୁ ଓହ୍ଲାଇ ଯାଇଥିଲେ ଓ ପରେ ପରେ ଧାଡି ବାନ୍ଧି ଠିଆ ହୋଇଥିବା ପୋଲିସ ନିଜ ନିଜ ସ୍ଥାନକୁ ଚାଲିଯାଇଥିଲେ । (୬) ସେହିଦିନ ଉପରଓଳି ତାଙ୍କୁ ବଳଦଗାଡିରେ ଏଡ଼ିତାଳ ବାଟ ଦେଇ ଭଦ୍ରକକୁ ପ୍ରେରଣ କରାଯାଇଥିଲା । ସେଠାରେ ଜେଲ ହାଜତରେ ରହିବା ପରେ କେମ୍ପ ଜେଲ ହୋଇଥିବା ମହତାବଙ୍କ କୋଠିକୁ ତାଙ୍କୁ ପଠାଯାଇ-ଥିଲା । ଅନ୍ୟମାନଙ୍କ ସହ ଭଦ୍ରକର ସ୍ପେଶାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାର ହୋଇ ୪ ବର୍ଷ ୫ ମାସ ଜେଲ ଓ ୨୦ ଟଙ୍କା ଜରିମାନା, ଜରିମାନା ନ ଦେଇ-ପାରିଲେ ଆଉ ଏକ ମାସ ଜେଲ ଦଣ୍ଡରେ ସେ ଦଣ୍ଡିତ ହେବାର ଆଦେଶ ପାଇଥିଲେ ତାଙ୍କୁ ଭଦ୍ରକ, ପରେ ବାଲେଶ୍ୱର ଓ ପରିଶେଷରେ କୋରାପୁଟ ଜେଲରେ ରଖାଯାଇଥିଲା । ଜେଲରେ ରହିଥିବା ସମୟରେ ତାଙ୍କ ଘରେ

---

(୫) ୧୯୪୨ ମସିହା ୩୦ ଅକ୍ଟୋବରର 'ସମାଜ' ।

(୬) ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ଡାଏରୀରୁ ସଂଗୃହୀତ ।

Digitized by srujanika@gmail.com

ଘୋର ଆର୍ଥିକ ଅନାଟନ ଦେଖାଯାଇଥିଲା । ତେଣୁ ସୁଧାଂଶୁଶେଖର ଗୁପ୍ତ ବମ୍ବେର ଜନୈକ ବ୍ୟବସାୟୀ ହଂସରାଜ ମେହେଟାଙ୍କୁ ଲେଖି କଷ୍ଟ ସାହାଯ୍ୟର ବ୍ୟବସ୍ଥା କରିଦେଇଥିଲେ । ପ୍ରତି ମାସ ଅନ୍ତତଃ ପକ୍ଷେ ଥରେ ସେ ଗସ୍ତିର ଛଳରେ ତାଙ୍କ ଘରକୁ ଯାଇ ସେହି ସାହାଯ୍ୟ ଦେଇ ଆସୁଥିଲେ । କାରଣ ପୋଲିସ ଭୟରେ ସିଧା ସାହାଯ୍ୟ ପଠାଯିବାର ବ୍ୟବସ୍ଥା କରାହୋଇ-ପାରି ନ ଥିଲା । (୭) ଗୌରାଙ୍ଗବାବୁ ବିଭିନ୍ନ ଜେଲରେ ୪ ବର୍ଷ ୬ ମାସ କଟାଇ ୧୯୪୪ ମସିହା ମେ ୬ ତାରିଖ ଦିନ ଖଲାସ ହୋଇଥିଲେ ।

ଅଗଷ୍ଟ ବିପ୍ଳବର ଅନ୍ୟତମ ଅଗ୍ରଦୂତ ଅନିରୁଦ୍ଧ ମହାନ୍ତିଙ୍କର ଗିରଫ କାହାଣୀ ସେହିପରି ଚମତ୍କାର । ଇରମରେ ଗୁଳିକାଣ୍ଡ ଦିନ ସେ ବ୍ରାହ୍ମଣଗାଁରେ ସଭା କରୁଥିଲେ । ୨୯ ତାରିଖ ଦିନ ସକାଳେ ଏବିଷୟରେ ଜାଣିବାପରେ ସେ ଅଗ୍ନି ଶର୍ମା ହୋଇଉଠିଥିଲେ । ତାପରେ ପ୍ରଚଣ୍ଡ ରୌଦ୍ରମୂର୍ତ୍ତି ଧାରଣ କରି ସେ ବାହାରିଲେ ବାସୁଦେବପୁର ଥାନା ପୋଡ଼ି ଭସ୍ମୀଭୂତ କରିଦେବାପାଇଁ । ପଛରେ ବିରାଟ ଶୋଭାଯାତ୍ରା, ହାତରେ ନିଆଁ-ହୁଳା, ମୁଖରେ ଧ୍ୱନି—'ଗୁଳାଗୁଳିସେ ନେହିଁ ଡରେଙ୍ଗେ', 'ଅତ୍ୟାଚାର ସେ ନେହିଁ ଡରେଙ୍ଗେ' । ପ୍ରତ୍ୟେକ ବ୍ୟକ୍ତିସେତେବେଳେ ରକ୍ତ ଗୁଳିଭଳି ଫୁଟୁଥାଇଲା ପରି ମନହେଉଥିଲା । ମାତ୍ର ଥାନାଠାରୁ ୧ ମାଇଲ ପଛକୁ ନେଉଣ୍ଡିଆ ସାହି-ଠାରେ ପୋଲିସ କନେଷ୍ଟବଲ ରମାନାଥ ମହାନ୍ତି ଓ ସୁଧାଂଶୁ ଗୁପ୍ତ ଏପରି ପ୍ରମାଦପୂର୍ଣ୍ଣ ପରିସ୍ଥିତିରେ ଥାନା ପୋଡ଼ିଲେ ଅବସ୍ଥା ଭୟାବହ ହେବ ବୋଲି ବୁଝାଇବାରୁ ସେମାନେ ସେଥିରୁ କ୍ଷାନ୍ତ ହୋଇଥିଲେ । ପରେ ପରେ ଅନୁବାବୁଙ୍କୁ ପୋଲିସ ଗୋଡ଼ାଉ ଥାଆନ୍ତି । ସେ ପୋଲିସ ଆଖିରେ ଧୂଳି ଦେଇ ବୁଲୁଥାଆନ୍ତି । ହାତରେ ଥାଏ ବାଡ଼ି ଖଣ୍ଡିଏ, ପଖିଆଟିଏ, ଓ ଗୋଟିଏ ଲୁଗା-ବୁଜୁଳି । ପୋଲିସ ଆସୁଥିବାର ଜାଣିଲେ ପଖିଆ ମୁଣ୍ଡରେ ଦେଇ ବିଲମଝିରେ ଶୋଇପଡ଼ୁଥାଆନ୍ତି । ସେପ୍ଟେମ୍ବର ତା ୩୦ରିଖ ଦିନ ଯାଇ ସେ ଆତ୍ମୀୟଙ୍କର ସନ୍ଧିବିଗ୍ରହଙ୍କ ଠାକୁରଘରେ ଆଶ୍ରୟ ନେଇଥିଲେ । ମାତ୍ର ସୂର୍ଯ୍ୟୋଦୟ ପୂର୍ବରୁ ସେ ସ୍ଥାନ ପରିତ୍ୟାଗ କରିବାପାଇଁ ସନ୍ଧିବିଗ୍ରହ ଅନୁରୋଧ କରିଥିଲେ । ଅବଶ୍ୟ ଦୟାପରବଶ ହୋଇ ସେ ଚୂଡ଼ା, ମୁଢ଼ି, ଓ ନାଲି ଗୁଡ଼ ଖାଇବାକୁ

---

(୭) ସୁଧାଂଶୁ ଶେଖର ଗୁପ୍ତ ପଠାଇଥିବା ତଥ୍ୟର ଉଦ୍ଧୃତାଂଶ

Digitized by srujanika@gmail.com

ଦେଇଥିବାରୁ ଅନୁବାବୁ ତାଙ୍କପ୍ରତି କୃତଜ୍ଞତା ପ୍ରକାଶ କରିଥାଆନ୍ତି । ଇତିମଧ୍ୟରେ ଗୋକୁଳାନନ୍ଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ସେ ନିଜେ ଗିରଫ ହୋଇଯିବାପାଇଁ ମନସ୍ଥ କରି ଅକ୍ଟୋବର ତା ୧ ରିଖଦିନ ଇରମ ଗ୍ରାମଠାରୁ ଅନତିଦୂରରେ ଅବସ୍ଥିତ ବଡ଼େଇପଦାଠାରେ ପହଞ୍ଚିଥିଲେ । ସେଠାରେ ପୋଲିସ ଇନ୍‌ସପେକ୍ଟର ଅଖିଳ ଦତ୍ତ, ଓ ଡ଼ି. ଏସ.ପି. କୁଞ୍ଜବାବୁ ଜଣେ ଚୌକିଦାରଙ୍କୁ ସଙ୍ଗରେ ନେଇ ତାଙ୍କୁ ଗିରଫ କରିଥିଲେ । ଗିରଫ କରୁଥିବା ସମୟରେ ନିର୍ଭୀକତାର ସହ ଅନୁବାବୁ ଡ଼ି.ଏସ.ପି କୁଞ୍ଜବାବୁଙ୍କୁ ପଚାରିଥିଲେ "ନରମେଧ ଯଜ୍ଞରେ କେତେମୁଣ୍ଡ ଆହୂତି ଦେଲେ ?" କ୍ରୋଧାନ୍ୱିତ ହୋଇ କୁଞ୍ଜବାବୁ କହିଥିଲେ, "ତୁମେ କରିଛ ନା ଆମେ କଲୁ ।" ଅନୁବାବୁ ପ୍ରତ୍ୟୁତ୍ତରରେ କହିଥିଲେ, "ଆପଣଙ୍କ ହାତରେ ବନ୍ଧୁକ ଓ ଗୁଳି, ମୋହାତରେ ତ ପଖିଆ, ବାଡ଼ି ଓ ବୁଲୁଗୃଟିଏ । ସେଥିରେ ମୁଁ କିପରି ମାରିଲି ?" ଏହିପରି ବଚସା ହେଉଥିବା ବେଳେ ତାଙ୍କୁ ଗିରଫ କରାଯାଇ ଭଦ୍ରକକୁ ପ୍ରେରଣ କରାଯାଇଥିଲା । ସେଠାରେ ସେ ମହାତାବ ବାବୁଙ୍କ କୋଠିରେ ଖୋଲାଯାଇଥିବା କେମ୍ପ ଜେଲରେ ରହିଥିଲେ । ପରେ ପରେ ସ୍ପେଶାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାର କରାଯାଇ ୧୯୪୨ ମସିହା ଅକ୍ଟୋବର ୨୭ ତାରିଖ ଦିନ ସେ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ୧୯୪୩ ମସିହା ଏପ୍ରିଲ ୨୪ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଜେଲରେ ଓ ତାପରେ ସ୍ଥାନାନ୍ତରିତ ହୋଇ କୋରାପୁଟ ଜେଲରେ ସେ ରହିଥିବାର ଜଣାଯାଏ । ୧୯୪୪ ମସିହା ମାର୍ଚ୍ଚ ୧୭ ତାରିଖ ଦିନ କାରାମୁକ୍ତ ହୋଇ ମଧ୍ୟ ୧୯୪୫ ମସିହା ଅକ୍ଟୋବର ପର୍ଯ୍ୟନ୍ତ ଅଟକବନ୍ଦୀ ଭାବେ ରହିଥିଲେ ।

ତୁଙ୍ଗ ନେତାମାନଙ୍କ ମଧ୍ୟରୁ ବାକି ରହିଲେ ଗଣେଶ ପ୍ରସାଦ ତ୍ରିପାଠୀ । ସେ ଗୁଳିକାଣ୍ଡପରେ ବରଣ୍ଡୁଆକୁ ଯାଇ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କୁ ସାକ୍ଷାତ କରିଥିଲେ । ଉକ୍ତ ଘଟଣା ସମ୍ପର୍କରେ ତାଙ୍କଠାରୁ ଚିଠି ନେଇ ଗଣେଶ ବାବୁ ପ୍ରଥମେ ସୋରର ନନ୍ଦକିଶୋର ଦାସଙ୍କୁ ଦେବାପରେ ସେଠାରୁ ଚିଠି ନେଇ ପୁନରାୟ ବାଲେଶ୍ୱରରେ ପ୍ୟାରୀମୋହନ ଦାସଙ୍କୁ ଦେଇଥିଲେ । ସେମାନଙ୍କ ପାଖରୁ ଚିଠି ଓ କେତେକ ପ୍ରଶ୍ନର ଉତ୍ତର ଧରି ସେ ବରଣ୍ଡୁଆସ୍ଥିତ ସତ୍ୟାଗ୍ରହ ଶିବିରକୁ ଫେରି ଆସିଥିଲେ । ତାଙ୍କୁ ଗିରଫ କରିବାପାଇଁ ପୋଲିସ ସେଠାରେ ପହଞ୍ଚିଥିଲେ । ମାତ୍ର ଉକ୍ତ ଶିବିରକୁ ସ୍ୱେଚ୍ଛା

Digitized by srujanika@gmail.com

କରି ଅନ୍ୟ କେତେ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ପୋଲିସ ଗଣେଶ ବାବୁଙ୍କୁ ଗିରଫ କରି ପାରି ନ ଥିଲେ । ସେ ବାଡ଼ପଟ ଦ୍ୱାରରେ ଖସି ଯାଇ ନିକଟବର୍ତ୍ତୀ ବୁରୁଖାଞ୍ଜି ଜଙ୍ଗଲରେ ପରିପୂର୍ଣ୍ଣ ଏକ ପୋଖରୀ ଭିତରେ ପଶି ମଥାରେ ସେହି ଦଳକୁ ଏପରି ଭାବରେ ସଜାଇ ରଖିଥିଲେ ଯେ ପୋଲିସ ଉକ୍ତ ସ୍ଥାନକୁ ଦୁଇଥର ଯାଇ ମଧ୍ୟ ତାଙ୍କୁ ଠାବ କରି ନ ପାରି ଫେରି ଆସିଥିଲେ । ପରିଶେଷରେ ୧୯୪୨ ମସିହା ଅକ୍ଟୋବର ୨୩ ତାରିଖ ଦିନ ତାଙ୍କୁ ଉଲଗଡ଼ାଠାରେ ଗିରଫ କରାଯାଇଥିଲା ।

ଅନ୍ୟ ନେତାମାନଙ୍କ ମଧ୍ୟରୁ ପ୍ରଭାକର ତ୍ରିପାଠୀ ଓ ରାମନାରାୟଣ ଦାସଙ୍କୁ ସୋରୋ ଅଶ୍ରମରେ ଗିରଫ କରାଯାଇଥିଲା । ସେହିପରି ଅକ୍ଟୋବର ତା୨ରିଖ ଦିନ ଅନୁବାବୁଙ୍କ ସହ ସଦାନନ୍ଦ ପାଢ଼ୀଙ୍କୁ ବଡ଼େଇପଦାଠାରେ ଗିରଫ କରାଯାଇଥିଲା । ସେହିଦିନ ମଧ୍ୟ ବାସୁଦେବପୁର ଥାନାରେ ତାଙ୍କୁ ରଖି ତା' ପରଦିନ ଭଦ୍ରକ କୋର୍ଟକୁ ପ୍ରେରଣ କରାଯାଇଥିଲା । ପରେ ପରେ ସେ ଜେଲଦଣ୍ଡରେ ଦଣ୍ଡିତ ହୋଇ ୧୯୪୨ ମସିହା ଅକ୍ଟୋବର ୩ତାରିଖରୁ ୧୯୪୩ ମସିହା ଫେବୃୟାରୀ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗ କରିଥିଲେ । ସେପ୍ଟେମ୍ବର ୨୮ ତାରିଖ ଦିନ ଗୁଳପଡ଼ିଆରୁ ରଘୁନାଥ ସାମନ୍ତରାୟ ମହାପାତ୍ର, ପୁରୁଷୋତ୍ତମ ପରିଡା, ଚତୁର୍ଭୁଜ ମିଶ୍ର, ଯଦୁନାଥ ଦାସ, ନିଧି ମହାଳିକ, ଭଗୀରଥି ରାଉତ ଓ ସୁଲଭ ବେହେରା ସମେତ ୭ଜଣଙ୍କୁ ଗିରଫ କରାଯାଇଥିଲା । ଗୋବିନ୍ଦ ବାଗୁଡ଼ାଇଙ୍କର ଡାହାଣ ହାତର ଉପର ଭାଗରେ ଗୁଳିବିଦ୍ଧ ହୋଇଥିବାରୁ ସେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କୁ ସେଠାରୁ ଅକ୍ଟୋବର ତା୨୯ରିଖ ଦିନ ଗିରଫ କରାଯାଇଥିଲା । ଭଦ୍ରକ ଓ କୋରାପୁଟ ଜେଲରେ ୧ବର୍ଷ ରହି ଶେଷରେ ସେ କାରାମୁକ୍ତ ହୋଇଥିଲେ ।

ଉକ୍ତ ଗୋବିନ୍ଦ ବାଗୁଡ଼ାଇ ଗଙ୍ଗାଧର ବେହେରାଙ୍କ ସହ ମିଳିତ ହୋଇ ସ୍ପେଶାଲ ମାଜିଷ୍ଟ୍ରେଟ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଗିରଫ ବ୍ୟକ୍ତିଙ୍କ ପ୍ରତି ଦିଆଯାଇଥିବା ଦଣ୍ଡାଦେଶ ବିରୁଦ୍ଧରେ ୧୯୪୩ ମସିହା ଏପ୍ରିଲ ୧୬ ତାରିଖ ଦିନ ପାଟନା ହାଇକୋର୍ଟର କଟକ ସର୍କିଟ୍‌ରେ ପୁନର୍ବିଚାର ପାଇଁ ଗୋଟିଏ କେସ୍ ଦାଏର କରିଥିଲେ । ମାନ୍ୟବର ବିଚାରପତି ଏସ. ସି.

Digitized by srujanika@gmail.com

ଗୃହାର୍ଜି ଓ ଏ. ପି. ସିହ୍ନା ୧୯୪୩ ମସିହା ନଭେମ୍ବର ତା ୩୦ ରିଖ ଓ ଡିସେମ୍ବର ତା ୧ ରିଖ ଦିନ ଉକ୍ତ ମକଦମାର ଶୁଣାଣି କରି ରାୟ ଦେଇଥିଲେ । ସେଥିରେ ଗଙ୍ଗାଧର ବେହେରାଙ୍କୁ ସନ୍ଦେହ ସୂତ୍ରରେ ଖଲାସକରି ଗୋବିନ୍ଦ ବାଗୁଡ଼ାଇଙ୍କର ଦଣ୍ଡ ଲାଘବ କରି ମାତ୍ର ୧ ବର୍ଷ ଦଣ୍ଡ ରଖିଥିଲେ । ସେଥିପାଇଁ ସେ ୧ ବର୍ଷପରେ ଜେଲରୁ ମୁକ୍ତ ହୋଇଥିଲେ ।

ସେହି ସମୟରେ ଅନ୍ୟ କେତେଜଣ କର୍ମୀ ମଧ୍ୟ ଗିରଫ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବରଣ୍ଡ ଆସ୍ଥିତ ସତ୍ୟାଗ୍ରହୀ ଶିବିରରୁ ୩ ଦଫାରେ ବହୁ କର୍ମୀଙ୍କୁ ଗିରଫ କରାଯାଇଥିଲା । ପ୍ରଥମ ଦଫାରେ ବନ୍ଧା ଗ୍ରାମର ଯଦୁନାଥ ପାଣିଗ୍ରାହୀ, ସୁଆଁ-ସୁଦର୍ଶନପୁରର ଦାଶରଥି ବେହେରା, ସଦେଇ ପଡ଼ାର ଚିନ୍ତାମଣି ନାୟକ, ଭଗୀରଥି ବେହେରା ଓ ନବୀନ ରାଉତ ଗିରଫ ହୋଇଥିବା ସ୍ଥଳେ ଦ୍ୱିତୀୟ ଦଫାରେ ସଦେଇପଡ଼ାର ମାନଗୋବିନ୍ଦ ସେଠି, ସୁଆଁ-ସୁଦର୍ଶନପୁରର ଭାସ୍କର ଚନ୍ଦ୍ର ପଲାଇ, ମରଗୁର ନିଶାକର ଦଲାଇ, ବଇଞ୍ଚାର ତୈଲୋକନାଥ ପଣ୍ଡା ଓ ଓଲଗଡ଼ାର ଭାସ୍କର ଚନ୍ଦ୍ର ପରିଡ଼ାଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଭାସ୍କର ଚନ୍ଦ୍ର ପରିଡ଼ା ୟୁନିୟନ ପ୍ରେସିଡ଼େଣ୍ଟ ନାରାୟଣ ମାନଧାତାଙ୍କ କାଗଜପତ୍ର ପୋଡ଼ିବା ଅପରାଧରେ ୧୪ ବର୍ଷ ଓ ଚୌକିଦାର ପୋଷାକ ପୋଡିବା ଅପରାଧରେ ଆଉ ୧୪ ବର୍ଷ ଜେଲ ଦଣ୍ଡଭୋଗି ଥିଲେ । ତୃତୀୟ ଦଫାରେ ସଦେଇପଡ଼ାର ରାଜବେହେରା, ଗୁଆ ଗାଁର ରାଧାଶ୍ୟାମ ନାୟକ, ଉପେନ୍ଦ୍ର ବେହେରା ଓ ଭୁଲମାଲୁଲର କୃଷ୍ଣ ପ୍ରସାଦ ରାୟ ଗିରଫ ହୋଇଥିଲେ । ସେମାନଙ୍କ ବ୍ୟତୀତ ୧୯୪୨ ମସିହା ଅକ୍ଟୋବର ତା ୭ ରିଖ ଦିନ ଅନ୍ଧାହାର ଜୟକୃଷ୍ଣ ମହାପାତ୍ର ୧୪୪ ଧାରା ଅମାନ୍ୟ କରି ୧୫ ଜଣ ଶାନ୍ତିସେନାଙ୍କ ସହ ଭଦ୍ରକ ଯିବା ବାଟରେ ଗିରଫ ହୋଇଥିଲେ । ତାଙ୍କୁ ମଧ୍ୟ ସେଠାରେ ମାଡ଼ ଦିଆଯାଇଥିଲା । ଫଳରେ ସେ ନିଜର ଶ୍ରବଣଶକ୍ତି ହରାଇବସିଲେ । ତା'ଦୁଇଦିନ ପରେ ଭଦ୍ରକ କଚେରୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ଭୁଲମ୍ଭୁଲାର ବରଦା ପ୍ରସାଦ ଦାସ, ଚନ୍ଦନପୁରର ପୁରୁଷୋତ୍ତମ ଦାସ ଓ ଉହାଡ଼ର ଗଙ୍ଗାଧର ମହାନ୍ତି ଗିରଫ ହୋଇଥିଲେ । ସେହିପରି ଗୁଲକାଣ୍ଡର ହେବାର ପରଦିନ ସୁଧାଂଶୁ ଶେଖର ରାୟଙ୍କୁ ଗିରଫ କରିବା ପାଇଁ ଭଦ୍ରକର

Digitized by srujanika@gmail.com

ତତ୍କାଳୀନ ଏସ. ଡ଼ି. ଓ. ନିର୍ଦ୍ଦେଶ ଦେଇଥିଲେ । ମାତ୍ର ବ୍ରାହ୍ମଣଗାଁର ବହୁ ସଂଖ୍ୟକ ଲୋକ ଥାନା ଆକ୍ରମଣ କରିବାକୁ ଆସୁଥିବା ବେଳେ ସେ ସେମାନଙ୍କୁ ବୁଝାଇ ସୁଝାଇ ଫେରାଇ [ଦେଇଥିବାରୁ ତତ୍କାଳୀନ କଲେକ୍ଟର ଶ୍ରୀଯୁକ୍ତ ଲାଲ ଓ ଏସ. ପି. ଜି. ଆର. ଜି. ଫକ୍ସ ତାଙ୍କୁ ଗିରଫ ନ କରି ପୂର୍ବପରି ତାଙ୍କୁ କଡ଼ା ନଜରରେ ରଖିବାପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏହା ଥିଲା ଗୁଳିକାଣ୍ଡ ପରେ ପୋଲିସର ତାଣ୍ଡବ ଲୀଳା ଓ ବ୍ୟାପକ ଗିରଫଦାରୀର, ଲୋମହର୍ଷଣକାରୀ କାହାଣୀ । ତାହା ସତ୍ତ୍ୱେ ବି ସତ୍ୟାଗ୍ରହୀ-ମାନଙ୍କର ମନୋବଳ ଭାଙ୍ଗି ନଥିଲା । ଜେଲବରଣ ସମ୍ମାନସୂଚକ ବୋଲି ଉପଲବ୍ଧି କରି ହସି ହସି ସେମାନେ କାରାଗାର ମଧ୍ୟକୁ ଯାଇଥିଲେ । ବାସ୍ତବପକ୍ଷେ ସେମାନଙ୍କର ଏହି ପ୍ରକାରର ଅସୀମ ତ୍ୟାଗ ଓ ସାଧନା ପାଇଁ ସ୍ୱାଧୀନତାର ବିଜୟ ବୈଜୟନ୍ତୀ ଉଡ଼ାଇବା ସଙ୍ଗେ ସଙ୍ଗେ ଆମେ ଆଜି ସ୍ୱାଧୀନ ଭାରତର ନାଗରିକ ଭାବେ ଗର୍ବ କରିପାରୁଛୁ । ଆମ ଜୀବନ ଯଦି ଆଜି ଶତଦଳରେ ସୁରଭିତ ହୋଇଥାଏ ତାହା ସେହିମାନଙ୍କ ଅବଦାନ ପାଇଁ ତେଣୁ ସେମାନେ ଆମର ନମସ୍ୟ । ସେମାନଙ୍କ କୀର୍ତ୍ତି ଆଜି ଜାଜ୍ୱଲ୍ୟମାନ ଜାତୀୟ ଆନ୍ଦୋଳନର ଇତିହାସରେ ସେମାନଙ୍କର ନାମ ଯେ କାଳକାଳକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ, ଏଥିରେ ସନ୍ଦେହ ନାହିଁ । ସେହି ଅମର ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଭକ୍ତି ବିନମ୍ର ଚିତ୍ତରେ ପ୍ରଣିପାତ ଜଣାଇ ରହୁଛୁ ।

ଜୟ ଶହୀଦ୍—ଜୟ ଭାରତ ।

Digitized by srujanika@gmail.com

ପରିଶିଷ୍ଟ-୧

ଗୁଳିକାଣ୍ଡରେ ମୃତାହତ ବ୍ୟକ୍ତିଙ୍କ ତାଲିକା

ଲୁଣିଆ :—

ମୃତବ୍ୟକ୍ତିଙ୍କର ନାମ

କ୍ରମିକ ନମ୍ବର	ଗ୍ରାମ	ନାମ
୧	ସଜୁଆଳି	ନିଧି ମହାଲିକ
୨	,,	ଶୁରା ମହାଲିକ
୩	,,	କୃଷ୍ଣ ମହାଲିକ
୪	କାଶୀମପୁର	ନବକୁମାର ନାୟକ
୫	ଶୁଣୁଆ	ଗୌରହରି ଜେନା
୬	ପଥରଡିହ	ଚିନ୍ତାମଣି ଦାସ
୭	କଟସାହି	ଗୋପୀନାଥ ଜେନା
୮	ଖପରାପଦା	ମକର ବେହେରା

ଇରମ

ମୃତବ୍ୟକ୍ତିଙ୍କ ନାମ ଓ ପରିଚୟ *

କ୍ରମିକ ନମ୍ବର	ଗ୍ରାମ	ଶହୀଦଙ୍କ ନାମ	ପିତା ବା ସ୍ୱାମୀଙ୍କ ନାମ
୧	ପଡୁଆଁ	ବିଶ୍ୱନାଥ ଦାସ	ମାଗୁଣି ଦାସ
୨	,,	ବଜୁଲି ଦାସ	(ଜଣା ନାହିଁ)

※ ଇନକ୍ୱାଏରୀ କମିଟି ରିପୋର୍ଟରେ ସାଧୁ ମହାଲିକ, ରାମ ମାଝି, ମଦନ ପଲାଇ ଓ ଜଣେ ପାହୁଙ୍କ ପରିବର୍ତ୍ତେ ବୁଟେଇ ମାଝି, ମଧୁ ମହାଲିକ, ପ୍ରସାଦ ଦାସ ଓ ଗଲୁ ପାଣିଗ୍ରାହୀଙ୍କ ନାମ ଦିଆଯାଇଛି । ମାତ୍ର ସେମାନେ ସେତେବେଳେ ପ୍ରକୃତ ନାମ ସଂଗ୍ରହ କରିପାରି ନାହାନ୍ତି ।

Digitized by srujanika@gmail.com

କ୍ରମିକ ନମ୍ବର	ଗ୍ରାମ	ଶହୀଦଙ୍କ ନାମ	ପିତା ବା ସ୍ୱାମୀଙ୍କ ନାମ
୩	,,	ଗୋପାଳଚରଣ ଦାସ	ଅପର୍ତି ଦାସ
୪	,,	ଧ୍ରୁବଚରଣ ଦେ	ଦର୍ଶନ ଦେ
୫	,,	ବାସୁଦେବ ସାହୁ	ଘନବନ୍ଧୁ ସାହୁ
୬	,,	ବଲ୍ଲଭ ବେହେରା	ମାନ ବେହେରା
୭	ମଡ଼ୁଆଁ	ହୃଷି ବେହେରା	ହାଡ଼ି ବେହେରା
୮	,,	ହରି ବେହେରା	ରାଧୁ ବେହେରା
୯	,,	ମାଘ ମହାଲିକ	(ଜଣା ନାହିଁ)
୧୦	,,	ମଣି ବେହେରା	ହାଡ଼ି ବେହେରା
୧୧	,,	କୃଷ୍ଣ ସ୍ୱାଇଁ	ବନ୍ଧୁ ସ୍ୱାଇଁ
୧୨	,,	କାଳୀ ମାଝି	ବାଇ ମାଝି
୧୩	,,	ଭୁଆ ମାଝି	ମୋହନ ମାଝି
୧୪	,,	ମଦନ ପଲାଇ	(ଜଣା ନାହିଁ)
୧୫	,,	ରାଧୁ ମହାଲିକ	ଭାଗି ମହାଲିକ
୧୬	,,	କୃପାସିନ୍ଧୁ ବେହେରା	ଭାଗୁ ବେହେରା
୧୭	,,	ରାମ ମାଝି	(ଜଣା ନାହିଁ)
୧୮	ଆଡ଼ୁଙ୍ଗ	ଗୋବିନ୍ଦ ରାଉତ	ରଘୁ ରାଉତ
୧୯	ନୂଆଗାଁ	ରୂପ ମଳିକ	ନରେନ୍ଦ୍ର ମଳିକ
୨୦	,,	ବୃନ୍ଦାବନ ପଣ୍ଡା	ସପନ ପଣ୍ଡା
୨୧	ଇରମ	ପରି ବେଉରା (ମହମା)	ସ୍ୱା. ନାରାୟଣ ସାହୁ
୨୨	ସୁଆଁ	ମଣି ପ୍ରଧାନ	ମଧୁ ପ୍ରଧାନ
୨୩	ସୁଆଁ	ପରି ଦାସ	ମଣିଦାସ
୨୪	ସୁଦର୍ଶନ ପୁର	ରତ୍ନାକର ପାଣି	(ଜଣା ନାହିଁ)
୨୫	ଅଡ଼ୁଆଁ	ନିଧି ମଳିକ	ପର୍ଶୁ ମଳିକ
୨୬	,,	ଶଙ୍କର ମଳିକ	ବୁଧି ମଳିକ
୨୭	ନନ୍ଦପୁର	ଭୁବନ ରାଉତ	ମଧୁ ରାଉତ
୨୮	ଗୁଡ଼	ଦିବାକର ପାଣିଗ୍ରାହୀ	ଦାମୋଦର ପାଣିଗ୍ରାହୀ
୨୯	ଈଶ୍ୱରପୁର	ଜଟି ସାହୁ	(ଜଣା ନାହିଁ)

●

Digitized by srujanika@gmail.com

ଆହତ ବ୍ୟକ୍ତିଙ୍କ ନାମ

କ୍ରମିକ ନମ୍ବର	ଗ୍ରାମ	ଆହତ ବ୍ୟକ୍ତିଙ୍କ ନାମ	ପିତାଙ୍କ ନାମ	ଗୁଳି ବାଜିବାର ଅଙ୍ଗ
୧	ପଡ଼ୁଆଁ	ଘଣ୍ଟୁ ଦଳାଇ	କଟି ଦଳାଇ	(ଜଣା ନାହିଁ)
୨	,,	ମଙ୍ଗୁ ମହାଳିକ	ନଧି ମହାଳିକ	(ହାତ)
୩	,,	ବଲ୍ଲଭ ଦାସ	ଶ୍ରୀଚରଣ ଦାସ	(ଜଣା ନାହିଁ)
୪	,,	ନଣ୍ଡେଇ ମଣ୍ଡଳ	ଗଙ୍ଗେଇ ମଣ୍ଡଳ	(ହାତ)
୫	,,	ଭଗୁ ପରିଡ଼ା	ଶମ୍ଭୁ ପରିଡ଼ା	(ଗୋଡ଼)
୬	,,	ଭୋଳା ଦେ	ଗଯ୍ଯାଧର ଦେ	(ଛାତି)
୭	,,	ବଂଶୀ ଦତ୍ତ	ବଦୁ ଦତ୍ତ	(ଜଣା ନାହିଁ)
୮	,,	ବାଲି ପଲାଇ	କୁନି ପଲାଇ	,,
୯	,,	ମଦନ ପଲାଇ	ଚେମା ପଲାଇ	ଆଖି ଓ ମୁଣ୍ଡ
୧୦	,,	ମଦନ ପଣ୍ଡା	ବପ୍ର ପଣ୍ଡା	ଗୋଡ
୧୧	,,	ଅର୍ଖି ପରିଡ଼ା	ଚନ୍ଦ୍ର ପରିଡା	(ଜଣା ନାହିଁ)
୧୨	,,	ମାଗୁଣି ବିଶ୍ୱାଳ	ଶ୍ୟାମବିଶ୍ୱାଳ	ଜଙ୍ଘ
୧୩	,,	ବନ୍ଧୁ ବିଶ୍ୱାଳ	ରମା ବିଶ୍ୱାଳ	(ଜଣା ନାହିଁ)
୧୪	,,	ନବ ବେହେରା	(ଜଣା ନାହିଁ)	ଛାତି
୧୫	,,	ନରହରି ଦାସ	,,	(ଜଣା ନାହିଁ)
୧୬	,,	ପଞ୍ଚାନନ ପାଢ଼ୀ	,,	,,
୧୭	,,	ବାଲକୃଷ୍ଣ ଦାସ	,,	ଗୋଡ଼
୧୮	,,	ରତେଇ ମଣ୍ଡଳ	,,	(ଜଣା ନାହିଁ)
୧୯	କୁମାରପୁର	ଜଡ଼େଇ ବେହେରା	ବପ୍ର ବେହେରା	,,
୨୦	,,	ବୁଦ୍ଧି ଦାସ	ଶିବ ଦାସ	,,
୨୧	,,	ସନାତନ ପାଢ଼ୀ	ପୁରୁଷୋତ୍ତମ ପାଢ଼ୀ	,,
୨୨	,,	ହାଡ଼ି ମାଝୀ	ମଣି ମାଝି	,,
୨୩	,,	ପଦୁ ପଲାଇ	ଗୋପାଳ ପଲାଇ	,,
୨୪	,,	ହର ଦେଓ	ହାରି ଦେଓ	,,

Digitized by srujanika@gmail.com

୨୫	କୁମାରପୁର	କଣ୍ଡୁରି ପୃଷ୍ଟି	ଗୋଧି ପୃଷ୍ଟି	ଜଣା ନାହିଁ
୨୬	,,	କୃଷ୍ଣ ପୃଷ୍ଟି	ରାମ ପୃଷ୍ଟି	,,
୨୭	,,	ଜ୍ଞପେନ୍ଦ୍ର ବନାମ କାଳୀ ବିଶ୍ୱାଳ	ଭଗୁ ବିଶ୍ୱାଳ	,
୨୮	,,	ଗୋପୀ ପଣ୍ଡା	(ଜଣା ନାହିଁ)	,,
୨୯	,,	ଗଙ୍ଗେଇ ବେହେରା	ଡୁମେଇ ବେହେରା	,,
୩୦	,,	ସପନ ବେହେରା	ମଧୁ ବେହେରା	,,
୩୧	,,	ହାଡ଼ି ସାହୁ	ଫକୀର ସାହୁ	,,
୩୨	ବଛଡା	କାଳୀ ମହାଲିକ	ନିଧି ମହାଲିକ	,,
୩୩	,,	ଧନେଇ ବିଶ୍ୱାଳ	ଶିବ ବିଶ୍ୱାଳ	,,
୩୪	,,	ଭୁବନ ନାୟକ	(ଜଣା ନାହିଁ)	ଗୋଡ଼
୩୫	,,	ପଦନ ବେହେରା	,,	ହାତ
୩୬	ଶଙ୍ଖାରୁ	ଚେମେଇ ସାହୁ	ଭଗବାନ ସାହୁ	ଜଣା ନାହିଁ
୩୭	,,	କୃଷ୍ଣ ଦାସ	ପୁରୁଷୋତ୍ତମ ଦାସ	ଜଙ୍ଘ
୩୮	,,	ଝିଆ ଓଝା	ହୃଷି ଓଝା	ଜଣା ନାହିଁ
୩୯	,,	ଘାନା ସାହୁ	(ଜଣା ନାହିଁ)	ଗୋଡ଼
୪୦	ଈଶ୍ୱରପୁର	ଜଟି ସାହୁ	ଶ୍ୟାମ ସାହୁ	ଜଣା ନାହିଁ
୪୧	,,	ମହାଦେବ ପଣ୍ଡା	ଗଦେଇ ପଣ୍ଡା	,,
୪୨	ଉଲଗଡ଼ା	ଶ୍ୟାମ ଶଙ୍ଖୁଆ	ବୈଦ ଶଙ୍ଖୁଆ	,,
୪୩	ନୂଆଗାଁ	ଚଡ଼େଇ ପଣ୍ଡା	ପୁରୁଷୋତ୍ତମ ପଣ୍ଡା	,,
୪୪	ଡଳଦା	ବଳରାମ ଦାସ	କୃଷ୍ଣ ଦାସ	,,
୪୫	,,	ମଧୁସୂଦନ ବେହେରା	ମାନ ବେହେରା	ହାତ
୪୬	ଇରମ	ଖମ ବେହେରା	ଭଜନ ବେହେରା	ଜଣା ନାହିଁ
୪୭	ସଦେଇପଡ଼ା	ସୁନେଇ ବେହେରା	ଗଦାଧର ବେହେରା	,,
୪୮	ସୁଆଁ	ରତ୍ନାକର ବିଶ୍ୱାଳ	କାଳ ବିଶ୍ୱାଳ	ଜଙ୍ଘ
୪୯	ସୁଦର୍ଶନପୁର	ଭନୁ ମହାପାତ୍ର	ଦୁର୍ଲଭ ମହାପାତ୍ର	ବାଁ ଗୋଡ଼
୫୦	,,	କାଳ ସାହୁ	ବଲ୍ଲଭ ସାହୁ	ମୁଣ୍ଡ ଓ ଗୋଡ଼

Digitized by srujanika@gmail.com

୫୧	ଅଡ଼ୁଆଁ	କାଙ୍ଗାଳ ମଳିକ	ବୁଦ୍ଧି ମଳିକ	ଜଣା ନାହିଁ
୫୨	,,	ପୂର୍ଣ୍ଣ ଦାସ	ଶାନ୍ତା ଦାସ	,,
୫୩	,,	ଗୋବନ୍ଦ ବାଗୁଡ଼ାଇ	ନରହର ବାଗୁଡ଼ାଇ	ବାମ ହାତ ଖୁଆ
୫୪	ଚୂଡ଼ାମଣି	କୃଷ୍ଣ ତରାଇ	ସିନ୍ଧୁ ତରାଇ	ଜଣା ନାହିଁ
୫୫	ଗୁଡ଼	କାଶୀନାଥ ଦାସ	ପ୍ରାଣବନ୍ଧୁ ଦାସ	ହାତ
୫୬	ଜଗନ୍ନାଥ	ଯୁଜ ବେହେରା	ପର ବେହେରା	ହାତ

Digitized by srujanika@gmail.com

ପରିଶିଷ୍ଟ—୨

ପାଟନା ହାଇକୋର୍ଟ କଟକ ସର୍କିଟରେ ଦାୟେର ହୋଇଥିବା କ୍ରିମିନାଲ ଅପିଲ କେସ୍‌ରେ ପ୍ରଦତ୍ତ ରାୟର ଇଂରାଜୀ ଅନୁବାଦ

କ୍ରିମିନାଲ ଏପିଲ ନମ୍ବର ୧୩ ଓ ୧୪, ୧୯୪୩

ଭଦ୍ରକର ସ୍ପେସାଲ ମାଜିଷ୍ଟ୍ରେଟ ପି. ସି. ମହାନ୍ତିଙ୍କ ଦ୍ୱାରା ଏପ୍ରିଲ ୧୭ ୧୯୪୩ରେ ଦିଆଯାଇଥିବା ରାୟ ବିରୁଦ୍ଧରେ ବାଦୀ ସି· ଆର.ଏ ୧୩।୪୩ ରେ ଗଙ୍ଗାଧର ବେହେରା ଓ ସି. ଆର. ୧୪।୪୩ରେ ଗୋବିନ୍ଦ ବାରୁଡ଼ାଇ

ପ୍ରତିବାଦୀ—ସମ୍ରାଟ

ବାଦୀଙ୍କ ପକ୍ଷ ଓକିଲ—ପି· ସି. ଚାଟାର୍ଜି

ପ୍ରତିବାଦୀ—ଏଡ଼ଭୋକେଟ ଜେନେରାଲ

ବିଚାରପତି—ମାନ୍ୟବର ଜଷ୍ଟିସ ଚାଟାର୍ଜି

ମାନ୍ୟବର ଜଷ୍ଟିସ ସିହ୍ନା

ସହ୍ନା· ଜେ :—ଏହି ଏପିଲ ଦାୟର ହୋଇଛି ଭଦ୍ରକର ସ୍ପେସାଲ ମାଜିଷ୍ଟ୍ରେଟ ଦେଇଥିବା ରାୟ ବିରୁଦ୍ଧରେ । ସେ ବାଦୀ ତଥା ଅନ୍ୟମାନଙ୍କୁ ଦେଇଥିବା ଦଣ୍ଡ ଥିଲା ନିମ୍ନ ପ୍ରକାରର—୧୪୭ ଦଫାରେ ୧ ବର୍ଷ ସଶ୍ରମ କାରାଦଣ୍ଡ, ୧୫୨ ଓ ୧୪୯ ଦଫାରେ ଦୁଇବର୍ଷ ସଶ୍ରମ କାରାଦଣ୍ଡ, ଭାରତୀୟ ପ୍ରତିରକ୍ଷା ଆଇନର ୩୫ ଧାରା ଅନୁଯାୟୀ ଦୁଇବର୍ଷ ସଶ୍ରମ କାରାଦଣ୍ଡ ଏବଂ ସେହି ଭାରତୀୟ ପ୍ରତିରକ୍ଷା ଆଇନର ୩୪ (୬) ଧାରାନୁଯାୟୀ ଏକ ବର୍ଷ ସଶ୍ରମ କାରାଦଣ୍ଡ । ଉକ୍ତ ଦଣ୍ଡ ମିଶାଇ ଗୋଟିକ ପରେ ଗୋଟିଏ ଲାଗୁହେବ ।

ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଥାନା ଅନ୍ତର୍ଗତ ମେଲନ ପଡ଼ିଆରେ ସେପ୍ଟେମ୍ବର ତା ୨୮ ରିଖ ଦିନ ଘଟିଥିବା ଗୁଳିକାଣ୍ଡ ଘଟଣା ପାଇଁ ବାଦୀଙ୍କ ସମେତ ୨୯ ଜଣ ଅପରାଧୀଙ୍କୁ ସ୍ପେଶାଲ ମାଜିଷ୍ଟ୍ରେଟଙ୍କ ଆଗରେ

Digitized by srujanika@gmail.com

ବିଚ୍ୟର ପାଇଁ ହାଜର କରାଯାଇଥିଲା । କେସ୍‌ଟି ଥିଲା ନିମ୍ନ ପ୍ରକାରର । ପୂର୍ବବର୍ଷ ଅର୍ଥାତ୍ ୧୯୪୨ର ଅଗଷ୍ଟ ଆନ୍ଦୋଳନ ସମୟରେ ବାସୁଦେବପୁର ଥାନାର ସ୍ଥାନୀୟ ପୋଲିସ ଅବସ୍ଥା ଆୟତ୍ତ କରି ନ ପାରିବାରୁ ପୋଲିସ ଇନ୍‌ସପେକ୍ଟରଙ୍କ ସହ ବାସୁଦେବପୁରକୁ ପ୍ରେରଣ କରାଯାଇଥିଲା । ଘଟଣା ଦିନ ପ୍ରାୟ ସନ୍ଧ୍ୟା ୭ଟା ସମୟରେ ଦୁଇ ହଜାରରୁ ୩ ହଜାର ପର୍ଯ୍ୟନ୍ତ ଲୋକ ଇରମର ମେଳନ ପଡ଼ିଆରେ ସମବେତ ହୋଇଥିଲେ । ଲୋକମାନଙ୍କ ମଧ୍ୟରୁ କେତେଜଣ ଚୌକିଦାରମାନେ ନେଇଯାଇଥିବା ବନ୍ଧୁକପତ୍ର (kits) ତାଙ୍କଠାରୁ ଛଡ଼ାଇ ନେଇଥିଲେ । ତେଣୁ ସ୍ୱତନ୍ତ୍ର ପୋଲିସ କନଷ୍ଟେବଲ କୌଶଳକ୍ରମେ ସେଠାରୁ ଖସିଯାଇ ୧୭ ନମ୍ବର ସାକ୍ଷୀଙ୍କ ଘରେ ରହିଥିବା ପୋଲିସ ଅଫିସରଙ୍କୁ ଖବର ଦେଇଥିଲେ । ଏହି ଖବରପାଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ ଇନ୍‌ସପେକ୍‌ଟର ଏବଂ ପୋଲିସ ସବ୍‌ଇନ୍‌ସପେକ୍ଟର ସଶସ୍ତ୍ର ପୋଲିସ ଫୌଜସହ ସମବେତ ଜନତାଙ୍କ ନିକଟକୁ ଯାଇଥିଲେ । ପ୍ରତିବାଦୀ ପକ୍ଷର ଓକିଲ କହନ୍ତି ଯେ, ପୋଲିସ ଇନ୍‌ସପେକ୍ଟର ଲୋକମାନଙ୍କୁ ଅନୁରୋଧ କରିବା ସତ୍ତ୍ୱେ ସେମାନେ ତାଙ୍କର ବନ୍ଧୁକ ଫେରାଇ ଦେଇ ନ ଥିଲେ । ସେମାନଙ୍କ ଉକ୍ତ ସ୍ଥାନଗୁଡ଼ି ଚାଲିଯିବା ପାଇଁ କହିବା ସତ୍ତ୍ୱେ ସେମାନେ ସେଠାରୁ ଚାଲି ଯାଇ ନ ଥିଲେ । ଅପର ପକ୍ଷେ ସେମାନେ ପୋଲିସ ଆଡ଼କୁ ମାଡ଼ି ଆସିବାଫଳରେ ପୋଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପୋଲିସ ଫୌଜଙ୍କୁ ଗୁଳିକରିବା ପାଇଁ ଆଦେଶ ଦେଇଥିଲେ । ଫଳରେ ଲୋକମାନେ ସେଠାରୁ ଚାଲିଯାଇଥିଲେ । ତାପରେ ପୋଲିସ ଅଫିସର ଘଟଣାସ୍ଥଳକୁ ଯାଇ ୨୫ଟି ଲାଠି ଏବଂ ସେମାନଙ୍କର ବନ୍ଧୁକ ସଂଗ୍ରହ କରିଥିଲେ । ସେମାନେ ମଧ୍ୟ ବହୁ ସଂଖ୍ୟକ ମୃତଦେହ ଘଟଣାସ୍ଥଳରେ ପଡ଼ି ରହିଥିବାର ଦେଖିଥିଲେ । ଅନ୍ୟ କେତେଜଣ କୌଣସି ଆଘାତ ନ ପାଇ ମଧ୍ୟ ସେଠାରେ ପଡ଼ିରହିଥିବାର ଦେଖାଯାଇଥିଲା । ସେମାନଙ୍କୁ ପୋଲିସ ଗିରଫ କରିଥିଲେ । ତାପରେ ପୋଲିସ ଫୌଜ ୧୭ ନମ୍ବର ସାକ୍ଷୀଙ୍କ ଘରେ ରାତିଟିଏ ରହିଥିଲେ । ଘଟଣା ପରେ ପୋଲିସ ସବ୍-ଇନ୍‌ସପେକ୍ଟର ପ୍ରାୟ ସନ୍ଧ୍ୟା ୭.୩୦ ସମୟରେ ଅନୁସନ୍ଧାନ ଚଳାଇ ନିଜର ଗୋଟିଏ ବିବରଣୀ ପ୍ରସ୍ତୁତ କରିଥିଲେ । ପୋଲିସ ଗୁଳିରେ ଆହତ ହୋଇଥିବା କେତେଜଣ ବ୍ୟକ୍ତିଙ୍କୁ ସେ ମଧ୍ୟ ଗିରଫ କରିଥିଲେ । ଅନ୍ୟ ପୋଲିସ ଅଫିସର ମଧ୍ୟ ଅନ୍ୟ କେତେ-

Digitized by srujanika@gmail.com

ଜଣଙ୍କୁ ଗିରଫ କରିଥିଲେ । ପରିଶେଷରେ କେତେ ଜଣଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ ହୋଇଥିଲା । ସେମାନଙ୍କର ବିଚାର ହୋଇ ଉପରୋକ୍ତ ଦଣ୍ଡରେ ସେମାନେ ଦଣ୍ଡିତ ହୋଇଥିଲେ । ନିମ୍ନଲିଖିତ ଦଫାରେ ବାଦୀମାନେ ଦଣ୍ଡିତ ହୋଇଥିଲେ ।

(୧) ଇଣ୍ଡିଆନ ପେନାଲ କୋର୍ଡର ୧୪୭ ଧାରା ଅନୁଯାୟୀ ସେମାନଙ୍କର ଉପସ୍ଥିତି ଥିଲା ବେଆଇନ । ସେମାନେ ବିଛଣା ସଜ ନ ଫେରାଇ ପୋଲିସମାନଙ୍କର ଆଇନସମ୍ମତ ଆଦେଶକୁ ଅମାନ୍ୟ କରିଥିଲେ ।

(୨) ଇଣ୍ଡିଆନ ପେନାଲ କୋର୍ଡର ୧୫୨/୧୪୯ ଧାରା ଅନୁଯାୟୀ ସେମାନେ ସେଠାରେ ବେଆଇନ ଭାବେ ସମବେତ ହେବା ସଙ୍ଗେ ସଙ୍ଗେ ସର୍ବସାଧାରଣଙ୍କର କର୍ମଚାରୀଭାବେ ପୋଲିସ ଅଫିସରଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ଦିଗରେ ବାଧା ଦେଇଥିଲେ । ସେମାନେ ମଧ୍ୟ ତାଙ୍କ ପ୍ରତି ବଳ ପ୍ରୟୋଗ କରିବା ପାଇଁ ଧମକ ଦେଇଥିଲେ ।

(୩) ଭାରତ ପ୍ରତିରକ୍ଷା ଆଇନର ୩୫ ଧାରା ଅନୁଯାୟୀ ସେମାନେ ସେଠାରେ ବେଆଇନ ଭାବେ ସମବେତ ହୋଇ ସଶସ୍ତ୍ର ପୋଲିସ ଫୌଜଙ୍କର ବିଛଣା ଆଦି ନଷ୍ଟ କରିବା ପାଇଁ ଚାହିଁଥିଲେ । ତାହାଦ୍ୱାରା ସେମାନେ ସରକାରୀ ସମ୍ପତ୍ତି ନଷ୍ଟ କରିବା ପାଇଁ ଉଦ୍ୟମ କରିଥିଲେ ।

(୪) ଇଣ୍ଡିଆନ ପେନାଲ କୋର୍ଡର ୩୪୨ ଓ ୧୪୯ ଧାରା ଅନୁଯାୟୀ ସେମାନେ ବେଆଇନ ଭାବେ ସମବେତ ହେବା ସଙ୍ଗେ ସଙ୍ଗେ ଚୌକିଦାରଙ୍କୁ ବେଆଇନ ଭାବେ ଅଟକ କରି ରଖିଥିଲେ ।

(୫) ଭାରତୀୟ ପ୍ରତିରକ୍ଷା ଆଇନର ୩୫ (୫) ଏବଂ ୩୪ (୬) ଧାରା ଅନୁଯାୟୀ ସେ ସର୍ବସାଧାରଣଙ୍କର ନିରାପତ୍ତା ଓ ସ୍ୱାର୍ଥରକ୍ଷା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୩୪୨ ଏବଂ ଇଣ୍ଡିଆନ ପେନାଲ କୋର୍ଡର ୧୪୯ ଧାରା ଅନୁଯାୟୀ ୪ର୍ଥ କ୍ରମରେ ଥିବା ଚାର୍ଜଟି କୋର୍ଟରେ ସତ୍ୟବୋଲି ପ୍ରମାଣିତ ହୋଇପାରି ନାହିଁ ।

Digitized by srujanika@gmail.com

ବାଘା ଓ ଅନ୍ୟାନ୍ୟମାନଙ୍କ ପାଇଁ ସେମାନଙ୍କର ନିଜ ନିଜର ଓକିଲ ବୟାନ ଦେଇଛନ୍ତି । କ୍ରିମିନାଲ ପ୍ରୋସିଡ଼ିଓର କୋର୍ଡ଼ରେ ୪୩୯ ଧାରା ଅନୁଯାୟୀ ଆମ୍ଭମାନଙ୍କୁ ଆମର କ୍ଷମତା ପ୍ରୟୋଗ କରିବା ପାଇଁ କୁହାଯାଇଛି । ନଭେମ୍ବର ୩୦ ଓ ଡିସେମ୍ବର ୧ ତାରିଖ ଦିନ ଏହାର ପ୍ରାଥମିକ ଶୁଣାଣି ହୋଇଥିଲା । ସେତେବେଳେ ବିଜ୍ଞ ଏଡ଼ଭୋକେଟ ଜେନେରାଲ ଠିକ୍ ଦର୍ଶାଇଥିଲେ ଯେ ଅନ୍ୟ ଅପରାଧି ଏ ବିଷୟରେ ଅପିଲ ଦାୟର କରି ନଥିବା ସତ୍ତ୍ୱେ ତାଙ୍କ ବିଷୟରେ ବୟାନ୍ କରିବା ପାଇଁ ତାଙ୍କୁ କୁହାଯାଇଥିବାରୁ ସେଦିନ ଏଥିପାଇଁ ସେ ପ୍ରସ୍ତୁତ ହୋଇ ନାହାନ୍ତି । ତେଣୁ ଡିସେମ୍ବର ୭କୁ ଶୁଣାଣି ତାରିଖ ଘୁଞ୍ଚାଇ ଦିଆଯାଇଥିଲା; କାରଣ ସମସ୍ତଙ୍କ ପାଇଁ ସେ ସେଦିନ ପ୍ରସ୍ତୁତ ହୋଇ ଆସିପାରିବେ । ସେଦିନ ସେ ସମବେତ ଜନତାର ମତିଗତି ବିଷୟରେ ତିନିଜଣ ଉପରିସ୍ଥ ପୋଲିସ କର୍ମଚାରୀଙ୍କର ସାକ୍ଷ୍ୟ ଦାଖଲ କରିଥିଲେ । ଉପରୋକ୍ତ ସାକ୍ଷ୍ୟ ଓ ପ୍ରମାଣ ଶୁଣିଲା ପରେ ଏହା ଜଣାପଡ଼ୁଛି ଯେ ସେଦିନ ପୋଲିସ ଫୌଜ ପ୍ରକୃତ ଗୁଳି ମାରିବା ଆରମ୍ଭ ପୂର୍ବରୁ ସତର୍କତାମୂଳକ ଭାବେ କୌଣସି ଫାଙ୍କା ଗୁଳି ମାରି ନ ଥିଲେ । ଫଳରେ ବହୁ କ୍ଷେତ୍ରରେ ଅପରାଧିମାନେ କହିଛନ୍ତି ଯେ, ସେମାନେ ଥିଲେ ନିରୀହ ବାଟୋଇ । ସେମାନେ ସେଦିନ ସେହି ବାଟ ଦେଇ ଯାଉଥିବା ସମୟରେ ତାଙ୍କ ଦେହରେ ଗୁଳି ବାଜିଥିଲା । ପ୍ରକୃତପକ୍ଷେ ସେମାନେ ଯେ ସେଦିନ ବେଆଇନ ଭାବେ ସଭାରେ ଉପସ୍ଥିତ ଥିଲେ ତାର କୌଣସି ପ୍ରମାଣ ମିଳେ ନାହିଁ । ଏହି ସମ୍ବନ୍ଧରେ ୫୦ ଜଣ ସାକ୍ଷୀଙ୍କୁ ଜେରା କରାଯାଇଛି । ଯେହେତୁ ଉପରୋକ୍ତ ଦୁଇଜଣ ବାଘାଙ୍କ ବ୍ୟତୀତ ଅନ୍ୟମାନେ ଅପିଲ ଦାୟର କରି ନାହାନ୍ତି, ସେମାନଙ୍କ ସମ୍ପର୍କରେ ଆବଶ୍ୟକୀୟ କାଗଜପତ୍ର ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ତେଣୁ ସେ ସମସ୍ତଙ୍କର ବିଷୟକୁ ବିଚାରକୁ ନେବା ଆମ ପକ୍ଷେ ସମ୍ଭବ ହେଉ ନାହିଁ । ଯଦି ସେମାନେ ଅପିଲ କରି- ଥାଆନ୍ତେ ତେବେ ଏ ବିଷୟରେ ବ୍ରିଟିଶ ସମ୍ରାଟଙ୍କୁ ନୋଟିସ ଦିଆଯାଇ ତାଙ୍କ ବିଷୟରେ ବିଧିବଦ୍ଧ ବିଚାର କରିବା ପାଇଁ ଆମେ ସୁଯୋଗ ଲାଭ କରିପାରିଥାଆନ୍ତୁ ।

ବର୍ତ୍ତମାନ ଦୁଇଜଣ ବାଘାଙ୍କ ବିଷୟରେ ସାକ୍ଷୀ ପ୍ରମାଣ ନେଇ ଆମେ ଦେଖୁଛୁ ଯେ ଗଙ୍ଗାଧର ବେହେରାଙ୍କୁ ଗୁଳି ତାଙ୍କ ଡାହାଣ ହାତ

Digitized by srujanika@gmail.com

ପାପୁଲିର ବାହାର ପଟକୁ ଲାଗିଥିଲା । ଏ ସମ୍ପର୍କରେ ବିଜ୍ଞ ମାଜିଷ୍ଟ୍ରେଟ ତାଙ୍କ ରାୟରେ କହିଛନ୍ତି, "ତାଙ୍କ ଦେହରେ ଗୁଳିର ଆଘାତ ସ୍ଥାନରୁ ଜଣେ ନିଶ୍ଚିତ ଚିନ୍ତା କରିବ ଯେ ଅପରାଧି ସେଠାରେ ଉପସ୍ଥିତ ବେଆଇନ ଜନତାଙ୍କ ମଧ୍ୟରୁ ଜଣେ । ସେ ଆଗରେ ଠିଆହୋଇ ପୋଲିସ ଫୌଜଙ୍କ ଆଡ଼କୁ ମାଡ଼ ଆସିଲେ ।" ମୁଁ ଜାଣିପାରୁ ନାହିଁ ବିଜ୍ଞ ମାଜିଷ୍ଟ୍ରେଟ ଏତେ ଜୋରଦେଇ କିପରି କହିଛନ୍ତି ଯେ ଉକ୍ତ ଅପରାଧି ବେଆଇନ ଘୋଷିତ ଜନତାଙ୍କର ସମ୍ମୁଖରେ ଥିଲେ । ଏ ସମ୍ପର୍କରେ ଅପରାଧୀ ଭାବରେ ଠିଆହୋଇ ସେ ନିଜେ ବୟାନ ଦେଇ କହିଛନ୍ତି ଯେ, ସେଦିନ ସେ ତାଙ୍କ ଝିଆରୀଙ୍କ ଘରୁ ଫେରୁଥିବା ରାସ୍ତାରେ ଉପରୋକ୍ତ ସ୍ଥାନରେ ଗୁଳି ହେଉଥିବାର ଦେଖିଥିଲେ । ସେ ତାହା ଦେଖି ଦଉଡ଼ି ପଳାଇ ଯାଉଥିବା ସମୟରେ ତାଙ୍କ ଦେହରେ ଗୁଳି ବାଜିଥିଲା । ଏହା ମଧ୍ୟ ୨୧ ନମ୍ବର ଓ ୨୨ ନମ୍ବର ସାକ୍ଷୀ ବୟାନ ଦେଇଛନ୍ତି । ମାତ୍ର ବିଜ୍ଞ ମାଜିଷ୍ଟ୍ରେଟ ତାହା ଗ୍ରହଣ କରି ନାହାନ୍ତି । କାରଣ ଦେଇ ସେ କହିଛନ୍ତି ଯେ ପ୍ରଥମତଃ ୨୧ ନମ୍ବର ସାକ୍ଷୀ ତାଙ୍କ ଝିଆରୀର ଶ୍ୱଶୁର । ଦ୍ୱିତୀୟତଃ ଗୁଳିଶବ୍ଦ ଶୁଣିଲା ପରେ ଯେ ସେ ସେଠାକୁ ଯାଇଥିବେ ତାହା ଅସମ୍ଭବ । ସେ ମଧ୍ୟ ୨୨ ନମ୍ବର ସାକ୍ଷୀଙ୍କର ବୟାନ ଗ୍ରହଣ କରି ନାହାନ୍ତି, କାରଣ ଗୁଳିକାଣ୍ଡ ହେବାର ୧୦।୧୫ ମିନିଟ୍ ପରେ ଅପରାଧିଙ୍କୁ ସେ ଗୋବିନ୍ଦଙ୍କ ଘରୁ ଫେରୁଥିବାର ଦେଖିଥିଲେ । ଏହିଠାରେ ବିଜ୍ଞ ମାଜିଷ୍ଟ୍ରେଟ ୨୨ ନମ୍ବର ସାକ୍ଷୀଙ୍କର ବୟାନ ଠିକ୍‌ଭାବେ ଧରିପାରି ନାହାନ୍ତି । ସେ ପ୍ରକୃତରେ କହିଛନ୍ତି ଯେ ସେ ତାଙ୍କ ନିଜ ଘର ନିକଟରେ ଅପରାଧି ଜଣକ ଗୋବିନ୍ଦଙ୍କ ଘରୁ ଫେରୁଥିବାର ଦେଖିଥିଲେ ତାର ୧୦।୧୫ ମିନିଟ୍ ପରେ ଗୁଳି ହେଉଥିବା ଶବ୍ଦ ସେ ଶୁଣିଥିଲେ । ମୋ ମତରେ ଦୁଇଜଣ ସାକ୍ଷୀଙ୍କର ବୟାନ ବାଦୀଙ୍କ ସପକ୍ଷରେ ପୂରାପୂରି ଭାବେ ଯାଉଛି । ଏ ସମ୍ପର୍କରେ ବାଦୀଙ୍କ ବିପକ୍ଷରେ ସେପରି କିଛି ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ପ୍ରମାଣ ନ ଥିବାରୁ ମୁଁ ତାଙ୍କ ବିରୁଦ୍ଧରେ ଥିବା ପାରିପାର୍ଶ୍ୱିକ ସାକ୍ଷ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ତେଣୁ ସେ ନିର୍ଦ୍ଦୋଷ । ସେଥିପାଇଁ ମୁଁ ତାଙ୍କୁ ସନ୍ଦେହ-ଜନିତ ଧାରା ବଳରେ ଖଲାସ କରିଦେଉଛି ।

ପୁନଶ୍ଚ ଅନ୍ୟତମ ବାଦୀ ଗୋବିନ୍ଦ ବାଗୁଡ଼ାଇଙ୍କ ବିରୁଦ୍ଧରେ ହୋଇଥିବା ଚାର୍ଜ ଏକ ପ୍ରକାରର । ତାଙ୍କ କ୍ଷେତ୍ରରେ ପ୍ରମାଣ ଅଛି ଯେ

Digitized by srujanika@gmail.com

ତାଙ୍କ ବାମ କାନ୍ଧର ପଛପଟରେ ଗୁଳି ବାଜିଥିଲା । ଏ ସମ୍ପର୍କରେ ୧୨ ନମ୍ବର ସାକ୍ଷୀ ବୟାନ ଦେଇ କହିଛନ୍ତି ଯେ ସେଦିନ ତାଙ୍କର ଶ୍ୱଶୁର ଘରକୁ ବାଗୁଡ଼ାଇ ଯାଇଥିଲେ ତାଙ୍କ ଘରେ ଏକ ଶ୍ରାଦ୍ଧ ଉତ୍ସବରେ ଯୋଗ ଦେବାପାଇଁ । ସେ ଠିକ୍ ଗୋଧୂଳି ସମୟରେ ତାଙ୍କ ଶ୍ୱଶୁର ଘର ଛାଡ଼ିଥିଲେ ଏବଂ ମେଳନପଡ଼ିଆ ଏକ ସର୍ବସାଧାରଣ ରାସ୍ତାରେ ଥିବାରୁ ସେହିବାଟ ଦେଇ ସେ ଫେରୁଥିଲେ । ଏ କ୍ଷେତ୍ରରେ ପାରିପାର୍ଶ୍ୱିକ ପ୍ରମାଣ ମଧ୍ୟ ତାଙ୍କୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିଥାଏ । ବିଜ୍ଞ ଏଡ଼ଭୋକେଟ ଜେନେରାଲ ସେଦିନ ସନ୍ଧ୍ୟାରେ ଗୁଳିରେ ମୃତାହତ ବ୍ୟକ୍ତିଙ୍କ ତାଲିକା ପେଶ୍‌କରି ଏହାକୁ ମଧ୍ୟ ପ୍ରମାଣିତ କରିଛନ୍ତି । ସବ୍‌ଇନସ୍‌ପେକ୍‌ଟର ମୃତାହତଙ୍କ ତାଲିକା ତା'ପରଦିନ ଜଣେକ ଅପରାଧ ଅନିରୁଦ୍ଧ ମହାନ୍ତିଙ୍କଠାରୁ ପାଇଛନ୍ତି ବୋଲି କୁହାଯାଇଛି ମାତ୍ର ଏହା ପ୍ରକୃତପକ୍ଷେ ତାଙ୍କ ପାଖରୁ ସେ ଆଣିଛନ୍ତି କି ଅନ୍ୟ ପାଖରୁ ଆଣିଛନ୍ତି ତାହାର ପ୍ରମାଣ ନାହିଁ । ପୁନଶ୍ଚ ଏହା ତାଙ୍କର ହାତ ଅକ୍ଷର କି ନୁହେଁ ତାହା ମଧ୍ୟ ଜଣା ନାହିଁ । ଏ କ୍ଷେତ୍ରରେ ମୋ ମତରେ ବାଦୀଙ୍କ ବିରୁଦ୍ଧରେ ଆଣିଥିବା ଚାର୍ଜ ଠିକ୍ ନୁହେଁ ।

ବର୍ତ୍ତମାନ ଇଣ୍ଡିଆନ୍ ପେନାଲ କୋର୍ଡ଼ର ୧୫୨ ଧାରାରେ ଅଣାଯାଇଥିବା ଅନ୍ୟମାନଙ୍କର ଅପରାଧ ସପକ୍ଷରେ କୌଣସି ପ୍ରମାଣ ନାହିଁ । ପୋଲିସ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ସେମାନେ ତାଙ୍କୁ କୌଣସି ପ୍ରକାରର ବାଧା ଦେଇଥିବାର ପ୍ରମାଣ ମଧ୍ୟ ନାହିଁ । ତେଣୁ ତାଙ୍କ ବିରୁଦ୍ଧରେ ଏହି ଚାର୍ଜ ପ୍ରମାଣ କରିହେଉ ନାହିଁ । ସେହିପରି ଭାରତୀୟ ପ୍ରତିରକ୍ଷା ଆଇନର ୩୫ ଧାରା ଓ ଇଣ୍ଡିୟାନ ପେନାଲ କୋର୍ଡ଼ର ୧୪୯ ଧାରାରେ ଦଣ୍ଡିତ ଅପରାଧ ସପକ୍ଷରେ କୌଣସି ପ୍ରମାଣ ନାହିଁ । ସେମାନେ ସେଠାରେ ବେଆଇନ ଭାବେ ସମବେତ ହୋଇ ସରକାରୀ ସମ୍ପତ୍ତିକୁ ନଷ୍ଟ କରିଥିଲେ ବା ନଷ୍ଟ କରିବାର ଉଦ୍ଦେଶ୍ୟ ରଖିଥିଲେ, ତାହାର ମଧ୍ୟ ପ୍ରମାଣ ନାହିଁ । ସେମାନେ ମଧ୍ୟ ସର୍ବସାଧାରଣଙ୍କର ନିରାପତ୍ତା ଓ ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରିଥିବାର କୌଣସି ପ୍ରମାଣ ନାହିଁ ।

ଫଳରେ ଉକ୍ତ ବାଦୀଦ୍ୱୟଙ୍କୁ ମୁଁ ଶୀଘ୍ର ଖଲାସ କରିଦେବା ପାଇଁ ଆଦେଶ ଦେଉଛି । ଇଣ୍ଡିୟାନ ପେନାଲ କୋର୍ଡ଼ର ୧୪୯ ଓ ୧୫୨ ଧାରାରେ

Digitized by srujanika@gmail.com

ମଧ୍ୟ ଦଣ୍ଡ ପାଇଥିବା ଅନ୍ୟାନ୍ୟ ଅପରାଧୀଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ନଥିବାରୁ ସେମାନଙ୍କୁ ଉକ୍ତ ଅପରାଧରୁ ଖଲାସ କରିବା ପାଇଁ ଆଦେଶ ଦେଉଛୁ । କେବଳ ମାତ୍ର ତାଙ୍କ ବିରୁଦ୍ଧରେ ଇଣ୍ଡିଆନ ପେନାଲ କୋର୍ଡର ୧୪୭ ଧାରା ଲାଗୁ ହୋଇପାରିବ । ତେଣୁ ଦୁଇଜଣ ବାଘାଙ୍କ ବ୍ୟତୀତ ଅନ୍ୟାନ୍ୟ ଅପରାଧୀଙ୍କ କ୍ଷେତ୍ରରେ ମୁଁ କ୍ରିମିନାଲ ପ୍ରୋସିଡ଼ିଓର କୋର୍ଡର ୪୩୯ ଧାରା ଅନୁଯାୟୀ ଉପଭୋଗ କରୁଥିବା କ୍ଷମତା ବଳରେ ଆଦେଶ ଦେଉଛୁ ଯେ ଇଣ୍ଡିଆନ ପେନାଲ କୋର୍ଡ଼ର ୧୫୨ ଓ ୧୪୯ ଧାରା ଓ ଭାରତୀୟ ପ୍ରତିରକ୍ଷା ଆଇନ ୩୫ ଧାରା, ତଥା ଉକ୍ତ ଆଇନର ୩୫ (୧) ଓ ୩୮ (୫) ଧାରା ତାଙ୍କ ପ୍ରତି ଲାଗୁ ହେବ ନାହିଁ । ମାତ୍ର ଇଣ୍ଡିୟାନ ପେନାଲ କୋର୍ଡ଼ର ୧୪୭ ଧାରା ଅନୁଯାୟୀ ତାଙ୍କୁ ଦିଆଯାଇଥିବା ଦଣ୍ଡ ମଧ୍ୟରୁ କେବଳ ମାତ୍ର ଏକବର୍ଷ ସଶ୍ରମ କାରାଦଣ୍ଡ କାଏମ ରଖାଗଲା ।

ଚାଟାର୍ଜୀ. ଜେ

ମୁଁ ଏକମତ

ସ୍ୱା ବି. ପି. ସିହ୍ନା

ଏସ୍. ଚ. ଚାଟାର୍ଜୀ

ପାଟନା ହାଇକୋର୍ଟ

କଟକ ସର୍କିଟ

୧୩, ଡିସେମ୍ବର ୧୯୪୩

Digitized by srujanika@gmail.com

ପରିଶିଷ୍ଟ—ଘ

ଅର. ଡ଼. ସି. ଓ ଆଇ. ଜି. ଙ୍କୁ ନେଇ ବ୍ରିଟିଶ ସରକାର ବସାଇଥିବା ଇରମ ଗୁଳିକାଣ୍ଡ ସମ୍ପର୍କରେ ମିଳିତ ଇନକ୍ୱାରି ରିପୋର୍ଟର ଓଡ଼ିଆ ଅନୁବାଦ ।

୧ । ଇରମ ଗୁଳିକାଣ୍ଡରେ ମୃତାହତ ସଂଖ୍ୟା ଓ ଇରମରେ ଏକ ସମାନ୍ତରାଳ ସରକାର ଗଠନ କରିବାପାଇଁ ଉଦ୍ୟମ ବିଷୟରେ ଅନୁସନ୍ଧାନକରି ଏକ ରିପୋର୍ଟ ଦାଖଲ କରିବାପାଇଁ ଆମେ ସରକାରଙ୍କଦ୍ୱାରା ଆଦେଶପ୍ରାପ୍ତ ହୋଇ ଅକ୍ଟୋବର ୧୭ ତାରିଖ ସନ୍ଧ୍ୟାରେ ଭଦ୍ରକରେ ପହଞ୍ଚିଲୁ । ୧୭ ଓ ୧୮ ତାରିଖ ଦିନ ବହୁ ସଂଖ୍ୟକ ସାକ୍ଷୀଙ୍କୁ ଜେରାକରି ତତ୍‌ଜନିତ କାଗଜପତ୍ର ଯାଞ୍ଚ କଲୁ । ଇନକ୍ୱାରୀ ସମୟରେ ଜିଲ୍ଲା କଲେକ୍ଟର ଓ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ ଉପସ୍ଥିତ ଥିଲେ । ଇରମକୁ ଯିବାପାଇଁ ଆଗ୍ରହୀ ଥିଲେ ମଧ୍ୟ ସିମୁଳିଆଠାରୁ ବାସୁଦେବପୁର ଦେଇ ୧୫ ମାଇଲ ଅଗମ୍ୟ କଚ୍ଚା ରାସ୍ତାରେ ଯିବା ସମ୍ଭବପର ହୋଇ ନ ଥିଲା । ଆମେ ଭଦ୍ରକ ଯିବା ପୂର୍ବରୁ ଭୀଷଣ ଝଡ଼ ବର୍ଷା ଯୋଗୁ ରାସ୍ତାଟି ଅଗମ୍ୟ ହୋଇପଡ଼ିଥିଲା । ଉକ୍ତ ଅଞ୍ଚଳକୁ ଯାତାୟତ କରିବାର ଅସୁବିଧା ସମ୍ପର୍କରେ ଆମେ ପରେ ଆଲୋଚନା କରିବୁ । ମାତ୍ର ଏହା ଆମେ ଏଠାରେ ସୂଚାଇ ଦେବାକୁ ଚାହୁଁ ଯେ ଏହି ରାସ୍ତାଘାଟର ଶୋଚନୀୟ ଅବସ୍ଥା ଉକ୍ତ ଇରମ ଅଞ୍ଚଳରେ ଏକ ବିଦ୍ରୋହୀ ଅନୁଷ୍ଠାନ ଗଢିବାରେ ସହାୟକ ହୋଇଥିଲା । ସେ ଯାହାହେଉ ଜିଲ୍ଲାମାଜିଷ୍ଟ୍ରେଟଙ୍କ ଦ୍ୱାରା ପ୍ରେରିତ ହୋଇ କାନୁନଗୋ ଆମକୁ ଦେଇଥିବା ତଥ୍ୟ ସମ୍ବଳିତ ମାନଚିତ୍ର ତଥା ଭଦ୍ରକରେ ସରକାରୀ ଓ ବେସରକାରୀ ଲୋକଙ୍କଠାରୁ ମିଳିଥିବା ତଥ୍ୟ ଆମକୁ ଏତେ ପରିମାଣରେ ସାହାଯ୍ୟ କରିଛି ଯେ ଆମେ ଇରମ ଯାଇ ଏହାଠାରୁ ଅଧିକ ତଥ୍ୟ ଯେ ସଂଗ୍ରହ କରିପାରି ନ ଥାନ୍ତୁ, ତାହା ଆମର ହୃଦବୋଧ ହୋଇଛି ।

୨ । ଗୁଳିକାଣ୍ଡ ପୂର୍ବରୁ ଘଟଣାବଳୀ ।

ଅଗଷ୍ଟ ମାସରେ ବାସୁଦେବପୁର ଥାନାରେ କୌଣସି କିଛି ଗଣ୍ଡଗୋଳ ନ ଥିଲା । ଦୌଲତାବଜାରରେ ସେପ୍‌ଟେମ୍ବର ପନ୍ଦରଦିନ ୨୦୦

Digitized by srujanika@gmail.com

ଲୋକଙ୍କ ଉପସ୍ଥିତିରେ ଟେଲିଗ୍ରାଫ୍ ତାର କାଟିବା ଡାକବଙ୍ଗଳା ଓ ଥାନାକୁ ପୋଡ଼ିବା ଏବଂ ସରକାରଙ୍କୁ କର ନ ଦେବା ଆଦି ବିଷୟରେ ଏକ ସଭାରେ ଘୋଷଣା କରାଯାଇଥିଲା । ପ୍ରାୟ ଏହି ସମୟରେ ବର୍ତ୍ତମାନ ଅଟକବନ୍ଦୀରେ ରହିଥିବା ଏମ୍. ଏଲ୍. ଏ. ଜଗନ୍ନାଥ ଦାସଙ୍କର ଜଣେ ମୁଖ୍ୟ ସେନାପତି ଅନିରୁଦ୍ଧ ମହାନ୍ତି ଧାମନଗର ଥାନାରୁ ବାସୁଦେବପୁର ଥାନାକୁ ଆସି ପହଞ୍ଚିଥିଲେ । ସେ ଧାମନଗର ଅଞ୍ଚଳରେ ଲୋକଙ୍କୁ ଏପରିଭାବେ ଉତ୍ତେଜିତ କରାଇଥିଲେ କି ଶେଷରେ ସେଠାରେ ଗୁଳିକାଣ୍ଡ ଘଟି ସେଥିରେ କେତେକ ଲୋକ ମୃତାହତ ହୋଇଥିଲେ । ସେ ଇରମ ନାମକ ଏକ ବଡ଼ ଗ୍ରାମର ଜନୈକ ଅଧିବାସୀ । ତେଣୁ ସେ ଇରମକୁ ଆନ୍ଦୋଳନର ମୁଖ୍ୟ କେନ୍ଦ୍ର କରିଥିଲେ । ପରେ ପରେ ବାସୁଦେବପୁର ଥାନାର ବହୁ ବିଭିନ୍ନ ସ୍ଥାନରେ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାଗୁଡ଼ିକର ମୁଖ୍ୟ ସଂଗଠକ ଥିଲେ ଅନିରୁଦ୍ଧ ମହାନ୍ତି । ଶଙ୍ଖାରୁର କମଳାକାନ୍ତ କର ଏବଂ ବରଣ୍ଡ଼ିଆର ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଉକ୍ତ ସଭାରେ ସରକାରୀ କର ନଦେବା, ଚୌକିଦାର ଓ ଦଫାଦାରମାନଙ୍କୁ ଚାକିରିରୁ ଇସ୍ତଫା ଦେବାପାଇଁ ବାଧ୍ୟ କରିବା ଆଦି ନିଷ୍ପତ୍ତି ନିଆଯାଉଥିଲା । ସେଠାରେ ମଧ୍ୟ କୁହାଯାଇଥିଲା ଯେ ଗୋଟିଏ ସପ୍ତାହ ମଧ୍ୟରେ ସ୍ୱରାଜ୍ୟ ମିଳିବ, ବ୍ରିଟିଶ ସରକାର ଧ୍ୱଂସ-ମୁଖରେ ପଡ଼ିସାରିଲାଣି । ଏହି ସ୍ୱରାଜ୍ୟ ଶାସନରେ ଲୋକମାନଙ୍କୁ କର ଦେବାକୁ ପଡ଼ିବ ନାହିଁ । ଏବେ ଧନୀମାନଙ୍କର ଧାନ ଗରିବଲୋକଙ୍କୁ ମିଳିପାରିବ । ସେପ୍ଟେମ୍ବର ୪ରେ ଇରମରେ, ୧୧ରେ ବେତଡାହାଟରେ, ୧୨ ତାରିଖରେ ସଡ଼ିପଡ଼ିଠାରେ, ୧୮ ତାରିଖରେ ବ୍ରାହ୍ମଣଗାଁରେ, ୧୬ ତାରିଖରେ ବେତଡ଼ାହାଟରେ ସଭା ସହିତ ସେଠାରୁ ବାସୁଦେବପୁର ଦେଇ ଇରମ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା, ୧୭ ତାରିଖରେ ଇରମରେ ଏବଂ ୧୮ ତାରିଖରେ ବାସୁଦେବପୁରଠାରେ ସଭାଗୁଡ଼ିକର ଆୟୋଜନ କରାଯାଇଥିଲା । ଉକ୍ତ ସଭାଗୁଡ଼ିକରେ ମଧ୍ୟ ଚୌକିଦାର ଓ ଦଫାଦାରଙ୍କୁ ଚାକିରିରୁ ଇସ୍ତଫା ଦେବାପାଇଁ ଧମକ ଦେବା, ସାମାଜିକ ବାଛନ୍ଦ ଏବଂ ହିଂସାତ୍ମକ ପନ୍ଥା ଅବଲମ୍ବନ କରି ମହାଜନମାନଙ୍କଠାରୁ ଧାନ ଆଣିବା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଏପରିକି ସ୍ତ୍ରୀ ଲୋକଙ୍କୁ ମଧ୍ୟ ଧମକ ଦେଇ ଧାନ ଅଣାଯାଉଥିଲା । ଧମକ ପାଇଥିବା କେତେଜଣ ଚୌକିଦାର ଓ

Digitized by srujanika@gmail.com

ଦଫାଦାର ଆମ ଆଗରେ ସାକ୍ଷ୍ୟ ପ୍ରଦାନ କରନ୍ତନ୍ତି । ସରକାର ଏଥିରେ କୌଣସି ହସ୍ତକ୍ଷେପ ନ କରିବା ଫଳରେ କ୍ରମେ କ୍ରମେ ଅରାଜକତା ବ୍ୟାପିଥିଲା । ବିଶେଷତଃ .କାଂଶବାଂଶ, ଚମେଇ ନଦୀଦ୍ୱୟ ତଥା ସମୁଦ୍ର ଉପକୂଳରେ ଅବସ୍ଥିତ ୪୦ ବର୍ଗ ମାଇଲ ଅର୍ଦ୍ଧବୃତ୍ତାକାର ଅଞ୍ଚଳରେ ଏହି ଅରାଜକତା ବ୍ୟାପିଥିଲା । ଉକ୍ତ ଅଞ୍ଚଳରେ ଗ୍ରାମଗୁଡ଼ିକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା; ଯଥା – ଇରମ, ଶଙ୍ଖାରୁ-ଚଉଆଁ ଏବଂ ସୁଆଁ-ସଦେଇପଡ଼ା । ଉକ୍ତ ଅଞ୍ଚଳ ଥିଲା ଅଗମ୍ୟ । ତେଣୁ ଉକ୍ତ ଅଞ୍ଚଳକୁ ବିଦ୍ରୋହୀମାନେ ଆନ୍ଦୋଳନପାଇଁ ନିର୍ବାଚନ କରିଥିଲେ । କଂଗ୍ରେସ ସମେତ ବହୁ ବିଭିନ୍ନ ସୂତ୍ରରୁ ପ୍ରମାଣ ମିଳେ ଯେ ସେତେବେଳେ ଉକ୍ତ ଅଞ୍ଚଳରେ ଏକ ଉଚ୍ଚ ଧରଣର ଗୋପନୀୟ ସଂସ୍ଥା କାର୍ଯ୍ୟ କରୁଥିଲା । ସରକାରୀ ଫୌଜଙ୍କ ଆଗମନ ବିଷୟରେ ଶଙ୍ଖଧ୍ୱନିଦ୍ୱାରା ସଙ୍କେତ ପ୍ରେରଣ କରାଯାଇଥିଲା । ଏହିପରିଭାବେ ପୋଲିସମାନଙ୍କର ଯୋଜନାସବୁ ଖୁବ୍ ଶୀଘ୍ର ବିଦ୍ରୋହୀମାନଙ୍କୁ ଜଣାଇ ଦିଆଯାଇଥିବାର ଅକାଟ୍ୟ ପ୍ରମାଣ ଆମ ପାଖରେ ଅଛି ।

୩ । ଫଳରେ ଉକ୍ତ ଅଞ୍ଚଳରେ ଏକ ଗୁରୁତର ଅବସ୍ଥା ଉପୁଜିଥିଲା । ସେପ୍ଟେମ୍ବର ତା ୧୭ ରିଖ ଦିନ ଚୌକିଦାର ଓ ଦଫାଦାରଙ୍କୁ ନିଜ ନିଜର ପୋଷାକ ସରକାରଙ୍କୁ ଫେରାଇ ଦେବାପାଇଁ କୁହାଯାଇଥିଲା । ଏଥିରେ ସେମାନେ ରାଜି ନହେବାରୁ ସଭାରେ ସମବେତ ଜନତା ତାଙ୍କୁ 'ଗୋଲାମ' ବୋଲି କହି ଭର୍ତ୍ସନା କରିଥିଲେ । ସେପ୍ଟେମ୍ବର ୧୮ ତାରିଖ ଦିନ ପୋଲିସ ଇନସ୍‌ପେକ୍ଟର, ଜଣେ ହାବିଲଦାର ଓ ୧୨ ଜଣ କନେଷ୍ଟବଲ ନେଇ ଇରମରେ ପହଞ୍ଚିଥିଲେ । ସେହିଦିନ ମଧ୍ୟ ବାସୁଦେବପୁରରେ ଅନିରୁଦ୍ଧ ମହାନ୍ତି, କମଳାକାନ୍ତ କର ଓ ଗୌରାଙ୍ଗଚନ୍ଦ୍ର ମହାନ୍ତି ଭାଷଣ ଦେଇ ୨୨ ତାରିଖ ଦିନ ବାସୁଦେବପୁର ଥାନା ଆକ୍ରମଣ କରିବାର ନିଷ୍ପତ୍ତି ନେଇଥିଲେ । ୧୯ ତାରିଖ ଦିନ ଇରମରେ ୩ ଜଣ ଲୋକଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ମୁଖ୍ୟନେତା ଖସି ପଳାଇ ଯାଇଥିଲେ । ପୋଲିସ ଇନସ୍‌ପେକ୍ଟର ସଶସ୍ତ୍ର ପୋଲିସ ସହ ଫେରୁଥିବା ସମୟରେ ଏକ ବିରାଟ ଜନତା ତାଙ୍କୁ ରାସ୍ତାରେ ଅବରୋଧ କରିଥିଲେ । ସେମାନେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ପାଇଁ ଚାହୁଁଥିଲେ । ଏହାସତ୍ତ୍ୱେ ପୋଲିସ ପାର୍ଟି କୌଣସି କଷ୍ଟ ଅଘଟଣାର ସମ୍ମୁଖୀନ ନହୋଇ

Digitized by srujanika@gmail.com

ଫେରଆସିଥିଲେ । ୨୭ ତାରିଖ ଦିନ ପୋଲିସ ଇନସ୍‌ପେକ୍ଟର ଭଦ୍ରକକୁ ଫେରିଯାଇଥିଲେ । କାରଣ ସେହିଦିନ ମାନ୍ୟବର ଲାଟ ଭଦ୍ରକ ଦେଇ ଟ୍ରେନରେ ଯାଉଥାଆନ୍ତି । ତେଣୁ ବାସୁଦେବପୁର ଥାନାରେ ପୋଲିସ ଇନସ୍‌ପେକ୍‌ଟର ୨୪ ଘଣ୍ଟା ପାଇଁ ଅନୁପସ୍ଥିତ ରହିଥିଲେ । ସେହିଦିନ ଇରମଠାରୁ ପ୍ରାୟ ୧୨ ମାଇଲ ଦୂରରେ କୁଳଘଟ୍ଟଠାରେ ଅବସ୍ଥିତ ସମୁଦ୍ରକୂଳ ଜଗିବା ପାଇଁ ବଙ୍ଗଳା ଉପରେ କେତେକ ଲୋକ ସାବଳ ଓ କୋଦାଳ ଧରି ଆକ୍ରମଣ କରିଥିଲେ । ମାତ୍ର ୨୨ ତାରିଖ ଦିନ ବାସୁଦେବପୁର ଥାନା ଆକ୍ରମଣ କାର୍ଯ୍ୟକ୍ରମଟି ଗ୍ରହଣ କରାଯାଇ ପାରି ନ ଥିଲା । ସେହିଦିନ ରାତିରେ ୧୦ ଜଣ ଅଧିକ କନେଷ୍ଟବଲ ଥାନାରେ ପହଞ୍ଚିଥିଲେ । ୨୪ ସେପ୍‌ଟେମ୍ବର ଦିନ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶ କ୍ରମେ ବାସୁଦେବପୁର ଥାନା ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ ୫ଜଣ ବା ତତୋଽଧିକ ବ୍ୟକ୍ତି ଏକ ସ୍ଥାନରେ ମିଳିତ ହୋଇପାରିବେ ନାହିଁ ବୋଲି ଏକ ନିଷେଧାଜ୍ଞା ଜାରି କରାଯାଇଥିଲା । ତା ୨୬ରିଖ ଦିନ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ଆଦେଶପ୍ରାପ୍ତ ହୋଇ ପୋଲିସ ଡି.ଏସ୍.ପି. ବାସୁଦେବପୁରରେ ପହଞ୍ଚିଥିଲେ ।

ଇରମରେ ଗୁଳିକାଣ୍ଡ—

୪ । ସେପ୍‌ଟେମ୍ବର ତା ୨୮ ରିଖ ଦିନ ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ଇନସ୍‌ପେକ୍ଟର, ସବ୍‌ଇନସ୍‌ପେକ୍ଟର ଦିନ ୨ଟାବେଳେ ଜଣେ ସୁବେଦାର, ଜଣେ ହାବିଲଦାର ଏବଂ ୧୮ ଜଣ ସଶସ୍ତ୍ର କନେଷ୍ଟବଲ ସହ ଇରମକୁ ଆସିବା ପାଇଁ ବାସୁଦେବପୁର ଥାନା ଛାଡିଥିଲେ । ଅନିରୁଦ୍ଧ ମହାନ୍ତିଙ୍କ ସମେତ ତାଙ୍କର ସହକର୍ମୀଙ୍କୁ ଗିରଫ କରିବା, ପୂର୍ବରୁ ପହଞ୍ଚିଥିବା ଖବର ବିଷୟରେ ତଦାରଖ କରିବା ତଥା ସେଦିନର ସଭାକୁ କରାଇ ନଦେବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଚୂଡ଼ାମଣିଠାରେ ସେମାନେ ଜଣେ ଲୋକ ଶଙ୍ଖଧ୍ୱନି କରୁଥିବାର ଦେଖିଲେ । ସେ ପୂଜା କରୁଛି ବୋଲି ଛଳନା କରି ଏହା କରିଥିଲା ବୋଲି କହିଥିଲା ଗମେଇ ଘାଟ ନିକଟରେ ସେମାନେ ୩୦୦ ଲୋକ ସମବେତ ହୋଇଥିବାର ଦେଖିଲେ । ପରେ ପରେ ବହୁ ଶଙ୍ଖ ବାଜୁଥିବାର ସେମାନେ ଶୁଣିଲେ । ସେମାନେ ମଧ୍ୟ ଦେଖିଲେ ଯେ ନଦୀ ପାର ହୋଇ ଜଣେ ଲୋକ ଇରମ ଆଡ଼କୁ ଦଉଡୁଛି । ନିଶ୍ଚିତ ଭାବେ ସେ ଥିଲା ଜଣେ ବାର୍ତ୍ତାବହ । ପୋଲିସ ଆଗମନ ତଥା ତାଙ୍କର ସଂଖ୍ୟା

Digitized by srujanika@gmail.com

ଆଦି ବିଷୟ ଜଣାଇବା ପାଇଁ ତାଙ୍କୁ ସେଠାରେ ଅବସ୍ଥାପିତ କରାଯାଇଥିଲା । ଘାଟଠାରେ ଗୋଟିଏ ଗ୍ରେଟ ଡଙ୍ଗା ଥିବାରୁ ନଦୀ ଅତିକ୍ରମ କରିବାପାଇଁ ତାଙ୍କୁ କିଛି ସମୟ ଲାଗିଥିଲା । ତେଣୁ ୩ ଜଣ ଚୌକିଦାରଙ୍କ ମାରଫତରେ ତାଙ୍କର ବିଛଣାପତ୍ର ରଖିଦେଇ ସେମାନେ ଇରମ ଆଡ଼କୁ ଯାଇଥିଲେ । ଯିବା ବାଟରେ ୩ । ୪ ଜଣ ହୋଇ ଲୋକମାନେ ବାରଣ୍ଡାରେ ବସି ସେମାନଙ୍କୁ ଲକ୍ଷ୍ୟ କରୁଥିବାର ସେମାନେ ଦେଖିଲେ । ସେମାନଙ୍କ ମଧ୍ୟରୁ କେତେଜଣଙ୍କ ନିକଟରେ ଲାଠି ଥିଲା । ସେହି ସମୟରେ ମଧ୍ୟ ଅବିରତ ଶଙ୍ଖଧ୍ୱନି କରାଯାଉଥାଏ । ପ୍ରାୟ ସନ୍ଧ୍ୟା ୭ଟାରେ ସେମାନେ ସ୍ଥାନୀୟ ଜମିଦାର ରାଧାକାନ୍ତ ପାଢ଼ୀଙ୍କ ଘରେ ପହଞ୍ଚିଥିଲେ । ସେମାନେ ଠିକ୍ ବିଶ୍ରାମ ନେବାକୁ ଯାଉଥିବା ସମୟରେ ଜଣେ ଚୌକିଦାର ଖବର ଦେଲା ଯେ ତାଙ୍କ ବିଛଣାପତ୍ରକୁ ଲୁଟ କରାଯାଇଛି ଏବଂ ଅନ୍ୟ ଦୁଇଜଣ ଚୌକିଦାରଙ୍କୁ ସେମାନେ ବାନ୍ଧିକରି ରଖିଛନ୍ତି । ୪ ଜଣ ପୋଲିସଙ୍କୁ ଜମିଦାରଙ୍କ ଘରେ ଛାଡ଼ିଦେଇ ଅନ୍ୟମାନେ ପ୍ରସ୍ତୁତ ହେବାପାଇଁ ପୋଲିସ ଡି· ଏସ୍· ପି· ଆଦେଶ ଦେଲେ । ତାପରେ ସେମାନେ ଗାଁ ଭିତରକୁ ଯିବାପାଇଁ ଆଦେଶ ପାଇଲେ । ମେଲନପଡ଼ିଆରେ ସେମାନେ ୩୦୦ ଲୋକ ସମବେତ ହୋଇଥିବାର ଦେଖିଲେ । ସାକ୍ଷ୍ୟରୁ ଏହା ପ୍ରମାଣିତ ହୋଇଛି ଯେ ଉକ୍ତ ଜନତା ଉତ୍ତେଜିତ ଅବସ୍ଥାରେ ଥିଲେ । ସେମାନେ ଲାଠି ଖଣ୍ଡିଏ ଖଣ୍ଡିଏ ଧରି 'ମହାତ୍ମାଗାନ୍ଧି କି ଜୟ', 'ଇଂରେଜ ଶାସନ ଧ୍ୱଂସ ହେଉ' ଆଦି ଧ୍ୱନି ଦେଉଥିଲେ । ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ପ୍ରଥମେ ପୋଲିସ ଇନସ୍‌ପେକ୍ଟରଙ୍କୁ କିଛି ଗଜ ଆଗକୁ ଯିବାପାଇଁ ଆଦେଶ ଦେଲେ । ସମବେତ ଜନତା ସେଠାରୁ ଶୀଘ୍ର ଚାଲିଯାଆନ୍ତୁ ଓ ସେମାନେ ବାନ୍ଧିକରି ରଖିଥିବା ଚୌକିଦାର ଓ ଛଡ଼ାଇନେଇଥିବା ବିଛଣାପତ୍ର ଦେଇଦେବାପାଇଁ ସେ ଲୋକମାନଙ୍କୁ ସତର୍କ କରାଇଲେ । ତାହା ଯଦି ସେମାନେ ନ ମାନନ୍ତି, ତେବେ ଗୁଳି କରାଯିବ ବୋଲି ମଧ୍ୟ ସେ ଶୁଣାଇ ଦେଇଥିଲେ । ମାତ୍ର ସମବେତ ଜନତା ଏହା ଶୁଣିବା ପାଇଁ ମନାକରିଦେଇ ଆଗକୁ ମାଡ଼ି ଆସିଲେ । ତାପରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ ଫୌଜକୁ ଆଦେଶ ଦେଇ ଆଗକୁ ଅନାଇ ପ୍ରଥମ ଧାଡ଼ିରେ ୭ ଜଣ—ଦୁଇପାଖରେ ଦୁଇଜଣ ଓ ପଛକୁ ଅନାଇ ୫ ଜଣ ଠିଆ ହେବା ପାଇଁ କହିଥିଲେ । କଡ ଓ ପଛରୁ ଆକ୍ରମଣର ସମ୍ଭାବନା ଅଛି

Digitized by srujanika@gmail.com

ବୋଲି ସେ ଏହା କରାଇଥିଲେ । ତା ପରେ ସମବେତ ଜନତାଙ୍କୁ ବେଆଇନ ବୋଲି ଘୋଷଣା କରାଇଥିଲେ । ତାପରେ ସନ୍ଧ୍ୟା ୬-୩୦ ସମୟରେ ପୋଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଗୁଳିକରିବା ପାଇଁ ଆଦେଶ ଦେଲେ । ଆଗରେ ଥିବା ୭ ଜଣ ସଶସ୍ତ୍ର ଫୌଜ କିଛି ସମୟ ବ୍ୟବଧାନ ରଖି ଦୁଇ ରାଉଣ୍ଡ କରି ଗୁଳି ଚଳାଇଲେ । କେହି ତଳେ ପଡ଼ିଯାଇଥିବାର ଦେଖାଯାଇ ନ ଥିଲେ ମଧ୍ୟ ଏଥିରେ କେହି ଆଘାତପ୍ରାପ୍ତ ନିଶ୍ଚିତ ହୋଇଥିବେ । ଅନ୍ଧାର ହୋଇଥିବାରୁ କୌଣସି ବିଷୟ ସ୍ପଷ୍ଟ ଭାବରେ ଦେଖାଯାଉ ନ ଥିଲା । ସେ ଯାହାହେଉ ସମବେତ ଜନତା ଏଥିରେ ଅଧିକ ଉତ୍ତେଜିତ ହୋଇ ଉଚ୍ଚସ୍ୱରରେ ଧ୍ୱନି ଦେବା ସଙ୍ଗେ ସଙ୍ଗେ ପୋଲିସ ଆଡ଼କୁ ମାଡ଼ି ଆସିଥିଲେ । ପରେ ପରେ ପୋଲିସ ଡ଼. ଏସ୍. ପି. ନିଜେ ନିଜେ ସ୍ୱାଧୀନ ଭାବେ ଗୁଳିଚଳାଇବା ପାଇଁ ଆଦେଶ ଦେଇଥିଲେ । ତା ପରେ ଜନତା ପଛଘୁଞ୍ଚା ଦେଉଥିବାର ଦେଖି ଗୁଳି ବନ୍ଦ କରିବା ପାଇଁ ଆଦେଶ ଦେଇଥିଲେ । ମାତ୍ର ଯେତେବେଳେ ପୋଲିସ ଫୌଜ କେତେ ଜଣ ମୃତାହତ ହୋଇଛନ୍ତି ତାହା ଦେଖିବାକୁ ଯାଆନ୍ତି, ପୁଣି ବିକ୍ଷୋଭକାରୀମାନେ ଆଗକୁ ମାଡ଼ି ଆସିଲେ । ସେହି ସମୟରେ ସେମାନେ କହୁଥାଆନ୍ତି "ପୋଲିସଙ୍କ ପାଖରୁ ଗୁଳି ସରିଗଲାଣି ଏବଂ ବର୍ତ୍ତମାନ ତାଙ୍କୁ ସହଜରେ ଆକ୍ରମଣ କରିହେବ" । ପୋଲିସମାନେ ନିଜ ସ୍ଥାନରେ ନ ଥିବାରୁ ଏବଂ ଅନ୍ଧାର ହୋଇଯାଇଥିବାରୁ ଅବସ୍ଥା ପ୍ରମାଦପୂର୍ଣ୍ଣ ହେଉଥିବାର ଦେଖି ନିଜର ନିରାପତ୍ତାପାଇଁ ସେମାନେ ନିଜେ ନିଜେ ଗୁଳି ମାରିବା ପାଇଁ ଡ଼. ଏସ. ପି. ଆଦେଶ ଦେଇଥିଲେ । ଏଥିରେ ଲୋକମାନେ ଛୁଡ଼ି ଗୁଳିଯାଇଥିଲେ । ତଥାପି ହାଟପଦାଠାରେ ବହୁ ସଂଖ୍ୟକ ଲୋକ ସମବେତ ହୋଇଥିବାର ଦେଖାଯାଇଥିଲା । ଆରମ୍ଭରୁ ଶେଷ ଗୁଳି ମାରିବା ପର୍ଯ୍ୟନ୍ତ ସମସ୍ତ ଘଟଣା ପ୍ରାୟ ଘଣ୍ଟାକର ୪ ଭାଗରୁ ଭାଗେ ସମୟ ମଧ୍ୟରେ ଶେଷ ହୋଇଥିଲା । ସେମାନଙ୍କ ମଧ୍ୟରୁ ୭ ଜଣ ମୃତ ବୋଲି ଛଳନା କରୁଥିବା ର ଦେଖି ତାଙ୍କୁ ପୋଲିସ ଗିରଫ କରିବା ସଙ୍ଗେ ସଙ୍ଗେ ୨୩ଟି ଲାଠି ସଂଗ୍ରହ କରିଥିଲେ । ସେତେବେଳକୁ ରାତି ହୋଇଯାଇଥିଲା । ତା ପରେ ସେମାନେ ଜମିଦାରଙ୍କ ଘରକୁ ଫେରିଯାଇଥିଲେ । ମାର୍କୋଣା ଷ୍ଟେସନକୁ ଗୋଟିଏ ବାର୍ତ୍ତା ପଠାଯାଇ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାର ଯୋଗେ ଜଣାଇ ଦିଆଯାଇଥିଲା ଯେ, ଗୁଳିରେ ୨୫ ଜଣ ମୃତ୍ୟୁ ବରଣ କରିଛନ୍ତି ଏବଂ ପୋଲିସ ଫୌଜ ବର୍ତ୍ତମାନ ଜନତାଙ୍କ ଘେରରେ । ତେଣୁ ଅଧିକ ସାହାଯ୍ୟ

Digitized by srujanika@gmail.com

ଦରକାର । ୨୯ ତାରିଖ ଦିନ ସକାଳେ ପୋଲିସ ଫୌଜ ବାସୁଦେବପୁର ଫେରିଆସିଲେ । ଆସିବା ପୂର୍ବରୁ ସେମାନେ ୧୩ଟି ଶବ ମେଳନ ପଡ଼ିଆରୁ ଓ ଦୁଇଟି ଶବ ପାର୍ଶ୍ୱବର୍ତ୍ତୀ ଘରୁ ନେଇ ଠୁଳ କରିଥିଲେ । ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଚିହ୍ନଟ କରାଯାଇଥିଲା ଓ ଅନ୍ୟ ୪ ଜଣଙ୍କୁ ପରେ ଚିହ୍ନଟ କରାଯାଇଥିଲା । ଶବଗୁଡ଼ିକୁ ଭଦ୍ରକକୁ ପଠାଇ ବ୍ୟବଚ୍ଛେଦ କରିବା ସମ୍ଭବପର ହୋଇ ନ ଥିବାରୁ. ଆସିଷ୍ଟାଣ୍ଟ ସର୍ଜନଙ୍କୁ ସେଠାକୁ ଡକାଯାଇଥିଲା । ମୁଖ୍ୟତଃ ବଳଦ ଗାଡ଼ିରେ ଆସି ବାଟରେ ୧୭ ଘଣ୍ଟା ବିତାଇବା ପରେ ଡାକ୍ତର ଅକ୍ଟୋବର ତା ୧ରିଖ ଦିନ ଇରମରେ ପହଞ୍ଚିଥିଲେ । ଇତିମଧ୍ୟରେ ଶବଗୁଡ଼ିକୁ ଗୋଟିଏ ମଞ୍ଚାଉପରେ ରଖାଯାଇ ଜଗ ଯାଇଥିଲା ଯେପରିକି ବନ୍ୟଜନ୍ତୁ ସେଗୁଡ଼ିକୁ ନଷ୍ଟ କରି ନ ଦିଅନ୍ତି । ଡାକ୍ତର ପହଞ୍ଚିବା ବେଳକୁ ସେଗୁଡ଼ିକ ପ୍ରାୟ ପଚିଯାଇଥିଲା । ତେଣୁ ବିଧିବଦ୍ଧ ଶବ ବ୍ୟବଚ୍ଛେଦ କରିବା ସମ୍ଭବପର ହୋଇ ନ ଥିଲା । ବାକି ମୃତବ୍ୟକ୍ତିଙ୍କୁ ପରେ ପରେ ଅନୁସନ୍ଧାନକରି ଠାବ କରାଯାଇଥିଲା ।

ଗୁଳିକାଣ୍ଡର ଯଥାର୍ଥତା –

ଉପରୋକ୍ତ ଘଟଣାଗୁଡ଼ିକ ବିଶ୍ଳେଷଣ କଲେ ଜଣାଯିବ ଯେ ଗୁଳିକାଣ୍ଡ ଅପରିହାର୍ଯ୍ୟ ହୋଇଥିଲା । ପ୍ରଥମେ ପୋଲିସ ଜମିଦାରଙ୍କ ଘର ଆଡ଼କୁ ଯିବାସମୟରେ କେବଳ ଛୋଟ ଛୋଟ ଦଳରେ କିଛି ଲୋକ ଥିଲେ ସେତେବେଳେ ଜନତା ପଡ଼ିଆରେ ରୁଣ୍ଡ ହୋଇ ନ ଥିଲେ । ମାତ୍ର ଅଧଘଣ୍ଟା ବା ୪୫ ମିନିଟ ପରେ ଯେତେବେଳେ ପୋଲିସ ମେଳନପଡ଼ାକୁ ଆସନ୍ତି ସେତେବେଳକୁ ସେଠାରେ ପ୍ରାୟ ୩୦୦୦ ବା ତା'ଠାରୁ ଅଧିକ ଉତ୍ତେଜିତ ଜନତା ରୁଣ୍ଡ ହୋଇସାରିଥିଲେ । ନିକଟବର୍ତ୍ତୀ ଦୁଇ ତିନମାଇଲ ଦୂରରେ ଥିବା ଗ୍ରାମରୁ ଏତେଶୀଘ୍ର ଲୋକ ସେଠାରେ ପହଞ୍ଚିବା ପାଇଁ ସମୟ ନ ଥିଲା । ତେଣୁ ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ପୋଲିସ ଗମେଇ ନଦୀ ପାରହେବା ପୂର୍ବରୁ ଗୁଳି ହେବ ବୋଲି ଖବର ପ୍ରଚାରିତ ହେବା ପରେ ସେମାନେ ଦୂର ଦୂରାନ୍ତରୁ ଇରମ ଅଭିମୁଖେ ଯାତ୍ରା କରିଥିଲେ । ଏହି ଖବର ଗାଁକୁ ଗାଁ ଶଙ୍ଖଧ୍ୱନି ଦ୍ୱାରା ପ୍ରଚାରିତ ହୋଇଥିବା ସମ୍ପର୍କରେ ପ୍ରମାଣ ଅଛି । ତେଣୁ ସେହି ସମୟଠାରୁ ସେମାନେ ଆସିବା ଆରମ୍ଭ କରିଥିଲେ । ପୋଲିସ ମେଳନ ପଡ଼ିଆକୁ ଆସିବା ପୂର୍ବରୁ କମଳାପ୍ରସାଦ କର ବକ୍ତୃତା ଦେଇଥିବାର ପ୍ରମାଣ

Digitized by srujanika@gmail.com

ଅଛି । ତେଣୁ ଏକ ନୀରବ ଓ ନିରସ୍ତ୍ର ଜନତା ଉପରେ ଗୁଳିକରାଯାଇଥିବାର ପ୍ରଶ୍ନ ଉଠୁ ନାହିଁ । ପୋଲିସମାନେ ପହଞ୍ଚିବାର ଜାଣି ଜନତାକୁ ସେଠାକୁ ଇଚ୍ଛାକରି ଡକାଯାଇଥିଲା । ସେମାନେ ମଧ୍ୟ ବଛଣା ଛଡ଼ାଇବା, ଚୌକି-ଦାରଙ୍କୁ ମାଡ଼ ମାରିବା ଆଦି ଧ୍ୱଂସାତ୍ମକ କାର୍ଯ୍ୟ ଗ୍ରହଣ କରିଥିଲେ । ସେପରି ସ୍ଥଳେ କର୍ତ୍ତବ୍ୟଦୃଷ୍ଟିରୁ ଡ଼. ଏସ୍. ପି. ପ୍ରଥମେ ସମବେତ ଜନତାକୁ ଖବର ପଠାଇଥିଲେ ଯେ ସେମାନେ ବଛଣା ଫେରାଇଦେବା ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଆନ୍ତୁ । ମାତ୍ର ସେମାନେ ତାହା କେବଳ ମାତ୍ର ଯେ ଶୁଣି ନ ଥିଲେ ତା ନୁହେଁ, ପରନ୍ତୁ ସେମାନେ ଧ୍ୱଂସାତ୍ମକ ଓ ଧମକପୂର୍ଣ୍ଣ ବ୍ୟବହାର ଦେଖାଇଥିଲେ । ସେତେବେଳେ ଯାଇ ଡ଼.ଏସ୍.ପି. ଅନ୍ୟ ଉପାୟ ନଦେଖି ଗୁଳିଚଳାଇବା ପାଇଁ ଆଦେଶ ଦେଇଥିଲେ । ଏକଥା ମଧ୍ୟ ଚିନ୍ତା କରିବାକୁ ପଡ଼ିବ ଯେ ଜଣେ ପୋଲିସ ଅନୁପାତ ୧୦୦ ଜଣରୁ ଅଧିକ ଲୋକ ସେଠାରେ ଉପସ୍ଥିତ ଥିଲେ । ଏପରି ଅବସ୍ଥାରେ ଆମେ ସମ୍ପୂର୍ଣ୍ଣରୂପେ ବିଶ୍ୱାସକରୁ ଯେ ପ୍ରଥମ ଅବସ୍ଥାରେ ଗୁଳିଗୋଳା କରିବା ଉଦ୍ଦେଶ୍ୟରେ ଦିଆଯାଇଥିବା ଆଦେଶ ପାଇଁ ବିଶେଷ ଯଥାର୍ଥତା ରହିଛି । ଅବସ୍ଥାଦୃଷ୍ଟେ ପରବର୍ତ୍ତୀ ଗୁଳି ଚଳାଇବାଜନିତ ଆଦେଶଗୁଡ଼ିକ ଅପରିହାର୍ଯ୍ୟ ହୋଇପଡ଼ିଥିଲା । ସରକାରୀ ଲୋକଙ୍କର ଅବସ୍ଥା ଅତ୍ୟନ୍ତ ଗୁରୁତର ଓ ପ୍ରମାଦପୂର୍ଣ୍ଣ ହୋଇପଡିଥିଲା । ସେହି ଅବସ୍ଥାରେ ଗୁଳି-କରିବା ପଦକ୍ଷେପ ନିଆଯାଇ ନ ଥିଲେ ସେମାନଙ୍କୁ ଜନତା କାବୁ କରିନେଇ-ଥାଆନ୍ତେ । ଆମେ ମଧ୍ୟ ଭାବୁ ନାହିଁ ଯେ ମରାଯାଇଥିବା ଗୁଳିର ସଂଖ୍ୟା ଅତ୍ୟଧିକ ହୋଇଛି । ପ୍ରଥମ ଆଦେଶରେ ଗୁଳିଗୋଳା ଏକ ମିନିଟରୁ ଅଧିକ ସମୟ ଚାଲି ନ ଥିଲା । ସର୍ବମୋଟ ୧୪୨ ରାଉଣ୍ଡ ଗୁଳି ମରାଯାଇଛି । ତନ୍ମଧ୍ୟରୁ ପିସ୍ତଲରୁ ୧୪ ଟି ଗୁଳି ମରାଯାଇଛି । ତାପର ଦିନ ୧୧୪ଟି ଖାଲି ଗୁଳିକେସ ପଡ଼ିଆରୁ ସଂଗ୍ରହ କରାଯାଇଥିଲା । ମାତ୍ର ପ୍ରତ୍ୟେକ ଦଫାରେ କେତୋଟି କରି ଗୁଳିମରାଯାଇଛି ତାହା ନିର୍ଣ୍ଣୟ କରିବା ସମ୍ଭବପର ହେଉ ନାହିଁ । ଗୁଳିକାଣ୍ଡ ହେବାର ପରଦିନ ପୋଲିସ ଡ଼. ଏସ. ପି. ଖବର ପଠାଇ ପୋଲିସ ଏସ. ପି. ଙ୍କୁ ଜଣାଇଥିଲେ ଯେ ୧୧୫ ରାଉଣ୍ଡ ଗୁଳି ମରାଯାଇଛି । ମାତ୍ର ପ୍ରତ୍ୟେକ ଦଫାରେ କେତୋଟି ରାଉଣ୍ଡ ମରାଯାଇଛି, ତାହା ସେ ଜଣାଇ ନାହାନ୍ତି । ସେହି ସମୟରେ ମଧ୍ୟ ଏହି ସମ୍ପର୍କରେ ପୂର୍ଣ୍ଣବିବରଣୀ ଡ଼. ଏସ୍. ପିଙ୍କ ଠାରୁ ଆଶାକରିବା ଉଚିତ ନୁହେଁ । ମାତ୍ର ୧୯୪୨ ମସିହା

Digitized by srujanika@gmail.com

ଅକ୍ଟୋବର ୧୮ତାରିଖ ଦିନ ଜିଲ୍ଲା ମାଜିଷ୍ଟ୍ରେଟ ଦେଇଥିବା ରିପୋର୍ଟରେ ଦୁଇ ଦଫାରେ ଗୁଳି ମରାଯାଇଥିବା ବିଷୟ ଉଲ୍ଲେଖ କରାଯାଇଛି । ପ୍ରଥମ ଦଫାରେ ୮୦ ରାଉଣ୍ଡ ଓ ଦ୍ୱିତୀୟ ଦଫାରେ ୪୦ ରାଉଣ୍ଡ ଗୁଳି ମରାଯାଇଛି । ବୋଲି ମଧ୍ୟ ସେଥିରେ ଉଲ୍ଲେଖ କରାଯାଇଛି । ଏହା ମୌଖିକ ଭାବେ ଦେଇଥିବା ଡି ଏସ. ପି.ଙ୍କର ତଥ୍ୟ ଉପରେ ଆଧାରିତ ।

ଏଥିରୁ ପ୍ରତୀୟମାନ ହୁଏ ଯେ ପ୍ରଥମ ଦଫାରେ ଦୁଇଥର ଗୁଳି ମାରିବା ପରେ ଫୌଜ ସ୍ୱାଧୀନ ଭାବେ ଗୁଳିଚାଳନା କରିଛନ୍ତି ଏବଂ ସେସବୁ ଗୁଳି ମାରିଛନ୍ତି ଗୋଟିଏ ସ୍ଥାନରେ ଠିଆହୋଇ । ମାତ୍ର ପରବର୍ତ୍ତୀ ଦଫାରେ ସ୍ୱାଧୀନ ଭାବରେ ଗୁଳି ମାରିଛନ୍ତି ଯେତେବେଳେ ସେମାନେ ମୃତ ଓ ଆହତ ଲୋକଙ୍କୁ ଦେଖିବା ପାଇଁ ଯାଇଛନ୍ତି । ତେଣୁ ଏ ଘଟଣା ସମ୍ବନ୍ଧରେ ସେପରି କିଛି ମତାନୈକ ପରିଲକ୍ଷିତ ହୁଏ ନାହିଁ ।

ମୃତାହତଙ୍କ ସଂଖ୍ୟା :—

ଏହି ବିଷୟରେ ଜାଣିବା ପାଇଁ ନିମ୍ନ ପ୍ରକାରର ପ୍ରମାଣ ମିଳିଛି ।

(କ) ଅନୁସନ୍ଧାନ କରିଥିବା ପୋଲିସ ଅଫିସରଙ୍କ ଦ୍ୱାରା ପ୍ରସ୍ତୁତ ମୃତ ଓ ଆହତ ବ୍ୟକ୍ତିଙ୍କର ତାଲିକା ।

(ଖ) କଟକରେ ଗିରଫ ହୋଇଥିବା ସମୟରେ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କଠାରୁ ମିଳିଥିବା ୧୯୪୨, ଅକ୍ଟୋବର ୪ ତାରିଖର ବି.ଓ. ପାଖରୁ ସି.ଓ.ଙ୍କ ପାଖକୁ ଲେଖାଯାଇଥିବା ଚିଠିରେ ପ୍ରଦତ୍ତ ମୃତାହତ ବ୍ୟକ୍ତିଙ୍କ ତାଲିକା ।

(ଗ) ଆସିଷ୍ଟାଣ୍ଟ ସର୍ଜନଙ୍କ ସାକ୍ଷ୍ୟ ଓ ଭଦ୍ରକ ଡାକ୍ତରଖାନା ଖାତାରେ ଲେଖା ଯାଇଥିବା ଆହତ ବ୍ୟକ୍ତିଙ୍କର ନାମ ।

(ଘ) ଗ୍ରାମବାସୀ ଓ ଚୌକିଦାରଙ୍କର ସାକ୍ଷ୍ୟ ।

ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କଠାରୁ ମିଳିଥିବା ଚିଠିରେ ୨୦ ଜଣ ମୃତ ଓ ୩୮ ଜଣ ଆହତ ବୋଲି ଦର୍ଶାଯାଇଛି । ପ୍ରାୟ ପ୍ରତ୍ୟେକଙ୍କ ସମ୍ପର୍କରେ ତାଙ୍କର ଗାଁ ଏବଂ ଆତ୍ମୀୟ ସ୍ୱଜନଙ୍କ ନାମ ଦିଆଯାଇଛି । ଉକ୍ତ ତାଲିକା

Digitized by srujanika@gmail.com

ଯେତେଦୂର ସମ୍ଭବ ସରକାରୀ ତାଲିକା ସହିତ ଖାପ ଖାଉଛି । ମାତ୍ର ହିବେଣୀ ବାବୁଙ୍କ ନିକଟକୁ ଲିଖିତ ଅନ୍ୟ ଏକ ଚିଠିରେ ୨୭ ମୃତ ଓ ୮୭ ଜଣଙ୍କ ନାମ ଆହତ ତାଲିକାରେ ରଖାଯାଇଛି । କଂଗ୍ରେସ ଦ୍ୱାରା ପ୍ରଦତ୍ତ ୨୦ ଜଣଙ୍କ ମଧ୍ୟରୁ ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କର ନାମ ସରକାରୀ ପ୍ରସ୍ତୁତ ତାଲିକା ସହ ମିଳିଯାଉଛି । ଅବଶ୍ୟ କେତେକ କ୍ଷେତ୍ରରେ ତାଙ୍କର ଡାକ ନାମ ଦିଆଯାଇଛି । ରତ୍ନାକର ପାଣିଙ୍କ ନାମ ଏ ପର୍ଯ୍ୟନ୍ତ ଠାବ କରାଯାଇପାରି ନାହିଁ । ଯଦି ମୃତ ତାଲିକାରେ ଏପରି ଜଣେ ଲୋକ ରହି-ଥିବାର ଧରି ନିଆଯାଏ, ତେବେ ମୃତବ୍ୟକ୍ତିଙ୍କ ସଂଖ୍ୟା ୨୭ ହେବ । ପୁନଶ୍ଚ ଏହି ତାଲିକା ଯେ ସମ୍ପୂର୍ଣ୍ଣ ତାହା ମଧ୍ୟ କହିହେବ ନାହିଁ । ଗୁଳିକାଣ୍ଡ ପରେ ପରେ ଜନରବ ଶୁଣାଯାଇଥିଲା ଯେ ଏହାଠାରୁ ବହୁ ଅଧିକ ସଂଖ୍ୟକ ଲୋକଙ୍କର ମୃତ୍ୟୁ ହୋଇଛି । ମାତ୍ର ଏହା ଏକ ଅତିରଞ୍ଜିତ କଥା । ଏହି ଜନରବ ସେହି କଂଗ୍ରେସ ତାଲିକାରୁ ସୃଷ୍ଟି ହୋଇଛି । ଏହା ଯେ ସମ୍ପୂର୍ଣ୍ଣ ମିଥ୍ୟା ଓ ଜନରବ ଉପରେ ଆଧାରିତ, ଏଥିରେ ସନ୍ଦେହ ନାହିଁ । ମୃତବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସ୍ତ୍ରୀଲୋକ ଥିବାରୁ ସେ ବିଷୟରେ ଆମେ କିଛି କହିବାକୁ ଚାହୁଁଛୁ । ଜନତା ସମ୍ମୁଖରେ ବହୁ ସଂଖ୍ୟକ ସ୍ତ୍ରୀଲୋକ ଉପସ୍ଥିତ ଥିବାର କୌଣସି ପ୍ରମାଣ ନାହିଁ । ମାତ୍ର କଡ଼ରେ କିଛି ସ୍ତ୍ରୀ ଏବଂ ପିଲାମାନେ ରହି ଘଟଣା ଦେଖୁଥିଲେ । ତା ସହିତ ଧ୍ୱନି କରୁଥିବା କେତେକ ସାକ୍ଷୀ ବୟାନ କରିଛନ୍ତି । ଯେତେଦୂର ସମ୍ଭବ ଏହି ହତଭାଗିନୀ ସ୍ତ୍ରୀଟି ହିଷ୍ଟି ଦଫାରେ ସ୍ୱାଧୀନ ଭାବରେ ଚାଲାଯାଇଥିବା ଗୋଟିକିଆ ଗୁଳିରେ ଆଘାତ ପାଇ ପ୍ରାଣ ହରାଇଛି । ଏସମ୍ପର୍କରେ ଅନ୍ୟ ଗୋଟିଏ ବିଷୟ ଉପରେ ଆମେ ମନ୍ତବ୍ୟ ଦେବାକୁ ଇଚ୍ଛା କରୁଛୁ । ପ୍ରାୟ ଅଧଡ଼ଜନ ଆହତ ବ୍ୟକ୍ତି ତାଙ୍କ ଶରୀରର ଗୋଟିଏ ପାଖରୁ ଗୁଳି ଖାଇଛନ୍ତି । ଅନ୍ୟ ତିନିଜଣ ଆହତ ବ୍ୟକ୍ତିଙ୍କ ଦେହରେ ପଛରୁ ଗୁଳି ବାଜିଛି । କିନ୍ତୁ ମୃତ ବ୍ୟକ୍ତିଙ୍କ ମଧ୍ୟରୁ କେହି ଜଣକ ଦେହରେ ମଧ୍ୟ ପଛରୁ ଗୁଳି ବାଜି ନାହିଁ । ସେମାନେ ଠିକ୍ ପୋଲିସ ଆଗକୁ ମୁହଁ ବୁଲାଇବା ସମୟରେ ଗୁଳି ଖାଇଛନ୍ତି । କେବଳ ମାତ୍ର ୩ ଜଣ ବ୍ୟକ୍ତି ପୋଲିସକୁ ପଛ କରି ଠିଆହୋଇଥିବା ବେଳେ ଗୁଳି ଖାଇ ମରିଛନ୍ତି । ତେଣୁ ବିଶାଳ ଜନତା ସମବେତ ହୋଇଥିବା ସମୟରେ ସେମାନେ ମୁହଁ ବୁଲାଇବା ସମୟରେ ଗୁଳି ଖାଇଛନ୍ତି କି ପଳାଇଯାଉଥିବା ଅବସ୍ଥାରେ ଗୁଳି

Digitized by srujanika@gmail.com

ଖାଇଛନ୍ତି ତାହା ସଠିକରୂପେ କହିବା ସମ୍ଭବପର ହେଉ ନାହିଁ । ଆଗରେ ଥିବାବେଳେ ସ୍ତ୍ରୀ ଲୋକଙ୍କ ଉପରେ ଯେ ଅଧିକ ଗୁଳି କାହିଁକି ନ ବାଜିଲା, ତାହା ମଧ୍ୟ କହିହେଉ ନାହିଁ । ସେପରି ସ୍ଥଳେ ଗୁଳିକାଣ୍ଡ ସମ୍ପର୍କରେ କୌଣସି ବିରୋଧୀ ମୂଳକ ମନ୍ତବ୍ୟ ଦେଇ ହେଉ ନାହିଁ ।

ସମାନ୍ତରାଳ ସରକାର ଗଠନ—

ସମାନ୍ତରାଳ ସରକାର ଗଠନ ହୋଇଥିଲା କି ନାହିଁ ସେ ସମ୍ପର୍କରେ କହିବା ପାଇଁ ଆମେ ସ୍ୱତନ୍ତ୍ରଭାବେ ଆଦେଶପ୍ରାପ୍ତ ହୋଇଛୁ । ଏ ସମ୍ପର୍କରେ ପ୍ରମାଣ ବହୁତ ସ୍ୱଳ୍ପ । ଡି. ଓ. ଙ୍କଠାରୁ ସି. ଓ.ଙ୍କ ପାକ୍ଷିକ ୧୯୪୨ ୨୯ ସେପ୍ଟେମ୍ବର ଏକ ଚିଠିରୁ ଜଣାଯାଏ ଯେ ୧୨ଟି ଗ୍ରାମକୁ ନେଇ ଏକ ସ୍ୱରାଜ ପଞ୍ଚାୟତ ଗଠିତ ହୋଇଥିଲା । ଏଥି ସହିତ ବିଭିନ୍ନ ସଭା ସମିତିରେ ୨୫୦ ଜଣ ମରଣ ସେନାକୁ ଗ୍ରହଣ କରାଯାଇଥିଲା । ଉପରୋକ୍ତ ଚିଠି ଅନୁଯାୟୀ ଗ୍ରାମହାଟ ଓ ସର୍ବସାଧାରଣ ରାସ୍ତାରେ ବାଜା ପିଟି ଘୋଷଣା କରାଯାଇଥିଲା ଯେ, ଲୋକମାନେ ଆଉ କର ଦେବେ ନାହିଁ, ମାଛ ଧରାଳୀମାନେ କୌଣସି ପଞ୍ଚା ନ ନେଇ ମାଛ ଧରିପାରିବେ । ମାତ୍ର ଉକ୍ତ ଚିଠିରେ ଅତି ରଞ୍ଜିତ ବର୍ଣ୍ଣନା କରାଯାଇଥିବା ବିଚିତ୍ର ନୁହେଁ । ସେମାନେ ଶାଖାକର୍ମୀଙ୍କର ଦକ୍ଷତା ଜଣାଇବା ପାଇଁ ଏହା ଲେଖିଥିବା ଅସମ୍ଭବ ନୁହେଁ । ମାତ୍ର ପ୍ରମାଣ ମିଳୁଛି ଯେ କମଳା ପ୍ରସାଦ କର ଓ ଅନ୍ୟମାନେ ଘୋଷଣା କରିଥିଲେ ଯେ ସେ ଅଞ୍ଚଳରେ ସେମାନେ ହେଉଛନ୍ତି ସରକାର ଓ ତାଙ୍କୁ କେହି ଅମାନ୍ୟ କଲେ ସେମାନଙ୍କୁ ଜେଲରେ ରଖାଯିବ । ଆମେ ସାକ୍ଷୀ ପ୍ରମାଣ ନେଇଥିବା ସମୟରେ ଇରମରେ ଏକ କଂଗ୍ରେସ ଜେଲ ଗଠନ ହୋଇଥିବା ବିଷୟ ଜାଣିବାକୁ ପାଇଛୁ । ମାତ୍ର ସେଥିରେ ପ୍ରକୃତରେ କେହି ରହିଥିଲେ କି ନାହିଁ ତାହା ଜାଣିହେଉ ନାହିଁ । ସାମାଜିକ ବାସନ୍ଦ ଓ ହିଂସାତ୍ମକ ଧମକ ଦେଇ ଧାନ ବୋହି ନେଇଯିବା କଥା ଜାଣିବାକୁ ମିଳୁଛି । ସେମାନେ ମଧ୍ୟ ଗ୍ରାମ୍ୟ ପୋଲିସ ଫଷ୍ଟଙ୍କୁ ଅମାନ୍ୟ କରିଥିବା ବିଷୟ ପ୍ରମାଣ ମିଳୁଛି । ଏପରିକି ଥରେ ଜଣେ ପୋଷ୍ଟାଲ ପିଅନ ଉପରେ ସେମାନେ ଆକ୍ରମଣ କରିଥିଲେ । ମୋଟାମୋଟି ଆମେ ଏ ସମ୍ପର୍କରେ ମତ ଦେଉଛୁ ଯେ ଏକ ସମାନ୍ତରାଳ ସରକାର ଗଠନ କରିବା ପାଇଁ ବିଦ୍ରୋହୀମାନଙ୍କର ଉଦ୍ଦେଶ୍ୟ ଥିଲେ ମଧ୍ୟ ଏହା ପୂର୍ଣ୍ଣଭାବରେ କାର୍ଯ୍ୟକାରୀ ହୋଇପାରି ନ ଥିଲା । ସେମାନେ ଏଥିପାଇଁ

Digitized by srujanika@gmail.com

(କେବଳମାତ୍ର) କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଏହା ସମ୍ଭବ ହୋଇଥିଲା ସେ ଅଞ୍ଚଳର ସଂଗଠକଙ୍କର ନିରକ୍ଷର ଜନତାଙ୍କ ଉପରେ ରହିଥିବା କର୍ତ୍ତୃତ୍ୱ ପାଇଁ । ଅବଶ୍ୟ ସେମାନେ ସବୁ ଅତି ନମ୍ର ଧରଣର ଯୋଗ୍ୟତାସମ୍ପନ୍ନ ନେତା ଥିଲେ ।

ଉପସଂହାର—

ସେ ଯାହାହେଉ ଆମେ ଏଥିରେ ଏକମତ ଯେ ସେପ୍ଟେମ୍ବର ମାସର ମାସର ପ୍ରଥମାର୍ଦ୍ଧରେ ଲୋକମାନଙ୍କ ଉପରେ ବାସୁଦେବପୁର ଥାନାର ପୋଲିସମାନଙ୍କର ଯଥେଷ୍ଟ କର୍ତ୍ତୃତ୍ୱ ନ ଥିଲା କି ଏହିଗରେ ସେମାନେ ବିଶେଷ ଆଗ୍ରହୀ ନ ଥିଲେ । ଗୁଳିକାଣ୍ଡ ପୂର୍ବରୁ ତୃଙ୍ଗନେତାମାନେ ସଭାସମିତିରେ ଆନ୍ଦୋଳନକୁ ତେଜାଇଥିବା ସମୟରେ ପୋଲିସ ସେମାନଙ୍କ ବିରୁଦ୍ଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ । ପୋଲିସ ଥାନାରେ ୧୨ ଜଣ ସଶସ୍ତ୍ର କନେଷ୍ଟବଲ ଥାଇ ମଧ୍ୟ ୧୮ ତାରିଖ ଦିନ ବାସୁଦେବପୁର-ଠାରେ ଆୟୋଜିତ ସଭାରୁ ଲୋକମାନଙ୍କୁ ଘଉଡ଼ାଇବା ପାଇଁ ସେମାନେ ଚେଷ୍ଟା କରି ନ ଥିଲେ କି ୨୨ ତାରିଖ ଦିନ ପୋଲିସ ଥାନା ପୋଡ଼ା ହେବା ପାଇଁ ନିଷ୍ପତ୍ତି ନେଇଥିବା ନେତାମାନଙ୍କୁ ଗିରଫ କରି ନ ଥିଲେ । ସେଦିନ ସଭାରେ ଉପସ୍ଥିତ ଥିବା ୩ଜଣ ତୃଙ୍ଗନେତାଙ୍କୁ ଗିରଫ କରାଯାଇପାରିଥିଲେ ପରବର୍ତ୍ତୀ ସମୟରେ ସଙ୍ଘଟିତ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥାନ୍ତା । ଏହି ପ୍ରକାରର କୌଣସି ଆନ୍ଦୋଳନର ପ୍ରାଥମିକ ଅବସ୍ଥାରେ କୌଣସି ଦୁର୍ବଳତା ରହିଗଲେ ତାହା ପରିଶେଷରେ ବିରାଟ ଗଣ୍ଡଗୋଳ ଘଟାଇବାରେ ସାହାଯ୍ୟ କରିଥାଏ ।

ଆମେ ମଧ୍ୟ ଏକମତ ଯେ ଥାନାର ସବ୍‌ଇନସ୍‌ପେକ୍ଟର ଏସବୁ ଘଟଣା ପାଇଁ ମୁଖ୍ୟତଃ ଦାୟୀ । ଅବଶ୍ୟ ତାଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ ଦଣ୍ଡ ବିଧାନ କରାଯାଇଛି । ଏଠାରେ ଅବଶ୍ୟ କୁହାଯାଇପାରେ ଯେ ଉକ୍ତ ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ନୁହେଁ—ବିଶେଷତଃ ଏହା ମାଲେରିଆବହୁଳ ଅଞ୍ଚଳ । ତେଣୁ ପୋଲିସ ଅଫିସର ବହୁ କ୍ଷେତ୍ରରେ ପୀଡ଼ିତହୋଇ ପଡ଼ୁଥିଲେ । ଆମେ ମଧ୍ୟ ମତ ଦେଉଛୁ ଯେ ସେତେବେଳେ କୌଣସି ଅଭିଜ୍ଞ ମାଜିଷ୍ଟ୍ରେଟ ୧୪୪ ଧାରା ପ୍ରବର୍ତ୍ତନ କରିବା ପାଇଁ ପୋଲିସ ସଙ୍ଗରେ ଯିବା ପାଇଁ ମିଳି ନ ଥିଲେ । ଏହା ଅତି ଦୁର୍ଭାଗ୍ୟ ଜନକ ।

Digitized by srujanika@gmail.com

ସବୁ ପ୍ରକାର ମିଳିଥିବା ପ୍ରମାଣରୁ ଏହା ମଧ୍ୟ ସୂଚିତ ହୋଇଥାଏ ଯେ ଇରମ ଓ ଅନ୍ୟ ଅଞ୍ଚଳରେ ସଂଘଠିତ ଆନ୍ଦୋଳନ ଯେ ଲୋକଙ୍କ ଦ୍ୱାରା ସ୍ୱତଃ ପ୍ରବୃତ୍ତଭାବେ ଆରମ୍ଭ ହୋଇଥିଲା, ତା ନୁହେଁ । ଏହା ସେତେବେଳେ ଦୁଷ୍ଟ ପ୍ରକୃତିର ରାଜନୈତିକ କର୍ମୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ନିରୀହ ଜନତାକୁ ବିଭ୍ରାନ୍ତ କରାଇ ସେମାନେ ନିଜ ନିଜର ଜୀବନକୁ ବେଶ ନିରାପଦ କରି ରଖିଥିଲେ । ଉକ୍ତ ନିଆଁଗିଳା ଉଗ୍ର ନେତାମାନେ ଆତ୍ମସମର୍ପଣ କରିବାପରେ ସମଗ୍ର ଅଞ୍ଚଳଟି ଖୁବ ଶୀଘ୍ର ସ୍ଥିର ଅବସ୍ଥାକୁ ଫେରି ଆସିଥିଲା । ଉକ୍ତ ଆନ୍ଦୋଳନରେ ଭାଗ ନେଇଥିବା ଲୋକମାନେ ମୁଖ୍ୟତଃ ଥିଲେ ଜମିହୀନ ଗରିବ ଲୋକ । ସେମାନଙ୍କର ଆର୍ଥିକ ଶୋଚନୀୟ ଅବସ୍ଥାକୁ ବ୍ୟବହାର କରି ଉକ୍ତ ନେତାମାନେ ସେମାନଙ୍କୁ ସେ ଅଞ୍ଚଳର ଧନୀକଶ୍ରେଣୀର ଲୋକଙ୍କଠାରୁ ଧାନ ଆଣି ସେମାନଙ୍କ ମଧ୍ୟରେ ବିତରଣ କରାଇବା ପାଇଁ ପ୍ରଲୋଭନ ଦେଖାଇବା ଦ୍ୱାରା ସେମାନେ ଆନ୍ଦୋଳନରେ ଯୋଗଦେଇଥିଲେ । ଏହା ମଧ୍ୟ ସ୍ପଷ୍ଟ ଯେ ଜିନିଷପତ୍ରର ଅତ୍ୟଧିକ ଦର ବୃଦ୍ଧି ଏବଂ ଖାଉଟି ଦ୍ରବ୍ୟର ଅଭାବ ବହୁ ପରିମାଣରେ ଆନ୍ଦୋଳନକୁ ତେଜାଇବାରେ ସହାୟକ ହୋଇଥିଲା । ଅପର ପକ୍ଷରେ ଏସବୁ କଥାକୁ ଖଣ୍ଡନ କରିବା ପାଇଁ ଉକ୍ତ ଅଞ୍ଚଳରେ ସରକାରୀ କଳକୁ ବ୍ୟବହାର କରାଯାଇ ନ ଥିଲା କି ସମଗ୍ର ପ୍ରଦେଶରେ ଏ ବିଷୟରେ କୌଣସି ପଦକ୍ଷେପ ନିଆଯାଇନଥିଲା ।

ଇରମ ଅଞ୍ଚଳରେ କାହିଁକି ଆନ୍ଦୋଳନ ଏକ ଭୀଷଣ ରୂପ ନେଇଥିଲା; ସେ ସମ୍ପର୍କରେ ମତଟିଏ ଦେଉଛୁ । ଏହି ଅଞ୍ଚଳକୁ ପ୍ରବେଶ କରିବା ସହଜ-ସାଧ୍ୟ ହୋଇ ନ ଥିବାରୁ ନେତାମାନେ ଉକ୍ତ ସ୍ଥାନକୁ ନିର୍ବାଚନ କରିଥିଲେ । ଆମେ ଦୃଢ଼ଭାବରେ ମତ ଦେଉଛୁ ଯେ ରାସ୍ତାଘାଟର ସୁବିଧା ନ ଥିଲେ ସୁଦୂର ନିପଟ ମଫସଲରେ ଏପରି ଏକ ଆନ୍ଦୋଳନ ସ୍ୱାଭାବିକଭାବେ ତେଜିଉଠେ । ତେଣୁ ଆମେ ଏଥିରେ ଦୃଢ଼ଭାବରେ ସୁପାରିଶ କରୁଛୁ ଯେ ଏହିପରି ଅଞ୍ଚଳରେ ରାସ୍ତାଘାଟର ନିର୍ମାଣ କରିବା ପାଇଁ ଅଧିକ ଟଙ୍କା ମଂଜୁର କରାଯାଉ । ଆମେ ଆଗରୁ କହିଛୁ ଯେ ଭଦ୍ରକରୁ ଇରମକୁ ଆସିଷ୍ଟାଣ୍ଟ ସର୍ଜନଙ୍କୁ ଆସିବା ପାଇଁ ୧୬ ଘଣ୍ଟା ଲାଗିଥିଲା । ସେହିପରି ସିମୁଳିଆରୁ ବାସୁଦେବପୁର ୧୨ ମାଇଲ ଦୂରତ୍ୱକୁ ଅତିକ୍ରମ କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ ବହୁ କଷ୍ଟ ସ୍ୱୀକାର କରି ୪ ଘଣ୍ଟା ନେଇଥିଲେ । ଉଚିତ ଯାତାୟାତର ସୁବିଧା

Digitized by srujanika@gmail.com

ଥାଆନ୍ତା । ତେବେ ପୋଲିସଙ୍କ ପକ୍ଷେ ଅବସ୍ଥାକୁ ନିୟନ୍ତ୍ରଣ କରିବା ନିଶ୍ଚିତ ସହଜସାଧ୍ୟ ହୋଇପାରିଥାଆନ୍ତା ।

ଏହି ରିପୋର୍ଟ ପ୍ରସ୍ତୁତ କରିବାରେ ସେକ୍ରେଟାରୀରୂପେ କାର୍ଯ୍ୟ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରେରିତ ସି. ଏସ. ଝା ଆଇ. ସି. ଏସ.ଙ୍କ ସାହାଯ୍ୟ ଆମେ ଏଥିରେ ସ୍ୱୀକାର କରୁଛୁ ।

ସ୍ୱାକ୍ଷର ଡ· ସି. ଅନସର୍ଜ

ଇ. ଏ. ଠ. ପରକିନ୍ସ

ମୃତାହତଙ୍କ ତାଲିକା

ଗ୍ରାମର ନାମ	ମୃତବ୍ୟକ୍ତିଙ୍କ ନାମ	ଆହତ ବ୍ୟକ୍ତିଙ୍କ ନାମ

* ଏହାର ଉଦ୍ଧୃତାଂଶ କେତେକ ସ୍ଥାନରେ ବଦଳାଯାଇ ପରିଶିଷ୍ଟ ୧ରେ ଦିଆଯାଇଛି । ବଦଳା ଯାଇଥିବା ନାମ ମଧ୍ୟ ଫୁଟ୍‌ନୋଟ୍‌ରେ ଉଲ୍ଲେଖ କରାଯାଇଛି ।

Digitized by srujanika@gmail.com

ପରିଶିଷ୍ଟ—୪

ଇରମ ଗୁଳିକାଣ୍ଡ

ବ. ଓ ନାମରେ ପ୍ୟାରୀମୋହନ ଦାସଙ୍କଠାରୁ ସି. ଓ ନାମରେ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପାଖକୁ ଲେଖାଯାଇଥିବା ଗୋପନୀୟ ଚିଠିର ନକଲ ।

"ପ୍ରି. ଓ.,

ଚିଠି ପାଇଲି । ମୁଁ ଦିନକ ଆଗରୁ ଡାକରେ ଚିଠି ପଠାଇଛି । କାଲି ତାହା ପାଇଥିବ । ସେଥିରେ ଯେଉଁସବୁ ବିସ୍ତୃତ ବିବରଣୀ ଲେଖିଥିଲି ସେଗୁଡ଼ିକ କେତେକାଂଶରେ ସତ୍ୟ ନୁହେଁ ବୋଲି ବର୍ତ୍ତମାନ ଜଣାପଡ଼ୁଛି । ଆମେ ସବୁ ଜାଗାରୁ ଡାକ ପାଇସାରିଲୁଣି । ବାସୁଦେବ-ପୁରର ଯେଉଁ କର୍ମୀ ମେଡଠରେ କାମ କରୁଥିଲା, ସେ ଆସିଥିଲା । ସେ ପଚାରିବାକୁ ଆସିଥିଲା—ସେଠିକା ପରିସ୍ଥିତିକୁ କପରି ସମ୍ଭାଳିବ । ସେ କହିଲା ଯେ ସୋମବାର ଉପରବେଳା ଡି. ଏସ୍. ପି. ୨୫ ଜଣ ଫୋର୍ସ ନେଇ ଇରମ ଆଡ଼କୁ ଯାଉଥିଲା । ଗାଁକୁ ଯିବାପାଇଁ ଏକ ନଈ ପାର ହେବାକୁ ପଡ଼େ । ଜଣେ କର୍ମୀ ଏମାନଙ୍କର ଗତିବିଧି ଲକ୍ଷ୍ୟ କରିବା ପାଇଁ ଘାଟ ଜଗି ରହିଥିଲା । ସେ ଏମାନଙ୍କୁ ଦେଖି ସମ୍ବାଦ ଦେବାପାଇଁ ନଈ ପହଁରି ଇରମକୁ ଦୌଡ଼ି ଗୁଲିଗଲା । ସେ ସେଠି ପହଞ୍ଚି ପୁଲିସ୍ ଆସୁଛନ୍ତି ବୋଲି କହି ପଡ଼ିଗଲା । ପ୍ରକୃତରେ ଦୁଇମାଇଲ ବାଟ ଦୌଡ଼ି ଦୌଡ଼ି ଯାଇ ଏ ସମ୍ବାଦ ଦେଲାବେଳକୁ ସେ ହାଲିଆ ହୋଇପଡ଼ିଥିଲା । ସକାଳେ ଯେତେବେଳେ ପୁଲିସ୍ ସବ୍ଇନ୍‌ସପେକ୍ଟର ସ୍ଥାନୀୟ ପୁଲିସ୍‌କୁ ସଙ୍ଗରେ ଧରି ଇରମ୍ ଆଡ଼କୁ ଯାଉଥିଲା, ସେତେବେଳେ ଜଣେ ଲୋକ ଶଙ୍ଖ ବଜାଇଲା । ସବ୍ଇନ୍‌ସପେକ୍ଟର ତାକୁ ପଚାରିଲା—ତୁ ଶଙ୍ଖ ବଜାଇଲୁ କାହିଁକି ? ସେ ଉତ୍ତର ଦେଲା—"ମୋ ବାପାର ଶେଷକ୍ରିୟା କରିବାଲାଗି ।" ସେ ତାକୁ ଶଳାବେଧା ବୋଲି ଗାଳି ଦେଇ ବୁଟପୁଡ଼ା ଓ ବିଧା ମାରିଲା । ପୁଣି ଏମାନେ ଉପର ବେଳା ଆସିଲେ ଓ ସଶସ୍ତ୍ର ପୁଲିସ୍‌ଙ୍କ ସାଙ୍ଗେ ଯୋଗଦେଲେ । ଶଙ୍ଖ ଦ୍ୱାରା ସମସ୍ତେ ଜାଣିଗଲେ ଯେ, ପୁଲିସ୍ ଆସିଗଲେଣି । ଦୁଇ ତିନି ମାଇଲ୍ ଦୂରରୁ ଲୋକ ଆସି ଜମା ହୋଇଗଲେ । ସେହି ସମୟରେ କମଳାକାନ୍ତ କର (କର୍ମୀ) ଲୋକଙ୍କୁ ପୁଣି ଥରେ ବୁଝାଇଲେ—"ସାହସ ଧର ଅପେକ୍ଷା କର, କିଛି ହେବ ନାହିଁ । ସେମାନେ ଯଦି ଆକ୍ରମଣ କରନ୍ତି ତେବେ ଆମେ ପ୍ରତି ଆକ୍ରମଣ କରିବା ।" ସେତେବେଳକୁ

Digitized by srujanika@gmail.com

ପ୍ରାୟ ଆଠହଜାର ପାଖାପାଖି ଲୋକ ରୁଣ୍ଡ ହୋଇଗଲେଣି । ସେ ସେମାନଙ୍କୁ କହିଲେ—ତୁମମାନଙ୍କ ଭିତରୁ ଯେଉଁମାନଙ୍କ ପ୍ରାଣକୁ ଭୟ ଅଛି ଓ ସାହସ ଦେଖାଇବାକୁ ଅସମର୍ଥ ସେମାନେ ଚାଲିଯାଇପାର । ତିନି ଚାରିଥର ଏପରି ସତର୍କବାଣୀ ଶୁଣାଇଲା ପରେ ପ୍ରାୟ ପାଞ୍ଚ ସାତ ଶହ ଲୋକ ଜାଗାଛାଡ଼ି ଚାଲିଗଲେ । କମଳାକାନ୍ତର ଯୋଜନା ଥିଲା ସବୁ ପୁଲିସ୍ ଫୋର୍ସ ଇରମ୍‌ରେ ଜମା ହୋଇଯିବା ପରେ ସେ ପଛ ପାଖରୁ ଦୁଇହଜାର ଲୋକଙ୍କୁ ନେଇଯାଇ ବାସୁଦେବପୁର ଥାନାକୁ ଜାଳିଦେବ । କମଳାକାନ୍ତ ସଭାରେ ଏକଥା ଲୋକଙ୍କୁ ବୁଝେଇଦେଇଥିଲା । ଲୋକେ ସମ୍ମତ ହେଲେ । କମଳା ପୁଣି ଥରେ କହିଲା, "ତମେ ସବୁ କେବେହେଁ ପ୍ରଥମେ ଆକ୍ରମଣ କରିବ ନାହିଁ ।"—ତୁଡ଼ିଗଡ଼ିଆ ଅଭିଜ୍ଞତା ଥିଲା । ତେଣୁ ଲୋକେ କହିଲେ ସେମାନେ ଯଦି ତୁମକୁ ଆରେଷ୍ଟ କରନ୍ତି ଆମେ କେବେହେଁ ଛାଡ଼ିବୁ ନାହିଁ । ତେଣୁ କମଳା ପୁଣି ଲୋକଙ୍କୁ ବୁଝାଇଲା, "ତୁମେ ଯଦି ଗିରଫର ପ୍ରତିରୋଧ କର ତାହାହେଲେ ଗୁଳି ଚାଲିବ ଏବଂ ଆମେ ଯାହା ଚାହୁଁଛେ ତାହା କରି-ପାରିବା ନାହିଁ ।" ଏହା କହି ପୁଲିସ୍ ଆସିଲେ ତାଙ୍କୁ ଯିବା ପାଇଁ ଅନୁମତି ଦେବାକୁ ସେ ଲୋକଙ୍କୁ କହିଲା । ସେ ନିଜେ କିଛି ଦୂରକୁ ଚାଲିଗଲା । ଅଳ୍ପବାଟ ଯାଇଛି, ଗୋଟେ ଆଉ ପାଟିତୁଣ୍ଡ ଶୁଭିଲା । ମୁହଁ ଫେରାଇ ସେ ଦେଖେ ଜଣେ ପୋଷ୍ଟ ପିଅନ ଇରମରୁ ଡାକ ନେଇ ଯାଉଥିଲା ବେଳେ ତାକୁ ଲୋକେ ବନ୍ଦ କରି ଡାକ ଛଡ଼େଇ ନେଇଛନ୍ତି । ଆଉ ଏକ ଘଟଣା ବି ଠିକ ଏ ଆଗରେ ଘଟିଗଲା । ଜଣେ ଚୌକିଦାର ଡି. ଏସ୍. ପିଙ୍କ ଓ୍ୱାଟର-ପ୍ରୁଫ୍, ବେଡିଂ ଏବଂ ହାତବାକ୍‌ସ ଓ (ଯାହାଭିତରେ ଗୁଳି ଭର୍ତ୍ତି ହୋଇ-ଥିଲା) ନେଇ ଯାଉଥିଲା । ତାକୁ ଲୋକେ ଅଟକେଇଲେ ଏବଂ ତା ହାତରୁ ଜିନିଷ ସବୁ ଛଡ଼େଇ ନେଇଗଲେ । ଜନତା ହାତରେ ଗୁଳି ପଡ଼ିଗଲା । ଚୌକିଦାର କାନ୍ଦି କାନ୍ଦି ଫେରିଲା ଏବଂ ସମସ୍ତ ବିଷୟ ଡି ଏସ୍. ପି.ଙ୍କ ଆଗରେ ବର୍ଣ୍ଣନା କଲା । ଡି. ଏସ୍. ପି. କହିଲେ "ମୁଁ ନରମେଧ ଯଜ୍ଞ କରିବି" ଏବଂ ସଙ୍ଗେ ସଙ୍ଗେ ଫୋର୍ସକୁ ପ୍ରସ୍ତୁତ ହୋଇଯିବା ପାଇଁ ଅର୍ଡ଼ର ଦେଲେ । କିନ୍ତୁ ବୁଲେଟ୍ କୁଆଡ଼ୁ ପାଇବେ ? ଜମିଦାର ରାଧାକାନ୍ତ ପାଢ଼ୀ ଓ ମୁକ୍ତିକାନ୍ତ ପାଢ଼ୀ ତାଙ୍କୁ ଚାରିଶହ ଗୁଳି ଓ ବନ୍ଧୁକ ଦେଲେ—ଏହାକୁ ନେଇ ସେ ଘଟଣା ସ୍ଥଳକୁ ଗଲେ । ସେଠି ପହଁଞ୍ଚି ପୁଲିସ୍‌ମାନେ ଚାରିଜଣ କରି ଧାଡ଼ି ବାନ୍ଧିଲେ—ଆଗ ଓ ପଛରୁ ଥର ଥର କରି ଗୁଳି ଫାୟାର୍ କଲେ । ଡି. ଏସ୍. ପି ନିଜର ଦୁଇହାତରେ ଦୁଇଟା ପିସ୍ତଲ ଧରି ଗୁଳି ମାରୁଥାଏ,

Digitized by srujanika@gmail.com

ହୁକୁମ ଦେଉଥାଏ, ପୁଲିସ୍ ଗୁଳି ଚଳାଉଥାଆନ୍ତି । ଲୋକେ ପଳେଇବାକୁ ଆରମ୍ଭ କଲେ । ପ୍ରଥମ ଥର ଗୁଳିରେ ଦୁଇଜଣ ମରିବା ଦେଖି ପୁଲିସ୍ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ବରାବର ଗୁଳି କରିବାରେ ଲାଗିଲେ । ପାଞ୍ଚମିନଟ୍ କାଳ ଏମିତି ଗୁଳି କରି ତାପରେ ସେମାନେ ଫେରିଲେ । ଏହି ପାଞ୍ଚମିନଟ୍ ଗୁଳି ଭିତରେ ୧୭ ଜଣ ମରିଗଲେ । ଖବର ପହଞ୍ଚିଲା ଯେ, ପଳାଇଗଲା ବେଳେ ଯାହାଙ୍କଠି ଗୁଳି ବାଜିଥିଲା ସେମାନେ ୨୦।୨୫ ମିନଟ୍ ପରେ ମରି ପଡ଼ିଗଲେ । ଏମାନଙ୍କ ସଂଖ୍ୟା ହେଲା ୧୮ । ଜଣାଗଲା ଯେ, ଏହି ଅଠର ଜଣଙ୍କ ଭିତରୁ କେତେକ ପାଣି ଭିତରେ ଭାସୁଛନ୍ତି, କେତେକ ବାଡ଼ି ପାଖରେ, ଆଉ କେତେକ ବାଉଁଶ ବଣରେ ମୁର୍ଦ୍ଦାର ହୋଇ ପଡ଼ିଛନ୍ତି । ଏମିତି ୩୫ ଜଣ ମଲେ, ୧୦୮ ଜଣ ଆହତ ହେଲେ । ମୁଁ ଆଗ ଯାହା ରିପୋର୍ଟ ଦେଇଥିଲି ସେସବୁ ଲୋକମୁଖରୁ ଶୁଣିକରି ଦେଇଥିଲି । ତେଣୁ ଯେଉଁ ମୃତ ଓ ଆହତ ସଂଖ୍ୟା ଲେଖିଥିଲି ତା ସଠିକ ନ ଥିଲା । ମୁଁ ତାକୁ ଜଣଙ୍କଠୁ ଶୁଣି କରି ଲେଖିଥିଲି । ଏଥିସହ ଯେଉଁମାନେ ମରିଛନ୍ତି ଓ ଆହତ ହୋଇଛନ୍ତି ସେମାନଙ୍କ ତାଲିକା ଦେଉଛି । ଗୌରାଙ୍ଗ ମଙ୍ଗଳବାର ଦିନ ସଭା କରିଥିଲା ଏବଂ ପୁଲିସ୍ ଥାନା ପୋଡ଼ିବା ଲାଗି ସ୍ଥିର କରୁଥିଲା । କିନ୍ତୁ ବହୁ ସଂଖ୍ୟକ ଲୋକ ନ ବାହାରିବାରୁ ତାହା ସେ ସ୍ଥଗିତ ରଖିଥିଲା । ଏହା ଜାଣିପାରି ପୁଲିସ୍ ତା ଘରେ ପହଞ୍ଚିଲେ ଏବଂ ତା ସ୍ତ୍ରୀ ଗୁଣ୍ଡିକା ନିକଟେ ପୁଲିସ୍ ଅଫିସର ବନ୍ଧୁକ ମୁନ ଦେଖାଇ କହିଲେ, "ଯଦି ୨୪ ଘଣ୍ଟା ଭିତରେ ତୁମ ସ୍ୱାମୀଙ୍କୁ ଧରାଇ ନ ଦିଅ ତାହାହେଲେ ତୁମ ମୁଣ୍ଡବାଳ କାଟିଦେବୁ, ଅତ୍ୟାଚାର କରିବୁ ଓ ତୁମକୁ ପ୍ରାଣରେ ମାରିଦେବୁ । ସେ ଯଦି ୨୪ ଘଣ୍ଟା ମଧ୍ୟରେ ଆସି ଧରା ନ ଦିଏ ତାହେଲେ ତାକୁ ପାଇଲା ମାତ୍ରେ ହତ୍ୟା କରିବୁ ।" ସେ ବିଷୟ କିଛି ଜାଣେ ନାହିଁ ବୋଲି କହିବାରୁ ସେମାନେ ଫେରି ଆସିଲେ । ବୁଧବାର, ଗୁରୁବାର ଓ ଶୁକ୍ରବାର ଦିନ କେତେକ ଲୋକଙ୍କୁ ଗିରଫ କରାଗଲା ।

ଶନିବାର ଦିନ ସେମାନେ କମଳା ଘରକୁ ଗଲେ ଏବଂ କହିଲେ "ଶଳାବେଧା କମଳା ଯେ ଏତେ ଲୋକଙ୍କୁ ମରେଇଦେଲା ସେ ଗଲା କୁଆଡ଼େ ?" ଏହା ଶୁଣି କମଳାର ଭଉଣୀ କହିଲା, "ତୁମେ ତାକୁ କାହିଁକି ଦୋଷ ଦେଉଛ—ସେ କଣ ଗୁଳି କରି ଲୋକଙ୍କୁ ମାରିଛି ? ତୁମେ କଣ ତା ଭଉଣୀକୁ ବାହା ହେଇଛ ଯେ ଶଳାବେଧା କରି ଗାଳି ଦେଉଛ ? ସେ କଣ ତୁମକୁ ଏଠିକି ଡାକୁଥିଲା ହତ୍ୟା କରିବ ବୋଲି ?" ଏହା ଶୁଣି

Digitized by srujanika@gmail.com

ସେମାନେ ତା ଭଉଣୀକୁ ଗାଳିଦେଇ ଦେଇ ଗୁଳିକଲେ ଏବଂ କହିଲେ, "ତୁ ଯଦି କମଳାକୁ ୨୪ ଘଣ୍ଟା ଭିତରେ ଆଣି ହାଜର ନ କରୁ ଆମେ ତାକୁ ପରେ ଯେତେବେଳେ ପାଇବୁ ସାଙ୍ଗେ ସାଙ୍ଗେ ଗୁଳି କରି ଉଡ଼େଇ ଦେବୁ ।" ଏଇଠି ଗୋଟେ ମଜା କଥା ଘଟିଲା । ମଙ୍ଗଳବାର ଦିନ ସକାଳେ ରାଧାକାନ୍ତ ପାଢ଼ୀ ଯେତେବେଳେ ଶୁଣିଲା ଯେ, ଚାଷୀମାନଙ୍କୁ ହତ୍ୟା କରାଯାଇଛି ସେ ସାଙ୍ଗେ ସାଙ୍ଗେ ତା ପୁଅ ହାତରେ ୩୦ଟି ଟଙ୍କା ଓ ୬୦ ଟଙ୍କାର ଚାଉଳ ଲୋକଙ୍କୁ ଦେବାପାଇଁ ପଠାଇଲା । ଶୁଣାଯାଉଛି ମୋଟେ ୨।୩ ଜଣ ଲୋକ ଟଙ୍କାକୁ ୧୦।୧୫ ସେର ଦରରେ ୨।୩ ଟଙ୍କାର ଚାଉଳ କିଣିଲେ । ଅନ୍ୟମାନେ ବଡ଼ କଠୋର ଭାବରେ ତାକୁ କହିଲେ, "ତୁମ ବାପା ପୁଲିସ୍‌କୁ ଗୁଳି ଓ ଅସ୍ତ୍ର ଶସ୍ତ୍ର ଯୋଗାଇଦେଲେ ଆମ ଭାଇ, କକା, ଭଣଜା, ମାମୁଁ, ବାପା ଓ ଭାଣେଇଙ୍କୁ ମାରିଦେବା ଲାଗି । ସେ ଏବେ ଆମକୁ ସାହାଯ୍ୟ କରିବା ପାଇଁ ଟଙ୍କା ଓ ଚାଉଳ ପଠାଇଛି । ତୁମେ ଯଦି ତୁମ ବାପାଙ୍କର ଖଣ୍ଡେ ମାଉଁସ ଆଣିପାରନ୍ତ ଏବଂ ତୁମ ଘରୁ ଖଣ୍ଡେ ଇଟା ଆଣି ଦିଅନ୍ତ, ତାହେଲେ ଆମେ ପ୍ରତିଶୋଧ ନିଅନ୍ତୁ । ସେ ମାଉଁସ ଖଣ୍ଡକ ଆମ ପାଖରେ ରଖନ୍ତୁ ଆଉ ଇଟା ଖଣ୍ଡିକ ନେଇ ଆମ ବନ୍ଧୁବାନ୍ଧବମାନଙ୍କୁ ଦେଖାନ୍ତୁ । ତୁମକୁ ଲାଜ ମାଡ଼ୁନାହିଁ । ତୁମେ ପୁଣି ଟଙ୍କା ଆଉ ଚାଉଳ ଦେବାକୁ ଆସିଛ ?" ଜମିଦାରଙ୍କ ପୁଅ ଫେରିଗଲା, ଏବଂ ସବୁକଥା ଯାଇ ଡି ଏସ୍. ପି.ଙ୍କ ଆଗରେ କହିଲା । ଡି. ଏସ୍. ପି. ତହୁଁ ଦଳବଳ ସହ ଆସି ଯାହାକୁ ଦେଖିଲେ ତାକୁ ପିଟିଲେ ଓ ଗିରଫ କଲେ । ଯେଉଁ ୩୫ ଜଣଙ୍କୁ ହତ୍ୟା କରାଯାଇଥିଲା ତାଙ୍କ ଭିତରୁ ୭ ଜଣଙ୍କୁ ନେଇ ଗୁପ୍ତ ଭାବରେ ପୋଡ଼ିଦେଲେ । ବାକି ୨୮ ଜଣଙ୍କୁ ନେଇ ଚୌକିଦାରମାନେ ପୋତି ପକାଇଲେ । ସେଠିକା ୟୁନିଅନ୍ ପ୍ରେସିଡେଣ୍ଟ ମଧ୍ୟ ଗୁଳି କରିଥିଲା— ଅପରାଧ ହେଉଛି ତାଠାରୁ ଲୋକ କାଗଜପତ୍ର ଛଡ଼େଇନେଲେ । ସେ ଗୁଳି କଲାବେଳେ ଜଣେ ବୁଢ଼ାଲୋକ ତା ପାଦ ତଳେ ପଡ଼ିଯାଇ ଗୁହାରିକରି କହିଲେ, "ତୁମେ କାହିଁକି ମାରୁଛ ?" ସଙ୍ଗେ ସଙ୍ଗେ ତାକୁ ଗିରଫ କରି ନିଆଗଲା । ବର୍ତ୍ତମାନ ଫୋର୍ସଙ୍କ ସଂଖ୍ୟା କମିଗଲାଣି । ଡି. ଏସ୍. ପି.ଙ୍କ ସହ ସମସ୍ତ ପୋଲିସ ୯ ଜଣ ଏବଂ କେବଳ ଥାନାବାଲା ୧୧ ଜଣ ଅଛନ୍ତି ।

ଯେଉଁ ମୃତ ଲୋକଙ୍କ ତାଲିକା ମିଳିଛି ତାକୁ ତଳେ ଦେଉଛୁ ।

Digitized by srujanika@gmail.com

କ୍ର. ନଂ	ନାମ	ବୟସ	ଗ୍ରାମ	ପରିବାରର ବଞ୍ଚିଥିବା ଲୋକ
୧	ମଣି ପ୍ରଧାନ	୩୨ ବର୍ଷ	ସୁଦର୍ଶନପୁର	ବାପ, ମା, ସ୍ତ୍ରୀ, ପୁଅ ଭାଇ
୨	ହରି ଦାସ	୩୬ ବର୍ଷ	ସୁଦର୍ଶନପୁର	———
୩	ରତ୍ନାକର ପାଣି	୧୬ ବର୍ଷ	ସୁଦର୍ଶନପୁର	ବାପ, ଭାଇ, କକା
୪	ଦିବାକର ପାଣିଗ୍ରାହୀ	୧୮ ବର୍ଷ	ଗୁଡ଼ା	ବାପ, ଭାଇ, କକା
୫	ଗୋବିନ୍ଦ ରାଉତ	୫୬ ବର୍ଷ	ଆରଭୁଙ୍ଗ	ସ୍ତ୍ରୀ ଓ ଝିଅ
୬	କୃପାସିନ୍ଧୁ ବେହେରା	୨୬ ବର୍ଷ	ଶଙ୍ଖାରେ	ବାପ, ଭାଇ ଓ ମା
୭	ଗୋପାଳ ଚରଣ ଦାସ	୩୯ ବର୍ଷ	ପଡ଼ୁଆଁ	ସ୍ତ୍ରୀ ଓ ୩ ଝିଅ
୮	ବିଶ୍ୱନାଥ ଦାସ	୪୦ ବର୍ଷ	ପଡ଼ୁଆଁ	ସ୍ତ୍ରୀ ଓ ୩ ଝିଅ
୯	ବିଜୁଳି ଦାସ	୧୫ ବର୍ଷ	ପଡ଼ୁଆଁ	କକା ଓ ଖୁଡ଼ି
୧୦	ବାସୁଦେବ ସାହୁ	୨୫ ବର୍ଷ	ପଡ଼ୁଆଁ	ବାପା, ମାଆ, ସ୍ତ୍ରୀ ଓ ଭାଇ
୧୧	କୃଷ୍ଣ ସ୍ୱାଇଁ	୪୫ ବର୍ଷ	ପଡ଼ୁଆଁ	ସ୍ତ୍ରୀ, ୪ ପୁଅ ଓ ୩ ଝିଅ
୧୨	କାଳି ମାଝି	୩୦ ବର୍ଷ	ପଡ଼ୁଆଁ	ସ୍ତ୍ରୀ ଓ ୨ ପୁଅ
୧୩	ଭୁଆ ମାଝି	୩୫ ବର୍ଷ	ପଡ଼ୁଆଁ	ସ୍ତ୍ରୀ ଓ ୧ ପୁଅ
୧୪	ଧ୍ରୁବଚରଣ ଦେ	୪୨ ବର୍ଷ	ପଡ଼ୁଆଁ	୮ବର୍ଷର ପୁଅ
୧୫	ହୃଷି ବେହେରା	୫୦ ବର୍ଷ	ପଡ଼ୁଆଁ	ସ୍ତ୍ରୀ ଓ ପୁଅ
୧୬	ବଲ୍ଲଭ ବେହେରା	୪୦ ବର୍ଷ	ପଡ଼ୁଆଁ	ସ୍ତ୍ରୀ ଓ ଝିଅ
୧୭	ହରି ବେହେରା	୨୨ ବର୍ଷ	ପଡ଼ୁଆଁ	ମା ଓ ସ୍ତ୍ରୀ
୧୮	ରାଧା ମାହାଲିକ	୫୦ ବର୍ଷ	ପଡ଼ୁଆଁ	୩ଟି ପୁଅ
୧୯	ମଣି ବେହେରା	୪୦ ବର୍ଷ	ପଡ଼ୁଆଁ	ମା, ସ୍ତ୍ରୀ ଓ ପୁଅ
୨୦	ରାମ ମାଝି	୨୦ ବର୍ଷ	ପଡ଼ୁଆଁ	ମା, ଭଉଣୀ ଓ ସ୍ତ୍ରୀ

ଏମାନଙ୍କ ବ୍ୟତୀତ ଆଘାତପ୍ରାପ୍ତ ଓ ଗିରଫ ହୋଇଥିବା ବ୍ୟକ୍ତିଙ୍କ ନାମ ସଂଗ୍ରହ କରିପାରିଲେ—ପଠାଉଛୁ ।

ମଙ୍ଗଳବାର ଅର୍ଥାତ ଯେଉଁଦିନ ଗୁଳି ହେଲା ତା ପରଦିନ କର୍ମୀମାନଙ୍କର ଏକ ବୈଠକ ହେଲା ଏବଂ କଣ କରାଯିବ ବିଚାର କରାଗଲା ।

Digitized by srujanika@gmail.com

ଏଥି ଭିତରେ ଘଗୁଆଁର ଗୋକୁଳାନନ୍ଦ ମହାନ୍ତି ଉତ୍ତର ବାଲେଶ୍ୱରରୁ ଆସି ପହଞ୍ଚିଥାଆନ୍ତି । ସେ ସେଠାରେ ଲୋକଙ୍କ ଭିତରେ ଖଜଣା ଓ ପଥକର, ବନ୍ଦ କରାଇ ଓ ପିକେଟିଂ ଦ୍ୱାରା ଅଚଳ ଅବସ୍ଥା ସୃଷ୍ଟି କରିବା ପାଇଁ ଯାଇଥିଲେ । ସେ ଜଣେ ବଡ଼ପାଟିଆ ଲୋକ । ତାକୁ ସମ୍ମାନ ଦେଖାଇବାର କଥା । ସେ କମଳାକୁ ପଚାରିଲେ, ତୁ ଲୋକଙ୍କୁ କାହା ପାଖରେ ଗୁଳି ପକେଇଗଲୁ ? କମଳା ଯେତେ ବୁଝାଇବା ପାଇଁ ଚେଷ୍ଟା କଲା କେହି ତା କଥା ଶୁଣିଲେ ନାହିଁ । କମଳା ଜୀବନ ଭୟରେ ଗୁଳିର ସମ୍ମୁଖୀନ ହୋଇ ନ ଥିବାରୁ ତାକୁ ସମସ୍ତେ ଦୋଷୀ ସାବ୍ୟସ୍ତ କଲେ । ତାପରେ ସ୍ଥିର ହେଲା ନଅଟି ଦଳ ହୋଇ ସମସ୍ତେ ଥର ଥର କରି ଯାଇ ଗିରଫ ହେବେ । କମଳା ତା ନିଜ ଅଞ୍ଚଳକୁ ଗଲା ଏବଂ ସବୁ ଗଣ୍ୟମାନ୍ୟ ଲୋକଙ୍କୁ ଡାକି କହିଲା ଯେ ସେ ଲୋକଙ୍କୁ ମରେଇ ଦେଇଛି ବୋଲି ଅଭିଯୋଗ ହେଉଛି, ତାକୁ ସମସ୍ତେ ଦୋଷ ଦେଉଛନ୍ତି, ସେ ନିଜେ ମରିବ । ତେଣୁ ସେ ନିଜେ ଯାଇ ଗିରଫ ହୋଇଯିବ । କିନ୍ତୁ ମୃତଲୋକଙ୍କ ବନ୍ଧୁବାନ୍ଧବମାନେ କହିଲେ, ଆମେ ତୁମକୁ କେବେଁ ଛାଡ଼ିବୁନି । ଆମର ବାପ ପୁଅ ଯାଇଛନ୍ତି—ତୁମେ ହେଉଛ ଆମ ବାପ ଓ ପୁଅ । ତୁମେ ଯଦି ଚାଲିଯାଅ ତା'ହେଲେ ଆମେ ଅନାଥ ହୋଇଯିବୁ ସେମାନେ କମଳାକୁ ଜବାବ ଦେଇଛନ୍ତି ଯେ, କିଛିଦିନ ରହିଯାଅ । ଆମେ ପରେ ପୁଣି ଏକାଠି ହୋଇ ଏକ ବଡ଼ ଆକ୍ରମଣ କରିବା ।

। ଇତି ।

ଢ଼ି. ଏ.

(ଢ଼ି. ଓ.ଙ୍କ ତରଫରୁ)

Digitized by srujanika@gmail.com

ପରିଶିଷ୍ଟ—୪

ଭଦ୍ରକ ପୋଲିସ୍ ଇନ୍‌ସପେକ୍ଟରଙ୍କ ପାଖକୁ ଜମିଦାର ରାଧାକାନ୍ତ ପାଢ଼ୀ ଲେଖିଥିବା ଇଂରାଜି ଚିଠିର ଅନୁବାଦ

ଭଦ୍ରକ ପୋଲିସ ଇନ୍‌ସପେକ୍ଟର—କେମ୍ପ ବାସୁଦେବପୁରଙ୍କ ପାଖକୁ

ପ୍ରିୟ ମହାଶୟ,

ଡାକ୍ତର ବାବୁଙ୍କ ଠାରୁ ଜାଣିଲି ଯେ ଆପଣ ଏଠାରେ ଅଛନ୍ତି । ସମ୍ଭବତଃ ଏ ଅଞ୍ଚଳର ଅବସ୍ଥା ବିଷୟରେ ଆପଣ ମୁକ୍ତିକାନ୍ତ ଓ ଡାକ୍ତର ବାବୁଙ୍କ ଠାରୁ ଜାଣିଥିବେ । ବହୁତ ଭୟ ମଧ୍ୟରେ ରହି ଆମେ ଦିନ କାଟୁଛୁ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ବିପଦ ଆଶଙ୍କା କରୁଛୁ । ବଢ଼ନ୍ତ କଚେରୀର ତହସିଲଦାରଙ୍କ ଠାରୁ ମଧ୍ୟ ପ୍ରମାଦପୂର୍ଣ୍ଣ ଖବର ଆମେ ପାଉଛୁଁ ।

ପଡ଼ୁଆଁ ତହସିଲଦାରଙ୍କ ଠାରୁ ଖବର ପାଇଲି ଯେ ୨୩ ତାରିଖ ଦିନ ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ବହୁ ଲୋକ ବଡ଼ ବଡ଼ ଲାଠି ହାତରେ ଧରି ପଡ଼ୁଆଁ କଚେରୀ ଆକ୍ରମଣ କରିଥିଲେ ରେକର୍ଡ଼, କାଗଜପତ୍ର ଓ ଧାନ ବୋହି ନେଇଯିବା ପାଇଁ । ଭୟରେ ତହସିଲଦାର ଓ ପିଅନ କବାଟ ବନ୍ଦ କରିଦେଲେ । ତେଣୁ ସେମାନେ ତହସିଲଦାର ଓ ପିଅନକୁ ଧମକ ଦେଇ ଓ ଗାଳିଗୁଲଜ କରି ସଭିଙ୍କୁ ଗୃଳାଯାଇଥିଲେ । ତା'ପର ଦିନ ପୁସ୍ତି ପରିଡ଼ା, ଜଦୁ ବିଶ୍ୱାଳ, ହେମ ଦାସ, ପ୍ରସାଦ ପଣ୍ଡାର ପୁଅ, ବେଙ୍ଗ ସେଠୀର ପୁଅ ଓ ଅଗଣୀର ପୁଅ ଓ ଅନ୍ୟମାନଙ୍କୁ ନେଇ କମଳା ପ୍ରସାଦ କର ବଡ଼ ବଡ଼ ଲାଠି ଧରି ମୋ ପାଖକୁ ଆସି ପଡ଼ୁଆଁ ଲୋକଙ୍କ ପାଇଁ ବିନା ସୁଧରେ ଏବଂ କୌଣସି ଦଲିଲ ନ ରଖି ୧୦୦ ଛେଲ୍ ବା ୪୦୦ ମହଣ ଧାନ ଦେବାପାଇଁ ଦାବି କଲେ । ନ ଦେଲେ ମୋତେ ବିପଦରେ ପକାଇବେ ବୋଲି ସେମାନେ ଧମକ ଦେଲେ ।

Digitized by srujanika@gmail.com

ମୁଁ କୌଣସି କାଗଜପତ୍ର ନରଖି ଧାନ ଦେବାପାଇଁ ମନା କରି-ଦେଲି । ତାପରେ ସେ ପ୍ରସ୍ତାବ ଦେଲେ ଯେ ଉକ୍ତ ଅଞ୍ଚଳର ୧୦ ଜଣ ବତ୍ତଶାଳୀ ଲୋକ ୧୦୦ ଛେଳି ଧାନ ପାଇଁ ହେଣ୍ଡନୋଟ ଦେବେ । ତେଣୁ ମୁଁ ଉକ୍ତ ପ୍ରସ୍ତାବରେ ରାଜି ହୋଇ ପଞ୍ଚୁଆଁ ତହସିଲଦାରଙ୍କୁ ତଦନୁଯାୟୀ ଆଦେଶ ଦେଲି ।

ବର୍ତ୍ତମାନ ମୁଁ ଉପରୋକ୍ତ ତହସିଲଦାରଙ୍କ ଠାରୁ ଖବର ପାଇଲି ଯେ କମଳା ପ୍ରସାଦ କର କେତୁ ଲୋକଙ୍କୁ ନେଇ ବାଡ଼ି ଖଣ୍ଡିଏ ଖଣ୍ଡିଏ ଧରି କଚେରୀକୁ ଆସି ବିନା ହେଣ୍ଡନୋଟରେ ୧୦୦ ଛେଳି ଧାନ ଦେବାପାଇଁ ତାଙ୍କୁ କହିଲେ ମାତ୍ର ତହସିଲଦାର ଧାନ ଦେବା-ାଇଁ ମନା କରିଦେଲେ । ତାପରେ ସେ ତହସିଲଦାର ଓ ପିଅନକୁ କଚେରୀ ଛାଡ଼ିବା ପାଇଁ ଧମକ ଦେଲେ । ତା' ନ ହେଲେ ସେମାନଙ୍କୁ ବାଛନ୍ଧ କରାଯିବ । ମୋ ପାଇଁ ମଧ୍ୟ ସେଠାରେ ଚିଠିଟିଏ ରଖି ଦେଇଗଲେ । ଆବଶ୍ୟକ ପଡ଼ିଲେ ତାହା ମୁଁ ଦାଖଲ କରିବି ।

ଅଧିକନ୍ତୁ ତାଙ୍କ ସଭାରେ ସ୍ଥିର କରିଛନ୍ତି ଯେ କେଉଟମାନେ ଜମିଦାରଙ୍କ ଠାରୁ କୌଣସି ପଟ୍ଟା ନ ନେଇ ଏବର୍ଷ ମାଛ ମାରିବେ । ତଦନୁଯାୟୀ କେହି ପଟ୍ଟା ନେବାପାଇଁ ଆସୁ ନାହାନ୍ତି କି ସେମାନଙ୍କର ବାକିଆ ପାଉଣା ଦେଉ ନାହାନ୍ତି ।

ଏପରି ଅବସ୍ଥାରେ ଯଦି ସରକାର ଆମକୁ ସାହାଯ୍ୟ ନ କରନ୍ତି, ତେବେ ଆମେ କେଉଁଠି ରହିପାରିବୁ ନାହିଁ ଏବଂ ଆମର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିବ ।

୨୭ । ୯ । ୧୯୪୭
ଇରମ

ଆପଣଙ୍କର ବନ୍ଧୁ
ସ୍ୱାଃ ରାଧାକାନ୍ତ ପାଣ୍ଡୀ
ଜମିଦାର, ଇରମ

Digitized by srujanika@gmail.com